# ପୂର୍ଣ୍ଣାହୁତି

ଡକ୍ଟର ସୁବାସିନୀ ଲେଙ୍କା

ସତ୍ୟବ୍ରତ ପ୍ରକାଶନୀ

# ପୂର୍ଣ୍ଣାହୁତି

*ଲେଖିକା*

**ଡକ୍ଟର ସୁବାସିନୀ ଲେଙ୍କା**

ସ୍ୱାତୀ ଭବନ, ଷ୍ଟେସନ ବଜାର, କଟକ - ୭୫୩୦୦୩

ଫୋନ୍ : ୦୬୭୧ - ୨୫୪୭୫୨୩

*ପ୍ରକାଶକ* : **ସତ୍ୟବ୍ରତ ପ୍ରକାଶନୀ**
**ଟାଉନ ହଲ୍ ରୋଡ୍, କଟକ - ୭୫୩୦୦୯**

*ପ୍ରକାଶ କାଳ* : **ଅକ୍ଷୟ ତୃତୀୟା, ୨୦୧୩**

*ପ୍ରଚ୍ଛଦ* : **ଶ୍ରୀ ବିଜୟ ପ୍ରଧାନ**

*ମୁଦ୍ରଣ* : **ସତ୍ୟବ୍ରତ ଅଫ୍‌ସେଟ୍**
ଟାଉନ ହଲ୍ ରୋଡ୍, କଟକ - ୭୫୩୦୦୯

*ମୂଲ୍ୟ* : **୧୭୫ ଟଙ୍କା ମାତ୍ର**

**PURNAHUTI**

*Writer :*
**Dr. Subasini Lenka**
Swati Bhawan
Station Bazar, Cuttack - 753003
Phone : 0671 - 2547523

*Publisher :*
**Satyabrata Prakasani**
Town Hall Road, Cuttack - 753009

*First Edition :*
**Askhaya Trutia, 2013**

*Artist :*
**Bijay Pradhan**

*Printed at :*
**Satyabrata Offset**
Town Hall Road, Cuttack - 753009

Price : **Rs. 175.00**

ଗଳ୍ପଗୁଡ଼ିକରୁ ଶିକ୍ଷଣୀୟ କଥାଗୁଡ଼ିକ ସାଉଁଟି ନେଇ
ଜୀବନକୁ ସରଳ, ସୁନ୍ଦର କରିବା ପାଇଁ
ମୋ ପୁଅ ପାର୍ଥ ପ୍ରତିମ ଓ ପ୍ରାଚୀ ପ୍ରୀତମ୍,
ବୋହୂ ଯଶସ୍ୱୀ ଓ ପୂଜା,
ଝିଅ ସ୍ୱାତୀ ସୁଚରିତା, ଜ୍ୱାଇଁ ପ୍ରଭାତ ଏବଂ
ନାତି ସାର୍ଥକ, ଶୁଭମ୍, ସ୍ୱାଗତ ଓ ଶାଶ୍ୱତଙ୍କ
ହାତରେ ......

# ‘ପୂର୍ଣ୍ଣାହୁତି’ ଗଳ୍ପ-ସଙ୍କଳନ ପାଇଁ କେଇପଦ

ଗଳ୍ପ ଖିଆଲି ମନର ଶବ୍ଦର ବିନ୍ୟାସ ନୁହେଁ, ସ୍ୱେଚ୍ଛାଚାରୀ ମନର କାହାଣୀ କଳ୍ପନା ନୁହେଁ, ସାମୟିକ ମନୋରଞ୍ଜନ ନୁହେଁ, ବିସ୍ତାରିତ ଜୀବନର ବର୍ଣ୍ଣନା ନୁହେଁ; ଖଣ୍ଡ ଜୀବନର ଚକିତ ଉଦ୍‌ଭାସ, ବ୍ୟଞ୍ଜନାରେ ସ୍ନାତ ଓ ସୁନ୍ଦର, ମାନବ ଜୀବନର ଉଜ୍ଜ୍ୱଳ ଦର୍ପଣ, ଖଣ୍ଡ ଜୀବନରେ ଅଖଣ୍ଡ ଜୀବନର ରହସ୍ୟ ଉନ୍ମୋଚନ, ଜୀବନ-ଜିଜ୍ଞାସାର ଯଥୋଚିତ ଉତ୍ତର ସାଧନ । ଗଳ୍ପର ସ୍ୱଧର୍ମ ଶବ୍ଦ ମାଧ୍ୟମରେ ଜୀବନ-ବିମ୍ବ ରଚନା । ଗଳ୍ପରେ ତେଣୁ ମନୁଷ୍ୟ ନିଜର ପ୍ରତିରୂପ ପ୍ରକାଶ କରେ । ଜିଜ୍ଞାସାରୁ କାହାଣୀର ଜନ୍ମ । ଏହାର ମୂଳରେ ଥାଏ କୌଣସି ନା କୌଣସି ଏକ ଘଟଣା । ଘଟଣା, ଜିଜ୍ଞାସା ଓ ମନୋରଞ୍ଜନ — ଏହି ତ୍ରୟୀର ସମବାୟରେ ଗଳ୍ପର ଉନ୍ମେଷ ଓ ବିବର୍ତ୍ତନ । ଗଳ୍ପ ହିଁ କହେ ମନୁଷ୍ୟର କଥା । ବାହାର ଜଗତର ଦୃଶ୍ୟମାନ ମନୁଷ୍ୟକୁ ନିଏ; ନିଏ ମଧ୍ୟ ଭିତରର ମଣିଷକୁ । ଏହି ଦୁଇ ମଣିଷକୁ ମିଳାଇ ଦିଏ ଗଳ୍ପ । ବାହାରର ଦୃଶ୍ୟମାନ ଓ ସମାଜରେ ଚଳପ୍ରଚଳ ହେଉଥିବା ମନୁଷ୍ୟ ଭିତରେ ସଂଗୁପ୍ତ ଥିବା ଆଉ ଏକ ମନୁଷ୍ୟକୁ । ଯିଏ ବାହରର ବାସ୍ତବତାଠାରୁ ଆହୁରି ବାସ୍ତବ, ତାହାକୁ ଗଳ୍ପ ଆବିଷ୍କାର କରେ । ଜୀବନ ଦେବତା ସହିତ ଜୀବନକୁ ମିଳାଇ ମୁକ୍ତିର ସଙ୍କେତ ଦିଏ । ତେଣୁ ଗଳ୍ପ ଶିଳ୍ପୀ-ପ୍ରାଣାକାଂକ୍ଷାର ପୂର୍ଣ୍ଣ ପ୍ରତିବିମ୍ବନ । ପାଠକର ମନକୁ ସେହି ଆକାଙ୍‌କ୍ଷାର ଗଭୀରତାରେ ଏକାନ୍ତ ଭାବରେ ଅବଧାରଣା କରିବା ଗଳ୍ପର ବୈଶିଷ୍ଟ୍ୟ । ଏଚ. ଜି. ୱେଲ୍‌ସଙ୍କ ମତରେ ଗଳ୍ପଟି ସରଳ ହେବା ଉଚିତ । ଲକ୍ଷ୍ୟ ହୁଏ ସୁସ୍ପଷ୍ଟ ପରିଣାମ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଠକକୁ ଏହା ଧରି ରଖେ ଓ କ୍ଲାଇମାକ୍‌ସରେ ପହଞ୍ଚାଇ ଦିଏ । ମନୁଷ୍ୟର ଶକ୍ତିର ସୀମା ସମ୍ପର୍କରେ ସଚେତନ ରହି ଅବସନ୍ନତା ଆସିବା ପୂର୍ବରୁ ଆକସ୍ମିକ ଭାବରେ ଶେଷ ହୋଇଯାଏ ।

ଏହାରି ଭିତରେ ପ୍ରକାଶ ପାଇଯାଏ ମାନବୀୟ ଭାବ ସତ୍ୟ। ତେଣୁ ଶାବ୍ଦିକ ଜୀବନ-ପ୍ରତିବିମ୍ବ ଓ ମାନବୀୟ ସମ୍ବେଦନା ଦୃଷ୍ଟିରୁ ଗଳ୍ପ ହୋଇଯାଏ ଏକ ସ୍ୱତନ୍ତ୍ର କଳା-କର୍ମ।

ପ୍ରଫେସର ଡକ୍ଟର ସୁବାସିନୀ ଲେଙ୍କାଙ୍କ ପୂର୍ଣ୍ଣାହୁତୀ ବାଇଶିଗୋଟି ଗଳ୍ପର ଏକ ମନୋଜ୍ଞ ଗଳ୍ପ ସଙ୍କଳନ। ବୃତ୍ତିରେ ସେ ରସାୟନ ବିଜ୍ଞାନର ଗବେଷିକା ଓ ଅଧ୍ୟାପିକା। ତେଣୁ ସେ ଆମେରିକା, ଜାପାନ ଓ ଇଂଲଣ୍ଡ ଆଦି ନାନା ଦେଶକୁ ଯାଇଛନ୍ତି ଗବେଷଣା ପାଇଁ, ସେମିନାରରେ ଯୋଗ ଦେବାପାଇଁ। ରେଭେନ୍‌ସା କଲେଜରେ ଅଧ୍ୟାପନା କରିଛନ୍ତି। ବିବାହ କରିଛନ୍ତି ଇଞ୍ଜିନିୟର ଧୀରେନ୍ଦ୍ର କୁମାର ବିଶ୍ୱାଳଙ୍କୁ। ବାସୁଦେବପୁର ଅଞ୍ଚଳର ଗ୍ରାମ୍ୟ ଜୀବନରୁ ଆସିଛନ୍ତି ନଗର ଜୀବନକୁ। ପୁତ୍ର କନ୍ୟାର ଜନନୀ ହୋଇଛନ୍ତି। ପରିବାରର ଶାଶୂ ଶ୍ୱଶୁରଙ୍କ ସେବା କରିଛନ୍ତି। ବାତ୍ସଲ୍ୟମୟୀ ଜନନୀ ଭାବେ ପୁତ୍ର କନ୍ୟାଙ୍କର ଯତ୍ନ ନେଇଛନ୍ତି। ଦାମ୍ପତ୍ୟ ପ୍ରେମ ଓ ଦାମ୍ପତ୍ୟ ଜୀବନକୁ ଗୁରୁତ୍ୱ ଦେଇଛନ୍ତି। ଅବସର ପରେ ବାଲ୍ୟ ଜୀବନରେ ସୃଷ୍ଟି ହୋଇଥିବା ସାରସ୍ୱତ ପିପାସା, ଯାହା ବୃତ୍ତିଗତ ଜୀବନ ଭିତରେ ଶୁଷ୍କ ହୋଇଯାଇଥିଲା, ପୁଣି ଥରେ ଜାଗ୍ରତ ହୋଇ ଉଠିଲା। କବିତା ବହିଟିଏ ବାହାର କଲେ, ଆତ୍ମଚରିତଟିଏ ଲେଖିଲେ। ଏବେ ଗଳ୍ପ ସଙ୍କଳନଟିଏ ପ୍ରକାଶ କରୁଛନ୍ତି। ଏହା ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ। ପ୍ରଥମ ହେଲେ ହେଁ ଏଥିରେ ଅଛି ତାଙ୍କର ସିଦ୍ଧିର ସ୍ୱାକ୍ଷର। ଶୁଦ୍ଧପ୍ରେମ, ଦାମ୍ପତ୍ୟ ଜୀବନ, ଆଧୁନିକ ବସ୍ତୁବାଦୀ ମଣିଷର ଅର୍ଥଲୋଭ ଓ ତାହାର ବିଷମୟ ପରିଣତି, ନଗର ଜୀବନର ତଥାକଥିତ ଅଭିଜାତବର୍ଗର ସ୍ୱେଚ୍ଛାଚାରିତା, ନିମ୍ନବର୍ଗ ନରନାରୀଙ୍କର ଦୁଃଖ ଓ ଅସହାୟତା, ନାରୀ ମନର ଅକୁହା କଥା ଓ ମର୍ମ ବେଦନା, ନାରୀର ମାତୃହୃଦୟ ଓ ବାତ୍ସଲ୍ୟ ମମତା, ପଦାଧିକାରୀ ବ୍ୟକ୍ତିଙ୍କର ଛଳନା ଓ ଉପଭୋଗ-ତୃଷ୍ଣା, ନାରୀର ପତ୍ନୀ-ଧର୍ମ, ଯୌତୁକ ନିର୍ଯ୍ୟାତନା ଓ ବଧୂ ହତ୍ୟା, ଶିକ୍ଷିତା ନାରୀର ମାନସିକ ସଙ୍କଟ ଆଦି ନାନା କଥାକୁ ଲେଖିକା ଯେପରି ତାଙ୍କ ଗଳ୍ପମାନଙ୍କରେ ପ୍ରକାଶ କରିଅଛନ୍ତି ଓ ସେହି ଭାବ ଭାବନା ମାନସିକ ସ୍ଥିତିକୁ ଯେପରି ସାବଲୀଳ ଶୈଳୀରେ ରୂପାୟଣ କରି ଚମତ୍କାରିତା ସୃଷ୍ଟି କରିଅଛନ୍ତି ତାହା ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରତ୍ୟେକଟି

ଗଳ୍ପ ଲେଖିକାଙ୍କ ହୃଦୟ ରସରେ ଜାରିତ। ମନେହୁଏ ସତେ ଯେପରି ତାଙ୍କ ଅନ୍ତର୍ନିହିତ ବ୍ୟକ୍ତିସତ୍ତା ପ୍ରତ୍ୟେକ ଚରିତ୍ର ସହିତ ମିଶିଯାଇଛି। ସମସ୍ତ ଗଳ୍ପର ଧ୍ୱନି ବୋଧହୁଏ ଗୋଟିଏ ତାହା ହେଉଛି ପରିବାରକୁ ସୁଧାରିବା ଓ ପରିବାରର ସଦସ୍ୟମାନଙ୍କର ମନୋଭାବକୁ ପରିବର୍ତ୍ତନ କରି ପରସ୍ପର ପ୍ରତି ସ୍ନେହ ଶ୍ରଦ୍ଧା ଓ ସହାନୁଭୂତିରେ ଭରିଦେବା। ପ୍ରାୟ ଗଳ୍ପମାନଙ୍କରେ ସ୍ୱାମୀ ସ୍ତ୍ରୀ ପ୍ରସଙ୍ଗ ହୋଇଛି ବଡ଼ ମାର୍ମିକ। କେଉଁଠି ପାରିବାରିକ ସ୍ଥିତିରେ ସ୍ୱାମୀ ଅସହାୟ ପାଲଟି ଯାଇ ପତ୍ନୀ ପ୍ରତି ତାର କର୍ତ୍ତବ୍ୟପାଳନ କରିପାରି ନାହିଁ, ପତ୍ନୀର ସ୍ୱାଭିମାନରେ ବାଧା ସୃଷ୍ଟି ହେବା ଫଳରେ ପରିବାର-ବୃତ୍ତରୁ ଦୂରେଇ ଯାଇଛି; ଅଥଚ ସ୍ୱାମୀ ସ୍ତ୍ରୀଙ୍କର ଦିବ୍ୟ ପ୍ରେମରେ ଆଞ୍ଚ ଆସିନାହିଁ। ଅନ୍ୟ କେଉଁ ଗଳ୍ପରେ ବିଭୂବୋଧ ଶାଣିତ ହୋଇଉଠିଛି। କେତେକ ଗଳ୍ପରେ ଲେଖିକା ସତେ ଯେମିତି ଚରିତ୍ରଟିଏ ପାଲଟି ଯାଇଛନ୍ତି ଓ ସେପରି ଗଳ୍ପକୁ ସେ ରଚନା କରିଛନ୍ତି ଆତ୍ମନିଷ୍ଠ ଶୈଳୀରେ। ଏଠି ତାଙ୍କ 'ମୁଁ' ଟି ସାର୍ବଜନୀନ 'ମୁଁ' ରେ ପରିଣତ ହୋଇଯାଇଛି। ଅନ୍ୟ କେତେକ ଗଳ୍ପରେ ଅଛି ନୈର୍ବ୍ୟକ୍ତିକ ଶୈଳୀ।

ଗଳ୍ପ ସଙ୍କଳନର ନାମକରଣ ହୋଇଛି ଶେଷଗଳ୍ପ 'ପୂର୍ଣ୍ଣାହୁତି'କୁ ନେଇ। ଲୋଭ, କ୍ରୁରତା, ସ୍ୱାଭିମାନ ଓ କାରୁଣ୍ୟରେ ଏହା ମର୍ମସ୍ପର୍ଶୀ। ରୂପା ନାମ୍ନୀ ସୁନ୍ଦରୀ ଶିକ୍ଷିତା ଯୁବତୀଟିଏ ବିବାହ କରିଥିଲା ଇଞ୍ଜିନିୟର ସୌମ୍ୟକାନ୍ତ ବାବୁଙ୍କ ଶିକ୍ଷିତ ପୁତ୍ର ସମୀରକୁ। ପିତା ତାଙ୍କର ଅନେ ଯୌତୁକ ଦେଇଥିଲେ। ଅଥଚ ବିବାହର ଅଳ୍ପଦିନ ପରେ ରୂପାର ହୋଇଛି ମୋହଭଙ୍ଗ। ସ୍ୱାମୀ ଅନ୍ୟ ଏକ ଯୁବତୀ ସହିତ ସମ୍ପୃକ୍ତ। ତାର ପତ୍ନୀତ୍ୱ ଉପେକ୍ଷିତ। ସୃଷ୍ଟି ହୋଇଛି ମାନସିକ ଯନ୍ତ୍ରଣା। ଅନ୍ୟ ପକ୍ଷରେ ଶାଶୂ ଶ୍ୱଶୁର ତାକୁ ଦାବୀ କରିଛନ୍ତି ସେ ତା' ବାପା ପାଖରୁ ପ୍ରଚୁର ଅର୍ଥ ଆଣିବାକୁ; ମାତ୍ର ତାର ନାରୀତ୍ୱର ସ୍ୱାଭିମାନ ଜାଗ୍ରତ ହୋଇ ଉଠିଛି। ସେ ସ୍ପଷ୍ଟ ମନା କରିଦେଇଛି। ଶାଶୂ ଶ୍ୱଶୁର ଓ ସ୍ୱାମୀ ତା' ଉପରେ କିରୋସିନୀ ଢାଳି ଦେଇ ନିଆଁ ଲଗେଇ ଦେଇଛନ୍ତି। ଅନେକ ଆଶା ଓ ସ୍ୱପ୍ନ ଦେଖିଥିବା ଶିକ୍ଷିତା ଯୁବତୀଟି ହୋଇଯାଇଛି ମୁଠାଏ ପାଉଁଶ। ଲେଖିକା ଏହି ଗଳ୍ପରେ ଯୌତୁକ ପ୍ରଥାର ବର୍ବରତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସଙ୍ଗେ ଶିକ୍ଷିତ ଯୁବକର ବହୁ ନାରୀ-ସଂସର୍ଗ, ପତ୍ନୀ

ପ୍ରତି କ୍ରୁରତା ସମ୍ପର୍କରେ ମଧ୍ୟ ତୀର୍ଯ୍ୟକ୍ ଦୃଷ୍ଟିପାତ କରିଛନ୍ତି । ଏହି ଗଳ୍ପର କାରୁଣ୍ୟ ପ୍ରାୟ ଅଧିକାଂଶ ଗଳ୍ପରେ ଉପଲବ୍ଧ । 'ଜୀବନର ଫର୍ଦ୍ଦ' ଗଳ୍ପଟି ମଧ୍ୟ ମର୍ମସ୍ପର୍ଶୀ । ଜନୈକ ଯୁବକ ସମ୍ଭବ ଓ ଜନୈକା ଶିକ୍ଷିତା ଯୁବତୀ ସ୍ୱାଗତିକାର ପ୍ରେମ, ବିବାହ, ଦାମ୍ପତ୍ୟ ଜୀବନ ଭିତରେ ସଙ୍କଟ, ସଂଘର୍ଷ, ଦ୍ୱନ୍ଦ୍ୱ ଓ ଜିଜ୍ଞାସା ଭିତରେ ଅବହେଳିତା ସ୍ୱାଗତିକାର ନାରୀତ୍ୱ କିପରି ଆତ୍ମ-ପରିଚୟ ପ୍ରାପ୍ତିରେ ଉଲ୍ଲସିତ ହୋଇଉଠିଛି ତାହା ବିଚାର୍ଯ୍ୟ । ସ୍ୱାଗତିକାର ଦାମ୍ପତ୍ୟ ଜୀବନ ଥିଲା ଆନନ୍ଦମୟ । କନ୍ୟା ସନ୍ତାନର ଜନନୀ ମଧ୍ୟ ହୋଇଛି । ସ୍ୱାମୀର ବ୍ୟବସାୟ ବିପନ୍ନ । ପୁରୁଷର ବଳ ତାର ଧନ । ସେହି ଧନ ଚାଲିଗଲେ ସେ ଅସହାୟ ହୋଇପଡ଼େ । ଉଦାସୀନ ହୋଇଯାଏ ସ୍ତ୍ରୀ ଓ ପରିବାର ପ୍ରତି । ସ୍ୱାଗତିକା ରୋଗାଜୀର୍ଣ୍ଣା ହୋଇ ଡାକ୍ତରଖାନାରେ ପଡ଼ିଛି । ଔଷଧ କିଣିବାକୁ ଅର୍ଥ ନାହିଁ । ମରଣ ସହିତ ସଂଗ୍ରାମ କରୁଥିବା ବେଳେ ଜନୈକ ଡାକ୍ତର ଶାଶ୍ୱତ ସହାନୁଭୂତିର ହାତ ଲମ୍ୱେଇ ଦେଇଛି । ସମସ୍ତ ଖର୍ଚ୍ଚ ସେ ବହନ କରିଛି । ସ୍ୱାଗତିକା ଆରୋଗ୍ୟ ହୋଇ ଘରକୁ ଆସିଛି । ତାର କନ୍ୟାକୁ ମଧ୍ୟ ସେଇ ଡାକ୍ତର ଭଲ କରିଛି । ତାର କୋମଳ ନାରୀତ୍ୱ କୃତଜ୍ଞତାରେ ନଇଁ ପଡ଼ିଛି ଶାଶ୍ୱତଙ୍କ ପ୍ରତି । ତାଙ୍କୁ ଦେଖିବା ପାଇଁ, ତାଙ୍କ ସହିତ ପଦେ କଥା ହେବା ପାଇଁ ସେ ଉତ୍କଣ୍ଠିତା ହୋଇପଡ଼ିଛି । ଅବଶେଷରେ ସେମାନଙ୍କର ସାକ୍ଷାତ ହୋଇଛି । ସମ୍ପର୍କ ହୋଇଛି ନିବିଡ଼ । ଶାଶ୍ୱତଙ୍କ ଶିକ୍ଷିତା ପତ୍ନୀ ତାଙ୍କୁ ଛାଡ଼ି ଦେଇ ଚାଲିଯାଇଛି । ଏକାକୀ ଜୀବନରେ ସ୍ୱାଗତିକାର ସମ୍ପର୍କ ତାଙ୍କୁ ଆନନ୍ଦ ଦେଇଛି । ଅଥଚ ସେମାନଙ୍କ ପ୍ରେମ ଦିବ୍ୟ । ସ୍ୱାଗତିକା ଏକଥା ତାର ସ୍ୱାମୀ ସମ୍ଭବକୁ କହି ଆପଣାର ସ୍ୱାଭିମାନର ପରିଚୟ ଦେଇଛି । ଏଥିରେ ମଧ୍ୟ ଲେଖିକା ସୂଚାଇ ଦେଇଛନ୍ତି ପତି-ଧର୍ମ ଓ ପତ୍ନୀ-ଧର୍ମ ଭିତରେ ବିଶ୍ୱାସ ହିଁ ବଡ଼ କଥା । ଅଯଥା ସନ୍ଦେହ ଜୀବନକୁ ସଙ୍କଟଗ୍ରସ୍ତ କରିଦିଏ ।

ଲେଖିକା ତାଙ୍କ ଗଳ୍ପମାନଙ୍କରେ 'ପ୍ରେମ'କୁ ଦେଇଛନ୍ତି ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ସେହି ପ୍ରେମ ଭୋଗରେ ନୁହେଁ; ତ୍ୟାଗରେ ହୋଇଛି ଦୀପ୍ତିମନ୍ତ । 'ପାଉଁଶିଆ ଅତୀତ' ଗଳ୍ପରେ ଶିଳ୍ପା ଓ ସମ୍ଭବର ଆନ୍ତରିକ ପ୍ରେମ, ସମ୍ଭବର ଅନ୍ୟତ୍ର ବିବାହ, ଶିଳ୍ପାର ଅନ୍ତର ଭିତରେ ଅତୀତର ପ୍ରେମାନୁଭୂତି ଯେପରି ରୂପ ପରିଗ୍ରହଣ କରିଛି ଓ ଶିଳ୍ପାର ବିଷାଦଗ୍ରସ୍ତ ମନ ଭିତରେ ଯେପରି ସ୍ମୃତି ଜାଗ୍ରତ ହୋଇଉଠିଛି, ତାହା

ପାଠକକୁ ସ୍ପର୍ଶ କରେ । 'ମହକିତ ସ୍ମୃତି' ମଧ୍ୟ ଏକ ପ୍ରେମାଶ୍ରିତ ଗଳ୍ପ । ଉଚ୍ଚଶିକ୍ଷିତା ଯୁବତୀ 'ଶ୍ରୀ' ଜାପାନରେ ଗବେଷଣା କରିଛି, ଓଡ଼ିଶା ଫେରି ଅଧ୍ୟାପିକା ହୋଇଛି, ସହକର୍ମୀ ଓ ଛାତ୍ରଛାତ୍ରୀଙ୍କ ଭିତରେ ଆଦୃତ ହୋଇଛି; ମାତ୍ର ଘଟଣାକ୍ରମେ ତାର ସେଇ ପ୍ରେମ ନିବେଦିତ ହୋଇଛି ଅଧ୍ୟାପକ ସ୍ୱରୂପଙ୍କ ସହିତ । ଏହି ପ୍ରେମ ମଧ୍ୟ ଲାଳସାର ନୁହେଁ, ଭୋଗର ନୁହେଁ; ପରସ୍ପରକୁ ନିବିଡ଼ ଭାବରେ ଚିହ୍ନିବା ଓ ଭଲ ପାଇବାର ଏକ ସଫଳ ଅଭିବ୍ୟକ୍ତି । ସ୍ୱରୂପ ଦୂର କଲେଜକୁ ବଦଳି ହୋଇଗଲେ ମଧ୍ୟ 'ଶ୍ରୀ' ପ୍ରେମର ମହକିତ ସ୍ମୃତି ଭିତରେ ଜୀବନ ବଞ୍ଚିଛି । 'ଅଡୁଆ ସୂତାର ଖିଅ' ଗଳ୍ପରେ କଲେକ୍ଟର ଶ୍ରୀମନ୍ତ ଓ ପତ୍ନୀ ତନୁଶ୍ରୀର ମାନସିକ ସଂଘାତକୁ ନେଇ ରଚିତ । ତନୁଶ୍ରୀ କନ୍ୟା ସନ୍ତାନର ଜନନୀ ହୋଇଛି । ଅନୁଭବ କରିଛି ସ୍ୱାମୀ ଶ୍ରୀକାନ୍ତଙ୍କର ଉଦାସୀନତା ଓ ଅନ୍ୟମନସ୍କତାକୁ । ତାହାର କାରଣ ସେ ଖୋଜିଛି ଓ ପାଇଯାଇଛି ସେହି କାରଣ । ତାର ମାନସିକ ସଙ୍କଟର ଗ୍ରନ୍ଥି ଉନ୍ମୋଚିତ ହୋଇଛି । ତାଙ୍କ ଘରେ ତେର ବର୍ଷ ବୟସର ଗରିବ ଝିଅ ସୁଲି ବାସନମଜା, ଘର ସଫା ଆଦି କାର୍ଯ୍ୟ କରୁଥିଲା । ତନୁଶ୍ରୀ ତାକୁ ଶ୍ରଦ୍ଧା କରୁଥିଲେ । ତା' ବାପା ମଦ୍ୟପ, ମାତୃହରା । ତନୁଶ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଶ୍ରୀକାନ୍ତ ସୁଲିକୁ ଉପଭୋଗ କଲା । ସୁଲୀ ହେଲା ଗର୍ଭବତୀ । ଘରୁ ପଳାଇ ଗଲା ଦୂରକୁ । କନ୍ୟାଟିଏ ଜନ୍ମ ନେଇ ତାକୁ ବିକ୍ରି କରିଦେଲା । ଅସହାୟ ହୋଇ ଉଠିଲା ତାର ଜୀବନ । ସେ ତନୁଶ୍ରୀଙ୍କ ପାଖକୁ ଆସି ତା'ର ଦୁଃଖ କାହାଣୀ କହି ମାନସିକ ଶାନ୍ତି ପାଇଛି । ତନୁଶ୍ରୀ ସୁଲିକୁ କ୍ଷମା କରିଦେଲେ ସତ ଶ୍ରୀକାନ୍ତକୁ କ୍ଷମା ଦେଇପାରି ନାହିଁ । ଏହି ଗଳ୍ପରେ ଲେଖିକା ଆଜିର ତଥାକଥିତ ଅଭିଜାତ ବୋଲାଉଥିବା ଶିକ୍ଷିତ ବ୍ୟକ୍ତିଙ୍କର ଯୌନ-ଲାଳସା ପ୍ରତି ଆକ୍ଷେପ କରି ନାରୀର କ୍ଷମାଶୀଳତା ଓ ସ୍ୱାଭିମାନକୁ ଦେଖାଇ ଦେଇଛନ୍ତି । 'ଅତୀତର ପୃଷ୍ଠା' ଗଳ୍ପଟି ମଧ୍ୟ ଯେତିକି କରୁଣ ସେତିକି ସମାଜନିଷ୍ଠ ଓ ସଂସ୍କୃତିନିଷ୍ଠ । ସାବିତ୍ରୀ ବ୍ରତ ଆମ ସାଂସ୍କୃତିକ ଜୀବନରେ ବିବାହିତା ନାରୀର ଏକ ପବିତ୍ର ପର୍ବ । ଏହିଦିନ ପତ୍ନୀ ତାର ସ୍ୱାମୀଙ୍କର ଦୀର୍ଘ ନିରୋଗ ଜୀବନ କାମନା କରେ, ତାର ଶଙ୍ଖା ସିନ୍ଦୂର ଅକ୍ଷତ ରହୁ ପ୍ରାର୍ଥନା କରେ । ଅଥଚ ବୀଣା ପରି ଶିକ୍ଷିତା ଚାକିରିଜୀବୀ ଯୁବତୀ ଏହି ପ୍ରଥାକୁ ଶ୍ରଦ୍ଧା କରେ ନାହିଁ । ଅପରପକ୍ଷରେ ଦରିଦ୍ର ହରିଜନ ଯୁବତୀ

ରୁନୁ ଗାୟତ୍ରୀଙ୍କ ଘରେ କାମଦାମ କରିଛି । ଘରେ ବାପା, ଭାଇ ଓ ଭଉଣୀର ଯତ୍ନ ନେଇଛି; ତାର ବିବାହ ହୋଇଛି ମାତ୍ର ଯେତେବେଳେ ସେ ଜାଣିଛି ଯେ ତାର ସ୍ୱାମୀ ବିବାହିତ ସେତେବେଳେ ସେ ଘରକୁ ଚାଲିଆସିଛି । ପୁନର୍ବାର ତାର ବିବାହ ହୋଇଛି ଜନୈକ ରିକ୍ସାବାଲା ସହିତ । ସେ ମଦ୍ୟପ । ସେ ମଧ୍ୟ ରୁନୁକୁ ଛାଡ଼ି ଚାଲିଯାଇଛି । ରୁନୁ କିନ୍ତୁ ସାବିତ୍ରୀବ୍ରତ କରିଛି । ଶଙ୍ଖା ନାଇଛି, ସିନ୍ଦୂର ନାଇଛି । ଦାରିଦ୍ର୍ୟ ଓ ଅସହାୟତା ଭିତରେ ମଧ୍ୟ ସେ ସଂସ୍କୃତିକୁ ସମ୍ମାନ ଜଣାଇଛି ।

'ହଜିଲା ନାଁ' ଗଳ୍ପଟି ମଧ୍ୟ ଶୁଦ୍ଧ ପ୍ରେମର ଏକ କଳାତ୍ମକ ରୂପ । ପିଲାଦିନେ ମାଆ ତାର ଝିଅକୁ 'ବାୟାଣୀ' ଡାକୁଥିଲା । ବଡ଼ ହେଲା ପରେ ସେହି ସ୍ନେହବୋଳା ବୋଉର ଡାକ 'ବାୟାଣୀ' ତାର ବାରମ୍ବାର ମନେପଡ଼ିଛି । ବିଦେଶରେ ଥିଲାବେଳେ ସେଇ ନାଆଁ କହି ସେ ଆନନ୍ଦ ପାଏ । ତା' ଭିତରେ ଯେମିତି ସେ ତା' ମାଆକୁ ପାଇଯାଏ । ସେ କବିତା ଲେଖେ । ପ୍ରଶଂସିତ ହୁଏ । ଜନୈକ ତରୁଣ କବି ତାର ନିକଟବର୍ତ୍ତୀ ହୁଏ । ତାକୁ ବାୟାଣୀ ଡାକେ । ଗଳ୍ପନାୟିକା ବିବାହିତା । ଅଥଚ ସେ ତାକୁ ଭଲ ପାଏ । ତରୁଣଟି ବିଦେଶ ଚାଲିଯାଇଛି । ହଠାତ୍ ଫୋନ୍‌ରେ ତାକୁ ଡାକିଦେଇଛି ବାୟାଣୀ ବୋଲି । ସେ ମୁଗ୍ଧ ହୋଇଯାଇଛି । ତା' ଭିତରେ ଯେମିତି ଭରିଯାଇଛି ସ୍ନେହ, ପ୍ରେମ ଓ ଶ୍ରଦ୍ଧା । 'ସୁନାଫରୁଆ' ଗଳ୍ପଟି ଏକ ଭିନ୍ନ ସ୍ୱାଦର । କେତେ ସ୍ୱପ୍ନ ନେଇ ରେବତୀ ବିବାହ କରି ସ୍ୱାମୀ ଘରକୁ ଆସିଥିଲା । ଅଥଚ ଶାଶୂ ନଣନ୍ଦ ତାକୁ ସ୍ୱାମୀ ପାଖକୁ ଛାଡ଼ନ୍ତି ନାହିଁ । ରେବତୀ ଅଧ୍ୟାପିକା । ସ୍ୱାମୀ ମଧ୍ୟ ଅଧ୍ୟାପକ । ରେବତୀ ଦୂର କଲେଜକୁ ବଦଳି ହୋଇଯାଇଛି । ଅଥଚ ସେଠି ସେ ତା' ସ୍ୱାମୀକୁ ଭୁଲିନାହିଁ । ଶାଶୂର ମୃତ୍ୟୁ ଖବର ପାଇ ସେ ପୁରୀକୁ ଯାଇ ସ୍ୱର୍ଗଦ୍ୱାରରେ ସହଯୋଗ କରିଛି । ଏଥର ସ୍ୱାମୀ ତାକୁ କହିଛି ତା'ର ନୀରବତାର କାରଣ । ରେବତୀ ଚାକିରୀ ଛାଡ଼ି ସ୍ୱାମୀ ପାଖରେ ରହିଛି । ମାତ୍ର ସ୍ୱାମୀଙ୍କର ହୋଇଛି ମୃତ୍ୟୁ । ରେବତୀ ତା' ହାତରୁ ଶଙ୍ଖା ଓହ୍ଲାଇ ଦେଇଛି, ମଥାରୁ ସିନ୍ଦୂର ଲିଭାଇ ଦେଇଛି । ଭୁଲିପାରି ନାହିଁ ତାର ଅତୀତ ଜୀବନର ସ୍ମୃତିକୁ, ସ୍ୱାମୀର ପ୍ରଦତ୍ତ ସୁନା ଫରୁଆକୁ । 'ଝରାପତ୍ର' ଗଳ୍ପରେ ଗୃହରେ ସ୍ତ୍ରୀର ଭୂମିକା, ବାର୍ଦ୍ଧକ୍ୟ ଅବସ୍ଥାରେ ପତ୍ନୀର

ବିୟୋଗରେ ସ୍ୱାମୀର ଦୁଃଖ ଓ ଅସହାୟତା, ସ୍ତ୍ରୀ ଉପରେ ସ୍ୱାମୀର ବିଶ୍ୱାସ, 'ଅନନ୍ୟ ଅନୁଭବ' ଗଳ୍ପରେ ଜଗନ୍ନାଥ ଭକ୍ତି ଓ କରୁଣା, 'ଅବିସ୍ମୃତ ସ୍ମୃତି' ଗଳ୍ପରେ ସ୍ୱାମୀ ସ୍ତ୍ରୀର ଦାମ୍ପତ୍ୟ ସମ୍ପର୍କର ଦିବ୍ୟ ଅନୁଭବ, 'ମୁଁ କୋଣାର୍କ କହୁଛି' ଗଳ୍ପରେ କୋଣାର୍କକୁ ଚରିତ୍ର କରି ତାର ସ୍ମୃତିଚାରଣ, 'ଏଇ ତ ଜୀବନ' ଗଳ୍ପରେ ଆଧୁନିକ ବସ୍ତୁବାଦୀ ପୁତ୍ରର ବୃଦ୍ଧ ପିତାମାତାଙ୍କ ପ୍ରତି ଅନାକର୍ଷଣୀୟ ମନୋଭାବ, ପିତାଙ୍କ ମୃତ୍ୟୁରେ ଯୋଗଦାନ ନ କରିବା ଓ ଶୁଦ୍ଧିକ୍ରିୟା ନ କରିବା, 'ପରିଧି ଆରପଟେ' ଗଳ୍ପରେ ନାରୀ-ସ୍ୱାତନ୍ତ୍ର୍ୟ ବୋଲାଉଥିବା ନାରୀମାନଙ୍କର ସ୍ୱେଚ୍ଛାଚାର, ମଦ୍ୟପାନ, ଦରିଦ୍ର ଅସହାୟ ଚାକର ଚାକରାଣୀଙ୍କ ପ୍ରତି ନିର୍ମମତା ବେଶ୍ ଜୀବନ୍ତ ହୋଇଉଠିଛି। 'ଭୋର ସକାଳ' ଗଳ୍ପରେ କର୍କଟ ରୋଗାକ୍ରାନ୍ତା ଶୁଭଶ୍ରୀର ମାନସିକ ଶକ୍ତି, ଈଶ୍ୱରଙ୍କ ନିକଟରେ ସମର୍ପିତ ଭାବ, 'ପ୍ରୀତିର ସନ୍ତକ' ଗଳ୍ପରେ ସ୍ୱାମୀ ନିକଟରୁ ଅବହେଳିତା ନାରୀ ଦେବର ସହିତ ପ୍ରୀତିପୂର୍ଣ୍ଣ ସଂସର୍ଗରେ କନ୍ୟାର ଜନନୀ ହେବା, କନ୍ୟାର ବିବାହ ଦିନ ମରଣମୁଖୀର ବୋଉର କନ୍ୟାକୁ ସତ୍ୟ ଘଟଣା କହିବା ଓ ବିବାହରେ ଦାଦା, ଯିଏ କନ୍ୟାର ବାପା, ସମର୍ପଣ ଘେନିବା ବେଶ୍ ଭାବଦ୍ୟୋତକ। ସତ୍ୟକୁ ସ୍ୱୀକାର କରିବା ଓ ତଜ୍ଜନିତ ଉଲ୍ଲାସ ଅନୁଭବ ଏ ଗଳ୍ପର ମର୍ମ। 'ଭୁଲ କେଉଁଠି' ଗଳ୍ପରେ ସ୍ୱାଧୀନ ଓ ପ୍ରୀତିର ପ୍ରେମ ଓ ବିବାହ, ସ୍ୱାଧୀନର ଆର୍ଥିକ ଦୁରାବସ୍ଥା, ପ୍ରୀତିର ଟ୍ୟୁସନ୍, ପତ୍ନୀହରା ବିପିନ ବାବୁଙ୍କ ପ୍ରତି ସମ୍ବେଦନା, ସ୍ୱାମୀ ଆଗରେ ବିପିନ ବାବୁଙ୍କ ଦୁଃଖ କହିବା ମାତ୍ରେ ସ୍ୱାମୀର ଏଥିପ୍ରତି ବିରକ୍ତି ପ୍ରସଙ୍ଗକୁ ବର୍ଣ୍ଣନା କରିବା ସହିତ ଯେପରି ପ୍ରୀତିର ନାରୀତ୍ୱର ସ୍ୱାଭିମାନକୁ ରୂପ ଦେଇଛନ୍ତି ତାହା ନୂତନ ଚିନ୍ତା ପ୍ରକଟ କରେ। 'ସମୟର ଚକ' ଗଳ୍ପରେ ପ୍ରତୀଚୀ ଓ ପ୍ରଣବର ପ୍ରେମ ଓ ବିବାହ, ପ୍ରଣବର ଅସହାୟା ଯୁବତୀ ସ୍ମୃତିକୁ ବିବାହ, ପ୍ରତୀଚୀର କ୍ରୋଧ ଓ ପୁତ୍ର ସହିତ ଦୂରକୁ ପଳାୟନ, ପୁତ୍ରର ସ୍ୱାମୀ ଅଧ୍ୟକ୍ଷ ପ୍ରଣବଙ୍କଠାରୁ ସାର୍ଟିଫିକେଟ୍ ଗ୍ରହଣ ଓ ରଜନୀଗନ୍ଧା ଫୁଲତୋଡ଼ା ଦେଖି ପ୍ରତୀଚୀର ଅତୀତର ସ୍ମୃତି ମନ୍ଥନ, ନୟନର ଅଶ୍ରୁ ବାସ୍ତବିକ ପ୍ରେମର ଦିବ୍ୟ ଦ୍ୟୁତିକୁ ପ୍ରକଟ କରେ। 'ପ୍ରେମ ବିବାହ' ଗଳ୍ପରେ ଆକାଶ ଓ ପ୍ରେରଣାର ବିବାହ, ପ୍ରେରଣାର ମାଆର ପ୍ରଭାବ, ଆକାଶଠାରୁ ପ୍ରେରଣାର ଛାଡ଼ପତ୍ର ଇତ୍ୟାଦି ବିଷୟର ବର୍ଣ୍ଣନା ମଧ୍ୟଦେଇ ଲେଖିକା ଯେପରି ଆଧୁନିକ

ଦାମ୍ପତ୍ୟ ଜୀବନକୁ ଝିଅର ମାଆମାନେ ନଷ୍ଟ କରି ଦେଉଅଛନ୍ତି ସେଥିପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଅଛନ୍ତି।

'ଅସରନ୍ତି ପଥର ପଥିକ' ଗଳ୍ପଟି ଝିଅ ଜନ୍ମ କରୁଥିବା ନାରୀ ପ୍ରତି ଶାଶୂ ଶ୍ୱଶୁର ଓ ସ୍ୱାମୀର ଦୁର୍ବ୍ୟବହାର, ଅସହାୟା ନାରୀଟିର ଜୀବନ ଯନ୍ତ୍ରଣା, 'ସ୍ୱପ୍ନ ଶେଷ ରାତିର' ଗଳ୍ପଟି ବୁଦ୍ଧିଆ ନାମକ ଜନୈକ ପଙ୍ଗୁ ଯୁବକଟି ପ୍ରତି ସୁଚେତାର ସହାନୁଭୂତି ଓ ସାହାଯ୍ୟ, ଆନନ୍ଦରେ ବୁଦ୍ଧିଆର ମୃତ୍ୟୁ ଇତ୍ୟାଦି ଘଟଣା ଭିତରେ ଲେଖିକାଙ୍କ ସଂପୃକ୍ତିକୁ ସୂଚାଇ ଦିଏ। ପ୍ରତ୍ୟେକ ଗଳ୍ପ ଭିତରେ ତାଙ୍କର ଅଶରୀରୀ ବ୍ୟକ୍ତିସତ୍ତା ବିଦ୍ୟମାନ ଓ ସେହି ସତ୍ତା ବା ସ୍ରଷ୍ଟା ବ୍ୟକ୍ତିତ୍ୱ ହିଁ ତାଙ୍କୁ ପ୍ରେରଣା ଦେଉଛି ଗଳ୍ପ ରଚନା କରିବା ପାଇଁ। ବାୟାଣୀ ଡାକ ଭିତରେ ସେ ନିଜେ ଯେଉଁ ମାତୃ ହୃଦୟର ପରିଚୟ ପାଇଥିଲେ ଓ ସେହି ଡାକ ଭିତରେ ସ୍ୱାମୀଙ୍କର ଯେଉଁ ସରାଗ ଥିଲା, ତାହା ହିଁ ତାଙ୍କୁ ସ୍ମୃତି ଆଲେଖ୍ୟମୂଳକ ଗଳ୍ପ ଲେଖିବାକୁ ପ୍ରେରଣା ଦେଇଛି। ମୋଟ ଉପରେ ତାଙ୍କର ଗଳ୍ପଗୁଡ଼ିକ ସମକାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ପାରିବାରିକ ଓ ଦାମ୍ପତ୍ୟ ଜୀବନର ଗୋଟିଏ ଗୋଟିଏ ସାର୍ଥକ ପ୍ରତିଲିପି। ପ୍ରତ୍ୟେକ ଗଳ୍ପ ହିଁ ତାଙ୍କ ହୃଦୟର ଆବେଗସ୍ନାତ ଉଚ୍ଚାରଣ। ପ୍ରତ୍ୟେକରେ ଅଛି ବାଟ ହୁଡ଼ି ଯାଉଥିବା ମଣିଷମାନଙ୍କ ପ୍ରତି ଆପଣାର ସାଂସ୍କୃତିକ ସ୍ରୋତକୁ ଫେରିଆସିବା ପାଇଁ ଆନ୍ତରିକ ଆହ୍ୱାନ।

ଗଳ୍ପ ପୁସ୍ତକଟି ଲେଖିକାଙ୍କର ପ୍ରଥମ ହେଲେ ହେଁ ପ୍ରତିଶ୍ରୁତିପୂର୍ଣ୍ଣ। ସେ ଆହୁରି ଲେଖନ୍ତୁ, ଗଳ୍ପ ସାହିତ୍ୟକୁ ଋଦ୍ଧିମନ୍ତ କରନ୍ତୁ; ଏହା ହିଁ ମୋର କାମନା।

ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

# ଅଭିମତ
## (ପୂର୍ଣ୍ଣାହୁତିର ପୂର୍ଣ୍ଣାଙ୍ଗ ଗାଥା)

'ପୂର୍ଣ୍ଣାହୁତି' ଗଳ୍ପ ସଙ୍କଳନ ଗାଳ୍ପିକା ଡକ୍ଟର ସୁବାସିନୀ ଲେଙ୍କାଙ୍କର ବାଇଶିଟି ଗଳ୍ପର ସମାହାର। ଡକ୍ଟର ଲେଙ୍କାଙ୍କର ପେଷା ବିଜ୍ଞାନର ଅଧ୍ୟାପନା, ମାତ୍ର ନିଶା ଗଳ୍ପ ସଂରଚନା। ଏ ଦୁଇଟି ରୂପକୁ ସଂଯୋଗ କରୁଛି ତାଙ୍କର ସୂକ୍ଷ୍ମାନୁଭୂତି ଓ ମନନଶୀଳତା ଯାହା ନିମ୍ନୋକ୍ତ ମତେ ସଙ୍କଳନର ଗଳ୍ପଗୁଡ଼ିକରେ ପ୍ରତିବିମ୍ବିତ ହେଉଛି।

'ପାଉଁଶିଆ ଅତୀତ' ଗଳ୍ପର ନାୟିକା ଶିଳ୍ପାର ମନସ୍ତାତ୍ତ୍ୱିକ ଭାବାନ୍ତର ଓ ନାୟକ ସମ୍ଭବର ପ୍ରେମ ପ୍ରକୃତିର ଭିନ୍ନ ଭିନ୍ନ ସୌନ୍ଦର୍ଯ୍ୟ ଭିତରେ ଓ ଋତୁର ପରିବର୍ତ୍ତନ ସହ ତୁଳନାତ୍ମକ ଚିତ୍ର ଭାବେ ଲେଖିକାଙ୍କ କଲମରେ ଧରା ଦେଇଚି। ଯେମିତି..... 'ରାତିର ଜହ୍ନକୁ ପଚାର ..... ସେ ମୋର ପ୍ରତୀକ୍ଷା ଦେଖିଚି। ବୋହି ଯାଉଥିବା ପବନକୁ ପଚାର, ସେ କେତେ ମୋ ଲୁହ ପୋଛିଚି। ଫୁଲକୁ ପଚାର...... ସେ କେମିତି ମୋ ଦୁଃଖରେ ଝାଉଁଳି ପଡ଼ିଚି।' ସ୍ମୃତିର ରୋମାନ୍ଥନରେ ସଜଳ ହୋଇଛି ଗଳ୍ପର ପ୍ରତ୍ୟେକ ପଂକ୍ତି।

'ଜୀବନର ଫର୍ଦ୍ଦ'ରେ ମଧ୍ୟ ପ୍ରକୃତି ଭିତରେ ପ୍ରେମ ଓ ପ୍ରେମ ମଧ୍ୟରେ ପ୍ରକୃତିକୁ ସାଉଁଟିଛନ୍ତି ଲେଖିକା ନାୟକ ସ୍ୱାଗତଙ୍କ ସ୍ୱଗତୋକ୍ତିରେ। 'ରାତିର ପରିଚୟ ଏକା ଜହ୍ନ ନୁହେଁ, ରାତିର ପରିଚୟ ବି ତାରା।' ଏଇ ସଂକ୍ଷିପ୍ତ ବାକ୍ୟଟିରେ ନାରୀ ମନର ଅଗଣିତ ଭାବାନ୍ତରର ସତ୍ୟ ଉନ୍ମୋଚନ କରିଛନ୍ତି ଲେଖିକା ଗଳ୍ପ 'ମହକିତ ସ୍ମୃତି'ରେ। 'ଅଡୁଆ ସୂତାର ଖିଅ'କୁ ଲେଖିକା ଖୁବ୍ ସହଜରେ ଖୋଲି ଦେଇଛନ୍ତି ପୁରୁଷର ସ୍ୱେଚ୍ଛାଚାରୀ ଜୀବନଚର୍ଯ୍ୟା ମାଧ୍ୟମରେ।

ଗଳ୍ପ 'ମୁଁ କୋଣାର୍କ କହୁଚି'ରେ ଲେଖିକା ଅତି ଚମତ୍କାର ଭାବେ କୋଣାର୍କର ଚିତ୍ରିତ ଚିତ୍ରଶାଳାରେ ଯୋଡ଼ି ଦେଇଛନ୍ତି ପ୍ରେମର ନିଭୃତ ସଂଳାପ ଯୁଗଳମୂର୍ତ୍ତିଙ୍କ ଜରିଆରେ।

'ମାଟି ହାଣ୍ଡିର ଶେଷ ପରିଣତି' ମାଟିରେ ମିଶିବା ଭଳି ପ୍ରତ୍ୟେକ ମଣିଷର ଶେଷ ପରିଣତି ମୃତ୍ୟୁ। କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମ ଏହି ପଞ୍ଚମହାଭୂତରେ ଗଢ଼ା ମଣିଷର ନଶ୍ୱର ଶରୀର। ମୃତ୍ୟୁ ପରେ ସେଇ ପଞ୍ଚମହାଭୂତରେ ଦିନେ ଲୀନ ହୋଇଯିବ। ଏହି ସତ୍ୟକୁ ଲେଖିକା ତାଙ୍କର ସରଳ ଶବ୍ଦବିନ୍ୟାସ ଭିତରେ ବ୍ୟକ୍ତ କରିଛନ୍ତି।

'ମହକିତ ସ୍ମୃତି'ର କାନ୍‌ଭାସ୍ ଭାରତରୁ ଲମ୍ବିଯାଇଛି ସୁଦୂର ଜାପାନକୁ ଓ ଈଶ୍ୱରୀୟ ପ୍ରେମରେ ଝୁଲି ରହିଚି କାହାଣୀର ରକ୍ତଗୋଲାପ।

'ପରିଧିର ଆରପଟେ' ଗଳ୍ପରେ କିଶୋରୀ କାମବାଲୀ ସୁମି ପ୍ରତି ମାଲିକାଣୀ ସୌଦାମିନୀଙ୍କ ରୁକ୍ଷ ବ୍ୟବହାର ଆଜିର ତଥାକଥିତ ଉଚ୍ଚଶିକ୍ଷିତ ବଡ଼ଲୋକଙ୍କର ଉଚ୍ଚଶିକ୍ଷିତା ପତ୍ନୀମାନଙ୍କର ବାବୁଆଣୀ ଢଙ୍ଗର ନିଚ୍ଛକ ଚିତ୍ର ପ୍ରଦାନ କରିଛି। ସେହି ଚିତ୍ର ସାମାଜିକ ବ୍ୟଙ୍ଗ ବା Social Satire ଭାବେ ସମ୍ବେଦନଶୀଳା ଲେଖିକାଙ୍କର ଲେଖନୀରେ ରୂପାୟିତ ହୋଇଛି — ମିଟିଂରେ ଅନେକ ବିଷୟରେ ଭାଷଣ ଚାଲେ - ନାରୀ ସୁରକ୍ଷା, ନାରୀ ନିର୍ଯ୍ୟାତନା, ଗରିବ ଲୋକଙ୍କୁ ସାହାଯ୍ୟ, ଜନହିତକର କାର୍ଯ୍ୟ ଇତ୍ୟାଦି। ସମସ୍ତେ ଚାଲିଗଲା ପରେ ପ୍ଲେଟରେ ଯାହା ଅଇଁଠା ଜଳଖିଆ ବଳିଥାଏ ତାହା ମିଳେ ସୁମିକୁ। ଆଧୁନିକ ସମାଜର ପରିଧିର ଏପାଖରେ ସୌଦାମିନୀମାନଙ୍କର ବିଶେଷ ଭାଷଣ, ଭୂଷଣ, ପରିଧି ସେପାଖରେ ଦାରିଦ୍ର୍ୟ ଓ ଅଶିକ୍ଷା ଅନ୍ଧକାରରେ ଥିବା ସୁମିମାନଙ୍କର ଯନ୍ତ୍ରଣାକ୍ଲିଷ୍ଟ ବାସ୍ତବଜୀବନ।

ଭିନ୍ନ ଏକ ସାମାଜିକ ଦୃଶ୍ୟପଟରେ 'ପ୍ରେମବିବାହ' ଗଳ୍ପର ଆଇନାରେ ଲେଖିକା ଆଜିର ଉଗ୍ର ଆଧୁନିକା ବୋହୂମାନଙ୍କ ସ୍ୱାର୍ଥସର୍ବସ୍ୱ ସ୍ୱରୂପକୁ ପ୍ରତିବିମ୍ବିତ କରିଛନ୍ତି ଅତ୍ୟନ୍ତ ନିଚ୍ଛକ ଭାବରେ — ବଧୂ ନିର୍ଯ୍ୟାତନାଠାରୁ ଶାଶୂ ନିର୍ଯ୍ୟାତନା ବଳେଇ ପଡୁଥିବା ବ୍ୟାଧି ଏବେ ସମାଜରେ ମହାମାରୀ ଭଳି ବଢ଼ି ଚାଲିଛି।

'ଅତୀତର ପୃଷ୍ଠା' ଗଳ୍ପରେ ସ୍ୱାମୀ ସୁଖରୁ ବଞ୍ଚିତା ରୁନି ଯେମିତି ଅନ୍ୟ ଅନେକ ଉପେକ୍ଷିତା / ନିର୍ଯ୍ୟାତୀତା କନ୍ୟା /ବଧୂମାନଙ୍କ ପ୍ରତିନିଧିତ୍ୱ କରୁଛି । ଆଜିର ସ୍ୱେଚ୍ଛାଚାରୀ ଯୁବକମାନେ ଚାକିରୀ ସ୍ଥାନରେ ଅନ୍ୟ ନାରୀ ସହ ସୁଖର ସଂସାର ପାତିଥିବା ବେଳେ ବିବାହିତା ପତ୍ନୀ ଲୁହ ଓ କୋହକୁ ପାଥେୟ କରି ଶ୍ୱଶୁରାଳୟ ନତୁବା ପିତ୍ରାଳୟରେ ଏକାକୀ ଜୀବନ ବିତାଉଛି । ଏଭଳି ସ୍ୱେଚ୍ଛାଚାର କ୍ରମେ ସମାଜକୁ କ୍ୟାନସର ଭଳି କବଳିତ କରି ଚାଲିଛି । ଲେଖିକା ଏହି ସାମାଜିକ ବାସ୍ତବଚିତ୍ରକୁ ଗଳ୍ପ ମାଧ୍ୟମରେ ପ୍ରଦାନ କରିବାରେ ସଫଳ ପ୍ରୟାସ କରିଛନ୍ତି ।

ଲେଖିକାଙ୍କର ଏହା ପ୍ରଥମ ଗଳ୍ପ ସଙ୍କଳନ ହେଲେ ମଧ୍ୟ ଗଳ୍ପଗୁଡ଼ିକ ଯୁଗଧର୍ମୀ ଓ ପାଠକର ଆଗ୍ରହକୁ ଆଗେଇ ନେବାରେ ସହାୟକ ହୋଇପାରିଛି ଓ ଲେଖିକାଙ୍କର ସମ୍ଭାବନାମୟ ଭବିଷ୍ୟତର ସ୍ୱାକ୍ଷର ବହନ କରୁଛି । ଗାଳ୍ପିକା ଲେଙ୍କାଙ୍କର ସାରସ୍ୱତ ଜୀବନର ଉତ୍ତୋରତ୍ତର ଉନ୍ନତି ହେଉ, ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି କାମନା ଓ ପ୍ରାର୍ଥନା କରୁଛି ।

ଛବିନ୍ଦ୍ର ଦାସ

# ମୋର ପଦେ...

ବିଜ୍ଞାନ ଜଗତରେ ଦୀର୍ଘଦିନ ବିତେଇଲା ପରେ କବିତା ସୃଷ୍ଟିରୁ ଆରମ୍ଭ ମୋର ସାରସ୍ୱତ ସାଧନା । କବିତା, ଭ୍ରମଣକାହାଣୀ, ଆତ୍ମଜୀବନୀ, ବୈଜ୍ଞାନିକ ପ୍ରବନ୍ଧ ଇତ୍ୟାଦି ପୁସ୍ତକ ଲେଖି ସାରିଲା ପରେ ଗଳ୍ପ ଲେଖା ପ୍ରତି ମନ ମୋର ଉଚ୍ଛନ୍ନ ହେଲା । ଏକଏକ ସମୟ ଖଣ୍ଡର ପ୍ରତିଛବିକୁ ନେଇ ଗଳ୍ପ ଲେଖିପାରିବି କି ନା ଏହି ଦ୍ୱନ୍ଦ୍ୱରେ ରହିଗଲି କିଛିଦିନ । ମୋର ପ୍ରଥମ ଗଳ୍ପ 'ପାଉଁଶିଆ ଅତୀତ' ସୁଧନ୍ୟା ପତ୍ରିକାରେ ପ୍ରକାଶିତ ହେଲା ପରେ ମନରେ ଦମ୍ଭ ଆସିଲା ମୁଁ ଗଳ୍ପ ଲେଖିପାରିବି । ଏହି ଗଳ୍ପ ପାଠକୀୟ ସ୍ୱୀକୃତି ଲାଭ କଲା ପରେ ମୁଁ ଗୋଟିଏ ପରେ ଗୋଟିଏ ପାଦ ପକାଇବା ପାଇଁ ଅଜସ୍ର ପ୍ରେରଣା ପାଇଲି । କେତେକ ବାସ୍ତବ ଘଟଣାକୁ ଦୈନନ୍ଦିନ ସାମ୍ନା କଲାବେଳେ ତାହାକୁ ଗଳ୍ପରେ ରୂପାୟିତ କରିବା ପାଇଁ ଲେଖନୀ ମୋର ଚଞ୍ଚଚଞ୍ଚଳ ହେଲା । ବାସ୍ତବତା ଓ କଳ୍ପନାର ମିଶ୍ରଣରେ ମୋ ଗଳ୍ପଗୁଡ଼ିକ ସମୃଦ୍ଧ । ଗଳ୍ପଗୁଡ଼ିକରେ ରହିଛି ବର୍ତ୍ତମାନର ବ୍ୟକ୍ତି ଓ ସାମାଜିକ ଜୀବନର ନିଛକ ଛବି । ବାଇଶିଟି ଗଳ୍ପ ମଧ୍ୟରୁ କେତୋଟି ଓଡ଼ିଶାର ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶ ପାଇ ମୋତେ ଦେଇଛି ଗାଳ୍ପିକାର ପରିଚୟ ।

ମୋ ଗଳ୍ପର କେତେକ ଚରିତ୍ର ରକ୍ତାକ୍ତ, ଅନୁରକ୍ତ ଏବଂ କ୍ଷତାକ୍ତ ନିଜ ଲୋକମାନଙ୍କ ପାଖରେ ଏବଂ ବେଳେବେଳେ ସମାଜରେ । ବେଳେବେଳେ ହାରିଯାଇଛନ୍ତି ସେମାନେ, ପୁଣି କେତେବେଳେ ସ୍ୱର ଉତ୍ତୋଳନ କରି ଜିତି ଯାଇଛନ୍ତି । ଏହି ପୁସ୍ତକରେ ମଧ୍ୟ ମୁଁ ଚିତ୍ରିତ କରିଛି କିଛି ବିଭୁ ଅନୁଭବ । ଈଶ୍ୱରଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରି ଉପଲବ୍ଧ କରିଛି ତାଙ୍କ ଉପସ୍ଥିତି ଏବଂ ଆକୁଳ ପ୍ରାର୍ଥନାର ଫଳପ୍ରାପ୍ତି । ଗଳ୍ପ ମାଧ୍ୟମରେ ମୁଁ କର୍କଟ ରୋଗୀଙ୍କ ମନରେ ଭରି ଦେଇଛି ମନୋବଳ ଏବଂ ରୋଗକୁ ସାମ୍ନା କରିବା ପାଇଁ ଦମ୍ଭ । ଜୀବନର ଏକମାତ୍ର ସତ୍ୟ ହେଉଛି ମୃତ୍ୟୁ । ତେଣୁ ତାକୁ ସାଦରେ ଗ୍ରହଣ କରିବା ପାଇଁ ମୋର ଉପଦେଶକୁ ସଜେଇ ଦେଇଛି କେତୋଟି ଗଳ୍ପରେ । ସବୁ ଅବସ୍ଥାରେ ପ୍ରେମ ହୃଦୟକୁ ଯୋଡ଼ିଦିଏ ।

ବେଳେବେଳେ ଏହି ପ୍ରେମ ମୁଗ୍ଧ କରାଏ ଏବଂ ଅନେକ ସମୟରେ ତା'ର ଅପ୍ରାପ୍ତିରେ ଜୀବନଟା ଛଟପଟ୍ ହୋଇଯାଏ । ତଥାପି ଜୀବନଟା ହାରି ଯାଏନି । ସେ ପ୍ରେମକୁ ସାଇତି ଦିଏ ତା' ସ୍ମୃତିରେ । ଏମିତି ଭାବମୟ ସ୍ମୃତି ରହିଛି ମୋ ଗଳ୍ପରେ । ବେଳେବେଳେ ପ୍ରେମ ହୋଇଯାଏ ପ୍ରତାରଣା । ପ୍ରେମର ଏହି ରୁକ୍ଷ ରୂପକୁ ମଧ୍ୟ ଚିତ୍ରଣ କରିଛି ମୋ ଗଳ୍ପରେ । ମୋ ଗଳ୍ପରେ ଗୋଟିଏ ନିଷ୍କପଟ, ଗେହ୍ଲାବସରିଆ ଝିଅ ଜଳିଯାଇଚି ଯୌତୁକ ଜୁଇରେ । ତା'ର ସବୁ ଆଶା, ସବୁ ସ୍ୱପ୍ନ ପୁର୍ଣ୍ଣାହୂତି ହୋଇ ମିଶି ଯାଇଛନ୍ତି ସେଥିରେ । ଏମିତି ଘଟଣାର ବର୍ଣ୍ଣନା କରିଛି ଗଳ୍ପ ମାଧ୍ୟମରେ ।

ବିଭିନ୍ନ ସ୍ୱାଦର ଗଳ୍ପ ରହିଛି ମୋର ପ୍ରଥମ ପୁସ୍ତକ ''ପୁର୍ଣ୍ଣାହୂତି''ରେ । ଏହି ପୁସ୍ତକରେ ସ୍ଥାନିତ କେତୋଟି ଗଳ୍ପ ଭିନ୍ନ ଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଥିବାରୁ ସେସବୁର ସମ୍ପାଦକ ଓ ସମ୍ପାଦିକାଙ୍କୁ ମୋର ଗଭୀର କୃତଜ୍ଞତା । ମୋର ଏହି ପୁସ୍ତକକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିଥିବା ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ନ ଜଣାଇଲେ ମୁଁ ଅକୃତଜ୍ଞ ହୋଇଯିବି । ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ ଓ ଶ୍ରୀମତୀ ବିଜୟିନୀ ଦାସ ପୁସ୍ତକର ମୂଲ୍ୟାଙ୍କନ କରିଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି । ସତ୍ୟବ୍ରତ ପ୍ରକାଶନୀର ପ୍ରକାଶକ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ ଏବଂ ପ୍ରଚ୍ଛଦପଟ୍ଟର ଶିଳ୍ପୀ ଶ୍ରୀ ବିଜୟ କୁମାର ପ୍ରଧାନଙ୍କ ପାଖରେ ମୁଁ ଆତ୍ମିକ ଭାବରେ କୃତଜ୍ଞ । ମୋ ଗଳ୍ପଗୁଡ଼ିକର ପ୍ରଥମ ପାଠକ ତଥା ମୋ ସ୍ୱାମୀ ଇଞ୍ଜିନିୟର ଧୀରେନ୍ଦ୍ର କୁମାର ବିଶ୍ୱାଳଙ୍କ ପାଖରେ ମୁଁ ସଦା ଋଣୀ । ସାରସ୍ୱତ ଜଗତରେ ଆଗେଇବା ପାଇଁ ମୋ ପୁଅ ବୋହୂ, ଝିଅ ଜ୍ୱାଇଁଙ୍କର ପ୍ରେରଣା ମୋର ସଦା ସ୍ମରଣୀୟ ।

ଶେଷରେ ମୁଁ କହି ରଖୁଛି, ମୋର ଏହି ଗଳ୍ପଗୁଚ୍ଛକୁ ପଢ଼ିବାକୁ ଚାହୁଁଥିବା ପାଠକଗଣ ଏହାକୁ ସାଦରେ ସାଉଁଟି ନେଲେ ମୋ ସୃଷ୍ଟି ସାର୍ଥକ ହେବ ।

''ଜୟ ଜଗନ୍ନାଥ''

ସୁବାସିନୀ ଲେଙ୍କା

**ଅକ୍ଷୟ ତୃତୀୟା, ୨୦୧୩**

## କ'ଣ କେଉଁଠି


| | | |
|---|---|---|
| ପାଉଁଶିଆ ଅତୀତ | ● | ୧ |
| ଜୀବନର ଫର୍ଦ୍ଦ | ● | ୮ |
| ମହକିତ ସ୍ମୃତି | ● | ୧୯ |
| ଅଡୁଆ ସୂତାର ଖିଅ | ● | ୨୭ |
| ଅତୀତର ପୃଷ୍ଠା | ● | ୩୫ |
| ହଜିଲା ନାଆଁ | ● | ୫୦ |
| ସୁନା ଫରୁଆ | ● | ୬୦ |
| ଝରାପତ୍ର | ● | ୭୧ |
| ଅନନ୍ୟ ଅନୁଭବ | ● | ୭୮ |
| ଅବିସ୍ମୃତ ସ୍ମୃତି | ● | ୮୫ |
| ମୁଁ କୋଣାର୍କ କହୁଛି | ● | ୯୩ |
| ଏଇ ତ ଜୀବନ | ● | ୯୮ |
| ପରିଧିର ଆରପଟେ | ● | ୧୦୮ |
| ଭୋର ସକାଳ | ● | ୧୧୬ |
| ପ୍ରୀତିର ସନ୍ତକ | ● | ୧୨୨ |
| ଭୁଲ କେଉଁଠି !!! | ● | ୧୩୨ |
| ସମୟର ଚକ | ● | ୧୪୨ |
| ପ୍ରେମ ବିବାହ | ● | ୧୫୧ |
| ଅସରନ୍ତି ପଥର ପଥିକ | ● | ୧୬୨ |
| ସ୍ୱପ୍ନ ଶେଷ ରାତିର | ● | ୧୬୮ |
| ଅନବଦ୍ୟ ସୃଷ୍ଟି | ● | ୧୭୭ |
| ପୂର୍ଣ୍ଣାହୁତି | ● | ୧୮୪ |


●●●

# ପୂର୍ଣ୍ଣାହୁତି

# ପାଉଁଶିଆ ଅତୀତ

ମଣିଷ ଆଗରେ ଯାହା କିଛି ଦେଖେ ତାହାଠାରୁ ଅଧିକ ରହି ଯାଇଥାଏ ତା' ପଛରେ। ପଛରେ ରହିଯାଇଥିବା ଘଟଣା ସମୟକ୍ରମେ ଠିଆ ହୋଇଯାଏ ଆଗରେ। ଘାଣ୍ଟିଚକଟି ଖୋଜିବାକୁ ପଡ଼େନି ତାକୁ। ଭସା ବାଦଲଭଳି ଭାସିଆସେ ସେ ବେଳେ ବେଳେ। ପୁଣି କେତେବେଳେ ତାହା ହଜିଯାଏ ଜୀବନର ସ୍ରୋତରେ। ସୃଷ୍ଟିର ଆରମ୍ଭରୁ ଏ ବିଚିତ୍ର ଲୀଳା ଚାଲିଛି ପୃଥିବୀ ପୃଷ୍ଠରେ।

ବିବାହର ଦଶବର୍ଷ ବିତେଇ ସାରିଲାଣି ଶିଳ୍ପା। ଅତୀତ ଉପରେ ଏକ ମୋଟା ଘୋଡ଼ଣୀ ଢାଙ୍କି ଦେଇ ବର୍ତ୍ତମାନ ସହିତ ହସକାନ୍ଦକୁ ମିଶେଇ ଦେବାର ଅଭିନୟ କରୁଛି ସେ। ନିଜ ହାତରେ ସେ ନିଜ ସଂସାରକୁ ଭାଙ୍ଗି ଦେଇ ପାରୁନି। ହୃଦୟ ଭାଙ୍ଗିବାର କଷ୍ଟ ସେ ଅନୁଭବ କରୁଥିଲେ ମଧ୍ୟ କାହାରି ଆଗରେ ମୁହଁ ଖୋଲିପାରୁନି। ତଥାପି ତା' ଅତୀତ ତା' ପାଖେ ପାଖେ ଗୋଡ଼େଇ ହେଉଛି। ନୀଳ ସମୁଦ୍ରର ମଝିରେ ଡଲ୍‌ଫିନ୍‌ଟିଏ ଉପରକୁ ମୁଣ୍ଡଟେକି ପୁଣି ପାଣି ଭିତରକୁ ହାବୁକାଏ ମାରିଲାଭଳି ବିଗତ ଦିନର ସେଇ ଅପାସୋରା ସ୍ମୃତି ତାକୁ ଅନେଇ ବେଳେବେଳେ ଆଖି ମିଟିକା ମାରି ପୁଣି ମିଳେଇ ଯାଉଛି ତା' ଅନ୍ତର ଭିତରେ। ଥରେ ଥରେ ପୁଣି କର୍ମମୟ ଜୀବନ ଭିତରେ ଅତୀତର ସେଇ ଜୀବନ୍ତ ଛବି ତା' ମାନସପଟରେ ସଜଳ ହୋଇ ଉଠୁଛି।

ନିରୋଳା ମୁହୂର୍ତ୍ତକୁ ଦୂରେଇ ଦେଇଛି ଶିଳ୍ପା ତା' ଜୀବନରୁ। ସେ ମୁହୂର୍ତ୍ତ ଶିଳ୍ପାର କୋମଳ ହୃଦୟକୁ ଘାଣ୍ଟିଚକଟି ଛିନ୍‌ଭିନ୍ କରିଦେବ। ଅତୀତର ପୃଷ୍ଠାକୁ ନିମନ୍ତ୍ରଣ କରିବ ଏଇ ମୁହୂର୍ତ୍ତ। ଶିଳ୍ପା ସେ ପୃଷ୍ଠାକୁ ପଢ଼ି ପାରିବନି। ତା' ଆଖିର

ଲୁହ ଭିତରେ ହଜି ଯିବେ ସେ ପୃଷ୍ଠାର ଅକ୍ଷର । ଲୁହ ଶୁଖିଗଲେ ପୁଣି ଯୋଡ଼ାଯୋଡ଼ି ହୋଇ ବାକ୍ୟଗୁଡ଼ିକ ଆସିଯିବେ ଆଖି ସାମନାକୁ । ତେଣୁ ସେ ତା'ର କଅଁଳିଆ ମନକୁ ଦ୍ରବୀଭୂତ କରିଦିଏ ସାଂସାରିକ କାମ ଭିତରେ ।

ଦଶ ବର୍ଷପରେ ଆଜି ସେ ବାହାର ଦୁନିଆକୁ ଦେଖିବା ପାଇଁ ମନ ବଳେଇଛି । ପ୍ରକୃତିର ଅଫୁରନ୍ତ ସୌନ୍ଦର୍ଯ୍ୟ ଭିତରେ ହଜି ଯିବାପାଇଁ ଚାଲି ଆସିଛି ସେ କେଉଁଝରର ସାନଘାଗରା ଜଳ ପ୍ରପାତ ଦେଖିବାକୁ । ପାହାଡ଼ ଫଟେଇ ଅସ୍ତବ୍ୟସ୍ତ ହୋଇ ଝରଣା ଧାଇଁଛି ପୃଥିବୀ ମା'ର କୋଳକୁ । ତା'ର ଦରକାର ମା । ମା ତାକୁ ଛାତି ଉପରେ ଜାବୁଡ଼ି ଧରି ଗେହ୍ଲା କରି ଚାଲିଛି ବର୍ଷବର୍ଷ ଧରି ।

ଜଳ ପ୍ରପାତକୁ ମୁହଁକରି ଛିଡ଼ା ହୋଇଛନ୍ତି ଶହଶହ ନରନାରୀ । ବିଭିନ୍ନ ଭାବନା ରାଜ୍ୟର ସେମାନେ ଦର୍ଶକ । ଝରଣାର ବିନ୍ଦୁବିନ୍ଦୁ ଜଳ ସେମାନଙ୍କ ମୁହଁକୁ ଭିଜେଇ ଦେଉଛି । ଝରଣା ଉପରେ ସାତ ରଙ୍ଗରେ ରଙ୍ଗାୟିତ ଇନ୍ଦ୍ରଧନୁର ଓଢ଼ଣୀ । କି ଚମତ୍କାର ସେ ଶୋଭା । ଏମିତି ଏକ ଭାବମୟ ପରିବେଶରେ ଛିଡ଼ା ହୋଇଛି ଶିଳ୍ପା । ତଳକୁ ଧାଇଁବାରେ ଜଳଧାରର ଆବେଗ ଏବଂ ସେ ଜଳଧାରକୁ ଧରିବା ପାଇଁ ଦର୍ଶକଙ୍କର ନିଶା ଏ ଦୁଇଟି ଦୃଶ୍ୟର ଫେଣ୍ଟାଫେଣ୍ଟି ମିଶ୍ରଣ ଶିଳ୍ପା ମନରେ ସୃଷ୍ଟି କରୁଛି ବିଚିତ୍ର ଆଲୋଡ଼ନ । ଶତଚେଷ୍ଟା ସତ୍ତ୍ୱେ ସାନଘାଗରାର ଶବ୍ଦ ଭିତରେ ମିଳେଇ ଯାଉନି ଶିଳ୍ପାର ବିଗତ ଦିନର ସ୍ମୃତି ଯେଉଁଦିନ ସେ ଥିଲା କୁଆଁରୀଟିଏ । ଦାମ୍ପତ୍ୟ ଜୀବନକୁ ହାତ ବଢ଼ଉଥିଲା ଛୁଇଁବା ପାଇଁ ଏକ ଦୋଛକି ରାସ୍ତାରେ । ଭବିଷ୍ୟତ ଯେ ଜାଲ ବିଛେଇ ଥିଲା ଆଶାର ମରୀଚିକା ଉପରେ ସେ ବା ଏହାକୁ ଜାଣିଥା'ନ୍ତା କେମିତି ? ସୌଭାଗ୍ୟ ଓ ଦୁର୍ଭାଗ୍ୟ ଭାଗ୍ୟ ଉପରେ ନିର୍ଭର କରେ ।

ଦାମ୍ପତ୍ୟ ଜୀବନର କେତେଟା ଦିନପରେ ସମ୍ଭବଠାରୁ ଚିଠିଟିଏ ପାଇଥିଲା ଶିଳ୍ପା । ଚିଠିଟି ଖୋଲିବା ପୂର୍ବରୁ ହାତ ତା'ର ବରଡ଼ା ପତ୍ର ପରି ଥରୁଥିଲା । ଶିଳ୍ପାର ସବୁ ଭୁଲକୁ ଗୋଟେଇ ଆଣିଥିବ ଏ ଚିଠି । ତା' ଭିତରେ ଖୁନ୍ଦି ହୋଇଥିବ ସମ୍ଭବର ରାଗ, ଅଭିମାନ, ଅଭିଶାପ, ଆହୁରି ଅନେକ କିଛି । ହୀରାକୁଦ ବନ୍ଧ

ଭଳି ଶକ୍ତ କଲା ଶିକ୍ଷା ତା ମନକୁ । ତ୍ରସ୍ତା ହରିଣୀ ଭଳି ଏଣେ ତେଣେ ଚାହିଁ ଏକ ଦମ୍‌ରେ ପଢ଼ିଗଲା ସମ୍ଭବର ଗୋଲଗୋଲ ଅକ୍ଷରରେ ଲେଖା ସେ ଚିଠି । ପ୍ରତି ଅକ୍ଷରରେ ସେ ଦେଖୁଥିଲା ସମ୍ଭବର ବିଦୀର୍ଣ୍ଣ ମୁଖ ମଣ୍ଡଳ । ପ୍ରେମ ଓ ପ୍ରତାରଣାର ଭାବ ।

ଚିଠିରେ ଲେଖାଥିଲା –କ୍ଲାସରୁ ଫେରି ଦୁଆର ଖୋଲି ନିମନ୍ତ୍ରଣ ପତ୍ରଟିଏ ତଳେ ପଡ଼ିଥିବାର ଦେଖିଲି ଶିକ୍ଷା । ବୋଧହୁଏ ଡାକବାଲାର ସାହସ ହୋଇନି ଏମିତି ନିର୍ମମ, ନିଷ୍ଠୁର ନିମନ୍ତ୍ରଣ ପତ୍ରଟିଏ ମୋ ହାତରେ ଦେବାପାଇଁ । ହାତ ତା'ର ଥରି ଉଠିଥିବ । କବାଟ ଫାଙ୍କରେ କୋଠରି ଭିତରକୁ ପେଲିଦେଇ ଏକମୁହାଁ ହୋଇ ଚାଲି ଯାଇଥିବ ସେ । ସମ୍ବେଦନଶୀଳତା ଥିଲା ଡାକବାଲାର । ତୋତେ କ'ଣ କାଣିଚାଏ ସମ୍ବେଦନଶୀଳତା ଛୁଇଁ ନଥିଲା ଶିକ୍ଷା ? ନାଲି ଅକ୍ଷରରେ ଯୋଡ଼ି ମହୁରି ଓ ଶଙ୍ଖ ମଝିରେ ଝଟକୁ ଥିଲା ତୋ ନାଆଁ ଓ ତୋ ଭାବି ସ୍ୱାମୀଙ୍କର ନାଆଁ । ବାରମ୍ବାର ମନକୁ ଆସୁଥିଲା, ମୁଁ ଯାହା ଦେଖୁଛି ଠିକ୍ ଦେଖୁଛି ତ ? ଏହା କିପରି ସମ୍ଭବ । ହୁଏତ ଏହା ମୋ ମନର ଏକ ଅହେତୁକ ଭୂତ ହୋଇପାରେ କିମ୍ବା ବାରମ୍ବାର ମୋ ମନରେ ଅଙ୍କାଅଙ୍କି ଆଶଙ୍କାର ଝଲକ ହୋଇପାରେ । ବାରମ୍ବାର ନିମନ୍ତ୍ରଣ ପତ୍ର ଲଫାପା ଉପରକୁ ଚାହିଁଲି ଶିକ୍ଷା । ତୋ ନାଆଁଟା ତ ଠିକ୍ ପଢ଼ି ପାରୁଛି । ତୋ ନାଆଁ ପାଖରେ ମୋ ନାଆଁଟା ଯୋଡ଼ି ଯାଇଛି କି ? ସମ୍ଭବର ନାମ କେମିତି ଅନିମେଷ ହେବ ? ସେମିତି ଅକ୍ଷରତ କାହିଁ ଦିଶୁନି । ତଣ୍ଟିର ସବୁ ଆଦ୍ରତା ବାଷ୍ପ ହୋଇ ଯାଇଥିଲା ସେଦିନ । ନଇଁ ପଡ଼ି ନିୟନ୍ତ୍ରଣ ପତ୍ରଟିକୁ ଗୋଟେଇ ଆଣିଲି । ଠପ୍ ଠପ୍ ଦୁଇ ବୁନ୍ଦା ଲୁହ ପଡ଼ିଗଲା ତୁମର ସୁନ୍ଦର ନାଁ 'ଶିକ୍ଷା' ଉପରେ । ଏ କ'ଣ କଲୁ ଶିକ୍ଷା ? ତୁ ଖାଲି ଶୁଣି ଯା' ତୋ ସମ୍ଭବର ଅନ୍ତଃସ୍ୱର । ଥରଟିଏ ପାଟି ଖୋଲି ପାରିଲିନି ତୋ ପାଖରେ । ମୁକ୍ତ ଭାବରେ ମନଟାକୁ ଅଜାଡ଼ି ପାରିଲିନି ତୋ ପଣତରେ । ତୋତେ ମୁଁ ଦୋଷୀ କରି ପାରିବିନି ଶିକ୍ଷା ।

ବହୁତଥର ତୋ ସ୍ୱର ମୋ କାନରେ ବାଜିଛି । କାଳେ ହୋଇଥିବ ଶବରର ଦୁର୍ଗ ଭିତରେ ମୃଗୁଣୀର ସ୍ୱର, କୁରୁ ସଭାରେ ହାତ ଟେକି ଡାକୁଥିବା ଦ୍ରୌପଦୀର

ସ୍ୱର କିମ୍ବା ବେଳାଭୂଇଁରେ ଅସ୍ତବ୍ୟସ୍ତ ଦୌଡୁଥିବା ଚନ୍ଦ୍ରଭାଗାର ସ୍ୱର । ସେ ସ୍ୱରକୁ ଜାଣିବା ପାଇଁ କାହିଁକି ବା ପ୍ରୟାସ କରିଥାନ୍ତି ? ମୋ ଶିଳ୍ପା ଯେ ସୁରକ୍ଷିତ । ଇହକାଳ, ପରକାଳ ପାଇଁ ସେ ତ ମୋର । ଏକାନ୍ତରେ ମୋର । କେହି ତାକୁ ଛୁଇଁ ପାରିବେନି । ଯଦି କାଳେ ଛୁଇଁ ଦେବି ହୁଏତ ସେ ସ୍ଥିର ହୋଇଯିବ ମନ୍ଦିର କାନ୍ଥରେ ମୂର୍ତ୍ତିଟିଏ ଭଳି କିମ୍ବା କାନ୍‌ଭାସ୍ ଉପରେ ଚିତ୍ରଟିଏ ଭଳି । ତେଣୁ ଇଚ୍ଛା ଥିଲେ ବି ଦୁଇପଦ କଥା ହେବା ପାଇଁ କହିପାରେନି । ତୋତେ ଟିକିଏ ଆଖି ପୂରେଇ ଦେଖିବାକୁ ସାହସ ପାଏନି ମୋର । ସମୟ ହାତରେ ତୋର ସେହି ଅମଳିନ ଲାଜୁଆ ମୁହଁଟି ବନ୍ଦି ହୋଇଥାଉ, କେବେବି ସେ ଝାଉଁଳି ନପଡୁ —ଏହା ଥିଲା ମୋର ଅନୁଭବ । କେବେ କେମିତି ତୋର କଳକଳ ଛଳଛଳ କଥାରେ ମୁଁ ପାଇ ଯାଉଥିଲି ତୋତେ ଖୁବ୍ ଏକାନ୍ତରେ । ତୋ'ର ନଥିଲା କପଟତା, ଛଳନା । ତୋ'ର କୌଣସି ରାଗ, ପ୍ରତିଶୋଧର ଭାଗ୍ୟଫଳ ଏ ମୋର ନୁହଁ ଶିଳ୍ପା । କଥାରେ ପ୍ରତିଶ୍ରୁତି ପାଇନଥିଲି ତୋ'ଠୁଁ । କିନ୍ତୁ କହତ, ତୋ' ଆଖିରୁ ଝଡ଼ି ପଡୁ ନଥିଲା କି ଆଷାଢ଼ର ବର୍ଷାଭଳି ପ୍ରତିଶ୍ରୁତି । ଓଠ ଆଜି ପାଣି ଛାଡ଼ି ଯାଇଥିବା ଜୁଆରିଆ ନଈର ପଠା ସାଜିଛି । ଅନ୍ଧାର ବିନା ଅସରନ୍ତି ଜହ୍ନରାତି, ସରୁ ନଥିବା ବସନ୍ତଭଳି ମୁଁ ଆଜି ଦୁର୍ବିସହ । ପବନ ଆଜି ନିଶ୍ଚଳ, ସ୍ୱଭାବିକ ଭାବରେ ପତ୍ରର ଶିର୍‌ଶିର୍ ଶବ୍ଦବି ଶୁଭୁନି । ସବୁ ମେଘଖଣ୍ଡ ଆଜି ସ୍ଥିର । ମୋ ଝରକା ସେପଟରେ ଫୁଟିଥିବା ଫୁଲ ଥିଲେ ମୋର ଅତି ଆପଣାର । ଆଜି ଯେମିତି ସେମାନେ ମୋର ଅପରିଚିତ । ଆମ୍ବ ବଉଳ ଆଜି ଲୁଚେଇ ଦେଇଛି ତା' ପତ୍ରକୁ । ପାଦ ମୋର ଆଗଉ ନାହିଁ ଆମ୍ବ ବଗିଚାକୁ । ଆମ୍ବ ବଉଳ ବାସ୍ନା ମୋତେ କେମିତି ପାଗଳ କରୁଥିଲା ତୁ ଜାଣୁ । ସେମାନେ ଆଜି ବାସ୍ନା ହୀନ । କୋଇଲିର କୁହୁତାନ ମୁଁ ଶୁଣି  ପାରୁନି ଶିଳ୍ପା । ମୁହଁ ସଞ୍ଜ ପଣତରେ ମୁହଁ ଗୁଞ୍ଜା ଗୋଧୂଳି, ଗଛରେ ହଳଦିଆ ପତ୍ର ଯେମିତି ଭୟର ସଞ୍ଚାର କରନ୍ତି ସେମିତି ଆଜି ଭୟ ଭରି ଯାଇଛି ମୋ ଛାତିରେ । ବାରମ୍ବାର ପ୍ରଶ୍ନ —ନା ସମ୍ଭବକୁ ଶିଳ୍ପା ଭୁଲିବ କେମିତି ? ତେବେ କ'ଣ ତା' ବାଲ୍ୟ ସକାଳକୁ ଭୁଲି ଯିବ ସେ । ସତେ କ'ଣ ବରଗଛ ଛାଇ, ଝିପିଝିପି ବର୍ଷାରେ ଓଦା ହୋଇ ଗୋଟଉଥିବା

ସାଧବବୋହୂକୁ ଭୁଲି ଯାଇଛି ସେ ? ତୋ'ର କ'ଣ ମନେ ନାହିଁ ଶିଳ୍ପା –ଝିପିଝିପି ବର୍ଷାରେ ଭିଜାଭିଜା ଦେହ ନେଇ ପହଞ୍ଚିଥିଲେ ଟ୍ୟୁସନ କ୍ଲାସରେ । ସମସ୍ତଙ୍କର ଆଖିଥାଏ ଆମ ଉପରେ । ଥଟ୍ଟା କରି କହିବାର ସାହସ ନଥାଏ କାହାର । ଆମର ଓଜନିଆ ପ୍ରେମକୁ ସମର୍ଥନ କରୁଥିଲେ ସହପାଠୀମାନେ । ସେମାନଙ୍କ ଆଖିର ଇସାରାରେ ଭରି ରହିଥିଲା ଥଟ୍ଟା ଓ ପରିହାସ । ଚୁପ୍‌ଚାପ୍ ବସିଥିଲେ ଆମେ । ତୋ'ର ଲାଜୁଆ ମୁହଁ ଉପରେ ମୋ ଆଖି ପଡ଼ିଗଲେ ମୋ ଦେହରେ ଶିହରଣ ସୃଷ୍ଟି ହେଉଥାଏ । ମନେଥିବ ତୋ'ର –କିଛି ସମୟପରେ ସହପାଠିନୀ ଜଣଙ୍କ ଢଗ ମାଧ୍ୟମରେ ଆମ ଯୋଡ଼ିକୁ ପ୍ରକାଶ କରି ପଳାଇ ଥିଲା । ତା'ର ସେହି ଢଗ ପାଣିରେ ଚିନି ମିଶିଗଲା ଭଳି ମୋ ଶିରା ପ୍ରଶିରାରେ ମିଶି ଯାଇଥିଲା ସେଦିନ ।

ତୋ ସମ୍ଭବ ଦିନ ଗଣେ ଲମ୍ବା ଛୁଟିର ଆରମ୍ଭକୁ । ଗାଁ ଭୂଇଁରେ ପାଦ ଦେବାକ୍ଷଣି ଟାଣି ହୋଇଯାଏ ତୋ ପାଖକୁ । ଶବ୍ଦ ସବୁ ମିଳେଇ ଯାଏ ଓଠରେ ହେଲେ ଆଖି କହିଯାଏ କେତେକଥା ଦେଖାଦିନ । ଶିଳ୍ପା ମୋତେ ଅପେକ୍ଷା କରିଥିବ । ଦାଣ୍ଡ, ଅଗଣାରେ ମୋ ସ୍ୱର ଶୁଣି ଝରକା ଫାଙ୍କରେ ଚାହିଁ ଦେବ । ଶବ୍ଦର ବାଣ ଛୁଟିବ ଆଖିରେ । ପରସ୍ପର ବୁଝିଯିବେ ନିଜ ନିଜର ଅନ୍ତଃସ୍ୱର । ଏମିତି କେତେ କ'ଣ ଭାବି ପହଞ୍ଚି ଯାଉଥିଲି ତୋ' ପାଖରେ ।

ତୋ'ର ଥିଲା ଆତ୍ମସମ୍ମାନ, ସମାଜର ଟାହିଟାପୁରାକୁ ଡର, ପିତାମାତାଙ୍କର ତୁ ଥିଲୁ ସୁକୁମାରୀ କନ୍ୟା । ଶିକ୍ଷକମାନଙ୍କର ଯୋଗ୍ୟା ଛାତ୍ରୀ । ସାରା ଅଞ୍ଚଳରେ ଆଖିଥିଲା ତୋ' ଉପରେ । ତୁ ଥିଲୁ ସେ ଅଞ୍ଚଳର ଉତ୍ତର ଆକାଶର ଧ୍ରୁବତାରା । ଆଦର୍ଶରେ ତୁ ଝଟକୁ ଥିଲୁ ଶିଳ୍ପା । କେମିତି ତୋତେ ମଳିନ କରିଥାନ୍ତି ନିଜ ସ୍ୱାର୍ଥର ଚରିତାର୍ଥ ପାଇଁ । ସାବଧାନତା ସହ ଯାହା ଦୁଇ ପଦ କଥା ହେଉଥିଲି ଆଖିରେ ଆଖିରେ । ସତ କହ ଶିଳ୍ପା, ତୁ ମୋର ଶବ୍ଦହୀନ ଭାଷା ବୁଝୁଥିଲୁକି ନା ? ମୋ ଶିଳ୍ପା କେବେ ମିଛେଇ ହେଇ ପାରିବନି । ତୋ' ଅବନତ ମୁହଁରୁ ଝରିପଡୁଥିବା ଇସାରାରେ ମୁଁ କ'ଣ ତୋ'ର ସମ୍ମତି ଜାଣି ପାରୁ ନଥିଲି । ବହୁତ ପାଦ ଆଗେଇ ଯାଇଥିଲି ସତରେ । ତୋ ସମ୍ଭବ ନଥିଲା ସ୍ୱାର୍ଥପର । ତୋ' ଦେହର ସମ୍ଭୋଗ ଚାହୁଁ

ନଥିଲା ସେ। ତୁ ହେବୁ ସମ୍ଭବର ପଥ ପ୍ରଦର୍ଶିକା, ତା’ ସୋକେଶ୍‌ର ଝଲ୍‌ମଲ୍ କଣ୍ଢେଇ। ତୋତେ ଚାହିଁଦେଲେ ପେଟ ତା’ର ପୂରି ଯିବ। କାୟାସହ ଛାୟା ଭଳି ସମ୍ଭବ ସହ ଶିଳ୍ପା ଛନ୍ଦିଯିବ।

ଆଜି ମନେପଡ଼େ ଶିଳ୍ପା –କ୍ଲାସରେ ପଚରା ଯାଇଥିଲା ପ୍ରତ୍ୟେକ ଛାତ୍ରଙ୍କର ଭାବୀ ସ୍ତ୍ରୀ ବିଷୟରେ ଦୁଇ ଚାରିପଦ କହିବା ପାଇଁ। ମୁଁ ଅନର୍ଗଳ କହିଥିଲି ତୋ’ କଥା। ତୋ’ ରୂପ ଯୌବନର ବର୍ଣ୍ଣନା କରି ନଥିଲି ସେଦିନ। କେମିତି ତୁ ହେବୁ ମୋର ମେରୁଦଣ୍ଡ, ତୋ’ରି ଦେହରେ ମୁଁ କେମିତି ଲତା ହୋଇ ଛନ୍ଦି ଯାଇଥିବି ଇତ୍ୟାଦି ଇତ୍ୟାଦି ଖୁବ୍ ମୁକ୍ତ ସ୍ୱରରେ କହିଥିଲି।

ରାତିର ଜହ୍ନକୁ ତୁ ପଚାର ଶିଳ୍ପା, ସେ ମୋ ପ୍ରତୀକ୍ଷା ଦେଖିଛି। ବୋହୁଥିବା ପବନକୁ ପଚାର, ସେ କେତେ ମୋ ଲୁହକୁ ପୋଛିଛି। ଫୁଲକୁ ପଚାର ଶିଳ୍ପା, ସେ କେମିତି ମୋ ଦୁଃଖରେ ଝାଉଁଳି ପଡ଼ିଛି। ତୁ କ’ଣ ଏସବୁକୁ ସହି ପାରୁଛୁ ?

କେତେଟା ଦିନପରେ ଶିଳ୍ପା ହେବ ପରହସ୍ତା। ଅନ୍ୟ ସାଥୀଟିଏ ବାଛି ନେଇଛି ସେ। ଥରିଲା ଥରିଲା ହାତରେ ସେ ଲମ୍ୱାଇବ ବରଣମାଳା ଏକ ଅଚିହ୍ନା ଗଳାରେ। ସ୍ୱଚ୍ଛ ସଲିଳ ନିର୍ଝରିଣୀଟିଏ ହୋଇ ଚୋରା ବାଲିରେ ଛପି ଯିବ ସେ। ସବୁକଥା ମୋର ରହିଗଲା ମୋ ଭିତରେ। ଆଉ ଜଣେଇବାର ଅବକାଶ ନାହିଁ।

ଲଫାପାଟି ଖୋଲି ଦିନ ବାର  ଜାଣିବା ପାଇଁ ସମ୍ଭବ ହାତରେ ନଥିଲା ଶକ୍ତି। ଅଣନିଃଶ୍ୱାସୀ ମନତା’ର ଧାରଧାର ଲୁହରେ ଧୋଇ ହୋଇ ଯାଉଥିଲା। ଧୋଇ ଯାଉଥିଲା ତା’ର ଅତୀତ। ପାଦତଳୁ ମାଟି ଖସିଗଲା ଭଳି ଲାଗୁଥିଲା। ହାତରେ ଥିବା କ୍ଲାସ୍ ରୁମର ଖାତାପତ୍ର ଖସି ପଡ଼ିଲା।

ଏ ସବୁର ବର୍ଣ୍ଣନା ଥିଲା ସମ୍ଭବ ଚିଠିରେ। ଦୋଷ ଦେଇ ନଥିଲା ତା ଶିଳ୍ପାକୁ। ଖାଲି ଅନୁତାପରେ ସିଝି ଯାଇଥିଲା ସେ। କେତେ ବିଶାଳ ଓ ବ୍ୟାପକ ଏଇ ଆକାଶ, ସହସ୍ରାଧିକ ତାରାଙ୍କୁ ତା’ ବକ୍ଷରେ ସ୍ଥାନ ଦେଇଛି। ତା’ ମଧ୍ୟରେ ପୁଣି ଏକୋଇର ବଳା ଜହ୍ନ। କାହିଁ ସିଏ ତ କେବେ ଅଭିମାନ କରୁନି କାହା

ଉପରେ। ସବୁ ଭାରକୁ ସେ ସହି ନେଇ ଦିନରେ ସୂର୍ଯ୍ୟାଲୋକ ଓ ରାତ୍ରିରେ ଚନ୍ଦ୍ରାଲୋକରେ ଉଦ୍‌ଭାସିତ ହୋଇ ଉଠୁଛି। ତା' ଶିକ୍ଷା ପାଇଁ କ'ଣ ଏତିକି ସହି ପାରିବନି ?

ଏ ଜନ୍ମରେ ନହେଲେ ବି ଆର ଜନ୍ମରେ ତା'ର ହେବା ପାଇଁ ଅନୁରୋଧ କରିଥିଲା ସେ ଚିଠିରେ। ଆଜିଯାଏ ସାଇତିଛି ସେ ଚିଠିକୁ ଶିକ୍ଷା ଖୁବ୍ ଯତ୍ନରେ ସାତତାଳ ପାଣିତଳେ, ତା' ହୃଦୟ ପେଡ଼ିରେ। ଯେତେବେଳେ ଏକା ହୋଇଯାଏ, ଜୀବନରେ ଝଡ଼ ଉଠେ ସେ ଝଡ଼ ଭିତରେ ଦେଖେ ସମ୍ଭବକୁ। ତା' ନିରୋଳା ପ୍ରେମକୁ। ଭାବର ଯଥୋଚିତ ବିନିମୟ ଅଭାବରୁ ଅନେକ ଘଟଣା ଘଟିଯାଏ ଦୁନିଆରେ। ଏମିତି ଏକ ଘଟଣାର ଶିକାର ହୋଇଛନ୍ତି ସମ୍ଭବ ଓ ଶିକ୍ଷା। ନଈର ଏ କୂଳରେ ଶିକ୍ଷା, ସେ କୂଳରେ ସମ୍ଭବ। ଦୁଇଜଣଙ୍କର ଆଖିର ଲୁହ ନଈର ସ୍ରୋତ ହୋଇ ବୋହୁଛି। ଶିକ୍ଷାର ଦୀର୍ଘ ନିଶ୍ୱାସ ମିଶିଗଲା ସାନଘାଗରାର ଝରଝର ଶବ୍ଦରେ। ସାନଘାଗରା ହୋଇ ଉଠିଲାଣି ଲୋକାରଣ୍ୟ। ପ୍ରକୃତିର ଏ ମନୋରମ ଦୃଶ୍ୟରେ ସମସ୍ତେ ହଜିଗଲେଣି, ଶିକ୍ଷା ହଜି ଯାଇଛି ତା' ପାଉଁଶିଆ ଅତୀତ ଭିତରେ।

◆◆◆

# ଜୀବନର ଫର୍ଦ୍ଦ

ସ୍ୱାଗତ ଆଜି ଦୋଛକି ରାସ୍ତାରେ । କେଉଁଆଡ଼େ ଯିବେ ସେ ? ସବୁ ରାସ୍ତା ତାଙ୍କ ପାଇଁ ବନ୍ଦ ହୋଇ ଯାଇଛି । ହରେଇଥିବା ଜିନିଷ ବେଳେବେଳେ ମିଳିଯାଏ ସହଜରେ; କିନ୍ତୁ ପରିଚୟ ହଜିଗଲେ ମିଳିବା ହୋଇଯାଏ ଖୁବ୍ କଷ୍ଟ । ଜୀବନଟାକୁ ସେ ଭସେଇ ଦେଇଛନ୍ତି ପାଣି ସୁଅରେ କେରାଏ ଶୁଖିଲା ଘାସ ଭଳି । ହାତ ବଢ଼ଉଛନ୍ତି ସେ ଧରିବା ପାଇଁ । କେମିତି ଧରିବେ ସେ ? ଆକାଶର ତାରାକୁ ବେଳେ ବେଳେ ଗୋଟେଇ ହୁଏ । ହୋଇପାରେ ସେ କଳ୍ପନା । ହୋଇପାରେ ସେ ଆଶାର ଏକ ଝଲକ । ତଥାପି କିଛି ସମୟ ପାଇଁ ଆନନ୍ଦରେ ମଣିଷ ଫାଟିପଡ଼େ । ଚିକ୍‌ମିକ୍ ତାରା ଆଜି ସ୍ୱାଗତଙ୍କ ହାତରେ । କିନ୍ତୁ ସ୍ୱାଗତିକା ଚାଲିଯାଇଛି ତାଙ୍କ ଠାରୁ ବହୁ ଦୂରକୁ । ସ୍ୱାଗତଙ୍କର ହାତ ପାଆନ୍ତାରେ ସେ ନାହିଁ । ସାହସ ମଧ୍ୟ ତାଙ୍କର ନାହିଁ ସ୍ୱାଗତିକାକୁ ଧରିବା ପାଇଁ ।

ଯେତେଯେତେ ସେ ଅତୀତକୁ ମନେ ପକାଉଛନ୍ତି ସେତେସେତେ ସେ ଦୂରେଇ ଯାଉଛନ୍ତି ସ୍ୱାଗତିକା ଠାରୁ । ପ୍ରତି ମୁହୂର୍ତ୍ତରେ କରି ସାରିଛନ୍ତି ସେ ଅନେକ ଭୁଲ୍ । ଆଜି ତାଙ୍କର ଅତୀତ ତାଙ୍କ ଠାରୁ ବହୁ ଦୂରରେ । ବେଳେ ବେଳେ ସ୍ମୃତି ଦେଇଥାଏ ଚମତ୍କାର ଆନନ୍ଦ । ମିଠା ମିଠା ଅନୁଭବରେ ମଣିଷ ହୋଇଉଠେ ପାଗଳ । ଏହି ପାଗଳାମି ଭିତରେ ଥାଏ ଆତ୍ମସତ୍ତା । ବଞ୍ଚିବାର ଖୋରାକ ।

ଅତୀତ ଉପରେ ଏକ ଟାଣୁଆ ଘୋଡ଼ଣୀ । ସ୍ୱାଗତ କ'ଣ ସେ ଘୋଡ଼ଣୀକୁ କାଢ଼ିପାରିବେ ? ସେ ଘୋଡ଼ଣୀ କାଢ଼ି ପାରିଲେ ହୁଏତ ତା' ଭିତରେ ଅଣ୍ଡାଳି ଅଣ୍ଡାଳି ପାଇଯିବେ ସ୍ୱାଗତିକାକୁ । କୋଳେଇ ନେବାକୁ ଚେଷ୍ଟା କରିବେ । ସବୁ

ଭୁଲ୍ ପାଇଁ କ୍ଷମା ମାଗିବେ । ସେ ଜାଣିଛନ୍ତି ସ୍ୱାଗତିକା ତାଙ୍କ ଭୁଲ୍‌କୁ ସିମିଳି ତୁଳା ଭଳି ଉଡ଼େଇ ଦେବନି ଭସା ବାଦଲ ପର୍ଯ୍ୟନ୍ତ । ସ୍ୱାଗତ କରିଥିବା ଭୁଲର କୁରାଢ଼ିରେ ତାଙ୍କ ଦେହରେ ସୃଷ୍ଟି କରିବ ଅସଂଖ୍ୟ କ୍ଷତ ।

ମହାନଦୀର ସ୍ରୋତକୁ ଚାହିଁଛନ୍ତି ସ୍ୱାଗତ । ପାଣିରେ ଭରି ଯାଇଛି ମହାନଦୀ । କେତେ ଅପନ୍ତରା ଜିନିଷ ଭାସି ଯାଉଛି ସେ ସ୍ରୋତରେ । ତାଙ୍କର ସେହି ଅପନ୍ତରା ଅତୀତକୁ ଭସେଇ ଦେଉଛନ୍ତି ସେ ସ୍ରୋତରେ । ଇଞ୍ଚିଟିଏ ଯିବା ତ ଦୂରର କଥା, ପୁଣି ଫେରିଆସୁଛି ସେ ଅତୀତ ତାଙ୍କର ଭୁଲ୍ ସହିତ । ସେ କ'ଣ କରିବେ ? କାହାର ହେବେ ସେ । ସ୍ୱାଗତିକା ଆଜି ତାଙ୍କର ନୁହେଁ । ବନ୍ଧୁ ପରିଜନଙ୍କ ଠାରୁ ସେ ଦୂରେଇ ଯାଇଛନ୍ତି । ପିଲାମାନେ ଆଜି ସାତ ପର । ମଣିଷ ବଞ୍ଚେ ଏହିମାନଙ୍କୁ ନେଇ । ଈଶ୍ୱର ସୃଷ୍ଟି କରିଛନ୍ତି ଏମିତି ଏକ ବଳୟ ପ୍ରତ୍ୟେକ ମଣିଷ ଚାରିପଟରେ ଯେଉଁ ବଳୟ ଭିତରୁ ବାହାରି ଆସିଲେ ବିଚରା ମଣିଷଟି ହୁଏ ଛଟପଟ । ଯେଉଁଆଡ଼େ ସେ ଚାହେଁ ସବୁଆଡ଼େ ଖାଲି ଶୂନ୍ୟତା - ଶୂନ୍ୟତା ।

ସ୍ୱାଗତଙ୍କର ଭାବନା ବେଳେ ବେଳେ ମହାନଦୀ ଅତିକ୍ରମ କରି ଆକାଶର ଦିଗ୍‌ବଳୟ ପର୍ଯ୍ୟନ୍ତ ଲମ୍ବିଯାଉଛି । ଅଣନିଃଶ୍ୱାସୀ ସେ ହୋଇ ପଡ଼ୁଛନ୍ତି । ନିଜର ସତ୍ତା ଯେମିତି ସେ ହଜେଇ ବସୁଛନ୍ତି । ଆଜି ସେ ଏକା - ସବୁ ଥାଇ ମଧ୍ୟ ନିଃସ୍ୱ । ଲମ୍ବା ଅତୀତ ମଧ୍ୟରେ ସେ ଘୂରି ବୁଲୁଛନ୍ତି । ନିଜ ଭୁଲକୁ ଦୋହରେଇ ହେଉଛନ୍ତି ସେ ।

ଦୀର୍ଘ ୨୫ ବର୍ଷ ତଳର ସ୍ୱାଗତିକାର ପ୍ରତିବିମ୍ବକୁ ସେ ଆଜି ଦେଖୁଛନ୍ତି ମହାନଦୀର ଜଳରେ । ମନେ ପକାଉଛନ୍ତି, ଯେଉଁଦିନ ସେ ବୋହୂ ସାଜି ତାଙ୍କ ଘରେ ପାଦ ପକେଇଥିଲା । ସ୍ୱାଗତିକା ଥିଲା ଗୋଟିଏ ଚାଉଳରେ ଗଢ଼ା । ସତେ ଯେମିତି ସେ ଲହୁଣୀ ପିତୁଳା । ହଳଦୀ ବସନ୍ତ ଯେମିତି ତା' ହଳଦିଆ ରଙ୍ଗକୁ ଝାଡ଼ି ଦେଇଥିଲା ସ୍ୱାଗତିକା ଉପରେ । ଆଖି ତା'ର ହରିଣ ଚାହାଣିରେ ଭରି ଯାଇଥିଲା । ତା' ନିଜ ସୌନ୍ଦର୍ଯ୍ୟ ପାଇଁ ଅହମିକାର ଆଟୋପ ନଥିଲା

ତା'ର। ବଣରେ ଫୁଟିଥିବା ମଲ୍ଲି ସଦୃଶ ସେ କେଉଁ ଏକ ନିପଟ ମଫସଲରେ ବଢ଼ିଥିଲା ୧୮ ବର୍ଷ।

ସ୍ୱାଗତଙ୍କ ଘର ପୂରି ଉଠିଥିଲା ସ୍ୱାଗତିକା ପାଉଁଜିର ରୁଣୁଝୁଣୁ ଶବ୍ଦରେ। ବାପା ମା'ଙ୍କର ଏକମାତ୍ର ପୁତ୍ର ସ୍ୱାଗତ। ବେଶ୍ ପ୍ରାଚୁର୍ଯ୍ୟ ଭିତରେ ସେ ବଢ଼ିଥିଲେ। ଇଞ୍ଜିନିୟର ପୁଅ ହୋଇ ଯେମିତି ଘରେ ଗେହ୍ଲା ବସରରେ ସେ ବଢ଼ିଥିଲେ, ସ୍ୱାଗତିକାକୁ ସେମିତି ଶାଶୂ ଶ୍ୱଶୁର ଏକମାତ୍ର ବୋହୂ ବୋଲି ସ୍ନେହ ଆଦରରେ ପୋତି ପକାଉଥିଲେ। ସ୍ୱାଗତିକାର ନାଆଁ ଥିଲା ବୀଥିକା। ଚତୁର୍ଥୀ ଦିନ ସ୍ୱାଗତିକା ନାଆଁଟି ତାକୁ ମିଳିଥିଲା ଶାଶୂ ଘରୁ। ପୁଅ ନାଆଁ ସହିତ ନାଆଁଟିର ସାମଞ୍ଜସ୍ୟ ଥିଲା। ସେହିଦିନରୁ ବୀଥିକା ସ୍ୱାଗତିକା ନାଆଁରେ ଶାଶୂଘରେ ହେଲା ପରିଚିତା। କେବଳ ଯେ ନାଆଁ ଦୁଇଜଣଙ୍କର ମିଶିଯାଉଥିଲା ତାହା ନୁହେଁ, ମନ ପ୍ରାଣ କ୍ଷୀରନୀର ଭଳି ମିଶିଯାଉଥିଲା। କେଉଁ ବାପା ମା' ବା ଏଥିରେ ଖୁସି ନ ହେବେ!

ଘରସାରା ଆନନ୍ଦର ଲହରି ଛୁଟୁଥିଲା। ଚତୁର୍ଥୀ ରାତିରେ ସ୍ୱାଗତ ନିଜ ଘର, ବନ୍ଧୁବାନ୍ଧବ ଇତ୍ୟାଦିଙ୍କର ଏକ ଟିପ୍ପଣୀ ଦେଇଥିଲେ ସ୍ୱାଗତିକାକୁ। ଏକମାତ୍ର ସନ୍ତାନ ସେ ବାପା ମା'ଙ୍କର। ସେମାନେ ଯେମିତି କେବେ ପୁଅ ବୋହୂଙ୍କ ପାଇଁ ଦୁଃଖ ନ ପାଆନ୍ତୁ। ସମସ୍ତଙ୍କୁ ଖୁସିରେ ରଖିଲେ ମଣିଷ ପାଇଯାଏ ନିଜ ଖୁସି। ଓଡ଼ିଆ ଘରର ସଂସ୍କୃତିକୁ ମାନିବା ଇତ୍ୟାଦି ଅନେକ କଥା ସ୍ୱାଗତିକାକୁ ବୁଝାଇଥିଲେ। ସେଦିନ ମଧୁରାତ୍ରୀରେ ତାଙ୍କ ଶ୍ରେଣୀରେ ସ୍ୱାଗତିକା ଥିଲା ଏକମାତ୍ର ଛାତ୍ରୀ। ସବୁ କଥାକୁ ସ୍ୱାଗତିକା ଖୁବ୍ ଆଦର ସହକାରେ ଗ୍ରହଣ କରିନେଇଥିଲା।

ଚାକିରି କରିବାକୁ ଗଲେ ସ୍ୱାଗତିକା ହୋଇଯିବ ଏକା କିମ୍ବା ତାକୁ ନେଇଗଲେ ବାପା ମା' ଏକ ନିଃସଙ୍ଗ ଜୀବନ ବିତେଇବେ। ଏହା ସ୍ୱାଗତଙ୍କୁ ଖୁବ୍ ବାଧିବ। ତେଣୁ ସେ ଚାକିରି ନ କରି ବାପା ମା'ଙ୍କ ପାଖରେ ରହି ଏକ ବ୍ୟବସାୟ ଆରମ୍ଭ କଲେ। କେହି କେହି କହନ୍ତି, କେଉଁ ସ୍ତ୍ରୀ ସ୍ୱାମୀ ପାଇଁ ହୋଇଥାଏ ଲକ୍ଷ୍ମୀ, କିଏ ହୋଇଥାଏ ଅଲକ୍ଷ୍ମୀ। ସ୍ୱାଗତ ପାଇଁ ସ୍ତ୍ରୀ ତାଙ୍କର ଥିଲା ଲକ୍ଷ୍ମୀ। ବ୍ୟବସାୟ

ଖୁବ୍ ଭଲରେ ଚାଲିଲା । ବାପା ମା'ଙ୍କୁ ନେଇ ଘର ତାଙ୍କର ଖୁସିରେ ଫାଟି ପଡ଼ିଲା । ଶାଶୂ ଶ୍ୱଶୁରଙ୍କର ଗେହ୍ଲା ବସରର ବୋହୂ ହୋଇ ସ୍ୱାଗତିକା କିଛି ଦିନ ଭଲରେ କାଟିଲା ।

ଜୀବନର ସବୁ ସମୟ ଏକା ଭଳି ରହେନି । କିଛି ଦିନ ପରେ କ୍ରମଶଃ ସ୍ୱାଗତଙ୍କର ବ୍ୟବସାୟ ପ୍ରତି ଧ୍ୟାନ ରହିଲାନି । ଆଜିର ଏହି ପ୍ରତିଯୋଗିତା ଯୁଗରେ ନିଜର ପ୍ରଚେଷ୍ଟା ଏକାନ୍ତ ଆବଶ୍ୟକ । ଏହା ଭିତରେ ସ୍ୱାଗତିକା ଗୋଟିଏ ପୁତ୍ର ସନ୍ତାନ ଲାଭର ସୌଭାଗ୍ୟ ଅର୍ଜନ କରିଥାଏ । ଜେଜେମା' ଓ ଜେଜେ ବାପାଙ୍କର ନାତି ଥିଲା ସୁଧ ଧନ । ମୂଳ ଧନ ଉପରେ ବିଶେଷ ଧ୍ୟାନ ନଥିବାବେଳେ ସୁଧ ଦେଇଥାଏ ଅଧିକ ଆନନ୍ଦ । ତେଣୁ ପୁଅ ଠାରୁ ନାତି ଜେଜେମା' ଓ ଜେଜେବାପାଙ୍କ ଠାରୁ ଅଧିକ ଆଦର ଓ ଯତ୍ନ ପାଉଥାଏ । ଏଥିରେ ସ୍ୱାଗତିକାର ଖୁସି କହିଲେ ନ ସରେ ।

ଧନ ହିଁ ପୁରୁଷଙ୍କ ବଳ । ଧନ କମିଗଲେ ପୁରୁଷ ମନଟା ଫିକା ପଡ଼ିଯାଏ । ସ୍ୱାଗତ ନିଜ ଭିତରେ ଟିକିଏ ଖାପଛଡ଼ା ଭାବ ଅନୁଭବ କଲେ । ସ୍ତ୍ରୀ ଠାରୁ ପାଇବା ଆଦର ଯତ୍ନରୁ ଯେମିତି ଊଣା ହୋଇଗଲା ଭଳି ସେ ଅନୁଭବ କଲେ । ଏଥିରେ ସ୍ୱାଗତିକା ଖୁବ୍ କଷ୍ଟ ପାଇଲା । ଅନେକ ଥର ସ୍ୱାଗତଙ୍କୁ ସେ ବୁଝାଇଛି । ଅଳ୍ପ ଧନରେ ସେ ଚଳିଯିବାକୁ ପ୍ରସ୍ତୁତ । ସ୍ୱାଗତ ମନ ମାରିବାଟା ସେ ସହି ପାରୁନି । ଯେତେବେଳେ ଯାହା ଆସିଲା ତାକୁ ଗ୍ରହଣ କରିବାକୁ ସେ ବାରମ୍ବାର ସ୍ୱାଗତଙ୍କୁ ବୁଝାଇଲା । ଆସ୍ତେ ଆସ୍ତେ ସ୍ୱାଗତ ମାନସିକ ବ୍ୟାଧିଗ୍ରସ୍ତ ହେଲା ଭଳି ଲାଗିଲେ । ଏମିତି ଚାଲିଲା କିଛିଦିନ ।

ଥରେ ହଠାତ୍ ସ୍ୱାଗତିକା ଅସୁସ୍ଥ ହୋଇ ପଡ଼ିଲା । ମନର ଅସ୍ଥିରତା ଓ ପରିବାର ଚଳାଇବାର ଦାୟିତ୍ୱ ହୋଇପାରେ ତା'ର ରୋଗର କାରଣ । ହସ୍‌ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଲା । ହସ୍‌ପିଟାଲ ବେଡ୍‌ରେ ପଡ଼ିଥିଲାବେଳେ କେତେ ଲୋକଙ୍କୁ ସେ ଖୋଜିଛି । ଆଜି ତା'ର ନିଜର

ଲୋକମାନେ ଦୂରେଇ ଯାଇଛନ୍ତି । ସେ ବେଡ୍‌ରେ ଶୋଇ ଶୋଇ ତା' ଅତୀତକୁ କେତେ ଘାଣ୍ଟିଛି । ତା'ର ଦୋଷ କ'ଣ ? ସ୍ୱାମୀ ତା'ର ଛାଡ଼ ଛାଡ଼ ହେଉଛନ୍ତି । ବନ୍ଧୁବାନ୍ଧବ ମଧ୍ୟ ତା'ର ଅସମୟରେ ତା' ପାଖରେ ଛିଡ଼ା ହେଉନାହାନ୍ତି । ଔଷଧ କିଣିବାକୁ ପଇସା ନାହିଁ । କେମିତି ସେ ଭଲ ହୋଇ ଘରକୁ ଫେରିବ ଏହା ଥାଏ ତା'ର ଚିନ୍ତା ।

ପ୍ରତିଦିନ ସକାଳ ରାଉଣ୍ଡରେ ଜଣେ ଡାକ୍ତର ଆସନ୍ତି । ତା' ବେଡ୍ ପାଖରେ ପହଞ୍ଚିଲା କ୍ଷଣି ସମବେଦନାର ଏକ ଛାପ ତାଙ୍କ ମୁହଁରେ ଦେଖିପାରେ ସ୍ୱାଗତିକା । ଔଷଧ କିଣିବାକୁ ତା' ପାଖରେ ଅର୍ଥ ନାହିଁ ଏକଥା ନ କହିଲେ ମଧ୍ୟ ଡାକ୍ତର ଜଣକ ସବୁ ଅନୁମାନ କରିପାରୁଥିଲେ । ଏମିତି କିଛି ଦିନ ଚାଲିଗଲା ।

ପରିସ୍ଥିତିରେ ପଡ଼ି ଦିନେ ଡାକ୍ତରଙ୍କ ପାଖରେ ତା'ର ଦୁର୍ଦ୍ଦିନ ବର୍ଣ୍ଣନା କରିଥିଲା ସ୍ୱାଗତିକା । ସେଦିନ ଡାକ୍ତର ଜଣକ ସମଦୁଃଖୀ ହୋଇପଡ଼ିଥିଲେ । ସ୍ୱାଗତିକାର ଚେହେରାକୁ ଯିଏ ଦେଖିବ ସେ ମୁଗ୍ଧ ହୋଇଯିବ । ନର୍ସ ଠାରୁ ଆରମ୍ଭ କରି ଡାକ୍ତର ପର୍ଯ୍ୟନ୍ତ ସମସ୍ତେ ତା'ର ଭଲ ହେବା କମନା କରୁଥାଆନ୍ତି । ସମସ୍ତଙ୍କ ଅନୁକମ୍ପାରେ ଯେମିତି ସ୍ୱାଗତିକା ବଞ୍ଚିଛି ସେମିତି ଅନୁଭବ କରୁଥାଏ । ନିଜ ଭିତରେ ସେ କେବଳ ଏହି ଡାକ୍ତରଖାନାର କେତେଜଣଙ୍କୁ ହିଁ ଦେଖୁଥାଏ । ନିଜ ସଂସାର ଠାରୁ ଦୂରେଇ ଯାଇଥାଏ ସେ ।

ଡାକ୍ତର ବାବୁ ଜଣକ ଥିଲେ ପରୋପକାରୀ । ଡାକ୍ତର ହେବା ପରେ ରୋଗୀର ଶାରୀରିକ କଷ୍ଟ, ଆର୍ଥିକ ଅଭାବ ସହିତ ଡାକ୍ତରମାନେ ଥାଆନ୍ତି ଜଡ଼ିତ । ଅନ୍ୟର ଦୁଃଖ ସେମାନେ ଖୁବ୍ ଶୀଘ୍ର ଓ ଖୁବ୍ ସହଜରେ ବୁଝିପାରନ୍ତି । ପ୍ରତିଦିନ ସ୍ୱାଗତିକାକୁ ରାଉଣ୍ଡରେ ଦେଖିଲାବେଳେ ସେ ଭାବପ୍ରବଣ ହୋଇପଡୁଥିଲେ । ଏଡ଼େ ସୁନ୍ଦର ଝିଅଟିଏ ଏକାଏକା ରୋଗ ସହିତ ସଂଘର୍ଷ କରି ଚାଲିଛି । ତା'ର କ'ଣ କେହି ନାହାନ୍ତି ? ଏମିତି ଅନେକ କଥା ସେ ଭାବୁଥିଲେ ।

ଦିନେ କରିଡ଼ୋରରେ ଯିବା ସମୟରେ ଅନ୍ୟ ଜଣେ ଡାକ୍ତର ବନ୍ଧୁ ଶାଶ୍ୱତଙ୍କ ସହିତ ତାଙ୍କର ଦେଖାହେଲା । ଅନ୍ୟମନସ୍କତାକୁ ମଣିଷ କେତେ ବା ଲୁଚାଇ

ପାରିବ ? ବନ୍ଧୁଙ୍କର ବାରମ୍ବାର ପଚରା ଉଚରା ଭିତରେ ସେ ରୋଗୀ ସ୍ୱାଗତିକାର ଦୁଃଖ ଓ ଶାରୀରିକ ଅସୁସ୍ଥତା କଥା କହି ପକାଇଲେ। ଡାକ୍ତର ଶାଶ୍ୱତ ଥିଲେ ଦରଦୀ। ଜୀବନର ଘାତ ପ୍ରତିଘାତ ଭିତରେ ସେ ଅଣନିଃଶ୍ୱାସୀ ହୋଇଯାଇଥିଲେ।

ଶାଶ୍ୱତଙ୍କ ସ୍ତ୍ରୀ ଥିଲେ ଜଣେ ଅଧ୍ୟାପିକା। କିଛି ଦିନ ଝିଅ, ପୁଅ ଓ ଶିକ୍ଷିତା ସ୍ତ୍ରୀ ସହିତ କଟେଇଲାପରେ ପରିବାରରେ ସୃଷ୍ଟି ହୋଇଥିଲା ଫାଟ। ଶିକ୍ଷା ମଣିଷକୁ କରିଥାଏ ମାର୍ଜିତ। ତା' ଭିତରେ ଥିବା ଆବର୍ଜନାକୁ ଝାଡ଼ିଝୁଡ଼ି ସଫା କରିଦିଏ। ଶିକ୍ଷାର ସଦୁପଯୋଗ କରି ନପାରିଲେ ସେ ସୃଷ୍ଟିକରେ ନିଜ ଭିତରେ ଘୋର ଅନ୍ଧକାର। ସେହି ଅନ୍ଧାର ଭିତରେ ମଣିଷ ତା'ର ପ୍ରକୃତ ପଥ ଭୁଲିଯାଏ। ସେମିତି ଘଟିଛି ଶାଶ୍ୱତଙ୍କ ସ୍ତ୍ରୀ ଅପରାଜିତାଙ୍କ ଜୀବନରେ। ଯେତେବେଳେ ସେ ରୋଜଗାରକ୍ଷମ ହୋଇଛନ୍ତି ବୋଲି ଗର୍ବରେ ଫାଟି ପଡ଼ିଲେ ସେତେବେଳେ ତାଙ୍କର କଥାବାର୍ତ୍ତାର ଶାଳୀନତା ରହିଲାନି। ଶାଶ୍ୱତ ଯେ ଜଣେ ଡାକ୍ତର ସେ କଥା ସେ ଭୁଲିଗଲେ। କେତେଦିନ ସ୍ୱାମୀ ସ୍ତ୍ରୀର ଅତ୍ୟାଚାର ସହିଥାନ୍ତେ ? କ୍ରମଶଃ ଶାଶ୍ୱତ ବାହାରି ଆସିଲେ ଅପରାଜିତାଙ୍କ ସଂସାର ପରିଧି ଭିତରୁ। ଏକାଏକା ରହି ଜୀବନ ବିତେଇବାକୁ ସେ ଶ୍ରେୟସ୍କର ମନେ କଲେ। ରୋଗୀ ସେବା ଭିତରେ ସେ ନିଜକୁ ସଂପୂର୍ଣ୍ଣ ଭାବରେ ମିଶେଇ ଦେଲେ।

ସେଦିନ ବନ୍ଧୁଙ୍କଠାରୁ ସ୍ୱାଗତିକାର ନିଃସହାୟ ଅବସ୍ଥାର ବର୍ଣ୍ଣନା ଶୁଣିଲାପରେ ତା'ର ଶାରୀରିକ ଅବସ୍ଥା କେମିତି ଅଛି ଜାଣିବା ପାଇଁ ସେ ବନ୍ଧୁଙ୍କ ସହିତ ସେହି ଓ୍ୱାର୍ଡ଼କୁ ଯାଇଥିଲେ। ସ୍ୱାଗତିକା ଉପରେ ଆଖି ପଡ଼ିଗଲା ପରେ ସେ ଥମ୍ ହୋଇ ଛିଡ଼ା ହୋଇ ଯାଇଥିଲେ। ଏତେ ସରଳ ସୁନ୍ଦର ଝଅଟି ଆଜି ରୋଗ ସହ ଏକା ଏକା ଯୁଦ୍ଧ କରି ଚାଲିଛି। ନିଜର ହୋଇ କେହି ତା' ପାଖରେ ନାହିଁ। ଅର୍ଥାଭାବରୁ ସେ ଔଷଧ କିଣି ପାରୁନି। ଏସବୁ ଶାଶ୍ୱତଙ୍କୁ ବିବ୍ରତ କରିପକାଇଲା। କିଛି ନ କହି ସେ ଓ୍ୱାର୍ଡ଼ରୁ ଚାଲି ଆସିଲେ। ସ୍ୱାଗତିକାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ସେ ବହନ କରିବେ ବୋଲି ସଂକଳ୍ପବଦ୍ଧ ହେଲେ ଓ ଡାକ୍ତର ବନ୍ଧୁଙ୍କୁ ଏହି କଥା ସେହିଦିନ ହିଁ କହିଥିଲେ।

ଗୋଟିଏ ଗୋଟିଏ ଘଟଣା ମଣିଷ ଜୀବନରେ କେତେ କ'ଣ ପରିବର୍ତ୍ତନ ଆଣିଥାଏ । ବେଳେବେଳେ ସେ ପରିବର୍ତ୍ତନ ଜାଣି ହୁଏ ସହଜରେ । ବେଳେବେଳେ ଜାଣିବାକୁ ଅନେକ ସମୟ ଲାଗେ । ସ୍ୱାଗତ ଏସବୁ କିଛି ଜାଣିନଥିଲେ । ଅର୍ଥାଭାବ ଯୋଗୁଁ ସେ ଦିନଟିଏ ମଧ୍ୟ ସ୍ୱାଗତିକା ପାଖକୁ ଯାଇ ନଥିଲେ କି ତା' ପାଖରେ ଛିଡ଼ା ହୋଇନଥିଲେ । ଏସବୁ ସ୍ୱାଗତିକାକୁ ଖୁବ୍ ବାଧୁଥିଲେ ମଧ୍ୟ ଭାଗ୍ୟ ଉପରେ ସେ ସବୁ ଛାଡ଼ି ଦେଇଥାଏ ।

ଆସ୍ତେ ଆସ୍ତେ ସ୍ୱାଗତିକା ଅନୁଭବ କଲା କାହାର ଆଶୀର୍ବାଦ ତା' ଉପରେ ଅଜାଡ଼ି ପଡୁଛି । କ୍ରମଶଃ ସବୁ ନର୍ସ ଓ ଷ୍ଟାଫ୍‌ମାନେ ତା'ର ଯଥେଷ୍ଟ ଯତ୍ନ ନେଉଛନ୍ତି । ଔଷଧପତ୍ର ତା'ର ନିୟମିତ ଚାଲି ଆସୁଛି । ପୂର୍ବାପେକ୍ଷା ରାଉଣ୍ଡରେ ଆସୁଥିବା ଡାକ୍ତରବାବୁ ଅଧିକ ଯତ୍ନ ନେଉଛନ୍ତି । ଏସବୁର କାରଣ ଜାଣିବାକୁ ସେ ଚାହୁଁ ନଥିଲା । କାରଣ ଭଲ ହୋଇ ଘରକୁ ଫେରିବାରେ ଥାଏ ତା'ର ମନ । ବେଳେବେଳେ ଏତେସବୁ ପରିବର୍ତ୍ତନ ତାକୁ ବିବ୍ରତ କରୁଥାଏ । କିନ୍ତୁ ନିଜର ହୋଇ କେହି ତା' ପାଖରେ ଛିଡ଼ା ହେବାକୁ ନଥିଲେ । ପାଖରେ ଅର୍ଥ ମଧ୍ୟ ନଥିଲା ଔଷଧ ଟିକିଏ କିଣିବା ପାଇଁ । ଅର୍ଥ ଯେଉଁଠୁ ଆସୁ, ଯେମିତି ଆସୁ, ସେସବୁକୁ ବୁଝିବା ପାଇଁ ତା'ର ପରିସ୍ଥିତି ନଥିଲା ।

ଦିନେ ତା'ର ବେଡ୍ ପାଖରେ ଡାକ୍ତର ବାବୁଙ୍କର ବନ୍ଧୁ ଶାଶ୍ୱତ ଛିଡ଼ା ହୋଇଥିବାର ସେ ଦେଖିଥିଲା । କେଜାଣି କାହିଁକି ଅପରିଚିତ ଲୋକଟିକୁ ଦେଖି ତା' ମନଟା ଚହଲି ଯାଇଥିଲା । ପ୍ରକୃତରେ ଈଶ୍ୱରଙ୍କର ସୃଷ୍ଟି ଏକ ବିଚିତ୍ର । କାହାର ସାନ୍ନିଧ୍ୟ କାହାକୁ ଭଲ ଲାଗିଯାଏ । ଜଣକ ଭାବନା ଭିତରେ ନିଜ ଭାବନା ସାମିଲ ହୋଇଯାଏ । କିଏ ପୁଣି ଆକର୍ଷିତ ହୋଇଯାଏ ଅନ୍ୟଜଣକ ଆଡ଼କୁ । ସେଦିନ ସ୍ୱାଗତିକା ସେହି ଡାକ୍ତର ଶାଶ୍ୱତଙ୍କୁ ଦେଖି ଦେହରେ ବିଜୁଳିର ପ୍ରବାହ ଅନୁଭବ କରିଥିଲା ।

ସୁସ୍ଥ ଶରୀର ନେଇ କିଛି ଦିନ ପରେ ସ୍ୱାଗତିକା ଛାଡ଼ିଲା ସେ ୱାର୍ଡ଼ । କେତେଟା ଦିନରେ ସମସ୍ତେ ହୋଇ ଯାଇଥିଲେ ତା'ର ନିଜର । ୱାର୍ଡ଼ର ବାରଣ୍ଡା

ପାହାଚରେ ପାଦ ଦେଇ ପଛକୁ ଚାହିଁଲା ସେ । କାହାନ୍ତି ସେ ଡାକ୍ତରଙ୍କ ବନ୍ଧୁ ଶାଶ୍ୱତ ? ଥରଟିଏ ଦେଖିବାକୁ ମନଟା ଖୁବ୍ ବ୍ୟାକୁଳ ହୋଇପଡ଼ିଲା । ସମସ୍ତେ ନିଜ ନିଜ କାମରେ ଥିଲେ ବ୍ୟସ୍ତ ।

ନିୟମିତ ଔଷଧ ସେ ଘରେ ଥାଇ ମଧ୍ୟ ପାଇ ଯାଉଥାଏ । କିଏ ସେହି ଦରଦୀ ଲୋକଟି, ଯିଏ ତା' ସ୍ୱାସ୍ଥ୍ୟ ପାଇଁ ଏତେ ଯତ୍ନବାନ ? ଅନ୍ୟର ସାହାଯ୍ୟ ନେବାକୁ ସେ ଚାହୁଁ ନଥିଲେ ମଧ୍ୟ ପରିସ୍ଥିତି ଯୋଗୁଁ ତା'ର ପ୍ରକୃତି ବଦଳି ଯାଉଥାଏ । କିଛି ଦିନ ପରେ ଝିଅଟିଏ ହୋଇଥିଲା ତା'ର । ସ୍ୱାଗତ ନିଜର ଆର୍ଥିକ ଦୁର୍ବଳତା ଯୋଗୁଁ ସ୍ୱାଗତିକା ଠାରୁ ଦୂରେଇ ଯାଉଥିଲେ । ପୁଅ, ଝିଅ, ଶାଶୂ, ଶ୍ୱଶୁରଙ୍କୁ ନେଇ ଚଳିବା ହେଉଥାଏ ଖୁବ୍ କଷ୍ଟ । ସ୍ୱାଗତିକା ଈଶ୍ୱର ବିଶ୍ୱାସୀ । ତାଙ୍କରି ଉପରେ ସବୁ ଛାଡ଼ି ଦେଇ ଦୁର୍ବିସହ ଦିନଗୁଡ଼ିକ କାଟୁଥାଏ । କିନ୍ତୁ ପ୍ରତି ମୁହୂର୍ତ୍ତରେ ମନରେ ଥାଏ ତା'ର ଏକ ବଳିଷ୍ଠ ପ୍ରଶ୍ନ । କିଏ ସେହି ଦେବପ୍ରତିମ ବ୍ୟକ୍ତିଟି, ଯାହାଙ୍କ ସାହାଯ୍ୟରେ ସେ ନୂଆ ଜୀବନଟିଏ ପାଇ ପୁଣି ଫେରି ଆସିଲା ତା' ସଂସାରକୁ ?

ଦିନେ ଝିଅକୁ ତା'ର ପ୍ରବଳ ଜ୍ୱର । କେତେ ଦିଅଁ ଦେବତାଙ୍କୁ ଡାକିଲା ସ୍ୱାଗତିକା । ଈଶ୍ୱର ତୁମେ ତାକୁ ଦେଲ, କିନ୍ତୁ ଆଜି ମୁଁ ମା' ହୋଇ ମଧ୍ୟ କିଛି କରିବା ପାଇଁ ଟିକିଏ ବି ସମ୍ବଳ ନାହିଁ । କ'ଣ ମୁଁ କରିବି ? ରାତି ଯେତେ ଘନେଇ ଆସିଲା ଜ୍ୱର ସେତେ ବଢ଼ି ଚାଲିଲା । ନିରୁପାୟ ହୋଇ ସେ ରାତି ପ୍ରାୟ ଦୁଇଟା ସମୟରେ ହସ୍‌ପିଟାଲରେ ପହଞ୍ଚି ଗୋଟିଏ ୱାର୍ଡ଼ରେ ଆଡ଼ମିସନ୍ କରାଇଦେଲା । ଝିଅ ମୁଣ୍ଡ ପାଖରେ ବସି ଲୁହ ଗଡ଼ାଇବା ଛଡ଼ା ତା'ର କିଛି ଉପାୟ ନଥିଲା ।

ପିଲାଟିର ଅବସ୍ଥା ଦେଖି ଡ୍ୟୁଟିରେ ଥିବା ଡାକ୍ତର ଜଣଙ୍କୁ ନର୍ସ ଡାକିଆଣିଲେ । ଡାକ୍ତର ଜଣକ ଖୁବ୍ ହୃଦୟବାନ୍ । ସେ ଝିଅର ଟେମ୍ପରେଚର ଦେଖି ସାଙ୍ଗେ ସାଙ୍ଗେ ଇଞ୍ଜେକସନ୍ ଦେଲେ । ସ୍ୱାଗତିକା ଚାହିଁଥାଏ ଝିଅକୁ । କାଳେ ଇଞ୍ଜେକସନ୍ କଷ୍ଟରେ ଝିଅ କାନ୍ଦି ଉଠିବ ବୋଲି ସେ ଝିଅର ହାତକୁ ଧରିଥାଏ । ଡାକ୍ତର ଇଞ୍ଜେକସନ୍ ଛୁଞ୍ଚି ଫୋଡ଼ିଲାବେଳେ ସ୍ୱାଗତିକାର ନଜର ପଡ଼ିଲା ତାଙ୍କ

ହାତ ଉପରେ । ସେ ଅସୁସ୍ଥ ଥିଲାବେଳେ ଯେଉଁ ଡାକ୍ତର ଦିନେ ବେଡ୍ ପାଖରେ ଛିଡ଼ା ହୋଇଥିଲେ ତାଙ୍କ ହାତରେ ମଧ୍ୟ ଏକ ବଡ଼ କଳାଜାଇ ସେ ଦେଖିଥିଲା । ଆଜି ସେମିତିକା କଳାଜାଇ ଦେଖି ସେ ଟିକିଏ ବ୍ୟତିବ୍ୟସ୍ତ ହୋଇପଡ଼ିଲା ।

ଇଏ କ'ଣ ସେହି ଡାକ୍ତର ଶାଶ୍ୱତ ? ତାଙ୍କୁ ଦେଖିଲା ପରେ ସୁସ୍ଥ ହୋଇଗଲା ଭଳି ତାକୁ ଲାଗୁଥିଲା । କେମିତି ଏକ ଆକର୍ଷଣରେ ସେ ବନ୍ଧା ପଡ଼ି ଯାଇଥିଲା ସେଦିନ । ଝିଅଆଡ଼େ ଦୃଷ୍ଟି ନ ଦେଇ ସେ ବାରମ୍ୱାର ଡାକ୍ତରଙ୍କୁ ଦେଖିବାକୁ ଲାଗିଲା । ତାଙ୍କ ପରିଚୟ ଜାଣିବା ପାଇଁ ପ୍ରବଳ ଇଚ୍ଛା । କିନ୍ତୁ ସମାଜର ନୀତି ନିୟମକୁ ଉଲଂଘନ କରିପାରିଲାନି ସ୍ୱାଗତିକା । ତା'ପରଦିନ ଡାକ୍ତର ଜଣଙ୍କ ହସ୍‌ପିଟାଲର ସମସ୍ତ ଖର୍ଚ୍ଚ ପେମେଣ୍ଟ କରି ଔଷଧପତ୍ର ଦେଇ ସ୍ୱାଗତିକାକୁ ବିଦା କରିଥିଲେ । ସ୍ୱାଗତିକା ତାଙ୍କ ପାଖରେ ଋଣୀ ହୋଇଗଲା ବୋଲି ଭାବୁଥିଲା । କିଛି ତାଙ୍କୁ କହି ପାରିଲାନି । ଯନ୍ତ୍ରଚାଳିତ ମଣିଷଟିଏ ପରି ଓ୍ୱାର୍ଡ଼ରୁ ଝିଅକୁ ଧରି ଚାଲି ଆସିଲା ।

ଦିନେ ସନ୍ଧ୍ୟା ହେବା ପୂର୍ବରୁ ସ୍ୱାଗତିକା ଦାଣ୍ଡ ଦୁଆରରେ ମା' ବୃନ୍ଦାବତୀଙ୍କୁ ସନ୍ଧ୍ୟା ଦେଇ ପ୍ରଣାମ କରି ଉଠିଲା ବେଳକୁ ସେହି ବାଟ ଦେଇ ଯାଉଥିବା ସେହି ଡାକ୍ତର ଶାଶ୍ୱତଙ୍କୁ ଦେଖି ପକାଇଲା । ଏଥର ଚିହ୍ନିବାକୁ ତାକୁ କଷ୍ଟ ଲାଗିଲାନି । ଡାକିବ ଡାକିବ ବୋଲି ଡାକି ପାରିଲାନି । ତାଙ୍କୁ କୃତଜ୍ଞତା ଜଣାଇବା ପାଇଁ ମଉକା ପାଇ ମଧ୍ୟ ହତଛଡ଼ା କଲା । ସେ ତେବେ କ'ଣ ଏଇ ଆଖପାଖରେ ରହୁଛନ୍ତି ? ତାଙ୍କ ନାଁ କ'ଣ ? କେମିତି ତାଙ୍କ ସହ ଦୁଇପଦ କଥା ହେବ ସେ । ଏମିତି କେତେ କଥା ଭାବିଛି ସେଦିନ ସ୍ୱାଗତିକା ।

ମଣିଷର ହୃଦୟଟି ଖୁବ୍ ନରମ, ଭଲକୁ ଗ୍ରହଣ କରିନିଏ ସେ ହୃଦୟ ସହଜରେ । ସ୍ୱାଗତିକା ଦୁଃଖ କଷ୍ଟରେ ରହିରହି ଗର୍ବ ଅହଂକାର ଠାରୁ ଦୂରେଇ ଯାଇଥିଲା । ସୁଖର ଘରଟିଏ ସିନା ଆଜି ତା'ର ନାହିଁ, ହେଲେ ତା' ହୃଦୟଟି ବେଶ୍ ନିର୍ମଳ । ମନେ ମନେ ସବୁଦିନ ସଞ୍ଜବତୀ ଜାଳିଲାବେଳେ ଶାଶ୍ୱତଙ୍କ କଥା ମନେ ପକାଏ । ତାଙ୍କର ଶୁଭ କାମନା କରେ, ଆଉଥରେ ଦେଖା କରାଇଦିଅ ବୋଲି ମା'ଙ୍କୁ ପ୍ରଣତି ବାଢ଼େ ।

ସ୍ୱାଗତିକା ଘରର ଅଳ୍ପ ଦୂରେ କୃଷ୍ଣଚୂଡ଼ା ଗଛଟିଏ । ଗଛରେ ପତ୍ର ଥିଲା ଭଳି ଲାଗୁନଥାଏ । ସତେ ଯେମିତି ନାଲି ରଙ୍ଗ ନେସି ହୋଇଯାଇଛି ଡାଳ ପତ୍ର ଉପରେ ।

ସେହି ଗଛ ପାଖରୁ ଦିଶେ ସ୍ୱାଗତିକାର ଘର । ଘରୁ ଲୋକ ବାହାରିଲେ ମଧ୍ୟ ଜଣା ପଡ଼ିଯାଏ ଗଛ ପାଖରୁ ।

ସେଦିନ ସ୍ୱାଗତିକା ଯାଉଥିଲା ବଜାରରୁ କିଛି ଆଣିବା ପାଇଁ । ଠିକ୍ କୃଷ୍ଣଚୂଡ଼ା ଗଛକୁ ଅତିକ୍ରମ କଲାବେଳେ ନଜର ପଡ଼ିଗଲା ଲୋକଟିଏ ଉପରେ । ଇଏତ ସେହି ଡାକ୍ତର ଶାଶ୍ୱତ – ଟିକିଏ ଦେଖା କରି ଦୁଇପଦ କଥା ହେବା ପାଇଁ କେତେ ଭାବିଛି ସ୍ୱାଗତିକା । ସ୍ୱାଗତିକାକୁ ଦେଖିବା ପାଇଁ ଡାକ୍ତରବାବୁ ସେହି ଅଞ୍ଚଳରେ ଘରଭଡ଼ା ନେଇ ରହିବା, ପ୍ରତିଦିନ ହସ୍‌ପିଟାଲରୁ ଆସି କିଛି ସମୟ ଏଇ କୃଷ୍ଣଚୂଡ଼ା ଗଛ ମୂଳରେ ଛିଡ଼ା ହୋଇ ସ୍ୱାଗତିକାକୁ ଦୂରରୁ ଦେଖିବା ଇତ୍ୟାଦି ସ୍ୱାଗତିକା ବା ଜାଣିଥାଆନ୍ତା କେମିତି ?

ନମସ୍କାର କରି ସ୍ୱାଗତିକା ଛିଡ଼ା ହୋଇଗଲା ସେହି ବହୁ ପ୍ରତୀକ୍ଷିତ ଡାକ୍ତରଙ୍କ ସାମନାରେ । ଡାକ୍ତରଖାନାରେ ସ୍ୱାଗତିକାର ଅସୁସ୍ଥ ଦେହ ଦେଖିବା ଦିନରୁ ଏବଂ ଅବହେଳିତ ହୋଇ ଏମିତି ସରଳ ସୁନ୍ଦର ମଣିଷଟିଏ ଛଟପଟ ହେଉଛି ବୋଲି ଜାଣିବା ଦିନରୁ ଶାଶ୍ୱତଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା ସବୁ ଅଜାଡ଼ି ହୋଇଯାଇଥିଲା ତା' ଉପରେ । ଆଢୁଆଳରେ ଥାଇ ସବୁ ପ୍ରକାର ସାହାଯ୍ୟ ଓ ସହାନୁଭୂତି ଅଜାଡ଼ି ଦେଉଥିଲେ ସେ ସ୍ୱାଗତିକା ଉପରେ । ସ୍ୱାଗତିକାର ସାମାଜିକ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ପାଇଁ ସେ ଧ୍ୟାନ ଦେଉଥିଲେ । ସ୍ୱାଗତିକାକୁ ନିଜ ଭିତରେ ସେ ଅନୁଭବ କରୁଛନ୍ତି, ସେ ତାଙ୍କର ଅବିଚ୍ଛିନ୍ନ ଅଙ୍ଗ ହୋଇଯାଇଛି, ଦୂରରେ ଥାଇ ମଧ୍ୟ ସେ ତା' ପାଖରେ ଇତ୍ୟାଦି ଇତ୍ୟାଦି କେତେ କଥା ସେ ଭାବି ଯାଉଥିଲେ ।

ଜୀବନର ଏତେ ସବୁ କଥା କହି ନଶୁଣାଇ ପାରିଲେ ମଧ୍ୟ ସ୍ୱାଗତିକା ତାଙ୍କ ଆଖିର ସବୁ ଭାଷା ବୁଝି ପାରୁଥିଲା । ଏତିକି ଦେଖାରେ ସ୍ୱାଗତିକା ଭବିଷ୍ୟତ ଜୀବନର ପ୍ରତିଟି ଫର୍ଦ୍ଦ ପାଇଁ ପାଇ ଯାଇଥିଲା ଅନେକ ରଚନାର ବିଷୟ । ସରଳ ମନ ତା'ର ସଭ୍ୟ ମଣିଷଟିର ସମସ୍ତ ସଭ୍ୟତାକୁ ଗ୍ରହଣ କରି ନେଇଥିଲା ଏବଂ

ବାକି ଦିନ ପାଇଁ ସେ ହୋଇ ଯାଇଥିଲା ଶାଶ୍ୱତଙ୍କର। ତା' ଅନ୍ଧାରି ଜୀବନରେ ଶାଶ୍ୱତ ଦୀପ ଜାଳିବେ ଏ ବିଶ୍ୱାସ ତା'ର ଥିଲା

ଏଥିରେ ସ୍ୱାଗତିକା କିଛି ଭୁଲ କରିଛି ବୋଲି ଭାବିନି। ତା'ର ତ ପୁଣି ମନଟିଏ ଅଛି। ସେ କ'ଣ ଟିକିଏ ଆଦର ଯତ୍ନ ଆଶା କରେନି। ସ୍ୱାମୀ ଓ ପୁଅ ଝିଅକୁ ଛାଡ଼ି ଦେବାକୁ ସେ ଚାହେଁନି। ସେମାନଙ୍କ ପାଖରେ ରହି ମଧ୍ୟ ଅନ୍ୟଜଣଙ୍କର ସ୍ନେହ ଶ୍ରଦ୍ଧାକୁ ସେ ପ୍ରତ୍ୟାଖ୍ୟାନ କରିବ କାହିଁକି ? ଜୀବନଟାକୁ ହାହୁତାଶ ଭିତରକୁ ଠେଲି ଦେବ କାହିଁକି ? ତିଳ ତିଳ ହୋଇ ଦଗ୍ଧ ହେବାକୁ ଚାହେଁନି ସେ। ସାମାଜିକ ବନ୍ଧନକୁ ସେ ନ ଭାଙ୍ଗି ବଞ୍ଚିବାକୁ ଚାହେଁ। ଦୂରରେ ରହି ମଧ୍ୟ ସେ ଶାଶ୍ୱତଙ୍କ ପ୍ରେମ, ସ୍ନେହ, ଶ୍ରଦ୍ଧାକୁ ପାଥେୟ କରି ବଞ୍ଚିବ।

ଦୁଇଟି ନିଃସଙ୍ଗ ମଣିଷ ଆଜି ଗୋଟିଏ ନୌକାର ଯାତ୍ରୀ। ସେମାନଙ୍କୁ ସମ୍ମତି ଜଣାଇ କୃଷ୍ଣଚୂଡ଼ାର ପାଖୁଡ଼ା ସବୁ ଘୋଡ଼େଇ ଦେଲା ସେମାନଙ୍କ ସର୍ବାଙ୍ଗ ଶରୀର।

ଏହା ଭିତରେ ବିତି ଗଲାଣି କେତେ ବର୍ଷ। ବର୍ଷ ବର୍ଷ ଧରି ସାଇତା ଜୀବନର ଫର୍ଦ୍ଦକୁ ଆଜି ସ୍ୱାଗତିକା ପଢ଼ି ଶୁଣେଇଥିଲା ସ୍ୱାଗତଙ୍କୁ। ସ୍ତ୍ରୀ ପାଖରେ ସ୍ୱାମୀର ପରିଚୟ ହରେଇଥିବା ସ୍ୱାଗତଙ୍କ ପାଟିରୁ ପଦଟିଏ ବି କଥା ବାହାରି ନଥିଲା। ମହାନଦୀର ପ୍ରଖର ସ୍ରୋତରେ ଦୀର୍ଘ ନିଃଶ୍ୱାସ ତାଙ୍କର କେଉଁ ଦୂର ରାଜଇକୁ ଭାସି ଭାସି ଯାଉଥିଲା।

◆◆◆

# ମହକିତ ସ୍ମୃତି

ଓଡ଼ିଶାର ନାମଜାଦା କଲେଜରେ ଶ୍ରୀ ଚାକିରି କରେ। ପାଠ ପଢ଼ାଇବା ସହ ଗବେଷଣା କରିବା ହେଉଛି ତା'ର ମୁଖ୍ୟ ପେସା। ପିଲାଦିନରୁ ସେ କଷ୍ଟ ସହିଷ୍ଣୁ ଏବଂ ଦୃଢ଼ମନା। ଛୋଟରୁ ବଡ଼ ହେବାରେ ସେ ପାଏ ଆନନ୍ଦ। ଈଶ୍ୱର ବିଶ୍ୱାସୀ ସେ। ସବୁ ତାଙ୍କ ପାଖରେ ସମର୍ପଣ କରିଦେଇ ଆଗେଇ ଯାଏ ସେ ଏକା ଦମ୍‌ରେ। ପାଇବା ନ ପାଇବାରେ ତା'ମନ ସାମିଲ ହୁଏନି। ଖାଲି କର୍ମ-କର୍ମ। ମଣିଷର ପ୍ରଚେଷ୍ଟା କେବେ ବିଫଳ ହୁଏନି। ଈଶ୍ୱରଙ୍କ ହାତମୁଠାରେ କ୍ରୀଡ଼ନକ ସାଜି ସୁଖ ହେଉ ଅଥବା ଦୁଃଖ, ତାକୁ ସାମନା କରିବାକୁ ସେ ଏକପ୍ରକାର ବଦ୍ଧପରିକର। ଜାପାନରେ ଗବେଷଣା କରିବା ପାଇଁ ଏତେବଡ଼ ସ୍କଲାରସିପ୍ ପାଇବ ବୋଲି ସେ ଭାବିନଥିଲା। ତା'ର କର୍ମନିଷ୍ଠ ଜୀବନରେ ଈଶ୍ୱରଙ୍କର ଏହା ବରଦାନ ବୋଲି ଭାବିନେଲା। ଦୀର୍ଘଦିନ ବିଦେଶରେ ରହି ମଧ୍ୟ ଶ୍ରୀ ଥିଲା ନିଜ ମାତୃଭୂମି ପ୍ରତି ଆସକ୍ତ। ନିଜ ମାଟିକୁ ଭଲ ପାଇଥିଲା ସେ। କେଉଁଠି ସେ ନିଜ ମାତୃଭୂମିକୁ ଛୋଟ କରିନି। ସବୁ ବକ୍ତୃତାରେ ଥାଏ ଦେଶମାତୃକା ପ୍ରତି ଅନୁରାଗ। ଜାପାନୀମାନେ ଶ୍ରୀର ଏସବୁ ଗୁଣରେ ମୁଗ୍ଧ ହୋଇଯାଉଥିଲେ।ନିଜ ସହରରେ ଥିବା ସମୟରେ ତା' ଘରର କୋଣରେ କିଛି ଦିନ ଧରି ଶଁବାଳୁଆଟିଏ ତିଆରି କରିଥିବା ଖୋସାରୁ କିପରି ଧୀରେ ଧୀରେ ସୁନେଲି ପ୍ରଜାପତିଟିଏ ବାହାରି ଆସିବାର ପ୍ରୟାସ ଜାରି ରଖିଛି ତାହା ସେ ଦେଖୁଥିଲା। ଶଁବାଳୁଆର ନିଷ୍ଠାକୁ ମନେମନେ ତାରିଫ୍ କରୁଥିଲା ଶ୍ରୀ। ସୃଷ୍ଟିକର୍ତ୍ତାଙ୍କର ବିଚିତ୍ରତାକୁ ସମୀକ୍ଷା କରୁଥିଲା। ତା' ଚାକିରି ଜୀବନରେ ଏହି ଉଦାହରଣଟି ତା'ମନକୁ ପାହାଡ଼ ଭଳି ଦୃଢ଼ କରିଥିଲା।

ତେଣୁ କୌଣସି ସୁଖଦୁଃଖରେ ସେ ପଛଘୁଞ୍ଚା ଦେଇ ନଥିଲା। ବୀର ସୈନିକ ସାଜି ଆଗକୁ ଆଗକୁ ମାଡ଼ିଯାଇଥିବାର ଫଳ ସେ ପାଇଥିଲା ଯେଉଁଦିନ ନାଲି ରଙ୍ଗର ଜାପାନୀ ଷ୍ଟାମ୍ପ ଦିଆ ଚିଠିଟି ତା' ହସ୍ତଗତ ହୋଇଥିଲା। ସେଦିନ ସେ ଆତ୍ମହରା ହୋଇପଡ଼ି ନଥିଲା କି ଈଶ୍ୱରଙ୍କର ଏତେବଡ଼ ବରଦାନକୁ କିପରି କାର୍ଯ୍ୟକାରୀ କରିବ ଭାବି ବିବ୍ରତ ହୋଇନଥିଲା। ଈଶ୍ୱରଙ୍କ ହାତରେ ସେ ହୋଇଯାଇଥିଲା କଣ୍ଢେଇଟିଏ। ଚିଠିଟିକୁ ତାଙ୍କରି ପାଦତଳେ ଥୋଇ ଦେଇ ନିଜକୁ ସମର୍ପଣ କରି ଦେଇଥିଲା।

ଗୋଟିଏ ବର୍ଷ ସେ ବିତେଇଛି ଜାପାନ ଭଳି ଉନ୍ନତଶାଳୀ ଦେଶରେ। କେଡ଼େ ଛୋଟିଆ ଦେଶଟିଏ। ଚାରିପଟ ଜଳରେ ଘେରା ହୋଇଛି ସେ ଦେଶ। ଦେଶ ସାରା ପାହାଡ଼ ଓ ଟନେଲ୍। ସମୁଦ୍ର ଭିତରେ ରେଲ୍ ଲାଇନ୍। ମାଇଲ ମାଇଲ ଧରି ଟନେଲ ଭିତରେ ଯାଏ ଟ୍ରେନ। ପୃଥିବୀର ଦ୍ୱିତୀୟ ଦ୍ରୁତଗାମୀ ସିଙ୍କାସେନ ଟ୍ରେନରେ ବସିବାର ସୌଭାଗ୍ୟ ପାଇଥିଲା ଶ୍ରୀ। ଗୋଟିଏ ବର୍ଷ ଭିତରେ ସେ ଅନେକ ଗବେଷଣା କରିଛି, ବକ୍ତୃତା ଦେଇଛି, ଅନେକ ଦର୍ଶନୀୟ ସ୍ଥାନ ବୁଲି ଦେଖିଛି, ଅନେକ ଜାପାନୀ ଘରେ ଆତିଥ୍ୟ ପାଇଛି। ଏତେସବୁ ପାଇ ମଧ୍ୟ ସେ ଥାଏ ନୀରବ, ନିର୍ବିକାର, ସ୍ଥିର। ଜୀବନ ତା'ର ଗତାନୁଗତିକ ଧାରାରେ ଚାଲୁଥାଏ ଜାପାନରେ। ସମସ୍ତଙ୍କ ଭୂୟସୀ ପ୍ରଶଂସା ତା ମୁଖମଣ୍ଡଳକୁ ଉଦ୍ଭାସିତ କରୁଥାଏ। ଅଳ୍ପ ବୟସରେ ଆତ୍ମୀୟମାନଙ୍କୁ ଭାରତରେ ଛାଡ଼ିଯାଇଥିବା ଦୁଃଖ, ଅନୁଶୋଚନା ତାକୁ ସ୍ପର୍ଶ କରୁନଥାଏ। ଜୀବନଧାରାକୁ ଠିକ୍ ସ୍ରୋତରେ ଭସେଇ ନେବା ଥିଲା ତା'ର ମାନସିକତା। ତା' ଜୀବନର ସାରାଂଶକୁ ସେ ମାଟି ଗୋଡ଼ି ଭଳି ଫୋପାଡ଼ି ଦେବାକୁ ଚାହେଁନି। ସେ ସାରାଂଶରେ ମଣି ମୁକ୍ତା ଖୁନ୍ଦି ଯାଇଛି। ତାକୁ ଅଣ୍ଡାଳିଲେ ସେ ପାଇଯିବ ନିଶ୍ଚୟ। ଏହା ଥିଲା ତା'ର ଭାବଧାରା।

ତା'ର ଥିଲା ଗୋଟିଏ ଛୋଟିଆ ଜାପାନୀ ଘର। ତା'ରି ସାମନାରେ ଛୋଟ ଫୁଲ ବଗିଚାଟିଏ। ସେଠାରେ ମଧ୍ୟ ପ୍ରଜାପତିର ଡେଣାରେ ସେମିତି ରଙ୍ଗ ବେରଙ୍ଗରେ ଚିତ୍ର ଅଙ୍କାଯାଇଥିଲା। ଏତେ ପାଖରେ ଶ୍ରୀ ସେମାନଙ୍କୁ ଦେଖିଲାପରେ ବୟସକୁ

ଆଗକୁ ବାଟ ଛାଡୁନଥିଲା । ଯେମିତି ତା' ବୟସ ସେଇଠି ଅଟକି ଯାଇଛି ସେମିତି ଅନୁଭବ କରୁଥିଲା ଶ୍ରୀ । ଶରତ ଋତୁ ଛୁଇଁଲା ଜାପାନକୁ । ଗଛର ପତ୍ର ରଂଗ ବଦଳେଇଲେ । ଚାରିଆଡ଼େ ଖାଲି ରଙ୍ଗ - ରଙ୍ଗ । ଶ୍ରୀ ମନକୁ ଏ ସବୁ କିଣି ନେଉଥାଏ । ପୁଣି ଏପ୍ରିଲର ପ୍ରଥମାର୍ଦ୍ଧରେ ସାକୁରା (ଚେରି) ଫୁଲର ସମ୍ଭାର । ପତ୍ରମାନେ ଯେମିତି ମୁହଁ ଲୁଚେଇ ଦେଇ ଥାଆନ୍ତି ଫୁଲର ସୌନ୍ଦର୍ଯ୍ୟ ପାଖରେ । ଓଠରେ ଗାଢ଼ ଲିପ୍‌ଷ୍ଟିକ, ଲହୁଣୀ ଘଷା ହେଲା ଭଳି ଦେହ, ରଙ୍ଗବେରଙ୍ଗର କିମୋନୋ ପିନ୍ଧି ଜାପାନୀ ରମଣୀମାନଙ୍କର ଥିରିଥିରି ଚାଲି ଦେଖି ଶ୍ରୀ ବେଳେବେଳେ ରାସ୍ତା ଉପରେ ଠିଆ ହୋଇଯାଉଥିଲା । ସାରା ଦେଶଟି ଯେମିତି ସୌନ୍ଦର୍ଯ୍ୟରେ ପୂରି ଉଠିଛି । ରାସ୍ତାଧାରରେ କଟା କଟା ପତ୍ରରେ ସଜା ହେଲାଭଳି ଗଛର ଡାଳ, ଡାଳ ଭିତରେ ଚି ଚାଁ ଚଢ଼େଇଙ୍କ ଶବ୍ଦ ଶ୍ରୀ ମନରେ ଅନେକ ଉନ୍ମାଦନା ସୃଷ୍ଟି କରୁଥାଏ । ଫୁଜି ପର୍ବତ ଦେଖିବାକୁ ଯାଇଥିଲା ଶ୍ରୀ । ପାହାଡ଼ ଉପରେ ଖରା ପଡ଼ି ଦିଶୁଥାଏ ଆଉଟା ସୁନାର ପ୍ରଲେପପରି । ସୂର୍ଯ୍ୟୋଦୟ ଦେଶ ଜାପାନ । ସୂର୍ଯ୍ୟ ଦେବତା ଉଇଁ ଆସିଲା କ୍ଷଣି ପ୍ରଥମେ ଆଲିଙ୍ଗନ କରନ୍ତି ଜାପାନକୁ । ନିଜ ଦେଶ ଭାରତରେ ଜନ୍ମ ହୋଇ ମଧ୍ୟ ବୁଦ୍ଧଦେବଙ୍କର ବିରାଟ ବିରାଟ ମୂର୍ତ୍ତି ସେଠାରେ ଦଣ୍ଡାୟମାନ ।

ଏମିତି ଏକ ଦେଶରେ ପାଦଥୋଇବ, ତା'ର ଶିକ୍ଷା, ସଭ୍ୟତା, ସୌନ୍ଦର୍ଯ୍ୟକୁ ଉପଭୋଗ କରିବ ଏହା ଶ୍ରୀର ସ୍ୱପ୍ନ ଥିଲା । ବେଳେବେଳେ ସ୍ୱପ୍ନ ହିଁ ମଣିଷକୁ ଠିକ୍ ବାଟ ଦେଖାଏ ଏବଂ ସେହି ବାଟରେ ସେ ପାଇଯାଏ ସ୍ୱର୍ଗର ପାରିଜାତ, ଅବା ଅତଳ ସମୁଦ୍ର ଗର୍ଭରେ ଥିବା ମୁକ୍ତା । ଖାଲି ଠିକ୍ ଠାକ୍ ଚାଲିଲେ ହେଲା ।

ଦୀର୍ଘ ବାରମାସ ଜାପାନରେ ରହିବା ପରେ ଶ୍ରୀ ଫେରି ଆସିଛି ନିଜ ସହରକୁ, ନିଜ କର୍ମସ୍ଥଳୀ ଭାରତର ପ୍ରାଚୀନ ଏବଂ ବୃହତ୍ତମ କଲେଜକୁ । ତା' ଦେହରେ ଆଜି ଦୁଇଟି ଡେଣା ଯେମିତି ଲାଗି ଯାଇଛି । ଗେଟ୍ ଭିତରେ ପଶିଲା ଶ୍ରୀ । ଜାପାନରୁ ଆଣିଥିବା ଗୋଲାପି ରଙ୍ଗର ଶାଢ଼ିଟିଏ ସେ ପିନ୍ଧି ଥିଲା ସେଦିନ । ଗୋଲାପି ବାସ୍ନାରେ ମୁକ୍ତ ପକ୍ଷୀଟିଏ ଭଳି ମନ ତା'ର ଉଡ଼ିବୁଲୁଥାଏ ।

ଗେଟ୍‌ରେ ପଶିବା କ୍ଷଣି ଦେଖିଲା ସ୍ୱରୂପ ବାବୁଙ୍କୁ । ଶ୍ରୀକୁ ଏମିତି ଏକ ମୁହୂର୍ତ୍ତରେ ସେ ଦେଖିବେ ସେଦିନ ସେ ଭାବି ନଥିଲେ । ଅଳ୍ପ କଥା-କେବେ ଫେରିଲ ? କାଲି ଆଜ୍ଞା –ଏତକ କହି ଦେଇ ଶ୍ରୀ ଚାଲି ଯାଇଥିଲା ତା ରୁମ୍‌ଆଡ଼େ । କେଜାଣି ସ୍ୱରୂପ ବାବୁଙ୍କର କେମିତି ଏକ ଭାବାବେଗ ତା' ହୃଦୟ ତନ୍ତ୍ରୀକୁ ଥରାଇ ଦେଇଥିଲା । ସ୍ୱରୂପଙ୍କର କଠିନ ଆବରଣ ଭିତରେ ଏକ ନରମ ଛନଛନ ମନଯେ ଅଛି ତାହା ସେ କେମିତି ସେଦିନ ଜାଣିଥାନ୍ତା ! ବାରଣ୍ଡାରେ ଦେଖା ହେଲେ ଅନେକ ଛାତ୍ର, ଅନେକ ସହକର୍ମୀ । ଜଣଙ୍କ ପାଟିରୁ ବାହାରି ଆସିଲା, ''ମାଡ଼ାମ୍ ଆପଣ ଆପଲ୍ ଭଳି ଦିଶୁଛନ୍ତି ।'' ସେ ଯାଏ ଶ୍ରୀ ନିଜ ଅନ୍ତରକୁ ଦେଖୁଥିଲା । ତାକୁ ସଜେଇ ଚାଲିଥିଲା । ତା'ର ମୁହଁଟା ଯେ ଏତେ ସୁନ୍ଦର ହୋଇ ଯାଇଥିଲା ସେ ଜାଣି ପାରିନଥିଲା । ନିଜର ସୌନ୍ଦର୍ଯ୍ୟର ପ୍ରଶଂସାରେ ସ୍ୱୟଂ ଭଗବାନ ମଧ୍ୟ ବିମୋହିତ ହୋଇ ଯାଆନ୍ତି । ଶ୍ରୀ ସାମାନ୍ୟ ସ୍ତ୍ରୀଲୋକଟିଏ । କଥାରେ ତା'ର ବିଦେଶୀ ଢଙ୍ଗ -- ଚାହାଣିରେ ଉଚ୍ଚାଭିଳାଷର ପରିପୂର୍ଣ୍ଣତା । ଗୁଣୁଗୁଣେଇ ହେଉଥିଲା ତା' ମନ ଛାତ୍ରମାନଙ୍କ ଓ ସହକର୍ମୀମାନଙ୍କର ଉଚ୍ଛ୍ୱସିତ ସମ୍ବର୍ଦ୍ଧନାରେ ।

ଜୀବନରେ ଅନେକ ଘଟଣା ତ ଘଟିଯାଏ । ସବୁତ ମନେ ରହେନା, କିନ୍ତୁ କିଛି ଏପରି ସ୍ମୃତି ମାନସ ପଟରେ ସଦାସର୍ବଦା ଉଙ୍କି ମାରୁଥାଏ ମୃତ୍ୟୁ ପର୍ଯ୍ୟନ୍ତ । ବେଳେବେଳ ଆଖି ସାମନାରେ ସେ ସବୁ ପୁନଃ ଜୀବିତ ହୋଇ ଉଠେ । ଆଜି ଶ୍ରୀ ମନେ ପକାଉଛି ସେହି ଦିନକୁ ଯେଉଁଦିନ ସେ ସ୍ୱରୂପବାବୁଙ୍କ ଆଖିର ସ୍ୱପ୍ନରେ ହଜି ଯାଇଥିଲା । ଜାପାନରୁ ଫେରିଲାପରେ ତା' ଚାଲିଚଳନ, ସୁଲଳିତ ସମ୍ଭାଷଣ, ଆଖିରେ ତ୍ରସ୍ତା ହରିଣୀସମ କାମନାର ସ୍ଫୁଲିଙ୍ଗ ସହ ଏକରଙ୍ଗୀ ସବୁଜ ଶାଢ଼ି ପରିଧାନର ସୌନ୍ଦର୍ଯ୍ୟ ସ୍ୱରୂପ ବାବୁଙ୍କ ପ୍ରେମ ଜୁଆରରେ ଉବୁଟୁବୁ କରୁଥିବାର ସେ ଅନୁଭବ କରୁଥିଲା । ସ୍ୱରୂପବାବୁ ବେଶୀ କିଛି କହୁନଥିଲେ । ବେଶୀ କହିବାର ଦରକାର ନଥାଏ । ସାମାନ୍ୟ ଆଭାସ ଏବଂ ସାମାନ୍ୟ ଇସାରା ହୋଇଯାଏ ଯଥେଷ୍ଟ । କଲେଜର କରିଡ଼ୋର୍‌ରେ ଦେଖାହୁଏ ସ୍ୱରୂପ ବାବୁଙ୍କ ସହିତ । ଖାଲି ଟିକିଏ ହାଲୁକା ହସ ଫୁଟି ଉଠେ ତାଙ୍କ ମୁହଁରେ । ଶ୍ରୀ ଆଗେଇ ପାରେନି ଆଗକୁ । କିନ୍ତୁ ଶକ୍ତ

ଆବରଣ ଭିତରେ କଅଁଳିଆ ମନଟିଏ ଅଛି ବୋଲି ସେ ଜାଣିପାରୁଥାଏ। ଅଳ୍ପଅଳ୍ପ କଥାବାର୍ତ୍ତା, ଟିକିଏ ଟିକିଏ ଦେଖା ତାକୁ ପ୍ରେମର ଝୁଅଟିଏ ଧରାଇ ଦେଇ କେଉଁଠି ଛପି ଯାଉଥାଏ।

ଦିନେ ୫ଟା ବାଜି ଯାଇଥାଏ। ଗୋଟିଏ ପରୀକ୍ଷାର ଦାୟିତ୍ୱ ଥାଏ ଶ୍ରୀର। ସରିଲା ବେଳକୁ ସୂର୍ଯ୍ୟଙ୍କ ରକ୍ତିମ ଛଟାରେ ଧରଣୀ ରାଣୀ ନୂଆବୋହୂ ଭଳି ଚମକୁଥାଏ। ଶ୍ରୀ ବାହାରକୁ ଚାହିଁ ଚଢ଼େଇଙ୍କର ଘରବାହୁଡ଼ା ଚିଁଚାଁ କୋଳାହଳ ଶୁଣି ମଗ୍ନ ହୋଇ ଯାଇଥାଏ। କ୍ରମଶଃ ପାଉଁଶିଆ ଗୋଧୂଳି ମୁହଁ ସଞ୍ଜ ପଣତ କାନିରେ ମୁହଁ ଲୁଚେଇ ଦେଉଥାଏ। ଲନ୍‌ର ଧାରେ ଧାରେ ମଲ୍ଲୀ ଫୁଲର ଗଛ ଧାଡ଼ିବାନ୍ଧି ଥାନ୍ତି। ମଲ୍ଲୀ ବାସ୍ନାରେ ବାରଣ୍ଡା ମହକି ଉଠୁଥାଏ।ପ୍ରକୃତିର ସୁଷମା ସହ ଜୀବନକୁ ଉପଭୋଗ କରୁଥାଏ ଶ୍ରୀ। ଭୁଲି ଯାଇଥାଏ ସେ ସମୟ କେତେ ହେଲାଣି। କବିତାଟିଏ ଲେଖିବା ପାଇଁ ପରିକଳ୍ପନାରେ ସେ ମଜ୍ଜି ଯାଇଥାଏ।

ଶ୍ରୀ ସନ୍ଧ୍ୟା ହେଲାଣି, ତୁମେ ଯିବନିକି ? ଶ୍ରୀର ଛାତିରେ ହୃଦ୍‌ସ୍ପନ୍ଦନ ବଢ଼ିଗଲା। ସନ୍ଧ୍ୟା ହୋଇଗଲାଣି। ସେ ଘରକୁ ଯାଇନି। ସବୁ ସହକର୍ମୀ ଚାଲିଗଲେଣି। କେବଳ ଜଣେ ମାତ୍ର ସହକର୍ମୀ ସ୍ୱରୂପ ବାବୁ ଶ୍ରୀ ଅପେକ୍ଷାରେ ରହିଛନ୍ତି। ଶ୍ରୀର କେତେ ଯତ୍ନ ସେ ନେଉଛନ୍ତି। ସୂର୍ଯ୍ୟ ଅସ୍ତ ହୋଇଗଲେ ମଧ୍ୟ ଶ୍ରୀ ମୁହଁ ଉଜ୍ଜ୍ୱଳ ଦିଶିଲା ଉଦୟଗାମୀ ସୂର୍ଯ୍ୟଙ୍କ ଭଳି। 'ଯାଉଛି' କହି ଚୁପ୍ ରହିଯାଇଥିଲା ଶ୍ରୀ। କେମିତି ଯିବ ? ରିକ୍ସା ତ ପାଇବ ଅନେକ ଦୂରରେ। ଅନ୍ଧାର ହୋଇଗଲାଣି ଚତୁର୍ଦ୍ଦିଗ। ଏକା ଏକା ଯାଇପାରିବ ତ ? ଶ୍ରୀ ସ୍ୱାଭିମାନୀ ଝିଅଟିଏ। ବନ୍ଧୁ ସ୍ୱରୂପ ବାବୁ ତାକୁ ସ୍କୁଟରରେ ନେଇ ଛାଡ଼ିବାକୁ ନକହିବା ପର୍ଯ୍ୟନ୍ତ ସେ ମୁହଁ ଖୋଲି କହିପାରିବନି ମୋତେ ଟିକିଏ ଲିଫ୍ଟ ଦିଅନ୍ତୁ। ଏକା ଏକା ଶ୍ରୀକୁ ଏ ଅନ୍ଧାର ଭିତରେ ଛାଡ଼ିବାକୁ ଚାହିଁନଥିଲେ ସେଦିନ ସ୍ୱରୂପ ବାବୁ। ତାଙ୍କ ସହିତ ସ୍କୁଟରରେ ଯିବାପାଇଁ କହିଥିଲେ। ଶ୍ରୀର ଅନ୍ୟ ଉପାୟ ନଥିଲା। ସେ ସ୍କୁଟରରେ ବସି ସ୍ୱରୂପ ବାବୁଙ୍କ ସହିତ ଯାଇଥିଲା ଘରକୁ।

ସେଦିନ ସନ୍ଧ୍ୟାର ମଧୁର ସ୍ମୃତି ତା' ପଣତକାନିରେ ସାଉଁଟି ପକାଉ ଥିଲା ଶ୍ରୀ। ସ୍ୱରୂପଙ୍କର ମନର ଭାଷାକୁ ଭଲ ଭାବରେ ପଢ଼ି ପାରୁଥିଲା। ଚନ୍ଦନ ଓ

ଫୁଲର ବାସ୍ନା କିଛି ସମୟ ପରେ ଉଡ଼ିଯାଏ। କିନ୍ତୁ ଦୁର୍ବଳ ମୁହୂର୍ତ୍ତ କିଛି ସମୟ ପାଇଁ ନୁହଁ, ଯୁଗ ଯୁଗ ଧରି ରହିଯାଏ। ସେଦିନ ରାତିସାରା ଶ୍ରୀ ଶୋଇପାରିଲାନି। ଚାକିରି ଜୀବନରେ ସୂର୍ଯ୍ୟୋଦୟ ହୋଇଗଲାଣି ଦଶ ବର୍ଷ ହେଲା। ତଥାପି ନୂଆ ଦିଗନ୍ତକୁ ଦେଖିବାର ସ୍ୱପ୍ନ ଶ୍ରୀର ଆଖିରେ। ମନେମନେ କେତେ କଥା ସେ ଭାବିଯାଉଛି। ରାତିର ପରିଚୟ ଏକା ଜହ୍ନ ନୁହେଁ। ରାତିର ପରିଚୟ ବି ତାରା। ସ୍ୱାମୀ ଯେ ତା'ର ଏକମାତ୍ର ପରିଚୟ ସେ ଆଜି ଗ୍ରହଣ କରିପାରୁନି। ଥାଇ ପାରେ ସ୍ୱାମୀ ସହ ଦେହର ସଂଯୋଗ। ମନର ସଂଯୋଗ ମଣିଷ ଚାହେଁ କିଛି କିଛି। ଖୋଲା ଝରକା ଦେଇ ସେ ଦେଖୁଚି ଆକାଶର ନିଜସ୍ୱ ନୀଳିମାକୁ। ତା'ର ତ କିଛି ନିଜସ୍ୱ ଅଛି। କେତେ ସ୍ୱପ୍ନିଳ କେତେ ରୋମାଞ୍ଚିତ ଏ ଦୁନିଆ। ଏମିତି ଏକ ଦୁନିଆ ଶ୍ରୀର ଦରକାର।

ଶ୍ରୀ ଚାହିଁଥିଲା କ'ଣ ? ପାଇଛି କ'ଣ ? ଧନଦୌଲତ ତାକୁ ଆପଣେଇ ପାରେନି। ସୁନ୍ଦର ଅଟ୍ଟାଳିକା, ଦାମିକା ଗାଡ଼ି, ବିଳାସବ୍ୟସନ ତାକୁ ଅଣନିଃଶ୍ୱାସୀ କରି ପକାନ୍ତି। ପାହାଡ଼ ଭିତରୁ ଛାଟିପିଟି ଝରଣା ବାହାରକୁ ବାହାରି ଆସିଲାଭଳି ବେଳେ ବେଳେ ଶ୍ରୀ ଏହି ଚାକଚକ୍ୟ ଦୁନିଆରୁ ଛାଟିପିଟି ବାହାରି ଆସିବାକୁ ଚାହେଁ। ସେ ଚାହେଁ ଏକ ଶୀତଳ ମୁହୂର୍ତ୍ତ, ଯେଉଁଠି ଥିବ ସେ ଓ ତା' ଉପରେ ବିଚ୍ଛୁରିତ ହୋଇଥିବା ଜ୍ୟୋତ୍ସ୍ନା, ଖାଲି ଜ୍ୟୋତ୍ସ୍ନା। ପ୍ରେମସିକ୍ତ ପଦଟିଏ କଥା, ଟିକିଏ ବିଶ୍ୱାସ, ଆଞ୍ଜୁଳାଏ ଭରସା ତା'ପାଇଁ ଯଥେଷ୍ଟ।

ଶ୍ରୀ ଏ ସବୁ ପାଇନି ତା' ଚାଲିବା ବାଟରେ। କେଉଁଠୁ ପାଇବ ବୋଲି ଏଣେତେଣେ ଅଣ୍ଡାଳି ହେଉଥିଲା। ସେ ଜାଣେ, ଯୁଦ୍ଧରେ ସେଇମାନେ ଜିତନ୍ତି ଯେଉଁମାନେ ଶେଷ ପର୍ଯ୍ୟନ୍ତ ମନୋବଳ ଦୃଢ଼ ରଖିଥାନ୍ତି। ପାରିବାରିକ ଜୀବନରେ ଝଡ଼ ଆସିବା ତ ସ୍ୱାଭାବିକ କଥା। ସେ ତେଣୁ ନିଜସ୍ୱ ମାନବିକତାକୁ ମିଶେଇ ଦେଇନି ସେ ଝଡ଼ରେ।

ସ୍ୱରୂପ ବାବୁଙ୍କ ସହିତ ସେଦିନ ନିରବରେ ଯେଉଁ ଭାବର ବିନିମୟ ହୋଇଥିଲା ତାହା ତାକୁ ଏକ ନୂଆ ଦୁନିଆର ରାସ୍ତା ଦେଖେଇ ଥିଲା। ସେଇ

ରାସ୍ତାରେ ଆଜି ବିଛେଇ ଯାଇଛି ଆଶାର ଫୁଲ ପାଖୁଡ଼ା । ସେଇ ପାଖୁଡ଼ାକୁ ବାନ୍ଧି ଚାଲିଛି ତା' ପଣତ କାନିରେ । ଗୋଟିଏ ଗୋଟିଏ ମୁହୂର୍ତ୍ତ ଜୀବନର ଅନେକ କିଛି ବଦଳେଇ ଦିଏ ।

ଆଜି ସେ ସିଦ୍ଧାନ୍ତରେ ପହଞ୍ଚିଯାଇଛି ଯେ ଟିକିଏ ସ୍ୱରୂପ ବାବୁଙ୍କର ପାଖ ହୋଇଗଲେ ରଙ୍ଗିନ ଦୁନିଆକୁ ହାତ ମୁଠାରେ ପାଇ ପାରିବ । ତାଙ୍କ ପାଖରୁ ପାଇ ପାରିବ ବିଶ୍ୱାସ ଭରା ଭରସା । ତାଙ୍କ ଆଦର ଯତ୍ନରେ ସେ ନିଜକୁ ହଜେଇ ଦେବ ।

ତା'ପର ଦିନ କଲେଜରେ ପହଞ୍ଚିଲା ଶ୍ରୀ । ଗତ ରାତିର ସ୍ୱପ୍ନଭରା ଆଖି ତା'ର ଖୋଜୁଥିଲା ସ୍ୱରୂପ ବାବୁଙ୍କୁ । କରିଡ଼ୋର୍‌ରେ ତାଙ୍କ ସହ ହଠାତ୍ ଭେଟ ହୋଇଯାଇଥିଲା । ହୃଦୟର ସ୍ପନ୍ଦନ ବଢ଼ିଗଲା ଅନେକ ଗୁଣ । ନିଜକୁ ପ୍ରସ୍ତୁତ କରି ନଥିବାରୁ କିଛି କହିବ କହିବ ହୋଇ କହି ପାରିଲାନି । ସ୍ୱରୂପ ବାବୁ ଟିକିଏ ବିବ୍ରତ ଜଣା ପଡୁଥିଲେ ।

''ସେ କାଲି ରାତିରେ ଠିକ୍‌ଠାକ୍ ଶୋଇ ପାରି ନାହାନ୍ତି କି ? ମୋ ଭଳି ଜହ୍ନକୁ ଚାହିଁ ଚାହିଁ ବିବଶ ହୋଇ ପଡ଼ିଛନ୍ତି କି ? ବୋଧହୁଏ ତାଙ୍କ ଶହଶହ ପ୍ରଶ୍ନର ଉତ୍ତର ପାଇ ପାରିନାହାନ୍ତି ଜହ୍ନଠାରୁ ।'' ଏମିତି କେତେକଥା ଭାବି ଯାଉଥାଏ ଶ୍ରୀ । ଅନେକ କଥା ପଚାରି ହୁଏନି । ମନ ଭିତରେ ଘାଣ୍ଟିଚକଟି ହୋଇ ଲେଖି ହୋଇଯାଏ ପୃଷ୍ଠାପରେ ପୃଷ୍ଠା ।

ଷ୍ଟାଫ୍ କମନରୁମ୍‌କୁ ପଶିଗଲା ଶ୍ରୀ । ସମସ୍ତଙ୍କ ମୁହଁରେ ଗୋଟିଏ କଥା । ସ୍ୱରୂପ ବାବୁଙ୍କର ବଦଳି ଅର୍ଡ଼ର୍ ଆସିଛି । ତାଙ୍କୁ ସମ୍ବଲପୁର କଲେଜକୁ ଯିବାକୁ ହେବ । ଏଥର ମୁଖ୍ୟମନ୍ତ୍ରୀ ଖୁବ୍ କଡ଼ା ନିୟମ କରିଛନ୍ତି, ଗୋଟିଏ ହେଡ୍ କ୍ୱାଟରସରେ ୫ ବର୍ଷରୁ ଅଧିକ ଥିବା ଅଧ୍ୟାପକ ସେହି ହେଡ୍ କ୍ୱାଟରସ୍‌ରେ ରହି ପାରିବେନି । ପଶ୍ଚିମାଞ୍ଚଳରେ ସ୍ୱାଫ୍ ସଟ୍ । ତେଣୁ ସେ ସବୁ କଲେଜକୁ ବଦଳି ହେଉଛି । ଏ ଖବରଟି ଶୁଣିଲାପରେ ତା' ହୃଦୟଟି ମରୁଭୂମିରେ ପରିଣତ ହୋଇଯାଇଥିଲା । ଗତରାତିରେ ଫୁଟିଥିବା ଫୁଲଗୁଡ଼ିକ ଝାଉଁଳି ପଡ଼ିଥିଲେ ।

ସ୍ମୃତି ତ ଜୀବନ ଜୀବିକାର ଏକ ଅବିଚ୍ଛେଦ୍ୟ ଅଂଗ । ଅନେକ ଅଭୁଲା ସ୍ମୃତି ମନକୁ ଛୁଏଁ ବାରମ୍ବାର । ହୃଦୟକୁ ଆନ୍ଦୋଳିତ କରେ । ବଞ୍ଚିବାର ରାହା ଯୋଗାଏ, ଆଗକୁ ପାଦ ପକାଇବା ପାଇଁ ଶକ୍ତି ଓ ବିଶ୍ୱାସ ଆଣି ଦିଏ । ଏ ସବୁ ଭାବି ହୁଏ, କହି ହୁଏ କିନ୍ତୁ ଅଙ୍ଗେ ନିଭେଇ ହୁଏନି । କେତେ ନୂତନ ରଙ୍ଗର ପ୍ରଜାପତିଆ ସ୍ୱପ୍ନ ସେ ଦେଖିଥିଲା । ସ୍ୱରୂପ ବାବୁଙ୍କୁ ସ୍ତ୍ରୀର ସୁଖ ସେ ଦେଇପାରିବନି ସତ, ବନ୍ଧୁତାର ହାତତ ତାଙ୍କ ଆଡ଼କୁ ବଢ଼େଇ ପାରିବ । ଆଉ ୨/୪ ଦିନ ପରେ ସେ ଦେଖିପାରିବନି ତାଙ୍କୁ । କେଉଁ ଏକ ଦୂର ପାହାଡ଼ରେ ଫୁଟିଥିବା ଫୁଲ ହୋଇଯିବେ ସ୍ୱରୂପ ବାବୁ । ସେ ଫୁଲକୁ ସେ ଧରି ପାରିବନି, କେବଳ ତା' ବାସ୍ନା କେତେ ନଈ, ନାଳ, ସବୁଜ ବନାନୀ ଅତିକ୍ରମ କରି ପହଞ୍ଚି ଯିବ ଶ୍ରୀ ପାଖରେ । ସେହି ବାସ୍ନାରେ ମହକିତ ହୋଇ ଉଠିବ ତା' ଦୁନିଆ । ତେଣୁ ମର୍ମାନ୍ତିକ ଅସହାୟତା ତାକୁ ଜାବୁଡ଼ି ଧରିପାରିବନି ।

ଆଜି ଭାଲେଣ୍ଟାଇନ୍ ଡେ । ସାରା ପୃଥିବୀ ପ୍ରେମ ରସରେ ଜୁଡ୍‌ବୁଡ୍ । ଗୋଲାପ ଫୁଲ ଆଜି ବହୁତ ମହଙ୍ଗା । ଇଚ୍ଛା କରି ଫୁଲଟିଏ ସେ ଦେଇ ପାରିନଥିଲା ସ୍ୱରୂପ ବାବୁଙ୍କୁ । ତା' ମନ ଭିତରେ ଅହମିକା ସବୁ ସ୍ଥାନ ଦଖଲ କରିଥିଲା । ଆଜି ବଗିଚାରୁ ସଦ୍ୟ ଗୋଲାପଟିଏ ଭଅଁର ଠାରୁ ଛଡ଼େଇ ଆଣିଛି ଶ୍ରୀ । କାଚ ଫୁଲଦାନୀରେ ପାଣି ଭିତରେ ଡେମ୍ଫକୁ ବୁଡ଼ାଇ ରଖି ଦେଇଛି ତା' ପଢ଼ା ଟେବୁଲ ଉପରେ । ଏଇ ଫୁଲଟି ସ୍ୱରୂପ ବାବୁଙ୍କ ପାଖରେ ନିଶ୍ଚୟ ପହଞ୍ଚି ପାରିବ ଏ ବିଶ୍ୱାସ ତା'ର ଅଛି । ତା' ମହକିତ ସ୍ମୃତି ଭିତରେ ସେ ବଂଚିବାକୁ ଚାହେଁ । ସ୍ୱରୂପ ବାବୁଙ୍କୁ ଆଜୀବନ ତା ସ୍ମୃତିର ଖିଅରେ ବାନ୍ଧି ପାରିବ, ସେତକ ହେବ ତା'ପାଇଁ ଯଥେଷ୍ଟ । ଏ ଆତ୍ମ ବିଶ୍ୱାସ ତା'ର ଅଛି ।

◆◆◆

# ଅଡୁଆ ସୂତାର ଖିଅ

ତନୁଶ୍ରୀ ଆଜି ବିମର୍ଷ। ଅର୍ଦ୍ଧରାତ୍ରିର ସାଇଁ ସାଇଁ ଶବ୍ଦ ଭିତରେ ମିଶି ଯାଉଛି ତାଙ୍କ ଦୀର୍ଘ ନିଃଶ୍ୱାସ। ଝରକା ଦେଇ ଦେଖୁଛନ୍ତି ସେ ଚାନ୍ଦକୁ। ଚାନ୍ଦକୁ କିଛି ସମୟ ଲୁଚେଇ ଦେଇ ବାଦଲ ପାଉଛି କି ଆନନ୍ଦ। ଚାନ୍ଦ ଛାଟିପିଟି ହେଉଛି ବାଦଲର ଏ ଦୁଷ୍ଟାମୀରେ। ହେଲେ ନିଜକୁ ମୁକୁଳେଇ ପାରୁନି। ଟିକିଏ ମୁକ୍ତ ହୋଇଗଲେ ବିତରଣ କରୁଛି ଶୁଭ୍ର ଜ୍ୟୋସ୍ନା। ଗଛପତ୍ର ତାକୁ ବାଧା ଦେଉନି। ସବୁଆଡ଼େ ତାର ଅବାଧ ପ୍ରବେଶ। କିଏ ତାକୁ ଆଦର କରୁ ବା ନକରୁ ତାର ଭୃକ୍ଷେପ ନାହିଁ। ନିଜ ଗୁଣକୁ ବିତରଣ କରିବା ତା'ର ଧର୍ମ। ତନୁଶ୍ରୀଙ୍କର ଆଖି ଯେମିତି ଲାଖି ଯାଇଛି ଚାନ୍ଦ ପାଖରେ। ତା' ସହିତ କେତେ ଗପ ଜମେଇଛନ୍ତି ସେ ତାହା ନିଜେ ବି ଜାଣି ପାରୁନାହାନ୍ତି। ନିଜ ଗୁଣକୁ ତୁଳନା କରି ଚାଲିଛନ୍ତି ଚାନ୍ଦ ସହିତ। ଅନେକ ଗୁଣରେ ଭରପୂର ତନୁଶ୍ରୀ। ବେଳେବେଳେ ସେ ଗୁଣର ବିକାଶ କରିପାରୁ ନାହାନ୍ତି ମାନସିକ ଅଶାନ୍ତି ଓ ଅସ୍ଥିରତା ଭିତରେ।

କଡ଼ ଲେଉଟାଇଲେ ସ୍ୱାମୀ ଶ୍ରୀମନ୍ତ। ବିଛଣାକୁ ଘୋଡ଼େଇ ଦେଇଛି ଜହ୍ନ ଆଲୁଅ। ତନୁଶ୍ରୀକୁ ସେ ପୂର୍ଣ୍ଣମାତ୍ରାରେ ଦେଖି ପାରୁଛନ୍ତି। ଏତେ ରାତି ପର୍ଯ୍ୟନ୍ତ ସ୍ତ୍ରୀ କାହିଁକି ଶୋଇନି ବୋଲି ପଚାରିବା ଦୂରର କଥା, ପୁଣି କର ଲେଉଟାଇ ତାଙ୍କ ଆଦରର ତନୁକୁ ପଛ କରି ଶୋଉଛନ୍ତି। ଜୀବନରେ ଏମିତି ପରିବର୍ତ୍ତନ ହୁଏ ବେଳେ ବେଳେ ମଣିଷର। ତନୁକୁ ଭଲ ପାଇ ବାହାହୋଇଥିଲେ ଶ୍ରୀମନ୍ତ। ଟିକିଏ ଟିକିଏ ରାଗରୋଷରେ ଶ୍ରୀମନ୍ତ ବ୍ୟସ୍ତ ହୋଇ ପଡୁଥିଲେ। କେତେ ଆଦର କରି

ତନୁର ଅଭିମାନ ଭାଙ୍ଗୁଥିଲେ ସେ । ତନୁଙ୍କ ଆଖିରେ ଗୋଟିଏ ବିନ୍ଦୁ ଅଶ୍ରୁ ଦେଖିଲେ ଶ୍ରୀମନ୍ତଙ୍କ ଆଖିରେ ସୃଷ୍ଟି ହେଉଥିଲା ବନ୍ୟା । ତନୁ ଥିଲେ ଶିକ୍ଷିତା, ବୁଦ୍ଧିମତୀ । ପ୍ରତ୍ୟେକ କଥାରେ ସେ ଥିଲେ ସ୍ୱାମୀଙ୍କର ପରାମର୍ଶଦାତ୍ରୀ । ସ୍କୁଲର ଶିକ୍ଷୟତ୍ରୀଟିଏ ହେଲେ ମଧ୍ୟ ଘରର ସମସ୍ତ ଦାୟିତ୍ୱ ତୁଲାଇବାରେ ସେ ଥିଲେ ସିଦ୍ଧହସ୍ତା । ହିସାବ ନିକାଶ କରି ଘର ଚଳାଇବାରେ ସେ ଥିଲେ ନିପୁଣା । ଶ୍ରୀମନ୍ତଙ୍କ ଉପରେ ନଥିଲା ଘରର ଦାୟିତ୍ୱ କି ବନ୍ଧୁ ବାନ୍ଧବଙ୍କ ଦାୟିତ୍ୱ । ଖୁବ୍ ସୁନ୍ଦର ଭାବରେ ସଂସାର ତାଙ୍କର ଆଗେଇ ଯାଉଥିଲା ।

ବିବାହର ଅଳ୍ପଦିନ ପରେ ତନୁ ହୋଇଥିଲେ ଗର୍ଭବତୀ । ଅନେକ ସ୍ନେହ, ଆଦର ଓ ଯତ୍ନ ପାଇଥିଲେ ଶ୍ରୀମନ୍ତଙ୍କଠାରୁ । ବେଳେବେଳେ ମାନସିକ ଅଶାନ୍ତିର ଶିକାର ହେଉଥିଲେ ବି ସେସବୁକୁ ଚାପି ଦେଉଥିଲେ ତନୁ । ଟିକିଏ ଟିକିଏ ଆଦର ଯତ୍ନ ତାଙ୍କ ପାଇଁ ହେଉଥିଲା ଯଥେଷ୍ଟ । ବିବାହ ପରେ କିଛିଦିନ ଜୀବନକୁ ଉପଭୋଗ କରିବା ପାଇଁ ତାଙ୍କ ମନ ଚାହୁଁଥିଲା । ଏସବୁକୁ ମନଖୋଲି କହିବା ପାଇଁ ସେ ସୁଯୋଗ କିମ୍ବା ସମୟ ପାଇନଥିଲେ । ସବୁ ସେ ଈଶ୍ୱରଙ୍କର ଇଚ୍ଛା ଥିଲା ବୋଲି ସେ ଆଜି ଭାବୁଛନ୍ତି ।

ଶ୍ରୀମନ୍ତ ଥିଲେ କଲେକ୍ଟର । ଅଫିସ୍‌ର ଫାଇଲ ଭିତରେ ଥାଇ ମଧ୍ୟ ସେ ପ୍ରତିମୁହୂର୍ତ୍ତରେ ଦେଖି ପାରୁଥିଲେ ତନୁଙ୍କର ମୁଖଶ୍ରୀକୁ । ସେଥିରୁ ସେ ପାଉଥିଲେ କାମ କରିବା ପାଇଁ ପ୍ରେରଣା ଓ ଆନନ୍ଦ । ବିବାହର ବର୍ଷଟିଏ ମଧ୍ୟରେ ତନୁଶ୍ରୀ ହୋଇଥିଲେ ପୁତ୍ର ସନ୍ତାନର ମା । ଘରେ ଖେଳି ଯାଇଥିଲା ଆନନ୍ଦ । ମା ହେବାର ଆନନ୍ଦ ଅନୁଭବ କରିଥିଲେ ତନୁ । ହେଲେ ମନ ଭିତରେ ଏକ ପ୍ରଶ୍ନ ସବୁବେଳେ ତାଙ୍କୁ ଅବଶ କରି ଦେଉଥିଲା । ଦୁଇବର୍ଷ ପରେ କନ୍ୟାଟିଏ ଆସିଥିଲା ତାଙ୍କ ସଂସାରକୁ । ପୁଅ ଝିଅଙ୍କର ଯତ୍ନ ନେବା ଭିତରେ ସେ ଯେ ସଂପୂର୍ଣ୍ଣ ଭାବରେ ସେ ପ୍ରଶ୍ନଟାକୁ ଭୁଲି ଯାଉଥିଲେ ତାହା ନୁହେଁ । କେମିତି କେଜାଣି ଏକ ଅସ୍ପଷ୍ଟ ପ୍ରଶ୍ନ ଭିତରେ ଗୁଡ଼େଇ ଯାଉଥିଲେ ସେ । ଅନେକ ଥର ଭାବିଛନ୍ତି ନିଜ ମନ ଭିତରେ

ଥିବା ଅଡୁଆ ସୂତାର ଖିଅକୁ ବାହାର କରିବା ପାଇଁ, କିନ୍ତୁ ସାହସ କରି ପାରି ନାହାନ୍ତି । ସଂସାରଟା ତାଙ୍କର ଭାଙ୍ଗିଯିବ, କୋମଳମତି ପିଲା ଦୁଇଟିଙ୍କ ମନରେ ଅଲୁଣ୍ଡି ଲାଗିଯିବ, ଏ ସବୁରେ ଥିଲା ତାଙ୍କର ଡର । ଘରର ସୁଖ, ଶାନ୍ତି ଥିଲା ତାଙ୍କର ଏକମାତ୍ର ଅଭୀପ୍ସା । ଏସବୁକୁ ନଷ୍ଟ କରିବାକୁ ତ ଗୋଟିଏ ମୁହୂର୍ତ୍ତ ଲାଗିବନି । କ'ଣ ପାଇବେ ତନୁ ? ବୁଦ୍ଧିମତୀ ସେ । ବୁଝି ବିଚାରି ସେ ଆଗକୁ ପାଦ ପକାନ୍ତି । ସେଥିପାଇଁ ସବୁ ରାସ୍ତା ତାଙ୍କ ପାଇଁ ହୋଇଯାଏ ପୁଷ୍ପିତ । କିନ୍ତୁ ପ୍ରତିମୁହୂର୍ତ୍ତରେ ସେ ଅନୁଭବ କରୁଥିଲେ ସ୍ୱାମୀଙ୍କର ଅନ୍ୟମନସ୍କତା ।

ଆଜି ଏଇ ଜ୍ୟୋତ୍ସ୍ନାଭିଜା ରାତ୍ରି ଅନେକ କଥା ଆଣି ଦେଇଛି ତାଙ୍କ ମନରେ । ଚାନ୍ଦ ସିନା ବାଦଲ ଆଢୁଆଳରେ କ୍ଷଣକ ପାଇଁ ହେଲେ ବି ଛଟପଟ ହୋଇ ଯାଉଛି, ତନୁଶ୍ରୀ ତ ଦୀର୍ଘ ଦିନ ଧରି ଛଟପଟ ହେଉଛନ୍ତି । ସବୁ ପାଇଛନ୍ତି ସେ । ପୁତ୍ର, କନ୍ୟା, ସାମାଜିକ ଖ୍ୟାତି, ଚାକିରିର ପରମ ତୃପ୍ତି, ଗାଡ଼ି ବଙ୍ଗଳା କେଉଁଥିରେ ଊଣା ନାହିଁ । କିଛି କିଛି ମିଳେ ଏସବୁରୁ । କିନ୍ତୁ ମନ ଚାହେଁ ଆଉ କିଛି । ବୁନ୍ଦାଏ ସେଥିରୁ ମିଳିଲେ ଜୀବନଟା ପରିପୂର୍ଣ୍ଣ ହୋଇଯାଏ । ଆଜି ତନୁଶ୍ରୀ ସେଥିରୁ ବ୍ୟଞ୍ଚିତା ।

କିଛି ଦିନ ସେ ଚାପି ଦେଉଥିଲେ ତାଙ୍କ ମାନ ଅଭିମାନକୁ । ପିଲାମାନଙ୍କୁ ମଣିଷ କରିବାରେ ସେ ନିଜକୁ ହଜାଇ ଦେଇଥିଲେ । ମନରେ କେବେ କେଉଁଠି ଟିକିଏ କିଛି ଉଙ୍କି ମାରିଲେ ତାକୁ ସେ ପୋଛି ଦେଉଥିଲେ ବ୍ଲାକ୍ ବୋର୍ଡ଼ରେ ଲେଖିଥିବା ପାଠକୁ ପଢ଼ି ସାରିଲାପରେ ଡଷ୍ଟରରେ ଲିଭାଇଲା ଭଳି । ତନୁଶ୍ରୀଙ୍କର ଭରସା ଥିଲା ଦିନେ ସେ ସବୁ ପ୍ରଶ୍ନର ଉତ୍ତର ପାଇଯିବେ । ସେଦିନ ତାଙ୍କ ମନ ହୋଇଯିବ ନିର୍ମଳ । ନୂଆ ନୂଆ କଥା ଲେଖିଯିବେ ଫର୍ଦ୍ଦ ଫର୍ଦ୍ଦ କାଗଜ ଉପରେ । ପୁଅ ଝିଅ ବଢ଼ିଗଲେଣି । ପାଠ ପଢ଼ା ସାରି ସେମାନେ ଆଜି ଉଚ୍ଚ ଶିକ୍ଷିତ । ପ୍ରତ୍ୟେକ ଜିନିଷକୁ ଜାଣିବା ଓ ପ୍ରତ୍ୟେକ ମଣିଷକୁ ଚିହ୍ନିବାରେ ସେମାନେ ଧୁରନ୍ଧର । ସେମାନଙ୍କ ପରିଧିକୁ ବେଳେବେଳେ ପଶି ଆସୁଛନ୍ତି ତନୁଶ୍ରୀ । ସେମାନେ ବି ନୀରବ । ଅନେକଥର ଖୋଜୁଛନ୍ତି ରାସ୍ତା । କେମିତି ଖୋଲିବେ ସେ ମା'ର ଅଡୁଆ ସୂତାକୁ । ମନକଥା କହିପାରୁ ନାହାନ୍ତି ବୋଲି ତନୁଶ୍ରୀ ଅନୁଭବ କରୁଥିଲେ । ପ୍ରତ୍ୟେକ

ପ୍ରତ୍ୟେକ ବାଟରେ ଚାଲୁଥିଲେ ମଧ୍ୟ ବେଳେବେଳେ ଟିକିଏ ହଲ୍‌ଚଲ୍ ହୋଇଯାଇ ପୁଣି ନିଜ ବାଟରେ ପାଦ ପକାଉଥିଲେ । ଗୋଟିଏ ପାଖରେ ସେମାନଙ୍କର ଥିଲେ ମା । ମାର ଦୁଃଖ କେବେ ସନ୍ତାନ ସହି ପାରେନି । ସନ୍ତାନର ପ୍ରତି ଲୋମ ମୂଳରେ ଲେଖାଥାଏ ମା ଶବ୍ଦ । ମା'ର ଆବରଣ ଭିତରେ ସେ ହୋଇଛି କ୍ରମବର୍ଦ୍ଧିଷ୍ଣୁ । ଅନ୍ୟ ପଟରେ ବାପା । ସମାଜରେ ପ୍ରତିପତ୍ତି ଅଛି ବାପାଙ୍କର । ବାପାଙ୍କୁ ଅସମ୍ମାନ ନକରିବାକୁ ମା'ଙ୍କର ସବୁବେଳେ ଥାଏ ଉପଦେଶ । ତେଣୁ ବାପାଙ୍କୁ କିଛି କହି ଆଘାତ ଦେଇ ପାରନ୍ତିନି ପୁଅ ଝିଅମାନେ ।

ଆଜି ଦିନର ଘଟଣାକୁ ମନେ ପକାଇ ତନୁଶ୍ରୀ ଶୋଇ ପାରୁ ନାହାନ୍ତି । ମନରେ ବର୍ଷ ବର୍ଷ ଧରି ଗୁମୁରୁ ଥିବା ପ୍ରଶ୍ନର ଉତ୍ତର ଆଜି ସେ ପାଇ ଯାଇଛନ୍ତି । ସ୍ୱାମୀଙ୍କୁ କ୍ଷମା ଦେଇ ପାରିବେ କି ନାଁ ବାରମ୍ବାର ତାଙ୍କ ମନରେ ପ୍ରଶ୍ନ ଉଠୁଛି । ଅନେକ ସ୍ନେହ ଆଦର ପାଇଥିବା ଦିନ ଭିତରେ ଏ ଦୁର୍ଘଟଣାକୁ ଲୁଚାଇ ଦେବାକୁ ସେ ବାରମ୍ବାର ଭାବୁଛନ୍ତି । ବେଳେବେଳେ ଭାରସାମ୍ୟ ସେ ହରାଇ ବସୁଛନ୍ତି । ଯଦି ସେ ପାଟି ଖୋଲିବେ ପୁଅ ଝିଅକୁ ନେଇ ତାଙ୍କ ସୁଖ ସଂସାରଟା ଉଜୁଡ଼ିଯିବ । ଲମ୍ବା ଭବିଷ୍ୟତ ତାଙ୍କର ଆଖି ଆଗରେ । କଅଁଳିଆ  ମନରେ କ୍ଷତ ସୃଷ୍ଟି କରିବାକୁ ସେ ଚାହୁଁ ନାହାନ୍ତି । କିନ୍ତୁ ନିଜ ମନକୁ ସମ୍ଭାଳିବା ପାଇଁ ଶକ୍ତି ସେ ହରେଇଛନ୍ତି । ଆଲୁଅର ପଛ ପଟେ ଏମିତି ଏକ ଅନ୍ଧାର ଲୁଚିଥାଏ ବୋଲି ସେ ଜାଣିଲାପରେ ମନଟା ଛଟପଟ ହୋଇଯାଉଛି ।

ସୁଲି ଆଜି ଆସିଥିଲା ତନୁଶ୍ରୀଙ୍କ ଘରକୁ । ଡରିଡରି ଗେଟ୍ ଭିତରେ ପଶିଥିଲା । ଏତେବଡ଼ ବଙ୍ଗଳା, ଆଲ୍‌ସିସିଆନ୍ କୁକୁର, କଲେକ୍ଟରଙ୍କ ବଙ୍ଗଳା ସାମନାରେ ଭଳି ଭଳି ଫୁଲର ବଗିଚା । ତା'ର ଏହି ଜରାଜୀର୍ଣ୍ଣ ଶରୀରକୁ ନେଇ ଗେଟ୍ ଭିତରେ ପଶିବାକୁ ଅନେକ ଥର ଚିନ୍ତା କରିଥିଲା ସେ । ସାହସ ବାନ୍ଧି ବାରଣ୍ଡା ଉପରକୁ ଉଠି ଯାଇଥିଲା ସୁଲି । ତନୁଶ୍ରୀ ଚିହ୍ନିଥିଲେ ସୁଲିକୁ । ସୁଲି ଆଜି ପରିଣତ ବୟସ ନେଇ ଠିଆ ହୋଇଛି ତାଙ୍କ ସାମନାରେ । ତନୁଶ୍ରୀଙ୍କ ବିବାହ ପରେ ପରେ ସୁଲି ତାଙ୍କ ଘରେ ବାସନ ମଜା, ଘର ପୋଛା କାମ କରୁଥିଲା । ସେମିତି କିଛି

ଖାସ୍ ଚେହେରାର ଝିଅ ନଥିଲା ସେ। ବୟସ ଥିଲା ୧୩-୧୪। ତନୁଶ୍ରୀ ତାକୁ ନିଜର ଲୋକ ଭଳି ଭାବୁଥିଲେ। କେତେ ଝିଅ ଝାଉଁଳି ପଡୁଛନ୍ତି କୈଶୋରରୁ ଖାଦ୍ୟ ଅଭାବରୁ। ସେଥିପାଇଁ ତାଙ୍କ ମନରେ ସୁଲି ପ୍ରତି ଥିଲା ସ୍ନେହ ଓ ଦରଦ। ସୁଲିର ମା ନଥିଲା। ବାପା ତାର ମଦ ନିଶାରେ ବୁଡ଼ିଥାଏ। ତେଣୁ ସୁଲି ନିଃସହାୟା ହୋଇ ଯା ତା ଘରେ ବାସନ ମାଜି ଯାହା ଟିକିଏ କିଏ ବଳିଥିବା ଜିନିଷ ଖାଇବାକୁ ଦିଏ ତାକୁ ବାନ୍ଧି ଘରକୁ ଯାଏ। ସେତକ ଖାଇଦେଲେ ପେଟ ତାର ପୂରିଯାଏ। କାହିଁକି ବା ବେଶୀ କିଛି ଆଶା କରିବ। ଯାହା କିଛି ଅର୍ଥ ବାବୁମାନଙ୍କ ଘରୁ ପାଏ ତା' ବାପା ତାକୁ ହସ୍ତଗତ କରେ। କିଛି ଦିନ ତନୁଶ୍ରୀ ଘରେ କାମ କଲାପରେ ସେ ଆଉ ଆସି ନଥିଲା। ଏ ତ ସବୁ କାମବାଲୀଙ୍କର ପ୍ରକୃତି। ତେଣୁ ତନୁଶ୍ରୀ ତାର ନଆସିବାର କାରଣ ଖୋଜି ନଥିଲେ। କିନ୍ତୁ ମନ ମଧ୍ୟରେ ଟିକିଏ ଖଟ୍‌କା ଲାଗିଥିଲା। ଅନେକ ବର୍ଷପରେ ସେ ସୁଲିକୁ ଦେଖିଲେ ତାଙ୍କ ବାରଣ୍ଡାରେ। ପୁରୁଣା ମୁହଁକୁ ମଣିଷ ଭୁଲିପାରେନି। ତନୁଶ୍ରୀ ଚିହ୍ନି ପକାଇଲେ ସୁଲିକୁ। ତା'ର ପରିପକ୍ୱ ଚେହେରା ଦେଖି ଟିକିଏ ସମୟ ଚାହିଁ ରହିଲେ ତାକୁ। ସୁଲି ମୁହଁରୁ କିଛି କଥା ବାହାରିବା ବାହାରିବା ହୋଇ ରହିଯାଉଥାଏ। ତନୁଶ୍ରୀ ସୁଲିକୁ ଦେଖିବା ପରେ ଘର କାମ ଛାଡ଼ି ଅନେକ ଦିନରୁ ଚାଲି ଯାଇଥିବା ସୁଲି କାହିଁକି ଆଜି ଆସିଛି ବୋଲି ପଚାରିବାକୁ ଚାହୁଁ ଥାଆନ୍ତି। ହେଲେ କାହିଁକି କେଜାଣି ତା ଉପରୁ ଆଖିଟା ଫେରାଇ ପାରୁନଥାନ୍ତି। କିଛି ସମୟ ନିରବତା ମଧ୍ୟରେ କଟିଗଲା। ଟିକିଏ ପ୍ରକୃତିସ୍ଥ ହୋଇ ତନୁଶ୍ରୀ ପଚାରିଥିଲେ ଅନେକ ପ୍ରଶ୍ନ। ଏତେ ଦିନ କେଉଁଠି ଥିଲୁ, ତୋ ସ୍ୱାମୀ କ'ଣ କରନ୍ତି, ତୋ ପୁଅ ଝିଅ କେତୋଟି ଇତ୍ୟାଦି ଇତ୍ୟାଦି। ଏସବୁ ପ୍ରଶ୍ନର ଉତ୍ତର ବା ସୁଲି କ'ଣ ଦେବ। ତା' ଆଖିରୁ ଝରଝର ଲୁହ ବୋହିଗଲା। ସବୁ କଥାକୁ ଯେମିତି ଏକାଥରେ କହି ପକାଇବ ସେମିତି ଅନୁଭବ କଲା। ଥରିଲା ଥରିଲା ସ୍ୱରରେ କହିଥିଲା, "ମା, ମୋତେ କ୍ଷମା କରିବେ।" ତନୁଶ୍ରୀ ଆଶ୍ଚର୍ଯ୍ୟ ହେଲେ ତା' କଥା ଶୁଣି। କି ଭୁଲ୍ କରିଛି ଏଇ ସୁଲି। ଅନେକ ଦିନରୁ କାମ ଛାଡ଼ିଛି ସେ ତାଙ୍କ ଘରୁ। ଆଜି ପୁଣି କ୍ଷମା ମାଗୁଛି। ସୁଲି ପୁଣି କହି ଚାଲିଲା। ମା ଅନେକ ବର୍ଷ

ହେଲା ମୁଁ ମୋର ଭୁଲ ପାଇଁ ତୁମକୁ କ୍ଷମା ମାଗିବାକୁ ଚାହିଁଛି । ହେଲେ ମୋ ବିବେକ ମୋତେ ବାଧା ଦେଇଛି । ପୁଅ ଝିଅକୁ ନେଇ ତୁମ ସଂସାର ସୁଖ ଶାନ୍ତିରେ ଚାଲିଛି ବୋଲି ଶୁଣିଛି । କାହିଁକି ମୋ ଭୁଲକୁ ତୁମ ପାଖରେ ପ୍ରକାଶ କରି ଆଉ ଗୋଟିଏ ଭୁଲ କରିଥାଆନ୍ତି । ତୁମ ମନରେ ଯେଉଁ ବିଷ ଢାଳି ଦେଇଥାଆନ୍ତି ତୁମେ ଯେତେ ଚେଷ୍ଟାକଲେ ବି ସେ ବିଷକୁ ଧୋଇ ଦେଇ ସଫା କରି ପାରିନଥାନ୍ତ । ଆଜି ମୁଁ ନିରୁପାୟ । ତୁମ ପାଖକୁ ଧାଇଁ ଆସିଛି ମା । ମୋ ଭୁଲ୍‌କୁ ସ୍ୱୀକାର କରି ତୁମଠାରୁ କ୍ଷମା ମାଗିନେଲେ ଈଶ୍ୱର ମଧ୍ୟ ମୋତେ କ୍ଷମା ଦେଇଦେବେ । ଏତେ ସବୁ ଶୁଣି ତନୁଶ୍ରୀ ସୁଲିକୁ ଅଭୟବାଣୀ ଶୁଣାଇଥିଲେ ଓ ତା'ର ସବୁ କଥା ଶୁଣିବାକୁ ମନଟାକୁ ଦମ୍ଭ କରି ନେଇଥିଲେ ।

ମା, ତୁମ ଘରେ କାମ କରୁଥିବା ସମୟରେ ବାବୁଙ୍କର ଆଖି ପଡ଼ିଲା ମୋ ଉପରେ । ମୁଁ ସେତେବେଳେ ଅଳ୍ପ ବୟସର ଝିଅଥିଲି । ଭଲ ମନ୍ଦ ବୁଝିବାର ଶକ୍ତି ନଥିଲା କହିଲେ ଚଳେ । ଏବେ ମୁଁ ବୁଝୁଛି ବାବୁ ଥିଲେ ଖୁବ୍ ଚାଲାଖ । ତୁମ ସହିତ ଖୁବ୍ ଭଲ ସମ୍ପର୍କ ରଖି ମୋତେ ଉପଭୋଗ କରିବାକୁ ଚାହିଁଲେ । ମୁଁ ବି ବାବୁଙ୍କ ଆଡ଼କୁ ଟିକିଏ ଢଳିବାକୁ ଆରମ୍ଭ କଲି । ପ୍ରଥମେ ପ୍ରଥମେ ବାବୁଙ୍କର ପ୍ରତ୍ୟେକ କଥାରେ ମୁଁ ରାଜି ହେଉନଥିଲି । ଦୁନିଆର କଥା ଦେଖିବା ଜାଣିବା ପାଇଁ ଆଖି ମୋର ଖୋଲି ନଥିଲା । ଅନେକ ପ୍ରଲୋଭନ ଦେଖାଇ ବାବୁ ମୋତେ ନିଜର କରି ନେଲେ । ଗରିବ ଆମେ । ମା ମୋର ନଥିଲା । ବାପ ଥିଲା ମଦୁଆ । ବାବୁଙ୍କର ସବୁ କଥା ମୋତେ ଆସ୍ତେ ଆସ୍ତେ ଭଲ ଲାଗିଲା । ତୁମର ଅନୁପସ୍ଥିତି ବାବୁଙ୍କୁ ସୁହାଇଲା । ତୁମେ ଚାକିରିକୁ ଗଲାପରେ ବାବୁ ଅନେକ ପ୍ରକାର କୁକର୍ମ କଲେ । ମୁଁ ଯୋର କରି କିଛି କହି ପାରୁନଥିଲି । ମୁଁ ଟିକିଏ ବଡ଼ ହେବାକୁ ଲାଗିଲି । ତୁମ ଅନ୍ତରାଳରେ ବାବୁଙ୍କର ଖୁବ୍ ନିକଟ ହୋଇଗଲି । ବାବୁଙ୍କ ପୁରୁଷ ପଣିଆ ପାଖରେ ମୋ ଲାଜର ଗଣ୍ଠି ଖୋଲିଗଲା । କିଛିଦିନପରେ ଅନ୍ତଃସତ୍ତ୍ୱା ହୋଇଗଲି । ତା'ପରେ ଡରରେ ତୁମ ଘର ଛାଡ଼ି ଚାଲିଗଲି ମା । ମୋର ଏଭଳି

ଅବସ୍ଥା ଦେଖି ମଦୁଆ ବାପା ମୋର ନିସ୍ତୁକ ମାଡ଼ ଦେଲା । ମୋର ବୁଦ୍ଧି ହଜିଗଲା । ଅଳ୍ପଦିନ ଭିତରେ ମୋ ଚିନ୍ତାରେ ମଦ ପିଇପିଇ ବାପା ମୋର ସ୍ୱର୍ଗବାସୀ ହେଲା । ସାଇ ପଡ଼ିଶାରେ ମୁହଁ ଦେଖାଇ ପାରିବିନି ଭାବି ଗାଁ ଛାଡ଼ି ଚାଲିଗଲି । ଦୂର ଗାଁରେ ବିଧବା ସାଜି କାମଧନ୍ଦା କଲି । ଝିଅଟିଏ ଜନ୍ମ କଲି । ଖୁଆଇ ପିଆଇ ଝିଅକୁ ବଞ୍ଚାଇବା ମୋ ପକ୍ଷେ କଷ୍ଟକର ହେଲା । କେତୋଟି ଟଙ୍କାରେ ଝିଅଟିକୁ ବିକି ଦେଲି ମା । ପରଘରେ କାମକରି ଚଳିଗଲି । ବାହା ହୋଇ ସଂସାର କରିବାକୁ ମନ ବଳେଇଲିନି । ପୁରୁଷ ଜାତି ପ୍ରତି ମୋର ଘୃଣାଭାବ ଜନ୍ମିଲା । ନିଜର ସର୍ବ ଗୁଣ ସମ୍ପର୍ଣ୍ଣ ସ୍ତ୍ରୀ ଥାଉଁ ଥାଉଁ ବାବୁ ଯଦି ଏମିତି କରି ପାରିଲେ ଯାହାକୁ ବାହା ହେବି ସେ'ବା କାହିଁକି ସେମିତି କରି ମୋତେ ଦୁଃଖ ନଦେବ ? ପେଟକୁ ସିନା ଗଣ୍ଡେ ଖାଇବାକୁ ପାଇ ଯାଉଛି, ମନକୁ ବୁଝାଇବା ପାଇଁ କିଛି ଖୋରାକ ପାଇଲିନି । ତୁମ ଘର ଛାଡ଼ିବା ଦିନରୁ ମୋ ମନ ଭିତରେ କୁହୁଳୁ ଥିବା କଥାକୁ ମୁଁ କାହା ପାଖରେ କହିପାରୁନି । କିନ୍ତୁ ମୁଁ ଅନେକ କଷ୍ଟ ପାଉଛି ମା । ପ୍ରତି ମୁହୂର୍ତ୍ତରେ ଅତୀତର କୁକର୍ମ ପାଇଁ ମୁଁ ଅନୁତାପ କରୁଛି । ଅନେକ ସାହସ ବାନ୍ଧି ଆସିଛି ମା । ତୁମେ ମୋତେ କ୍ଷମା କରି ଦିଅ । ଏତେସବୁ କଥା ତନୁଶ୍ରୀ ଶୁଣିଗଲେ ସୁଲିଠାରୁ । ତାଙ୍କ ଦେହରେ ଜୀବନ ଅଛି କି ନାଁ ସେ ଜାଣି ପାରିଲେନି । ଦୀର୍ଘ ଦିନ ଧରି ଯେଉଁ ପ୍ରଶ୍ନ ତାଙ୍କୁ ଅସ୍ତବ୍ୟସ୍ତ କରି ତାଙ୍କ ସରଳ ସୁନ୍ଦର ଜୀବନକୁ କେମିତି ଏକ ଧୂଳି ଧୂସରିଆ ଜୀବନରେ ପରିଣତ କରି ଦେଉଥିଲା ତା'ର କାରଣ ଆଜି ମିଳିଗଲା । ପୁରୁଷ କି ସ୍ତ୍ରୀ ହେଉ ଏହି ଜଘନ୍ୟ ପ୍ରକୃତି ଥିବା ବ୍ୟକ୍ତିମାନଙ୍କ ଉପରେ ତାଙ୍କର ରାଗ ଯେମିତି ପାହାଡ଼ଭଳି ମନ ଭିତରେ ଅଜାଡ଼ି ପଡ଼ିଲା । ସୁଲି କ୍ଷମା ମାଗିଲା । ତା'ର ବା କି ଭୁଲ୍ ଥିଲା । ଦୁନିଆକୁ ଠିକ୍ ଭାବରେ ଜାଣି ନଥିବା ସମୟରେ ତା' ଉପରେ ଯେଉଁ ବାଦଲ ଢାଙ୍କି ଦେଲା ତାକୁ କେମିତିବା ସେ ଅପସାରଣ କରି ପାରିଥାନ୍ତା । ତନୁଶ୍ରୀ ମନେ ମନେ ଅନେକ ଥର ଭାବିଲେ, ମଣିଷ ଯଦି କିଛି ଦୋଷକରି ତାକୁ ସ୍ୱୀକାର କରେ ତା' ଦୋଷ ଧରି ରଖି ଲାଭ ବା କ'ଣ ? ସୁଲି ଗରିବ ହୋଇପାରେ । କିନ୍ତୁ ମନ ତା'ର ଗରିବ ନୁହଁ । ନିଜ ଭୁଲର ପ୍ରାୟଶ୍ଚିତ୍ତ କରିବାକୁ ସେ ଆଜି

ଚାହୁଁଛି । ତାକୁ କ୍ଷମା ଦେବାଛଡ଼ା ତନୁଶ୍ରୀଙ୍କର ଅନ୍ୟବାଟ ନଥିଲା, କାରଣ, ସମାଜରେ ଏମିତି ଘଟଣାତ ଅନେକ ସ୍ଥାନରେ ଘଟୁଥିବାର କାନରେ ପଡୁଛି । ନାବାଳିକାକୁ ଧର୍ଷଣ କରି କେତେଜଣ ନିଜର ଭୁଲକୁ ବୁଝିପାରୁଛନ୍ତି ? ନିଜ ପଶୁ ପ୍ରବୃତ୍ତିକୁ ଚରିତାର୍ଥ କଲାପରେ ଫିଙ୍ଗି ଦେଉଛନ୍ତି ଲୋକ ଲୋଚନର ଆଢୁଆଳରେ । ଅର୍ଦ୍ଧ ବିକଶିତ କଢ଼ଟି ଫୁଟିବା ପୂର୍ବରୁ ବୃନ୍ତରୁ ଝଡ଼ି ପଡୁଛି । ସୁଲି ତା' ଜୀବନର ସାରାଂଶକୁ ଏହି ମିଛ ଦଗାବାଜ ସମାଜରେ ମାଟିଗୋଡ଼ି ଭଳି ଫୋପାଡ଼ି ଦେଇଛି । ତା' ହାତରୁ ଖସି ଶୂନ୍ୟକୁ ଚାଲିଯାଇଛି ତା' ଜୀବନ । ତା' ଭିତରେ ଥିବା ନାରୀ ଶକ୍ତିକୁ ସେ ଜାଗ୍ରତ କରି ପାରିନି, କିନ୍ତୁ ତା' ମାତୃତ୍ୱକୁ ସାର୍ଥକ କରିଛି । ନିଜର ଭୁଲ ପାଇଁ ଦୁର୍ବଳ ହେଲାପରେ ସେ ଧାଇଁ ଆସିଛି ତନୁଶ୍ରୀଙ୍କ ପାଖକୁ । ସୁଲିର ଅନ୍ତର ଭିତରେ ଛାପି ଯାଇଥିବା ଅତୀତକୁ ବୁଝି ପାରିଛନ୍ତି ତନୁ । ନାରୀପ୍ରତି ମୁଖାପିନ୍ଧା ସମାଜର ଅମାନୁଷିକତାରେ ଲୋମ ତାଙ୍କର ଟାଙ୍କୁରି ଉଠିଥିଲା । କାଳେ କାଳେ ନାରୀକୁ ସମାଜ ଅଗ୍ନି ପରୀକ୍ଷାର ଶରବ୍ୟ କରିଥାଏ । ନାରୀ ପାଇଁ ଥାଏ ଶୃଙ୍ଖଳାର ତିନି ଗାର । ପୁରୁଷ ପାଇଁ ଏ ଲକ୍ଷଣ ଗାର ନଥାଏ । ପୁରୁଷର ପୌରଷ ହିଁ ତା'ର ଅକ୍ଷୟ କବଚ । ଏତେ ସବୁ ତନୁଶ୍ରୀ ବିଶ୍ଳେଷଣ କଲାପରେ ମୌନେ ସମ୍ମତି ଲକ୍ଷଣ ଜଣାଇ ଚାଲି ଆସିଥିଲେ ଘର ଭିତରକୁ ।

ଦିନର ଏହି ଘଟଣାକୁ ଦୋହରାଉଥିଲେ ତନୁଶ୍ରୀ । ଏହି ନିସ୍ତବ୍ଧ ରାତ୍ରିରେ ଶ୍ରୀମନ୍ତ ଏପଟ ସେପଟ କର ଲେଉଟାଉ ଥିଲେ । ସୁଲିକୁ କ୍ଷମା ଦେଇ ମହାନତାର ପରିଚୟ ଦେଇଛନ୍ତି ତନୁଶ୍ରୀ । କିନ୍ତୁ ଶ୍ରୀମନ୍ତଙ୍କୁ କ୍ଷମା ଦେଇ ନପାରି ଚତୁର୍ଦ୍ଦଶୀର ଚାନ୍ଦକୁ ଅନେକ ପ୍ରଶ୍ନ ପଚାରୁଥିଲେ ସେ ।

◆◆◆

# ଅତୀତର ପୃଷ୍ଠା

ଆଜି ସାବିତ୍ରୀ ଅମାବାସ୍ୟା । କେତେ ଦିନ ହେଲା ଶାଢ଼ି, ଶଙ୍ଖା ଓ ଫଳ ଦୋକାନରେ ଭିଡ଼ । ବଜାରରେ ଫଳର ଆକାଶ ଛୁଆଁ ଦାମ୍ । ଗାୟତ୍ରୀ ସକାଳରୁ ଉଠି ଘରକାମ ସାରି ଦେଇଛନ୍ତି । ତା'ପରେ ଗାଧୁଆ କାମ ସାରି ପୂଜାଡ଼ାଲା ସଜାଡ଼ି ଦେଇଛନ୍ତି । ଡାଲାରେ ରଖିଛନ୍ତି ନୂଆଶାଢ଼ି, ଶଙ୍ଖା, ସିନ୍ଦୂର, ସାବିତ୍ରୀ ବ୍ରତ ଓ ନାନା ଜାତିର ଫଳ । ଠାକୁର ଘର ସଫା ସୁତରା କରି ସୁନ୍ଦର ଝୋଟି ପକାଇଛନ୍ତି । ଶୀଘ୍ର ଗାଧୁଆ ପାଧୁଆ କାମ ସାରିବାକୁ ସ୍ୱାମୀ ଦେବକାନ୍ତ ବାବୁଙ୍କୁ କହି ଚାଲିଛନ୍ତି । ସ୍ତ୍ରୀଙ୍କର ତତ୍ପରତା ଦେଖି ଦେବକାନ୍ତ ବାବୁ ଥଟ୍ଟା ପରିହାସ କରୁଛନ୍ତି । ''ଆଜି ମୋ ପାଇଁ ପୂଜା କରିବ, ନୂଆ ଶାଢ଼ି, ନୂଆ ଶଙ୍ଖା ଓ ସିନ୍ଦୂର ପିନ୍ଧି ପ୍ରଣାମ କରିବ, କାଲି ପୁଣି ଟିକିଏ ଟିକିଏ କଥାରେ ମୋ ଉପରେ ଗରଗର ହେବ । ସବୁଦିନ ସାବିତ୍ରୀ ବ୍ରତ ହେଲାନି କାହିଁକି ? ସବୁଦିନ ତୁମଠାରୁ ପୂଜା ପାଇଥାନ୍ତି । ମୋ ଉପରେ ରାଗିବାର ମଉକା ତୁମକୁ ମିଳି ନଥାନ୍ତା ।'' ଦେବକାନ୍ତ ବାବୁଙ୍କର ଏହି କଥା ଗାୟତ୍ରୀଙ୍କୁ ଖୁବ୍ ଭଲ ଲାଗୁଥାଏ । କୃତ୍ରିମ ଅଭିମାନରେ ତାଙ୍କ ମୁହଁ ଖୁବ୍ ସୁନ୍ଦର ଦିଶୁଥାଏ । ସେ ତାଙ୍କ କାମରେ ଲାଗିଯାଇଥାନ୍ତି । ଆଜି ତ ସେ ଫଳ ଖାଇ ରହିଯିବେ । ରୁନୁ ଆସିଲେ ଦେବକାନ୍ତ ବାବୁଙ୍କ ପାଇଁ ଯାହା ଟିକିଏ ରାନ୍ଧି ଦେବ । ରୁନୁକୁ ରନ୍ଧାର ମେନୁଟା କହିଦେଇ ସେ ପୂଜାରେ ବସିଯିବେ । ପୂଜା କଲାବେଳେ ସେ ନିଷ୍ଠା ସହିତ ପୂଜା କରନ୍ତି । ଚବିଶ ଘଣ୍ଟା ମଧ୍ୟରୁ କେତୋଟି ମୁହୂର୍ତ୍ତ ଠାକୁରଙ୍କ ପାଇଁ ଦିଆ ଯାଉଛି । ତେଣୁ ପୂଜାରେ ଏପଟ ସେପଟ ହେଲେ ଦିନସାରା ତାଙ୍କୁ ଭଲ ଲାଗେନି ।

ଝରକା ଖୋଲି ବାରମ୍ବାର ସେ ରୁନୁର ଆସିବା ବାଟକୁ ଚାହୁଁଛନ୍ତି । ଏତେ ଡେରି ସେ କରେନି । ସବୁଦିନ ଠିକ୍ ସମୟରେ ପ୍ରାୟ ଚାଲିଆସେ । ଗାୟତ୍ରୀ ତାକୁ କାମବାଲୀ ବୋଲି ଭାବନ୍ତିନି । ନିଜ ଝିଅଭଳି ତାକୁ ଭଲ ପାଆନ୍ତି । ରୁନୁ ତାଙ୍କୁ ମା ଓ ଦେବକାନ୍ତ ବାବୁଙ୍କୁ ବାପାବୋଲି ଡାକେ । ଗାୟତ୍ରୀଙ୍କର ଗୋଟିଏ ବୋଲି ଝିଅ ବୀଣା । ତା'ର ବାହାଘର ହୋଇ ଯାଇଛି । ତେଣୁ ସେ ରୁନୁକୁ ସ୍ନେହ, ଶ୍ରଦ୍ଧା କରି ଆନନ୍ଦ ଅନୁଭବ କରନ୍ତି । ରୁନୁ ତାଙ୍କ ଝିଅଭଳି ସବୁକାମ କରିଯାଏ । ସମୟକୁ  ସେ ଲକ୍ଷ୍ୟ କରେନି । ଦିନ ୨ଟା ୩ଟା ଯାଏ କାମ କରୁଥାଏ । ଘରଓଳା, ଘରପୋଛା, ବାସନ ମଜା ଠାରୁ ଆରମ୍ଭ କରି ରନ୍ଧାବଢ଼ା ପର୍ଯ୍ୟନ୍ତ ସବୁକାମ କରି ଚାଲିଯାଏ । ରୁନୁର କାମ ବାରି ହୋଇଯାଏ । କାରଣ ଖୁବ୍ ସଫା ସୁତରା ତା'ର କାମ ।

ଗାୟତ୍ରୀ ଫୁଲକୁ ଖୁବ୍ ଭଲ ପାଆନ୍ତି । ଫୁଲ ଗଛଟିଏ ଲଗାଇବା ପାଇଁ ତାଙ୍କ କ୍ୟାମ୍ପସ୍‌ରେ ମାଟି ଟିକିଏ ବି ନାହିଁ । ଛାତ ଉପରେ କିଛି କୁଣ୍ଡ ରଖି ଫୁଲ ଗଛ ଲଗେଇଛନ୍ତି । ପ୍ରାତଃ ଭ୍ରମଣରୁ ଫେରି ଛାତ ଉପରେ ଗଛମାନଙ୍କ ସହିତ କିଛି ସମୟ ବିତେଇବା ତାଙ୍କର ନିଶା । ଫୁଲ ଉପରେ ପଡ଼ିଥିବା ବିନ୍ଦୁବିନ୍ଦୁ କାକର ଯେମିତି ତାଙ୍କୁ ଚାହିଁ ରହିଥାନ୍ତି । କିଛି ସମୟ ଗଛ, ଫୁଲ ଓ ସେମାନଙ୍କ ଉପରେ ପଡ଼ିଥିବା ସକାଳୁଆ କଅଁଳିଆ ସୂର୍ଯ୍ୟ ରଶ୍ମି ସେ ଉପଭୋଗ ନକଲେ ତାଙ୍କୁ ଦିନସାରା ଭଲ ଲାଗେନି । ରୁନୁ ଗାୟତ୍ରୀଙ୍କର ଫୁଲ ନିଶା ବେଶ୍ ଭଲ କରି ବୁଝିଛି । ତେଣୁ ସେ ଗଛମାନଙ୍କର ଯତ୍ନ ନିଏ । କୁଣ୍ଡରୁ ଘାସ ଉପାଡ଼ିବାଠାରୁ ଆରମ୍ଭ କରି ପୋକମରା ଔଷଧ ପକାଇବା ଯାଏ ସବୁ କାମ ସେ କରେ ।

ଦଶ ବର୍ଷ ହେଲା ରୁନୁ ସବୁଦିନ ଗାୟତ୍ରୀଙ୍କ ଘରକୁ ଆସେ । ଖରା ବର୍ଷାକୁ ତା'ର ଖାତିର ନଥାଏ । ମା ହଇରାଣ ହେବେ ଭାବି ସେ ଗୋଟିଏ ଦିନ ମଧ୍ୟ ଘରେ ରହି ଯାଏନି । କେତେ ନିର୍ମଳ ତା'ର ମନ । କପଟତା ତାକୁ ଛୁଇଁନି ।

ଜାତିରେ ରୁନୁ ହରିଜନ । ଅନେକ ଲୋକ ତାକୁ ରୋଷେଇ ଘରେ ପୂରାନ୍ତିନି । ନୀଚ ଜାତିର ଲୋକମାନେ ଏ ଘରେ ପଶିବା ନିଷେଧ । କି ଅଦ୍ଭୁତ

ଆମର ନିୟମକାନୁନ୍। ଗାୟତ୍ରୀ ଏ ନିୟମ ମାନନ୍ତିନି। ତାଙ୍କ ଝିଅ ଓ ରୁନୁ ଭିତରେ ତଫାତ୍ କେଉଁଠି ? ସମାନ ସଂଖ୍ୟାରେ ହାତ, ଗୋଡ଼, କାନ, ଆଖି ଈଶ୍ୱର ଦେଇଛନ୍ତି ସେ ଦୁଇ ଜଣଙ୍କୁ। ଦୁଇ ଜଣଙ୍କ ଦେହରେ ନାଲି ରଂଗର ରକ୍ତ ପ୍ରବାହିତ। ରୁନୁ ଜନ୍ମ ହୋଇଛି ଜଣେ ହରିଜନ ମା ଗର୍ଭରୁ। ବୀଣା ଜନ୍ମ ହୋଇଛି ବ୍ରାହ୍ମଣ କୁଳରେ। ବ୍ରାହ୍ମଣ, ଶୂଦ୍ର, ବୈଶ୍ୟ ଇତ୍ୟାଦି ଜାତି ବିଭାଗ କରିଛି ମଣିଷ। ଈଶ୍ୱର ସୃଷ୍ଟି କରିଛନ୍ତି ଗୋଟିଏ ଜାତି, ତାହା ହେଉଛି ମଣିଷ ଜାତି। ସମସ୍ତଙ୍କୁ ସେ ବୁଦ୍ଧି, ବିବେକ, ମନ, ପ୍ରାଣ ଦେଇଛନ୍ତି। ବ୍ରାହ୍ମଣକୁ ବେଶୀ ବା ଶୂଦ୍ରକୁ କମ୍ ଏମିତି ତ ବାଣ୍ଟି ନାହାନ୍ତି। ଏସବୁ ଭାବି ବେଳେବେଳେ ଗାୟତ୍ରୀ ମଣିଷମାନଙ୍କ ଉପରେ କ୍ଷୁବ୍ଧ ହୋଇ ଯାଆନ୍ତି। ତେଣୁ ତାଙ୍କ ଘରେ ରୁନୁର ଅବାଧ ଚଳପ୍ରଚଳ। ରୁନୁ ମଧ୍ୟ ନିଜ ଘର ଭଳି ଧରି ନେଇଛି ଗାୟତ୍ରୀଙ୍କ ଘରକୁ। କିଛି ସମୟ ଝରକା ଦେଇ ଚାହିଁଲା ପରେ ଶୀଘ୍ର ଶୀଘ୍ର ପାଦ ପକାଇ ରୁନୁ ଦୂରରୁ ଆସୁଥିବାର ଗାୟତ୍ରୀ ଦେଖିଲେ। କାଳେ ସେ ଆସିବନି ବୋଲି ଭାବୁଥିବା ଆଶଙ୍କା ତାଙ୍କର ଦୂର ହୋଇଗଲା। ଦୁଆର ପାଖରେ ଥିବା କଲିଂବେଲ୍ ବାଜିବା ପୂର୍ବରୁ ସେ କବାଟ ଖୋଲି ଦେଲେ। ରୁନୁ ଉପରେ ତାଙ୍କ ଆଖି ପଡ଼ିଗଲା। ରୁନୁ ଆଜି ବେଶ୍ ସୁନ୍ଦର ଦିଶୁଛି। ତା' ଦେହରୁ ବାହାରୁଥିବା ମହମହ ହଳଦୀ ବାସ୍ନା ଗାୟତ୍ରୀଙ୍କ ନାକ ସ୍ପର୍ଶ କଲା। ନାଲି କୁମ୍ଭପକା ନୂଆ ଶାଢ଼ିଟିଏ ପିନ୍ଧିଛି। ହାତରେ ମୁଠାଏ ନୂଆ ନାଲି ଚୁଡ଼ି ଓ ସୁନ୍ଥା ଭରିଛି ନାଲି ଟହଟହ ସିନ୍ଦୂରରେ। ରୁନୁ ଦେହ ଉପରେ ତାଙ୍କ ଆଖି ଯେମିତି ଲାଖିଗଲା। ସେ ଚେଷ୍ଟାକରି ମଧ୍ୟ ପଲକ ପକାଇ ପାରିଲେନି କି ଆଖି ଫେରାଇ ଆଣି ପାରିଲେନି। ଈଶ୍ୱର କି ସୁନ୍ଦର କରି ଗଢ଼ିଛନ୍ତି ରୁନୁକୁ। କାହିଁ ? କେଉଁଠି ତା' ଦେହରେ ଲେଖି ନାହାନ୍ତି ସେ ହରିଜନ ବୋଲି। ସମାଜରେ ଏମିତି ଘୃଣ୍ୟ ପ୍ରଥା କାହିଁକି ରହିଛି ? ମଣିଷ ମଣିଷ ମଧ୍ୟରେ ଏ ପ୍ରଭେଦ କାହିଁକି ? ରୁନୁକୁ ଦେଖିବା ଭିତରେ ତାଙ୍କ ମନରେ ଅନେକ ପ୍ରଶ୍ନ।

ପୂଜାବେଳ ଡେରି ହୋଇଯିବ ଭାବି ଭାବନାର ସ୍ରୋତ ମୁହଁରେ ବନ୍ଧଟିଏ ବାନ୍ଧି ଘର ଭିତରକୁ ଚାଲି ଆସିଲେ ଗାୟତ୍ରୀ। ଦେବକାନ୍ତ ବାବୁଙ୍କ ପାଇଁ କ'ଣ

ରନ୍ଧା ହେବ କହି ପୂଜା ଘରେ ପଶିଗଲେ । ଆମ ସଂସ୍କୃତିରେ ପୂଜାପାଠ ଇତ୍ୟାଦିର ପରମ୍ପରା ପୋଖରୀ ତୁଠ ପଥର ପରି ଅତୁଟ । ତେଣୁ ଗାୟତ୍ରୀ ପାରମ୍ପରିକ ରୀତିରେ ସାବିତ୍ରୀ ବ୍ରତ କରିବେ । ରୁନୁ ତ ଆସି ଯାଇଛି । ମଝିରେ ପୂଜାର କିଛି ବ୍ୟତିକ୍ରମ ହେବନି । ବାରମ୍ବାର ଦେବକାନ୍ତ ବାବୁଙ୍କୁ କହିଛନ୍ତି, ''ମୋତେ ଡିଷ୍ଟର୍ବ କରିବନି ।''

ଆଜି କାମ କରିବା ଭିତରେ ରୁନୁ ମୁହଁରେ ବେଳେବେଳେ ଏକ ଅସ୍ପଷ୍ଟ କଳା ବାଦଲ ଭାସମାନ ଅବସ୍ଥାରେ ପ୍ରତୀୟମାନ ହେଉଥାଏ । ଆଜି ସେ ଯନ୍ତ୍ର ଚାଳିତ ମଣିଷଟିଏ ଭଳି ଯେମିତି କାମ କରି ଯାଉଛି । ସବୁଥିରେ ଅନ୍ୟମନସ୍କତା । ଦେବକାନ୍ତ ବାବୁଙ୍କ ଭିତରେ ତା' ନିଜ ଲୋକମାନଙ୍କୁ ଦେଖୁଛି । ନିଜ ଜୀବନକୁ ପଢ଼ି ଚାଲିଛି ସେ । ପୃଷ୍ଠା ତା'ର ସରୁନି । ଦେବକାନ୍ତ ବାବୁଙ୍କ ପାଇଁ ତାଙ୍କ ସ୍ତ୍ରୀ ଆଜି ପୂଜା କରୁଛନ୍ତି । ତାଙ୍କ ଶୁଭ କାମନା କରି ଠାକୁରଙ୍କୁ ଡାକୁଛନ୍ତି । ସାବିତ୍ରୀ ଯେମିତି ସତ୍ୟବାନଙ୍କ ଆୟୁଷ ପାଇଁ ଭିକ୍ଷା କରିଥିଲେ ସେମିତି ଆଜି ଗାୟତ୍ରୀ ପୂଜାକରି ଦେବକାନ୍ତ ବାବୁଙ୍କର ଦୀର୍ଘାୟୁଷ ପାଇଁ ଭିକ୍ଷା ମାଗୁଛନ୍ତି । ଦେବକାନ୍ତ ବାବୁ କେଡ଼େ ଭାଗ୍ୟବାନ । ଏମିତି କେତେ କ'ଣ ଭାବନାରେ ବୁଡ଼ିଯାଇଛି ରୁନୁ । କଳାବାଦଲ ଘୋଡ଼େଇ ଦେଇଥିବା ତା' ମୁହଁର ଭାଷା ଭଲ ଭାବରେ ପଢ଼ି ହେଉଛି । ରୁନୁ ଆଜି ଭାବି ହେଉଛି ତା' ଅଭାବିତ ମୁହୂର୍ତ୍ତକୁ । ତା' ତିକ୍ତ ସ୍ମୃତି ସବୁ ବାନ୍ଧି ଯାଉଛନ୍ତି ତା' ପଣତ କାନିରେ । ଯେତେ ଚେଷ୍ଟା କଲେ ମଧ୍ୟ ସେ ଶୂନ୍ୟକୁ ଫୋପାଡ଼ି ପାରୁନି ସେ ସ୍ମୃତିକୁ ।

ଗାୟତ୍ରୀଙ୍କ ଝିଅ ବୀଣା ଚାକିରି କରୁଛି ଗୋଟିଏ ବଡ଼ କମ୍ପାନୀରେ । ସବୁତକ ସମୟ ତା'ର କମ୍ପାନୀ ପାଖରେ ବନ୍ଧା । ବନ୍ଧୁ ବାନ୍ଧବଙ୍କ ପାଖକୁ ଯିବାପାଇଁ, ପୂଜାପାଠ କରିବା ପାଇଁ ଆଜିକାଲି ମୋଟା ଦରମା ପାଉଥିବା ବ୍ୟକ୍ତିଙ୍କ ହାତରେ ସମୟ ଖୁବ୍ କମ୍ । ଝିଅ ଆଜି ବ୍ରତ କରିଛି କି ନାଁ ଜାଣିବାକୁ ଗାୟତ୍ରୀଙ୍କ ମନ ବ୍ୟାକୁଳ । ପୂଜା ପରେ ଫୋନ୍ କରି ବୁଝିବେ ବୋଲି ଭାବୁଛନ୍ତି । ରୁନୁ ମଧ୍ୟ ତା' ଦିଦି ବୀଣା କଥା ଅନେକଥର ଭାବି ସାରିଲାଣି । ବୀଣାକୁ ସେ ଖୁବ୍ ଭଲପାଏ, ସତେ ଯେମିତି ନିଜ ଭଉଣୀ । ସେ ଆସିଲେ ଘରଦ୍ୱାର ସଫା କରିବାଠାରୁ ଆରମ୍ଭ

କରି ତାଙ୍କ ପାଇଁ କ'ଣ ରନ୍ଧା ଯିବ ସେଥିରେ ସେ ଲାଗିପଡ଼େ । ଗାୟତ୍ରୀଙ୍କୁ କିଛି କହିବାକୁ ପଡ଼େନି । ରୁନୁର ସ୍ନେହ, ଯତ୍ନ ପାଖରେ ତାଙ୍କ ମୁଣ୍ଡ ନଇଁ ଯାଏ ।

ଗାୟତ୍ରୀ ପୂଜାରେ ବ୍ୟସ୍ତ ଥିବାରୁ ତାଙ୍କୁ ଡିଷ୍ଟର୍ବ ନକରି ରୁନୁ ବାସନ ମଜା, ଘର ଓଳା, ଘର ପୋଛା ଇତ୍ୟାଦି ସାରି ରୋଷେଇ କାମରେ ଲାଗିଗଲା । ଗାୟତ୍ରୀ ପୂଜା ସାରି ଠାକୁର ଘରୁ ଆସି ପୂଜା କରିଥିବା ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର ପିନ୍ଧିଲେ । ତା'ପରେ ଦେବକାନ୍ତ ବାବୁଙ୍କ ପାଖକୁ ଆସି ମୁଣ୍ଡରେ ଓଢ଼ଣା ଦେଇ ପ୍ରଣାମ କଲେ । ଦେବକାନ୍ତ ବାବୁଙ୍କ ଛାତି ଗର୍ବରେ ଫୁଲି ଉଠିଲା । ପୃଥିବୀ ସୃଷ୍ଟି ହେବା ପରଠାରୁ କେଉଁ ଆଦିମ ଯୁଗରୁ ନାରୀ ଓ ପୁରୁଷର ସମ୍ପର୍କ ହିଁ ସୃଷ୍ଟି । ସ୍ତ୍ରୀ ପାଇଁ ସ୍ୱାମୀ ସବୁ କିଛି । ସ୍ୱାମୀ ହେଉଛି ତା'ର ଶୁଭେଚ୍ଛୁ, ତା'ର ବଳ ଓ ସାହସ, ଭଲ ମନ୍ଦର ସହଚର । ତା'ର ମଙ୍ଗଳ କାମନା କରି ବର୍ଷ ତମାମ ସ୍ତ୍ରୀ ନାନା ଓଷା ବ୍ରତ କରେ । ଏଥିରେ କେଉଁ ସ୍ୱାମୀ ଗର୍ବିତ ନହେବ । ଦେବକାନ୍ତ ବାବୁଙ୍କ ମୁହଁରେ ଆନନ୍ଦ ଓ ଗର୍ବର ଲହଡ଼ି ଖେଳି ଗଲା । ସ୍ତ୍ରୀଙ୍କୁ ତଳୁ ଉଠାଇ ଆଣି ତାଙ୍କ ମୁଣ୍ଡ ଆଉଁସି ଦେଲେ, ଆଶୀର୍ବାଦ କଲେ ଓ ଛାତି ପାଖକୁ ଆଉଜେଇ ଆଣିଲେ । ଗାୟତ୍ରୀଙ୍କ ମୁହଁରେ ରକ୍ତିମ ଛଟା ଫୁଟି ଉଠିଲା । ଏସବୁ ଦୃଶ୍ୟ ରୋଷେଇ ଘରୁ ଦେଖି ପାରୁଥିଲା ରୁନୁ । ତା'ର ଧୈର୍ଯ୍ୟର ବାଲିବନ୍ଧ ଭୁଷୁଡ଼ି ପଡ଼ିଲା । ତା' ମନ ଅଇନାରେ ଅତୀତର ଘଟଣାଗୁଡ଼ିକ ପରିଷ୍କାର ଦେଖାଗଲା ଏବଂ ଭୁଲିବାକୁ ଚେଷ୍ଟା କରୁଥିବା ଅତୀତ ତା' ସାମନାରେ ଟିପା ଖାତାର ପୃଷ୍ଠା ଓଲଟାଇ ଚାଲିଲା । କରେଇ ଚୁଲିରେ ବସାଇବା କଥା ସେ ସମ୍ପୂର୍ଣ୍ଣରୂପେ ଭୁଲି ଯାଇଥିଲା ।

ରୁନୁ ଥିଲା ତା' ବାପା ମା'ଙ୍କର ଜ୍ୟେଷ୍ଠା କନ୍ୟା । ତା'ଉପରେ ଦୁଇ ଭାଇ ଓ ତଳେ ଦୁଇ ଭଉଣୀ ଥିଲେ । ଓଡ଼ିଶା ସରକାରଙ୍କଠାରୁ ରାସ୍ତା ଓଳାଇବା ପାଇଁ ତା' ବାପା ଓ ମା'କୁ ଚାକିରି ମିଳିଥିଲା । ଛୋଟିଆ କ୍ୱାଟରଟିଏ ସରକାର ଦେଇଥିଲେ ତା' ବାପାଙ୍କୁ । ସେହି କ୍ୱାଟରରେ ୫ଟି ପିଲାଙ୍କୁ ନେଇ ତା' ବାପା ମା ରହୁଥିଲେ । ରୁନୁ ପିଲାଦିନରୁ ଛୋଟ ପିଲାମାନଙ୍କୁ ଭଲ ପାଉଥିଲା । ପଡ଼ିଶା ଘରର ପିଲାଙ୍କୁ କାଖରେ ଧରି ଘର ଆଗରେ ବୁଲୁଥାଏ । ପଖାଳ ଗଣ୍ଡେ ଖାଇ ଦେଇ ବାପା ମା

ତା'ର ସକାଳେ କାମକୁ ଚାଲି ଯାଆନ୍ତି । ରାସ୍ତା ଓଳାଇବା କାମ ସରିଗଲାପରେ ଦୁଇଜଣଙ୍କ ଘରେ ଓଳା, ପୋଛା ଓ ବାଡ଼ି ବଗିଚା କାମ କରି ଦ୍ୱିପ୍ରହର ଗଡ଼ିଗଲା ପରେ ଘରକୁ ଫେରନ୍ତି । ରୁନୁ ପିଲା ଦିନରୁ ଘରକୁ ସମ୍ଭାଳି ଥାଏ । ସାନ ଭଉଣୀମାନଙ୍କର ଗାଧୁଆ କାମ ସାରି ସେମାନଙ୍କୁ ଖୁଆଇଦିଏ । ଭାଇମାନଙ୍କ ଖିଆପିଆ କଥା ମଧ୍ୟ ବୁଝେ । ଘର ଦ୍ୱାର ସଫା ରଖିଥାଏ । ମା କାମରୁ ଫେରିଲାପରେ ତା'କୁ ବେଶୀ କାମ କରିବାକୁ ପଡ଼େନି ।

ରୁନୁର ଭାଇ, ଭଉଣୀ ଅଳ୍ପ ପାଠ ପଢ଼ିଥିଲେ । ପଢ଼ି ପାରିଲାଭଳି ଓ ହିସାବପତ୍ର କରିପାରିଲା ଭଳି ହୋଇଗଲା ପରେ ବହି ବସ୍ତାନିରେ ଡୋର ବନ୍ଧା ହୋଇଥିଲା । ରୁନୁ ଟିକିଏ ବଡ଼ ହୋଇଗଲାପରେ ଘରର ତଥା ଭାଇ ଭଉଣୀଙ୍କର ଦାୟିତ୍ୱ ନେଲା । ତେଣୁ ସେ ଦୁଇ ଅକ୍ଷର ପଢ଼ି ପାରିଲାନି । ଏଥିରେ ତା'ର ଦୁଃଖ ନଥିଲା ।

ରୁନୁର ରଂଗ ମିଚମିଚ କଳା । ମୁଣ୍ଡରେ ଲମ୍ବା ଓ ଘନ କେଶ ତାକୁ ବେଶ୍ ମାନେ । ମୁହଁର ଗଠନ ଏତେ ସୁନ୍ଦର ଯେ ବାଟରେ ଘାଟରେ ଯିଏ ତାକୁ ଦେଖେ ଚାହିଁ ରହେ । ସବୁବେଳେ ହସହସ ମୁଖ । ଟିକିଏ ଛନ୍ଦ କପଟ ତା'ର ନଥାଏ । ତା' ହୃଦୟ ଥାଏ ସଦାବେଳେ ନିର୍ମଳ । ଘରର ବଡ଼ ଝିଅ ଏବଂ ସଂସାରଟାକୁ ସମ୍ଭାଳି ଥାଏ ବୋଲି ବାପାମାଙ୍କର ଗେହ୍ଲା ଝିଅ ହୋଇ ବଢୁଥାଏ ରୁନୁ ।

୧୩ ବର୍ଷ ବୟସରେ ନୂଆ ଏକ ପାହାଚରେ ପାଦ ଦେଲା ରୁନୁ । ତାଙ୍କ ଜାତିର ପ୍ରଥା ଅନୁସାରେ ବଂଧୁ ବାଂଧବ, ସାଇ ପଡ଼ିଶା ଲୋକଙ୍କୁ ଡାକିଥିଲେ ତା' ବାପା ମା । ଭୋଜି ଭାତର ବ୍ୟବସ୍ଥା କରିଥିଲେ । ଝିଅ ବାହା ହେବା ପାଇଁ ଯୋଗ୍ୟା ହୋଇଗଲା — ଆଉ କେତେଟା ବର୍ଷପରେ ପରଘରକୁ ଚାଲିଯିବ ଭାବି ମା ଆଖିରୁ ଦୁଇଧାର ଲୁହ ବୋହି ଯାଇଥିଲା ସେଦିନ । ରୁନୁ ସେଦିନ ଭାରି ଲାଜେଇ ଯାଇଥିଲା । ସବୁକିଛି ବୁଝି ନପାରିଲେ ମଧ୍ୟ ସେ ଜୀବନର ଏକ ପାହାଚ ଚଢ଼ି ସାରିଲା ପରେ ଆଉ ଗୋଟିଏ ନୂଆ ପାହାଚରେ ପାଦ ଥାପିଛି ବୋଲି ବୁଝି ପାରୁଥିଲା ।

କ୍ରମଶଃ ରୁନୁ ବଢ଼ିବାକୁ ଲାଗିଲା । ଅଳ୍ପ ଦିନ ଭିତରେ ତା' ଦେହରେ ସବୁ ସୌନ୍ଦର୍ଯ୍ୟ ଅଜାଡ଼ି ପଡ଼ିଲା । ରୁନୁ ଦିଶିଲା କାନ୍‌ଭାସ୍ ଉପରେ ଅଙ୍କା ଯାଇଥିବା ଚିତ୍ରଟିଏ କିମ୍ବା ଅଜନ୍ତାର କଳା ମୁଗୁନି ପଥରରରେ ଗଢ଼ା ମୂର୍ତ୍ତିଟିଏ ଭଳି । ୧୮ ବର୍ଷ ପୂରିଲା କ୍ଷଣି ମା' ତା'ର ବାହାଘର କରିଦେବା ପାଇଁ ଠିକ୍ କଲା । ଅନେକ ପ୍ରସ୍ତାବ ଆସିଲା ରୁନୁର । ରୁନୁ ଲୁଚିଲୁଚି ସବୁ ପ୍ରସ୍ତାବ ବିଷୟରେ ଶୁଣୁଥାଏ । ତା'ର ଭରସା ଥାଏ ବାପା ମା ତା' ପାଇଁ ଭଲ ପାତ୍ରଟିଏ ଯୋଗାଡ଼ କରିବେ । ସବୁ ବରଘର ରୁନୁକୁ ବୋହୂ କରିବା ପାଇଁ ରାଜି ହୋଇ ଯାଉଥିଲେ, କାରଣ ରୁନୁର ରଙ୍ଗ କମ୍ ହେଲେ ମଧ୍ୟ ଗଠନରେ ବାଛିବାର ନଥିଲା ଏବଂ ରୁନୁ ନିଶ୍ଚୟ ସୁଗୃହିଣୀଟିଏ ହେବ ଏଥିରେ କାହାର ସନ୍ଦେହ ନଥିଲା । ରୁନୁର ମା ବେଶ୍ ବୁଦ୍ଧିମତୀ । ସେ ଟିକ୍‌ନିକ୍ କରି ସବୁ ବୁଝାବୁଝି କରୁଥାଏ । କିଏ ଦୁଇ ଅକ୍ଷର ପଢ଼ିନି ତ କିଏ ଝିଅକୁ ଚଳାଇ ପାରିଲା ଭଳି ଦୁଇ ପଇସା ରୋଜଗାର କରୁନି ଶୁଣି ପ୍ରସ୍ତାବଗୁଡ଼ିକ କାଟି ଦେଉଥାଏ । ଶେଷରେ ଗୋଟିଏ ପ୍ରସ୍ତାବ ତା' ମନକୁ ବେଶ୍ ପାଇଲା । ପୁଅଟି ମ୍ୟାଟ୍ରିକ୍ ପାସ୍ କରିଥିଲା । ସିକାକୁଲମ୍‌ରେ ଚାକିରି କରୁଥାଏ । ବାପା ମା ରହୁ ଥାଆନ୍ତି ଆନନ୍ଦପୁରରେ । ଚଳିବା ପାଇଁ ୩ ଏକର ଚାଷଜମି ଓ ୪ ବଖରା ଘର ଥିଲା । ଘର ପାଖରେ ପୋଖରୀଟିଏ । ଗାଧୋଇବା ପାଇଁ ଦୂରକୁ ଯିବାକୁ ପଡ଼ିବନି । ଜଣେ ଦିଅର ଓ ଜଣେ ନଣନ୍ଦ ଥିଲେ । ରୁନୁ ମା'କୁ ଏହି ଛୋଟ ପରିବାର ଭଲ ଲାଗିଲା । ତା'ଛଡ଼ା ପୁଅ ଚାକିରି କରୁଛି । କିଛିଦିନ ପରେ ରୁନୁକୁ ତା' ବର ପାଖକୁ ନେଇଯିବ ବୋଲି ଶାଶୂ ଶ୍ୱଶୁର କହିଥିଲେ ।

ରୁନୁକୁ ଦେଖିବା ପାଇଁ ତା' ଭାବୀ ଶାଶୂ, ଶ୍ୱଶୁର ଓ ସ୍ୱାମୀ ଆସିଥିଲେ । ରୁନୁ ମୁଣ୍ଡରେ ଲୁଗାଦେଇ ଧୀରସ୍ଥିର ଭାବରେ ଆସି ସେମାନଙ୍କୁ ପ୍ରଣାମ କଲା । ସେଦିନ ସେ ଲାଜରେ ତା' ଭାବୀ ସ୍ୱାମୀକୁ ଦେଖି ନଥିଲା । ତା'ର ଦେଖିବା କ'ଣ ଦରକାର । ଏହି ପ୍ରସ୍ତାବ ବାପା ମା'ଙ୍କ ମନକୁ ପାଉଛି, ରୁନୁର କିଛି କହିବାର ନାହିଁ । ସେଦିନ ରୁନୁ ଘରେ ଆନନ୍ଦ ଖେଳି ଯାଇଥିଲା । ଖିଆ ପିଆ ସରିଗଲାପରେ ରୁନୁର ଶାଶୂ ତା' ହାତରେ ଦୁଇଶହ ଟଙ୍କା ଦେଇ ଆନନ୍ଦପୁର ଫେରି ଯାଇଥିଲେ ।

ତା'ପରଦିନ ଠାରୁ ରୁନୁଘରେ ବାହାଘରର ଆୟୋଜନ ଆରମ୍ଭ ହେଲା। ଘରର ବଡ଼ଝିଅ ସେ। ଘରେ ପ୍ରଥମ ବାହାଘର ହେବ। ଭାଇ ଭଉଣୀମାନେ ରୁନୁକୁ ଥଟ୍ଟା କରୁଥାଆନ୍ତି। ରୁନୁ କିଛି ନଶୁଣିଲା ଭଳି ହେଉଥାଏ। ରୁନୁର ମା କିଛି ଟଙ୍କା ପ୍ରୋଭିଡ଼େଣ୍ଟ ଫଣ୍ଡ଼ରୁ ଉଠାଇଲା। ସରକାରୀ ଚାକିରି କରିଥିଲା ବୋଲି ତାକୁ ଏ ସୁବିଧା ମିଳିଲା। ଯାହାକିଛି ଝିଅ ବାହାଘର ପାଇଁ ସଞ୍ଚୟ କରି ରଖିଥିଲା ସବୁକୁ ଖର୍ଚ୍ଚ କରି ମନ ମୁତାବକ ଜିନିଷମାନ କିଣିଲା। ଜ୍ୱାଇଁ ବାହାରେ ଚାକିରି କରୁଛନ୍ତି, ତେଣୁ ତାଙ୍କ ସମ୍ମାନକୁ ଦେଖି ସବୁ ଜିନିଷ ଦେବାକୁ ହେବ। ରଙ୍ଗିନ୍ ଟି.ଭି. ପ୍ରେସର କୁକର, ଫ୍ୟାନ୍‌ଠାରୁ ଆରମ୍ଭ କରି ଷ୍ଟିଲ୍ ବାସନ ଇତ୍ୟାଦି କିଣାଗଲା। ରୁନୁ ପାଇଁ କେତେଖଣ୍ଡ ଭଲ ଶାଢ଼ି, ଜ୍ୱାଇଁଙ୍କ ପାଇଁ ସାର୍ଟ, ପ୍ୟାଣ୍ଟ, ଭଲ ସୁଟକେଶ୍ ମଧ୍ୟ କିଣା ଯାଇଥିଲା। ଖୁବ୍ ଥାଟ୍‌ବାଟ୍‌ରେ ରୁନୁର ବାହାଘର କରିବାର ଆୟୋଜନ ଦେଖି ପଡ଼ିଶା ଘରେ ଟୁପୁର୍ ଟାପର ହେଲେ —ଏ ତ ହରିଜନ ଘରର ବାହାଘର ଭଳି ଲାଗୁନି। ଈଶ୍ୱର କ'ଣ ହରିଜନଙ୍କୁ ମନ ଦେଇ ନାହାନ୍ତି ?

ବାହାଘର ଦିନ ଆସିଲା। ସେ ଦିନ ରୁନୁ ଟିକିଏ ମୁହଁ ଶୁଖେଇଲା ଭଳି ଲାଗୁଥାଏ। ପିଲାଦିନରୁ ସେ ଘରକୁ ସମ୍ଭାଳି ଥିଲା, ସେ ଶାଶୂ ଘରକୁ ଚାଲିଗଲା ପରେ କେମିତି ସେମାନେ ଚଳିବେ ବୋଲି ତା' ମନରେ ଥାଏ ଚିନ୍ତା। ବରଯାତ୍ରୀ ବାଜା ବାଜେଇ, ବାଣ ଫୁଟେଇ ବିରାଟ ପ୍ରସେସନ୍‌ରେ ଆସି ପହଞ୍ଚିଲେ ରୁନୁ ଘର ଦାଣ୍ଡରେ। ଖାଇବା ପିଇବା ଓ ବାହାଘର ଧୁମ୍‌ଧାମ୍‌ରେ ହେଲା। କେଉଁଥିରେ ଊଣା କରି ନଥିଲେ ରୁନୁର ବାପା ମା। ସନ୍ଧ୍ୟା ହେବା ପୂର୍ବରୁ ବରକନ୍ୟା ବିଦା ହେଲେ। ସେଦିନ ରୁନୁ ତା' ବାପା ମା, ଭାଇ ଭଉଣୀଙ୍କୁ ଧରି ଅନେକ କାନ୍ଦି ଥିଲା। ଶାଶୂଘର ଲୋକେ କିଭଳି ଭାବରେ ତାକୁ ସ୍ନେହ ଆଦର କରିବେ ସେ ସବୁ କିଛି ଜାଣି ନଥିଲା ସେ। ଝିଅ ଜନ୍ମ ତ ପରଘରକୁ। ଗୋଟିଏ ଘରର ମାୟା ମମତା ତୁଟାଇ ଆଉ ଗୋଟିଏ ଘରକୁ ଯିବାକୁ ତାକୁ ପଡ଼େ। ସେହି ଘର ତା'ର ପୁଣି ହୁଏ ନିଜର। ତାହା ହୁଏ ତା' ପାଇଁ ସ୍ୱର୍ଗପୁରୀ।

ଚତୁର୍ଥୀଦିନ ହୋମ କର୍ମ ଇତ୍ୟାଦି ସରିଲା । ଯେଉଁ କେତେଜଣ ବନ୍ଧୁବାନ୍ଧବ ଥିଲେ ସେମାନଙ୍କର ଖିଆପିଆ ସରିଲା । ସନ୍ଧ୍ୟାବେଳେ ନିମନ୍ତ୍ରିତ ବନ୍ଧୁମାନେ ଭୋଜି ଖାଇସାରିଲାପରେ ଚାଲିଗଲେ । ରୁନୁ ରାତିକୁ ଚାହିଁ ବସିଥାଏ । ପ୍ରତ୍ୟେକ ସ୍ତ୍ରୀ ଓ ପୁରୁଷ ପାଇଁ ଚଉଠି ରାତିଟି ହୋଇଥାଏ ବହୁ ପ୍ରତୀକ୍ଷିତ ରାତି । ରୁନୁ କୋଠରିର ଗୋଟିଏ କୋଣରେ ମସିଣା ଉପରେ ମୁଣ୍ଡରେ ଓଢ଼ଣା ଦେଇ ଦିନସାରା ବସିଥାଏ । ରାତିରେ ସମସ୍ତେ ଖାଇସାରିବା ପରେ ପଡ଼ିଶା ଘରର ବଡ଼ ଯାଆ ସେହି କୋଠରିରେ ମସିଣାଟିଏ ପାରି କନ୍ଥାଟିଏ ପକାଇଥିଲେ । ତା' ଉପରେ ଦୁଇଟି ତକିଆ ରଖି ସାରିବା ପରେ ଘରର ଗୋଟିଏ କୋଣରେ ଦୀପଟିଏ ଜାଳି ରଖିଥିଲେ । ସନ୍ଧ୍ୟା ତାରାର ଆଲୋକ ପରି ଦୀପଶିଖା ବିତରୁଥାଏ ସେଦିନ ମିଞ୍ଜିମିଞ୍ଜି ଆଲୁଅ । ଦୀପ ପାଖରେ ହୋମ ନଡ଼ିଆ ୩/୪ ଖଣ୍ଡ ଗୋଟିଏ ଗିନାରେ ରଖି କବାଟ ବନ୍ଦ କରି ଚାଲିଗଲେ । ଘରସାରା ପୋଡ଼ା ନଡ଼ିଆର ବାସ୍ନା ରୁନୁ ଦେହରେ ଶିହରଣ ସୃଷ୍ଟି କରୁଥାଏ । ଓଢ଼ଣା ଭିତରୁ ରୁନୁ ଜୁଳୁଜୁଳୁ କରି ଚାହୁଁଥାଏ କେତେବେଳେ ସ୍ୱାମୀ କବାଟ ଖୋଲିବେ । ଆସ୍ତେକରି କବାଟ ଖୋଲି ସଦାନନ୍ଦ ଘର ଭିତରକୁ ପଶି ଆସିଲେ । ରୁନୁ ଦେହରେ ଏକ ପ୍ରକାର ଭୟମିଶା ଉନ୍ମାଦନା ସୃଷ୍ଟି ହେଲା । ସ୍ୱାମୀଙ୍କୁ ସେ କ'ଣ କହିବ ? ଏକ ଅଚିହ୍ନା ପୁରୁଷ ଆଜି ତା' ପାଖରେ । ସଦାନନ୍ଦ ତାକୁ ପାଖକୁ ଡାକିବେ । ତା'ର ଡର ଭୟକୁ ଦୂର କରିବେ । ସ୍ନେହ ଆଦରରେ ତାକୁ କୋଳେଇ ନେବେ... ଇତ୍ୟାଦି ଇତ୍ୟାଦି ଭସା ବାଦଲର ଫାଙ୍କ ମଧ୍ୟରେ ଜହ୍ନର ଲୁଚକାଳି ଖେଳଭଳି ଅନେକ ଚିତ୍ର ତା' ସାମନାକୁ ଆସି ଲୁଚି ଯାଉଥାଏ । ଘର କୋଣରେ ସେ ଚୁପ୍‌ଚାପ୍ ବସିଥାଏ ।

ସଦାନନ୍ଦ ରୁନୁକୁ କିଛି ନକହି ତକିଆଟିକୁ ମୁଣ୍ଡ ତଳକୁ ଟାଣିଆଣି ତାକୁ ପଛ କରି ଶୋଇଲେ । ରୁନୁର ସବୁ ଭାବନା ଆଗରେ ଏକ ବନ୍ଧ ସୃଷ୍ଟି ହୋଇଗଲା । ସେ ଭାବୁଥିଲା କ'ଣ ? ଏବେ ହେଲା କ'ଣ ? କିଛି ସମୟଧରି ନିରବତା ରାଜୁତି କଲା ସେ କୋଠରିରେ । ତା'ପରେ ସଦାନନ୍ଦ ଟିକିଏ ଗମ୍ଭୀର ସ୍ୱରରେ କହିଲେ, ''ବସିଛ କାହିଁକି ? ଶୋଇ ପଡୁନ ।'' ରୁନୁ ମୁଣ୍ଡରେ ଯେମିତି ଆକାଶଟା ଛିଡ଼ି

ପଡ଼ିଲା । ପାଠ ପଢ଼ି ନଥିଲେ ମଧ୍ୟ ପଡ଼ିଶା ଘରର ଝିଅ ସରସ୍ୱତୀ ଏବେ ନୂଆ ବାହା ହୋଇଥିବାରୁ ଅନେକ କଥା ସେ ରୁନୁକୁ ଶିଖେଇ ଥିଲା । ସ୍ୱାମୀକୁ ପ୍ରଥମେ ପ୍ରଣାମ କରିବାକୁ ହୁଏ ବୋଲି ରୁନୁକୁ ସେ କହିଥିଲା । ସେହି ସୁଯୋଗ ତାକୁ ନମିଳିବାରୁ ରୁନୁ ଅସ୍ଥିର ହୋଇ ପଡ଼ିଲା । ତଥାପି ସାହସ କରି ବିଛଣା ଉପରକୁ ଆସି ସଦାନନ୍ଦ ପିଠି ପାଖରେ ଅନେକ ସମୟ ଧରି ବସି ରହିଲା । ଅନେକ ଭାବନାର ଲହଡ଼ି ତା' ମନକୁ ଛୁଇଁ ଭାଙ୍ଗି ଯାଉଥାଏ । ସଦାନନ୍ଦକୁ ଡାକିବ କି ନାଁ ତା' ମନ ଥମ ହେଉଥାଏ । ସାହସ ହେଉ ନଥାଏ ଡାକିବା ପାଇଁ । ଏମିତି ବିତିଗଲା କିଛି ସମୟ । ଦୀପର ମିଞ୍ଜିମିଞ୍ଜି ଆଲୁଅ ତାକୁ ଯେମିତି ବିଦ୍ରୁପ କରୁଥାଏ । ମୋଭଳି ତୁ ଜଳିଜଳି ଲିଭି ଯିବୁ । ଏହା ହେଉଛି ତୋ' ଭବିଷ୍ୟତ । ଏତକ ତୁ କ'ଣ ବୁଝି ପାରୁନୁ ? କିଛି ସମୟ ପରେ ଦୀପଟି ଲିଭିଗଲା । ସାରା କୋଠରିରେ ସାମ୍ରାଜ୍ୟ ବିସ୍ତାର କଲା ଅନ୍ଧକାର । କୋଠରି ବାହାରେ ବିରାଡ଼ିର ମିଆଁଉ ମିଆଁଉ ଶବ୍ଦ ସହିତ ରୁନୁର ଦୀର୍ଘ ନିଃଶ୍ୱାସ ମିଶିଗଲା । ସେ ରାତିସାରା ବିଛଣାରେ ଶୋଇ ଛଟପଟ ହେଲା ।

ଝରକା ଫାଙ୍କରେ ଝାପସା ଝାପସା ସକାଳକୁ ଦେଖିଲା ରୁନୁ । ରାତିସାରା ମୁହୂର୍ତ୍ତଟିଏ ସେ ଶୋଇନି । ସଦାନନ୍ଦ ନିଘୋଡ଼ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଥିଲେ । ତାଙ୍କ ଘୁଙ୍ଗୁଡ଼ି ଶବ୍ଦରେ ରୁନୁର ଦୀର୍ଘ ନିଃଶ୍ୱାସ ସତେ ଯେମିତି ବାଡ଼େଇ ହୋଇଯାଉଥାଏ ।

ଏମିତି ବିତିଗଲା କେତୋଟି ଦିନ । ଦିନସାରା ରୁନୁ ସମସ୍ତଙ୍କ ସହିତ କଟାଇ ଦେଉଥାଏ । ନୂଆବୋହୂକୁ ପାଇ ଘରସାରା ସମସ୍ତେ ଖୁସି ହେଉଥାଆନ୍ତି । ସମସ୍ତଙ୍କୁ ଖୁସୀର ଡଙ୍ଗାରେ ବସାଇ କେତେଦିନ ରୁନୁ ଲୁହର ସୁଅରେ ଭାସିବବୋଲି ରାତିସାରା ବିଛଣାରେ ପଡ଼ିପଡ଼ି ଭାବେ । ଏମିତି ପନ୍ଦରଟି ଦିନ ଚାଲିଗଲା । ପଦଟିଏ ମଧ୍ୟ ସଦାନନ୍ଦ ସହିତ କଥା ହୋଇ ପାରିଲାନି । ପନ୍ଦରଦିନ ଛୁଟି ସରିଗଲା ପରେ ସଦାନନ୍ଦ ବାହାରିଲା ତା' ଚାକିରିକୁ । ରୁନୁର କୋହ ବୋଲ ମାନିଲାନି, ସେଦିନ ସେ ସ୍ୱାମୀଙ୍କୁ ପ୍ରଣାମ କରି ଲୁହ ଛଳଛଳ ଆଖିରେ ବିଦାୟ ଦେଇଥିଲା । ତା' ଦେହରେ ଯେମିତି ଜୀବନ ନାହିଁ ସେମିତି ସେ ଅନୁଭବ କରୁଥିଲା ।

ଏହା ଭିତରେ ଛ' ମାସ ବିତି ଗଲାଣି । ମଝିରେ ମଝିରେ ସଦାନନ୍ଦ ଫୋନ୍‌ରେ ବାପା ମାଙ୍କ ସହିତ କଥା ହୁଏ । ଥରଟିଏ ରୁନୁ ସହିତ ମଧ୍ୟ କଥା ହୋଇନି । ରୁନୁ ପଚାରିବ ପଚାରିବ ହୋଇ କାହାକୁ ସଦାନନ୍ଦ ବିଷୟରେ ପଚାରି ପାରେନି ।

ଦିନେ ପୋଖରୀ ତୁଠରେ ରୁନୁ ଅଇଁଠା ବାସନ ମାଜୁଥିବା ସମୟରେ ପଡ଼ିଶା ଘରର ନଣନ୍ଦ ନେତ ମଧ୍ୟ ବାସନ ମାଜୁଥାଏ । ରୁନୁର ଶୁଖିଲା ମୁହଁ ଦେଖି ନେତ ସହି ପାରିଲାନି । ତା' ମୁହଁର ଭାଷାକୁ ଭଲଭାବରେ ପଢ଼ିପାରିଲା ତା' ମୁହଁର ଭାବଭଙ୍ଗୀରୁ । ତା' ପାଟିରୁ ବାହାରି ପଡ଼ିଲା, ''ଭାଉଜ, ତୁମେ ଏମିତି ଏ ଘରେ କାମ କରି କରି ଜୀବନ କାଟିବ । ତୁମ ଭାଗ୍ୟରେ ସ୍ୱାମୀ ସୁଖ ନାହିଁ । ସଦାଭାଇ ତ ସହରରେ ସ୍ତ୍ରୀଟିଏ ରଖିଛି । ସେଠାରେ ମଧ୍ୟ ତା'ର ପୁଅଟିଏ ଅଛି । ଲୋକ ଦେଖାଣିଆ ସେ ତୁମକୁ ବାହା ହୋଇଛି ।'' ରୁନୁ ମାଜୁଥିବା କଂସାଟି ତା' ହାତରୁ ଖସି ପଡ଼ିଲା । ପୋଖରୀର ଅଥଳ ପାଣିରେ ସେ ଯେମିତି ତଳକୁ ତଳକୁ ଚାଲିଯାଉଛି ସେମିତି ଅନୁଭବ କଲା । ଆଜି ଏସବୁ କ'ଣ ସେ ଶୁଣୁଛି ? ତା'ର ଭବିଷ୍ୟତ ମିଶିଗଲା କଳା ମିଚିମିଚି ଅନ୍ଧକାର ମଧ୍ୟରେ । ସବୁ ଆଶା ତା'ଣ ପାଣି ଫୋଟକା ଭଳି ମିଳାଇ ଗଲା ।

ତା'ପରଦିନ ଜଣେ ଲେଖାଯୋଖା ଦିଅର ହାତରେ ସବୁକଥା ଜଣେଇ ଥିଲା ତା' ବାପା ମାଙ୍କୁ । ଖବର ପାଇଲାକ୍ଷଣି ତାଙ୍କ ମୁଣ୍ଡରେ ଚଡ଼କ ପଡ଼ିଲାଭଳି ଅନୁଭବ କଲେ । ଝିଅର ଦୁର୍ଦ୍ଦିନ ତାଙ୍କୁ ନିସ୍ତେଜ କରିଦେଲା । ତଥାପି ମନକୁ ଦମ୍ଭକରି ରୁନୁ ଶାଶୂଘରରେ ସେମାନେ ପହଞ୍ଚିଲେ । ସଦାନନ୍ଦର ବାପା ମା ସେମାନଙ୍କ ସବୁ କଥାରେ ନିରୁତ୍ତର ଥିଲେ । ଏହା ପୂର୍ବରୁ ସେମାନେ ପୁଅକୁ ବହୁତଥର ବୁଝାଇ ମଧ୍ୟ ବିଫଳ ହୋଇଛନ୍ତି । ଏମିତି ଘଟଣା ଆଜିର ସମାଜରେ ଅନେକ ଘଟୁଛି । ଖବର କାଗଜର ପୃଷ୍ଠାମଣ୍ଡନ କରୁଛି ଯୌନ ନିର୍ଯ୍ୟାତନା, ନାବାଳିକା ଧର୍ଷଣ, ବଳାତ୍କାର, ପର ସ୍ତ୍ରୀ ପ୍ରତି ଆଶକ୍ତି, ନିଜ ସ୍ତ୍ରୀ ପ୍ରତି ଅନ୍ୟାୟ, ସ୍ତ୍ରୀ ଥାଉ ଥାଉ ଅନ୍ୟକୁ ରକ୍ଷିତା କରି ରଖିବା ଇତ୍ୟାଦି । ବାପା ମା ପିଲାମାନଙ୍କୁ ଉପଦେଶ ଦେଇ

ଦେଇ ହାଲିଆ। ସେମାନଙ୍କ କଥାକୁ ଶୁଣୁ ନାହାଁନ୍ତି ଯୁବ ପିଢ଼ି। ଏମିତି ଅନ୍ୟାୟର ଶିକାର ହୋଇଛି ରୁନୁ। ସ୍ତ୍ରୀଟିଏ ରକ୍ଷିତା ଭାବରେ ରଖି ରୁନୁଭଳି ପବିତ୍ର ଆତ୍ମାକୁ ଧୋକା ଦେଇଛନ୍ତି ସଦାନନ୍ଦ। ରୁନୁର ଦୁଃଖକୁ ସହି ପାରିଲେନି ତା' ବାପା ମା। ପଞ୍ଚାୟତ ପାଖରେ ଗୁହାରି କଲେ। ସବୁକଥା ଆଲୋଚନା ହେଲାପରେ ରୁନୁକୁ ନେଇଯିବା ପାଇଁ ଯିଦ୍ ଧରି ବସିଲେ। ସବୁ ଯୌତୁକ ଫେରାଇ ଦେବାକୁ ନିଷ୍ପତି ହେଲା। ପୁଣି ଏକ ଟ୍ରକ୍‌ରେ ବୁହା ହୋଇ ଆସିଲା ରୁନୁର ରଙ୍ଗିନ୍ ଟି.ଭି. ଓ ଅନ୍ୟାନ୍ୟ ଜିନିଷ। ରୁନୁ କଳଙ୍କର ଟିକା ପିନ୍ଧି ଫେରି ଆସିଲା ବାପ ଘରକୁ। ରୁନୁ ବାହା ହୋଇ ମଧ ଅବିବାହିତା ହେଲା। ଅନେକ ଦିନ ଧରି କାନ୍ଦିଥିଲା ରୁନୁ। ମା ତାକୁ ଅନେକ ବୁଝାଇ ଥିଲେ। ସମୟର ଚକ ଘୂରିବା ସହିତ କେତେ ସୁଖ ଦୁଃଖକୁ ବାଣ୍ଟୁଥାଏ। ସାଙ୍ଗରେ ଆଣିଥିବା ଦୁଃଖକୁ ରୁନୁ ପାଖରେ ଛାଡ଼ି ଗଲା। ରୁନୁ ତାକୁ ନ ସହି ବା କ'ଣ କରିଥାନ୍ତା।

କିଛିଦିନ ଘରେ ରହିଲା ପରେ ପର ଘରେ କାମ କରି ସମୟ କଟେଇ ଦେବ ବୋଲି ସ୍ଥିର କଲା ରୁନୁ। ଗାୟତ୍ରୀଙ୍କ ଘରେ କାମ କରିବାର ସୁଯୋଗ ତାକୁ ମିଳିଲା। ଦୁଃଖକୁ ଭୁଲିବାକୁ ଚେଷ୍ଟା କଲେ ମଧ ତା' ମୁଣ୍ଡର ସିନ୍ଦୂର ଅତୀତକୁ ଦୋହରାଉ ଥାଏ। ବେଳେବେଳେ ମନଟା ବିଦ୍ରୋହ କରି ଉଠେ। ଶଙ୍ଖା ସିନ୍ଦୂରର ସ୍ୱପ୍ନ ଦେଖି ସେ କ'ଣ ଭୁଲ କରିଥିଲା ? ଆଉ ଥରେ ବାହା ହୋଇ ସେ ଭୁଲ୍ କରିବନି ବୋଲି ଠିକ୍ କଲା।

ଝିଅର ଏଭଳି ଅବସ୍ଥା ଦେଖି କେଉଁ ବାପା ମା ସହି ପାରିବେ। ରୁନୁର ଝାଉଁଳା ମୁହଁ ଦେଖି ସେମାନଙ୍କ ଅନ୍ତରାତ୍ମା କାନ୍ଦୁଥିଲା। ପୁଣି ଥରେ ବିବାହ କରାଇ ଦେବାକୁ ସେମାନେ ଠିକ୍ କଲେ। ରୁନୁ ଯିଦ୍‌ଧରି ବସିଲା ସେ ଆଉ ବିବାହ କରିବନି। ପୁଣି ସେମିତି ନ ଘଟିବ ବୋଲି କିଏ କହିବ। ତା' ଅତୀତ ତାକୁ ଭୟଭୀତ କରି ଦେଇଛି। ଏମିତି କାମଧନ୍ଦା କରି ସେ ଜୀବନ ବିତେଇ ଦେବ। ତଥାପି ମୁଣ୍ଡରୁ ଲିଭାଇ ନଥିଲା ସିନ୍ଦୂର ଏବଂ ହାତରେ ପିନ୍ଧିଥିଲା ଶଙ୍ଖା। ବେଦିରେ ଦେବତାମାନଙ୍କୁ ସାକ୍ଷୀ ରଖି ସେ ବିବାହ କରିଛି। ନିୟମ ଭାଙ୍ଗିବ କେମିତି ?

ବେଳେବେଳେ ସେ ଭାବେ ସେ ସଧବା ନୁହଁକି ବିଧବା ନୁହଁ, ଝିଅ ନୁହଁ କି ବୋହୂ ନୁହଁ । ତେଣୁ ଆଉଥରେ ବାହା ହୋଇପାରିବନି ।

ବାପା ମା ଜିଦ୍ ଧରି ବସିଲେ । ଭଲ ପ୍ରସ୍ତାବଟିଏ ଆସିଛି । ଝିଅ ଖାଇ ପିଇ ରହି ପାରିବ । ସେ ପ୍ରସ୍ତାବକୁ ଛାଡ଼ିବାକୁ ଚାହିଁଲେନି । ଝିଅ ଅନେକ ସମୟରେ ବାପା ମାଙ୍କର ବୋଝ ହୋଇଥାଏ ବୋଲି ଲୋକମାନେ ଭାବନ୍ତି । ସେଇଥି ପାଇଁତ କନ୍ୟା ଭ୍ରୂଣ ହତ୍ୟା ବଢ଼ିବଢ଼ି ଚାଲିଛି । ଝିଅମାନେ ଦୁର୍ବଳ ନୁହଁନ୍ତି । ସେମାନେ ବାପା ମାଙ୍କର ବୋଝ ହେବା ବଦଳରେ ସମାଜରେ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ଆମ ସମାଜ ଏହା ବୁଝିବା ଉଚିତ । ରୁନୁ ହରିଜନ ପରିବାରରେ ଜନ୍ମ ହୋଇଥିଲା । ତାକୁ ସାହସ ଦେବାକୁ ତା'ର କେହି ନଥିଲେ । ସେ ମନା କରିବା ସତ୍ତ୍ୱେ ଆଉଥରେ ବୋହୂ ସାଜିବାକୁ ବାଧ୍ୟ ହୋଇଥିଲା । ଏଥର ରୁନୁ ବିବାହ କରିଥିଲା ରାମୁଲ୍ ନାମକ ଏକ ରିକ୍ସାବାଲାକୁ । ରାମୁଲ୍ ବିବାହ ପରେ ଘରଟିଏ ଭଡ଼ା ନେଇ ରୁନୁକୁ ନେଇ ଖୁସିରେ ରହିଲା । ଏଥର ରୁନୁ ମୁହଁରେ ହସ ଫୁଟି ଉଠିଲା । ତା' ଅନ୍ଧାରି ଜୀବନରେ ଦୀପ ଜଳି ଉଠିଲା । ଗାୟତ୍ରୀଙ୍କ ଘରେ କାମ କରିବାକୁ ରାମୁଲ୍ ବନ୍ଦ କରି ଦେଲା । ସ୍ତ୍ରୀକୁ ନିଜ ରୋଜଗାରରେ ଚଳାଇ ପାରିବ ଏ ଭରସା ତାକୁ ଦେଲା । ରୁନୁ କୌଣସି ପୁରୁଷ ଲୋକଙ୍କ ସହିତ କଥା ହେଲେ ରାମୁଲ୍ ସହି ପାରେନି । ରୁନୁ କେବଳ ହିଁ ତା'ର । ରୁନୁ ପାଲଟି ଗଲା ରାମୁଲ୍ ଘରର ରାଣୀ । ଏଥିରେ କେଉଁ ସ୍ତ୍ରୀ ବା ଗର୍ବିତ ନହେବ ? ବର୍ଷଟିଏ ପୂରିଲା ବେଳକୁ ରୁନୁ କୋଳରେ ପୁଅଟିଏ । ଖୁସୀରେ ସ୍ୱାମୀ ସ୍ତ୍ରୀ ପୁଅର ଯତ୍ନ ନେଲେ । ସନ୍ଧ୍ୟା ହେଲେ ବେଶପଟା ହୋଇ ରାମୁଲ୍‌ର ଫେରିବା ବାଟକୁ ଚାହିଁଥାଏ ରୁନୁ । କଳା ମିଚିମିଚି କେଶ ଭିତରେ ଲମ୍ୱା ସିନ୍ଦୂର ଗାର ଖୁବ୍ ସୁନ୍ଦର ଦିଶୁଥାଏ । ବୁଡ଼ିବା ସୂର୍ଯ୍ୟକୁ ରୁନୁ ଉଦୟ ହେବାର ଦେଖୁଛି । ତେଣୁ ଅନ୍ଧାରକୁ ଭୁଲି ଯାଇଛି ସେ । ରାମୁଲ୍‌ର କୌଣସି ଖରାପ କାର୍ଯ୍ୟକଳାପକୁ ସେ ଦେଖି ପାରୁନଥିଲା ।

କିଛି ଦିନ ପରେ ରୁନୁ ଜାଣିଲା ରାମୁଲ୍ ମଦ ପିଉଛି । ଆଜି ଖୁସିରେ, କାଲି ଦୁଃଖରେ, ପୁଣି କେଉଁଦିନ ଅଧିକ ପରିଶ୍ରମ ପାଇଁ ମଦ ପିଉଛି କହି ରୁନୁକୁ

ବୁଝେଇ ଦେଉଥିଲା । ଆସ୍ତେ ଆସ୍ତେ ମଦ ପିଆ ବଢ଼ିଲା ରାମୁଲ୍‌ର । ନିଶା ଯେ ମଣିଷର ପରମ ଶତ୍ରୁ, ଏହା ସର୍ବ କ୍ଷତି କରାଏ ଏକଥା ରାମୁଲ୍ ବୁଝୁ ନଥିଲା । କ୍ରମେ କ୍ରମେ ଯୁକ୍ତିତର୍କରୁ ରୁନୁ ଉପରେ ସେ ହାତ ଉଠେଇଲା । ରୁନୁ ବିକଳରେ ଛୋଟ ପୁଅଟିକୁ ଧରି ବାପ ଘରକୁ ଚାଲି ଆସିଲା । ରାମୁଲ୍‌ର ସ୍ତ୍ରୀ ନିଶା ତ ଥାଏ । ସେ ଶାଶୂ ଶ୍ୱଶୁରଙ୍କ ଉପରେ ଜୁଲମ ଦେଖାଇ ସ୍ତ୍ରୀକୁ ପାଖକୁ ନେଇ ଯିବ ବୋଲି ଅନେକ ଯୁକ୍ତିତର୍କ କରିଥିଲା । ରୁନୁ ଓ ତା' ବାପା ମା ରାମୁଲ୍ କଥାରେ ଭରସା ପାଇଲେନି, ଛୋଟ ଛୁଆକୁ ମଧ୍ୟ ରାମୁଲ୍ ପାଖକୁ ଛାଡ଼ିବାକୁ ଚାହିଁଲେନି । ମଦ ନିଶାରେ ମଣିଷ ବୁଦ୍ଧି ବୃତ୍ତି ହରାଏ । ପିଲାର କ୍ଷତିମଧ୍ୟ କରିପାରେ । ଏ ଡର ସେମାନଙ୍କର ଥିଲା ।

ଏ ସବୁ ଘଟଣାପରେ ରାମୁଲ୍ ସେ ସହର ଛାଡ଼ି ଚାଲିଗଲା । ୧୦ ବର୍ଷ ଗଲାଣି । ସେ କେଉଁଠି ଅଛି, ପୁଣି ବାହା ହୋଇଛି କି ନାହିଁ କିଛି ଜଣା ନାହିଁ । ଏଥର ରୁନୁ ତା' ମନକୁ ଦୃଢ଼ କରିଛି । ଦୁଇଥର ଧକା ଖାଇ ପଥର ସାଜିଛି ସେ । ସ୍ୱାମୀ ସୁଖ ତା' ଜୀବନରେ ନାହିଁ ବୋଲି ଧରି ନେଇଛି । ଏବେ ପୁଣି ଗାୟତ୍ରୀଙ୍କ ଘରେ କାମଧନ୍ଦା କରି ଚଳି ଯାଉଛି । ପୁଅକୁ ମଣିଷ କରିବା ପାଇଁ ସେ ପ୍ରତିଜ୍ଞାବଦ୍ଧ । ପୁଅକୁ ହେଲାଣି ୯ ବର୍ଷ । ତୃତୀୟ ଶ୍ରେଣୀରେ ପଢୁଛି । ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରୁଛି । ସବୁ ଖେଳରେ ପ୍ରାଇଜ୍ ପାଉଛି । ଶିକ୍ଷକମାନଙ୍କ ମୁହଁରେ ଗୁଲୁର ପ୍ରଶଂସା । କୋମଳମତି ପିଲା ମୁଣ୍ଡରେ ଅନେକ ବୁଦ୍ଧି । ରୁନୁର ଶୁଖିଲା ମୁହଁକୁ ସେ ପୋଛି ଦିଏ । ତା' ପାଟିରୁ ବାହାରି ଆସେ, ''ମା, ମୁଁ ବଡ଼ ହେଲେ ଅନେକ ଟଙ୍କା ରୋଜଗାର କରିବି, ତୁ ଆଉ କାହା ଘରେ କାମ କରିବୁନି ।'' ଗୁଲୁର ଏହି କଥା ପଦକରେ ରୁନୁ ତା' ବିଷାକ୍ତ ଅତୀତକୁ ଭୁଲିଯାଏ, ଗୁଲୁକୁ ଗେହ୍ଲା କରିଦିଏ ।

ରୁନୁ ସବୁକୁ ପଛରେ ପକାଇ ଦେଇ ଗୁଲୁକୁ ପାଠ ପଢ଼େଇ ମଣିଷ କରିବାରେ ଲାଗିଛି । ସବୁ ହତାଶା ମଧ୍ୟରେ ଗୁଲୁ ତା'ର ଆଶା । ଗୁଲୁର ପାଠ ପଢ଼ାରେ ଗାୟତ୍ରୀ ସାହାଯ୍ୟ କରନ୍ତି । ଏତେ କଷ୍ଟପାଇ ଧୈର୍ଯ୍ୟ ନ ହରାଇ ପୁଅର ଭବିଷ୍ୟତ ଗଢ଼ିବାରେ ଲାଗିଛି ରୁନୁ । ଏଥିପାଇଁ ଗାୟତ୍ରୀ ତାକୁ ଉତ୍ସାହିତ କରନ୍ତି । ରୁନୁର ଦମ୍ଭ ଓ ସାହସକୁ

ମନେମନେ ପ୍ରଶଂସା କରନ୍ତି । ମଣିଷର ମନୋବଳ ତାକୁ କୌଣସି କ୍ଷେତ୍ରରେ ହରାଏନି । ତାହାର ନିଦର୍ଶନ ହେଉଛି ରୁନୁ ।

ଦୁଇ ଦୁଇଟା ସ୍ୱାମୀଙ୍କର ସ୍ତ୍ରୀ ହୋଇ ମଧ୍ୟ ରୁନୁ ଆଜି ସ୍ୱାମୀ ହରା । ତଥାପି ସାବିତ୍ରୀ ବ୍ରତରେ ସେ ସୁନ୍ଥାରେ ସିନ୍ଦୂର ଭରିଛି; ହାତରେ ଝଟକୁଛି ନାଲି ଶଙ୍ଖା । ମନଦେଇ ସ୍ୱାମୀଙ୍କର ଶୁଭ ମନାସିଛି । ସେ ଆଜି ପୂଜାପାଠରେ ବ୍ୟତିକ୍ରମ କରିନି । ପୁଅକୁ ନେଇ ଆଉ ଏକ ନୂଆ ସୂର୍ଯ୍ୟ ଦେଖିବାର ଆଶା ସେ ରଖିଛି ।

ଅତୀତର ସବୁ ପୃଷ୍ଠାକୁ ଓଲଟାଇ ସାରିଲା ପରେ ତରକାରି କରେଇକୁ ଚାହିଁ ଦେଲା ରୁନୁ । ସବୁତକ ପରିବା ପୋଡ଼ି ଯାଇଥିଲା । ଅତୀତକୁ ଫୋପାଡ଼ି ଦେଲାଭଳି ପୋଡ଼ା ପରିବାକୁ ଫୋପାଡ଼ି ଦେଇ ପୁଣିଥରେ ନୂଆ ତରକାରି ରାନ୍ଧିଦେବ ବୋଲି ଠିକ୍ କଲା ।

◆◆◆

# ହଜିଲା ନାଆଁ

କେତେଦିନ ହେଲାଣି ମନ ଭିତରେ ବୈଶାଖୀ ଝଡ଼ । ଦୀର୍ଘ ତିରିଶ ବର୍ଷ ତ ବିତିଗଲାଣି । ଆଉ ବା କେତେଟା ଦିନ ବାକି ଅଛି । ଏମିତି ଭାବି ଅନେକଥର ଉଠୁଥିବା ଝଡ଼କୁ ମୁହାଁଇ ଦେଉଥିଲି ଅନ୍ୟଆଡ଼େ । ଝଡ଼ର ଆରମ୍ଭ ଓ ଶେଷ ବିଷୟରେ କାହାକୁ କହିବାକୁ ସଙ୍କୋଚ ଲାଗେ । ଏତେ ଛୋଟିଆ କଥାଟା – ପୁଣି ଭାବି ବସିଲେ ଅନେକ ବଡ଼ ଲାଗେ । ଛୋଟିଆଛୋଟିଆ ଶବ୍ଦ; ତା'ରି ଭିତରେ ଥାଏ କେତେ ମାଧୁର୍ଯ୍ୟ, କେତେ ଆନ୍ତରିକତା, କେତେ ପ୍ରେମ, କେତେ ରସ ଇତ୍ୟାଦି ଇତ୍ୟାଦି । ଶବ୍ଦର ମାଧୁରିମା ଶବ୍ଦ ବ୍ୟବହାର କରୁଥିବା ବ୍ୟକ୍ତି ଉପରେ ନିର୍ଭର କରେ । ଛୋଟିଆ ନାଆଁଟିଏ ମୋର । ତାକୁ ନେଇ ମୋ ଭିତରେ ଝଡ଼ର ସୃଷ୍ଟି ।

ଏମିତି ନାଆଁଟି ବୋଉ ମୋତେ ଦେଲା ଯେ ତାହା ଧୀରେ ଧୀରେ ହଜି ଯାଉଛି । ମୁଁ କିନ୍ତୁ ସେଇ ନାଆଁକୁ ଜାବୁଡ଼ି ଧରିଛି । ସେଥିପାଇଁ ମୋର କେତେ ମାନ ଅଭିମାନ । ମୁଁ ସେ ନାଆଁକୁ ଖୁବ୍ ଭଲ ପାଏ । ସେହି ନାଆଁରେ କିଏ ଡାକିଲେ ମୋତେ ଖୁବ୍ ଭଲ ଲାଗେ । ଆତ୍ମୀୟତା ଥିଲା ଭଳି ଲାଗେ ସେ ନାଆଁରେ । ସବୁ ସ୍ନେହ ଯେମିତି ଅଜାଡ଼ି ପଡ଼େ ମୋ ଉପରେ । କାହା ଓଠକୁ ମୋ ନାଆଁଟା ସ୍ପର୍ଶ କଲେ ସେ ଓଠର ସବୁ ପ୍ରେମ, ସବୁ ସୁଖ ଯେମିତି ଲେସିଯାଏ ସେହି ନାଆଁରେ । କେହି ଜଣେ ମୋତେ ସେହି ନାଆଁରେ ଡାକୁଥିଲେ । ଡାକଟା ମୋ କାନରେ ସୃଷ୍ଟି କରୁଥିଲା ଶତ ପ୍ରତିଧ୍ୱନି । ମୁଁ ହୋଇ ଯାଉଥିଲି ଆତ୍ମହରା । ସେ ନାଆଁ ଡାକରେ ଥିଲା ଚୁମ୍ବକୀୟ ଶକ୍ତି । କାହିଁ ? ମୋତେ ତ ଖରାପ ଲାଗୁ ନ ଥିଲା । ବୋଉ କ'ଣ ମିଛରେ ଏମିତି ନାଆଁଟା ଦେଇଛି ?

କାହାକୁ ଶୁଣିବା ପାଇଁ ଭଲ ଲାଗିବନି ବୋଲି ସେହି ନାଆଁରେ ଡାକିବାକୁ ମୋ ସ୍ୱାମୀ ଭଲ ପାଆନ୍ତିନି । ସେ ନାଆଁଟା ସେ ମୁହଁରେ ଧରିବା କ୍ଷଣି ଅସ୍ପଷ୍ଟ ହୋଇ ତାହା ଉଚ୍ଚାରିତ ହୁଏ, ପୂର୍ଣ୍ଣ ନାଆଁଟା ଶୁଣାଯାଏନି । ଏଥିପାଇଁ ବାରମ୍ବାର ମୋ ମନରେ ଝଡ଼ ଉଠେ ।

ଯେତେବେଳେ ମୋ ବୋଉ ''ବାୟାଣୀ'' ବୋଲି ଡାକିଦିଏ ଗୋଡ଼ ମୋର ଭୂଇଁରେ ଲାଗେନି । ପିଲାଦିନେ ମୁଁ ତ ପାଗିଳୀ ବା ବାୟାଣୀ ନ ଥିଲି । ବୋଧହୁଏ ବୋଉ କୋଳରେ ବସାଇ ମୋତେ ଝୁଲ୍‌ରେ ହାତୀ ଝୁଲ୍ କହିଲାବେଳେ ମୁଁ ତା' କୋଳରେ କ୍ରମାଗତ ଭାବରେ ଝୁଲୁଥିଲି । ଯେତେ ଅଟକାଇଲେ ମଧ୍ୟ ଝୁଲିବାଟା ବନ୍ଦ କରୁ ନ ଥିଲି । ତାକୁ ହୁଏତ ଲାଗୁଥିବ ମୁଁ ବାୟାଣୀ ହୋଇ ଗଲିଣି କି ? କିମ୍ବା ଖୁଆଇବା ପାଇଁ ମୋତେ ଏଣେତେଣେ ଗୋଡ଼ାଇ ଗୋଡ଼ାଇ ହାଲିଆ ହୋଇଗଲେ ବାୟାଣୀ ଭଳି ଏ ଘର ସେ ଘର ଭିତରେ ଦୌଡୁଥିବାର ଦେଖି ମୋତେ ''ବାୟାଣୀ – ବାୟାଣୀ'' ବୋଲି ଡାକୁଥିବ । ଏ ତ ପିଲାଦିନର କଥା । ଏ ନାଆଁର ଅର୍ଥ ପ୍ରତି ମୋର ନ ଥାଏ ନଜର ।  ଏଇ ନାଆଁକୁ ମୋ ବୋଉ ଦେଇଛି । ତେଣୁ ଏଇ ନାଆଁକୁ ପାଟିରେ ଧରୁଥିବା ଲୋକ ପାଖରେ ଥାଏ ମୋର ନିବିଡ଼ ସମ୍ପର୍କ । ମୋ ନାଆଁ ''ଏଲିନା'' ବା ''ଶ୍ରୀୟା'' ହୋଇଥିଲେ କାହାକୁ ହୁଏତ ଭଲ ଲାଗିଥାଆନ୍ତା । ସେଥିରେ ମୁଁ କ'ଣ ମୋ ବୋଉର ଶ୍ରଦ୍ଧା ପାଇ ଥାଆନ୍ତି ?

ଯିଏ ମୋତେ ''ବାୟାଣୀ'' ବୋଲି ଡାକୁଥିଲେ ସେ ମୋତେ ମନରୁ ପୋଛି ଦେଲେଣି । ସେ ଦିନଗୁଡ଼ିକ ମୋର ଅତୀତ ହୋଇଯାଇଛି । କିନ୍ତୁ ତାଙ୍କ ଡାକଟା ମୋ ଅନ୍ତର ଭିତରେ ଛାପି ହୋଇ ଯାଇଛି । ସେ ଡାକର ମଧୁର ସ୍ମୃତିକୁ ଏବେ ମୋ ପଣତକାନିରେ ମୁଁ ସାଉଁଟି ପାରୁନି । କେବେଠୁଁ ବସନ୍ତ ଅତୀତ ହେଲାଣି । କୋଇଲିର କଣ୍ଠସ୍ୱର କେଉଁଠି କେଜାଣି ନିରବରେ ଶୋଇଗଲାଣି । ତଥାପି ତାଙ୍କର ସେଇ ଡାକ ହୃଦୟରେ ସୃଷ୍ଟି କରୁଛି ଅନୁରାଗ । ଭଲ ପାଇବାରେ ରାଗ ଥାଏ, ଅଭିମାନ ଥାଏ କିନ୍ତୁ ପ୍ରତିଶୋଧ ନ ଥାଏ । ତାଙ୍କର ପ୍ରତିଶୋଧ ନିଆଁରେ ମୋର ସେହି ଟିକି ନାଆଁଟି ପୋଡ଼ି ହଜି ପାଉଁଶ ହୋଇ ଯାଇଛି ।

''ଛାଡ଼ ସେ ସବୁ କଥା । ତମେ ତ ବେଶ୍ ଖୁସିରେ ଡାକୁଛ ବାୟାଣୀ ବୋଲି । ଏମିତି ଏକ ଅସୁନ୍ଦରିଆ ନାଆଁରେ ଡାକିବାକୁ ତୁମକୁ କେମିତି ଭଲ ଲାଗୁଛି ।''

''କାହିଁକି ? ତୁମ ବୋଉ ଦେଇଥିବା ନାଆଁରେ ତୁମକୁ ଡାକିବାରେ ମୁଁ ତ ଆନନ୍ଦ ପାଉଛି । ସେ ନାଆଁ ପାଟିରେ ଧରିଲେ ମୋ ଓଠ ତ ଓଦା ହୋଇ ଯାଉଛି । ତୁମେ କାହିଁକି ନାଆଁଟାକୁ ଅପସନ୍ଦ କରୁଛ ? ନାଆଁଠାରୁ ନାଆଁ ଡାକିବାରେ ଥାଏ ଆନନ୍ଦ । ସେ ଆନନ୍ଦ ଯିଏ ପାଇପାରେନି ତାକୁ ତୁମ ନାଆଁ କେମିତି ଭଲ ଲାଗିବ ?''

ମହାନଦୀ ଧାରକୁ ଘେରି ରହିଥିବା ରିଙ୍ଗରୋଡ଼୍‌ରେ ଏମିତି ଏକ ହାଲୁକା ବିଷୟ ଉପରେ ଆମ ଆଲୋଚନା ମୋତେ ଖୁବ୍ ଭଲ ଲାଗୁଥିଲା । ସେଦିନ ନଈକୁ ଛୁଇଁଦେଇ ବୋହି ଆସୁଥିବା ଥଣ୍ଡା ଥଣ୍ଡା ପବନ ଦେହରେ ବାଜୁଥାଏ । ବେଳେବେଳେ ମୋ ଶାଢ଼ିର ଆଞ୍ଚଳକୁ ଚୁମି ଦେଇ ପୁଣି ଗୋଡ଼େଇ ହୋଇ ଯାଉଥାଏ ତରୁଣଙ୍କ ଦେହରେ । ମନ ଆମର ଉଡୁଥାଏ ଆକାଶରେ । ହାତ ପାହାନ୍ତରେ ସରଗର ଜହ୍ନ ସତେ ଯେମିତି ଖେଳୁଥାଏ । ଜଳଭରା ମହାନଦୀର ସୀମା ଯାଏ ଚାଲି ଯାଉଥାଏ ଆମ ଆଖି । ଆକାଶ ସେଦିନ ପିନ୍ଧିଥାଏ ଇନ୍ଦ୍ରଧନୁର ଓଢ଼ଣୀ । ମହାନଦୀର ଜଳ ଉପରେ ତା' ପ୍ରତିଛବି ଆଙ୍କି ହୋଇଯାଉଥାଏ । ପ୍ରକୃତିର କି ଅପୂର୍ବ ଶୋଭା । ଗପି ଗପି ଆମେ ଚାଲିଥାଉ ସେ ରିଙ୍ଗରୋଡ଼୍‌ରେ । କାର୍, ବାଇକ୍ ଆମର ଏ ନିରୋଳା ମୁହୂର୍ତ୍ତକୁ ନଷ୍ଟ ନ କରି ବାଟ କାଟି ଚାଲି ଯାଉଥିଲେ ସେଦିନ । ''ବାୟାଣୀ'' ।

''ଉଁ, କିଛି କହିବ'' ?

''ସନ୍ଧ୍ୟା ହୋଇ ଆସିଲାଣି । ଆକାଶକୁ ଟିକିଏ ଚାହଁ । ଧାଡ଼ି ଧାଡ଼ି ପକ୍ଷୀ ଦମ୍ପତିମାନେ ଚିଁ ଚାଁ ଶବ୍ଦରେ ଆକାଶକୁ ମୁଖରିତ କରି ଘରକୁ ଫେରିଲେଣି । ନାଉରିଆ କାତ ବାନ୍ଧିଲାଣି ନାଆ ମଙ୍ଗରେ ।

ଚାଲ ଏବେ ଫେରିଯିବା ।

ତରୁଣ କଥାରେ ହଁ ମାରିଲି - କିନ୍ତୁ ମୋ ଜୀବନର ସେ ବିରଳ ମୁହୂର୍ତ୍ତକୁ ହାତଛଡ଼ା କରିବାକୁ ସେଦିନ ମୁଁ ଚାହୁଁ ନ ଥିଲି ।

ସେଦିନ ଆଉ ଆଜି; ଅନେକ କିଛି ତଫାତ୍ । ତରୁଣଙ୍କ ପାଟିରୁ ବାୟାଣୀ ନାଆଁଟା ଆଜି ଝରିପଡ଼େନି । ଏମିତି ତ ସମୟ ଆସେ ବେଳେବେଳେ, ଯେଉଁଦିନ ସବୁ ସୁଦିନ ସେହି ସମୟ ଚକରେ ପେଷି ହୋଇଯାଏ । ତଥାପି ତା'ର ଅବଶେଷାଂଶ ରହିଯାଏ କାହା କାହା ପାଖରେ । ସେହି ଖଦଡ଼ା ଅଂଶକୁ ସାଉଁଟି ଆଣି ଫୋପାଡ଼ି ଦେବାକୁ ଚାହିଁଲେ ବି ଫୋପାଡ଼ି ହୁଏନି । ପୁଣି ଯୋଡ଼ାଯାଡ଼ି ହୋଇ ସେ ହୋଇଯାଏ ଅତୀତ, କାନ୍‌ଭାସ ଉପରେ ଛବିଟିଏ କିମ୍ୱା ବହିର କେତୋଟି ପୃଷ୍ଠା ।

ଏହା ଭିତରେ ମୁଁ କେତେ ଦୂରଦେଶରେ ବୁଲିଛି । ଅନେକ ସମ୍ମାନ ପାଇଛି । ଅନେକ ଆହୁ ମୋତେ ଡାକରା । ସମୟ ମୋର ସାଏଁ ସାଏଁ ଚାଲିଯାଉଛି । ମୁଁ କିନ୍ତୁ ସେ ସମୟକୁ ଉପଭୋଗ କରିପାରୁନି । ଗବେଷଣା କରୁଛି, ବକ୍ତୃତା ଦେଉଛି, ସୁନାମ ପାଉଛି ଅନେକ । କିଏ ଡାକୁଛି ''ମ୍ୟାଡ଼ାମ୍'' ବୋଲି, କିଏ ସମ୍ବୋଧନ କରୁଛି ''ଡକ୍ଟର ପଟ୍ଟନାୟକ'' । କାହିଁ - କେହିତ ''ବାୟାଣୀ'' ବୋଲି ଡାକୁନି । ଥରେ ଜାପାନୀ ପ୍ରଫେସର ଇଟୋ ପଚାରିଥିଲେ ''ତୁମର କ'ଣ ଅନ୍ୟ ନାମ ନାହିଁ ?''

''ହଁ - ବାୟାଣୀ''

ନାଆଁର ଅର୍ଥ ସେ ବୁଝି ପାରି ନ ଥିଲେ । ''ମ୍ୟାଡ୍ ଫେଲୋ'' ବୋଲି କହିଥିଲି । ହସି ହସି ଗଡ଼ି ଯାଇଥିଲେ । କହିଥିଲେ, ''ତୁମେ ଏତେ ବୁଦ୍ଧିମତୀ, ଏତେ ଶିକ୍ଷିତା, ତୁମେ ଖୁବ୍ ନରମ, ତୁମ କଥାବାର୍ତ୍ତା ତ ମ୍ୟାଡ଼ ଫେଲୋ ଭଳି ନୁହେଁ । ଏମିତି କାହିଁକି ତୁମ ନାଆଁ ହେଲା ?

ତୁମ ନାଆଁ ତ ଊର୍ମି । ଜଳ ଉପରେ ଅଣ୍ଟାକୁ ହଲାଇ ହଲାଇ ନାଚୁଥିବା ତୁମେ ଏକ ଲଳନା । ତୁମେ ସମୁଦ୍ରର ଭୀମକାନ୍ତ ଢେଉ ନୁହଁ । ତୁମେ ତ ଊର୍ମି । କଟିକୁ ହଲେଇ ହଲେଇ ନାଚିଲା ବେଳେ ଜଳ କେତେ ଆନନ୍ଦ ପାଏ ତୁମେ ଜାଣ ?''

ବିଦେଶୀର ଏ ସାହିତ୍ୟଚର୍ଚ୍ଚା ମୋତେ ମୁଗ୍ଧ କରିଥିଲା ସେଦିନ। ତଥାପି ''ଊର୍ମି'' ନାଆଁଠାରୁ ''ବାୟାଣୀ'' ନାଆଁଟା ମୋତେ ବେଶୀ ଭଲ ଲାଗେ। ଦୁଃଖ ରହିଯାଏ, ବୋଉ ମୋ ପାଖରେ ରହୁନି, ଏଇ ନାଆଁରେ ଡାକିବା ଲୋକ ନାଆଁଟା ଭଲ ପାଆନ୍ତିନି। କିଏ ବା ଆଉ ସେ ନାଆଁଧରି ଡାକିବ ? ତରୁଣ ତ ଆଜି ବହୁ ଦୂରରେ।

ତରୁଣଙ୍କ ସହ ପ୍ରଥମ ଦେଖା ହୋଇଥିଲା ଏକ କବି ସମ୍ମିଳନୀରେ। ଅନେକ କବିଙ୍କର ଚାଲିଥାଏ କବିତା ଆବୃତ୍ତି। ସେତେବେଳେ ମୁଁ ତରୁଣଙ୍କୁ ଚିହ୍ନି ନ ଥିଲି। କବିତା ପ୍ରତି ମୋର ଏକ ଅହେତୁକ ଆକର୍ଷଣ। ଯେକୌଣସି କବିତା ହେଲେ ବି ତା' ଭିତରେ ଲୁଚି ରହିଥାଏ କବିର ଭାବ, ଆବେଗ, ପ୍ରୀତି, ପ୍ରେମ ଓ କିଛି ଶବ୍ଦ ପୁଞ୍ଜ। ଜୀବନ ତ ଏକ କବିତା। ଯାହା ଉଚ୍ଚାରଣ ମାତ୍ରେ ମୃତବ୍ୟକ୍ତି ଜୀବନ୍ୟାସ ପାଏ ତାହା ହିଁ କବିତା। ତେଣୁ କବିତାକୁ ମୁଁ ଏତେ ଭଲ ପାଇଯାଇଛି ଯେ ଅଧିକାଂଶ କବି ସମ୍ମିଳନୀରେ ଯୋଗ ଦେବାକୁ ଭୁଲେନି। ଅନେକ ବନ୍ଧୁଙ୍କର ଥାଏ ଅନୁରୋଧ, ''ତୁମେ ଗୋଟିଏ କବିତା ପାଠ କରିବ।''

ଯାହା ଯେତେବେଳେ ଏଣୁତେଣୁ ଦୁଇଧାଡ଼ି ପେନ୍‌ସିଲ୍‌ରେ ଲେଖି କାଗଜକୁ ଗେଞ୍ଜି ଦେଇଥାଏ, ବନ୍ଧୁଙ୍କର ଅନୁରୋଧରେ ତାକୁ ଖୋଜାଖୋଜି କରି କବିତା ପାଠୋତ୍ସବକୁ ଯାଏ। ମୋ ନାଆଁ ଡକାହେଲେ ପଢ଼ି ଶୁଣେଇ ଦିଏ ମୋ ସାଉଁଟା କବିତା। ମୋ କବିତାରେ ଥାଏ ଜୀବନର ଦର୍ଶନ କିମ୍ବା ପ୍ରକୃତିର ମାଧୁରିମା।

''ଖୁବ୍ ଭଲ ହୋଇଛି ତୁମ କବିତା।'' ଅନେକ ବନ୍ଧୁ କହନ୍ତି। ଏତେ ସମ୍ମାନ ମିଳେ ଯେ ଗର୍ବରେ ଛାତି ଫାଟିପଡ଼େ। ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧ ପରେ ସଖା ଅର୍ଜୁନଙ୍କୁ ନିଜର ପରାକାଷ୍ଠା ବର୍ଣ୍ଣନା କରି ତ ଗର୍ବିତ ହୋଇଥିଲେ। ସେ ସୂଚେଇ ଦେଇଥିଲେ ଯେ ସେ ମୁନିବର ବ୍ୟାସଙ୍କ ଭଳି ମହାନ। ଆମେ ତ ଛାର ମଣିଷ। ନିଜର କୃତି ପାଇଁ ଗର୍ବ କରିବାରେ ଭୁଲ୍ ନାହିଁ ବୋଲି ମୁଁ ଭାବେ।

ଯାହା ଟିକିଏ ଲେଖିଦିଏ ଅନ୍ୟକୁ ପଢ଼ି ଶୁଣେଇବାରେ ଥାଏ ମୋର ଆନନ୍ଦ। କିଏ ତାକୁ ପସନ୍ଦ କରୁ ବା ନ କରୁ ସେଥିପ୍ରତି ମୋର ନଜର ନ ଥାଏ। ତେଣୁ

ସ୍ୱରଚିତ କବିତା ଅନେକଥର ମୋ ନିଜ ଲୋକଙ୍କୁ ପଢ଼ି ଶୁଣେଇଥାଏ । ନିଜର ସୃଜନଶକ୍ତି ପାଇଁ ମନଟା ନାଚିଉଠେ । କବିତାଟିଏ ହେଉ ବା ଗପଟିଏ ହେଉ ତାହା ହେଉଛି ଏକ ଐଶ୍ୱରିକ ସୃଷ୍ଟି ।

ଫଗୁଣ ମାସରେ ହେଉଥାଏ ରଙ୍ଗଖେଳ । ଦାଣ୍ଡରେ ରାଧାକୃଷ୍ଣ ବେଶରେ ଛୋଟ ଛୋଟ ପିଲାମାନେ ଫଗୁ ଖେଳରେ ମାତିଥାଆନ୍ତି । ସମସ୍ତଙ୍କ ହାତରେ ଥାଏ ରଙ୍ଗଭରା ପିଚକାରି ।

ମୁଁ ପ୍ରାତଃ ଭ୍ରମଣ ସାରି ଘରକୁ ଫେରିଲା ପରେ ଦାଣ୍ଡରେ ଛୋଟ ପିଲା ଓ କେତେଜଣ ସାହି ପିଲାମାନଙ୍କର କୋଳାହଳ ଶୁଣିଲି । ମୁହଁରେ ନାନା ପ୍ରକାରର ମୁଖାପିନ୍ଧି ଦେହରେ ରଙ୍ଗ ବୋଳିବାରେ ସେମାନେ ଥିଲେ ବ୍ୟସ୍ତ । ଇଚ୍ଛା ହେଉଥାଏ ଆଉ ଥରେ ଏମାନଙ୍କ ଭଳି ପିଲା ହୋଇଯାଆନ୍ତି କି ?

ପ୍ରତିଦିନ ସକାଳଟା ମୁଁ ଉପଭୋଗ କରେ ମୋ ଛାତ ଉପରେ । ମୋ ହାତରେ କୁଣ୍ଡରେ ଲଗାଇଥିବା କେତୋଟି ଗଛ ହେଉଛନ୍ତି ମୋ ଜୀବନ । ସକାଳର କଅଁଳିଆ ସୂର୍ଯ୍ୟ ରଶ୍ମିକୁ ଉପଭୋଗ କରନ୍ତି ସେମାନେ ଏବଂ ତାଙ୍କ ଦେହରେ ଶୋଭା ପାଉଥିବା ଫୁଲମାନେ । ଉଜ୍ଜ୍ୱଳ ହୋଇଯାଏ ସେମାନଙ୍କ ମୁଖ । ତାଙ୍କ ଓଠ ଚାରିପଟେ ମୁଗ୍ଧ ହୋଇ ଘୂରି ବୁଲନ୍ତି ଭ୍ରମର ଓ ପ୍ରଜାପତି । ମୁଣ୍ଡ ହଲାଇ ‘‘ନାହିଁ ନାହିଁ’’ କହୁଥାଆନ୍ତି ମୋ ଫୁଲମାନେ । ସେମାନଙ୍କର ମଧୁର ଆଲିଙ୍ଗନ, କେବେକେବେ ଧରାଛୁଆଁ ଦେଉ ନ ଥିବାର ଦୃଶ୍ୟ ଦେଖି ମୁଁ ବିଭୋର ହୋଇଯାଏ ।

ଆଜି ଫଗୁଖେଳ । ସତରେ, ପ୍ରକୃତି ବି ରଙ୍ଗରେ ମତୁଆଲା । କାଗଜ ଓ ଗୋଲାପ ଫୁଲ ସେମାନଙ୍କ ପିଚିକାରିରେ ମୋ ଦେହକୁ ରଙ୍ଗେଇ ଦେଲେ । ସେମାନଙ୍କ ସହିତ ଅନେକ ଖେଳିଲି । କୃଷ୍ଣ ଯେମିତି ରଙ୍ଗଭରା ପିଚକାରି ଧରି ପ୍ରେମିକା ରାଧାଙ୍କ ପଛରେ ଗୋଡ଼ାଉଥିଲେ ଠିକ୍ ସେମିତି ମୋ ଗୋଲାପମାନେ ଧାଉଁଥାଆନ୍ତି ମୋ ପଛରେ । ହସିହସି ମୁଁ ଲୋଟି ଯାଉଥାଏ ଛାତ ଉପରେ । ବେଳେବେଳେ ପ୍ରକୃତ ଘଟଣାଠାରୁ କଳ୍ପନା ଦେଇଥାଏ ଅଧିକ ଆନନ୍ଦ ।

କିଛି ସମୟ ପରେ ଫୁଲମାନଙ୍କ ସହିତ ରଙ୍ଗ ଓ ଅବିର ଖେଳ ସାରିଲା ପରେ ସେମାନଙ୍କ ମୁହଁରେ ଫଗୁର ଆସ୍ତରଣ ଏବଂ ରଙ୍ଗବେରଙ୍ଗର ଦେହକୁ ମୁଁ ସ୍ପଷ୍ଟ ଦେଖିପାରିଲି । ଖେଳିଖେଳି ହାଲିଆ ହୋଇଗଲା ପରେ ମୋ ରୁମ୍‌କୁ ଚାଲି ଆସିଲି । କବିତାଟିଏ ଲେଖିଲି, ''ଅନାମିକାର ଫଗୁ ଖେଳ ।'' ଭାଷାର କ୍ଲିଷ୍ଟତା ନ ଥିଲା କବିତାରେ । ଯାହା ସମସ୍ତଙ୍କ ହୃଦୟକୁ ଛୁଇଁପାରିବ ସେମିତିକା କବିତା ଲେଖିବାକୁ ମୁଁ ଭଲ ପାଏ ।

ସେହି କବିତାଟି ପାଠ କରିଥିଲି ସେଦିନ କବିତା ପାଠୋତ୍ସବରେ । ମାସ ଥିଲା ଫଗୁଣ । ଦୁଇଦିନ ତଳେ ଯାଇଥାଏ ଦୋଳ ଯାତରା । ସାହି ସାହି ବୁଲି ରାଧାକୃଷ୍ଣ ଭୋଗ ଖାଇ ନିଜ ନିଜ ମଣ୍ଡପକୁ ଫେରିଥାଆନ୍ତି । ସାରା ସହରଟା ରଙ୍ଗରେ ରଙ୍ଗେଇ ଯାଇଥାଏ । ମୋର ଏହି କବିତାଟି ସମୟକୁ ଚାହିଁ ଖୁବ୍ ମନଛୁଆଁ ହୋଇଥାଏ । କବିତାଟି ପଢ଼ି ସାରିବା ପରେ କରତାଳିରେ ହଲ୍‌ଟି ଉଚ୍ଛୁଳି ଉଠିଲା । ସେ ଦିନ ଯେଉଁ ଆନନ୍ଦ ଟିକକ ମୁଁ ପାଇଥିଲି ତାହା ପାର୍ଥିବ ସମ୍ପଦଠାରୁ ଅଧିକ ମୂଲ୍ୟବାନ ହୋଇଥିଲା । ମୋ ସିଟ୍‌ରେ ବସି ମୁଁ ଗର୍ବ ଅନୁଭବ କରିଥିଲି ।

କବିତା ପାଠୋତ୍ସବ ପରେ ତରୁଣ ମୋ ପାଖକୁ ଆସି ମୋ କବିତାର ଖୁବ୍ ତାରିଫ କରିଥିଲେ । କବିତାରେ ଥିବା ଶବ୍ଦବିନ୍ୟାସ ତାଙ୍କୁ ଖୁବ୍ ଭଲ ଲାଗିଥିଲା । ତା'ପରେ ଅନେକ ଥର ତାଙ୍କ ସହିତ ମୋର ଦେଖା ହୋଇଛି । କେବେକେବେ କବି ସମ୍ମିଳନୀରେ, ପୁଣି କେବେକେବେ ବାଟରେ ଘାଟରେ । ଆସ୍ତେ ଆସ୍ତେ ମୋ କଥା କହିବାର ଶୈଳୀ, ମୋ କଥାରେ ଥିବା ଭାବପ୍ରବଣତା ତାଙ୍କୁ ମୋ ପାଖ କରି ଦେଇଥିଲା ।

ମୁଁ ବିବାହିତା ଜାଣି ମଧ୍ୟ ସେ ମୋ ପାଖ ହୋଇ ଯାଇଥିଲେ । ଦେହର ସମ୍ପର୍କ ଅପେକ୍ଷା ମନର ସମ୍ପର୍କକୁ ସେ ବେଶୀ ସମ୍ମାନ ଦେଉଥିଲେ । ବେଳେବେଳେ ମନକୁ ହାଲୁକା କରିବା ପାଇଁ ଜୀବନର ଦୁଃଖକୁ ତାଙ୍କୁ କହି ଆଶ୍ୱାସନା ପାଉଥିଲି ।

''ଗୁଣ ଚିହ୍ନେ ଗୁଣିଆ - ତୁମ ଗୁଣକୁ ଚିହ୍ନିବା ଲୋକ ତୁମ ପାଖରେ ନାହାନ୍ତି । ତୁମ ସୂକ୍ଷ୍ମତା ସେମାନଙ୍କୁ ଛୁଇଁ ପାରେନି । ଯାହାକୁ ଯାହା ମିଳେ ତାକୁ ନେଇ ସୁଖରେ ରହିବା ବୁଦ୍ଧିମାନର ପରିଚୟ ।''

ଏସବୁ ଶୁଣେ ତରୁଣଙ୍କ ପାଖରୁ । ଆଖିରୁ ବେଳେବେଳେ ଦୁଇ ଟୋପା ଲୁହ ଗଡ଼ି ଆସେ । ଯେତେ ଚେଷ୍ଟା କଲେ ବି ସେ ପୁଣି ଆଖିପତାକୁ ଫେରିଯାଏନି । ତରୁଣ ଖୁବ୍ ମର୍ମାହତ ହୋଇଯାଆନ୍ତି ।

ଏମିତି ସୌନ୍ଦର୍ଯ୍ୟଭରା ମନକୁ ଉପଭୋଗ କରିବା ପାଇଁ ମନଟିଏ ତାକୁ କାହିଁକି ଦେଲେନି ପ୍ରଭୁ ? ଦୀର୍ଘନିଃଶ୍ୱାସ ଛାଡ଼ି ତରୁଣ କେତେ କ'ଣ ଭାବିଯାଆନ୍ତି । ସତରେ କେତେ ହତଭାଗୀ ଏ ଭଦ୍ରମହିଳା .......... ।

ଥରେ ଗପୁ ଗପୁ ମୋ ବାପା ବୋଉଙ୍କ କଥା କହିଥିଲି ତରୁଣଙ୍କୁ । କେଡ଼େ ଗେହ୍ଲବସରରେ ଏକ ଯୌଥ ପରିବାରରେ ମୋ ବାଲ୍ୟ ଓ କୈଶୋର ଅବସ୍ଥା ବିତିଥିଲା । ଭଲ ପାଠ ପଢୁଥିଲି । ପାଠପଢ଼ା ଥିଲା ମୋର ଏକମାତ୍ର ନିଶା । ପିଲାଦିନରୁ ମୁଁ ପ୍ରକୃତିପ୍ରେମୀ ଥିଲି । ଗାଁର ପରିବେଶ, ପାଚିଲା ଧାନକ୍ଷେତରେ ଉଇଁଲା ସୂର୍ଯ୍ୟ ରଶ୍ମିର ଉହଡ଼ି, ବୁଡିଲା ସୂର୍ଯ୍ୟ, ଘର ବାହୁଡ଼ା ପକ୍ଷୀଙ୍କର କୋଳାହଳ, ଆମ୍ବଗଛରେ କୋଇଲିର ମଧୁସ୍ୱର ମୋତେ ବେଶ୍ ଭଲ ଲାଗୁଥିଲା ।

କଲେଜରେ ମୁଁ ଥିଲି ବିଜ୍ଞାନଛାତ୍ରୀ । ଧୂଆଁ ଓ ଗନ୍ଧ ଭିତର ମୋ ସାହିତ୍ୟ ପ୍ରେମକୁ ପାସୋରି ଦେଇଥିଲି । ମୋ ଭିତରେ ଥିବା ସାହିତ୍ୟକଳା ମରିମରି ଆସିଲା । ଚାକିରିରୁ ଅବସର ନେବା ପରେ ବିଭିନ୍ନ କାର୍ଯ୍ୟରେ ଭାରାକ୍ରାନ୍ତ ହେଉଥିବା ମନ ମୋର ହାଲୁକା ହୋଇଗଲା । ବିଜ୍ଞାନ ଜଗତରୁ ବାହାରି ଆସି ସାରସ୍ୱତ ଜଗତରେ ପାଦ ଥୋଇଲି । କୈଶୋରରେ ପୋତିଥିବା ମଞ୍ଜିରୁ ଅଙ୍କୁରୋଦ୍‌ଗମ ହୋଇ ଗଜାରୁ ଡାଳପତ୍ର ସୃଷ୍ଟିହେଲା । ଛୋଟ ଛୋଟ କବିତା ଲେଖିବା ଆରମ୍ଭ କଲି । କିଛି ଦିନ ପୂର୍ବେ ମୋର ପ୍ରଥମ କବିତା ପୁସ୍ତକ ''ସୁନ୍ଦର ପୃଥିବୀ'' ପ୍ରକାଶ ହେବା ପରେ ମୁଁ ପାଠକମାନଙ୍କ ପାଖରୁ ପାଇଲି ଅଜସ୍ର ପ୍ରେରଣା । ଏବେ କଲମ ମୋର ଚଳଚଞ୍ଚଳ । କବିତା ଲେଖୁଛି, ଗପ ଲେଖୁଛି ଇତ୍ୟାଦି ଇତ୍ୟାଦି ।

ଏକାଦମ୍‌ରେ ମୁଁ କହିଯିବା କଥା ତରୁଣ ଶୁଣିଲା ପରେ ତାଙ୍କ ପାଟିରୁ ବାହାରି ଆସିଲା – ''ତୁମେ ତୁମ ମନ ମୁତାବକ ସାଥୀଟିଏ ବାଛିଲନି କାହିଁକି ?''

କି ଉତ୍ତର ମୁଁ ଦେଇଥାନ୍ତି । ''ବାୟାଣୀ'' ନିଜ ଇଚ୍ଛାରେ ବାହା ହେବାକୁ ଚାହୁଁଛି ବୋଲି ବୋଉ କହିଥାନ୍ତା ।

ମୋ ପାଟିରୁ ''ବାୟାଣୀ'' ନାଆଁଟି ଶୁଣି ତରୁଣ ମୋତେ ଚାହିଁ ରହିଥିଲେ ।

''ତୁମ ନାଆଁ କ'ଣ ବାୟାଣୀ ?''

''ହଁ'' କହି ମୁଁ ଚୁପ୍ ହୋଇ ଯାଇଥିଲି । ବୋଧହୁଏ ମୋର ଏହି ନାଆଁଟା ତରୁଣଙ୍କୁ ମଫସଲିଆ ନାଆଁ ଭଳି ଲାଗିଥିବ ।

ତା'ପରେ କହିଥିଲି, ''ମୋ ବୋଉ ଡାକେ ''ବାୟାଣୀ'' । ବିବାହ ପରେ ମୋ ସ୍ୱାମୀ ସେହି ନାଆଁରେ ମୋତେ ଡାକିବାକୁ ଆରମ୍ଭ କଲେ । ଖୁବ୍ ଭଲ ଲାଗିଥିଲା ତାଙ୍କ ଡାକ । ନୂଆ ନୂଆ ସବୁକଥା ଭଲ ଲାଗେ । ଖଟା ଆମ୍ବ ସୁଆଦିଆ ଲାଗେ । ଏବେ ମୁଁ ପୁରୁଣା ହୋଇଗଲିଣି । ଏଇ ନାଆଁ ଧରି ଡାକିବାକୁ ବୋଧହୁଏ ତାଙ୍କୁ ଭଲ ଲାଗୁନି । ''ଶୁଣୁଛ'', ''ଶୁଭୁଛି'', ''ଅଛକି'' ଇତ୍ୟାଦି କହି ସେ ଏବେ ମୋତେ ଡାକୁଛନ୍ତି । ଭଲ ଲାଗେନି, କିନ୍ତୁ କହିପାରେନି ''ଉର୍ମି'' ବୋଲି ମୋତେ ଡାକନ୍ତୁ । ଅନେକ ବାଟ ତ ଚାଲି ଆସିଲିଣି । ଆଉ ଅଳ୍ପ ବାଟ ପାଇଁ ଥକିପଡ଼ିବି କାହିଁକି ? ଅଭିମାନ କରିବାର ସମୟ ମୋର ବିତି ଯାଇଛି ।''

ଜାଣେନି, କାହିଁକି ସେହି ଦିନରୁ ତରୁଣ ମୋତେ ''ବାୟାଣୀ'' ବୋଲି ଡାକିବା ଆରମ୍ଭ କଲେ । ମୋ ନାଆଁଟା ଉଚ୍ଚାରଣ କଲାବେଳେ ତାଙ୍କର ସବୁ ସ୍ନେହ, ଶ୍ରଦ୍ଧା ଯେମିତି ଖୁନ୍ଦିହୋଇଯାଏ ସେହି ତିନିଟି ଅକ୍ଷରରେ । ହୋଇପାରେ ସେ ନାଆଁରେ ସେ ମିଶାଇଥିବେ କେତୋଟି ଶବ୍ଦ - ''ମୋ ଅଝଟି, ମୋ ଗେହ୍ଲି'' ଇତ୍ୟାଦି । ନ ପାଇବା ଜିନିଷ ମିଳିଗଲା । ତେଣୁ ମୋତେ ଖୁବ୍ ଭଲ ଲାଗିଲା । ଯେଉଁଠୁ ହେଉ, ଯେମିତି ହେଉ ମିଳିବା ଜିନିଷ ହିଁ ମିଳିବ – ଏହା ଭାବି ମୁଁ ଖୁସୀ ହେଉଥିଲି ।

ଏହା ଭିତରେ ଚାଲିଗଲାଣି କେତେବର୍ଷ । ତରୁଣ ଆଉ ଏ ଦେଶରେ ନାହାନ୍ତି । ବିଦେଶରେ ଅଛନ୍ତି ବୋଲି ଶୁଣିଥିଲି । ଯୋଗାଯୋଗ କରିବାର ସୁଯୋଗ ମଧ୍ୟ ପାଇନି । ମନେମନେ ଅନେକ ଥର ତାଙ୍କ କଥା ଭାବିଛି । ଅନେକ ପାଠୋତ୍ସବରେ ଖୋଜିଛି । କବିତାପ୍ରେମୀ ସେ । କାଳେ ଦେଖା ହୋଇଯିବ । କିନ୍ତୁ କେଉଁଠି ପାଇନି ।

ଏଇ କେତେଦିନ ହେଲା ବେଶ୍ ଶୀତ ପଡ଼ିଛି । ଗୋଲାପ ପାଖୁଡ଼ା ଉପରେ ଶୀତୁଆ ସକାଳର ସଦ୍ୟ କାକର ବିନ୍ଦୁ ଦେଖିବାକୁ ମୋତେ ଖୁବ୍ ଭଲ ଲାଗେ । ଚଦରଟିଏ ଘୋଡ଼େଇ ହୋଇ ଛାତ ଉପରକୁ ଗଲି । ମୋ କବିତା, ''ଅନାମିକାର ଫଗୁଖେଳ'' କଥା ମନେ ପଡ଼ିଲା । ତରୁଣଙ୍କ କଥା ବାରମ୍ବାର ମନକୁ ଛୁଇଁଲା । ବେଶୀ ସମୟ ଛାତ ଉପରେ ନ ରହି ମୋ ପଢ଼ାଘରକୁ ଚାଲି ଆସିଲି । ବେଳେବେଳେ ମନଟା ଉଦାସିଆ ହୋଇଗଲେ ପଢ଼ାଘରେ ଚୁପ୍‌ଚାପ୍ କିଛି ସମୟ ବସି ପଡ଼େ । ଚୁପ୍‌ଚାପ୍ ବସିବା ଭିତରେ କିଛି ସମୟ ବିତିଗଲାଣି ମୁଁ ଜାଣିପାରିନି । ହଠାତ୍ ମୋ ମୋବାଇଲ୍‌ର ରିଙ୍ଗ ବାଜି ଉଠିଲା । ମୋବାଇଲ ଅନ୍ କଲା କ୍ଷଣି ସ୍କ୍ରିନ୍‌ରେ ''ତରୁଣ'' ନାଁଟି ଦେଖି ଚମକି ପଡ଼ିଲି । ସତରେ କ'ଣ ଟେଲିପାଥି କାମ କଲା । ''ହେଲୋ'' କହିଲାକ୍ଷଣି ଶୁଣିଲି ।

''ବାୟାଣୀ, କେମିତି ଅଛ ?''

ମୋ ଦେହରେ ସତେ ଯେମିତି ବିଦ୍ୟୁତ୍ ଖେଳିଗଲା । କେତେ ଦେଶ ଅତିକ୍ରମ କରି ଏଇ ''ବାୟାଣୀ'' ନାଆଁଟା ମୋ କାନ ପାଖରେ ପହଞ୍ଚିଛି । ବୋଉ ତ ଗାଁରେ ଜୀବନ ସହ ସଂଗ୍ରାମ କରିଚାଲିଛି । ଆଉ କିଏ ମୋ ନାଆଁ ଧରି ଡାକୁଛି ? ଜଣଙ୍କ ଓଠ ସ୍ପର୍ଶ କରି ''ବାୟାଣୀ'' ନାଆଁଟା ମୋ ପର୍ଯ୍ୟନ୍ତ ଆସିପାରିଛି । ଦୀର୍ଘ ନିଃଶ୍ୱାସଟିଏ ମାରିଲି । ସତେ ଯେମିତି ମୋ ହଜିଲା ନାଆଁଟା ମୁଁ ପାଇଯାଇଛି । ଏତେ ଶୀତରେ ମଧ୍ୟ ମୋ ଦେହ ଉଷୁମ ହୋଇଯାଇଥିଲା ସେଦିନ ।

◆◆◆

# ସୁନା ଫରୁଆ

ରେବତୀ ଆଜି ଖୁବ୍ ତରବରରେ କାମ ସାରି ଦେଇ ବାହାରି ଆସିଛି ଭୁବନେଶ୍ୱରକୁ । ନିତିଦିନିଆ ଜଗନ୍ନାଥ ଦର୍ଶନ ଆଜି ତା'ର ହୋଇପାରିନି । ଶୀଘ୍ର ଶୀଘ୍ର କାମ ସାରି ସେ ଫେରିଯିବ ପୁରୀ । ମଙ୍ଗଳାଳତିର ମାଦକତାରୁ ସେ ବଞ୍ଚିତ ହୋଇଥିଲେ ମଧ୍ୟ ସନ୍ଧ୍ୟାଳତି ସମୟରେ କିଛି ସମୟ ସେ ଜଗନ୍ନାଥଙ୍କ ମନ୍ଦିରରେ କଟାଇବ । ଆଳତି ସମୟରେ ଘଣ୍ଟ ମୃଦଙ୍ଗର ଶବ୍ଦ ଭିତରେ ତା' ଅନ୍ତଃସ୍ୱର ମିଶିଯିବ । ସେ ପୁଣି ପହଞ୍ଚିଯିବ ସେହି ପରମେଶ୍ୱରଙ୍କ ପାଖରେ । ସକାଳରୁ ରାତ୍ରିଯାଏ ମନ୍ଦିର ବେଢ଼ା ଭିତରେ ରହିବା ପାଇଁ ରେବତୀର ଇଚ୍ଛା । ସବୁବେଳେ ତ ଇଚ୍ଛାପୂରଣ ହୋଇପାରେନି । ଯେତେବେଳେ ଇଚ୍ଛାମୟ ପ୍ରଭୁ ଶ୍ରୀ ଜଗନ୍ନାଥ ଇଚ୍ଛା କରନ୍ତି ସେ ସୁଯୋଗ ଟିକିଏ ମିଳିଯାଏ ରେବତୀକୁ ।

ପୁରୀ ଛାଡ଼ି ସାରିଲାଣି ସକାଳ ୭ଟାରୁ । ଗାଡ଼ିରେ ବସିବାଠାରୁ ଆଜି ସକାଳର ଗୋଟିଏ ଘଟଣା ତା' ମନ ଭିତରେ ଦୋହରେଇ ହେଉଛି । ତରବରରେ ଆଲମିରାରୁ ଶାଢ଼ି ବାହାର କରୁଥିବା ସମୟରେ ଆଲମିରାରେ ଥିବା ସୁନା ସିନ୍ଦୂର ଫରୁଆଟି ତଳେ ଖସି ପଡ଼ିଲା । ଫରୁଆରୁ ଘୋଡ଼ଣୀଟି ବାହାରି ଗଡ଼ିଗଲା କିଛି ଦୂର । ଫରୁଆ ଗଡ଼ିଗଲା କିଛି ବାଟ । ରେବତୀ ତରବର ହୋଇ ଫରୁଆଟିକୁ ତଳୁ ଉଠାଇ ଆଣିଲା ।ଚାହିଁ ରହିଲା ଶୂନ୍ୟ ଫରୁଆକୁ । କିଛି ଦିନ ତଳେ ସିନ୍ଦୂର ଭର୍ତ୍ତି ହୋଇଥିଲା ସୁନା ଫରୁଆରେ । ସ୍ୱାମୀଙ୍କର ତାହା ଥିଲା ଉପହାର । ସୁନା ଫରୁଆଟି ପାଇବା ଦିନ ରେବତୀ ଗର୍ବରେ ଫାଟି ପଡ଼ିଥିଲା । ସ୍ୱାମୀଙ୍କର ସବୁ ସ୍ନେହ ସୋହାଗ ଯେମିତି ଖୁନ୍ଦି ହୋଇ ଯାଇଥିଲା ସେହି ଫରୁଆ ଭିତରେ । ନାଲି ଟହ ଟହ ସିନ୍ଦୂର ଭର୍ତ୍ତି

କରିଦେଇ ଫରୁଆଟି ରଖି ଦେଇଥିଲା ଦିଅଁଙ୍କ ସାମନାରେ । ଦିଅଁଙ୍କ ଘରେ ମଣ୍ଡପ ଉପରେ ଧାଡ଼ି ଧାଡ଼ି ରଖିଦେଇଛି ସବୁ ଦିଅଁ ଦେବତାମାନଙ୍କୁ । ସମସ୍ତଙ୍କର ଆର୍ଶୀବାଦ ଯେମିତି ସେଦିନ ଝରି ପଡ଼ିଥିଲା ଫରୁଆ ଉପରେ । ସବୁଦିନ ଗାଧୋଇସାରି ଫରୁଆଟି ଖୋଲେ, ତା' ଭିତରେ ଥିବା ସିନ୍ଦୂର ଶୋଭାପାଏ ତା' ଲମ୍ବା ସୁନ୍ଥାରେ । କେତେ ଖୁସିରେ ଦେଖାଇ ପକାଏ ସାଙ୍ଗସାଥୀମାନଙ୍କୁ ସ୍ୱାମୀଙ୍କର ଏହି ଅମୂଲ୍ୟ ଉପହାରଟି । ଆଜି ଫରୁଆ ଅଛି, କିନ୍ତୁ ସିନ୍ଦୂରର ସ୍ଥାନ ନାହିଁ ତା' ଭିତରେ । ସ୍ୱାମୀ ତା'ର ଚାଲି ଯାଇଚନ୍ତି ଦୁଇମାସ ତଳେ ।

ଆଜି ତଳୁ ଶୂନ୍ୟ ଫରୁଆ ଉଠାଇ ଆଣିଲା ପରଠାରୁ ତା' ମନ ଭିତରେ ଅନେକ ଅଡୁଆ ସୂତର ଖିଅ ଛନ୍ଦାଛନ୍ଦି ହୋଇ ଯାଉଛନ୍ତି । ଛୋଟିଆ ଜୀବଟିଏ ହେଲେ ମଧ୍ୟ ବୁଢ଼ିଆଣୀ ଅଡୁଆ ସୂତାକୁ ଠିକ୍ କରି କେଡ଼େସୁନ୍ଦର ଜାଲଟିଏ ତିଆରି କରିଛି ତା ଘରର ଛାତ କୋଣରେ । ଘରୁ ବାହାରିବା ପୂର୍ବରୁ କିଛି ସମୟ ରେବତୀ ଚାହିଁ ରହିଥିଲା ବୁଢ଼ିଆଣୀକୁ । ସେ ତ ହାଲିଆ ହୋଇପଡୁନି । ଜାଲ ବୁଣିବା ନିଶାରେ ସେ ଆଜି ବିଭୋର । ରେବତୀ ଅଡୁଆ ଖୋଲୁଖୋଲୁ ଆଜି ହାଲିଆ ହୋଇପଡୁଛି କାହିଁକି ? ରେବତୀର ଜୀବନ ଜଳ ଭଳି ସ୍ଥିର ହୋଇଯାଇଛି । ଆଶା ନିରାଶ କିଛି ଆଜି ତାକୁ ଛୁଉଁ ନାହିଁ । କୌଣସି ମତେ ଜୀବନଟାକୁ କଟେଇ ଦେଲେ ହେଲା ।

ଗାଡ଼ି ଚାଲିଥାଏ ନ୍ୟାସନାଲ ହାଇୱେରେ । ଭୁବନେଶ୍ୱରରେ ପହଞ୍ଚିବାକୁ ତାକୁ ଲାଗିବ ଦେଢ଼ଘଣ୍ଟା । ଏଇ ଦେଢ଼ ଘଣ୍ଟା ଧରି ସେ ଖୋଲୁଛି ତା ଅତୀତର ଶକ୍ତ ଗଣ୍ଠିଗୁଡ଼ିକୁ । ଗଣ୍ଠି ଖୋଲିଗଲା ପରେ ତା' ଭିତରେ ପାଇ ଯାଉଛି ଛନ୍ଦାଛନ୍ଦି ହୋଇ ରହିଥିବା କେତେ ସୁଦିନ, କେତେ ଦୁର୍ଦ୍ଦିନ ।

ବାପା ମା'ଙ୍କର ରେବତୀ ଥିଲା ଶେଷ ସନ୍ତାନ । ଭାଇ ଭଉଣୀଙ୍କର ସେ ଥିଲା ଗେହ୍ଲବସରର ଭଉଣୀ । ବଡ଼ ଭାଇଙ୍କ ପିଲା ବୟସର ରେବତୀ । ତେଣୁ ବଡ଼ ଭାଇ ତାକୁ ନିଜ ଝିଅ ଭଳି ସ୍ନେହ ଆଦରରେ ବଢ଼ଉଥିଲେ । ଗାଁ ସାରା ସେ

ଥିଲା ସମସ୍ତଙ୍କର ଖୁବ୍ ଗେହ୍ଲା । ପୁନେଇ ପରବରେ ସେ ଗାଁ ସାରା ବୁଲୁଥାଏ । ମା ଖୋଜି ଖୋଜି ନୟାନ୍ତ ହୋଇ ଯାଆନ୍ତି । ଅଭୟାରଣ୍ୟରେ ବୁଲୁଥିବା ହରିଣୀ ଭଳି ରେବତୀ ଘରେ ଘରେ ବୁଲି ପିଠାପଣା ଖାଇ ସନ୍ଧ୍ୟାରେ ଘରକୁ ଫେରୁଥିଲା । ପିଲାଦିନରୁ ପୂଜାପାଠରେ ତା'ର ମନ ଥାଏ । ଗାଁ ମନ୍ଦିରରେ ନିତାଇ ଗୌରାଙ୍ଗଙ୍କ ଉତ୍ସବରେ ରେବତୀ ଏତେ ମଜ୍ଜିଯାଏ ଯେ ଘରକଥା ତା'ର ମନେ ପଡ଼େନି । ଆଜି ପର୍ଯ୍ୟନ୍ତ ଦିଅଁଙ୍କର ନୂଆ ପୋଷାକ କରି ଉତ୍ସବ ଦିନ ପହଞ୍ଚିଯାଏ ଗାଁରେ ।

ଗାଁ ସ୍କୁଲରେ ପାଠ ପଢ଼ିସାରିଲା ପରେ କଲେଜରେ ପଢ଼ିଲା ରେବତୀ । ଘରେ ତା'ର ଗ୍ରାଜୁଏଟ୍ ଭାଇ ଭଉଣୀ । ତେଣୁ ପାଠପଢ଼ାରେ କିଛି ଅସୁବିଧା ହେଉ ନ ଥାଏ । ମା'ଙ୍କ ହାତରୁ ଭାତଗୁଣ୍ଡା ଖାଇବାଠାରୁ ମାଙ୍କ କୋଳରେ ଶୋଇବା ଇତ୍ୟାଦି କେତେ କଥା ସେ ଭାବିଚାଲିଛି । ସିନେମା ପରଦା ଗତି କଲାଭଳି ତା' ଅତୀତର ସବୁକଥା ଗୋଟିକ ପରେ ଗୋଟିଏ ଗତି କରି ଚାଲିଛନ୍ତି ।

ରେବତୀ ଚାକିରି ପାଇଲା ସରକାରୀ କଲେଜରେ । ତା' ବାହାଘର ପାଇଁ ପରିବାର ସାରା ସମସ୍ତେ ଲାଗିପଡ଼ିଲେ । ଅନେକ ପ୍ରସ୍ତାବ ଆସିଥିଲା ତା'ର । ଗୋଟିଏ ପ୍ରସ୍ତାବରେ ସମସ୍ତେ ରାଜି ହୋଇ ଯାଇଥିଲେ, କାରଣ ଜ୍ୱାଇଁ ଥିଲେ ସରକାରୀ କଲେଜରେ ଅଧ୍ୟାପକ । ରେବତୀର ବାହାଘର ବେଶ୍ ଧୁମ୍‌ଧାମ୍‌ରେ ହୋଇଥିଲା । ଏପର୍ଯ୍ୟନ୍ତ ରେବତୀର ଜୀବନ ସୂତାରେ ଗଣ୍ଠି ପଡ଼ି ନ ଥିଲା । ସହଜରେ ସୂତା ଖୋଲି ଖୋଲି ଯାଉଥିଲା ।

ଗାଡ଼ି କେତେବାଟ ଚାଲି ଆସିଲାଣି ରେବତୀ ଜାଣି ପାରୁ ନ ଥାଏ । ଛନ୍ଦାଛନ୍ଦି ସୂତା ତା ହାତରେ — ସେ ଖୋଲି ଚାଲିଛି । ଆସ୍ତେ ଆସ୍ତେ ଖିଅ ପାଇ ଯାଉଛି । ବାହାଘର ଠିକ୍ ହୋଇଗଲା ପରେ ତା' ମନ ସ୍ୱପ୍ନିଳ, ରୋମାଞ୍ଚିତ ହୋଇ ଉଠିଲା । ବାହାଘର ପରେ ପରେ ସ୍ୱାମୀ ସ୍ତ୍ରୀ ସୁଖର ସଂସାର ଗଢ଼ିବେ — ପରସ୍ପର ପରସ୍ପରର ସାଥୀ ହେବେ । ଦୀର୍ଘଦିନର କାମନା ଚରିତାର୍ଥ କରିବେ — ଏ ତ ସବୁ ପୁଅ ଝିଅଙ୍କ ମନର କଥା ।

ରେବତୀର ଏ ସବୁ ଆକାଙ୍‌କ୍ଷା ପାଣି ଫୋଟକା ଭଳି ଫାଟି ଯାଇଥିଲା ବାହାଘରର ଅଳ୍ପ ଦିନ ପରେ । ଶାଶୂ ଓ ଅବିବାହିତ ନଣନ୍ଦ ତା' ପାଖରେ ରହିଲେ । ରେବତୀର ଘରେ ସ୍ୱାଧୀନତା ରହିଲାନି । ତଥାପି ଶାଶୂ ନଣନ୍ଦଙ୍କ ସେବାରେ ସେ ହେଳା କରୁ ନ ଥାଏ । ବଡ଼ ପରିବାରରେ ସେ ଚଳି ଆସିଥିବାରୁ ଏସବୁ ତାକୁ ବାଧୁ ନ ଥାଏ । ରବରକୁ ଟାଣିଲେ ସେ ଲମ୍ବା ହୋଇଯାଏ ସତ; କିନ୍ତୁ ଅଧିକ ବଳ ପ୍ରୟୋଗ କଲେ ସେ ଛିଡ଼ିବ ନିଶ୍ଚିତ । ସେହିଭଳି ଅବସ୍ଥା ହେଲା ରେବତୀର ।

ଶାଶୂ ନଣନ୍ଦ ଏତେ ପ୍ରଭୁତ୍ୱ ବିସ୍ତାର କଲେ ଯେ ରେବତୀର କୌଣସି କର୍ତ୍ତୃତ୍ୱ ରହିଲାନି । ସେ ରବର ଷ୍ଟାମ୍ପ ଭଳି ପରିବାରରେ ଗୋଟିଏ ମେମ୍ବର ହୋଇ ରହିଲା । ଜୀବନର ସବୁ ସୁଖକୁ ଜଳାଞ୍ଜଳି ଦେଇଦେଲା । ସ୍ୱାମୀ ହୋଇଗଲେ ମା ଓ ଭଉଣୀଙ୍କର । ରେବତୀ ଅଣନିଃଶ୍ୱାସୀ ହୋଇ ପଡ଼ିଲା । ଜୀବନର କିଛି ସେ ଉପଭୋଗ କରିପାରିଲାନି । ମା'ମାନେ ପୁଅ ଝିଅର ଶୁଭଚିନ୍ତକ । ସନ୍ତାନଙ୍କ ଖୁସିରେ ଖୁସି ହେବା କଥା । କିନ୍ତୁ ସମାଜରେ ଏମିତି ବି ମା ଆଖିରେ ପଡ଼ନ୍ତି ଯିଏ, ପୁଅର ସୁଖ ସଂସାରକୁ ସହି ପାରନ୍ତିନି । ମନରେ ଥାଏ ଡର — ମୋ ପୁଅ ସମ୍ପୂର୍ଣ୍ଣ ଭାବରେ ତା' ସ୍ତ୍ରୀର ହୋଇଯିବକି ? ଏହି ଭୂତ ତାଙ୍କୁ ଗୋଡ଼ାଉଥାଏ । ଥରେ ହୀନମନ୍ୟତା ଆବୁରି ବସିଲେ ମା ତା'ର ବୁଦ୍ଧି ବୃତ୍ତି ହରାଏ । ତା'ପରେ ଆରମ୍ଭ ହୁଏ ଯାବତୀୟ ଅଶାନ୍ତି । ସବୁ ମା ବୁଝିବା ଉଚିତ ଯେ ପୁଅ ସହିତ ବାପା ମା'ଙ୍କର ରକ୍ତର ସମ୍ପର୍କ ଅଛି । କେହି ତାକୁ ଅସ୍ୱୀକାର କରିବେ ନାହିଁ । ସ୍ତ୍ରୀକୁ ଭଲ ପାଇବା ଓ ବାପା ମା'ଙ୍କୁ ଭଲ ପାଇବା ମଧ୍ୟରେ ନିଶ୍ଚିତ ଭାବରେ ତଫାତ୍ ରହିଛି । ଅନେକ ମା'ଙ୍କର ଏହା ବୁଝିବାରେ ଭ୍ରମ ରହିଯାଇଥାଏ । ତେଣୁ ଆଜିକାଲି ଦୁନିଆରେ କେତେକ ମା ବୋହୂକୁ ପୁଅର କରାଇ ନ ଦେବାର ଦୃଷ୍ଟାନ୍ତ ମିଳେ । ସେଥିପାଇଁ ସଂସାର ଛିନ୍‌ଭିନ୍ ହୋଇଯାଏ । ଅନେକ ଅଘଟଣ ମଧ୍ୟ ଘଟେ ।

ବିବାହର ଅଳ୍ପଦିନ ଭିତରେ ରେବତୀ ନିଃସଙ୍ଗତା ଅନୁଭବ କଲା । ସ୍ୱାମୀ ମା ଓ ଭଉଣୀଙ୍କୁ ନେଇ ସୁଖରେ ଥାଆନ୍ତି । ଏଣେ ସ୍ତ୍ରୀର ଦୁଃଖ କହିଲେ ନ ସରେ । ଚାକିରଟିଏ କରୁଥାଏ ବୋଲି କିଛି ସମୟ ତା'ର ଛାତ୍ର ଓ ସହକର୍ମୀଙ୍କ ମେଳରେ

କଟି ଯାଉଥାଏ। ଘରେ ପାଦ ଦେଲାକ୍ଷଣି ଏକ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେଉଥାଏ। କୌଣସି କାର୍ଯ୍ୟରେ ତା'ର ଦଖଲ ନ ଥାଏ।

ଥରେ ସ୍ୱାମୀଙ୍କ ସହିତ ସିନେମା ଦେଖିବାକୁ ଯିବାର ବନ୍ଦୋବସ୍ତ କରିଥିଲା। ଠିକ୍ ବାହାରିଲା ବେଳକୁ ନଣନ୍ଦ ବାହାରି ପଡ଼ିଲା। ରେବତୀ ନାହିଁ କହି ପାରିଲାନି। କାରଣ ଏ ସବୁ ଯୋଜନା ଶାଶୂ ଆଗରୁ କରିଥିଲେ। ତା' ସ୍ୱାମୀଙ୍କ ପାଖରେ ବସିଲା ନଣନ୍ଦ। ରେବତୀକୁ ସେଦିନ ଖୁବ୍ ବାଧିଥିଲା। ପାଠ ପଢ଼ିଥିଲା ରେବତୀ। ସେ ଶିକ୍ଷିତା। ଏସବୁ ସହିବା ତା' ପକ୍ଷେ କଷ୍ଟକର ହୋଇ ପଡୁଥାଏ। ସ୍ୱାମୀଙ୍କ ପାଟିରୁ ଶବ୍ଦଟିଏ ମଧ୍ୟ ବାହାରି ନ ଥିଲା। ସେହିଦିନ ରେବତୀ ଠିକ୍ କଲା ସେ ସ୍ୱାମୀଙ୍କଠାରୁ ଦୂରରେ ରହିବ। ଟିକିଏ ନିରୋଳା ମୁହୂର୍ତ୍ତ ଯଦି ସେ ସ୍ୱାମୀଙ୍କ ସହିତ ପାଇଲାନି, ତେବେ ସ୍ୱାମୀଙ୍କ ସହ ସମ୍ପର୍କ ରଖି ଲାଭ କ'ଣ। ଏହା ଭିତରେ ପୁଅ ବୋହୂ ଶୋଇବା ଘରର କବାଟ ଖୋଲା ରଖିବାକୁ କହି ସାରିଥିଲେ ମା। ଏ କି ଅଧିକାର ? ରେବତୀ ଏସବୁ ଦେଖି ଦେଖି ଅଣନିଃଶ୍ୱାସୀ ହୋଇପଡ଼ିଲା। ସ୍ୱାମୀଙ୍କ ପାଖରେ ନ ଶୋଇ ଅନ୍ୟ ଘରେ ଶୋଇଲା।

ସବୁଦିନ ସନ୍ଧ୍ୟାରେ କେତେକ ଘଟଣାର ଏକ ପୂର୍ଣ୍ଣଚ୍ଛେଦ ପଡ଼େ। ପୁଣି ତା' ପରଦିନ ସକାଳ ହେବା କ୍ଷଣି ବାକ୍ୟରେ ପୂର୍ଣ୍ଣଚ୍ଛେଦ ପରେ ନୂତନ ବାକ୍ୟର ଆରମ୍ଭ ଭଳି ସବୁ ଘଟଣାର ପୁନରାବୃତ୍ତି ହୁଏ। ସନ୍ଧ୍ୟାରେ ବୁଡ଼ି ଯାଇଥିବା ସୂର୍ଯ୍ୟ ତା' ପରଦିନ ପୂର୍ବାକାଶକୁ ରଙ୍ଗେଇ ଦେଇ ଉଇଁ ଆସନ୍ତି। ଘର ବାହୁଡ଼ା ପକ୍ଷୀ ତା' ପରଦିନ ସକାଳେ ପୁଣି ବସା ଛାଡ଼ନ୍ତି ଖାଦ୍ୟ ଅନ୍ୱେଷଣରେ। କିନ୍ତୁ ରେବତୀ ଜୀବନରେ କିଛି ପରିବର୍ତ୍ତନ ଘଟିଲାନି। ଅହର୍ନିଶ ଏକା ଭଳି ତା'ର ଜୀବନ ଗାଡ଼ି ଚାଲିଲା।

ମଣିଷର ମନ ସହିତ ମନର ମିଳନ ନ ଘଟିଲେ ଟିକିଏ ଟିକିଏ କଥାରେ ପରସ୍ପରଠାରୁ ମନଟା ଦୂରେଇ ଯାଏ। ଏହା ତ ସ୍ୱାଭାବିକ କଥା। ରେବତୀ ଖୁବ୍ ସ୍ୱାଭିମାନୀ। ସେ ନିଜ ଦୁଃଖକୁ ବାପା, ମା, ଭାଇ, ଭଉଣୀ କାହାକୁ ଜଣାଇ ନ

ଥିଲା। କାରଣ ସେ ଜାଣିଥିଲା ଏଥିରେ ତିକ୍ତତା ବଢ଼ିବ କିନ୍ତୁ କମିବ ନାହିଁ। ସ୍ୱାମୀ, ଶାଶୂ, ନଣନ୍ଦଙ୍କ ପାଖରେ ରହି ଏକ ଅସହାୟ ଜୀବନ କଟାଇବାକୁ ସେ ଚାହିଁଲାନି। ଦିନେ କାହାକୁ କିଛି ନ କହି ଚାଲିଆସିଲା ତା'ର ଅତି ନିକଟତମ ବନ୍ଧୁ ସାଗରିକା ପାଖକୁ। ଆସିବା ଦିନ କେବଳ ଗୋଟିଏ ପିନ୍ଧା ଶାଢ଼ି ଏବଂ ନିଜ ଭ୍ୟାନିଟ୍ ବ୍ୟାଗ୍ ପାଖରେ ଥିଲା। ବ୍ୟାଗରେ ବସ୍ ଭଡ଼ା ପାଇଁ କିଛି ଟଙ୍କା ଏବଂ ସିନ୍ଦୂର ଥିବା ମାଟିରେ ତିଆରି ଫରୁଆଟିଏ ଆଣିଥିଲା।

ଖରାଦିନ ଛୁଟି ପାଇଁ କଲେଜ ବନ୍ଦ ଥାଏ। ପ୍ରାୟ ଏକମାସ ସେ ସାଗରିକା ଘରେ କଟାଇଲା। ଏମିତି ତା'ର ଦୁର୍ଭାଗ୍ୟ ଯେ, ସେ କେଉଁଠାକୁ ଗଲା ତା' ପରିବାରବର୍ଗ କେହି ମଧ୍ୟ ଖୋଜିଲେନି। ଆଉ ଥରେ ଅଲୋଡ଼ା ସଂସାରକୁ ଫେରିବାକୁ ଚାହିଁଲାନି ରେବତୀ। ପୋଡ଼ା ତିଅଣରେ ସୁଆଦ ନ ଥାଏ। ଏଥର ସେ ଜାଣିଗଲା ଯେ ତା' ସ୍ୱାମୀ ବା ଶାଶୂ ନଣନ୍ଦ ତାକୁ ଚାହୁଁନାହାନ୍ତି। କେତେ ଗେହ୍ଲବସରରେ ବଢ଼ିଥିବା ରେବତୀ ଆଜି ଏକା ହୋଇଗଲା। ବେଳେବେଳେ ଦୁଃଖକୁ କହିବସେ ସାଗରିକା ପାଖରେ। ସାଗରିକା ସଂସାର ସହିତ ସେ ନିବିଡ଼ ଭାବରେ ଯୋଡ଼ି ହୋଇ ଗଲା। ସାଗରିକାର ପୁଅ ଝିଅମାନଙ୍କୁ ଆପଣେଇ ନେଲା ସେ। ଛୁଟି ଖୋଲିବା ପୂର୍ବରୁ ସ୍ୱେଚ୍ଛାକୃତ ଭାବରେ ଓଡ଼ିଶାର ପ୍ରାନ୍ତରେ ଥିବା ଏକ କଲେଜକୁ ବଦଳି କରାଇ ନେଲା। ଦୂରରେ ରହିଲେ ତା' ପାଖକୁ କେହି ଯାଇ ପାରିବେନି, ସେ ଏକା ଏକା ଜୀବନଟାକୁ ବିତେଇ ଦେବ। ଏକ ରୁଦ୍ଧ ଦୁଆର ଖୋଲି ଏରୁଣ୍ଡି ବନ୍ଧ ଡେଇଁ ଆସିଲା ପରେ ସେ ଏକ ସୁନ୍ଦର ଦୁନିଆ ଦେଖିବ ବୋଲି ଭାବିଲା।

କଲେଜ ଖୋଲିବା ପୂର୍ବରୁ ସବୁ ଚଳିବା ଜିନିଷ ଯୋଗାଡ଼ କରି ସେ ନୂଆ କଲେଜରେ ଯୋଗ ଦେବା ପାଇଁ ଯାଇଥିଲା। ସେହି କଲେଜ ସହିତ ଖାପ୍ ଖୁଆଇ ନେଇଥିଲା ରେବତୀ। ମଣିଷ ଚଲାପଥରେ କେତେ ଖାଲ ଢ଼ିପ ଆସେ। ସେହି ରାସ୍ତାରେ ପାଦ ପକେଇ ଆଗକୁ ଆଗକୁ ଚାଲିଲେ ବେଳେବେଳେ ସୁଗମ୍ୟ ରାସ୍ତାର

ସନ୍ଧାନ ମିଳିଥାଏ । ମଣିଷର କର୍ମନିଷ୍ଠା, ଦୃଢ଼ ମନୋବଳ ବତୀଘର ଭଳି ଠିକ୍ ବାଟରେ ଯିବାର ସଙ୍କେତ ଦିଏ । ତାହା ହିଁ ଘଟିଥିଲା ରେବତୀ ଜୀବନରେ ।

ରେବତୀ ଘର ଛାଡ଼ିଲା ପରେ କିଛିଦିନ ତା' ସ୍ୱାମୀ ମା ଓ ଭଉଣୀ ସହିତ ଭଲରେ କଟାଇଥିଲେ । କ୍ରମଶଃ ସ୍ତ୍ରୀର ଅଭାବ ଅନୁଭବ କଲେ । ମା ଅସୁସ୍ଥ ହୋଇପଡ଼ିଲେ । ଦିନଟିଏ ମଧ୍ୟ ବୋହୂକୁ ଖୋଜି ନ ଥିଲେ । ବୋହୂ ତାଙ୍କ ପାଇଁ ଥିଲା ଅଲୋଡ଼ା । ପୁଅକୁ ଏକାନ୍ତରେ ପାଇବାର ନିଶା ତାଙ୍କୁ ଘାରି ଥିଲା । ଏହା ମଧ୍ୟରେ ଝିଅ ବାହା ହୋଇଗଲା । ବାହାଘରରେ ବୋହୂକୁ ମଧ୍ୟ ସେମାନେ ଲୋଡ଼ି ନ ଥିଲେ । ଘରଟା ଶୂନ୍ୟ ଶୂନ୍ୟ ଲାଗୁଥାଏ । ତଥାପି ମନର ଅହମିକା ତାଙ୍କର ଥିଲା । ସଂସାରଟା ତାଙ୍କର ଉଜୁଡ଼ି ଗଲାଣି ଏକଥା ସେ ବୁଝି ପାରୁ ନ ଥିଲେ । ଏଣେ ଚାକିରି କରି ଅସୁସ୍ଥ ମା'ଙ୍କର ଦେଖାଶୁଣା କରିବାକୁ ପୁଅକୁ ଖୁବ୍ କଷ୍ଟ ହେଉଥାଏ । ମା'ଙ୍କ ଭୟରେ ସ୍ତ୍ରୀକୁ ପାଖକୁ ଆଣିବା କଥା ତାଙ୍କୁ ସ୍ପର୍ଶ କରୁ ନ ଥାଏ ।

ଏହା ଭିତରେ ରେବତୀ ସେ ନୂଆ କଲେଜରେ ବେଶ୍ ଜଣାଶୁଣା ହୋଇଯାଇଥାଏ । ସେ ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ରେବତୀକୁ ବିଭୋର କରି ଦେଉଥାଏ । ଓଡ଼ିଶାରେ ଏମିତି ସୌନ୍ଦର୍ଯ୍ୟଭରା ସ୍ଥାନ ଅଛି ବୋଲି ସେ ଭାବି ନ ଥିଲା । ସେ ଝରକାରେ ଦିଶୁଥାଏ ଝରଣାଟିଏ । ପାହାଡ଼ର ବୁକୁ ଚିରି ବୋହି ଯାଉଥାଏ ସେ ଝରଣା । ସୂର୍ଯ୍ୟୋଦୟ ପରେ ଆଉଟା ସୁନାର ରଙ୍ଗ ଲେସି ଯାଏ ପାହାଡ଼ର ଅଗ୍ରଭାଗରେ । ରେବତୀ ପ୍ରକୃତିପ୍ରେମୀ । ପ୍ରକୃତିର ଅନେକ ରୂପକୁ ଏକା ଏକା ଉପଭୋଗ କରିବାକୁ ଭଲ ଲାଗେ । ଏକା ଏକା ରହୁଥିବାର ଦେଖି ଅନେକ ବନ୍ଧୁ ତା' ସହିତ ଗପସପ କରି ତା' ମନକୁ ହାଲୁକା କରିବା ପାଇଁ ତା' କ୍ୱାଟରକୁ ଆସୁଥାଆନ୍ତି । ସବୁ ପାଇବା ଭିତରେ କିଛି ନ ପାଇବାର ଅନୁଭବ ତା'ର ହେଉଥାଏ । ବିବାହର ଅଳ୍ପଦିନ ଭିତରେ ସେ ସ୍ୱାମୀଙ୍କଠାରୁ ଅଲଗା ହୋଇ ଯାଇଛି । ସ୍ୱାମୀଙ୍କୁ ନେଇ ସମାଜରେ ବଞ୍ଚିବାର ସ୍ୱାଦ ଭିନ୍ନ । ରେବତୀ ଭାଗ୍ୟକୁ ଆଦରି ସେଠାକାର

ଶୋଭାମୟ ପରିବେଶରେ ଦିନ କାଟୁଥାଏ ଏବଂ ଯନ୍ତ୍ରଚାଳିତ ମଣିଷଟିଏ ଭଳି ସବୁ କର୍ତ୍ତବ୍ୟ କରି ଯାଉଥାଏ ।

ରେବତୀ ସ୍ୱାମୀଙ୍କର ସହକର୍ମୀ ବିରଞ୍ଚି ବାବୁ ରେବତୀ କଲେଜକୁ ବଦଳି ହୋଇ ଆସିଲେ । ରେବତୀ ରହୁଥିବା କ୍ୱାଟରକୁ ଲାଗି ତାଙ୍କ କ୍ୱାଟର । ଏହା ଭିତରେ ରେବତୀ ପରିବାରରେ ବିତିଯାଇଥିବା ଦିନଗୁଡ଼ିକ ବର୍ଣ୍ଣନା କଲେ । ରେବତୀ ଘର ଛାଡ଼ିଲା ପରେ ଶାଶୂ ଓ ନଣନ୍ଦଙ୍କର କୌଣସି ପରିବର୍ତ୍ତନ ହୋଇ ନ ଥିଲା । କିନ୍ତୁ ସ୍ୱାମୀ ଭାଙ୍ଗି ପଡ଼ିଥିଲେ । ମାଙ୍କ ମନରେ ଦୁଃଖ ନ ଦେବା ପାଇଁ ସେ ଚୁପ୍ ରହି ଯାଉଥିଲେ । ନିଜ ମନରେ ଶୂନ୍ୟତା ବସା ବାନ୍ଧି ସାରିଥିଲା । ସବୁକଥା ରେବତୀ ବିରଞ୍ଚିବାବୁଙ୍କଠାରୁ ଶୁଣିଲା ପରେ ତା' ମନଟା ଟିକିଏ ଟହଲି ଯାଇଥିଲା । ଅଗ୍ନି ଦେବତାଙ୍କୁ ସାକ୍ଷୀ ରଖି ବେଦିରେ ସେ ବାହା ହୋଇଛି । ସ୍ୱାମୀ ହେଉଛନ୍ତି ଜନ୍ମ ଜନ୍ମାନ୍ତରର ସାଥୀ । ସ୍ୱାମୀଙ୍କ ଆଡ଼କୁ ମନ ତା'ର ଢଳି ଯାଇଥିଲା ସେଦିନ ।

ବିରଞ୍ଚିବାବୁଙ୍କଠାରୁ ସବୁ ଖବର ଶୁଣିବାର ଅଳ୍ପ ଦିନ ପରେ ରେବତୀର ଶାଶୂ ଦେହତ୍ୟାଗ କରିଥିଲେ । ମୃତ୍ୟୁ ମାତ୍ର ଦୁଇଟି ଅକ୍ଷରର ଶବ୍ଦଟିଏ । ଏହା ପୂର୍ଣ୍ଣଚ୍ଛେଦ ପକାଏ ସବୁ ସମସ୍ୟାର । ରେବତୀ ଶାଶୂଙ୍କର ମୃତ୍ୟୁ ଖବର ଶୁଣିଲା ପରେ ତା'ର ସବୁ ଅଭିମାନ ପାଣି ଫୋଟକା ପରି ମିଳେଇଗଲା । ପୁରୀ ସ୍ୱର୍ଗଧାମକୁ ଟ୍ୟାକ୍ସି କରି ଆସିଲା ଏବଂ ଶାଶୂଙ୍କର ଶବ ସଂସ୍କାରରେ ଯୋଗ ଦେଇ ତାଙ୍କର ସବୁ କ୍ରିୟାକର୍ମ କଲା । ଏଥିରେ ତା'ର ଆବିଳତା ନ ଥିଲା । ସ୍ତ୍ରୀର ମା'ଙ୍କ ପ୍ରତି ଏତେ ସମ୍ମାନ, ଏତେ କର୍ତ୍ତବ୍ୟ ଦେଖି କେଉଁ ସ୍ୱାମୀ ତା ସ୍ତ୍ରୀକୁ ଭୁଲ ବୁଝିବ । ସେଦିନ ମା'ଙ୍କର ଚିତାଗ୍ନିରେ ନିଜର ଅହଂକାର, ମାନ, ଅଭିମାନ ସବୁକୁ ମିଶାଇ ଦେଇ ବେଶ୍ ଆଶ୍ୱସ୍ତି ମନେ କରୁଥିଲେ ସେ । ଶବଦାହ ପରେ ରେବତୀ ବାହାରିଲା ପୁଣି କଲେଜକୁ ଫେରି ଯିବାକୁ । ସେ ପର୍ଯ୍ୟନ୍ତ ସେ ସ୍ୱାମୀଙ୍କ ସହିତପଦଟିଏ କଥା ମଧ୍ୟ ହୋଇ ନ ଥିଲା ।

ରେବତୀ ଚାଲିଯିବାର ଉପକ୍ରମଣିକା ଦେଖି ସ୍ୱାମୀ ତା' ପାଖକୁ ଆସିଥିଲେ । ଭୟମିଶା ସ୍ୱରରେ ରେବତୀକୁ ଅଟକାଇଥିଲେ ।  ତୁମେ କ'ଣ ମୋତେ କ୍ଷମା

କରିବିନି ରେବ। ସ୍ୱାମୀଙ୍କର ପଦଟିଏ କଥା ସ୍ତ୍ରୀକୁ କେତେ ଭଲ ଲାଗେ ତାହା ସେଦିନ ଅନୁଭବ କରିଥିଲା ରେବତୀ। ''ରେବ, ମା ମୋତେ ଜନ୍ମ ଦେଇଥିଲେ। ପିଲାଦିନୁ ମୁଁ ପିତୃହରା। ମା ଥିଲେ ମୋର ମା ଓ ବାପା। ତାଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦେବାକୁ ଯାଇ ତୁମ ପ୍ରତି ଅନ୍ୟାୟ କରିଛି। ମୋତେ ଆଉଥରେ ଏକା କରି ତୁମେ ଚାଲି ଯାଅନି।'' ସ୍ୱାମୀଙ୍କର ଏହି କେତେପଦ ମର୍ମସ୍ପର୍ଶୀ କଥାରେ ରେବତୀ ତରଳି ଯାଇଥିଲା।

କଲେଜକୁ ଛୁଟି ପାଇଁ ଦରଖାସ୍ତଟିଏ ପଠେଇ ଦେଇ ରେବତୀ ସ୍ୱାମୀଙ୍କ ପାଖରେ ରହିଲା ଓ ଶାଶୂଙ୍କର ସବୁ କର୍ମ ଖୁବ୍ ସୁରୁଖୁରୁରେ କରିଥିଲା। ସ୍ୱାମୀ କିଣିଥିବା ପୁରୀ ଘରେ କିଛି ଦିନ ରହି ପୁଣି ତା' ଚାକିରି କ୍ଷେତ୍ରକୁ ଚାଲି ଯାଇଥିଲା। ଅଳ୍ପ ଦିନ ପରେ ବିବାହ ବାର୍ଷିକୀ ପାଳନ କରିବା ପାଇଁ ରେବତୀକୁ ଡାକିଥିଲେ ତା' ସ୍ୱାମୀ। ଅତୀତର ଘଟଣାକୁ ଆଉକିଛି ମାଗିବାର ନ ଥିଲା। ରେବତୀର ଅନୁତାପର ଲୁହ, ଅବଶୋଷର ଫର୍ଦ୍ଦ, ଦୀର୍ଘଶ୍ୱାସର ବାଷ୍ପ ବିନ୍ଦୁ ଇତ୍ୟାଦି ଯାହା କିଛି ବିସ୍ମୃତିର ଅତଳ ଗହ୍ୱରରେ ହଜିଯାଇଛି। ତାକୁ ଖୋଜିବାକୁ ସେ ଚାହିଁଲାନି। ଶାଶୂ ଘର ଛାଡ଼ିବାର ପ୍ରଥମ ଦିନ ଓ ଆଜିର ଦୂରତା ଜ୍ୟାମିତିର ଦୁଇଟି ସମାନ୍ତରାଳ ରେଖା ଭଳି ଲାଗୁଥିଲେ ମଧ୍ୟ ରେବତୀ ଅନେକ ଥର ଭାବିଲା। ଥରେ ସୁଯୋଗକୁ ହାତଛଡ଼ା କଲେ ପୁଣି ସେ ସୁଯୋଗ ମିଳିବା ହୋଇପଡ଼ିବ କଷ୍ଟକର।

ଅନେକ ଭାବିଲା ପରେ ଛୁଟିନେଇ ପୁରୀରେ ପହଞ୍ଚିଥିଲା ରେବତୀ। ସବୁ ରାଗ ଅଭିମାନକୁ ସମୁଦ୍ର ଢ଼େଉରେ ମିଶେଇ ଦେଇଥିଲା। ପାଣିରେ ଚିନି ମିଶାଇଲା ଭଳି ସ୍ୱାମୀଙ୍କ ସହିତ ମିଶି ଯାଇଥିଲା ରେବତୀ। ଏଥର ସ୍ୱାମୀଙ୍କୁ ଦେଖିଥିଲା ଅନ୍ୟ ରୂପରେ। ସେଦିନ ସେ ସ୍ୱାମୀଙ୍କଠାରୁ ସୁନା ସିନ୍ଦୂର ଫରୁଆଟିଏ ଉପହାର ପାଇଥିଲା। ଫରୁଆରୁ ସିନ୍ଦୂର ବାହାର କରି ନିଜ ହାତରେ ରେବତୀର ସୁନ୍ଥା ଭରି ଦେଇଥିଲେ ତା' ସ୍ୱାମୀ। ସ୍ୱର୍ଗଟା ଯେମିତି ହାତରେ ସେ ପାଇଗଲା ସେଦିନ। କିଛି ଦିନ ସ୍ୱାମୀଙ୍କ ସହିତ ରହି, ଜଗନ୍ନାଥଙ୍କୁ ଦର୍ଶନ କରି ଯେଉଁ ତୃପ୍ତି ସେ ଅନୁଭବ କରୁଥିଲା ତାହା ତୁଳନାରେ ଚାକିରି, ଟଙ୍କା ତାକୁ ତୁଚ୍ଛ ଲାଗିଲା। କଲେଜକୁ ଫେରିଗଲା

ପରେ ସ୍ୱେଚ୍ଛାକୃତ ଅବସର ନେଇ ଚାଲିଆସିଲା ପୁରୀ । ସମୁଦ୍ର ଭିତରେ ଥିବା ସବୁ ରହସ୍ୟକୁ ନାରୀ ଲୁଚାଇପାରେ କିନ୍ତୁ; ପ୍ରେମ ଓ ଭଲ ପାଇବାକୁ ଲୁଚାଇ ପାରେନି । ସ୍ୱାମୀଙ୍କର ପରିବର୍ତ୍ତନ, ଅଯାଚିତ ପ୍ରେମ, ଭଲ ପାଇବା ଇତ୍ୟାଦି ତା ମୁହଁରେ ଶତପଦ୍ମ ସୃଷ୍ଟି କଲା । ସେ ବନ୍ଧୁମାନଙ୍କଠାରୁ ଆରମ୍ଭ କରି ଭାଇ, ଭାଉଜ, ଭଉଣୀମାନଙ୍କୁ ତା' ଶୁଭ ଆଗମନର ବାର୍ତ୍ତା ଜଣାଇଲା । ଆଜି ରେବତୀ ପାଇଁ ସମସ୍ତେ ଖୁସି ।

ପୁରୀରେ ଦୁଇଟି ବର୍ଷ ଖୁବ୍ ଭଲରେ କଟାଇଲା ରେବତୀ । ସକାଳେ ସହଳ ସହଳ କାମ ସାରିଦେଇ ଦୁଇଜଣ ଯାଉଥିଲେ ଶ୍ରୀ ଶ୍ରୀଜଗନ୍ନାଥଙ୍କ ପାଖକୁ । ସବୁ ଅତୀତକୁ ସେ ଢ଼ାଳି ଦେଉଥିଲା ତାଙ୍କ ଚରଣାବିନ୍ଦରେ । ଏବେ ସେମାନେ ମୁକ୍ତ ଆକାଶର ବିହଙ୍ଗ, ହାତ ପାଆନ୍ତାରେ ଦୁନିଆ, ଆଙ୍ଗୁଳି ଟିପରେ ବିଶ୍ୱ, ସବୁ ଯେମିତି ତାଙ୍କ ନିକଟରେ, ସେମାନେ ଚାହିଁଲେ ସବୁକୁ ଛୁଇଁ ପାରିବେ, ଧରି ପାରିବେ । ନୂତନ ରଙ୍ଗର ପରଜାପତିଆ ସ୍ୱପ୍ନ ତାଙ୍କ ଆଖିରେ ।

ବିଧାତାର ବିଧାନ, କେ କରିବ ଆନ । ଠିକ୍ ଦୁଇଟି ବର୍ଷ ପୂରିବା ପରେ ରେବତୀ ସ୍ୱାମୀଙ୍କର ହାର୍ଟ ଷ୍ଟ୍ରୋକ୍ ହେଲା । କେତେ ମିନତି କଲା ସେ ଜଗନ୍ନାଥଙ୍କ ପାଖରେ । ସାଙ୍ଗେ ସାଙ୍ଗେ ଭୁବନେଶ୍ୱର ନେଇ ଆସି କଳିଙ୍ଗ ହସପିଟାଲରେ ଆଡ଼ମିସନ କରିଦେଲା । ଡହଳ ବିକଳ ହୋଇ ଡାକ୍ତରମାନଙ୍କ ଚେମ୍ବରକୁ ଧାଇଁଥିଲା ରେବତୀ । ଡାକ୍ତରମାନେ ଈଶ୍ୱରଙ୍କର ଅବତାର ବୋଲି ତା'ର ଧାରଣା । ସମସ୍ତେ ଲାଗିପଡ଼ିଲେ ଚିକିତ୍ସାରେ । ପଇସାକୁ ପାଣି ଭଳି ବୁହାଇ ଦେଇଥିଲା ରେବତୀ । ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ପ୍ରାଣମୂର୍ଚ୍ଛା ଚେଷ୍ଟା କଲା । ସବୁ ଚେଷ୍ଟା ତା'ର ବ୍ୟର୍ଥ ହୋଇଗଲା ।

ରୋଗଗ୍ରସ୍ତ ହୋଇ ମଣିଷ ଆସ୍ତେ ଆସ୍ତେ ଦୁର୍ବଳ ହୋଇପଡ଼େ, କିନ୍ତୁ ମୃତ୍ୟୁ ଶେଷ ପର୍ଯ୍ୟନ୍ତ ଥାଏ ଖୁବ୍ ସଚେତନ । ନିରୀହ ମଣିଷ ବା ଜାଣିବ କେମିତି ମୃତ୍ୟୁର ଏହି ରହସ୍ୟ । ସ୍ୱଚ୍ଛ ସଲିଳ ନିର୍ଝରିଣୀଟି ଚୋରାବାଲି ଭିତରେ ଛପିଯିବାକୁ ବସିଲାଣି ଏକଥା ନିର୍ଝରିଣୀ ଜାଣିବା ପୂର୍ବରୁ ଜାଣିଥାଏ ମୃତ୍ୟୁ । ମୃତ୍ୟୁ ଦୁଇଟି

ଅକ୍ଷରର । କିନ୍ତୁ ପୂର୍ଣ୍ଣଚ୍ଛେଦ ପକାଏ ଅସୁମାରୀ ଆଶା, ଅସୀମ ଆନନ୍ଦ, ରାଶି ରାଶି ଦୁଃଖ ଓ ସବୁ ସମସ୍ୟାର । ସେହି ମୃତ୍ୟୁ କେତେ ରାଜରାସ୍ତା ପାର ହୋଇ ଛପି ଚପି ଆସି ଆପଣେଇ ନେଇଥିଲା ରେବତୀର ସ୍ୱାମୀକୁ । ସେଦିନ ସେ ହାତରୁ ଦୁଇପଟ ଶଙ୍ଖା ଓ ସୁନ୍ଥାରୁ ସିନ୍ଦୂରକୁ ହରେଇ ଦେଲା ।

ଆଜି ଏକ ମର୍ମାନ୍ତିକ ଅସହାୟତା ତାକୁ ଜାବୁଡ଼ି ଧରିଛି । ଜୀବନଟା ତା'ର ଏକ କାଚଖଣ୍ଡ ପରି ଗଡ଼ି ଭାଙ୍ଗିରୁଜି ଚୂନା ହୋଇଯାଇଛି । ତାକୁ ସେ ଯୋଡ଼ି ପାରିବନି । ତା' ସ୍ୱପ୍ନିଳ ରୋମାଞ୍ଚିତ ଦୁନିଆ ଆଜି ମରୁଭୂମି ସାଜିଛି । ଗଭୀର ଭାବେ ଭଲ ପାଉଥିବା ମଣିଷଟିର ମୃତ୍ୟୁ ତା' ଅନ୍ତରକୁ ନିବିଡ଼ ଭାବେ ସ୍ପର୍ଶ କରୁଛି । ଭାବାବେଗ ତା' ହୃଦୟତନ୍ତ୍ରୀକୁ ଆଘାତ କରୁଛି । ତା' ସୁନା ସିନ୍ଦୂର ଫରୁଆ ଆଜି ଶୂନ୍ୟ ।

ଦେଢ଼ ଘଣ୍ଟା ବିତିଗଲାଣି । ଗାଡ଼ିର ହର୍ଣ୍ଣରେ ରେବତୀର ଭାବନା ଆଗରେ ବାଲିବନ୍ଧଟିଏ ସୃଷ୍ଟି ହୋଇଗଲା । କୋଳାହଳମୟ ଭୁବନେଶ୍ୱର ସହର ମଧ୍ୟରେ ପ୍ରବେଶ କରି ତା' ଗାଡ଼ି ଜନଗହଳି ରାଜପଥରେ ଛୁଟୁଥିବାର ସେ ଦେଖିଲା ।

◆◆◆

# ଝରାପତ୍ର

ସବୁନଦିନ ଭଳି ରୋଜାଲିନ୍ ଆଜି ଭୋର ପାଞ୍ଚଟାରେ ଉଠି ନିତ୍ୟକର୍ମ ସାରି ଯାଇଥିଲେ ପ୍ରାତଃ ଭ୍ରମଣ କରିବାକୁ। ସକାଳର କଅଁଳିଆ ପବନକୁ ସେ ଉପଭୋଗ କରିଥିଲେ ପ୍ରଭାତ ପଥିକମାନଙ୍କ ସହିତ। ନିଦରୁ ଉଠିଥିବା ପକ୍ଷୀ ଦମ୍ପତିଙ୍କ ଆଳସ୍ୟ ଦେଖି ଟିକିଏ ଈର୍ଷାଳୁ ହୋଇ ଉଠୁଥିଲେ ରୋଜାଲିନ୍। କେଡ଼େ ସୁଖୀ ଏମାନେ। କୁଟାକାଠିର ନୀଡ଼ ଏମାନଙ୍କୁ ଦେଉଛି କେତେ ଆନନ୍ଦ। ଛୋଟିଆ ଘର ଭିତରେ ଏମାନଙ୍କର ରହିଛି ଅସୀମ ପ୍ରେମ, ଜୀବନର ଉଷ୍ମତା। ରୋଜାଲିନ୍‌ଙ୍କୁ ଡାଇବେଟିସ୍ ହେବା ଦିନରୁ ସେ ପ୍ରାତଃ ଭ୍ରମଣ ଆରମ୍ଭ କରିଛନ୍ତି। ସେହି ଦିନରୁ ଭୋରବେଳର ନିଦ ତାଙ୍କର ହୋଇଛି ସାତ ସପନ। ପ୍ରାତଃ ଭ୍ରମଣରୁ ଫେରି ସେ ପିଅନ୍ତି କପେ ଚା'। ଚା'ର ପ୍ରତି ଢୋକରେ ସେ କ୍ଳାନ୍ତି ମେଣ୍ଟାନ୍ତି। ଚା' କପ୍‌ରୁ ବାହାରୁଥିବା ଧୂମ୍ର କୁଣ୍ଡଳୀରେ ସେ ଘୂରି ଆସନ୍ତି କେଉଁ ଦୂର ଦୂରାନ୍ତରେ ରହୁଥିବା ଆତ୍ମୀୟମାନଙ୍କ ପାଖରେ। ଟିକିଏ ସତେଜ ହୋଇ ପୁଣି ସେହି ନିତି ଦିନିଆ କାମରେ ସେ ଛନ୍ଦି ଯାଆନ୍ତି।

ଆଜି ସବୁର ଏକ ବ୍ୟତିକ୍ରମ ଘଟିଛି। ଠିକ୍ ଚା' ପିଇସାରିଲାପରେ ଟେଲିଫୋନ୍‌ର ରିଙ୍ଗ୍ ଶବ୍ଦ ତାଙ୍କୁ ଟିକିଏ ଅଡୁଆ ଲାଗିଥିଲା। ଦିନସାରା ତ ଅନେକଥର ଟେଲିଫୋନ୍‌ର ରିଙ୍ଗ୍ ଶବ୍ଦ ଶୁଣନ୍ତି ସେ। ରୋଜାଲିନ୍ ପାଇଁ ଏହି ଶବ୍ଦ ବେଳେବେଳେ ଆଣିଥାଏ କେତେ ସୁଖ ଖବର, ଆଉ କେତେବେଳେ ଦୁଃଖ ଖବର। ଆଜି କାହିଁକି କେଜାଣି ରିଙ୍ଗ୍ ଶବ୍ଦ ଟିକିଏ ଅଲଗା ଥିଲା ଭଳି ତାଙ୍କୁ ଲାଗିଲା। ହୁଏତ ଏହା ହୋଇପାରେ ତାଙ୍କ ମାନସିକତା। ଫୋନ୍‌ର ରିସିଭର୍ ଉଠାଇଲାକ୍ଷଣି ଚାପା

ଚାପା ସ୍ୱରରେ ରୋଟାରିଆନ ବନ୍ଧୁଙ୍କଠାରୁ ଶୁଣିଲେ, "ମାନସ ବାବୁଙ୍କର ସ୍ତ୍ରୀ ଆଉ ନାହାନ୍ତି।" ଏମିତି ଖବର ସେ ଅନେକଥର ପାଇଛନ୍ତି। ଜୀବନର ରାସ୍ତା ଯେତେ ଦୀର୍ଘ ହେଉନା କାହିଁକି ତା'ର ସମାପ୍ତି ଅଛି ନିଶ୍ଚୟ। ଏ ଖବରରେ ମ୍ରିୟମାଣ ହେବାର କିଛି ନାହିଁ। ମାଟି ହାଣ୍ଡିର ଶେଷ ପରିଣତି ମାଟିରେ ମିଶିବା ଭଳି ଜୀବନର ଶେଷ ପରିଣତି ହିଁ ମୃତ୍ୟୁ। ଚାଲିବାର ବାଟ ନାଆଁ ଯଦି ହୁଏ ଜୀବନ, ସେ ବାଟ ତ ନିଶ୍ଚୟ ଦିନେ ସରିବ। ଯେତେ ସତ୍ୟ ହୋଇଥିଲେ ମଧ୍ୟ ମୃତ୍ୟୁ ସମ୍ବାଦଟି କିଛିକ୍ଷଣ ପାଇଁ ମଣିଷ ମନରେ ଦୁଃଖର ଛାଇ ଘୋଡ଼ାଇ ଦିଏ। କେତେବେଳେ ଆଖିରୁ ଝରିପଡ଼େ ଦୁଇଧାର ଲୁହ, ପୁଣି କେତେବେଳେ ମଣିଷ ପାଟିରୁ ବାହାରି ଆସେ 'ଆହା' ଶବ୍ଦଟିଏ।

ରୋଜାଲିନ୍‌ଙ୍କୁ ସାମାନ୍ୟ ବିବ୍ରତ କରି ପକାଇଲା ଏ ଦୁଃସମ୍ବାଦ। କାଲି ସନ୍ଧ୍ୟାରେ ତାଙ୍କ ଅନ୍ତରଙ୍ଗ ସାଙ୍ଗର ସ୍ୱାମୀଙ୍କର ବିୟୋଗରେ ଭାଙ୍ଗି ପଡ଼ିଥିଲେ। ପୁଣି ଆଜି ସକାଳର ପହିଲି ସ୍ପର୍ଶରେ ଅନ୍ୟଏକ ଦୁଃସମ୍ବାଦ ତାଙ୍କୁ ଥମ୍ କରିଦେଲା। ସତେ ଯେମିତି ସହିବାର ଶକ୍ତି ତାଙ୍କର ଆଉ ନଥିଲା। ମାନସ ବାବୁଙ୍କର ସ୍ତ୍ରୀର ବୟସ ହୋଇ ଯାଇଥିଲା। ସଧବା ଅବସ୍ଥାରେ ସେ ସ୍ୱର୍ଗଗାମୀ ହେଲେ। ଏଥିରେ ଦୁଃଖ କରିବାର କିଛି ନଥିଲା। କିନ୍ତୁ ମାନସବାବୁଙ୍କ କଥା ତୁହାକୁ ତୁହା ତାଙ୍କ ମନକୁ ଛୁଇଁବାରେ ଲାଗିଲା।

ମାନସବାବୁଙ୍କର ବୟସ ହେଲାଣି ୯୦ ବର୍ଷ। ତଥାପି ମୁଖମଣ୍ଡଳରେ ଗୋଲାପି ଛିଟା ଭରି ରହିଛି। ଧୋବ ଫର ଫର ଧୋତି ଓ ଧଳା ପଞ୍ଜାବୀ ପୋଷାକରେ ତାଙ୍କ ବିଶାଳ ବ୍ୟକ୍ତିତ୍ୱ ଉଙ୍କି ମାରୁଥାଏ। ଏ ବୟସରେ କାର୍ ଚଳାଇ ସଭାସମିତିକୁ ନିୟମିତ ଯାଆନ୍ତି ସେ। ସେ ମଧ୍ୟ ରୋଜାଲିନ୍‌ର ଜଣେ ବନ୍ଧୁ। ମାନସବାବୁଙ୍କର ସମାଜ ସେବା ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ଗରିବମାନଙ୍କର ଦୁଃଖ ସେ ସହି ପାରନ୍ତିନି। ସେମାନଙ୍କ ଭିତରେ ସେ ଦର୍ଶନ କରନ୍ତି ନାରାୟଣଙ୍କୁ। ନର ନାରାୟଣଙ୍କ ସେବାରେ ଦିନରାତି ସେ ନିଜକୁ ନିୟୋଜିତ କରନ୍ତି। ସେମାନଙ୍କ ପାଇଁ ସେ ଦାନ କରନ୍ତି ଅଜସ୍ର ଧନ। ଏଥିରୁ ପାଆନ୍ତି ସେ ଆନନ୍ଦ। ତାଙ୍କ ମୁଖ ମଣ୍ଡଳରେ ସର୍ବଦା

ଖେଳୁଥାଏ ଆନନ୍ଦର ଢେଉ । ଆଜି ନିଶ୍ଚିତ ଭାବରେ ସେ ବିମର୍ଷ ହୋଇ ଯାଇଥିବେ ଭାବି ରୋଜାଲିନ୍ ଟିକିଏ ଅସ୍ତବ୍ୟସ୍ତ ହୋଇପଡ଼ିଲେ । ଫୋନ୍‌ର ରିସିଭର୍‌କୁ କେତେବେଳଠାରୁ ଫୋନ୍ ଉପରେ ରଖିସାରିଲେଣି ତାଙ୍କୁ ଜଣା ପଡୁନଥିଲା ।

ଟିକିଏ ଆଶ୍ୱସନା ଦେବା ପାଇଁ ମାନସବାବୁଙ୍କ ଘରକୁ ଗଲେ ରୋଜାଲିନ୍ । ସବୁଥର ଭଳି ଏଥର ମଧ୍ୟ ବାଟସାରା ସେ ନିଜକୁ ଦେଖୁଥିଲେ ଏକ ଶବ ରୂପରେ । ତାଙ୍କ ମୃତ୍ୟୁପରେ କ'ଣ କ'ଣ ହେବ ସବୁବେଳେ କଳ୍ପନା ଭିତରେ ଦେଖନ୍ତି ରୋଜାଲିନ୍ । କୋକେଇ  ଶବାଧାରରେ ରଖି କାନ୍ଧେଇ କାନ୍ଧେଇ ଯାଉଥାନ୍ତି ପରିବାରବର୍ଗ । ଶବାଧାର ଆଗେଆଗେ ଖଇ କଉଡ଼ି ପକେଇପକେଇ ଚାଲିଥାଏ ପୁଅ । ନାତିମାନଙ୍କ ହାତରେ ମସାଲ । ରାସ୍ତା ଦେଖେଇ ଚାଲୁଥାନ୍ତି ସେମାନେ । ପହଞ୍ଚି ଯାଆନ୍ତି ସେମାନେ ମଶାଣିରେ, ଯେଉଁଠି ସବୁ ଶେଷ କରିଦିଅନ୍ତି ଅଗ୍ନି ଦେବତା । କେତୋଟି ହାଣ୍ଡି, ମୁଠାଏ ଝାଡୁ ଚାହିଁଥାଆନ୍ତି ଶୂନ୍ୟକୁ –ମହାଶୂନ୍ୟକୁ । ଇତ୍ୟାଦି ଇତ୍ୟାଦି । ଏମିତି ଛନ୍ଦାଛନ୍ଦି ଭାବନା ଭିତରେ ସେ ବନ୍ଦି ହୋଇ ଯାଇଥିଲେ । କିଛି ସମୟପରେ ସେ ପହଞ୍ଚିଯାଇଥିଲେ ମାନସବାବୁଙ୍କ ଘରେ । ପାଞ୍ଚ କିଲୋମିଟର ଏହା ଭିତରେ ଅତିକ୍ରମ କରିସାରିଥିଲେ ମଧ୍ୟ ସେ ଜାଣି ପାରୁନଥିଲେ । ମାନସବାବୁଙ୍କ ଗେଟ୍ ପାଖରେ ତାଙ୍କ କାର୍ ରହିଲା । ଶହ ଶହ ଲୋକ ସେଠାରେ ପହଞ୍ଚି ଯାଇଥିଲେ ।

ମାନସବାବୁଙ୍କର ବିରାଟ ଅଟ୍ଟାଳିକା ମୁଣ୍ଡ ଟେକି ଛିଡ଼ା ହୋଇଥିଲା । ବିରାଟ ଫାଟକ ଖୋଲା ମଧ୍ୟ ଥିଲା । ସତେ ଯେମିତି ସେମାନେ ସମସ୍ତଙ୍କୁ ସ୍ୱାଗତ କରୁଥିଲେ । ସମସ୍ତେ ଥିଲେ ନିରବ । ବାରଣ୍ଡାଠାରୁ ବଗିଚାଯାଏ ଶୁଭ୍ର ବସ୍ତ୍ର ପରିହିତ ନରନାରୀ । ମନକୁ ଦମ୍ଭକଲେ ରୋଜାଲିନ୍ । ମାନସବାବୁଙ୍କୁ ସାମନା କରିବାକୁ ପଡ଼ିବ । ବୟସ ଯେତେ ହେଉନା କାହିଁକି ସ୍ନେହମୟୀ ଥିଲେ ତାଙ୍କର ସ୍ତ୍ରୀ, ମାନସବାବୁଙ୍କର ଅର୍ଦ୍ଧାଙ୍ଗିନୀ । ଆଜି ଧନଥାଇ ମଧ୍ୟ ସେ ନିଃସ୍ୱ । ତାଙ୍କର ପ୍ରକୃତ ଧନକୁ ସେ ହରେଇଛନ୍ତି ଆଜି । ଦୁଃଖରେ ସେ ଭାଙ୍ଗି ପଡ଼ିଥିବେ । ବିଗତ ଦିନର କେତେ ମଧୁର ସ୍ମୃତିକୁ ସେ ରୋମନ୍ଥନ କରୁଥିବେ । ସବୁ ଆଜି ସରିଗଲାବୋଲି ଅନ୍ତର ତାଙ୍କର ଚିତ୍କାର କରୁଥିବ । ଯାହାହେଉ ରୋଜାଲିନ୍ ନିଶ୍ଚୟ ମାନସବାବୁଙ୍କ

ସନ୍ନିକଟ ହେବେ ଏବଂ ଦୁଇପଦ କହି ଶାନ୍ତ୍ୱନା ଦେବେ । ଏସବୁ ଭାବି ସେ ଘର ଭିତରକୁ ପଶିଲେ ।

ମାନସବାବୁ ବସିଥିଲେ ଗୋଟିଏ ଚେୟାରରେ । ଦୁଇହାତ ପାପୁଲି ଭିତରେ ଥିଲା ତାଙ୍କ ମୁହଁଟି । ତାଙ୍କର ସେ ଗୋଲାପି ମୁହଁରେ କଳାବାଦଲର ଛାଇକୁ ଦେଖିପାରୁଥିଲେ ରୋଜାଲିନ୍ । ସାହାସ କରି ତାଙ୍କ ସାମନାରେ ଛିଡ଼ା ହେଲେ ସେ । କିଛି କହି ତାଙ୍କୁ ଆଶ୍ୱସନା ଦେବା ପୂର୍ବରୁ ମାନସବାବୁଙ୍କ ମୁହଁରୁ ଗଳଗଳ ହୋଇ ବାହାରି ଅସିଲା ତାଙ୍କ ଦୀର୍ଘ ଅତୀତ ।

୭୨ ବର୍ଷ ପୂର୍ବେ ସେ ବିବାହ କରିଥିଲେ ସ୍ନେହମୟୀଙ୍କୁ । ସ୍ତ୍ରୀ ତାଙ୍କର ସାର୍ଥକ କରୁଥିଲେ ନିଜ ନାମକୁ । ସମସ୍ତଙ୍କୁ ବାନ୍ଧି ରଖିଥିଲେ ସ୍ନେହ ରଜ୍ଜୁରେ । ସ୍ନେହମୟୀଙ୍କୁ ପାଇ ମାନସବାବୁ ସ୍ୱର୍ଗ ହାତରେ ପାଇଲାଭଳି ଅନୁଭବ କରୁଥିଲେ । ସ୍ନେହମୟୀଙ୍କର କାର୍ଯ୍ୟଦକ୍ଷତାରେ ସେ ପୂର୍ଣ୍ଣମାତ୍ରାରେ ସନ୍ତୁଷ୍ଟ ହେଉଥିଲେ । ମାନସବାବୁ ଥିଲେ ଓଡ଼ିଶାର ଜଣେ ଖ୍ୟାତିସମ୍ପର୍ଣ୍ଣ ବ୍ୟବସାୟୀ । ଲକ୍ଷ୍ମୀ ମାଙ୍କର ଅପାର କରୁଣା ଲାଭ କରିଥିଲେ ସେ । କେବଳ ଧନ ମଣିଷକୁ ସୁଖ ଓ ଶାନ୍ତି ଦିଏନି । ତା' ଚାରିପାଖରେ ଥିବା ମଣିଷଠାରୁ ସେ ପାଏ ପ୍ରକୃତ ସୁଖ ଓ ଶାନ୍ତି । ସବୁଠୁ ପାଖରେ ଥିଲେ ସ୍ତ୍ରୀ ସ୍ନେହମୟୀ । ମାନସବାବୁ ପାଇଯାଉଥିଲେ ସବୁ କିଛି ତାଙ୍କ ପାଖରୁ । କୌଣସିଟିରେ ସେ ଅଭାବ ଅନୁଭବ କରିନଥିଲେ ଜୀବନରେ । ସ୍ତ୍ରୀକୁ ଧରାଇ ଦେଇଥିଲେ ଘରର ଚାବିକାଠି । ନିଜକୁ କରିଦେଇଥିଲେ ହାଲୁକା । ଦୁଇହାତ ଟେକି ଦେଇଥିଲେ ସ୍ତ୍ରୀଙ୍କ ପାଖରେ । ମୁଣ୍ଡରୁ ସଂସାରର ବୋଝକୁ ଓହ୍ଲାଇ ଦେଇ ସମର୍ପଣ କରି ଦେଇଥିଲେ ସ୍ତ୍ରୀଙ୍କୁ । ମାନସବାବୁଙ୍କର ଏ ଥିଲା ଏକ ସୁନ୍ଦର ଯୋଜନା । ପ୍ରେତ୍ୟେକ ବ୍ୟକ୍ତି ପରିଣତ ବୟସରେ ମୁଣ୍ଡରୁ ସବୁ ବୋଝକୁ ଓହ୍ଲାଇଦେଇ ଟିକିଏ ଶାନ୍ତି ପାଇବା ଦରକାର । ଲୋଭ ହିଁ ପରମ ଶତ୍ରୁ । ସବୁକୁ 'ମୋର' 'ମୋର' କହି କିଛି ଛାଡ଼ିବାକୁ ଇଚ୍ଛା ହୁଏନି ଅନେକଙ୍କର । ଆଖି ବୁଜିଦେଲା ପରେ ସବୁ କାହାର ହୋଇଯାଏ କେହି ଜାଣନ୍ତିନି । ଆଖି ଖୋଲାଥିବା ସମୟରେ ପ୍ରକୃତ ଯୋଜନା କରିବା ବୁଦ୍ଧିମାନର କାମ । ମାନସ ବାବୁଙ୍କ ମୁହଁର ଭାଷା ଛାପି

ଯାଉଥିଲା ରୋଜାଲିନ୍‌ଙ୍କ ମାନସ ପଟରେ । ସଂସାରକୁ ଠିକ୍ ବାଟରେ ଛାଡ଼ିଦେଇ ମାନସବାବୁ ହୋଇଯାଇଛନ୍ତି ଖୋଲା ଆକାଶର ମୁକ୍ତ ବିହଙ୍ଗ । ଉଡ଼ିଉଡ଼ି ସେ ଦେଖୁଛନ୍ତି ଦୁନିଆକୁ । ଦରକାର ସମୟରେ ଛିଡ଼ା ହୋଇଯାଉଛନ୍ତି କାହା କାହା ଦ୍ୱାରରେ । ହାତ ଖୋଲି ସାହାଯ୍ୟ କରି ଚାଲିଛନ୍ତି ।

ସମୟକ୍ରମେ ମାନସବାବୁ ଓ ସ୍ନେହମୟୀଙ୍କର ଦୁଇଟି ପୁତ୍ର ଓ ଗୋଟିଏ କନ୍ୟା ହୋଇଥିଲେ । ସେମାନଙ୍କର ସମସ୍ତ ଦାୟିତ୍ୱ ବହନ କରି ମଣିଷ କରିବାରେ ସ୍ନେହମୟୀଙ୍କର ସାହାଯ୍ୟ ଆଜି ଭୁଲି ପାରୁ ନାହାନ୍ତି ମାନସବାବୁ । ବଡ଼ ହେଲାରୁ ବାପାଙ୍କ ବ୍ୟବସାୟରେ ସାମିଲ ହେଲେ ପୁଅମାନେ । ଯାହା କିଛି ବ୍ୟବସାୟ ଚିନ୍ତା ମାନସବାବୁଙ୍କର ଥିଲା ତାହା ଦୂରେଇ ଗଲା । ସେ ଆହୁରି ମୁକ୍ତ ହୋଇଗଲେ । ଦୁଇ ପୁଅଙ୍କୁ ବାହା କରାଇ ସୁଶ୍ରୀ ଗୁଣବତୀ ବୋହୂ ଆଣିଲେ । ଝିଅକୁ ଟେକିଦେଲେ ଗୁଣ ସମ୍ପର୍ଣ୍ଣ ଜ୍ୱାଇଁଙ୍କ ହାତରେ । ନାତି ନାତୁଣୀମାନଙ୍କ ଗହଣରେ ମାନସବାବୁଙ୍କ ପରିବାର ହସି ଉଠିଲା । ୫୦ ଜଣ ପରିବାର ବର୍ଗଙ୍କୁ ନେଇ ମାନସବାବୁଙ୍କର ସଂସାର ଭରପୂର ହୋଇଗଲା । ଏତେ ସବୁ ବର୍ଣ୍ଣନାରେ ମାନସବାବୁଙ୍କ ମୁହଁରେ ଦୀପ୍ତି ଉଦ୍ଭାସିତ ହେଉଥାଏ । ମଝିରେ ମଝିରେ କୋହକୁ ସମ୍ଭାଳି ପାରୁ ନଥାନ୍ତି ସେ । ରୋଜାଲିନ୍ ସ୍ଥାଣୁଟିଏ ହୋଇ ମାନସବାବୁଙ୍କ ସାମନାରେ ଛିଡ଼ା ହୋଇ ଏକ ପରିପୂର୍ଣ୍ଣ ମଣିଷର ଇତିହାସ ଶୁଣିଯାଉଥାନ୍ତି ।

ଏତେ ସବୁ କଥା କହିଗଲା ପରେ ମାନସବାବୁ ଖୋଲିଲେ ସ୍ତ୍ରୀ ପ୍ରତି କରିଥିବା କର୍ତ୍ତବ୍ୟର ପେଡ଼ି । ଦୀର୍ଘ ୭୨ ବର୍ଷ ତାଙ୍କ ଘରକୁ ସମ୍ଭାଳିଥିବା ସ୍ତ୍ରୀ ପ୍ରତି ସେ ଅନ୍ୟାୟ କରି ନାହାନ୍ତି । କଡ଼ା ଗଣ୍ଡା କରି ଶୁଝିଛନ୍ତି ସ୍ତ୍ରୀର ଋଣ । ବାରମ୍ବାର ସ୍ତ୍ରୀ ଅସୁସ୍ଥ ହୋଇଛନ୍ତି ଜୀବନକାଳ ଭିତରେ । ଭାରତର ବିଶିଷ୍ଟ ଚିକିତ୍ସକଙ୍କ ପରାମର୍ଶ ନେଇ ସେ ସ୍ତ୍ରୀର ଚିକିତ୍ସା କରିଛନ୍ତି ଓଡ଼ିଶା ବାହାରେ ଥିବା ପ୍ରସିଦ୍ଧ ଡାକ୍ତରଖାନାରେ । ତାଙ୍କ କହିବା ଭିତରେ ରୋଜାଲିନ୍ ଅନୁଭବ କରୁଥିଲେ ମାନସବାବୁ ସ୍ତ୍ରୀଙ୍କର ଉପଯୁକ୍ତ ଚିକିତ୍ସା କରାଇ ଗର୍ବିତ ହେଉଛନ୍ତି । କଲିକତା, ଚେନାଇ, ହାଇଦ୍ରାବାଦରେ

ବିଶିଷ୍ଟ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇଛନ୍ତି ନିଜ ସ୍ତ୍ରୀର । ଏଥିରେ ସ୍ତ୍ରୀର ଅଧାରୋଗ ଭଲ ହୋଇଯାଇଥିବ ବୋଲି ରୋଜାଲିନ୍ ଅନୁଭବ କରୁଥିଲେ । "ମୋ ସ୍ତ୍ରୀ ଆଗ, ମୁଁ ଖର୍ଚ୍ଚକୁ ଖାତିର କରି ନାହିଁ । ତାଙ୍କୁ ଖୁବ୍ ଯତ୍ନ ସହକାରେ ନେଇଛି, ବଡ଼ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଇଛି ରାଣୀ ମହାରାଣୀ ଭଳି ଏବଂ ପୁଣି ଘରକୁ ଫେରାଇ ଆଣିଛି ଖୁବ୍ ଯତ୍ନ ସହକାରେ ।" ଏତକ ଶୁଣିଲାପରେ ରୋଜାଲିନ୍ ଭାବୁଥିଲେ କେଡ଼େ ଭାଗ୍ୟବତୀ ସତେ ସ୍ନେହମୟୀ ?

"ଆଜି ମୋର କିଛି ଅସୁବିଧା ନାହିଁ । ପୁଅମାନେ ସବୁ ମୋର ବୁଝନ୍ତି । ବର୍ଷ ଶେଷରେ ମିଳିଯାଉଛି ନୂଆ କାର୍ । ଉଠିଲାଠାରୁ ଶୋଇବା ଯାଏ ପିଲାମାନେ ମୋ ପାଇଁ ଯତ୍ନବାନ୍ । ୫୦ ଜଣ ପରିବାରବର୍ଗଙ୍କ ଉପସ୍ଥିତିରେ ସ୍ତ୍ରୀ ମୋର ସଧବା ହୋଇ ବିଦାୟ ନେଲେ । ତାଙ୍କ ପାଇଁ ଈଶ୍ୱର ସବୁ ଦେଇଥିଲେ । ମୁଁ ମଧ୍ୟ ଈଶ୍ୱରଙ୍କ ପାଖରେ କୃତଜ୍ଞ ଯେ ସେ ଏମିତି ସ୍ତ୍ରୀ, ପୁଅଝିଅ ଓ ନାତି ନାତୁଣୀ ମୋତେ ଦେଇଛନ୍ତି ।"

ଏତକ ମାନସବାବୁଙ୍କ ଠାରୁ ଶୁଣିଲାପରେ ରୋଜାଲିନ୍ ଭାବିଲେ ବୋଧହୁଏ ତାଙ୍କର ସବୁ କଥା ସରିଗଲା ।

କିଛି ସମୟ ଚୁପ୍ ରହିଗଲେ ମାନସବାବୁ । ଆଖିରୁ ଝରି ପଡ଼ିଲା ଦୁଇଧାର ତତଲା ଲୁହ । ଥରିଲା ଥରିଲା ସ୍ୱରରେ ପୁଣି କହିବାକୁ ଆରମ୍ଭ କଲେ, "ସବୁ କିଛି ମୋର ଅଛି । କିଛିରେ ଅସୁବିଧା ନାହିଁ । ବିରାଟ ଦ୍ରୁମ ସଦୃଶ ମୋ ପରିବାର । ଏହି ଦ୍ରୁମରୁ ଗୋଟିକ ପରେ ଗୋଟିଏ ପତ୍ର ଝଡ଼ି ପଡ଼ିବ । ନୂତନ କିଶଳୟର ଆଶା ପୁଣି ସଞ୍ଚାର ହେବ । ମଣିଷ ଜୀବନ ତ ଝରାପତ୍ର ସଦୃଶ । ଆଜି ନ ହେଲେ ବି କାଲି ମୋ ଠାରୁ ବିଦାୟ ନେଇଥାଆନ୍ତେ ସ୍ନେହମୟୀ । ଏହା ତ ସଂସାରର ନିୟମ । ବଗୁଲା ବଗୁଲୀଙ୍କ ଭିତରୁ ଆଗ ପଛ ହୋଇ ଜଣେ ଜଣଙ୍କୁ ନିଶ୍ଚୟ ଛାଡ଼ିବ । ତାଙ୍କ ବିଦାୟ ମୋତେ ଖୁବ୍ ବେଶୀ ନ ବାଧିଲେ ମଧ୍ୟ ଗୋଟିଏ କଥା ମୋତେ ଆଜି ବାଧୁଛି ।"

ରୋଜାଲିନ୍ ଉତ୍ତରଟା ଶୁଣିବା ପାଇଁ ଆଗ୍ରହ ସହକାରେ ଚାହିଁ ରହିଲେ ମାନସବାବୁଙ୍କୁ ।

କୋହ ଭିଜା ସ୍ୱରରେ ମାନସବାବୁ କଥା ଆରମ୍ଭ କଲେ । "୭୨ ବର୍ଷଧରି ତାଙ୍କ ସହିତ ଜୀବନ ବିତେଇଛି । ଆଜି ତାଙ୍କୁ ଛାଡ଼ି ଦେବାକୁ ମନ କହୁନି । ଖୁବ୍ କଷ୍ଟ ଲାଗୁଛି ଆଜ୍ଞା । ଏତେ ବଡ଼ ସଂସାର ଭିତରେ ଯଦି କାହାର ପଦେ କଥା ମୋତେ ବାଧିବ କାହାକୁ ଅଜାଡ଼ି ଦେବି ସେ କଥା ? କିଏ ତାଲା ପକାଇ ରଖିବ ମୋ ଘରର ଗୁମର କଥା ?ମୁଁ ଆଜି ସାଥୀ ହରା । ବାର୍ଦ୍ଧକ୍ୟରେ ସ୍ତ୍ରୀ ହିଁ ଦିଏ ସ୍ୱାମୀକୁ ସାହାରା । ସ୍ୱାମୀର ସବୁ ଅଭିଯୋଗକୁ କାନପାତି ଶୁଣେ । ପରିସ୍ଥିତିକୁ ଦେଖି ବେଳେ ବେଳେ କିଛି କଥାକୁ ତାଲା ପକାଇ ରଖିଦିଏ । ତେଣୁ ସ୍ତ୍ରୀ ଉପରେ ଥାଏ ସ୍ୱାମୀର ଅଗାଧ ବିଶ୍ୱାସ ଓ ଭରସା ।" କେଡ଼େ ବଡ଼ ସତ କଥା ଆଜି ଶୁଣେଇଲେ ମାନସବାବୁ । ଏହା ହିଁ ଜୀବନର ପୂର୍ଣ୍ଣତା । ରୋଜାଲିନ୍ ଥମ୍ ହୋଇଗଲେ । ସ୍ୱାମୀ ହେଉ ବା ସ୍ତ୍ରୀ ହେଉ ପରସ୍ପରଙ୍କର ସେମାନେ କେଡ଼େ ଭରସା, ପରସ୍ପର ପ୍ରତି ସେମାନେ କେଡ଼େ ବିଶ୍ୱାସୀ, ଜଣେ ଜଣଙ୍କ ପାଇଁ କେତେ ଆବଶ୍ୟକ ତାହା ସୂଚେଇ ଦେଲେ ମାନସବାବୁ ।

ଦୀର୍ଘ ନିଃଶ୍ୱାସ ଛାଡ଼ିଲେ ରୋଜାଲିନ୍ । ମନଭିତରେ ମାନସବାବୁଙ୍କର ଶେଷ ଦୁଇପଦ କଥା ଦୋହରେଇ ହେଲା । ମୁହଁ ବୁଲେଇ ଚାହିଁଲେ ଗେଟ୍ ଆଡ଼କୁ । ଗେଟ୍ ସାମନାରେ ଫୁଲରେ ସୁସଜ୍ଜିତ କୋକେଇ ଓ ଶବବୁହା ଗାଡ଼ି ଥୁଆ ହୋଇଥିଲା । ବାକି ଥିଲା "ରାମ ନାମ ସତ୍ୟ ହେ - ହରି ନାମ ସତ୍ୟ ହେ ।"

◆◆◆

# ଅନନ୍ୟ ଅନୁଭବ

ତୁମ ବିଷୟରେ ଦୁଇ ପଦ ଲେଖିବା ପାଇଁ ମନଟା ସବୁବେଳେ ଆଉଟୁ ପାଉଟୁ ହୁଏ। କବିତା ମାଧ୍ୟମରେ ତୁମକୁ ମୁଁ ଟାଣିଆଣେ ତୁମ ରତ୍ନ ସିଂହାସନରୁ। ତୁମ ଚକାଚକା ଆଖି, ତୁମ ନାକଫୁଲ, ନାଲି ଅଧର, ଅସମ୍ପୂର୍ଣ୍ଣ ହାତ ଓ ପାଦ, ତୁମ ବଡ଼ଦାଣ୍ଡ, ତୁମ ନୀଳଚକ୍ର, ପତିତପାବନ ବାନା, ତୁମ ଅବଢ଼ା, ତୁମ ରଥ, ଶ୍ରୀଗୁଣ୍ଡିଚା ଯାତ୍ରା ଏମିତି କେତେ କ'ଣକୁ ମୁଁ ଆପଣେଇ ନେଇଛି ତା'ର ହିସାବ ନାହିଁ। ତୁମେ ଯେ ଅସୀମ, ନିରାକାର, ମୁଁ ବିନ୍ଦୁଟିଏ ମାତ୍ର। ଯିଏ ସାରା ଜଗତର ନାଥ, ଯିଏ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତାକୁ ବର୍ଣ୍ଣନା କରିବା ତା'ର ପର୍ବପର୍ବାଣୀ, ବେଶଭୂଷା, ନୀତି ନିୟମର ହିସାବ ରଖିବା ଅର୍ଥ ସୂର୍ଯ୍ୟଙ୍କୁ ଚିହ୍ନାଇବା ପାଇଁ ମହମବତୀଟିଏ ଜାଳିବା ସହ ସମାନ। ତୁମେ ଯେତେ ବଡ଼ ହେଲେ ବି ସବୁବେଳେ ମୋ ହୃଦୟରେ ସିଂହାସନ ଗ୍ରହଣ କରିଛ ପ୍ରଭୁ। ତୁମ କଥା ଭାବିବାକୁ ମୋତେ ପଡ଼େନି – ସଦାସର୍ବଦା ତୁମର ଚକାଚକା ଆଖିକୁ ମୁଁ ଦେଖୁଥାଏ ଏବଂ ତୁମେ ମଧ୍ୟ ସେହି ଆଖିରେ ମୋତେ ଚାହିଁଥାଅ। ଏହା ମୋର ଅନୁଭବ। ସବୁ ତୁମ କରୁଣା। ଅନେକ ଦୁଃଖ ତ ଆସେ ଜୀବନରେ। ଦୁଃଖ ବିନା ଜୀବନଟା ନିରର୍ଥକ ଲାଗେ। କିନ୍ତୁ ତୁମେ ବଜ୍ର କରିଥାଅ ମୋର ନଇଁଲା ମନକୁ। ଦମ୍ଭ ଭରି ଦେଇଥାଅ ମୋ ମନରେ। ଏହା ମୋର ଲେଖା ନୁହଁ ମୋର ଅନ୍ତରର ସ୍ୱର।

ପ୍ରତିମାସ ମୁଁ ଓ ମୋର ସ୍ୱାମୀ ଯାଉ ତୁମ ଦର୍ଶନ ପାଇଁ। ମାସଟିଏ ଆରମ୍ଭ ହେଲେ ତୁମ ମୁହଁ ନ ଦେଖିବା ଯାଏ ମନଟା ଛଟପଟ ହେଉଥାଏ। ତୁମେ ଜାଣିଛ, ଭକ୍ତମାନଙ୍କର ଗହଳି ଓ ଠେଲା ପେଲା ଭିତରେ ତୁମର ସେ ବିସ୍ଫାରିତ ଆଖି ସହ

ମୋ ଆଖି ମିଶିଗଲେ ଦୁଇଧାର ଲୁହ ବୋହିଆସେ । କୋହ ପରେ କୋହ ସହ ଦୁଃଖକୁ ତୁମ ପାଖେ ଅଜାଡ଼ି ଦିଏ, ତୁମଠାରୁଦମ୍ଭ ଓ ସାହସ ଆଣି ସାଇତି ଦିଏ ମୋ ଅନ୍ତର ଭିତରେ । ତାହା ହିଁ ମୋର ଧନ ମାନ ସବୁକିଛି । ତୁମ ରଥ ଦଉଡ଼ି ଧରି ଟାଣିବାର ସୁଯୋଗ ମଧ୍ୟ ମିଳିଛି ବେଳେ ବେଳେ । ଗୁଣ୍ଡିଚା ନଗରକୁ ତୁମ ପହଣ୍ଡି ବିଜେରେ ମୁଁ ଆତ୍ମହରା ହୋଇପଡ଼ିଛି କେତେ ବର୍ଷ ତଳେ । ନବ କଳେବର ସମୟରେ ଯେଉଁ ଦାରୁରେ ତୁମ ବ୍ରହ୍ମ ସ୍ଥାପିତ ହୁଏ ସେ ଦାରୁ ଦର୍ଶନର ସୁଯୋଗ ମିଳିଛି ମୋତେ ଦୁଇଥର । ଶଙ୍ଖ ଚକ୍ର ଚିହ୍ନିତ ସେ ବୃକ୍ଷ, ଶହ ଶହ ଭକ୍ତମାନଙ୍କର ଶଙ୍ଖ ହୁଳହୁଳିରେ ଉଛୁଳୁଥିବା ସେ ସ୍ଥାନ ଆଜିବି ମୋ ମାନସପଟରେ ଚିତ୍ରିତ । କି ବିଚିତ୍ର ତୁମର ଲୀଳା ?

ଜୀବନର ସାରାଂଶକୁ ଅର୍ପଣ କରିଛି ମୁଁ ପ୍ରଭୁ ଜଗନ୍ନାଥଙ୍କ ଚରଣ ତଳେ । ଜାଗତିକ ମାୟାରେ ବାନ୍ଧି ହୋଇ ଯାଇଛି ମୁଁ । ମୋତେ ଚିରଦିନ ବନ୍ଦି କରିବାକୁ ଅନେକ ପ୍ରଲୋଭନ । ଅନେକ ସମୟରେ ତାଙ୍କ ପାଖରେ ମୋର ନିଷ୍କାମର ନିବେଦନ । ନିଜ ଭକତର ଇଚ୍ଛାକୁ ସମ୍ମାନ ଜଣାଇବା ପାଇଁ ସେ ସମସ୍ତ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରନ୍ତି ବୋଲି ତାଙ୍କ ନାଆଁ ତ ଇଚ୍ଛାମୟ ।

ସତରେ ତୁମେ କେତେ ଶୀଘ୍ର ଭକ୍ତର ମନକୁ ବୁଝିପାର ପ୍ରଭୁ । ସେଥିପାଇଁ ତୁମ ନାଁ ପରା ଅନ୍ତର୍ଯ୍ୟାମୀ, ଭାବଗ୍ରାହୀ । ନିମିଷଟେ ଲାଗେନି ତୁମକୁ, ସବୁକଥା ବୁଝିଯାଅ ଏବଂ ଭକ୍ତର ଆଞ୍ଜୁଳି ଭରିଦିଅ ତୁମ ଆଶୀର୍ବାଦରେ, ମନୋବାଞ୍ଛା ପୂରଣ କରିଦିଅ, ଆଉ କାନ ପାଖର ଚୁପ୍‌ଚାପ୍ କହିଦିଅ, ''ଏବେ ଖୁସିତ'' ?

ଏମିତି ଏକ ଅନୁଭୂତି ଥିଲା ମୋର ସେଦିନ । ସବୁମାସ ଦୌଡ଼ିଯାଏ ତୁମ ପାଖକୁ । ତୁମ ସୌମ୍ୟବଦନ, ଚକାଚକା ଆଖି ଲାଖିଯାଏ ମୋ ଆଖିରେ । ପୁଣି ଗୋଟିଏ ମାସକୁ ଚାହିଁଥାଏ । ସବୁ ମାସ ତୁମକୁ ଦେଖିଲେ ବି ପେଟ ପୂରେନି । ଠେଲା ପେଲା ଭିତରେ ଥରେ ଥରେ ତୁମକୁ ମନ ଭରି ଦେଖିପାରେନି । ସବୁ ରୀତିନୀତି ତୁମର ଦେଖିବାକୁ ଥାଏ ପ୍ରବଳ ଇଚ୍ଛା । କେତେବେଳେ ଅବକାଶ

ଦେଖିଛି ତ କେତେବେଳେ ସନ୍ଧ୍ୟା ଆଳତି ଦେଖିଛି ତୁମର। ତୁମ ଶୟନର ରୀତିନୀତି, ବଡ଼ସିଂହାରବେଶ ଦେଖିବା ପାଇଁ ବର୍ଷ ବର୍ଷ ଧରି ମନରେ ଥାଏ ପ୍ରବଳ ବାସନା। ତୁମ ବଡ଼ସିଂହାରବେଶ ଦେଖିବା ପାଇଁ ଥରେ ଯାଇଥିଲି। ରାତି ୧୧ରେ ଶୁଣିଲି ରାତି ୨-୩ ହୋଇପାରେ। ଫେରିଆସିଲି ମନମାରି, ହେଲେ ଇଚ୍ଛାଶକ୍ତି ମଲାନି। ତୁମେ ହିଁ ସେ ସୁଯୋଗ ଦେବ ପ୍ରଭୁ ଏ ଭରସା ମୋର ଥାଏ।

ଏଇ ଦୁଇ ଦିନ ତଳର କଥା। ପୌଷମାସ ସରିବାକୁ ଥାଏ ଗୋଟିଏ ଦିନ। ମା ସାଆନ୍ତାଣୀ ଲକ୍ଷ୍ମୀ ଠାକୁରାଣୀ ଯାଇଥାନ୍ତି ବାପଘରକୁ। ପୌଷମାସ ସରିବାଯାଏ ରହିବେ ବାପଘରେ। ଆଉ ତ ଗୋଟିଏ ଦିନ ବାକି ଅଛି, ଫେରିଆସିବେ ସେ ସ୍ୱାମୀଙ୍କ ପାଖକୁ। ବର୍ତ୍ତମାନ ପ୍ରଭୁ ନିଃସଙ୍ଗ ଜୀବନ ଯାପନ କରୁଛନ୍ତି ବଡ଼ ଦେଉଳରେ। କାହା ସହିତ ମଧୁର ଆଳାପ କରିବେ ସେ। ଦିନ ତାଙ୍କର ସରୁନି। ସ୍ୱାମୀ ପାଇଁ ସ୍ତ୍ରୀଟି କେତେ ଲୋଡ଼ା ସେ ଅନୁଭବ ଅଛି ପ୍ରଭୁଙ୍କର। ଶୀଘ୍ର ଶୀଘ୍ର ରାତ୍ରି ଭୋଜନ କରି ଶୋଇ ପଡ଼ନ୍ତି ସେ ପୌଷ ମାସରେ। ତାଙ୍କର ବଡ଼ସିଂହାର ବେଶ ଓ ଶୟନ ରୀତି ନୀତି ସରିଯାଏ ସଅଳ ସଅଳ। ବେଶୀ ରାତିଯାଏ ଅପେକ୍ଷା ନ କରି ଶ୍ରୀଘ୍ର ଏହି ରୀତିନୀତି ଦେଖିବାର ସୁଯୋଗ ମିଳିବ, ଏହା ଭାବି ବାହାରିଲି ପୁରୀ। ସାଙ୍ଗରେ ଥାଆନ୍ତି ସ୍ୱାମୀ ଓ ଦୁଇଜଣ ବନ୍ଧୁ। ବାଟରେ ଦକ୍ଷିଣ କାଳୀ ଓ ବାଟ ମଙ୍ଗଳାଙ୍କୁ ପୂଜା ଅର୍ଚ୍ଚନା କରି ପହଞ୍ଚିଲି ଶ୍ରୀମନ୍ଦିରେ ସନ୍ଧ୍ୟାରେ। ଟିକିଏ ବେଶୀ ରାତି ହେଲେ ମନ୍ଦିରର ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ବନ୍ଦ ହୋଇଯିବ, ନୂଆବର୍ଷର ପ୍ରଥମ ଦର୍ଶନ ମିଳିବନି ଭାବି ଆଗ ଗଲୁ ବଡ଼ ଦେଉଳକୁ। ସବୁ ଦେବଦେବୀଙ୍କ ଦର୍ଶନ ପରେ ଜଗନ୍ନାଥଙ୍କୁ ଦେଖିବା ପାଇଁ ମନ ବ୍ୟାକୁଳ ହେଉଥାଏ। କି ଅପୂର୍ବ ସମୟ ପାଇଲି ସେଦିନ ଭାବିଲେ ଦେହ ମନ ଉଲ୍ଲସି ଉଠେ। ମନ୍ଦିରରେ ଥାଏ ସେଦିନ ପ୍ରବଳ ଭିଡ଼। ରାତି ପାହିଲେ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କର ଥାଏ ବାର୍ଷିକୋତ୍ସବ। ତେଣୁ ଲକ୍ଷ ଲକ୍ଷ ଲୋକଙ୍କର ଥାଏ ସମାଗମ। ସେ ଭିଡ଼କୁ ମୋର ନ ଥାଏ ଖାତିରି। ଏକା ପଶିଗଲି ଭିଡ଼ ଭିତରେ। ତିନି ଦିଅଙ୍କର ସନ୍ଧ୍ୟା ଆଳତି ଦେଖି ମୋ ଚକ୍ଷୁ ସାର୍ଥକ ହୋଇଗଲା। ନୂଆବର୍ଷରେ ଏହା ମୋର ପ୍ରଥମ ଓ ପବିତ୍ର ଦର୍ଶନ।

ପ୍ରଭୁ ତୁମେ ଦୟାର ସାଗର। ଭିଡ଼ ଭିତରୁ ବାହାରି ଆସିଲି ସତ — ବାରବାର ଦେଖିବା ପାଇଁ ମନ ଚାହୁଁଥାଏ। ପୁଣିଥରେ ସେ ଭିଡ଼ରେ ଦେଖିଲି ମୋ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କୁ।

ମନ୍ଦିରରେ ବୁଝିଲି, ରାତି ୧ କିମ୍ବା ୨ ହୋଇପାରେ ଶୟନ ରୀତିନୀତି ହେବାକୁ। ମନରେ ସ୍ଥିର କଲି ଆଜି ଦେଖିବି ପ୍ରଭୁଙ୍କର ସେ ବିରଳ ଉତ୍ସବ। ନିଦ୍ରାଦେବୀ ଚାଲିଯିବେ ମୋ ପଲକକୁ। ମନ ଚାହିଁଲେ ସବୁ କରିପାରିବ। ମନ୍ଦିରରୁ ଫେରିଆସି ପି.ଏଚ୍.ଡ଼ି. ଅତିଥି ଭବନରେ ବିଶ୍ରାମ କଲୁ। ବାରବାର ଶ୍ରୀମନ୍ଦିରକୁ ଟେଲିଫୋନ୍ କରି ସମୟ ବୁଝୁଥାଉ। ଗୋଟିଏ ଉତ୍ତର ମିଳୁଥାଏ — ମନୁଆ ଠାକୁର ସେ। କେତେବେଳେ ତାଙ୍କ ଶୟନର ରୀତିନୀତି, ବଡ଼ସିଂହାରବେଶ ହେବ ସେ ହିଁ ଜାଣନ୍ତି। ରାତି ଗୋଟାଏରେ ବାହାରିଲୁ ମନ୍ଦିରକୁ। ବଡ଼ଦାଣ୍ଡ ଶୂନ୍‌ଶାନ୍। ପୋଲିସ ବାବୁଙ୍କର ପହଁରା ଛଡ଼ା ଭକ୍ତ ଶୂନ୍ୟଥାଏ ବଡ଼ଦାଣ୍ଡ। ବାଇଶି ପାହାଚ ଅତିକ୍ରମ କରି ପ୍ରବେଶ କଲୁ ଜଗମୋହନକୁ। ସାଙ୍ଗରେ ଥାଆନ୍ତି ଜଣେ ଜଣାଶୁଣା ସେବାୟତ। ୧୦-୧୫ ଜଣ ଭକ୍ତ ଚକାପକାଇ ବସିଥାନ୍ତି ଜୟବିଜୟ ଦ୍ୱାର ସାମନାରେ। ଦୂର ଦୂରାନ୍ତରୁ ଆସିଥାନ୍ତି ସେମାନେ ବଡ଼ ସିଂହାରବେଶ ଦେଖିବା ପାଇଁ। ମନ୍ଦିର ବେଢ଼ା ଓ ମନ୍ଦିର ଭିତରେ ଥାଏ ଶୂନଶାନ୍। ବେଢ଼ା ଲାଗୁଥାଏ ନୂଆ ନୂଆ। ଏମିତି ପରିବେଶ ଥିଲା ମୋ ପାଇଁ ଅନନ୍ୟ। ସେବାୟତଙ୍କ ନିର୍ଦ୍ଦେଶ କ୍ରମେ ବସିପଡ଼ିଲି ଭକ୍ତମାନଙ୍କ ଗହଣରେ। ଚତୁର୍ଦ୍ଦିଗ ବାତାବରଣ ଥାଏ ଗାମ୍ଭୀର୍ଯ୍ୟପୂର୍ଣ୍ଣ।

ପ୍ରଭୁଙ୍କର ଏ କି ଲୀଳା ? ଆଖି ମୋର ଫେରୁ ନ ଥାଏ ଦିଅଁଙ୍କଠାରୁ। ଶ୍ରୀ ଜଗନ୍ନାଥ ଶବ୍ଦର ଅର୍ଥ ହେଲା ଶ୍ରୀ ବା ଶକ୍ତିଯୁକ୍ତ ଜଗନ୍ନାଥ। ସେଥିପାଇଁ ଶ୍ରୀ ଜଗନ୍ନାଥଙ୍କ ଦାରୁବିଗ୍ରହ ନାରୀର ବସଣି ପିନ୍ଧି ସ୍ତ୍ରୀ ପୁରୁଷ ଯୁଗଳ ରୂପରେ ପ୍ରକାଶିତ ଏବଂ ପାଟଶାଢ଼ି ପରିହିତ। ରାଜାଧିରାଜଙ୍କର ପୂଜା ପଦ୍ଧତି, ବେଶଭୂଷା, ଶ୍ରୀଅଙ୍ଗରାଗ ସବୁଥାଏ ରାଜକୀୟ। ସେବାପୂଜାରେ ଆଡ଼ମ୍ବରର ପରିପ୍ରକାଶ ସୁସ୍ପଷ୍ଟ ହେଉଥାଏ। ତଥାପି ସେ ମାନବଧର୍ମୀ। ମାନବର ସ୍ପର୍ଶ ଅଛି ତାଙ୍କଠାରେ।

ପ୍ରଭୁ ବର୍ତ୍ତମାନ ନୂତନ ପାଟ ବସ୍ତ୍ର ପିନ୍ଧି ପୁଷ୍ପମାଲ୍ୟରେ ସୁସଜ୍ଜିତ ହୋଇ ରାତ୍ରିଭୋଜନ କରି, ମୁଖ ବିଳାସର ସ୍ୱାଦୁ ଉପଭୋଗ କରି ଶୟନ କରିବେ। ଏ ସବୁର ରୀତିନୀତି ଦେଖିବା ପାଇଁ ମୁଁ ନିର୍ବିଘ୍ନ ଚିତ୍ତରେ ଚାହିଁ ରହିଥାଏ। ଥାକଥିବା ଷ୍ଟାଣ୍ଡରେ ଚଢ଼ିଲେ ଜଣେ ଜଣେ ସେବାୟତ ତିନି ଦିଅଁଙ୍କ ପାଖରେ। ଶରୀର ମଣ୍ଡନ କରୁଥିବା ପୁଷ୍ପମାଲ୍ୟ, ଜଗନ୍ନାଥଙ୍କର ନାକ ବସଣି ଏବଂ ତୁଳସୀହାର ବାହାର କରି ତଳକୁ ପଠାଇ ଦେଉଥାନ୍ତି। ତଳେ ଥିବା ସେବାୟତମାନେ ଡାଲାରେ ସେଗୁଡ଼ିକ ରଖୁଥାଆନ୍ତି। କିଛି ତୁଳସୀହାର ଓ ଛଡ଼ା ପୁଷ୍ପ ମୋ ଲୁଗାକାନିରେ ବାନ୍ଧି ନିଜକୁ ଧନ୍ୟ ମନେ କଲି।

ତା'ପରେ ଶ୍ରୀଅଙ୍ଗରୁ ଖୋଲାହେଲା ପାଟବସ୍ତ୍ର, ଯାହାକୁ ମଇଲମ କୁହାଯାଏ। କେତେ ଯେ ବସ୍ତ୍ର ତାଙ୍କ ଶରୀରକୁ ଆଚ୍ଛାଦିତ କରିଛି ତାକୁ ଗଣିବା ମୋ ପକ୍ଷେ ହୋଇଗଲା କଷ୍ଟସାଧ୍ୟ। ରତ୍ନ ସିଂହାସନ ସାମନାରେ ଦଣ୍ଡାୟମାନ ଦୁଇଜଣ ସେବାୟତ ସେ ବସ୍ତ୍ରଗୁଡ଼ିକୁ ଚଉତି ରଖୁଥାନ୍ତି ବିରାଟ ବିରାଟ ଡାଲାରେ। କେତେ ରଙ୍ଗରେ ତୁମ ବସ୍ତ୍ର ତିଆରି। ପ୍ରଭୁ ରସିକପଣରେ ତୁମେ ଊର୍ଦ୍ଧ୍ୱରେ। ଏହାପରେ ଥାଏ ଦିଅଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲେପନ। ତିନିଜଣ ସେବାୟତ ପାଟିରେ ଲୁଗାବାନ୍ଧି ରୂପାନିର୍ମିତ କୁଣ୍ଡରେ ଘୋରାଚନ୍ଦନ ଧରି ଧାଡ଼ି ହୋଇ ପ୍ରବେଶ କଲେ ଗର୍ଭଗୃହକୁ। କି ବାସ୍ନାୟିତ ମୁହୂର୍ତ୍ତ। ତାଙ୍କ ସାମନରେ ବେତଧରି ଚାଲିଥାନ୍ତି ଜଣେ ସେବାୟତ। କ୍ରମ ବର୍ଦ୍ଧିଷ୍ଣୁ ରାତ୍ରିର ଗଭୀରତା ସହ ତାଳଦେଇ ଘୋରା ଚନ୍ଦନ ଆଣିବା ସମୟରେ ଏହି ସେବାୟତମାନଙ୍କର ଶ୍ଲୋକାବଳୀ ପରିବେଶକୁ କରୁଥାଏ ବେଶ୍ ଭକ୍ତି ରସାପ୍ଲୁତ। ଟିକେଟ କରି ଆମେ ରତ୍ନ ସିଂହାସନ ପାଖରେ ଛିଡ଼ା ହୋଇ ଚନ୍ଦନ ପ୍ରଲେପ ଦେଖିଲୁ। ମନେ ମନେ ଭାବୁଥାଏ, କି ଅପୂର୍ବ ଦୃଶ୍ୟ ତୁମର ମୁଁ ଦେଖୁଛି। ତା'ପରେ ଦେହ, ମୁହଁ, ହାତରେ ପ୍ରଲେପ ହୋଇଥିବା ଚନ୍ଦନ ପୋଛା ହେଲା। ଆମେ ପୁଣି ଚାଲି ଆସିଲୁ ବସିବା ସ୍ଥାନକୁ। ଏହି ଚନ୍ଦନ ଜଳ ମଧ୍ୟ ମିଳିଥିଲା ଆମକୁ। ସତେ ଯେମିତି ଅମୃତଭରା ସେ ଜଳ। ମା ସୁଭଦ୍ରାଙ୍କ ସମାନାରେ ଜରି ଧଡ଼ିଥିବା କଳା ଚାଦରଟିଏ ଧରି ଦୁଇଜଣ ସେବାୟତ ଛିଡ଼ା ହେଲେ। ବସ୍ତ୍ର

ପିନ୍ଧିବାବେଳେ ମା' କିପରି ସାମନା କରିଥାନ୍ତେ ଭକ୍ତଙ୍କୁ। ଲଜ୍ଜା ତ ନାରୀର ଭୂଷଣ। ତେଣୁ ତାଙ୍କୁ ଚଦର ଉହାଡ଼ କରି ବସ୍ତ୍ର ପିନ୍ଧାଗଲା। କେତେ ରଙ୍ଗର ଅଙ୍ଗବସ୍ତ୍ର ଦିଅଁଙ୍କୁ ବିଭିନ୍ନ ଢଙ୍ଗରେ ପିନ୍ଧା ହେଲା ନ ଦେଖିଲେ ଜାଣି ହେବନି। ଶୀତଦିନ ବୋଲି ତିନିଦିଅଙ୍କ ମୁଣ୍ଡ ମଫଲରରେ ଆବୃତ କରାଗଲା। ତା'ପରେ ଆରମ୍ଭ ହେଲା ମୋର ଦୀର୍ଘଦିନର ଇପ୍‌ସିତ ବଡ଼ସିଂହାରବେଶ। ଡାଲା ଡାଲା ଫୁଲ ହାର ଥୁଆ ହେଲା ଦିଅଙ୍କ ସାମନାରେ। ପ୍ରାୟ ଏକ ଘଣ୍ଟା ଧରି ବିଭିନ୍ନ ପ୍ରକାର ଫୁଲ ସଜ୍ଜା ଯଥା ମୁଣ୍ଡ ଉପରେ ଚନ୍ଦ୍ରିକା, କାନରେ କୁଣ୍ଡଳ, କପାଳରେ ଅଳକା, ଜଗନ୍ନାଥ ଓ ବଳଭଦ୍ରଙ୍କ ହାତରେ କରପଲ୍ଲବ ଇତ୍ୟାଦିରେ ସଜ୍ଜିତ ହେଲେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା। କି ଚମତ୍କାର ଦିଶିଲା ମୁଖମଣ୍ଡଳ ଓ ସାରା ଶରୀର। ଆଖି ମୋର ଫେରୁ ନ ଥାଏ। ସତେ ଯେମିତି କେଉଁ ଚିତ୍ରକର ଆଙ୍କିଛି ଏ ତିନିଟି ଚିତ୍ର। ଏହାପରେ ଆରମ୍ଭ ହେଲା ପ୍ରଭୁଙ୍କର ରାତ୍ରି ଭୋଜନର ପର୍ବ। ରାତ୍ରି ଭୋଜନରେ ପ୍ରଭୁ ଭୋଜନ କରନ୍ତି ଘିଅ ମିଶ୍ରିତ ଦହି ପଖାଳ ଓ କଦଳୀ ଭଜା। ଶେଷରେ ଥାଏ ପିଠା। ମନେ ମନେ ଭାବୁଥାଏ ପ୍ରଭୁଙ୍କ ଭୋଜନରୁ କିଛି ମିଳିବ ତ? ଏହି ସମୟରେ ମୁଣ୍ଡରେ ଭୋଗ ଡାଲା ମୁଣ୍ଡାଇ, ମୁହଁକୁ ଲୁଗାରେ ବାନ୍ଧି ସେବାୟତ ଗଲେ ରତ୍ନସିଂହାସନ ପାଖକୁ। ସମସ୍ତେ ଥାଆନ୍ତି ଚୁପ୍‌ଚାପ୍। ଶୃଙ୍ଖଳିତ ଭାବରେ ସବୁକାର୍ଯ୍ୟ ହୋଇ ଯାଉଥାଏ। କେହି କାହାକୁ ଅପେକ୍ଷା କରୁନ ଥାନ୍ତି। ଗର୍ଭଗୃହ ପାଣିରେ ଧୋଇ ସଫା କରୁଥାନ୍ତି କେତେଜଣ ସେବାୟତ। ଏକ ପରିଷ୍କାର ବାତାବରଣରେ ପ୍ରଭୁ ଶୟନ କରିବାର ଏ ହେଉଛି ଉପଚାର। ମୁଁ ଏକ ଲୟରେ ତିନି ଦିଅଁଙ୍କୁ ଚାହିଁଥାଏ। ଗର୍ଭଗୃହ ଦୁଆର ବନ୍ଦ ହେଲା। ଦିଅଁଙ୍କୁ  ପ୍ରସାଦ ଲାଗି ହେଲା। ଦିଅଁଙ୍କ ସାମନାରେ ଗୋଟିଏ ଧଳା ବସ୍ତ୍ର ବନ୍ଧା ହୋଇ ଭିତରେ ପୂଜାକର୍ମ ଚାଲିଥାଏ। ଭୋଗ ହୋଇ ସାରିଲା ପରେ କବାଟ ଖୋଲା ହୋଇଗଲା। ସେହି ପ୍ରସାଦ ଗଲା ମା' ବିମଳାଙ୍କ ପାଖକୁ। ତାଙ୍କ ପାଖରେ ଲାଗି ହେବା ପରେ ପ୍ରସାଦ ହେଲା ମହାପ୍ରସାଦ। ତା'ପରେ ମହାପ୍ରସାଦ ଆସିଲା ଭକ୍ତମାନଙ୍କ ପାଖକୁ। ପ୍ରଭୁ ମୋର ମନୋବାଞ୍ଛା ପୂରଣ କଲେ। ଦହି ପଖାଳ କୋଡୁଆଟିଏ ମୋତେ ମିଳିଲା। ଦହି ପଖାଳ ଖାଇ ଆତ୍ମସନ୍ତୋଷ ଲାଭ କଲି। ପିଠା ଖଣ୍ଡେ ମଧ ମୋତେ ମିଳିଲା।

ଆନନ୍ଦରେ ଫାଟି ପଡୁଥାଏ ମୁଁ । କ'ଣ ଆଜି ପାଇଲି । ଏସବୁ ଅମୂଲ୍ୟ ଜିନିଷ ମିଳିବା ଦୁର୍ଲ୍ଲଭ । କୋଟି ଜନ୍ମର ପାପ ମୋର କ୍ଷୟ ହେଲା । କେତେ ଭାଗ୍ୟବତୀ ମୁଁ ସତେ । ଏହାପରେ ପ୍ରଭୁଙ୍କୁ ସମର୍ପଣ ହେଲା ମୁଖ ବିଳାସ । ସତରେ ପ୍ରଭୁ ତୁମେ ମହାରସିକିଆ । ସେହି ମୁଖ ବିଳାସରୁ ଖଣ୍ଡେ ମୋତେ ମିଳିଥିଲା । ସବୁ ପାଇଗଲା ପରେ ଇଚ୍ଛାଟା ଅଧୁରା ରହିଗଲା ଭଳି ଲାଗିଲା । କଦଳୀ ଭଜା ନ ଥିଲା ସେ ଭୋଗ ଡାଲାରେ । ପ୍ରଭୁଙ୍କୁ ମନେ ମନେ କହି ଚାଲିଥାଏ – ସବୁତ ତୁମେ ଦେଲ ପ୍ରଭୁ । ତୁମ କଦଳୀଭଜାରୁ ମୋତେ କାହିଁକି ବଞ୍ଚିତ କଲ । ମନକୁ ବୁଝିବା ଠାକୁର ତୁମେ । ମନକୁ ମୋର ବୁଝିଗଲ ଗୋଟିଏ ମୁହୂର୍ତ୍ତରେ । ପଛପଟେ ମୋ ସ୍ୱାମୀ ହାତ ବଢ଼ାଇ ମୋ ହାତକୁ କଦଳୀ ଭଜା ବଢ଼ାଇଦେଲେ । ତୁମେ ଖାଅ ଓ ଅନ୍ୟଭକ୍ତମାନଙ୍କୁ ଦିଅ ବୋଲି କହିଲେ । ଆଶ୍ଚର୍ଯ୍ୟରେ ମୁଁ ସ୍ତମ୍ଭୀଭୂତ ହୋଇଗଲି । ପ୍ରଭୁ ତୁମେ ମୋର ଊଣାକୁ ଭରଣା କରିଦେଇଛ । ସ୍ୱାମୀଙ୍କ ଠାରୁ ବୁଝିଲି ଜଣେ ସେବାୟତ କଦଳୀ ଭଜା ମହାପ୍ରସାଦ ଆଣି ତାଙ୍କର ଜଣେ ଭକ୍ତଙ୍କୁ ଦେଇଥିଲେ । ସେ ଭକ୍ତ କାହିଁକି କେଜାଣି କେତେଖଣ୍ଡ ମୋ ସ୍ୱାମୀଙ୍କ ହାତକୁ ବଢ଼ାଇଦେଲେ । ମୋ ସ୍ୱାମୀ କିଛି ସେବନ କରି ମୋ ହାତକୁ ଅବଶିଷ୍ଟ ବଢ଼ାଇଦେଲେ । ପ୍ରଭୁ ! ସେ ଅଚିହ୍ନା ଭକ୍ତ କେହି ନୁହେଁ – ସେ ମୋର ମନବୁଝା ଠାକୁର । ଆନନ୍ଦରେ ମୋ ମନ ନାଚି ଉଠିଲା । ସବୁ ଆଶା ଆଜି ମୋର ପୂରଣ କଲ ପ୍ରଭୁ । ଶୋଇବା ପୂର୍ବରୁ ଦିଅଁଙ୍କ ସାମନାରେ ଗୀତଗୋବିନ୍ଦ ଗାନ କଲେ ଭକ୍ତମାନେ । ଝାଞ୍ଜ, ମୃଦଙ୍ଗରେ ମନ୍ଦିର ଭିତର ଝଙ୍କୃତ ହେଲା । ଗୀତଗୋବିନ୍ଦ ଶୁଣି ଶୁଣି ଶୋଇବାର ନିଶା ତୁମର ଅଛି ପ୍ରଭୁ । ସୁନ୍ଦର ଗଦି, ତକିଆରେ ସଜ୍ଜିତ ତିନିଟି ରୂପା ଖଟ ତିନି ଦିଅଁଙ୍କ ସାମନାରେ ଆଣି ରଖାଗଲା । ତା'ପରେ ନିଦ୍ରାଦେବୀ ଛତ୍ରୀ ତଳେ ସେବାୟତମାନଙ୍କ ଶୋଭାଯାତ୍ରାରେ ଆସି ବିଦ୍ୟମାନ ହେଲେ ରତ୍ନ ସିଂହାସନ ସାମନାରେ । ନିଦ୍ରାଦେବୀଙ୍କୁ ପ୍ରଣାମ କଲି । ନିଦ୍ରାଦେବୀ ପ୍ରବେଶ କଲାମାତ୍ରେ ପ୍ରଭୁଙ୍କୁ ନିଦ ଲାଗିଗଲା । ସେ ସୁଖନିଦ୍ରାଗତ ହେଲେ । ଗର୍ଭଗୃହ ଦୁଆର ବନ୍ଦ ହୋଇଗଲା । ସେତେବେଳେ ରାତି ହୋଇଥିଲା ଠିକ୍ ୪ଟା । ପ୍ରଣାମ ଜଣାଇ ମନ୍ଦିରର ପୂର୍ବଦୁଆର ଦେଇ ବିଦାୟ ନେଲି ଶ୍ରୀମନ୍ଦିରରୁ ।

◆◆◆

# ଅବିସ୍ମୃତ ସ୍ମୃତି

ମଙ୍ଗଳର ବାର୍ତ୍ତା ନେଇ କେଉଁ ମହାଶୂନ୍ୟରୁ ଅବତରି ଆସୁଥିବା ଜୀବନର ଅନ୍ୟ ନାମ ଚାଲିବାର ବାଟ। କେଉଁଠୁ ଆରମ୍ଭ ଏ ବାଟ ତାହା ସମସ୍ତଙ୍କୁ ଜଣା କିନ୍ତୁ କେଉଁଠି ଶେଷ ତାହା ସମସ୍ତଙ୍କୁ ଅଜଣା। ସେହି ଲମ୍ବା ରାସ୍ତାରେ କେବଳ ମଣିଷ ନୁହେଁ; ଉଦ୍ଭିଦ, ଜୀବଜନ୍ତୁ ସମସ୍ତେ ଧାଇଁଛନ୍ତି। ଏମିତି ଧାଉଁ ଧାଉଁ କିଏ କେଉଁଠି ବସିପଡୁଛି – ପୁଣି ସେହି ରାସ୍ତାରେ ଦୌଡ଼ିବା ପାଇଁ ଆଉ ଜଣେ ଧରୁଛି ରିଲେ ରେସ୍‌ର ବେଟନ୍। ସୃଷ୍ଟିର ଆରମ୍ଭରୁ ଚାଲିଛି ଏ ଦୌଡ଼। ଏ ଦୌଡ଼ର ପୂର୍ଣ୍ଣଚ୍ଛେଦ କେଉଁଠି ? ? ଏତେ ସବୁ କଥା ଆଜି ମାନସୀ ଦେବୀଙ୍କୁ ବିବ୍ରତ କରି ପକାଇଛି। କାରଣ ସେ ଆଜି ନିଃସଙ୍ଗ। ସ୍ୱାମୀ ଦୀପଙ୍କର ବାବୁ ଆରପାରିରେ ଥାଇ ମାନସୀଙ୍କ ନିଃସଙ୍ଗତାକୁ ଅନୁଭବ କରୁଛନ୍ତି। ଆକାଶରେ ନିଷ୍ପ୍ରଭ ତାରା ସାଜି ସମବେଦନା ଜଣାଉଛନ୍ତି।

ଦୀପଙ୍କର ବାବୁ ଥିଲେ ଓଡ଼ିଶାର ସର୍ବ ପୁରାତନ ଏବଂ ସର୍ବ ବୃହତ୍ କଲେଜର ଅଧ୍ୟକ୍ଷ।କଲେଜର ସବୁ ସହକର୍ମୀ ତଥା ଛାତ୍ରଛାତ୍ରୀ ତାଙ୍କୁ ଦେବତା ଭଳି ମାନୁଥିଲେ। ତାଙ୍କ ଦେବପ୍ରତିମ ବ୍ୟକ୍ତିତ୍ୱ ପାଖରେ ସମସ୍ତଙ୍କ ମୁଣ୍ଡ ନଇଁ ଯାଉଥିଲା। କଲେଜରେ ତଳୁଆ କର୍ମଚାରୀମାନଙ୍କର ସେ ଥିଲେ ପିତୃସମ। ସମସ୍ତଙ୍କ ଅଭାବ ଅସୁବିଧା ପ୍ରତି ସେ ଧ୍ୟାନ ଦେଉଥିଲେ। ତେଣୁ କଲେଜଟି ସୁରୁଖୁରୁରେ ପରିଚାଳିତ ହେଉଥିଲା।

ଘଣ୍ଟା ଘଣ୍ଟା ଧରି ଦୀପଙ୍କର ବାବୁ ଛାତ୍ର ଛାତ୍ରୀଙ୍କୁ ବକ୍ତୃତା ମାଧ୍ୟମରେ ନୀତିବାଣୀ ଶୁଣାଉଥିଲେ। ସେମାନଙ୍କ ଚରିତ୍ର ଗଠନରେ ତାଙ୍କର ଯଥେଷ୍ଟ ଭୂମିକା ଥିଲା। କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ମନପ୍ରାଣ ଢାଳି ଦେଉଥିଲେ।

ପ୍ରତ୍ୟେକ ଡିପାର୍ଟମେଣ୍ଟର ସବୁକାମ ତଥା ଶିକ୍ଷକମାନଙ୍କର ଶିକ୍ଷାଦାନକୁ ତଦାରଖ କରୁଥିଲେ । ତାଙ୍କର ସ୍ନେହବୋଳା କଥା ସମସ୍ତଙ୍କୁ ମୁଗ୍ଧ କରୁଥିଲା ।

ସ୍ତ୍ରୀ ମାନସୀ ଦେବୀଙ୍କର ଅବଦାନ ମଧ୍ୟ କିଛି କମ୍ ନୁହେଁ । ଘରର ଯାବତୀୟ ଦାୟିତ୍ୱ ସେ ନେଇ ଯାଇ ଦୀପଙ୍କର ବାବୁଙ୍କୁ ସଂସାରିକ ଜଞ୍ଜାଳରୁ ମୁକ୍ତ କରୁଥିଲେ । ସ୍ତ୍ରୀର ସାହାଯ୍ୟ ନିଶ୍ଚିତ ଭାବରେ ସ୍ୱାମୀକୁ ବଡ଼ କରେ । କଲେଜରୁ ଫେରିଲା ପରେ ସେ ମାନସୀ ଦେବୀଙ୍କୁ ଦିନଯାକର କାହାଣୀ କହି ବସନ୍ତି । ଏଥିରେ ତାଙ୍କ ମନଟା ହୋଇଯାଏ ହାଲୁକା । ମାନସୀ ଦେବୀ ଜଣେ ଧର୍ମ ପରାୟଣା ମହିଳା । ଦୀନ ଦୁଃଖୀଙ୍କ ଅନ୍ତରକୁ ସେ ଚିହ୍ନନ୍ତି । ସମସ୍ତଙ୍କ ସୁବିଧା ଅସୁବିଧାକୁ ନିଜର ଅସୁବିଧା ବୋଲି ଭାବନ୍ତି । ତେଣୁ କଲେଜର କାହାଣୀ ଶୁଣିଲା ବେଳେ ସେ କେତେବେଳେ ଅଧୀର ହୋଇଯାଆନ୍ତି, ପୁଣି କେତେବେଳେ ଖୁସି ହୋଇଯାଆନ୍ତି । ଆଗକୁ ଆଗେଇ ଯିବା ପାଇଁ ସେ ସବୁବେଳେ ସ୍ୱାମୀଙ୍କୁ ପରାମର୍ଶ ଦିଅନ୍ତି । ସ୍ତ୍ରୀ ସ୍ୱାମୀଙ୍କର ଅର୍ଦ୍ଧାଙ୍ଗିନୀ, ତେଣୁ ସବୁ ଦୁଃଖ ସୁଖକୁ ଦୁଇଜଣଙ୍କ ଭିତରେ ବାଣ୍ଟି ଥାଆନ୍ତି ସେମାନେ ।

ଏମିତି ଦିନଗୁଡ଼ିକ କଟି ଯାଉଥିଲା ଦୀପଙ୍କର ବାବୁ ଓ ମାନସୀ ଦେବୀଙ୍କର । ଦିନେ ଦୀପଙ୍କର ବାବୁ କଲେଜରୁ ଫେରିଲା ପରେ ଟିକିଏ ଅସୁସ୍ଥତା ଅନୁଭବ କଲେ । କଲେଜ କାମରେ କ୍ଳାନ୍ତ ହୋଇ ଯାଇଥିବେ ବୋଲି ମାନସୀ ଭାବିଲେ । ଏଇ କେତେଦିନ ହେଲା ଦୀପଙ୍କର ବାବୁ କଲେଜ ଫଙ୍କସନ୍ ପାଇଁ ଅଧିକ ପରିଶ୍ରମ କରିଛନ୍ତି । ହୁଏତ ଏହା ହୋଇପାରେ ତାଙ୍କ ଅସୁସ୍ଥତାର କାରଣ । ତଥାପି ମାନସୀ ଦେବୀ ଡାକ୍ତର ଡକାଇ ସବୁ ଚେକ୍ କରାଇଥିଲେ । ଅସୁସ୍ଥତାର କାରଣ ଡାକ୍ତର ଧରି ପାରିଲେନି । ସେ ସାଧାରଣ ଔଷଧ ଦେଇ ଚାଲିଗଲେ ।

ତା' ପରଦିନ ଦୀପଙ୍କର ବାବୁ ଜାଣିଲେ ଯେ, କିଛି ରକ୍ତ ତାଙ୍କ ଝାଡ଼ା ସହ ନିର୍ଗତ ହୋଇ ଯାଉଛି । ଏଥର ସେ ହେଳା ନ କରି ଉପଯୁକ୍ତ ଚିକିତ୍ସା ଆରମ୍ଭ କଲେ । ଡାକ୍ତର ପରୀକ୍ଷା କରି ଜାଣିଲେ, ଦୀପଙ୍କର ବାବୁ କ୍ୟାନସର ରୋଗଗ୍ରସ୍ତ । ଏଭଳି ଏକ ମାରାତ୍ମକ ରୋଗ ହୋଇଛି ଶୁଣି ସେ ଭାଙ୍ଗି ପଡ଼ି ନ ଥିଲେ । ପ୍ରତ୍ୟେକ

ଲୋକଙ୍କୁ ନିଜ ପାଖକୁ ନେଇ ଯିବା ପାଇଁ ଈଶ୍ୱରଙ୍କ ବାହାନା ଦରକାର । କାହାକୁ ରୋଗ ମାଧ୍ୟମରେ ତ କାହାକୁ ଦୁର୍ଘଟଣା ମାଧ୍ୟମରେ ନିଜ ପାଖକୁ ସେ ନେଇ ଯାଆନ୍ତି । ମାଟି ହାଣ୍ଡିର ଶେଷ ପରିଣତି ମାଟିରେ ମିଶିଲା ଭଳି ପ୍ରତ୍ୟେକ ମଣିଷର ଶେଷ ପରିଣତି ମୃତ୍ୟୁ । ଯେଉଁ ମହାଶୂନ୍ୟରୁ ଜୀବନ ଅବତରି ଆସିଥାଏ ଶେଷରେ ସେ ସେହି ମହାଶୂନ୍ୟକୁ ଚାଲିଯାଏ । ଅସରନ୍ତି ଜୀବନଗାଥାକୁ ସଂରଚନା କରିସାରିବା ପରେ ଘରବାହୁଡ଼ା ପକ୍ଷୀ ଭଳି ସେ ବାହୁଡ଼ି ଯାଏ ଭିନ୍ନ ଏକ ଇଲାକାକୁ । ଏହା ତ ଚିରାଚରିତ ଘଟଣା । ତେଣୁ ବିଚଳିତ ହେବାର ନାହିଁ ବୋଲି ଭାବିଥିଲେ ଦୀପଙ୍କର ବାବୁ । ଗୋଟିଏ କଥା ବାରମ୍ବାର ସେ ଦୋହରାଇ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ, ସେ ତାଙ୍କୁ କଷ୍ଟଦିଅନ୍ତୁ, କିନ୍ତୁ ତାହାକୁ ସହିବାର ଶକ୍ତି ଦିଅନ୍ତୁ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ କର୍ମ କରି ଚାଲିବେ ଏହା ଥିଲା ତାଙ୍କର ସଂକଳ୍ପ ।

ସ୍ତ୍ରୀର ମନ ଖୁବ୍ କୋମଳ । ଯୁଗେ ଯୁଗେ ଏହାର ପ୍ରମାଣ ଅଛି । ଦଶରଥଙ୍କୁ ରୋଗଶଯ୍ୟାରେ ଦେଖି କୌଶଲ୍ୟା କ'ଣ ଅଧୀର ହୋଇ ପଡୁ ନ ଥିଲେ ? ରାମଚନ୍ଦ୍ରଙ୍କ ବନବାସ ଖବର ପାଇ ସେ କ'ଣ ମ୍ରିୟମାଣ ହୋଇ ପଡ଼ି ନ ଥିଲେ ? ଏସବୁ ଯଦି ତ୍ରେୟତୟାଯୁଗରେ ପରିଲକ୍ଷିତ ହେଉଥିଲା, ଏ ଯୁଗରେ ମାନସୀ ଦେବୀ ସ୍ୱାମୀଙ୍କ ପାଇଁ ଅଧୀର ହୋଇ ପଡ଼ିବାରେ ଆଶ୍ଚର୍ଯ୍ୟ ରହିଲା କେଉଁଠି ? ତଥାପି ମନକୁ ଦମ୍ଭ କରି ସ୍ୱାମୀଙ୍କ ପାଇଁ ସବୁ ପ୍ରକାର ଚିକିତ୍ସାର ସୁବନ୍ଦୋବସ୍ତ କରି ଦେଲେ ।

ସେହି ଅସୁସ୍ଥତା ଭିତରେ ଥାଇ ମଧ୍ୟ ଦୀପଙ୍କର ବାବୁ କଲେଜ ଯାଇ ପରିଚାଳନାର ସବୁ ଭଲମନ୍ଦ ବୁଝୁଥିଲେ । ସଭାସମିତିରେ ଯୋଗ ଦେଉଥିଲେ । କ୍ରମଶଃ ଶରୀର ତାଙ୍କର ଦୁର୍ବଳ ହେବାକୁ ଲାଗିଲା । ଶରୀରର ଦୁର୍ବଳତାକୁ ସେ ମୁହଁର ହସରେ ଲୁଚାଇ ଦେଉଥିଲେ । ସ୍ତ୍ରୀଙ୍କୁ ଅନେକ ନୀତିବାଣୀ ଶୁଣାଇ ମୃତ୍ୟୁକୁ ନ ଡରିବା ପାଇଁ ତାଙ୍କ ମନକୁ ଦୃଢ଼ କରୁଥିଲେ । ସୁନ୍ଦର ସୁନ୍ଦର କବିତା ଲେଖି ସ୍ତ୍ରୀଙ୍କୁ ଶୁଣାଉଥିଲେ । ତାଙ୍କ କବିତାରେ ଫୁଟି ଉଠୁଥିଲା ଜୀବନର ଦର୍ଶନ, ପ୍ରକୃତିର ମାଧୁରିମା ତଥା ମଣିଷକୁ ଭଲ ପାଇବାର ଝଲକ । ମାନସୀ ତାଙ୍କ ପାଖରେ ବସି

ଏକ ଲୟରେ କବିତାଗୁଡ଼ିକ ଶୁଣି ଯାଉଥିଲେ। ତାଙ୍କ ମନକୁ ଭୁଲାଇବା ପାଇଁ ସ୍ୱାମୀଙ୍କର ପ୍ରୟାସକୁ ସେ ଭଲଭାବେ ବୁଝି ପାରୁଥିଲେ।

ଅଧ୍ୟକ୍ଷଙ୍କ ଶାରୀରିକ ଅସୁସ୍ଥତା ଜାଣିଲା ପରେ ଅନେକ ଶୁଭେଚ୍ଛୁଙ୍କର ଭିଡ଼ ଜମୁଥିଲା ତାଙ୍କ ବାସଗୃହରେ। ସେ କିନ୍ତୁ ଅସୁସ୍ଥ ଅଛନ୍ତି ବୋଲି କାହାକୁ ଜାଣିବାକୁ ଦେଉ ନ ଥିଲେ। ହାତ ତିଆରି ବଗିଚାରେ ବୁଲିବୁଲି ଗଛ ଓ ଫୁଲମାନଙ୍କ ସହିତ ହସଖୁସିରେ କଥା ହେଉଥିଲେ। ମୁଣ୍ଡ ହଲାଇ କେତେକଥା କହି ଯାଉଥିଲେ ଫୁଲମାନେ। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେମାନଙ୍କ ଭଳି ହସିବାକୁ ଇସାରା ଦେଉଥିଲେ। ତାଙ୍କ ବଗିଚାରେ ସେ ଅନୁଭବ କରି ପାରୁଥିଲେ ଚାରିଆଡ଼େ ଖାଲି ପ୍ରେମ ହିଁ ପ୍ରେମ। ସେ ଦେଖୁଥିଲେ ପ୍ରଜାପତିର ଫୁଲ ପ୍ରେମିକାକୁ ଆଲିଙ୍ଗନ, ଭଅଁରର ମନମତାଣିଆ ଗୁଣୁଗୁଣୁ ସ୍ୱର - ଏସବୁ ଦେଖି ସେ ଉତ୍‌ଫୁଲ୍ଲିତ ହୋଇ ଯାଉଥିଲେ। ଜୀବନଟା ସରି ସରି ଆସୁଛି, ଏହା ଭୁଲି ଯାଉଥିଲେ।

କ୍ରମେ କ୍ରମେ ତାଙ୍କର ଚଲାବୁଲା କମିଗଲା। ବାହାରକୁ ଯାଇ ଆସି ପାରିଲେନି। ବଗିଚାକୁ ଯାଇ ପାରିଲେନି। ମନ ବଗିଚାରେ ଘୂରି ବୁଲିଲେ। ଘରେ ବସି ଲେଖା ପଢ଼ାରେ ଦିନ କଟେଇଲେ। ସ୍ତ୍ରୀ ଓ ପିଲାମାନଙ୍କୁ ପାଖରେ ବସେଇ ଜୀବନ ଦର୍ଶନ ଶୁଣେଇଲେ। ସବୁ ଦୁର୍ଦ୍ଦିନକୁ ମୁକାବିଲା କରିବା ପାଇଁ ସେ ପ୍ରେରଣା ଦେଉଥାଆନ୍ତି। ଏହା କହିବାଦ୍ୱାରା ତାଙ୍କ ମନ ଅଧିକ ଦୃଢ଼ ହୋଇ ଯାଉଥାଏ। ମନ ଦୃଢ଼ ହେଲେ ମଣିଷ ମନରେ ହୁଏତ ବଞ୍ଚିଯାଏ, କିନ୍ତୁ ଶରୀର ବଞ୍ଚିପାରେନି। ଶରୀର ଯେ ଦିନକୁ ଦିନ କ୍ଷୀଣ ହୋଇ ଯାଉଛି ସେ ବୁଝି ପାରୁଥିଲେ। ଅଳ୍ପଦିନ ଭିତରେ ବିଛଣାରୁ ସେ ଉଠି ପାରିଲେନି ଏବଂ ପରିଶେଷରେ ଶେଷ ନିଃଶ୍ୱାସ ଛାଡ଼ିଥିଲେ।

ରୋଗଶଯ୍ୟାରେ ଶୋଇ ଶୋଇ ମୃତ୍ୟୁ ସହ ସଂଘର୍ଷ କରି ଚାଲି ଯାଇଥିବା ସ୍ୱାମୀଙ୍କର ଅନେକ ମୂଲ୍ୟବାନ ଉକ୍ତିକୁ ଆଜି ମାନସୀ ଦେବୀ ମନେ ମନେ ଦୋହରାଉଛନ୍ତି। ଜୀବନ ଓ ମୃତ୍ୟୁ ଉପରେ ଦେଇଥିବା ମନ୍ତବ୍ୟ ଓ ତାଙ୍କର ସ୍ମୃତି ଆଜି ତାଙ୍କ ମାନସପଟରେ ଲୁଚକାଳି ଖେଳୁଛି। ଶେଷ ମୁହୂର୍ତ୍ତରେ ତାଙ୍କର କେତୋଟି

କଥା ମାନସପଟରେ ଉଙ୍କି ମାରୁଛି । ମାନସୀ ତାହାକୁ ଭୁଲିପାରୁ ନାହାନ୍ତି । ତାଙ୍କର ସେହି କଥାଗୁଡ଼ିକ ଆଜି ଘର ସାରା ପ୍ରତିଧ୍ୱନିତ । ''ମାନସୀ, ମୁଁ ଚାଲିଗଲା ପରେ ତୁମେ ନିଃସଙ୍ଗ ହୋଇଯିବ ନିଶ୍ଚୟ । ତୁମେ ମଧ୍ୟ ଦିନେ ଏହି ସୁଖମୟ ସଂସାରରୁ ବିଦାୟ ନେବ । କିଛି ଦିନ ପରେ ତୁମର ଅଭାବ ଅନୁଭବ କରିବେ ତୁମ ପୁଅ, ଝିଅ, ବୋହୂ, ନାତି, ନାତୁଣୀ ଓ ବନ୍ଧୁବାନ୍ଧବ । ଏଥିରେ ବିଚିତ୍ରତା କିଛି ନାହିଁ । ମହାମନୀଷୀମାନେ କହିଛନ୍ତି, ଜୀବନରେ ମୃତ୍ୟୁ ଏକ ପରିବ୍ୟାପ୍ତ ନିର୍ବାଣ । ମହାନିର୍ବାଣର ଏକ ବାଙ୍ମୟ ମୌନତା । ମୃତ୍ୟୁ ଶୂନ୍ୟତା ନୁହଁ ମାନସୀ, ବରଂ ପୂର୍ଣ୍ଣତାର ଏକ ପରିପ୍ରକାଶ । ମୃତ୍ୟୁ ଜୀବନର ଏକ ବରଦାନ, ତା'ରି ମଧ୍ୟ ଦେଇ ଜୀବନର ପରିପୂର୍ଣ୍ଣତା । ସବୁବେଳେ ଜୀବନରାଧା ପ୍ରତୀକ୍ଷାରେ ଥାଏ ମରଣର ଶ୍ୟାମକୁ । ହୃଦୟ ଖୋଲି ଟିକିଏ ସେହି ଶ୍ୟାମ ଆଡ଼କୁ ବନ୍ଧୁତ୍ୱର ହାତ ବଢ଼େଇ ଦେଲେ ହେଲା । ଟିକିଏ ତାକୁ ଆପଣେଇ ପାରିଲେ ହେଲା; ଇତ୍ୟାଦି ଇତ୍ୟାଦି ।'' ଦୀପଙ୍କର ବାବୁଙ୍କର ଏତେ ସବୁ କଥା ମନଦେଇ ଶୁଣି ଯାଇଥିଲେ ମାନସୀ । ଅନେକ କଥା କହି ହୋଇଯାଏ, ଅନେକ କଥା ଭାବି ହୁଏ କିନ୍ତୁ ସବୁ କଥାକୁ କ'ଣ ଗ୍ରହଣ କରିହୁଏ ? ମାନସୀ ଦେବୀ ଏସବୁ କଥାକୁ ଆଜି ଗ୍ରହଣ କରିପାରୁ ନାହାନ୍ତି । ସେ ମଧ୍ୟ ପରିଣତ ବୟସର ପ୍ରାରମ୍ଭରେ ଦଣ୍ଡାୟମାନ । ଦେହ ଓ ମନ ଶକ୍ତ ଥିଲେ ସବୁକଥା ଗ୍ରହଣ କରିହୁଏ । ନଇଁଲା ବୟସରେ ସବୁ କଥାକୁ ହଜମ କରିବା ହୋଇଯାଏ ଖୁବ୍ କଷ୍ଟସାଧ୍ୟ । ଅନ୍ୟକୁ ଉପଦେଶ ଦେବା ଖୁବ୍ ସହଜ, କିନ୍ତୁ ଦୀପଙ୍କର ବାବୁଙ୍କ ଭଳି ଖୁବ୍ କମ୍ ଲୋକ ଅନ୍ୟକୁ ଦେଉଥିବା ଉପଦେଶକୁ ନିଜେ ମାନିଥାନ୍ତି ।

ଆଜି ମାନସୀ ସ୍ୱାମୀଙ୍କର ସ୍ମୃତିକୁ ଦୋହରାଇ ହେଉଛନ୍ତି । ଏଇ ତ କେତେଟା ଦିନ ତଳେ ଦୀପଙ୍କର ବାବୁ ସୁସ୍ଥ ଥିଲାବେଳେ ସେ ପତି ସୁହାଗିନୀ ହୋଇ ଗର୍ବରେ ଫାଟି ପଡୁଥିଲେ । ପ୍ରତ୍ୟେକ କଥାରେ ପତି ତାଙ୍କର ପରାମର୍ଶ ଲୋଡୁଥିଲେ । ମାନସୀ ନାଆଁଟି ଯେମିତି ତାଙ୍କ ମୁହଁରେ ବସା ବାନ୍ଧିଥିଲା । ନାତି ନାତୁଣୀମାନେ ଏସବୁକୁ ନେଇ ଅନେକ ଥଟ୍ଟା କରୁଥିଲେ ।

ଜୀବନର ଅନେକ ମୂଲ୍ୟବାନ ତଥ୍ୟକୁ ସେ ନାତି ନାତୁଣୀଙ୍କୁ ଶୁଣାଉଥିଲେ। ଜୀବନଟା କେଡ଼େ ମୂଲ୍ୟବାନ। ତା'ର ପ୍ରତି ମୁହୂର୍ତ୍ତରେ ଭରି ରହିଛି ଅମୃତର ଧାରା। ସେହି ଅମୃତମୟ ମୁହୂର୍ତ୍ତକୁ ହାତେଇ ନେବା ଉଚିତ। ତାହାହେଲେ ଜୀବନର ସବୁ ଦୁଃଖ, କଷ୍ଟ, ବିଷାଦ କେଉଁଆଡ଼େ ଲୁଚିଯିବ। ତା'ପରେ ଜୀବନ ହୋଇଯିବ ଆଦ୍ୟ ସକାଳର କାକରଭିଜା ସଦ୍ୟ ଗୋଲାପ। ପଦଟିଏ ମଧୁର କଥାରେ ଅନ୍ୟର ହୃଦୟ ମିଳିଯାଏ ସହଜରେ। ଜୀବନରେ ସ୍ୱାମୀ ତାଙ୍କର ଥରଟିଏ କର୍କଶ କଥା କହିନାହାନ୍ତି ବା ବିରକ୍ତିଭାବ ପ୍ରକାଶ କରିନାହାନ୍ତି। କେବଳ ସ୍ତ୍ରୀ ନୁହଁ, ସମସ୍ତଙ୍କ ପ୍ରତି ତାଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବ ଚିର ସ୍ମରଣୀୟ। ଆଜି କେବଳ ମାନସୀ ଦେବୀ ନୁହଁନ୍ତି ସମସ୍ତେ ତାଙ୍କୁ ଝୁରୁଛନ୍ତି।

ମଣିଷ ନିଜର କର୍ମଦ୍ୱାରା ହୋଇଥାଏ ଅମର। ତା'ର ପାର୍ଥିବ ଶରୀରରେ ବିନାଶ ଘଟିଥିଲେ ମଧ ତା'ଭିତରେ ଥିବା ମହାନ ମାନବିକତା ପାଇଁ ବିନାଶ ତାକୁ ଛୁଇଁ ପାରେନି। ସେ ହୋଇଯାଏ ଅବିନାଶ। ଆଜି ତାହା ହିଁ ଘଟିଛି ଦୀପଙ୍କର ବାବୁଙ୍କଠାରେ। କାଲି ସେ ଥିଲେ, ଆଜି ସେ ନାହାନ୍ତି, ତାଙ୍କ ଚଉକି ସେମିତି ପଡ଼ିଛି। ତାଙ୍କ ଖଟ ଉପରେ ପଡ଼ିଛି ଧୋବ ଫରଫର ଚଦର। ତାଙ୍କ ଶ୍ରଦ୍ଧାରେ ବଢ଼ିଥିବା ମାଳତୀ ଲଟାରେ ଅସୁମାରୀ ପୁଷ୍ପର ସମ୍ଭାର। ସତେ ଯେମିତି ଦୀପଙ୍କର ବାବୁଙ୍କର ବାସ୍ନାରେ ସେ ବାସ୍ନାମୟ। ସେହି ବାସ୍ନାରେ ସେ ପହଞ୍ଚି ଯାଉଛନ୍ତି ଶୁଭେଚ୍ଛୁ ଓ ବନ୍ଧୁ ପରିଜନଙ୍କ ପାଖରେ। ସମସ୍ତଙ୍କୁ ସୁଖର ସନ୍ଧାନ ସେ ଦେଉଛନ୍ତି ସେହି ବାସ୍ନାରେ। ତାଙ୍କ ବହିଥାକରେ ଧାଡ଼ିଧାଡ଼ି ବହି ସଜଡ଼ା ହୋଇ ସେମିତି ରହିଛି। ପ୍ରତିପୃଷ୍ଠାରେ ଦୀପଙ୍କର ବାବୁଙ୍କର ପ୍ରତିବିମ୍ବ। ପୁସ୍ତକ ଥିଲା ତାଙ୍କ ଜୀବନର ମୂଲ୍ୟବାନ ସମ୍ପତ୍ତି। ଦୁଇ ପଦ ପଢ଼ି ତା'ର ସାର ତତ୍ତ୍ୱକୁ ପାଣିରେ ଚିନି ଭଳି ନିଜ ଭିତରେ ମିଳେଇ ଦେବା ଥିଲା ତାଙ୍କର ପ୍ରବୃତ୍ତି। ତେଣୁ ଜୀବନଟା କ'ଣ, କିପରି ତାକୁ ସାଇତି ରଖାଯାଏ, କେମିତି ତା'ଠାରୁ ମିଳେ ଅଫୁରନ୍ତ ଆନନ୍ଦ ଇତ୍ୟାଦି ସେ ପାଇ ଯାଉଥିଲେ ସେହି ପୁସ୍ତକରୁ। ଦର୍ଶନର ଛାତ୍ର ସେ ନ ଥିଲେ, କିନ୍ତୁ ଦାର୍ଶନିକତାରେ ସେ ଥିଲେ ଜଣେ ପୁରୁଖା ବ୍ୟକ୍ତିତ୍ୱ।

ଆଜି ସବୁ ଜିନିଷ ଯଥା ସ୍ଥାନରେ ରହିଛନ୍ତି । ସେମାନଙ୍କ ସହିତ ଅଛନ୍ତି ଦୀପଙ୍କର ବାବୁ; କିନ୍ତୁ ମାନସୀ ଦେବୀ ଏସବୁକୁ ଦେଖୁଛନ୍ତି ଭିନ୍ନ ଏକ ଦୃଷ୍ଟିରେ । ଏ ସବୁ ଜିନିଷ ତାଙ୍କୁ ଆକର୍ଷଣ କରୁନି । ସେ ଘାଣ୍ଟି ହେଉଛନ୍ତି ଏଗୁଡ଼ିକୁ । କାହିଁ କେଉଁଠି ତ ପାଉନାହାନ୍ତି ତାଙ୍କ ସ୍ୱାମୀଙ୍କୁ । ଆଜି ସେ ନିଃସଙ୍ଗ । ଚାରିଆଡ଼େ ତାଙ୍କ ସ୍ମୃତି ବିଚ୍ଛୁରିତ । ତା'ରି ଭିତରେ ସେ ଅଣ୍ଡାଳୁଛନ୍ତି ତାଙ୍କ ସ୍ୱାମୀଙ୍କୁ । ସ୍ୱାମୀଙ୍କ ସ୍ପର୍ଶ ସେ ପାଉ ନାହାନ୍ତି । ଅଧୀର ହୋଇ ଉଠୁଛନ୍ତି । ହୃଦୟ ବିଦାରି ଯେଉଁ କୋହ ଉଠୁଛି ତାକୁ ସହିବା ତାଙ୍କ ପକ୍ଷେ ହୋଇପଡୁଛି କଷ୍ଟସାଧ୍ୟ ।

ନିଃସଙ୍ଗତା ତାଙ୍କୁ କାବୁ କରିନେଇ ଥିଲେ ମଧ୍ୟ ସେ ଦେଖୁଛନ୍ତି ଦୀପଙ୍କର ବାବୁଙ୍କୁ ତାଙ୍କ ଅନ୍ତରାତ୍ମାରେ । କେତେବେଳେ କାଶ୍ମୀରର ବୋଟ୍ ହାଉସ୍‌ରେ ତ କେତେବେଳେ ହଲାଣ୍ଡର ଟ୍ୟୁଲିପ୍ ଫୁଲ ବଗିଚାରେ । ପୁଣି କେତେବେଳେ ଭସା ବାଦଲକୁ ଧରିବା ପ୍ରୟାସ ଭିତରେ ତ ରାଇନ୍ ନଦୀ କୂଳରେ ଖେଳୁଥିବା କୁନି କୁନି ପିଲାଙ୍କ ମେଳରେ, ସମୁଦ୍ର ବେଳାଭୂମିରେ ଗୋଟାଉଥିବା ଶାମୁକା ଭିତରେ ଅବା ଅସ୍ତଗାମୀ ସୂର୍ଯ୍ୟଙ୍କୁ ଚାହିଁ ଚାହିଁ ସମୁଦ୍ର ଲହଡ଼ି ଗଣିବା ଭିତରେ । ମୃତ୍ୟୁ ବିଷୟରେ ଶୁଣେଇଥିବା ଲମ୍ବା ଉପଦେଶ ଆଜି କିଛି କାମ ଦେଉନି ମାନସୀ ଦେବୀଙ୍କୁ । ସେ ସ୍ୱାମୀଙ୍କୁ ଖୋଜି ଖୋଜି ହାଲିଆ ।

ଏଇତ, ସନ୍ଧ୍ୟା ଆସିଯିବା ଉପରେ । ଧାଡ଼ି ବାନ୍ଧି ଉଡ଼ି ଯାଉଛନ୍ତି ପକ୍ଷୀ ଦମ୍ପତ୍ତିମାନେ ତାଙ୍କ ବସାକୁ । କେତେ ମଧୁର ସମୟ ପାଇଯିବେ ଆଉ ଅଳ୍ପ ସମୟ ପରେ । ତାଙ୍କ ଘର ବାହୁଡ଼ା ଚିଁ ଚାଁ ଶବ୍ଦ ବାଣ୍ଟୁଛନ୍ତି ସାରା ଆକାଶରେ । କାଠି କୁଟାର ଟିକି ବସାଟି ତାଙ୍କୁ ଅପେକ୍ଷା କରିଛି ଦିନସାରା । କେତେବେଳେ ସେମାନେ ପଶିଯିବେ ସେହି ଅଣଓସାରିଆ ଅନ୍ଧାର କୋଠରି ଭିତରେ । ମୁହଁକୁ ମୁହଁ ଯୋଡ଼ି ଦିନଯାକର ସୁଖ ଦୁଃଖ କୁହାକୁହି ହେବେ । ଦୁଇଜଣଙ୍କ ସ୍ପର୍ଶରେ ବସାଟି ଉଷୁମ ହୋଇଯିବ । ବାହାରର ପବନ, ଝଡ଼, ବତାସରେ ତାଙ୍କ ଦେହ ଶିତେଇ ଉଠିବନି । କିନ୍ତୁ ମାନସୀ ଦେବୀଙ୍କ କୋଠରିଟି ଆଜି ଶୂନ୍‌ଶାନ୍ । ସ୍ମୃତି ସବୁ ତାଙ୍କୁ ସ୍ପର୍ଶ କରୁଛି, କିନ୍ତୁ ଦୀପଙ୍କର ବାବୁଙ୍କ ସ୍ପର୍ଶ ସେ କେଉଁଠୁ ପାଇବେ ?

ପୁଅ, ଝିଅ, ନାତି, ନାତୁଣୀ କ୍ରମେ କ୍ରମେ ଭୁଲି ଯାଉଛନ୍ତି ଦୀପଙ୍କର ବାବୁଙ୍କୁ। ଦୀପଙ୍କର ବାବୁଙ୍କ ବଗିଚା କୁଞ୍ଜରେ ମାଳତୀ ଫୁଟି ଝରି ପଡୁଛି। ସେମିତି ପୂର୍ବାକାଶକୁ ରଙ୍ଗେଇ ଦେଇ କଅଁଳିଆ ସୂର୍ଯ୍ୟ ଉଇଁ ଆସୁଛି। ସବୁ ଯେମିତି ଚାଲିଛି ସେମିତି ଚାଲିବ। କିନ୍ତୁ ମାନସୀ ଦେବୀ ? ବ୍ୟତିକ୍ରମ ଦେଖାଦେଉଛି ତାଙ୍କ ମନରେ, ତାଙ୍କ ସ୍ୱାସ୍ଥ୍ୟରେ। ସ୍ୱାମୀଙ୍କର ଗଳାପଥକୁ ଚାହିଁଛନ୍ତି ସେ। କେଉଁଦିନ ସେହି ପଥକୁ ଆପଣେଇ ନେବେ ତାହା ହିଁ ତାଙ୍କର ଏକମାତ୍ର ଭାବନା। ତାଙ୍କ ଚଲାପଥ ଉପରେ ପୂର୍ଣ୍ଣଚ୍ଛେଦଟିଏ ପକାଇବାକୁ ଦିନରାତି ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି। ଯେତିକି ଦିନ ଏ ପାର୍ଥିବ ସଂସାରରେ ରହିବେ ସ୍ୱାମୀଙ୍କର ସ୍ମୃତିକୁ ଗୋଟେଇ ଚାଲିଥିବେ ବୋଲି ସେ ଭାବୁଛନ୍ତି।

◆◆◆

# ମୁଁ କୋଣାର୍କ କହୁଛି

ଆଜି ଚତୁର୍ଦ୍ଦଶୀ, ଚାରିଆଡ଼େ ଶୁଭ୍ର ଜ୍ୟୋସ୍ନାର ଲହଡ଼ି । ଆକାଶ ଛତା ତଳେ ମୁଁ ଛିଡ଼ା ହୋଇଛି ନିଶ୍ଚଳ ପ୍ରତିମାଟିଏ ଭଳି । ଟୁପୁରୁ ଟାପର ହେଉଥିବା କେତୋଟି ମୁହଁ ଆଉ ଦିଶୁନି । ଚତୁର୍ଦ୍ଦିଗର ନିରବତା ଏକ ହାଲୁକା ଚଦର ଢାଙ୍କି ହେଇଛି ମୋ ସର୍ବାଙ୍ଗରେ । ଚନ୍ଦ୍ରଭାଗାର କୂଳରୁ ଆରମ୍ଭ ହୋଇ ଦିଗ୍‌ବଳୟ ପର୍ଯ୍ୟନ୍ତ ଛୁଇଁ ଯାଉଛି ମୋ ବର୍ତ୍ତମାନ ଓ ଅତୀତ । ବେଳେବେଳେ ଦିଗ୍‌ବଳୟ ବାରି ହେଉନି । ମିଶିଯାଉଛି ସେ ଆକାଶରେ । ବର୍ତ୍ତମାନ ଭିତରେ ମୋ ଅତୀତକୁ ଖୋଜି ଖୋଜି ମୁଁ ହୋଇ ପଡୁଛି ହାଲିଆ । ଅନ୍ଧାର ରାତିରେ କିଶୋରୀତ ଧରା ପଡ଼ିଯାଏ ଖେଳ ଭିତରେ । ଅତୀତ କ'ଣ ଲୁଚକାଳି ଖେଳୁଛି ମୋ ସହିତ ।

ମୁଁ ଝାପ୍‌ସା ଝାପ୍‌ସା ଦେଖିପାରୁଛି ମୋ ରୂପସୀ ଅତୀତ, ଯିଏ ଆଜି ସାଜିଛି କଙ୍କାଳମୟୀ । ଦୁଇଧାର ଲୁହକୁ ନିଗାଡ଼ି ଦେଉଛି ତା' ବନ୍ଧୁର ଗଣ୍ଡରେ । ସେ ତତଲା ଲୁହକୁ ପୋଛି ଦେବାକୁ କେହି ନାହିଁ ତା' ପାଖରେ । ସମସ୍ତେ ଚୁପ୍‌ଚାପ୍ । ନିଜ ନିଜ ସ୍ଥାନରେ ଦଣ୍ଡାୟମାନ । ଉଜୁଡ଼ା ନଈ ସାଜିଛି ତାଙ୍କ ଓଠ । ନୂପୁରର ରୁଣୁଝୁଣୁ ଶବ୍ଦ ଆଜି ବେସୁରା । ସିତାରର ତାର ଆଜି ରୁଗ୍‌ଣ । କେମିତି ନାଚିବେ ସେମାନେ ? ଟୋପାଟୋପା ଝାଳ ନିଗାଡ଼ି କେତେ କଷ୍ଟରେ ନିଆଁଣ ମୁନରେ ଗଢ଼ିଥିଲା ସେଦିନର କାରିଗର କେତେ ସୁନ୍ଦରୀ ତରୁଣୀ । ସେମାନଙ୍କ ହାସ୍ୟରୋଳରେ ମୋ ଶରୀର ହେଉଥିଲା ରୋମାଞ୍ଚିତ । କେତେ ଗୋଲପ ଫୁଟେଇଥିଲା ମୋ ଦେହରେ । ରଙ୍ଗ ଆଜି ଲିଭିଯାଇଛି ଗୋଲାପରୁ । ଶୁଖିଲା ପାଖୁଡ଼ା ଝଡ଼ି ପଡୁଛି ମୋ ଦେହରୁ । ମୋର ଏ ଶୁଖିଲା ମୁହଁ ଦେଖିବାକୁ କାହାରି ଆଖି ଆଜି ଚଳଚଞ୍ଚଳ

ନୁହଁ । ତଥାପି ମୁଁ ମୋର ସୁନେଲି ଅତୀତକୁ ଧରି ରଖିଛି । ମୋ ଇତିହାସର ପୃଷ୍ଠାକୁ ଓଲଟାଇବାକୁ ବିନତି କରୁଛି । ଏମିତି କେତେ କ'ଣ ଭାବୁଛି ମୁଁ ନିଶାର୍ଦ୍ଧରେ ।

ଆଜି ମୁଁ ଏକା ନୁହଁ । ମୋର ଅପାସୋରା ଅତୀତ ଆକର୍ଷଣ କରିଛି ପ୍ରେମୀ ଯୁଗଳଙ୍କୁ ମୋ ପାଖକୁ । କେତେ ନଈ, ନାଳ, ପାହାଡ଼, ଝରଣା ଡେଇଁ ଡେଇଁ ସେମାନେ ଚାଲି ଆସିଛନ୍ତି ମୋ ପାଖକୁ । ମୋ ଭିତରେ ହଜିଯିବାକୁ ଉଡ଼ନ୍ତା ଚଢ଼େଇ ସାଜିଛି ତାଙ୍କ ମନ । ଏକା ଏକା ଜୀବନର ସବୁ ଅଂଶକୁ ଉପଭୋଗ କରି ହୁଏନି । ମନଟା ହଲିଗଲେ କିମ୍ବା ମନ ଭିତରେ ଅଳନ୍ଧୁ ଲାଗିଗଲେ ଏକା ଏକା ରହିବାକୁ ମନ ଚାହେଁ । ସେମାନେ ଆଜି ଯୁଗଳ । ମନ ତାଙ୍କର ସାଜିଛି କଳକଳ ନାଦିନୀ ଝରଣାଟିଏ । ସେହି ଝରଣାରେ ମିଶିଯାଉଛି ମୋ ବର୍ତ୍ତମାନ, ଆଉ କିଛି କିଛି ଅତୀତର ସ୍ମୃତି ।

ସେ ଦୁଇଜଣଙ୍କ ଆଖିରେ ଆଜି ମୋର ପ୍ରତିବିମ୍ବ, ମୋର ହଜିଲା ହଜିଲା କୀର୍ତ୍ତି । ମନେପଡ଼ିଯାଉଛି ମୋର ସେଦିନର କଥା । ଝାଳନାଳ ନିଗାଡ଼ି ଠକ୍ ଠକ୍ ଶବ୍ଦରେ ଗଢ଼ି ଚାଲିଥିଲେ କେତେ ଜୀବନ ସେଦିନର କାରିଗର । ଜୀବନ ସେଇଠି କଥା କହୁଥିଲା ସେମାନଙ୍କ ସହିତ । ସୃଷ୍ଟି ଭିତରେ ସେ ଭୁଲି ଯାଇଥିଲେ ତାଙ୍କ ପ୍ରାଣପ୍ରିୟାର ମୁହଁ । ମୋରି ମୁହଁରେ ସେ ଦେଖୁଥିଲେ ତାଙ୍କୁ । ଲାଙ୍ଗୁଳା ନରସିଂହ ଦେବଙ୍କର ଅମର କୀର୍ତ୍ତି ପାଇଁ ନିରୀହ କାରିଗର ଥିଲେ ପ୍ରତିଶ୍ରୁତିବଦ୍ଧ ।

ଆଜି ଏ ଦୁଇଟି ଶରୀର ମଧ୍ୟରେ ମୁଁ ଦେଖୁଛି ଗୋଟିଏ ମନ । ଘିରିଘିରି ଗଡୁଥିବା ରଥ ଉପରେ ବସି ଯାଉଛନ୍ତି ସେମାନେ କିଛି ସମୟ । ଦୁଇଟି ଶରୀର ପୁଣି ହୋଇଯାଉଛି ଏକ । ମୋ ଦେହରେ ଭରି ଯାଉଛି ରୋମାଞ୍ଚ । ଯେମିତି ସ୍ୱର୍ଗୀୟ ଡୋରିରେ ବନ୍ଧା ସେମାନେ । ରଥରୁ ଓହ୍ଲାଇବାକୁ ଏମାନଙ୍କ ମନ କହୁ ନାହିଁ, ହେଲେ ସମୟ ଡାକୁଛି । ଆଗକୁ ଆଗକୁ ଯିବା ପାଇଁ ଇସାରା ଦେଉଛି । ଏମାନେ ସ୍ଥିର ହେବେ କିପରି ?

ଆଖି ପଡ଼ିଯାଇଛି ତାଙ୍କର ମୋ ଦେହରେ ଗଢ଼ା ଯୁଗଳ ମୂର୍ତ୍ତି ଉପରେ । ଆଜି ସେମାନେ ବେପଥୁ । କି ସୁନ୍ଦର ଆଲିଙ୍ଗନ-ପ୍ରକୃତିର ବିଚିତ୍ରମୟ ସୌନ୍ଦର୍ଯ୍ୟ ।

ଏମିତି ସୃଷ୍ଟି କରିବାରେ କାରିଗର ପାଇଥିବ କେତେ ଆନନ୍ଦ । ତା' ପ୍ରିୟତମାକୁ ଆଖି ଆଗରେ ରଖି ଗଢ଼ି ଦେଇଥିବ ଏମିତି ମୂର୍ତ୍ତି । ସେମାନେ ଥମ୍ କରି ରହି ଯାଉଛନ୍ତି ସେହି ଆଦିମ ସୃଷ୍ଟି ପାଖରେ । ମୁହଁରେ ରହୁନି କଥା, କଥା ସବୁ ରହୁଛନ୍ତି ଅନ୍ତର ଭିତରେ । ଈଶ୍ୱରଙ୍କର ଏ ସୃଷ୍ଟି କେତେ ପବିତ୍ର, କେଡ଼େ ମହନୀୟ । ଦୁଇଟି ଶରୀର ମିଶିଯାଇଛି କ୍ଷୀର ନୀର ଭଳି । ନାହିଁ ସେଠାରେ ଛଳନା, ନାହିଁ ପ୍ରତାରଣା, ନାହିଁ ସ୍ୱାର୍ଥପରତା – ଖାଲି ଅପୂର୍ବ ମିଳନ ।

କିଛି ଦୂର ଆଗେଇ ଯାଉଛନ୍ତି ସେମାନେ । ଆଖି ତାଙ୍କର ପଡୁଛି ସୁସଜ୍ଜିତ ସବାରି ଉପରେ । ବରଯାତ୍ରୀ ଚାଲିଛନ୍ତି ଧାଡ଼ି ଧାଡ଼ି । ପାଲିଙ୍କିରେ ବର, ସବାରିରେ କନ୍ୟା । ଭାରିଆଙ୍କର କଷ୍ଟକୁ ନାହିଁ ନିଘା । ସତେ ଯେମିତି ଫୁଲ ସବାରି ତାଙ୍କ କାନ୍ଧରେ । ସୁନେଲି ସ୍ୱପ୍ନରେ କନ୍ୟା ଆଜି ସବାରିରେ ଭାସୁଛି ଭସା ବାଦଲ ଭଳି । ଭଳି ଭଳି କଳ୍ପନାରେ ସର୍ବାଙ୍ଗ ତା'ର ଗାଧୋଇ ପଡୁଛି । ଝାଳେଇ ଉଠୁଛି ତା' ଦେହ । ବଧୂବେଶ ତାକୁ ଆଜି ଖୁବ୍ ସାଜୁଛି । ହଳଦୀର ଗୁରୁଗୁରୁ ବାସନା ଖେଳେଇ ଯାଉଛି ସବାରି ସାରା । ପାଲିଙ୍କି ରହିଛି କେତେ ଦୂରରେ । କେମିତି ଦେଖିବ ତା' ନିଜର ମଣିଷକୁ ? ତା' ଦେହର ସ୍ପର୍ଶ ସେ କେମିତି ପାଇବ ଏତେ ଦୂରରୁ ? କେତୋଟି ମୁହୂର୍ତ୍ତ ହେଲା ସାଥୀ ରୂପେ ପାଇଛି । କେମିତି ପାଇବା ପାଇଁ ପାଗଳ ହୋଇ ଉଠୁଛି ତନୁ ଆଉ ମନ । ଏସବୁ ଦେଖି ଆଖି ସେମାନଙ୍କର ଫେରୁନି । ଏମିତି ଗୋଟିଏ ଦିନକୁ ସ୍ୱାଗତ କରୁଛନ୍ତି ଏମାନେ । ମୋ ଦେହସାରା ବିଜୁଳିର ପ୍ରବାହ । ସତରେ ମୁଁ କ'ଣ ନ ଦେଇଛି ଏ ପ୍ରେମୀ ଯୁଗଳଙ୍କୁ ।

ମୁଖଶାଳା ପାଖରେ ଗୋଡ଼ ତାଙ୍କର ଥମ୍ ହୋଇ ରହିଯାଉଛି । ଭଗ୍ନାବଶେଷ ଭିତରୁ ଶୁଣୁଛନ୍ତି ନର୍ତ୍ତକୀର ଅସ୍ପଷ୍ଟ ନୂପୁର ଧ୍ୱନି । ଗୋଡ଼ରେ ନୂପୁର ବାନ୍ଧି ଦେବାକୁ ମନ କହୁଛି । ନାଚି ନାଚି ସେମାନେ ବେଦମ ହୋଇଯିବାକୁ ଇଚ୍ଛା । ଜଣେ ଜଣଙ୍କ ଦେହରେ ଲୋଟି ପଡ଼ିବାକୁ ଇଚ୍ଛା । ଆଖିଟା ବନ୍ଦ ହୋଇଗଲା ପରେ ଦୁଇଜଣ ପରସ୍ପରକୁ ଦେଖୁଛନ୍ତି ମେଘ ସବାରିରେ – ସବାରି ଚାଲୁଛି ଆକାଶ ଆକାଶ ଡେଇଁ ସେପାରିର ଏକ ତାରା କକ୍ଷକୁ । ଏପଟେ ରହି ଯାଉଛନ୍ତି ମାଂସଲୋଭୀ ମଣିଷ ।

ପ୍ରେମର ସଂଜ୍ଞା ସେମାନଙ୍କୁ ଜଣାନାହିଁ । କେମିତି ବା ବୁଝିବେ ଶାଶ୍ୱତ ପ୍ରେମକୁ । ନିଗିଡ଼ା ରକ୍ତରେ ଲେଖା ଅମର କୀର୍ତ୍ତିକୁ ।

କିଛି ବାଟ ଆଗେଇ ଗଲା ପରେ ଆଖିରେ ପଡ଼ି ଯାଇଛି ରାଜଦରବାର । ରାଜାଙ୍କର ହୁକୁମ, ପ୍ରଜାଙ୍କପ୍ରତି ଅତ୍ୟାଚାର । ଏ ଦୁହେଁ ସରଳ ନିଷ୍କପଟ ମଣିଷ । ଜୀବନର ଗୋଟିଏ ପଟର ଦର୍ଶକ ଏମାନେ । ସେପଟଟା କି ଭୟଙ୍କର ତାହା ତାଙ୍କ କଳ୍ପନାର ବାହାରେ । ଗୋଡ଼ହାତ ତାଙ୍କର ଥରି ଉଠୁଛି । ଶୀଘ୍ର ଶୀଘ୍ର ପାଦ ପକଉଛନ୍ତି ଆଗକୁ ।

ଏ କ'ଣ ? ପ୍ରକୃତିର ଅପୂର୍ବ ରୂପ ମାଧୁରୀ । ଗଛ, ଲତା, ପାହାଡ଼, ଝରଣା ଏ ସବୁର ଏକ ଚିତ୍ରମୟ ଶୋଭା । କିଛି ସମୟ ବସି ପଡୁଛନ୍ତି ସେମାନେ ଝରଣା ପାଖରେ । ଏମିତି ଝରଝର ହୋଇ ଜୀବନଟା ବିତିଯାଉ । ଦୁଃଖ ଓ ଜଞ୍ଜାଳ ଭିତରୁ ଝରିଆସୁ ଅମୃତର ଝରଣା । ଜଞ୍ଜାଳର ପାହାଡ଼ ଫଟେଇ ନାଚିନାଚି ବହି ଯାଉ ସେ କାହିଁ କେତେ ଦୂର । ପାହାଡ଼ ଭିତରୁ ବାହାରିବାର କଷ୍ଟ ସେ ଭୁଲୁ । ଥରେ ବାହାରି ଆସିଲା ପରେ ପାଉ ସେ ଆନନ୍ଦ, ପାଉ ସୁର, ପାଉ ଲୟ, ପାଉ ଗୀତ, ଶୁଣାଉ ଜଗତକୁ ତା' ସୁଖ କାହାଣୀ । ଜୀବନକୁ ଝରଣା ସଜେଇବେ ଏମାନେ । ମୁଁ ମୂକ ହୋଇ ଛିଡ଼ା ହୋଇଛି ପାହାନ୍ତିଆ ରାତିରେ । କିନ୍ତୁ ଶୁଣୁଛି ସେମାନଙ୍କର ମନର ମର୍ମର ।

ଏଇତ ସେମାନେ ଦେଖୁଛନ୍ତି ଅଶୋକ ଚକ୍ର । କାହିଁକି ଏହା ସ୍ଥାନ ପାଇଛି ଏଠାରେ ? କେତେ ପ୍ରଶ୍ନ ଗୁମୁରୁଛି ସେମାନଙ୍କ ମନରେ । ମଣିଷ ମନର ପରିବର୍ତ୍ତନର ପ୍ରତୀକ ଇଏ । ରାଗ, ହିଂସା, ଲହୁ ଲୁହାଣରେ ଜର୍ଜରିତ ଏ ମଣିଷ । ଜୀବନର ଛୁପାଛୁପା ମୁହୂର୍ତ୍ତିଟିଏ ବଦଳେଇଦିଏ ସବୁକୁ । ଏଥିପାଇଁ ସୂକ୍ଷ୍ମ ଚିନ୍ତାଧାରା ଲୋଡ଼ା । କ'ଣ ପାଇଲା, କ'ଣ ହରେଇଲା ଟିକିଏ ଭାବିଦେଲେ ହୋଇଯାଏ ଚୈତନ୍ୟ ଉଦୟ । ଭୟଙ୍କର ପ୍ରତାପୀ, ହିଂସ୍ର ଅଶୋକ କ୍ଷଣକରେ ହୋଇ ଯାଇଥିଲେ ପ୍ରକୃତିସ୍ଥ । ଚଣ୍ଡାଶୋକ ବଦଳିଥିଲେ ଧର୍ମାଶୋକକୁ । ଆଜି ଏହି ଦିବ୍ୟ ଚେତନାରେ ଏମାନେ

ହେଉଛନ୍ତି ଉଦ୍‌ବୁଦ୍ଧ । ଟିକିଏ ନିରୀକ୍ଷଣ କରି ଦେଖିଲେ ଜୀବନଟା ହୁଏ ଅମୃତମୟ । ସୁଖର ଫଲ୍‌ଗୁଧାରାରେ ଭାସୁଥିବା ନାଆରେ ସେମାନେ ହୋଇପାରିବେ ନାଉରି । ଜୀବନଟାକୁ ଯଦି ଏଣେତେଣେ ଛାଡ଼ି ଦେବେ ସେ ପାଲଟିବ ନର୍କ । କିଛି ସମୟ ଧରି ଦର୍ଶନ ଓ ଇତିହାସର ପୃଷ୍ଠାକୁ ଓଲଟାଉଛନ୍ତି ଏମାନେ ।

ଅଳ୍ପ ସମୟ ରହିଲା । ଚତୁର୍ଦ୍ଦଶୀ ଚାନ୍ଦ ମେଲାଣି ନେବ । ରାତି ପାହିଯିବ । ମୋ ଉପରେ ପ୍ରଥମ କିରଣ ପଡ଼ିବ ରବିଙ୍କର । ଲୁଚେଇ ପାରିବିନି ଏହି ଦୁଇଟି ନିଷ୍ପାପ ପ୍ରାଣୀଙ୍କୁ । ମଣିଷରୂପୀ ଶ୍ୱାନମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିବ ଏମାନଙ୍କ ଉପରେ । ଝାଉଁଳି ପଡ଼ିବ ଏମାନଙ୍କ ଶରୀର । ମନ ଭରିଯିବ ବିଷାଦରେ । କେତେ କ'ଣ ଭାବୁଛି ମୁଁ । ଡେରି ହୋଇଗଲେ ସବୁ ଗୋଳମାଳ ହୋଇଯିବ । ଲୁଚେଇ ଦେବି ତାଙ୍କୁ ମୋ ଦେହରେ । ଯୁଗ ଯୁଗ ଧରି ନିର୍ଭୟରେ ରହିବେ ସେମାନେ । ଯଦି ମୁଁ ତାଙ୍କୁ ଅଲଗା କରିଦିଏ ଅଭିଶାପ ଦେବେ । ମୁଁ ସିନା ମୂକ । ଅନ୍ତର ମୋର କଥା କହେ । ମୁଁ ନିର୍ଦ୍ଦୟ ହୋଇ ପାରିବିନି ।

ଆଉ ମାତ୍ର ଏକ ଘଡ଼ି ରାତି ରହିଛି । ଚନ୍ଦ୍ରମା ଫେରିଯିବ ମେଘ ସବାରିରେ । ଅନ୍ଧାର ଭିତରେ ମୁଁ ଏମାନଙ୍କୁ ପାଇବିନି । ମୁଁ କୋଣାର୍କ କେତେ କ'ଣ ଭାବି ଶେଷରେ ରଖିଦେଲି ସେମାନଙ୍କୁ ଯୁଗଳ ମୂର୍ତ୍ତି କରି ମୋର ଏକ ନିଭୃତ କୋଣରେ ।

◆◆◆

# ଏଇ ତ ଜୀବନ

ସାରା ସହର ଆଜି ଚମକୁଛି ଫଗୁଣର ଫଗୁ ରଙ୍ଗରେ। ବୃଦ୍ଧରୁ ପିଲା ପର୍ଯ୍ୟନ୍ତ ସମସ୍ତଙ୍କ ଦେହ ରଙ୍ଗେଇ ଯାଇଛି। ଗୋରୁ ଗାଈଙ୍କ ଦେହରେ ମଧ୍ୟ ରଙ୍ଗର ଛିଟା। ଫଗୁଣରେ ଗଛରୁ ପତ୍ର ଝଡ଼ିପଡ଼େ, ଗଛକୁ କରିଦିଏ ଶିରୀହୀନ। କିନ୍ତୁ ଶ୍ରୀକାନ୍ତ ବାବୁ ଏସବୁ କଥା ଭାବୁନାହାନ୍ତି। ଶିରୀହୀନ ଥୁଣ୍ଟାଗଛକୁ ଦେଖି ତାଙ୍କ ମନ ଭିତରେ ଅନେକ କଥା ଆଜି ଉଙ୍କି ମାରୁଛି। ସେ ନିରାଶ ହେଉନାହାନ୍ତି, ବରଂ ସେ ଦେଖି ପାରୁଛନ୍ତି ଡେମ୍ଫରେ ଏକ ସୁନ୍ଦର କଅଁଳିଆ ପତ୍ର। ପୁଣି ଗଛରେ ଭରି ଯାଉଥିବା ସବୁଜିମା। ଥୁଣ୍ଟା ଗଛ ତାଙ୍କୁ ଦେଖେଇ ଦେଉଛି ପ୍ରେରଣାର ଉତ୍ସ। ମୁହଁରେ ତାଙ୍କର ଆଶାର ଝଲକ। ଫଗୁଣକୁ ସେ କୋଳେଇ ନେଉଛନ୍ତି।

ଏମିତି ଦିନେ ତାଙ୍କ ବନ୍ଧୁ ଘନଶ୍ୟାମ ବାବୁ ଅନେକ ସ୍ୱପ୍ନ ଦେଖିଥିଲେ। ସେ ସ୍ୱପ୍ନରେ ଥିଲା ଆଶା, ଆକାଙ୍କ୍ଷା। ସେଦିନ ସେ ଗର୍ବରେ ଫାଟି ପଡୁଥିଲେ। ଭକ୍ତି ସହ ରାଧାକୃଷ୍ଣଙ୍କୁ ନିୟନ୍ତ୍ରଣ କରୁଥିଲେ ନିଜ ଘରକୁ। ବିଭିନ୍ନ ଫଳଫୁଲ ଦେଇ ଅର୍ଚ୍ଚନା କରୁଥିଲେ ବାଙ୍କବିହାରୀ କୃଷ୍ଣ ଓ ପ୍ରେମମୟୀ ରାଧାଙ୍କୁ। ଝାଞ୍ଜ ମୃଦଙ୍ଗରେ ତାଙ୍କ ଦାଣ୍ଡ କମ୍ପୁଥିଲା। ଦିଅଁ ଚାଲିଗଲା ପରେ ଫୋନ୍ ଘୁରେଇବାରେ ବ୍ୟସ୍ତ ରହୁଥିଲେ। ବିଦେଶରେ ରହୁଥିବା ତାଙ୍କର ଏକମାତ୍ର ସନ୍ତାନ ସୁଧୀରଙ୍କୁ ସବୁକଥା ଜଣେଇ ଦେଇ ଆତ୍ମତୃପ୍ତି ଅନୁଭବ କରୁଥିଲେ। ସୁଧୀରଙ୍କର ଥାଏ ଅନେକ ପ୍ରଶ୍ନ। ଠାକୁରଙ୍କୁ ଭଲ ଫଳମୂଳ ଦେଇ ଆପ୍ୟାୟିତ କଲ ତ? ନନାଙ୍କୁ ଓ ବିଭାନ କାନ୍ଧୁଆଙ୍କୁ ଠିକ୍‌ଠାକ୍ ଭାବେ ଦକ୍ଷିଣା ଦିଆଗଲା କି ନା? ଇତ୍ୟାଦି। ଘନଶ୍ୟାମ ବାବୁ ପୁଅର ଏତେସବୁ କଥା ଜାଣିବାର ଇଚ୍ଛା ଦେଖି ଖୁବ୍ ଖୁସି ହେଉଥିଲେ।

ଆଜି କଟକ ସହରର ଯୋବ୍ରା ଅଞ୍ଚଳରେ ଥିବା ଘନଶ୍ୟାମ ବାବୁଙ୍କ ତ୍ରିତଳ ପ୍ରସାଦରେ ବଡ଼ ତାଲାଟିଏ ଝୁଲୁଛି । ତାଲାକୁ ଚାହିଁ ଶ୍ରୀକାନ୍ତ ବାବୁ ପଛେଇ ପଛେଇ ଚାଲି ଯାଉଛନ୍ତି ଅନେକ ଦୂରକୁ । ଯେଉଁଠି ସେ ଦେଖି ପାରୁଛନ୍ତି ବନ୍ଧୁ ଘନଶ୍ୟାମ ବାବୁଙ୍କର ପରିବାରକୁ ।

ଘନଶ୍ୟାମ ବାବୁ ଥିଲେ କଟକ ସହରର ଜଣେ ଜଣାଶୁଣା ଓକିଲ ଓ ଶ୍ରୀକାନ୍ତ ବାବୁଙ୍କର ପଡ଼ୋଶୀ । ଦିନରେ ହାଇକୋର୍ଟ ଓ ସଞ୍ଜ ସକାଳେ ଚେମ୍ବରରେ ସେ ବ୍ୟସ୍ତ ରହି ମଧ୍ୟ ନିଜ ପରିବାରକୁ ଅଣହେଳା କରି ନ ଥିଲେ । ସାହିର ଭଲ ମନ୍ଦରେ ଛିଡ଼ା ହେଉଥିଲେ ଘନଶ୍ୟାମ ବାବୁ । ଦେବ ପ୍ରତିମ ମଣିଷଟିଏ ସେ । ମାନବ ସେବା ହିଁ ପ୍ରକୃତ ଈଶ୍ୱରଙ୍କ ପୂଜା ବୋଲି ରାମକୃଷ୍ଣ ପରମହଂସ କହିଥିଲେ । କିନ୍ତୁ ଘନଶ୍ୟାମ ବାବୁ ତାହା କରି ଦେଖାଇ ଦେଇଥିଲେ । ଦୀନ ଦୁଃଖୀଙ୍କ ପାଇଁ ତାଙ୍କ ହୃଦୟ ଦୁଆର ସର୍ବଦା ଉନ୍ମୁକ୍ତ ଥିଲା । ପୁନେଇ ପର୍ବରେ ପଡ଼ିଶା ଘରେ ତାଙ୍କ ପାଦ ପଡୁଥିଲା । ଜୀବନଟା କେଡ଼େ ସଟ୍‌କଟ୍ । ତେଣୁ ତା'ର ପ୍ରକୃତ ବିନିଯୋଗ କରିବାକୁ ସେ ଶ୍ରେୟ ମନେ କରୁଥିଲେ । ମନ୍ଦିର ତିଆରି କରିବାଠାରୁ ବିଦ୍ୟାଳୟ ସ୍ଥାପନ କରି ଲୋକମାନଙ୍କର ଆଖି ଖୋଲିଦେବା ସପକ୍ଷରେ ଥିଲେ ସେ । ସେ କହୁଥିଲେ ସବୁଠି ଈଶ୍ୱର ବିଦ୍ୟମାନ । ଆମ ମନର ଏକାଗ୍ରତା ଈଶ୍ୱରଙ୍କ ପାଖକୁ ଟାଣିଆଣେ । ଫୁଲ ଫଳରେ ଡାଲା ସଜେଇ ମନ୍ଦିରକୁ ଯାଇ ଅନ୍ୟର ଅନିଷ୍ଟ ଚିନ୍ତା କରିବାରେ ପୂଜାର ସାର୍ଥକତା ରହିଲା କେଉଁଠି ? ସେ ପୂଜା ପାଣିକୁ ବିସର୍ଜନ କରିବା ସହ ସମାନ ।

ବାପାଙ୍କର ଏପ୍ରକାର ଚିନ୍ତାଧାରା ପିଲାଦିନୁ ସୁଧୀର ମନରେ ପ୍ରତିଫଳିତ ହେଉଥିଲା । ତେଣୁ ସେ ଗୋଟିଏ ଶାନ୍ତ, ଶିଷ୍ଟ, ମେଧାବୀ ଓ ନମ୍ର ପିଲା ଭାବରେ ବଢ଼ିଥିଲା । ସନ୍ତାନର ସୁଗୁଣ ପ୍ରତ୍ୟେକ ମାତା ପିତାଙ୍କୁ ମୁଗ୍ଧ କରେ - ଘନଶ୍ୟାମ ବାବୁ ପୁଅ ଗୁଣରେ ପରିଚିତ ହେଉଥିଲେ ବନ୍ଧୁ ମହଲରେ, ସାହି ପଡ଼ିଶାରେ । ସୁଧୀର ମାଟ୍ରିକ୍ ପାଶ୍ କଲା ପରେ ଦିଲ୍ଲୀରେ ପଢ଼ିବାର ସବୁ ବ୍ୟବସ୍ଥା କରି ଦେଇଥିଲେ

ଘନଶ୍ୟାମ ବାବୁ । ଏକମାତ୍ର ପୁତ୍ରକୁ ଦୂରକୁ ପଠାଇବା ସପକ୍ଷରେ ନ ଥିଲେ ତାଙ୍କ ସ୍ତ୍ରୀ ସରଳା ଦେବୀ । ଘନଶ୍ୟାମ ବାବୁ ତାଙ୍କୁ ଅନେକ ବୁଝାଇଥିଲେ । ପୁଅ ଯେତେ ଦୂରରେ ରହିଲେ ମଧ୍ୟ ଆମେ ତା'ର ଉପସ୍ଥିତି ଏଇଠି ଆମ ଘରେ ଅନୁଭବ କରିପାରିବା । ତା' କ୍ୟାରିୟରରେ ପ୍ରତିବନ୍ଧକ ହୁଅ ନାହିଁ ସରଳା । ପିଲାକୁ ମଣିଷ କରିବା ଆମର କର୍ତ୍ତବ୍ୟ । ସମାଜରେ ତାକୁ ପ୍ରତିଷ୍ଠିତ କରି ନ ପାରିଲେ ମୋ ପିତୃତ୍ୱ ଚିତ୍କାର କରିବ । ସ୍ୱାମୀଙ୍କର ଏତେ ସବୁ କଥା ଶୁଣି ସରଳା ଦେବୀ ଛାତିକୁ ପଥର କରି ଦେଇ ପୁଅକୁ ଦିଲ୍ଲୀ ପଠେଇ ଥିଲେ । ସୁଧୀର ସବୁ ରବିବାର ଫୋନ୍ କରି ବାପା ମା'ଙ୍କ କଥା ବୁଝିନିଏ । ସେମାନେ ସୁସ୍ଥ ଶରୀରରେ ଅଛନ୍ତି ଶୁଣିଲେ ସେ ନିଶ୍ଚିନ୍ତ ହୋଇଯାଏ । ପ୍ରତି ଛୁଟିରେ ଚାଲିଆସେ କଟକ । ପ୍ରାଚୁର୍ଯ୍ୟ ତାକୁ କାବୁ କରିପାରେନି । ପଡ଼ିଶା ଘରର ପିଲାମାନେ ତା'ର ବାଲ୍ୟବନ୍ଧୁ । ତେଣୁ ସମସ୍ତଙ୍କ ସହିତ ତା'ର ସମ୍ପର୍କ ଦୃଢ଼ ଥାଏ ।

ସୁଧୀର ଦିଲ୍ଲୀରେ +୨ ପାଶ୍ କଲା ପରେ ଦିଲ୍ଲୀ ଆଇ.ଆଇ.ଟି.ରେ ସିଟ୍ ପାଇ ଇଞ୍ଜିନିୟରିଂ ପଢ଼ିଲା । ଏଥର ଘନଶ୍ୟାମ ବାବୁ ଟିକିଏ ଆଶ୍ୱସ୍ତ ହେଲେ । ପୁଅ ତାଙ୍କର ଗୋଟିଏ ବାଟ ଧରିଯାଇଛି, ଆଉ ତା' ପାଇଁ ଭାବିବାର ନାହିଁ । ଚାହୁଁ ଚାହୁଁ ଚାରିଟି ବର୍ଷ ଚାଲିଯିବ । ତା'ପରେ ସୁଧୀର ହୋଇଯିବ ଇଞ୍ଜିନିୟର । ଆଇ.ଆଇ.ଟି.ରୁ ପାସ୍ କରିଥିବାରୁ ଚାକିରି ଖୁବ୍ ସହଜରେ ମିଳିଯିବ । ଏମିତି କଳ୍ପନା ଜଳ୍ପନାରେ ଥାଆନ୍ତି ଘନଶ୍ୟାମ ବାବୁ । ପ୍ରତ୍ୟେକ ମଣିଷ ଜୀବନରେ କିଛି ସ୍ୱପ୍ନ ଦେଖିବା ଉଚିତ । ସ୍ୱପ୍ନ ହିଁ ଦେଇଥାଏ ପ୍ରେରଣା । ସେଇ ପ୍ରେରଣା ନେଇ ସେ ଆଗେଇଯାଏ ଓ ଶେଷରେ ତା' ସ୍ୱପ୍ନ ସତ୍ୟରେ ପରିଣତ ହୁଏ । ଘନଶ୍ୟାମ ବାବୁ ସ୍ୱପ୍ନ ଦେଖିଛନ୍ତି ଓ ତାକୁ ସତ୍ୟରେ ପରିଣତ କରିବା ପାଇଁ ଲାଗି ପଡ଼ିଛନ୍ତି ।

ପ୍ରତି ରବିବାର ଫୋନ୍ କଲାବେଳେ ସୁଧୀରର ଦେହ ପା କଥା ବୁଝିନିଅନ୍ତି ପ୍ରଥମେ । ସେ ବୁଝିଛନ୍ତି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟହାନୀ ମଣିଷର କାର୍ଯ୍ୟ କ୍ଷମତାରେ

ଅନ୍ତରାଳ ସୃଷ୍ଟି କରେ । ସେ ଆଗେଇ ପାରେନି । ସବୁ ପ୍ଲାନ ତା'ର ଭଣ୍ଡୁର ହୋଇଯାଏ ।

ସବୁଦିନ ଫୋନ୍‌ରେ ଥାଏ ତାଙ୍କର ଅନେକ ମୂଲ୍ୟବାନ ଉପଦେଶ । ସଚ୍ଚରିତ୍ର ମଣିଷ ସର୍ବତ୍ର ପୂଜିତ ହୋଇଥାଏ । ତେଣୁ ସୁଧୀର ଭଲ ମଣିଷଟିଏ ହେବା ପାଇଁ ସେ ଅନେକ ବାଣୀ ଶୁଣାନ୍ତି । ସୁଧୀରର ବାପାଙ୍କର ସବୁ କଥାକୁ ଗ୍ରହଣ କରିନିଏ । କେବଳ ପାଠ ନୁହଁ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଥାଏ ତା'ର ଭୂମିକା । ସୁଧୀର ବାପାମାଙ୍କର କେବଳ ସୁଯୋଗ୍ୟ ପୁତ୍ର ନ ଥିଲା; ସେ ମଧ୍ୟ ଥିଲା ଶିକ୍ଷକ ଓ ସାଙ୍ଗସାଥୀଙ୍କର ଖୁବ୍ ପ୍ରିୟ । କଲେଜର ସବୁ କାର୍ଯ୍ୟକ୍ରମରେ ସୁଧୀର ଥାଏ ଆଗରେ ।

ଚାରିବର୍ଷ ପରେ ସୁଧୀର ଇଞ୍ଜିନିୟରଟିଏ ହୋଇ କଟକ ଫେରିଆସିଲା । ଯୁବ ଇଞ୍ଜିନିୟର ପୁଅକୁ ଦେଖି ସେଦିନ ଘନଶ୍ୟାମ ବାବୁ ଓ ସରଳାଦେବୀଙ୍କ ମୁହଁ ଦିଶୁଥିଲା ଉଦୀୟମାନ ସୂର୍ଯ୍ୟଙ୍କ ଭଳି । ସେମାନଙ୍କର ସବୁ ସ୍ୱପ୍ନ ଆଜି ସାକାର ହୋଇଛି । କଟକରେ ପହଞ୍ଚିଲା ପରେ ସୁଧୀର ଆମେରିକାର ବଡ଼ ବଡ଼ ଇନ୍‌ଷ୍ଟିଚ୍ୟୁଟକୁ ଆପ୍ଲାୟ କରିଥିଲା ଉଚ୍ଚଶିକ୍ଷା ପାଇଁ । ଗୋଟିଏ ମାସ ଭିତରେ ଆମେରିକାର ହାର୍ଭାଡ଼ ୟୁନିଭରସିଟିକୁ ଚିଠି ଆସିଲା । ସୁଧୀରକୁ ସେଠାରେ ପଢ଼ିବା ପାଇଁ ସୁଯୋଗ ମିଳିଯାଇଥିଲା । ଘନଶ୍ୟାମକୁ ଏଥିରେ ଏକମତ ହୋଇଗଲେ । ଯେଉଁ ପକ୍ଷୀ ଯେତେ ଦୂର ଉଡ଼ିପାରିବ ତାକୁ ପଞ୍ଜୁରି ଭିତରେ ନ ରଖି ସେତେଦୂରକୁ ଉଡ଼ିବା ପାଇଁ ମୁକ୍ତ କରିଦେବା ଉଚିତ ।

ଗୋଟିଏ ମାସ ଭିତରେ ପାସ୍‌ପୋର୍ଟ, ଭିସା ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ପ୍ରସ୍ତୁତ କରି ଦେଇଥିଲା ସୁଧୀର । କଟକ ଛାଡ଼ିବା ପାଖେଇ ଆସିଲା । ସରଳା ଦେବୀଙ୍କର ମୁହଁଟି ଶୁଖି ଯାଉଥାଏ । ଗୋଟିଏ ବୋଲି ପୁଅ । ସେ ଚାଲିଯିବ କେଉଁ ଦୂର ଦେଶକୁ । ତାଙ୍କ ମାତୃତ୍ୱ କାନ୍ଦି ଉଠୁଥିଲା । ଲୁଚି ଲୁଚି ସେ କାନ୍ଦି ପକାଉଥିଲେ । ଘନଶ୍ୟାମ ବାବୁ ତାଙ୍କୁ ଅନେକ ବୁଝାଇଲା ପରେ ସେ ପ୍ରକୃତିସ୍ଥ ହେଲେ । ସରଳା, ଆଜିକାଲି ଦୂରତା କିଛି ନୁହଁ । ଏଇ ଯୋବ୍ରା ଘରେ ବସି ଆମେ

କମ୍ପ୍ୟୁଟରରେ ଦେଖିପାରିବା ଆମ ସୁଧୀରକୁ, ତା' ଘର ଇତ୍ୟାଦିକୁ, କଥାବାର୍ତ୍ତା କରିପାରିବା ଘଣ୍ଟା ଘଣ୍ଟା। ଏଥିରେ ତୁମେ ଭାଙ୍ଗିପଡୁଛ କାହିଁକି ? ତା' ଉନ୍ନତି ପଥରେ ଆମେ ଆଶୀର୍ବାଦର ଫୁଲ ଗାଲିଚା ପାରିଦେବା। ତା'ରି ଉପରେ ଡେଇଁ ଡେଇଁ ଚାଲିବ ଆମ ସୁଧୀର।

କେତେ ଗେହ୍ଲବସରରେ ଆମେ ବଢ଼େଇଥିଲେ। ସେ ଦେଶରେ ନିଜ ହାତରେ ସବୁ କାମ କରି ଚଳିପାରିବ ତ ? ଏମିତି ଅନେକ ପ୍ରଶ୍ନ ସରଳା ଦେବୀ ଉଠଉଥିଲେ ସ୍ୱାମୀଙ୍କ ପାଖରେ। ସୁଖର ପାହାଡ଼ ପାଇବା ପାଇଁ ଘୋର ଅରଣ୍ୟ ଭିତରେ ଗଲାବେଳେ ହିଂସ୍ର ବ୍ୟାଘ୍ର, ସିଂହଙ୍କର ଆକ୍ରମଣ ସହିବାକୁ ପଡ଼େ ସରଳା। ତୁମେ ଜମା ବ୍ୟସ୍ତ ହୁଅନି।

ଶେଷରେ ବାପା ମା'ଙ୍କର ଆଶୀର୍ବାଦ ନେଇ ସୁଧୀର ନିଜ ସହର, ନିଜ ଦେଶ ଛାଡ଼ିଥିଲା। ଦିଲ୍ଲୀ ଭଳି ସହରରେ ପାଠ ପଢ଼ିଥିବାରୁ ଆମେରିକାର ଚଳଣିରେ କିଛି ଫରକ ତାକୁ ପଡ଼ି ନ ଥିଲା। ସେଠାରେ ତା'ର ଉଚ୍ଚଶିକ୍ଷା ବେଶ୍ ଭଲରେ ଆଗେଇଲା। ସରଳା ଦେବୀ ମନକୁ ଦମ୍ଭ କରି ବିଦାୟ ଦେଇଥିଲେ ମଧ୍ୟ ସୁଧୀରକୁ ଦିନ ରାତି ଝୁରି ହେଲେ। ଖାଇବା ପିଇବା ତାଙ୍କର ଠିକ୍ ରହିଲାନି। ବାରମ୍ବାର ଗୋଟିଏ କଥା ତାଙ୍କ ମନକୁ କ୍ଷତବିକ୍ଷତ କରୁଥାଏ। ବୟସ ହୋଇଗଲାଣି। ଆଗକୁ ଆଗକୁ ଆଗେଇବାର ନିଶା ଆଉ ଘାରୁନି। ଅନେକଙ୍କର ପିଲାମାନେ ବିଦେଶରୁ ଫେରୁନାହାନ୍ତି। ପିଲାମାନଙ୍କ ଗହଣରେ ବାର୍ଦ୍ଧକ୍ୟ ସମୟ କଟାଇବାରେ ଥିବା ଆନନ୍ଦରୁ ସେ ବଞ୍ଚିତ ହେବେ। ଘରେ ରହିବେ ବୃଦ୍ଧ ଓ ବୃଦ୍ଧା ବାପା ମା। ପରିଣତ ବୟସରେ ଥରଥର ହାତରେ ବଗିଚାରେ ଫଳିଥିବା ଆମ୍ବ ପିଜୁଳି ତୋଳିବାକୁ ସେମାନେ ଅକ୍ଷମ ହୋଇପଡ଼ିବେ। ଅସୁସ୍ଥ ଥିବା ସମୟରେ ପାଣି ଟୋପାଏ କିଏ ତାଙ୍କୁ ଦେବ। ଏହିସବୁ କଥା ସେ ବାରମ୍ବାର ଘନଶ୍ୟାମ ବାବୁଙ୍କୁ କହୁଥାଆନ୍ତି। ଘନଶ୍ୟାମ ବାବୁଙ୍କର ଗୋଟିଏ ଉତ୍ତର ଥାଏ, ''ଯିଏ ଆମକୁ ଏତେ ବଡ଼ ଦୁନିଆକୁ ପଠେଇଛି ସେ ହିଁ ଆମର ଦାୟିତ୍ୱ ନେବ। ତୁମେ ଏଣୁ ତେଣୁ ଭାବି ତୁମ ଦେହ ଓ ମନକୁ ଖରାପ କରନି।''

ସୁଧୀର ନିୟମିତ ଫୋନ୍ ଓ ଭିଡ଼ିଓ କନ୍‌ଫେରେନ୍ସିଂରେ ବାପା ଓ ମାଙ୍କର ସୁବିଧା ଅସୁବିଧା ବୁଝୁଥାଏ । ଦୁଃଶ୍ଚିନ୍ତା ମଣିଷକୁ ରୋଗଗ୍ରସ୍ତ କରିଦିଏ । ମଣିଷ ମନରେ ସୁଖର ପବନ କଳା ବାଦଲ ଭଳି ଢାଙ୍କିଥିବା ଦୁଃଖକୁ ନିମିଷକରେ ଉଡ଼େଇ ଦିଏ । କିନ୍ତୁ ସରଳା ଦେବୀ କ୍ରମାଗତ ସୁଖଠାରୁ ଦୂରେଇ ଯାଇ ସୁଧୀରକୁ ଝୁରି ହେଲେ । ଦେହ ତାଙ୍କର ଅସୁସ୍ଥ ହୋଇପଡ଼ିଲା । ଚାଲିବାର ଶକ୍ତି ହରେଇଲେ । ସ୍ତ୍ରୀ ହେଉଛି ସ୍ୱାମୀର ଅର୍ଦ୍ଧାଙ୍ଗିନୀ । ଘନଶ୍ୟାମ ବାବୁ ମଧ୍ୟ ସ୍ତ୍ରୀର ଅସୁସ୍ଥତାରେ ବିବ୍ରତ ହୋଇଗଲେ । ସରଳାଙ୍କର କିଛି ହୋଇଗଲେ ମୁଁ କ'ଣ କରିବି ? ଗୋଟିଏ ଡାଳରେ ଆମେ ବଗୁଲାବଗୁଲୀ ବସିଛୁ । ବଗୁଲୀ ଉଡ଼ିଗଲେ ନିଃସଙ୍ଗତାର ଯନ୍ତ୍ରଣାରେ ମୁଁ ଛଟପଟ ହୋଇଯିବି । ଘୋର ଅରଣ୍ୟରେ ମୁଁ ଦିଗହରା ହୋଇଯିବି । ଏମିତି କେତେ କ'ଣ ତାଙ୍କ ମନକୁ ବେଳେବେଳେ ଆସୁଥାଏ । ତଥାପି ସେ ଦୃଢ଼ମନା ବ୍ୟକ୍ତିଟିଏ ହୋଇଥିବାରୁ ଏସବୁ ଉଦ୍ଭଟ ଭାବନା ତାଙ୍କ ହୃଦୟ ଦୁଆର ଡେଇଁ ଖୁବ୍ ବେଶୀ ଭିତରକୁ ଯାଇ ପାରୁ ନ ଥାଏ । ସେ ପ୍ରାଣପଣେ ସ୍ତ୍ରୀ ସ୍ୱାସ୍ଥ୍ୟର ଯତ୍ନ ନେଉଥାଆନ୍ତି ।

ସୁଧୀରର ପଢ଼ାପଢ଼ି ଆଗେଇଥାଏ । ତା'ର ଦ୍ୱିତୀୟ ସେମିଷ୍ଟାର ଥାଏ ଆଉ ମାତ୍ର ପନ୍ଦରଦିନ । ବାପାଙ୍କଠାରୁ ଫୋନ୍ ପାଇଲା ମା'ଙ୍କର ଦେହ ବହୁତ ଖରାପ । ସେ ବ୍ୟସ୍ତ ହୋଇପଡ଼ିଲା । କିନ୍ତୁ ମା'ଙ୍କ ପାଖକୁ ଚାଲି ଆସିବାକୁ ସୁବିଧା ତା'ର ନ ଥିଲା । ପରୀକ୍ଷା ନ ଦେଲେ ସେ ୬ ମାସ ପଛେଇ ଯିବ । ତେଣୁ ସେ କଟକ ଆସିପାରିଲାନି । ଫୋନ୍ ପାଇବାର ୧୦ ଦିନ ପରେ ସରଳା ଦେବୀ ପୁଅକୁ ଝୁରି ଝୁରି ଏ ପାର୍ଥିବ ସଂସାରରୁ ବିଦାୟ ନେଲେ । ଘନଶ୍ୟାମ ବାବୁ ହୋଇଗଲେ ଏକୁଟିଆ । ମା'ର ଶେଷ ଦର୍ଶନ ପାଇଁ ସୁଧୀର ମଧ୍ୟ ଆସି ପାରି ନଥିଲା । ପଡ଼ିଶା ଲୋକଙ୍କ ସାହାଯ୍ୟରେ ଘନଶ୍ୟାମ ବାବୁ ସ୍ତ୍ରୀର କ୍ରିୟା କର୍ମ ସମାପନ କରିଥିଲେ ।

ସ୍ତ୍ରୀର ଦେହାନ୍ତ ପରେ ଘନଶ୍ୟାମ ବାବୁଙ୍କର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ବିରାଟ ବ୍ୟକ୍ତିତ୍ୱ ତାଙ୍କର ଦୋହଲି ଗଲା । ସ୍ତ୍ରୀ ହେଉଛି ସ୍ୱାମୀର ବଳ, ସାନ୍ତ୍ୱନା, ଦୈନନ୍ଦିନ କାର୍ଯ୍ୟରେ ଭରସା । ତାଙ୍କ ପାଖରେ ଆଜି କେହି ନାହାନ୍ତି । ପୁଅ ରହିଛି

ବହୁ ଦୂରରେ । ତାଙ୍କ ପରିବାରଟି ମହାବାତ୍ୟାରେ ଛିନ୍‌ଭିନ୍ ହୋଇଥିବା ଦ୍ରୁମଟିଏ ପାଲଟି ଯାଇଛି । ଓକିଲାତିରେ ମନ ଦେଇ ପାରୁ ନାହାନ୍ତି । ଆର୍ଥିକ ଅବସ୍ଥା ମଧ୍ୟ ସ୍ୱଚ୍ଛଳ ନୁହଁ ।

ସୁଧୀରର ଉଚ୍ଚଶିକ୍ଷା ସରିଲା ପରେ ସେ ଗୋଟିଏ ବଡ଼ କମ୍ପାନୀରେ ଜଏନ୍ କରିଛି । ଆମେରିକାରୁ ଫୋନ୍‌ରେ ବାପାଙ୍କୁ ତା'ର ଚାକିରି କଥା କହିଥିଲା । ଦରମା ମଧ୍ୟ ମୋଟା ଅଙ୍କର ସେ ପାଇଲା । ତା ଚାକିରି ଓ ଦରମା କଥା ଶୁଣି ଘନଶ୍ୟାମ ବାବୁ ଖୁବ୍ ବେଶୀ ଖୁସି ହୋଇ ପାରି ନ ଥିଲେ । ଦୁଇଗୋଡ଼ରେ ଛିଡ଼ା ହେବା ପାଇଁ ତାକୁ ସକ୍ଷମ କରି ପାରିଛନ୍ତି ଏତକ ଥିଲା ତାଙ୍କ ପାଇଁ ସାନ୍ତ୍ୱନା । ସରଳା ଦେବୀଙ୍କ ଭଳି ମାନସିକ ଶକ୍ତି ତାଙ୍କର କମି ଆସୁଥାଏ । ମାନସିକ ବ୍ୟାଧି ଖୁବ୍ ମାରାତ୍ମକ ।

ସୁଧୀର ଯେଉଁ କମ୍ପାନୀରେ ଚାକିରି କରୁଥିଲା ସେହି କମ୍ପାନୀରେ କିଛି ଦିନ ପରେ ବମ୍ବେରୁ ଆସିଥିବା ଝିଅ ସୁମନ୍ ଜଏନ୍ କଲା । ସୁଧୀର ସେକ୍‌ସନ୍‌ରେ କାମ କରିବା ପାଇଁ କମ୍ପାନୀ ହେଡ୍ ତାର ଆଲଟମେଣ୍ଟ କଲେ । ସୁମନ୍ ଖୁବ୍ ଖୁସି ହୋଇଗଲା, କାରଣ ତା'ର ବସ୍ ଜଣେ ଭାରତୀୟ । ସେ ଜଏନ୍ କରିବା ଦିନ ସୁଧୀର ସେକ୍‌ସନ୍ ତାକୁ ୱେଲକମ୍ ପାର୍ଟି ଦେଇଥିଲେ । ସେହି ସେକ୍‌ସନ୍‌ରେ ସୁଧୀର ଓ ସୁମନ୍‌କୁ ଛାଡ଼ି ସମସ୍ତେ ଥିଲେ ଆମେରିକାନ୍ । ତେଣୁ ସବୁ କ୍ଷେତ୍ରରେ ସୁଧୀର ସୁମନ୍‌କୁ ସାହାଯ୍ୟ କରୁଥାଏ । କ୍ରମଶଃ କମ୍ପାନୀ କାର୍ଯ୍ୟ ବ୍ୟତୀତ ଦୁଇଜଣ ନିଜ ପରିବାର ବିଷୟରେ କଥାବାର୍ତ୍ତା ହେଉଥିଲେ । ସୁମନ ଥିଲା ଖୁବ୍ ସ୍ମାର୍ଟ । ବମ୍ବେରୁ ସେ ଇଞ୍ଜିନିୟରିଂ ପାଶ୍ କରି ଲଣ୍ଡନରେ ଉଚ୍ଚଶିକ୍ଷା ଲାଭ କରିଥିଲା । ସୁଧୀର ପ୍ରଥମେ ପ୍ରଥମେ ଓଡ଼ିଆ ଭାବରେ ସଙ୍କୋଚରେ ତା' ସହିତ କଥାବାର୍ତ୍ତା କରୁଥିଲା । ତା'ପରେ କମ୍ପାନୀ କାମରେ ମିଶାମିଶି କରି ବେଶ୍ ଫ୍ରି ହୋଇଗଲା । ଏବେ ଉଇକ୍ ଏଣ୍ଡରେ ସେମାନେ ଲଙ୍ଗ ଡ୍ରାଇଭ୍‌ରେ ଯାଆନ୍ତି । ପାର୍ଟି ଏଟେଣ୍ଡ କରନ୍ତି । ସୁଧୀରକୁ ଗୋଟିଏ ସାଥୀ ମିଳିଯିବାରୁ ବାପା କଥା ତା'ର ବେଶୀ ମନେ ପଡ଼େନି । ଅନେକ ସମୟ ଦୁଇଜଣ ସମୁଦ୍ର କୂଳରେ କିମ୍ବା ଅନ୍ୟ

କୌଣସି ନିରୋଳା ସ୍ଥାନରେ କଟଉଥିଲେ । ଅଳ୍ପଦିନ ଭିତରେ ଦୁଇଜଣ ଦୁଇଜଣଙ୍କର ଖୁବ୍ ନିକଟ ହୋଇଗଲେ ।

କିଛିଦିନ ବୁଲାବୁଲି କଲା ପରେ ପରସ୍ପର ପ୍ରତି ଆକୃଷ୍ଟ ହୋଇଥିଲେ । ସବୁବେଳେ ମଣିଷ ଚାହେଁ ତା' ଜୀବନରେ ଏକ ପାର୍ଟନର ।

ବର୍ତ୍ତମାନ ଦୁଇଜଣ ଆମେରିକାର ଗ୍ରୀନ୍ କାର୍ଡ଼ ହୋଲଡ଼ର । ସେଠାରେ ଗୋଟିଏ ଘର କିଣିଲେ ଓ ବିବାହ କରି ସେହି ଘରେ ରହିଲେ । ବାପା ପୁଅର ବିବାହ ଦେଖିପାରିଲେନି କି ବୋହୂକୁ ଆର୍ଶୀବାଦ କରିବାର ସୁଯୋଗ ପାଇଲେ ନାହିଁ । ଏବେ ସୁଧୀର ବାପାଙ୍କୁ ମାସରେ ବା ଦୁଇମାସରେ ଫୋନ୍ କରେ । ସେ କମ୍ପାନୀ କାମରେ ଖୁବ୍ ବ୍ୟସ୍ତ ଅଛି ବୋଲି ବାପାଙ୍କୁ ବୁଝାଇଦିଏ । ଘନଶ୍ୟାମ ବାବୁ ମଧ୍ୟ କୌଣସି ଅଭିଯୋଗ ପୁଅ ପାଖରେ ବାଢ଼ନ୍ତିନି । ସେ ଭଲରେ ଥାଉ, ଏତକ ସେ ସବୁବେଳେ ଈଶ୍ୱରଙ୍କୁ ଜଣାନ୍ତି । ଦିନେ ତ ସେ ଗୋଟିଏ ବସାରୁ ଉଡ଼ିଯାଇ ଅନ୍ୟ ବସାଟିଏ ବାନ୍ଧିବ । ଏକଥା ଘନଶ୍ୟାମ ବାବୁଙ୍କ ଭଳି ପୁରୁଖା ବ୍ୟକ୍ତିଟିଏ ଜାଣିଥିଲେ ।

ଘନଶ୍ୟାମ ବାବୁଙ୍କୁ ହେଲା ୮୮ ବର୍ଷ । ଚମ ତଳେ କେବଳ ହାଡ଼ ଦୁଇଖଣ୍ଡ ନେଇ ତାଙ୍କ ଶରୀର । ତାଙ୍କ ମନୋବଳ ଏ ଯାଏ ତାଙ୍କୁ ଚଲାପଥରେ ଆଗେଇ ନେଉଥିଲା । ସରଳା ଦେବୀ ଚାଲିଗଲେ ତାଙ୍କ ବାଟରେ । ତାଙ୍କ ଜୁଇ ନିଆଁରେ ଘନଶ୍ୟାମବାବୁ ତାଙ୍କର ସବୁ ସୁଦିନକୁ ପୂର୍ଣ୍ଣାହୁତି ଦେଇ ଫେରିଥିଲେ ଘରକୁ । ଏବେ ଖାଲି ଦୁଃଖ । ସେଇ ଦୁଃଖକୁ ନେଇ ବଞ୍ଚିବାକୁ ପଡ଼ିବ । ରାତି ହେଲେ ଏତେ ବଡ଼ ଘରେ କବାଟ ବନ୍ଦ କରିବାର ଶକ୍ତି ତାଙ୍କର ନାହିଁ । କିଏ ଆସି କବାଟ ଖଟ୍ ଖଟ୍ କଲେ ଖଟ ଉପରୁ ଉଠିଆସି କବାଟ ଖୋଲିବାକୁ ତାଙ୍କ ବଳ ପାଏନି । ଦିନ ରାତି ଖଟରେ ଶୋଇ ସେ ଦିନ ଗଣୁଥାଆନ୍ତି । ସକାଳେ ଓ ସଞ୍ଜରେ କାମବାଲୀଟିଏ ଆସି ଘର ଓଳାଇ ଦିଏ ଓ ଘନଶ୍ୟାମ ବାବୁଙ୍କ ପାଇଁ ବଜାରରୁ ପରିବା ଆଣି ରାନ୍ଧି ଦେଇଯାଏ । ଦିନେ ଦିନେ ନିଜ ହାତରେ ଭାତ ବାଢ଼ି ସେ ଖାଇ ନ ପାରି ଓପାସରେ ଶୋଇ ପଡ଼ନ୍ତି ।

ତାଙ୍କ ବଗିଚାରେ ସପେଟା, ଲିଚୁ, ପିଜୁଳି ପାଚି ଝଡ଼ି ପଡ଼ନ୍ତି । ଘନଶ୍ୟାମ ବାବୁ କାହିଁକି ଝଡ଼ି ପଡୁ ନାହାନ୍ତି ବୋଲି ଈଶ୍ୱରଙ୍କୁ ବାରମ୍ବାର ପ୍ରଶ୍ନ ପଚାରନ୍ତି । ଦୁନିଆଟା ତ ଏମିତି ଚାଲୁଛି । ଉତ୍ତର ପାଇବେ ସେ କେଉଁଠୁ ?

ଏହା ଭିତରେ ସୁଧୀରର ଗୋଟିଏ ପୁଅ ଓ ଗୋଟିଏ ଝିଅ ବଡ଼ ହୋଇ ସ୍କୁଲରେ ପଢ଼ିଲେଣି । ବିବାହଠାରୁ ସୁଧୀର ଇଣ୍ଡିଆ ଆସିନି । ଏବେ ପିଲାମାନେ ବଡ଼ ହେଲାରୁ ଇଣ୍ଡିଆ ଆସିବାକୁ ଚାହୁଁନାହାନ୍ତି, କାରଣ ଟି.ଭି.ରେ ସେମାନେ ଇଣ୍ଡିଆର ଆର୍ଥିକ ଓ ଭୌଗୋଳିକ ଅବସ୍ଥା ଦେଖୁଛନ୍ତି । ତେଣୁ ଇଣ୍ଡିଆକୁ ଆସି ସେମାନେ ଚଳି ପାରିବେନି ବୋଲି ସୁଧୀରକୁ କହି ବୁଝାଇ ଦିଅନ୍ତି ।

ଏକୁଟିଆ ମାନସିକ ତଥା ଶାରୀରିକ ସ୍ତରରେ ଗୋଟିଏ ଅସ୍ୱାସ୍ଥ୍ୟକର ପରିବେଶରେ ରହି ଘନଶ୍ୟାମ ବାବୁ ଅସୁସ୍ଥ ହୋଇପଡ଼ିଲେ । ପାଖ ପଡ଼ିଶାରେ ରହୁଥିବା ଲୋକମାନେ ଘନଶ୍ୟାମ ବାବୁଙ୍କୁ ସମ୍ମାନ ଦେଉଥିଲେ । କାରଣ ସେ ଅନେକ ଲୋକଙ୍କୁ ତାଙ୍କ ଜୀବନରେ ସାହାଯ୍ୟ କରିଛନ୍ତି । ତେଣୁ ସେମାନେ ଆସି ପାଖରେ ବସୁଥିଲେ । ବିଛଣାରେ ତାଙ୍କର ଝାଡ଼ା ପରିସ୍ରା ହୋଇ ଯାଉଥାଏ । ତେଣୁ ସେମାନେ ସୁଧୀର ପାଖକୁ ଫୋନ୍ କରି ସବୁ ଜଣାଇଥିଲେ । ବାପାଙ୍କୁ ହସ୍‌ପିଟାଲାଇଜ୍ କରିଦେବା ପାଇଁ ସୁଧୀର ଅନୁରୋଧ କରିଥିଲା । ତା' କଥା ଅନୁସାରେ ପଡ଼ୋଶୀ ଶ୍ରୀକାନ୍ତ ବାବୁ କଟକ ବଡ଼ ମେଡ଼ିକାଲରେ କ୍ୟାବିନ୍‌ଟିଏ ନେଇ ଘନଶ୍ୟାମବାବୁଙ୍କୁ ସେଠାରେ ରଖାଇ ଦେଲେ । ପୁଅ ଅଛି ଆମେରିକାର ଗୋଟିଏ ବଡ଼ କମ୍ପାନୀରେ । ତେଣୁ ମେଡ଼ିକାଲ ବିଲ୍ ପେମେଣ୍ଟ କରିବାରେ କିଛି ଅସୁବିଧା ହେବନାହିଁ ବୋଲି ତାଙ୍କର ଧାରଣା ରହିଲା । ହସ୍‌ପିଟାଲରେ ୧୫ ଦିନ ରହିଲା ପରେ ଦିନେ ରାତି ୯ଟାରେ ଘନଶ୍ୟାମବାବୁ ଶେଷ ନିଃଶ୍ୱାସ ଛାଡ଼ିଲେ । ଏ ଖବର ପାଇ ପଡ଼ିଶା ଲୋକମାନେ ହସ୍‌ପିଟାଲରେ ରୁଣ୍ଡ ହୋଇଗଲେ ଏବଂ ଘନଶ୍ୟାମବାବୁଙ୍କ ଭଳି ଜଣେ ପୁରୁଖା ଓ ବିଜ୍ଞଲୋକ ତାଙ୍କ ସାହିରୁ ଚାଲିଗଲେ ବୋଲି ଦୁଃଖ ପ୍ରକାଶ କଲେ । ସୁଧୀର ତ ଆମେରିକାରେ, ଆସିବାକୁ ଅନେକ ସମୟ ଲାଗିବ । ଏଣେ ହସପିଟାଲ ଲୋକମାନେ ଶବ ନେଇଯିବାକୁ ତନାଘନା କରି ୨୮ ହଜାର ଟଙ୍କାର

ବିଲ୍ ଆଣି ଥୋଇଲେଣି । ଶ୍ରୀକାନ୍ତ ବାବୁ ବ୍ୟସ୍ତ ହୋଇପଡ଼ି ସୁଧୀର ପାଖକୁ ଫୋନ୍ କରି ଘନଶ୍ୟାମ ବାବୁଙ୍କର ଦେହାନ୍ତ ଖବର ଜଣାଇଥିଲେ ଏବଂ ୨୮ ହଜାର ଟଙ୍କା ଡିପୋଜିଟ୍ କଲେ ହସ୍‌ପିଟାଲ ଶବ ହସ୍ତାନ୍ତର କରିବା କଥା ଜଣେଇଥିଲେ । କିଛି ସମୟ ଫୋନ୍‌ରେ ସୁଧୀରର କଥା ଶୁଭି ନ ଥିଲା । ତା'ପରେ ଶ୍ରୀକାନ୍ତ ବାବୁ ଶୁଣିଥିଲେ ''ମଲାଲୋକ ପାଇଁ ପୁଣି ୨୮ ହଜାର ଟଙ୍କା ଦେବାରେ କିଛି ଅର୍ଥ ନାହିଁ ।''

ଶ୍ରୀକାନ୍ତ ବାବୁ ଥମ୍ ହୋଇ ଯାଇଥିଲେ । ଧନ୍ୟ ଏ ପୁତ୍ର, ଧନ୍ୟ ଏ ଷ୍ଟେଟ୍‌ମେଣ୍ଟ । ଫୋନ୍ କାଟି ଦେଇ ସେ ଧାଇଁଥିଲେ ମେଡ଼ିକାଲ ସୁପରିଟେଣ୍ଡେଣ୍ଟଙ୍କ ଅଫିସ୍‌କୁ । ସବୁ କଥା ଜଣେଇ ବିଲ୍ ଆମାଉଣ୍ଟ କମେଇ ଦେଇ ପେମେଣ୍ଟ କରିଥିଲେ । ସାହିର କେତେଜଣ ମିଶି ଶବଦାହର ଓ କ୍ରିୟାକର୍ମର ବ୍ୟବସ୍ଥା କରିଥିଲେ ।

ସେହିଦିନରୁ ୬ ମାସ ହେଲା ବଡ଼ ତାଲାଟିଏ ଝୁଲୁଛି ଘନଶ୍ୟାମ ବାବୁଙ୍କ ଘରେ । ଠାକୁର ଏଥର ଭୋଗ ଖାଇ ନାହାନ୍ତି ତାଙ୍କ ଘରେ । ଅନେକ ଲୋକ ଆଜି ସମାଜରେ ଏହି ଦୁର୍ଦ୍ଦଶାର ସମ୍ମୁଖୀନ । ଚାକିରିରୁ ଅବସର ନେଲା ପରେ ଦୁର୍ବିସହ ଜୀବନ କଟଉଛନ୍ତି । ମୁହଁରୁ ହସ ଲିଭିଯାଉଛି ସେମାନଙ୍କର । ପୁଅ ଝିଅ ରହୁଛନ୍ତି ପ୍ରବାସରେ । ଏକା ଏକା ରହି ବାର୍ଦ୍ଧକ୍ୟକୁ ସାମନା କରୁଛନ୍ତି ସେମାନେ । ଚାରିଆଡ଼େ ଆଜି ଏହି ଚର୍ଚ୍ଚା । ସୁଧୀର ଭଳି ଅନେକ ଆଜି ପଶ୍ଚିମାଭିମୁଖୀ । ତାକୁ ଦୋଷ ଦେଇ ଲାଭ କ'ଣ । ଏ ତ ଆଜିର ନିତିଦିନିଆ କଥା । ଶ୍ରୀକାନ୍ତ ବାବୁ ତାଲାକୁ ଚାହିଁ ଦୀର୍ଘ ନିଃଶ୍ୱାସଟିଏ ଛାଡ଼ିଲେ । ମନେ ମନେ କହିଚାଲିଲେ, ''ଏଇ ତ ଜୀବନ ।''

◆◆◆

# ପରିଧିର ଆରପଟେ

ଏ ଯାଏ ତୋର ନିଦ ଭାଙ୍ଗୁନି ସୁମି।  ଅଇଁଠା ବାସନ ପଡ଼ିଛି। ଘରଦ୍ୱାର ଓଳା ହୋଇନି। ବାବୁ ପରା ଟୁର୍‌ରେ ଯିବେ।  ଅଖରକା ଘରେ ଠାକୁରଙ୍କ ମୁଣ୍ଡରେ ଫୁଲ ଚଢ଼େଇବେ କେମିତି ?

ସୌଦାମିନୀଙ୍କ ମୁହଁରେ ବିରକ୍ତିର ଭାବ।

ଏତେ କଥା ସୁମିକୁ କହିଗଲା ପରେ ମଧ୍ୟ ସେ ବିଛଣାରୁ ଉଠୁନି। ତା'ର ଏମିତି ବେଖାତିର ଭାବ ଦେଖି ସେ ଚିହିଁକି ଉଠିଲେ ଏବଂ ସୁମିର ସେଇ ଅନ୍ଧାରିଆ ରୁମ୍‌ରେ ପଶିଯାଇ ବିଛଣାକୁ ଟାଣି ପକାଇଲେ।

ମା' ମରିଗଲି ମରିଗଲି କହି ସୁମି ଉଠିବସିଲା ବିଛଣାରେ। ଶାରୀରିକ ବେଦନାରେ ଛଟପଟ ହୋଇଯାଉଛି ସେ। ଆଜି ଦିନଯାଏ କାହିଁକି ସୁମି ଶୋଇରହିଛି ସେ କଥା ସୌଦାମିନୀଙ୍କ ମନକୁ ଛୁଉଁ ନ ଥାଏ। ତାଙ୍କର ଦରକାର କାମ। ଠିକ୍ ସମୟରେ କାମ ଆଦାୟ କରି ନ ପାରିଲେ ସେ ଭୀଷଣ ରାଗିଯାଆନ୍ତି।

ଈଶ୍ୱର ତ ସବୁ କ୍ଷମତା ଦେଇଛନ୍ତି ଏମିତିକା ବାବୁଆଣୀମାନଙ୍କୁ। ଘରର ଚାକିରାଣୀଟିଏ ତାଙ୍କ ପାଇଁ ମଶା ମାଛି ସଦୃଶ। ସେମାନଙ୍କ ଜୀବନର ମୂଲ୍ୟବୋଧ ଏମାନଙ୍କ ପାଖରେ କିଛି ନ ଥାଏ। ପରଘରେ କାମ କରି ପେଟ ପୋଷିବା ହେଉଛି ସେମାନଙ୍କର ଭାଗ୍ୟ। କାମରେ ଟିକିଏ ଏପଟ ସେପଟ ହେଲେ କେତେ ଯେ ଅଦିନିଆ ମେଘ ବରଷି ଯାଏ ଏମାନଙ୍କ ଉପରେ ତା'ର ହିସାବ ରହେନି। ଗାଲରେ ଚାପୁଡ଼ା ଓ ପିଠିରେ ବେତର ପ୍ରହାର। ସମାଜରେ ସେମାନେ ଯେମିତି ପଶୁଟିଏ।

ପଶୁର ସିନା କଥା କହିବାର ଶକ୍ତି ନ ଥାଏ ବୋଲି ସେ ସବୁକୁ ସହିଯାଏ, କିନ୍ତୁ ଏମାନଙ୍କର କଥା କହିବାର ଶକ୍ତି ଥାଇ ମଧ୍ୟ ଏମାନେ ପାଲଟି ଯାଆନ୍ତି ମୂକ, ବଧିର। ସେମିତି ପରିସ୍ଥିତିର ଶିକାର ହୋଇଛି ସୁମି। ଦେହରେ ପାହାରର ଦାଗ, ମୁହଁରେ ଶକ୍ତ ଚାପୁଡ଼ାର ଦରଜ। କେମିତି ସେ ସବୁକୁ ସହିପାରିଥାନ୍ତା ତା'ର ହାଡ଼ ଚାରିଖଣ୍ଡ ଦେହରେ। ବିଛଣାରୁ ଉଠିବାର ଶକ୍ତି ତା'ର ନ ଥିଲା। ତେଣୁ ସେ ଶୋଇରହିଛି ଦିନ ହେବା ଯାଏ।

ସ୍ୱାମୀ ସଙ୍କେତବାବୁ ଏ.ଜି. ଅଫିସ୍‌ରେ ବଡ଼ ଅଫିସର। ସୌଦାମିନୀ ଜଣେ ଗୃହିଣୀ। ଘରକାମ ଦେଖାଶୁଣା କରିବା ପାଇଁ ତିନିଟି ଚାକର ଚାକରାଣୀ।

୬୫ ବର୍ଷ ବୟସର ସୁଦାମ ସଙ୍କେତ ବାବୁଙ୍କ ଘରେ ରନ୍ଧାରନ୍ଧି କରି ଆସୁଛି ପ୍ରାୟ ୧୫ ବର୍ଷ ହେଲା। ବୟସ ହୋଇଯାଇଛି ସୁଦାମର। ତେଣୁ ଜଣକ ଘର ଛାଡ଼ି ଅନ୍ୟ ଘରେ କାମ କରିବାକୁ ତା'ର ମନ ଆଗାଏ ନାହିଁ। ସୁବିଧା ଅସୁବିଧାରେ ସେ ପାଟି ଖୋଲେନି। ସୌଦାମିନୀ ତା ବୟସକୁ ଦେଖନ୍ତିନି। ତାଙ୍କର ଦରକାର ମନ ମୁତାବକ କାମ। ଟିକିଏ ଲୁଣି ଅଲଣା ତରକାରି ହେଲେ ସେ ତରକାରି ଗିନାକୁ ଫୋପାଡ଼ି ଦିଅନ୍ତି। ମୁହଁକୁ ତଳକୁ କରି ସୁଦାମ ଛିଡ଼ା ହୋଇଥାଏ ତା' ବାବୁଆଣୀଙ୍କ ସାମନାରେ। ଘର ଛାଡ଼ିଛି ସେ ଅନେକ ଦିନରୁ। ସଙ୍କେତବାବୁଙ୍କ ଘରେ କାମ କରିବାର ପ୍ରାୟ ୨/୩ ବର୍ଷ ପରେ ଥରେ ଗାଁକୁ ଯାଇଥିଲା। ପୁଅ ବୋହୂଙ୍କ ସହିତ ଜମିବାଡ଼ି କଥା ନେଇ ଟିକିଏ ଝଗଡ଼ା ହେଲା। ସେଇଥର ଘରୁ ଚାଲି ଆସିଲା ଯେ ଆଉ ଘର ମୁହାଁ ହୋଇନି। ସଙ୍କେତବାବୁ ତା' ବୟସକୁ ସମ୍ମାନ ଦିଅନ୍ତି। ତା'ର ଭଲମନ୍ଦ କାମକୁ ଆଖି ବୁଜି ଦିଅନ୍ତି। କିନ୍ତୁ ସୌଦାମିନୀ ହାର୍ଡ଼ ମାଷ୍ଟର। ପାନରୁ ଚୂନ ଖସିଗଲେ ଗର୍ଜନ କରି ଉଠନ୍ତି। ଦରମା ବାବଦରେ କିଛି ଟଙ୍କା ଦିଅନ୍ତି ବୋଲି ସୁଦାମକୁ ସାମାନ୍ୟ ତ୍ରୁଟିରେ ଶୋଧି ପକାନ୍ତି। ବୟସ ହେଲେ ସବୁ ମଣିଷ ଟିକିଏ ଧୀର ହୋଇଯାଏ। ସୁଦାମ ଜୀବନର ମଧ୍ୟାହ୍ନ ଅତିକ୍ରମ କରି ସାରିଲାଣି। ଆଉ ବା ତା' ହାତରେ କେତୋଟି ଦିନ ଅଛି। ତେଣୁ ସବୁ ସେ ସହିଯାଏ ଏବଂ ଅନ୍ୟ ଚାକର ଚାକରାଣୀମାନଙ୍କୁ ଉପଦେଶ ଦେଇ ବୁଝାଉଥାଏ। ତେଣୁ ସେମାନେ ସୁଦାମକୁ ଖୁବ୍ ଭଲ ପାଆନ୍ତି।

ଘରର ଚାକରାଣୀ ସୁମି। ସୁମିକୁ ମାତ୍ର ୧୩ ବର୍ଷ। ଆଦ୍ୟ ଆଷାଢ଼ର ପ୍ରଥମ ବର୍ଷାରେ ଧରଣୀମା ସତେଜ ହୋଇ ଉଠିଲା ଭଳି ହାଡ଼ ଚାରିଖଣ୍ଡର ଦେହରେ ସାମାନ୍ୟ ମାଂସ ଲାଗିଯାଇ ସୁମି ଦିଶୁଛି ସତେଜ। ତେଣୁ ସୌଦାମିନୀଙ୍କର ତା' ପ୍ରତି କଟୂକ୍ତି ଥାଏ। ''ଖାଇ ପିଇ ତ ଗୋଲଗାଲିଆ ଦିଶିଲୁଣି - କାମ କାହିଁକି ତୋର ସୁଧୁରୁନି ?'' ସୁମିର ବୟସ ତାକୁ ଟିକିଏ ଚଳଚଞ୍ଚଳ କରିଦେଇଛି। ଯେଉଁ ଗଛ ପତ୍ର ତାକୁ ଶୁଖିଲା ଶୁଖିଲା ଦିଶୁଥିଲେ ଆଜି ତାକୁ କଅଁଳିଆ ଦିଶୁଛନ୍ତି। ପରିସ୍ଥିତିରେ ପଡ଼ି ସେ ସିନା ଅନ୍ୟଘରେ ବନ୍ଦି ହୋଇଯାଇଛି, ମନ ତା'ର ଆକାଶ ଛୁଇଁଲାଣି। ତେଣୁ କାମଧନ୍ଦାରେ ତା' ମନ ଲାଗୁନି। ଅନେକ ସମୟରେ ସେ ଭୁଲଭାଲ କରି ଦେଉଛି।

ସୁମିର ବାପା ଆଜି ନାହାନ୍ତି। ଯାହା କିଛି ରୋଜଗାର କରୁଥିଲେ ସବୁ ସେ ସାରି ଦେଇଥିଲେ ଡାକ୍ତରଖାନାରେ। ଶେଷରେ ପ୍ରାଣବାୟୁ ଉଡ଼ି ଯାଇଥିଲା ଡାକ୍ତରଖାନାରେ। ସୁମିର ମା' ଝିଅ ଦୁଇଟିକୁ ଧରି ରହୁଥାଏ ଏକ ଝୁମ୍ପୁଡ଼ି ଘରେ। ସେହି ଘର ଭିତରେ ଅବାଧରେ ପ୍ରବେଶ କରେ ସୂର୍ଯ୍ୟାଲୋକ ଓ ରାତ୍ରିର ଚନ୍ଦ୍ରାଲୋକ। କାନ୍ଥକୁ ଆଉଜି ଦୁଇ ଛୁଆଙ୍କୁ ନେଇ ସେ ରାତିଟି କଟାଏ। ପର ଘରେ ବାସନମାଜି, ଘର ଓଳାଇ ଯାହା ରୋଜଗାର କରେ ସେଥିରେ ସେମାନଙ୍କ ପେଟ ପୂରେନି। ଈଶ୍ୱରଙ୍କର ବରଦାନ ପାଣି ପବନ ହିଁ ସେମାନଙ୍କର ଭରସା।

ସୁମିର ମା' କାମ କରିବାକୁ ଗଲେ ସୁମି ପିଲାଦିନରୁ ତା' ସହିତ ଯାଏ। ବାବୁମାନଙ୍କ ଘରୁ ଯାହା ଟିକିଏ ବଳକା ଖାଦ୍ୟ ମିଳେ ତା' ମା' ତା' ହାତରେ ଧରେଇ ଦିଏ। କାମ ସରିବା ପର୍ଯ୍ୟନ୍ତ ସୁମି ଅପେକ୍ଷା କରିଥାଏ ମା'କୁ।

ଆସ୍ତେ ଆସ୍ତେ ସୁମି ଟିକିଏ ବଡ଼ ହେଲା। ବାବୁମାନଙ୍କ ଘରକାମରେ ତା' ମା'କୁ ସାହାଯ୍ୟ କଲା। କିଛି କିଛି କାମ ତା' ମା ତାକୁ ଛାଡ଼ିଦିଏ ଶିଖିବା ପାଇଁ। କାମ ଶିଖିଲେ ତ ସେ ଟିକିଏ ବଡ଼ ହେଲେ କାହା ଘରେ କାମ କରି ଦୁଇ ପଇସା ରୋଜଗାର କରିବ।

ଏବେ ସୁମି ସବୁ କାମ କରିପାରିବ ବୋଲି ତା’ ମା’ର ମନେ ହେଲା। କାମଧନ୍ଦା ପାଇଁ ଝିଅକୁ ସୌଦାମିନୀଙ୍କ ଘରେ ଛାଡ଼ିଥିଲା। ସୌଦାମିନୀ ପାଠଶାଠ ପଢ଼ିଛନ୍ତି। ମହିଳା ସମିତିରେ ଭାଷଣ ଦିଅନ୍ତି ବୋଲି ତା’ ମା ଶୁଣିଥିଲା। ତେଣୁ ଝିଅଟିର ଦାୟିତ୍ୱ ନେଇପାରିବେ ଏବଂ ଭଲମନ୍ଦ ଶିକ୍ଷା ଦେଇପାରିବେ ଏ ଭରସା ତା’ର ଥିଲା। କିଛି ଦିନ ସୁମିର ମା ଓ ସୁମି ଦୁଇଜଣ ତାଙ୍କ ଘରେ କାମ କଲା ପରେ ତା’ ମାର ହୃଦୟଙ୍ଗମ ହେଲା ଯେ ସୁମି ଏବେ ସବୁକାମକୁ ପାରଗଂମ ହୋଇଗଲାଣି। ତାହାଛଡ଼ା ସୌଦାମିନୀ ସମାଜରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ଏବେ ତା’ ଝିଅ ପାଇଁ ତା’ର ଚିନ୍ତା ନାହିଁ। ଦୁଇଓଳି ଖାଇବାକୁ ପାଇବ ଏବଂ ଶୋଇବା ପାଇଁ ବିଛଣା ଖଣ୍ଡିଏ ତ ପାଇବ। ଦେହପା’ର ଭଲ ମନ୍ଦ ପାଇଁ ସୌଦାମିନୀ ତ ଅଛନ୍ତି। ଏହି ଅଭୟବାଣୀ ମଧ୍ୟ ସୌଦାମିନୀ ତାଙ୍କୁ ଦେଇଥିଲେ। ନିଜର ଘରର କାମ ଉଠାଇବା ପାଇଁ ଅନେକ ବାବୁଆଣୀ ପ୍ରଥମେ ପ୍ରଥମେ ଏମିତି ପ୍ରବୋଧନା ଦେଇଥାନ୍ତି।

ସୌଦାମିନୀଙ୍କ ଘରେ ଚାକର ପିଲାଟିଏ ମଧ୍ୟ ଥାଏ। ବାହାର ଜିନିଷ କିଣାକିଣି କରି ଆଣେ ଓ ତାଙ୍କ ବୋଲହାକ ଶୁଣେ। ସୁମିର କାମ ହେଲା ବାସନ ମାଜିବା, ଘର ଓଳାଇବା, ଘର ପୋଛିବା ଏବଂ ଲୁଗାପଟା ସଜାଡ଼ି ରଖିବା। ସୌଦାମିନୀଙ୍କ ଘରେ ଅନେକ ସମୟରେ ମହିଳା ସମିତିର ମିଟିଂ ହୁଏ। ଖାଇବା ପିଇବା ବେଶ୍ ଚାଲେ। ଆଜିକାଲି ସମାଜରେ ଏହା ତ ନିତିଦିନିଆ କଥା। ଏଇସବୁ କାମ କଲେ ସମାଜରେ ପ୍ରତିପତ୍ତି ବଢ଼େ। ମିଟିଂରେ ଅନେକ ବିଷୟରେ ଚାଲେ ଭାଷଣ - ନାରୀ ସୁରକ୍ଷା, ନାରୀ ନିର୍ଯ୍ୟାତନା, ଗରିବ ଲୋକକୁ ସାହାଯ୍ୟ, ଜନହିତକର କାର୍ଯ୍ୟ ଇତ୍ୟାଦି ଇତ୍ୟାଦି। ସମସ୍ତେ ଚାଲିଗଲା ପରେ ପ୍ଲେଟରେ ଅଇଁଠା ଜଳଖିଆ ଯାହା ବଳିଥାଏ ତାହା ମିଳେ ସୁମିକୁ। ସେଥିରେ ସେ ପାଏ ଆନନ୍ଦ। ଭଲ ଜିନିଷ ଆଜି ମିଳିଗଲା ଭାବି ସେ ତରତର ହୋଇ ଖାଇଦିଏ ଏବଂ ବସିଯାଏ ବାସନ ମାଜିବାରେ। ମିଟିଂ ଦିନ ଅନେକ ମାଜିବାକୁ ପଡ଼ିଲେ ମଧ୍ୟ ସେ କ୍ଲାନ୍ତ ହୋଇପଡ଼େନି, କାରଣ ଆଜି ସେ ସୁଆଦିଆ ଜଳଖିଆ ଖାଇବାକୁ ପାଇଛି।

ଏମିତି କିଛି ଦିନ ଭଲରେ ସୁମିର ବିତି ଯାଇଥିଲା । ଭୋକିଲା ପେଟରେ ସେ ଆସିଥିଲା ସୌଦାମିନୀଙ୍କ ଘରକୁ । ଅଇଁଠା ହେଉ ବରଂ ପେଟ ପୂରି ଯାଉଛି । ଶୁଖିଲା ଦେହ ଟିକିଏ ସତେଜ ଦିଶିଲାଣି । ତାକୁ ନିଜର କରି କାମ ଉଠାଇବାରେ ସୌଦାମିନୀ ଲାଗି ପଡ଼ିଥାନ୍ତି ।

ବେଳେବେଳେ ସୌଦାମିନୀଙ୍କ ଚାକର ଅଶୋକ ଘରକାମରେ ସୁମିକୁ ସାହାଯ୍ୟ କରେ । ଅଶୋକ ଭାଇ ତାକୁ ସାହାଯ୍ୟ କରୁଥିବାରୁ ଭୋଜିଦିନର ଘରକାମ ତାକୁ ବାଧେନି । ସୌଦାମିନୀ ବେଳେବେଳେ ଅଶୋକ ଉପରେ ରାଗିଯାଆନ୍ତି । ଝିଅଟାକୁ ଇଏ ଖରାପ କରିଦେବ କହି ଚିଡ଼ି ଉଠନ୍ତି । ସୁମି ଦିନକୁ ଦିନ ଅଳସୁଆ ହୋଇଯିବ, ଅଶୋକ ତାକୁ ଅଳସୁଆ କରିଦେବ ଏମିତି କେତେ କ'ଣ ଅଭିଯୋଗ ସେ ବାଢ଼ନ୍ତି । ତଥାପି ଅଶୋକ ଲୁଚିଛପି ସୁମିକୁ କାମରେ ସାହାଯ୍ୟ କରେ । ଏକା ଡଙ୍ଗାର ଯାତ୍ରୀ ସେମାନେ । ପରସ୍ପର ପ୍ରତି ଦରଦ ରହିବା ସ୍ୱାଭାବିକ ।

ଦିନେ ଦିନେ ସୁମି କାମରେ ଖିଲାପ କରିବା ପାଇଁ ଅନେକ ଗାଳି ଖାଏ, ସୌଦାମିନୀଠାରୁ । ମନ ଦୁଃଖରେ ଲୁଚିଲୁଚି କାନ୍ଦେ । ମା ପାଖକୁ ଚାଲିଯିବ ଭାବେ । କିନ୍ତୁ ତା' ମା'ର ଅବସ୍ଥା ଭାବି ବୋଝ ହେବାକୁ ମନ ତା'ର ବାଧା ଦିଏ । ଥରେ ଥରେ ଅଶୋକ ଆଖିରେ ଧରା ପଡ଼ିଯାଏ । ସୁମି ଲୁହକୁ ଆଖି ପତା ଭିତରେ ଲୁଚେଇ ପାରେନି । ଦୁଃଖର ପେଡ଼ିରେ ତାଲା ପକାଇ ପାରେନି । ଅଶୋକ ତାକୁ ସାନ୍ତ୍ୱନା ଦିଏ । ଅନେକ ବୁଝାଏ ।

ସୁମି – ବ୍ୟସ୍ତ ହେଉଛୁ କାହିଁକି ? ଯେଉଁ କାମ ତୁ ଠିକ୍ କରିପାରୁନୁ ମୁଁ କରିଦେବି । ସୁମିର ମନକୁ କଥାଟା ପାଏ, କିନ୍ତୁ ମା ଜାଣିଲେ ତା' ଉପରେ ଗାଳି ବର୍ଷଣ ହୋଇଯିବ ଭାବି ବେଶୀବେଶୀ କାନ୍ଦିବାକୁ ଲାଗେ ।

ପ୍ରଥମେ ପ୍ରଥମେ ଓଷାବାରରେ ସୌଦାମିନୀ ସୁମିକୁ ଅଳତା, ବିନ୍ଦି, ନେଲପଲିସ, ଚୁଡ଼ି ଇତ୍ୟାଦି କିଣି ଦେଉଥିଲେ । ସୁମିର ମନ ଲାଗିଯାଉ, ସେ ତାଙ୍କ ଘରଛାଡ଼ି ଚାଲି ନ ଯାଉ । ସେ ଚାଲିଗଲେ ସୌଦାମିନୀ ହଇରାଣ ହୋଇଯିବେ । ସୌଦାମିନୀଙ୍କର ଏ ସବୁ ଚାଲାଖିକୁ ସୁମି ବୁଝି ପାରୁ ନ ଥିଲା । ମା

ବହୁତ ଭଲ ବୋଲି ସେ ଭାବୁଥିଲା । ଠିକ୍ ଯାଗାରେ ତା' ମା ତାକୁ ଛାଡ଼ିଛି ବୋଲି ଖୁସି ହୋଇ ଯାଉଥିଲା । ସୁମିର ସବୁଦିନଗୁଡ଼ିକ ଏମିତି ଖୁସିରେ ବିତି ନ ଥିଲା ।

ଅଶୋକ ସାଙ୍ଗରେ ପଡ଼ି ତା' ବଳରେ ସୁମି ସୌଦାମିନୀଙ୍କୁ ମାନିବ ନାହିଁ, କାଳେ ଜବାବ ଦେଇଦେବ ଏ ଡର ଥାଏ ସୌଦାମିନୀଙ୍କର । ତେଣୁ ସୁମି ସହ ଅଶୋକର ମିଳାମିଶାକୁ ସେ ପସନ୍ଦ କରୁ ନ ଥିଲେ । ସବୁବେଳେ ସେମାନଙ୍କୁ ଅଲଗା କରିବାକୁ ଚେଷ୍ଟା କରୁଥିଲେ । ବେଳେବେଳେ ରାଗରେ କୌଣସି କାରଣ ନ ଥାଇ ସୁମି ଉପରେ ଅଦିନିଆ ବର୍ଷା ଭଳି ଗାଳି ବର୍ଷି ଯାଉଥିଲା, କେବଳ ଅଶୋକ ସହିତ ତା'ର ମିଳାମିଶା ପାଇଁ । ଏ ସବୁକୁ ସହିବା ଛଡ଼ା ଅନ୍ୟ ବାଟ ନ ଥିଲା ।

ସୁମି ଟିକିଏ ବଡ଼ ହୋଇଗଲାଣି । ସବୁ କଥାକୁ ସେ ଆଖିବୁଜି ସହିପାରିବନି କିମ୍ବା ମା ଯାହା କହୁଛନ୍ତି ସେ ତାକୁ ଗ୍ରହଣ କରି ପାରିବନି ଏଭଳି ମନୋଭାବ ତା'ର ସୃଷ୍ଟି ହେଲାଣି । ସମୟ ମୁତାବକ ବୟସର ଛାପ ଭିନ୍ନ ଭିନ୍ନ ହୋଇଥାଏ । ସୁମି ଆଜି ଛୋଟିଆ ଝିଅଟିଏ ହୋଇ ନାହିଁ । ତା'ର ମତାମତ ଦେବାର ବୟସ ହେଲାଣି । ତେଣୁ ସୌଦାମିନୀଙ୍କର ହାକିମଗିରିକୁ ସେ ସହିପାରୁନି । ଆଜିକାଲି ତା'ର ପ୍ରତିକ୍ରିୟାକୁ ଅଶୋକ ଭାଇକୁ କହିଦେଇ ଟିକିଏ ହାଲୁକା ଅନୁଭବ କରୁଛି ।

କାଲି ସନ୍ଧ୍ୟାରେ ଏକ ବିରାଟ ଭୋଜିର ଆୟୋଜନ ହୋଇଥିଲା ସୌଦାମିନୀଙ୍କ ଘରେ । କୁକୁଡ଼ା ମାଂସ ସହିତ ମଦ୍ୟପାନ । ବେଶ୍ ଜମିଥିଲା ସନ୍ଧ୍ୟାଟି । ତା'ପରେ ଗୀତ ଓ ଡ୍ୟାନ୍ସ । ସୌଦାମିନୀ ବେଶ୍ ଗର୍ବିତ ଥିଲେ କାଲି ସନ୍ଧ୍ୟାରେ । କାରଣ ଅନେକ ମାନ୍ୟଗଣ୍ୟ ଭଦ୍ର ମହିଳାଙ୍କର ସମାବେଶ ଥିଲା ତାଙ୍କ ଘରେ । ଆଧୁନିକ ପରଫ୍ୟୁମ୍ ବାସନାରେ ଘର ମହକୁ ଥିଲା । ସ୍ୱାମୀ ତାଙ୍କର ଏ ସବୁକୁ ପସନ୍ଦ ନ କଲେ ମଧ୍ୟ ସାମାଜିକ ପରିସ୍ଥିତି ଦୃଷ୍ଟିରୁ ସ୍ତ୍ରୀକୁ କିଛି ନ କହି ତାଙ୍କ ଅଫିସ୍ ଘରେ ବସି କ'ଣ ଲେଖାପଢ଼ା କରୁଥିଲେ ।

ଗୀତ ନାଚ ଆରମ୍ଭ ହେବା କ୍ଷଣି କ'ଣ ହେଉଛି ଜାଣିବା ପାଇଁ ସୁମି ସେହି ରୁମ୍‌କୁ ପଶି ଆସିଲା । ଭଦ୍ର ମହିଳାମାନଙ୍କର ଡ୍ୟାନ୍ସ ଦେଖି ତା ଚକ୍ଷୁ ବିସ୍ଫାରିତ

ହୋଇଗଲା। ଏମିତି ପରିବେଶ ସେ କେବେ ଦେଖି ନ ଥିଲା। ସେ ବାସନ ଉଠାଇବା କଥା ସମ୍ପୂର୍ଣ୍ଣ ଭୁଲି ଯାଇ ସେଠାରେ ଠିଆ ହୋଇ ଡ୍ୟାନ୍ସ ଦେଖିଲା। ତାକୁ ଭାରି ମଜା ଲାଗୁଥାଏ। ମଦ ନିଶାରେ ସ୍ତ୍ରୀ ଲୋକମାନେ କେମିତି ଟଳମଳ ହେଉଛନ୍ତି ତାହା ଦେଖିବାକୁ ତାକୁ କୌତୂହଳ ଲାଗୁଥାଏ। ଗୋଟିଏ କୋଣରେ ଛିଡ଼ା ହୋଇ ସୁମି ବେଶ୍ ଆନନ୍ଦ ଅନୁଭବ କଲା। ସୌଦାମିନୀ ମଧ୍ୟ ଅତ୍ୟଧିକ ମଦ୍ୟପାନ କରିଥାନ୍ତି। ଭଦ୍ର ସମାଜରେ ଏକ ବଳିଷ୍ଠ ପରିଚୟ ପାଇବା ପାଇଁ ଆଜିକାଲି ପାର୍ଟି, ଗୀତ, ନାଚର ମାଧ୍ୟମ ଆବଶ୍ୟକ।

ଏମିତି ପାର୍ଟି ଚାଲିଲା ରାତି ୧୨ଟା ଯାଏ। ତା'ପରେ ସୌଦାମିନୀଙ୍କ ଘର ସାମନାରେ ପେଁ ପାଁ ଗାଡ଼ିର ଶବ୍ଦ ଶୁଭିଲା। ଟଳିଟଳି ଭଦ୍ର ମହିଳାମାନେ ଗାଡ଼ିରେ ବସିଲେ। ଗାଡ଼ିଗୁଡ଼ିକ ଚାଲିଲା ରାଜଧାନୀର ରାଜରାସ୍ତାରେ। ଏ ପର୍ଯ୍ୟନ୍ତ ସେହି ଡ୍ୟାନ୍ସ ରୁମ୍‌ରେ ଛିଡ଼ା ହୋଇ ସୁମି ଏ ସବୁକୁ ବେଶ୍ ଉପଭୋଗ କରୁଥିଲା। ଅଶୋକ କିନ୍ତୁ ଶୋଇ ପଡ଼ିଥିଲା ଦଶଟାରୁ।

ସମସ୍ତେ ଚାଲିଗଲା ପରେ ସୌଦାମିନୀ ଟଳିଟଳି ଆସିଲେ। ସବୁ ପଡ଼ିଥିବାର ଦେଖି ତାଙ୍କ ନିଶା ଦ୍ୱିଗୁଣିତ ହୋଇଗଲା। ହିତାହିତ ଜ୍ଞାନ ତାଙ୍କର ରହିଲାନି। ସୁମି କେଉଁଠି ଅଛି ବୋଲି ଖୋଜି ପକାଇଲେ। ସୁମି ଡ୍ୟାନ୍ସ ରୁମରେ ଛିଡ଼ା ହୋଇ ଡ୍ୟାନ୍ସ ଦେଖୁଥିଲା ଜାଣିଲା ପରେ ତାଙ୍କ ରାଗ ସୀମା ଅତିକ୍ରମ କଲା। ସୁମିକୁ ଘୋଷାରି ଆଣିଲେ ସେ ରୁମ୍‌ରୁ। ମନ ଇଚ୍ଛା ଗୋଇଠା ବିଧା ମାରି ସାରିଲା ପରେ ରାଗ ତାଙ୍କର କମିଲାନି। କିଚେନ୍‌ରୁ ପିଠାଖଡ଼ିକା ଆଣି ମନ ଇଚ୍ଛା ପିଟିଗଲେ ସୁମିକୁ।

ସୁମି ତା' ପରିଧିକୁ ପାର ହୋଇ ଯାଇଥିଲା। ତା' ପରିଧିର ଆରପଟେ ଥିବା ନୂଆ ଏକ ଦୁନିଆରେ ରହି ଯାଇଥିଲା କିଛି ସମୟ। ସେ ଦୁନିଆରେ ସେ ତା' କାମକୁ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଇଥିଲା। କର୍ତ୍ତବ୍ୟରେ ସେ ହେଳା କରିଛି ସତ, ହେଲେ ସେ କ'ଣ ମଣିଷ ନୁହେଁ। କିଛି ଉପଭୋଗ କରିବା ପାଇଁ ତାକୁ କ'ଣ ଭଗବାନ ମନ ଦେଇ ନାହାନ୍ତି। କେବଳ ଧନୀ ଲୋକମାନେ ସବୁ ଉପଭୋଗ

କରିପାରିବେ, ଗରିବ ଭାଗ୍ୟରେ ଏହା ନାହିଁ ବୋଲି କୋମଳମତି ସୁମି ବା ଜାଣିବ କେମିତି ? ତା’ ଭାଗ୍ୟରେ ଈଶ୍ୱର ଦେଇଛନ୍ତି ଗାଳି ମାଡ଼ । ଆଜି କାମରେ ଟିକିଏ ବ୍ୟତିକ୍ରମ ପାଇଁ ସେ କେତେ ମାଡ଼ ଖାଇଲା ସୌଦାମିନୀଙ୍କଠାରୁ । ସୌଦାମିନୀ ନିଜ ସ୍ୱାମୀ ଓ ପିଲାମାନଙ୍କ ପ୍ରତି ଆଜି କର୍ତ୍ତବ୍ୟରେ କ’ଣ ହେଳା କରିନାହାନ୍ତି ? ସେମାନେ ଖାଇଲେ କି ନାଁ, ସେମାନଙ୍କ ନିଦରେ ତାଙ୍କ ପାର୍ଟିର ଡ୍ୟାନ୍ସ ପ୍ରୋଗ୍ରାମ କିଛି ବ୍ୟାଘାତ ସୃଷ୍ଟି କଲା କି ନାଁ ସେ କଥା ଥରଟିଏ ଭାବିଛନ୍ତି କି ? ଏ ସବୁକୁ ଆଜିର ସମାଜ ଆଖି ବୁଜି ଦେଇଛି ।

ଏତେ ସବୁ କଥା ଭାବିବାର ଶକ୍ତି ସୁମିର ନ ଥିଲା । ସେ ଶରୀରର ପୀଡ଼ାକୁ ସହି ନ ପାରି ରାତିସାରା ବିଛଣାରେ ଶୋଇଶୋଇ ଗୁମୁରିଗୁମୁରି କାନ୍ଦୁଥିଲା । ଏଇ ନାରୀ କାହା ପାଇଁ ମସାଲଟିଏ ତ କାହା ପାଇଁ ସ୍ନେହ ଶ୍ରଦ୍ଧାର ଅମୂଲ୍ୟ ଦୀପଟିଏ । ଧନ୍ୟ ଏମିତି ନାରୀ ସମାଜ - ଧନ୍ୟ ଆମ ରୀତି ନୀତି ।

◆◆◆

# ଭୋର ସକାଳ

ସିନ୍ଦୂରା ଫାଟିବାକୁ ଆଉ କେତୋଟି ମୁହୂର୍ତ୍ତ ବାକି ଅଛି । କାଉମାନଙ୍କର କା କା ଶବ୍ଦରେ ସ୍ୱପ୍ନ ଭାଙ୍ଗିଯାଇଛି ଶୁଭଶ୍ରୀଙ୍କର । ଭୋରର ମସୃଣ ଅନ୍ଧକାର ତାଙ୍କୁ ଅଶନିଃଶ୍ୱାସୀ କରି ପକାଇଛି । ସ୍ୱାମୀ ଓ ନାତିର ସୁଖ ନିଦ୍ରାରେ ବ୍ୟାଘାତ ଦେବାକୁ ସେ ଚାହିଁଲେନି । କେଉଁ ପରୀ ରାଇଜରେ ବୁଲୁଥିବେ ସେମାନେ । ବିନା ଶବ୍ଦରେ ବିଛଣା ଛାଡ଼ି ଝରକାର ପରଦାକୁ ଆଡ଼େଇ ଦେଲେ । ଅନ୍ଧକାରର ଅଣନିଶ୍ୱାସୀ ପରଦା ଘୁଞ୍ଚିଗଲା ତାଙ୍କ ମନରୁ । ସୁନ୍ଦର ଧରିତ୍ରୀ ଉପରେ ଦେଖିଲେ ସେ ପ୍ରକୃତି ମା'ର ଅପୂର୍ବ ଦୃଶ୍ୟ । ଶାଶ୍ୱତ ସତ୍ୟର ରଙ୍ଗ ବୁଣି ଦେଉଛି ସକାଳ । ମନ ଧାଇଁଲା ଛାତ ବଗିଚାର ମାନସୀକନ୍ୟାମାନଙ୍କ ପାଖକୁ । କେତେ ଶ୍ରଦ୍ଧାରେ ସେ ବଢ଼ାଇଛନ୍ତି ସେମାନଙ୍କୁ । ସେଇମାନେ ହିଁ ତାଙ୍କର ଜୀବନ । ତାଙ୍କ ପାଖକୁ ସେ ଝଟ୍ କରି ଚାଲିଗଲେ । ହାତଠାରି ସ୍ୱାଗତ କଲେ ସେମାନେ ଶୁଭଶ୍ରୀଙ୍କୁ । ହସି ହସି ଲୋଟି ପଡୁଛନ୍ତି ସତେ ଯେମିତି ସେମାନେ । ଶୁଭଶ୍ରୀଙ୍କୁ ଦେଖି ମୁଣ୍ଡକୁ ହଲେଇ ହଲେଇ କେତେ ଗୀତ ଗାଉଛନ୍ତି । ଫୁଲ ତା' ପାଖୁଡ଼ାରେ ଯେତେ ରଙ୍ଗ ବୋଳି ଦେଲେ ମଧ ଭଅଁର ତା' ପାଖକୁ ଆପେ ଆପେ ଆସେନି । ଭଅଁରକୁ ଡାକିବାକୁ ପଡ଼େ ଫୁଲକୁ ସୁମଧୁର ବାସ୍ନା ମାଧ୍ୟମରେ । ଶୁଭଶ୍ରୀଙ୍କୁ ଦେଖିଲା ପରେ ଫୁଲ ଭୁଲିଯାଇଛି ତା' ପ୍ରେମିକ ଭଅଁରର ଆଲିଙ୍ଗନକୁ । ଭଅଁରର ଚୁମ୍ବନ ଏବେ ତାଙ୍କ ପାଇଁ ତୁଚ୍ଛ । କି ରଙ୍ଗରେ ରଙ୍ଗିଲା ହୋଇଛି ତାଙ୍କ କଳେବର । ଧରିତ୍ରୀ ମା' କି ତୂଳିରେ ଆଙ୍କି ଦେଇଛି କେତେ ଚିତ୍ର ତାଙ୍କ ଦେହରେ । ଶୁଭଶ୍ରୀ ଭାବି ଯାଉଛନ୍ତି କେତେ କ'ଣ – ଏଗୁଡ଼ିକ ତାଙ୍କ ଛାତ ବଗିଚାର ପୁଷ୍ପରାଜି ନୁହଁନ୍ତି, ଏଇମାନେ ତାଙ୍କ ଜୀବନ,

ଏଇମାନେ ତାଙ୍କ ସୁଖ, ଏଇମାନେ ତାଙ୍କ ଆଶ୍ରା ଓ ଆକାଂକ୍ଷା। ଚେୟାରଟିଏ ପକାଇ ସେଇମାନଙ୍କ ଗହଣରେ ବସିପଡ଼ିଲେ ସେ। ସକାଳର ପ୍ରଥମ ସୂର୍ଯ୍ୟ ସତରେ କି ସୁନ୍ଦର ! ଅବିରବୋଳା ସୂର୍ଯ୍ୟଙ୍କୁ ଦେଖି ଜୀବନର ଉତ୍ତର ମଧ୍ୟାହ୍ନକୁ ଭୁଲିଗଲେ ସେ। ଏଇତ ଜୀବନ ହେଲା ଆରମ୍ଭ। ବଗିଚାର ଫୁଲ ଯଦି ହସି ହସି ସ୍ୱାଗତ କରୁଛି ଏ କଅଁଳିଆ ସୂର୍ଯ୍ୟଙ୍କୁ, ଭୁଲିଛି ସେ ଅନ୍ଧାରର କାଳିମା, ସେ କାହିଁକି ଭୁଲିବେନି ଏହି ବନ୍ଧୁର ଜୀବନକୁ। ସେ ବି ସ୍ୱାଗତ କରିବେ ମସୃଣ ଭବିଷ୍ୟତକୁ।

ଶୁଭଶ୍ରୀ ସ୍ତନକର୍କଟ ରୋଗରେ ଆକ୍ରାନ୍ତ। ରୋଗ ତ ଜୀବନର ଏକ ପାହାଚ। ଏ ପାହାଚ ଚଢ଼ିବାକୁ ଟିକିଏ ବି କଷ୍ଟ ଲାଗେନି ତାଙ୍କୁ। ରୋଗର ପ୍ରଥମ ସ୍ତରରେ ତାଙ୍କ ଶୁଭେଚ୍ଛୁ ଓ ପରିବାରବର୍ଗ ଟିକିଏ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ। ଏ ରୋଗ ସଂକ୍ରାମକ ରୋଗ ନୁହେଁ ଜାଣି ମଧ୍ୟ ସମସ୍ତେ କେଜାଣି କାହିଁକି ବିମର୍ଷ ହୋଇ ପଡ଼ିଥିଲେ। ଏ ରୋଗ ଯେ ଭଲ ନ ହେବ ଏହା ମଧ୍ୟ ନୁହେଁ। କିନ୍ତୁ ଶୁଭଶ୍ରୀ ଟିକିଏ ବି ଡରି ନ ଥିଲେ। ''ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହୋଇଲେ ମରଇ।'' କିଏ ଏହି ପୃଥିବୀରେ ଅମର। ଜଗନ୍ନାଥ ମହାପ୍ରଭୁ - ଯାହାଙ୍କ ଦେହରେ ଅଦମ୍ୟ ବଳ, କୋଟି କୋଟି ଜନତାଙ୍କର ଯିଏ ସାହା ଭରସା, ତାଙ୍କୁ ତ ପୁଣି ଜ୍ୱର ହୁଏ। ବୈଦ୍ୟ ସେବାରେ ସେ ସୁସ୍ଥ ହୁଅନ୍ତି। ରାହୁଙ୍କ ପ୍ରକୋପକୁ ଏଡ଼ାଇବା ପାଇଁ ସେ ପିନ୍ଧନ୍ତି ରାହୁରେଖା। ସେ ତ ପୁଣି ବାର ବର୍ଷରେ ଥରେ ନୂତନ କଳେବର ପାଆନ୍ତି। ସେ ବି ଅମର ନୁହଁନ୍ତି। ଏ ଛାର ମଣିଷ - ତାକୁ ବା ମୃତ୍ୟୁ ଛାଡ଼ିବ କେମିତି ? ମାଟି ହାଣ୍ଡିର ଶେଷ ପରିଣତି ମାଟିରେ ମିଶିବା ଭଳି ଜୀବନର ଶେଷ ପରିଣତି ମୃତ୍ୟୁ। ଜୀବନ ଓ ମୃତ୍ୟୁ ମଝିରେ ତ ଅଛି ଛୋଟିଆ ବ୍ୟବଧାନଟିଏ। ତା'ରି ଭିତରେ ଅମୂଲ୍ୟ ଜୀବନକୁ ଠିକ୍ ଭାବରେ ବୁଝିବା ଓ ଠିକ୍ ଭାବରେ ବିନିଯୋଗ କରିବା ହେଉଛି ପ୍ରକୃତ ମଣିଷର ପରିଚୟ। ଦିନେ ତ ଠିକଣା ହେବ ତା'ର ଅନାମିକା, ପରିଚିତ ଠିକଣାକୁ ହରେଇବ ସେ। ତେବେ ରୋଗକୁ ଡରିବେ କାହିଁକି ଶୁଭଶ୍ରୀ ?

ଯେଉଁଦିନ ତାଙ୍କ ରୋଗ ଚିହ୍ନା ଯାଇଥିଲା ସେଦିନ ସେ ପିଲାମାନଙ୍କର ଶୁଖିଲା ମୁହଁ ଦେଖି ଝାଉଁଳି ପଡ଼ି ନ ଥିଲେ। ବରଂ ଓଲଟି ଦେଇଥିଲେ କେତେ ଆଶ୍ୱାସନା। ପାଠ ପଢ଼ିଛନ୍ତି ଶୁଭଶ୍ରୀ। ସରକାରୀ ଚାକିରି କରୁଥିଲେ। ଏବେ ସେ ଅବସର ନେଇଛନ୍ତି। ବୈଜ୍ଞାନିକ ଗବେଷଣା ଓ ଚାକିରି କରିବା ଥିଲା ତାଙ୍କର ପେସା; କିନ୍ତୁ ପ୍ରକୃତିକୁ ଭଲ ପାଇବା ଥିଲା ତାଙ୍କର ନିଶା। ମଣିଷର ମନ ଚିହ୍ନିବା, ଜୀବନକୁ ଠିକ୍ ଭାବରେ ଉପଭୋଗ କରିବା ହେଉଛି ତାଙ୍କ ଜୀବନର ଆଉ ଏକ ଦିଗ। ମନ ମୁତାବକ ମଣିଷ ସେ ବେଳେବେଳେ ପାଆନ୍ତିନି। ମନକୁ ବୁଝାଇବାରେ ସେ ଖୁବ୍ ପାରଙ୍ଗମ। ମନକୁ ବୁଝାଇ ସେ ପ୍ରକୃତିସ୍ଥ ହୋଇଯାଆନ୍ତି ଏବଂ ସଂସାରର ସୁଖକୁ ନିଗାଡ଼ି ଆଣନ୍ତି ତାଙ୍କ ପାଖକୁ। କେତେ ଦୁଃଖ ତ ଈଶ୍ୱର ଦେଇଛନ୍ତି ଏ ନିରୀହ ପ୍ରାଣୀମାନଙ୍କୁ ସେ କିନ୍ତୁ ଭୁଲି ନାହାନ୍ତି ଶକ୍ତି ଦେବାକୁ। ସେଇଥିପାଇଁ ତ ଚାଲିଛି ଏ ଦୁନିଆ।

ଶୁଭଶ୍ରୀଙ୍କ ରୋଗ ନିରୂପଣ ହେବାଠାରୁ ଆଜିଯାଏ ସେ ହତୋତ୍ସାହ ହୋଇ ନାହାନ୍ତି। ସବୁବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି, ''ମୋତେ କଷ୍ଟ ଦିଅ ପଛେ ପ୍ରଭୁ, ତାକୁ ସହିବାକୁ ଶକ୍ତି ଦିଅ।'' ଏଥିରେ ପାଇଯାଆନ୍ତି ସେ ଭୀମବଳ। ନିଜେ ନିଜେ ନିଜ ଡାକ୍ତରବନ୍ଧୁଙ୍କ ପରାମର୍ଶ ନେଇଥିଲେ ଅପରେସନ୍ ପାଇଁ। ରୋଗର ଲକ୍ଷଣ ଓ ପରିସ୍ଥିତି ଦେଖି ଡାକ୍ତର ସ୍ତନର ଆଶିଂକ ଅପରେସନ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ହୁଏତ ଶୁଭଶ୍ରୀଙ୍କ ମାନସିକତା ଉପରେ କୌଣସି ପ୍ରଭାବ ପଡ଼ିପାରେ ବା ତାଙ୍କ ସୌନ୍ଦର୍ଯ୍ୟହାନୀ ହୋଇପାରେ, ଏହା ଥିଲା ଡାକ୍ତରଙ୍କ ଉକ୍ତି। ଶୁଭଶ୍ରୀ ଥିଲେ ଖୁବ୍ ଦୃଢ଼ମନା। ସେ ଯୁକ୍ତି ବାଢ଼ିଥିଲେ, ମଣିଷର ବୟସ ହେଲେ ସେ ତ ଦିନେ ସୌନ୍ଦର୍ଯ୍ୟ ହରେଇବ। ଯଦି କୌଣସି ଆକସ୍ମିକ ଦୁର୍ଘଟଣାରେ ମଣିଷଟିର ହାତ ଗୋଡ଼ କଟିଯାଏ ତେବେ ସେ କ'ଣ ଧୈର୍ଯ୍ୟହରା ହେବ, ଇତ୍ୟାଦି। ଏସବୁ ଯୁକ୍ତି ବାଢ଼ି ସେ ଡାକ୍ତର ବନ୍ଧୁଙ୍କ ନିଷ୍ପତ୍ତି ବଦଳାଇ ସ୍ତନର ପୂର୍ଣ୍ଣ ଅପରେସନ୍ କରାଇଥିଲେ। ହସପିଟାଲର ରିସେପ୍‌ସନ୍ କାଉଣ୍ଟରରେ ଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରଣାମ କରି ଆଗେଇ ଯାଇଥିଲେ ଅପରେସନ୍ ଥିଏଟରକୁ। ପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କ ପାଖେ ପାଖେ ଥିବାର ଅନୁଭବ କରିଥିଲେ ସେ।

ନିଜ କର୍ତ୍ତବ୍ୟ ସେ ଭୁଲିନାହାନ୍ତି । କର୍ତ୍ତବ୍ୟ କରିଚାଲିବା ଓ ଫଳାଫଳକୁ ଅପେକ୍ଷା ନ କରିବା ତାଙ୍କ ଜୀବନର ବ୍ରତ । କର୍ତ୍ତବ୍ୟପରାୟଣା ହୋଇ ଉପଯୁକ୍ତ ଡାକ୍ତରଙ୍କ ପରାମର୍ଶ ନେଇଛନ୍ତି ସେ ଅପରେସନ୍ ପରେ ସୁଦୂର ମୁମ୍ବାଇ ସହରରେ । କର୍କଟ ରୋଗ ଚିକିତ୍ସା ପାଇଁ ବଡ଼ ବଡ଼ ହସପିଟାଲମାନ ଗଢ଼ି ଉଠିଛନ୍ତି ମୁମ୍ବାଇ ସହରରେ । ଭାରତର ପ୍ରତିକୋଣରୁ କର୍କଟ ରୋଗୀ ଚିକିତ୍ସା ପାଇଁ ଧାଡ଼ି ବାନ୍ଧନ୍ତି ଏହି ସବୁ ହସ୍‌ପିଟାଲରେ । ଶୁଭଶ୍ରୀ ଯାଇଥିଲେ ଯଶଲୋକ ହସ୍‌ପିଟାଲକୁ ଅନେକଥର । ପ୍ରଥମ ଥର ତାଙ୍କର ଥିଲା ଏକ ଅପାସୋରା ଅନୁଭୂତି । ଅପରେସନ୍‌ର ୨ ୧ ଦିନ ପରେ ପହଞ୍ଚିଥିଲେ ସେଠାରେ । ଓଡ଼ିଶାରେ ଥାଇ ଡାକ୍ତରଙ୍କୁ ଦେଖେଇବାର ଦିନ ଓ ସମୟ ନିର୍ଦ୍ଧାରଣ କରାଇ ନେଇଥିଲେ । ଠିକ୍ ସମୟରେ ପହଞ୍ଚି ଦେଖିଲେ ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ କର୍କଟରୋଗୀ ଅଣ୍ଡର ଗ୍ରାଉଣ୍ଡରେ ଥିବା ଡାକ୍ତର ମାନସିଂଙ୍କ କ୍ଲିନିକ୍‌ରେ ଅପେକ୍ଷା କରି ବସିଛନ୍ତି । ନୂଆ ଜାଗା, ନୂଆ ଡାକ୍ତର, ପୁଣି ନୂଆ ରୋଗ ଏସବୁ ଶୁଭଶ୍ରୀଙ୍କୁ ବ୍ୟସ୍ତ ଓ ମ୍ରିୟମାଣ କରି ପକାଉଥାଏ । କିଛି ସମୟ ଅପେକ୍ଷା କଲାପରେ ପାହାଚର ଧାରେ ଧାରେ ଥିବା ଏକ ଲୁହା ଲାଇନ୍ ଉପରେ ଗଡ଼ି ଗଡ଼ି ଗୋଟିଏ ଏକଚକିଆ ଗାଡ଼ି ଉପରୁ ତଳକୁ ଖସିଲା । ସବୁ ରୋଗୀଙ୍କ ମୁହଁ ସତେଜ ହୋଇଗଲା । ସତେ ଯେମିତି ସ୍ୱର୍ଗରୁ ଦେବତା ମର୍ତ୍ତ୍ୟକୁ ଅବତରଣ କଲେ ସେମିତି ଏକ ବାତାବରଣ ସୃଷ୍ଟି ହୋଇଗଲା । ଶୁଭଶ୍ରୀଙ୍କ ମନରେ ଅନେକ ପ୍ରଶ୍ନ - ଏତେ ବଡ ଡାକ୍ତର, ତାଙ୍କର ପୁଣି ଚାଲିବାର କ୍ଷମତା ନାହିଁ । ସୁନ୍ଦର ଭାବରେ ଏକଚକିଆ ଗାଡ଼ିରେ ବସି ଡାକ୍ତର ମାନସିଂ ତାଙ୍କ ଚେମ୍ବରକୁ ପଶିଗଲେ । ଗାଡ଼ିଟି ଲାଗିଗଲା ତାଙ୍କ ଟେବୁଲ ସହିତ । ସେହି ଏକଚକିଆ ଗାଡ଼ି ହେଲା ତାଙ୍କ ଚେୟାର । ଏ ଏକ ସୁନ୍ଦର ବ୍ୟବସ୍ଥା ।

ଦୁଇ ତିନି ଜଣଙ୍କ ପରେ ଶୁଭଶ୍ରୀଙ୍କ ପାଳି ପଡ଼ିଲା । ରୁମ୍ ଭିତରକୁ ପଶିଗଲେ ସେ । ସେ ଆଜି ଜଣେ ଦେବତାଙ୍କୁ ଦେଖୁଛନ୍ତି ସେମିତି ଅନୁଭବ କଲେ । ଡାକ୍ତର ହେଉଛନ୍ତି ରୋଗୀର ସାହା ଭରସା । ଏହାକୁ ପ୍ରତିପାଦନ କରିଛନ୍ତି ଡାକ୍ତର ମାନସିଂ । ନରମ ସ୍ୱରରେ କେତେ ଯେ ଅଭୟବାଣୀ ଶୁଣେଇଥିଲେ ସେଦିନ, ଆଜିଯାଏ

ଶୁଭଶ୍ରୀ ଭୁଲିନାହାନ୍ତି । ସତେ ଯେମିତି ତାଙ୍କର କିଛି ହୋଇନି, ସେ ନରମାଲ୍ ମଣିଷଟିଏ । ନିଜ ଗୋଡ଼ରେ ଶକ୍ତି ନ ଥିବା ଲୋକଟିଏ ଅନ୍ୟକୁ ପାହାଡ଼ ଭଳି ଶକ୍ତି ଦେଇପାରେ ଏହା ଦେଖି ଶୁଭଶ୍ରୀ ନିଜ ମନକୁ ସଜାଡ଼ି ଦେଇଥିଲେ ଚିକିତ୍ସାର ପ୍ରଥମ ଅବସ୍ଥାରୁ । ତେଣୁ ଜୀବନଟାକୁ ଏଣେ ତେଣେ ଛାଡ଼ି ଦେଇ ନ ଥିଲେ ସେ ।

କର୍କଟ ରୋଗର ଗୋଟିଏ ଚିକିତ୍ସା ହେଉଛି କେମୋଥେରାପି । ଶରୀର ଭିତରକୁ ବିଷାକ୍ତ ଔଷଧ ଇଞ୍ଜେକ୍ସନ୍ ମାଧ୍ୟମରେ ପ୍ରବେଶ କରାଯାଏ ଏହି ଚିକିତ୍ସାଦ୍ୱାରା । ସେହି ଚିକିତ୍ସା ହୋଇଥିଲା ଶୁଭଶ୍ରୀଙ୍କର । ଏହା ଏକ କଷ୍ଟଦାୟକ ଚିକିତ୍ସା । କେମୋଥେରାପି ପରେ ସ୍ୱାସ୍ଥ୍ୟହାନୀ, ଭାବପ୍ରବଣତା, ମାନସିକ ଚାପ, ଦୈନନ୍ଦିନ ଜୀବନ ପ୍ରଣାଳୀରେ ବ୍ୟତିକ୍ରମ, ଅଧୀର ମନୋଭାବ ଇତ୍ୟାଦି ଅନେକ ଲକ୍ଷଣ ଅନୁଭବ କରିଥିଲେ ଶୁଭଶ୍ରୀ । ସେ କିନ୍ତୁ ସବୁବେଳେ ସକରାତ୍ମକ ମନୋଭାବ ପୋଷଣ କରୁଥିଲେ । ଆଧ୍ୟାତ୍ମିକ ଓ ମାନସିକ ଶକ୍ତି ଥିଲା ତାଙ୍କର ଖୁବ୍ ସବଳ । ତେଣୁ ଏହି ରୋଗ ତାଙ୍କୁ ଡରାଇ ପାରି ନ ଥିଲା । ନିଜକୁ ଏକାକୀ ବୋଲି ସେ ଭାବୁ ନ ଥିଲେ । ତାଙ୍କ ଭଳି ଅନେକ ରୋଗୀ ଏହି ରୋଗକୁ ସାହସର ସହିତ ମୁକାବିଲା କରିଛନ୍ତି ବୋଲି ଧାରଣା ଥିଲା ତାଙ୍କର । ଏହି ଚିକିତ୍ସା ପରେ ଶରୀର ତାଙ୍କର ହୋଇଯାଇଥିଲା ଖୁବ୍ ଦୁର୍ବଳ; ତଥାପି ତାଙ୍କ ମନରେ ନ ଥିଲା ଦୁର୍ବଳତା ।

ଶାରୀରିକ ଦୁର୍ବଳତାକୁ ନେଇ ସେ ନିତିଦିନିଆ କାମ କରି ପାରୁଥିଲେ । ଜନସେବା କାର୍ଯ୍ୟ ସୂଚାରୁ ରୂପେ ତୁଲାଇ ପାରୁଥିଲେ । ଏସବୁ ଦେଖି ବନ୍ଧୁମାନେ ଆଶ୍ଚର୍ଯ୍ୟ ହେଉଥିଲେ । ମନର ବଳ ତାଙ୍କୁ କାର୍ଯ୍ୟକ୍ଷମ କରିପାରୁଥିଲା । ସଭା ସମିତରେ ସେ ମନୋବଳର କରାମତିକୁ ଅନର୍ଗଳ କହି ଚାଲୁଥିଲେ । ତାଙ୍କ ଭାଷଣ ଶୁଣି ରୋଗୀ ରୋଗ କଥା ଭୁଲିଯାଉଥିଲା । ତାଙ୍କର ମତ ଥିଲା – ‘‘ଦୁର୍ଘଟଣା ତ ଜୀବନର ଏକ ପାହାଚ । ସେ ପାହାଚକୁ ଅତିକ୍ରମ କରିବାକୁ ହେଲେ ମନୋବଳ ଓ କର୍ତ୍ତବ୍ୟନିଷ୍ଠା ଏକାନ୍ତ ଆବଶ୍ୟକ ।’’ ରୋଗକୁ ହେଳା ନ କରିବାକୁ ସେ ଦେଇଥାନ୍ତି ମୂଲ୍ୟବାନ ଉପଦେଶ । ରୋଗ ଦ୍ରୁତ ଗତିରେ ଆଗେଇ ଚାଲେ । ଆମ କର୍ତ୍ତବ୍ୟ ମଧ୍ୟ ଆଗେଇ ଚାଲିବା ଦରକାର । ଟିକିଏ ହେଳା କରିଦେଲେ ରୋଗ

ଆଗେଇ ଯିବ, ତାକୁ ଧରି ଅଟକାଇବାକୁ ଆମେ ଯେତେ ଚେଷ୍ଟା କଲେ ବି ଅଟକାଇ ପାରିବାନି। ରୋଗକୁ ଲୁଚାଇବା ଏକ ଅପରାଧ ବୋଲି ସେ କହନ୍ତି।

କର୍କଟ ରୋଗୀ ପାଇଁ ଦୁଇଟି ଜିନିଷ ନିହାତି ଦରକାର। ଗୋଟିଏ ହେଲା ନିଜର ମନୋବଳ ଓ ଉପଯୁକ୍ତ ସମୟରେ ଉପଯୁକ୍ତ ଚିକିତ୍ସା, ଦ୍ୱିତୀୟଟି ହେଲା ପରିବାର, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କର ଆଶ୍ୱାସନା ଏବଂ ସହଯୋଗ। ନିଜର ହୋଇ ଦୁଇପଦ ଭଲ କଥା ହେବା, ରୋଗୀର ଟିକିଏ ଯତ୍ନ ନେବା, ଏହି ରୋଗୀଟି ପାଇଁ ହୋଇଥାଏ ଅମୂଲ୍ୟ ସମ୍ପଦ। ଖୁବ୍ କମ୍ ଲୋକ ଏ ସବୁ ନ ପାଇ ମଧ୍ୟ ନିଜେ ନିଜକୁ ସଜାଡ଼ି ନିଅନ୍ତି, କିନ୍ତୁ ଅଧିକାଂଶଙ୍କର ଏସବୁ ଲୋଡ଼ା। ଆମେ ପରା ସାମାଜିକ ପ୍ରାଣୀ। ଏତିକି ଆଶା କରିବା କ'ଣ ଉଚିତ ନୁହେଁ ?

ରୋଗୀ ହେବା ପରେ ଶୁଭଶ୍ରୀ ଏସବୁ କେତେ ପରିମାଣରେ ପାଇଛନ୍ତି ଏବଂ ନିଜ କର୍ତ୍ତବ୍ୟ କିପରି ପାଳନ କରିଛନ୍ତି ଏସବୁ ପୁତ୍ର କନ୍ୟାମାନଙ୍କ ଗହଣରେ ବସି ବସି ଭାବୁଥିଲେ। ଯାହା ମିଳେ ଜୀବନରେ ସେଥିରେ ସନ୍ତୁଷ୍ଟ ହେଲେ ଜୀବନଟାକୁ ଉପଭୋଗ କରିହୁଏ। ହତାଶ ଭିତରେ ରହି ଅଣନିଃଶ୍ୱାସୀ ହେବା ଅପେକ୍ଷା ଅଳ୍ପରେ ସନ୍ତୁଷ୍ଟ ହେବାକୁ ସେ ପ୍ରାଧାନ୍ୟ ଦିଅନ୍ତି। ତେଣୁ ଭାବ ଓ ଅଭାବ ଭିତରେ ଥାଇ ମଧ୍ୟ କର୍କଟ ରୋଗକୁ ଭ୍ରୂକ୍ଷେପ କରନ୍ତିନି। କାହାର ଅନାଦରକୁ ଗୁରୁତ୍ୱ ଦିଅନ୍ତିନି। ନିଜକୁ ରୋଗୀଭଳି ଭାବନ୍ତିନି ସେ। କୌଣସି ଲୋକ ନୀରୋଗ ନୁହେଁ। ତେଣୁ କର୍କଟ ତ ଗୋଟିଏ ରୋଗ। ତାକୁ ଡରିବାର କ'ଣ ଅଛି ? ଏମିତି ଭାବୁଥିଲେ ସେ କେତେ କଥା। ଏହା ଭିତରେ କଅଁଳିଆ ଖରା ତାଙ୍କ ଉପରେ ଏକ ଉଷୁମ ଚାଦର ଘୋଡ଼ାଇ ସାରିଲାଣି ସେ ଜାଣି ପାରୁ ନ ଥିଲେ।

◆◆◆

# ପ୍ରୀତିର ସନ୍ତକ

ଆଜି ମିନତିର ବାହାଘର। ଯୋଡ଼ି ମହୁରି ଓ ସାହାନାଇ ବାଦ୍ୟରେ ଘର କମ୍ପୁଛି। ବାହାଘରର ମହକ ଚାରିଆଡ଼େ ବିଚ୍ଛୁରିତ। ଘର ଲୋକଙ୍କର ଦୌଡ଼ ଧାଁପଡ଼ ଲାଗି ରହିଛି ବଡ଼ି ସକାଳରୁ। ରଙ୍ଗ ବେରଙ୍ଗର ଶାଢ଼ି ପିନ୍ଧି ଚମକୁଛନ୍ତି ଘରର ବୋହୂମାନେ। ଝିଅମାନେ ଭଳି ଭଳି ଡ୍ରେସ୍ ତିଆରି କରିଛନ୍ତି ବାହାଘର ଦିନ ପିନ୍ଧିବା ପାଇଁ। ଆଜି ସେମାନେ ପରୀ ସାଜି ଆକାଶରେ ଉଡୁଛନ୍ତି। ମଧ୍ୟାହ୍ନରେ ଅନେକ ବନ୍ଧୁବାନ୍ଧବ ଆସିଥିଲେ। ସେମାନଙ୍କ ଖିଆପିଆ ସରିଲାଣି। ବାହାଘର ବେଦି ସଜା ଚାଲିଛି। ଟେଣ୍ଟ ହାଉସ୍‌ବାଲା ଗେଟ୍ ସଜଉଛନ୍ତି। ସମସ୍ତେ ଯେଝା ଯେଝା କାମରେ ବ୍ୟସ୍ତ। ଛୋଟ ପିଲାମାନଙ୍କର ଆଜି ଆନନ୍ଦର ସୀମା ନାହିଁ। ଧାଁଧପଡ଼ରେ ସେମାନେ ମଜ୍ଜି ଯାଇଛନ୍ତି।

ମିନତି ଗାଧୁଆ ପାଧୁଆ ସାରି ନୂଆ ଶାଢ଼ିଟିଏ ପିନ୍ଧି ବସିଛି ତା' ଶୋଇବା ଘରେ। ସେ ଆଜି ସଦ୍ୟଫୁଟା ଗୋଲାପଟିଏ ଭଳି ଦିଶୁଛି। ସବୁରି ଆକର୍ଷଣର ସେ ଆଜି କେନ୍ଦ୍ରବିନ୍ଦୁ। ତା'ର ପୂରିଲା ପୂରିଲା ଗାଲ, ଲମ୍ବା ଘନ କୁଞ୍ଚିତ କେଶରାଶି ଓ ହଳଦିଆ ଗୋରା ଦେହ ଦେଖି ସମସ୍ତେ ତା' ଉପରେ ନଜର ପକାଉଛନ୍ତି। ଦଳଦଳ ଝିଅ ବୋହୂ ମିନତି ଶୋଇବା ଘରକୁ ପଶିଯାଇ ତାକୁ ଦେଖିଦେଇ ବାହାରି ଆସୁଛନ୍ତି। ସାଙ୍ଗମାନେ ଥଟ୍ଟା କରୁଛନ୍ତି ମିନତିକୁ। ମିନତି କ'ଣ ବସି ବସି ଭାବୁଛୁ ? ଆମ ଭିଣୋଇ ବାବୁଙ୍କ କଥା ଭାବୁଛୁ କି ? ବରବେଶରେ ଆସିବା ପାଇଁ ନାନା ପ୍ରସାଧନୀରେ ସେ ବ୍ୟସ୍ତ ଥିବେ। ବାହାଘର ଦିନରେ ମନ ଯାହା ଭାବୁଥାଏ ତାହା ମିନତି ଭିତରେ ନ ଥିଲା ବୋଲି କହିଲେ ତା'ର ଛଳନା ହେବ। ସେ ନିଶ୍ଚିୟ ତା'

ଭାବୀ ସ୍ୱାମୀଙ୍କ କଥା ଭାବୁଥିବ। କେଉଁ ଝିଅବା ଏଥିରୁ ବାଦ୍ ଯାଇଛି। ସାଙ୍ଗମାନଙ୍କର ଥଟ୍ଟା ପରିହାସ ଶୁଣି ମିନତି ହସି ଦେଉଥାଏ। ସେ ହସରେ ସାଙ୍ଗମାନଙ୍କ ମନ୍ତବ୍ୟରେ ସମ୍ମତି ଥିବାର ଆଭାସ ମିଳୁଥାଏ।

ମଝିରେ ମଝିରେ ମିନତିର ମୁହଁ ଉଦାସିଆ ଲାଗୁଛି। ଅନେକ କଥା ତା' ମନରେ ସେ ଭାବୁଛି ବୋଲି ଜଣାପଡ଼ି ଯାଉଛି। କେହି ଘରକୁ ପଶିଗଲେ ସେ ଫେରି ଆସୁଛି ଭାବନା ରାଜ୍ୟରୁ। ନରମାଲ୍ ହୋଇ ପୁଣି ସମସ୍ତଙ୍କ ସାଙ୍ଗରେ କଥାବାର୍ତ୍ତା କରୁଛି।

ଦିନ ପ୍ରାୟ ୩ଟା ହେବ - ତା'ର ସବୁଠୁ ଅନ୍ତରଙ୍ଗ ସାଙ୍ଗ ପ୍ରତିମା ଆସି ପହଞ୍ଚିଗଲା। କଲେଜରେ ପଢ଼ିବା ସମୟରେ ଦୁଇଜଣ କ୍ଷୀର ନୀର ଭଳି ମିଶୁଥିଲେ। ଦୁଇଜଣ ପରସ୍ପର ଉପରେ ସୁଖ ଦୁଃଖ ଅଜାଡ଼ି ଦେଉଥିଲେ। ଜୀବନରେ ଜଣେ କେହି ଅନ୍ତରଙ୍ଗ ସାଙ୍ଗ ନିତାନ୍ତ ଦରକାର ଯେଉଁମାନଙ୍କ ମଧ୍ୟରେ ସୁଖ ଦୁଃଖ ଭାଗ ଭାଗ ହୋଇଯାଏ। ଦିନେ ଦିନେ ମିନତି ମୁହଁ ଶୁଖେଇ କଲେଜକୁ ଆସିଲେ ପ୍ରତିମା ବିବ୍ରତ ହୋଇପଡ଼େ। ତୋ'ର କ'ଣ ହୋଇଛି କ'ଣ ହୋଇଛି କହି ମିନତିକୁ ଅସ୍ଥିର କରିପକାଏ। ଲିଜର ପିରିୟଡ଼୍‌ରେ କେଉଁଠି ଗୋଟିଏ ନିରୋଳା ସ୍ଥାନରେ ଦୁଇଜଣ ବସିପଡ଼ନ୍ତି। ମିନତି ପ୍ରତିମା ଆଗରେ ସବୁ ଗଳଗଳ ହୋଇ କହିଦେଇ ବେଶ୍ ଫାଙ୍କା ଅନୁଭବ କରେ। ଆଜି ମିନତିର ବାଦଲ ଢଙ୍କା ମୁହଁ ଦେଖି କିଛି କିଛି ଅନୁମାନ କରି ନେଇଥିଲା ପ୍ରତିମା। ତା'ର ମନେ ପଡ଼ିଗଲା ସେଦିନ କଲେଜ ପାହାଚରେ ବସି ମିନତି କହିଥିବା କଥା।

ସେଦିନ କ୍ଲାସ ସବୁ ସରି ଯାଇଥାଏ। କଲେଜକୁ ଆସିବା ପରଠାରୁ ମିନତିର ମୁହଁରେ ଅନେକ କଥା ଉଙ୍କି ମାରୁଥାଏ। ପ୍ରତିମା ଜିଦ୍ ଧରିଥିଲା, ତୋ'ର କ'ଣ ହୋଇଛି ନ କହିବା ଯାଏ ମୁଁ ତୋତେ ଘରକୁ ଛାଡ଼ିବିନି। ଅନ୍ତରକୁ ଆନ୍ଦୋଳିତ କରୁଥିବା କଥା ପ୍ରତିମା ପାଖରେ କହିଦେଇ ମିନତି ହାଲୁକା ଅନୁଭବ କରିବ ବୋଲି ଭାବିଲା। ତେଣୁ ସେ ପ୍ରତିମା ଆଗରେ କହିବାକୁ ଆରମ୍ଭ କରିଥିଲା ଗତ ରାତିର ଘଟଣା।

ପ୍ରତିମା, କାଲି ରାତିରେ ବୋଉଠାରୁ ତା' ଜୀବନର କେତୋଟି କଥା ଶୁଣି ମୁଁ ଯେମିତି ଅଥଳ ସମୁଦ୍ରରେ ଉବୁଟୁବୁ ହେଉଛି। ତୁ ତ ଜାଣୁ ମୁଁ ମୋ ବାପା ବୋଉର ଏକମାତ୍ର ସନ୍ତାନ। ବୋଉର ଦୁଃଖ ମୁଁ ଆଜି ସହିପାରୁନି। ଏଇ କେତେଦିନ ହେଲା ବୋଉ ଅସୁସ୍ଥତା ଅନୁଭବ କରୁଛି। ଚିକିତ୍ସା ପାଇଁ ବଡ଼ ଡାକ୍ତରଖାନାକୁ ବାପା ନେଇଥିଲେ। ସବୁ ପରୀକ୍ଷା ନିରୀକ୍ଷା ପରେ ଜଣାଗଲା ଯେ ବୋଉ କ୍ୟାନସର ରୋଗଗ୍ରସ୍ତ। ଆମ ଘରେ ଯେମିତି ଚଡ଼କ ପଡ଼ିଗଲା। ଏମିତି ଅସାଧ ରୋଗ ଭଗବାନ କାହିଁକି ତାକୁ ଦେଲେ। ତା'ର ସେବା ଶୁଶ୍ରୁଷା କରିବାକୁ ଘରେ ବାପା ଓ ମୁଁ। ସବୁ ଚିକିତ୍ସା କରି ସାରିଲୁଣି। କାଲି ଡାକ୍ତର କହିଲେ ବୋଉ ଆଉ ବେଶୀଦିନ ବଞ୍ଚିବ ନାହିଁ। ଏ କଥା ଶୁଣି ଆମର ରକ୍ତ ପାଣି ହୋଇଯାଇଛି। ବୋଉ ମଧ ଭାଙ୍ଗି ପଡ଼ିଛି। ମୁଁ ପାଠ ପଢୁଛି - ମୋ ବାହାଘର ବାକି ଅଛି। ପୁଣି ସେ ଚାଲିଗଲେ ବାପା ଏକା ହୋଇଯିବେ ଇତ୍ୟାଦି ଇତ୍ୟାଦି।

ଡାକ୍ତରଖାନାରୁ ଆସି ବୋଉକୁ ଖାଇବାକୁ ଦେଲି। ଭୋକ ନ ହେବା ତ ରୋଗର ଲକ୍ଷଣ। ତା' ସାଙ୍ଗକୁ ଡାକ୍ତରଙ୍କ କଥା। ବୋଉ କିଛି ଖାଇ ପାରିଲାନି। ବୁଝାଇ ସୁଝାଇ ଫଳ ରସ ଟିକିଏ ପିଆଇଲି। ବୋଉକୁ ଛାଡ଼ି ଶୋଇବା ପାଇଁ ମୋ ରୁମ୍‌କୁ ଯିବାକୁ ଇଚ୍ଛା ହେଲାନି। ମଣିଷ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ପାଖରେ କିଏ ରହି ଆଶ୍ୱାସନା ଦେଲେ ଦୁଃଖ କିଞ୍ଚିତ୍ ଲାଘବ ହୁଏ। ବୋଉ ପାଖରେ ଖଟ ଉପରେ ଶୋଇ ତା' ମୁଣ୍ଡ ଆଉଁଶି ଦେଲି।

ପ୍ରତିମା, ବୋଉ ଜୀବନ ସହିତ ଅନେକ ସଂଘର୍ଷ କରିଛି। ଶିକ୍ଷାକୁ ସେ ସମ୍ମାନ ଦିଏ। ଶିକ୍ଷା ମଣିଷର ଅନ୍ତଃକରଣକୁ ଶୁଦ୍ଧ କରିଦିଏ। ଆଜିକାଲି ଦୁନିଆରେ ପାଠପଢ଼ି ନିଜ ଗୋଡ଼ରେ ଛିଡ଼ା ନ ହେଲେ କେତେବେଳେ କେଉଁ ପ୍ରକାର ଦୁଃଖ ଝିଅମାନଙ୍କ ଉପରକୁ ମାଡ଼ି ଆସିବ କିଏ କହିବ। ପ୍ରତିଦିନ ତ ଯୌତୁକ ଜୁଇରେ ଝାସ ଦେଉଛନ୍ତି କେତେ ନିରୀହ ଝିଅ। ତା'ର ହିସାବ ରଖୁଛି କିଏ। କେଉଁଠି କିରାସିନି ଢାଳି ମାରି ଦିଆଯାଉଛି ତ କେଉଁଠି କଷ୍ଟ ସହି ନ ପାରି ନିରୀହ ଝିଅଟି ଆତ୍ମହତ୍ୟା କରୁଛି। ଏ ପର୍ଯ୍ୟନ୍ତ ଆମ ସମାଜ ବୁଝିନି ନାରୀ ପ୍ରତି ସମ୍ମାନ ଓ ପରିବାରରେ ତା'ର ସ୍ଥାନ।

ବୋଉ ଅଳ୍ପ ପାଠ ପଢ଼ିଥିଲେ ମଧ୍ୟ ଏସବୁକୁ ଭଲ ଭାବରେ ବୁଝେ । ତେଣୁ ମୋତେ ପାଠ ପଢ଼ାଇବା ସପକ୍ଷରେ ସେ । ନିଜ ପେଟକୁ ମାରି ସେ ମୋ ପଢ଼ାପାଇଁ ପଇସା ଖର୍ଚ୍ଚ କରୁଛି ।

ହଠାତ୍ ମୁଁ ଅନୁଭବ କଲି ବୋଉର ଆଖିର ଲୁହ ମୋ ଆଙ୍ଗୁଳି ଦେଇ ତଳକୁ ବୋହି ଯାଉଛି । ବୋଉ କାନ୍ଦୁଛି । ତାକୁ ମୁଁ କି ସାନ୍ତ୍ୱନା ଦେଇଥାନ୍ତି । ବୋଉ, ତୁ ନିଶ୍ଚୟ ଭଲ ହୋଇଯିବୁ ବୋଲି ବାରମ୍ବାର କହିବା ଛଡ଼ା ମୋ ଓଠ ଅନ୍ୟ ସବୁ ଶବ୍ଦକୁ ଶୋଷି ନେଇଥିଲା । ବୋଉ ମୋ କଥା ଶୁଣି କଇଁ କଇଁ ହୋଇ କାନ୍ଦି ଉଠିଲା । ମୋ ଧୈର୍ଯ୍ୟ ସୀମା ଲଙ୍ଘନ କଲା । ତଥାପି କାନ୍ଦକୁ ଚାପିଦେଲି । କିଛି ସମୟ ନିରବ ରହି ବୋଉକୁ ଶୋଇବାକୁ କହିଲି । ନିଦ ଯେ ତା' ଆଖି ପତା ଛାଡ଼ି ଚାଲି ଯାଇଥିଲା । ସେ ବାରମ୍ବାର କର ଲେଉଟାଉଥାଏ ।

ଅନ୍ଧାର ଭିତରେ ଆମେ ଦୁଇଜଣ କେହି କାହାକୁ ଦେଖି ପାରୁ ନ ଥିଲୁ । କିନ୍ତୁ ବୋଉର ଅଧୀରତା ମୁଁ ଅନୁଭବ କରିପାରୁ ଥିଲି । ବୋଉ ମୋର ବ୍ୟସ୍ତତାକୁ ବୁଝି ପାରୁଥାଏ । କିଛି ସମୟ ପରେ ବୋଉ ମୋ ଆଡ଼କୁ କର ଲେଉଟାଇଲା ଏବଂ କିଛି କହିବ କହିବ ଜଣା ପଡ଼ିଲା ।

ବୋଉ, କିଛି କହିବୁ ?

କ'ଣ କହିବି ? କେଉଁଠୁ ଆରମ୍ଭ କରିବି ମୀନା । ମୋ ପାଇଁ ତ ଖୁବ୍ କମ୍ ସମୟ ଭଗବାନ ରଖିଛନ୍ତି । ତୋତେ କିଛି ନ କହି ଚାଲିଗଲେ ମୋ ଆତ୍ମା ଶାନ୍ତି ପାଇବନି । ମେଡ଼ିକାଲରୁ ଫେରିଲା ବେଳୁ ଭାବି ହେଉଛି କେମିତି ତୋତେ କହିବି ।

''ବୋଉ ଯାହା କହିବା କଥା କହିଦେ । ଝିଅ ପାଖରେ ତୋର ଲୁଚାଇବାର କ'ଣ ଅଛି ।''

''ଅଛିରେ ମା, ଅନେକ ଲୁଚା କଥା ଅଛି । ଦୀର୍ଘ ୨୦ ବର୍ଷ ଧରି ଯାହାକୁ ଲୁଚେଇ ରଖିଛି ତାକୁ କହିବାକୁ ମୋତେ ସଙ୍କୋଚ ଲାଗୁଛି ।''

ବୋଉର ତଣ୍ଟି ଶୁଖିଯାଉଥାଏ। କିଛି ନ ଭାବି ସବୁ ମୋତେ କହ ବୋଲି ବାରମ୍ବାର ମୁଁ ବୋଉକୁ କହୁଥାଏ।

ଯାହା ମୁଁ କହିବି ସବୁ ତୋରି କଥା। ଆଜି ତୋତେ ସବୁ କହିବି। ନ ହେଲେ ମୋ ଅତୃପ୍ତ ଆତ୍ମା ଶାନ୍ତିରେ ରହିପାରିବନି, କହିବା ପାଇଁ ତୋ ଚାରିପଟେ ଘୂରିବୁଲିବ। ତେବେ ଶୁଣ,

୨୦ ବର୍ଷ ବୟସରେ ମୋ ଭାଇ ତୋ ବାପା ସହିତ ମୋତେ ବିବାହ କରିଦେଲେ। ପିଲାଦିନୁ ବାପାଙ୍କୁ ହରେଇଥିଲି। ମା' ପାଖରେ ଭାଇ ଭଉଣୀ ବଢ଼ିଥିଲୁ। ଭାଇ ଓ ବୋଉର ମୁଁ ଥିଲି ଗେହ୍ଲୀ। ଆଖି ଦୁରୁଶିଆ ଯୌତୁକ ନ ଦେଇ ମଧ୍ୟ ଭଲ ବରଘରଟିଏ ପାଇଛନ୍ତି ବୋଲି ମୋ ବୋଉ ଓ ଭାଇ ଖୁସୀ ହେଉଥିଲେ। କାରଣ ତୋ ଜେଜେ ଥିଲେ ଏହି ଅଞ୍ଚଳର ନାଆଁକରା ବ୍ୟକ୍ତିଟିଏ। ସରଳ ନିଷ୍କପଟ ମଣିଷ। ମୁଁ ଭଲରେ ତାଙ୍କ ଘରେ ଚଳିଯିବି ବୋଲି ବୋଉର ଭରସା ଥାଏ।

ତୋ ବାପା ବେଶୀ ପାଠ ପଢ଼ି ନ ଥିବାରୁ ଜମିବାଡ଼ି କଥା ବୁଝୁଥିଲେ। କାରଣ ତୋ ଜେଜେଙ୍କର ସେତେବେଳେ ଅନେକ ଜମିବାଡ଼ି ଥିଲା। ତୋ ବାପା ଦେଖିବାକୁ ଖୁବ୍ ବେଶୀ ସୁନ୍ଦର ନ ଥିଲେ ମଧ୍ୟ ମନ ଥିଲା ତାଙ୍କର ଖୁବ୍ ସରଳ। ସମସ୍ତଙ୍କୁ ବିଶ୍ୱାସ କରିବା ଓ ଭଲ ପାଇବାର ସେ ଥିଲେ ପ୍ରତୀକ। ତିନି ଭାଇଙ୍କ ମଧ୍ୟରେ ସେ ଥିଲେ ମଝିଆ। ମୋ ଉପର ଯାଆ ଜଣେ ଆଭିଜାତ୍ୟ ସମ୍ପର୍ଣ୍ଣ ପରିବାରରୁ ଆସିଥିଲେ। ମୁଁ ଆସିଥିଲି ମଧ୍ୟବିତ୍ତ ପରିବାରରୁ।

ତା'ପରେ ତା'ର ସ୍ୱର ଅସ୍ପଷ୍ଟ ହୋଇ ଆସିଲା। ''ବୋଉ କ'ଣ ହେଲା ? କିଛି କହୁନୁ, ବନ୍ଦ ହୋଇଗଲୁ କାହିଁକି।''

ତଣ୍ଟିରେ ଢ଼ୋକ ଗିଳି ସେ କିଛି କହିବା ପାଇଁ ଚେଷ୍ଟା କଲା। ଲାଇଟ୍ ଦେଇ କାନ୍ଥ ଘଣ୍ଟାକୁ ଦେଖିଲି। ରାତି ଗୋଟାଏ। ଅସୁସ୍ଥ ଶରୀରରେ ବୋଉ ଶୋଇ ପଡ଼ିବା କଥା। ପ୍ରତିମା, ବୋଉକୁ ଶୋଇ ଦେଇ ନ ଥିଲି କାଲି ରାତିରେ। ମୁଁ ଜାଣି ପାରୁଥିଲି ବୋଉର ଆହୁରି ଅନେକ କଥା ବାକି ଅଛି। ଯାହା କହି ଗଲାଣି ସେଥିରୁ ମୁଁ ତ କିଛି ଜାଣେ। ତା'ର ପୁଣି ଅକୁହା କଥା କ'ଣ ରହିଗଲା ?

ମୀନା, ଶୁଣ - ଆଜି ତୋତେ ସବୁ କହିଦେବି । ମୋ ଅତୀତର ଫର୍ଦ୍ଦସବୁ ତୋତେ ପଢ଼ି ଶୁଣେଇବି । ତୁ ମୋତେ କ୍ଷମା କରିଦେବୁ ମା ।

ବୋଉ କେଉଁ ଦୋଷ କରିଛି ଯେ ମୋତେ କ୍ଷମା ମାଗୁଛି । ମୋ ମନରେ ଶତ କୌତୂହଳ ସୃଷ୍ଟି ହେଲା । କାନ ଡେରି ତା' କଥା ଶୁଣିବାକୁ ଲାଗିଲି ।

ମୁଁ ବାହାହୋଇ ଏ ଘରେ ପାଦ ଦେଲା କ୍ଷଣି ଘରଟି ଯେମିତି ଦାଉ ଦାଉ ହୋଇ ଝଟକିଲା । ମୋ ଦେହରେ ଯୌବନର ଜୁଆର କୂଳ ଲଘୁଥାଏ । କିଏ କହୁଥାଏ ପରୀଟିଏ ତ କିଏ କହୁଥାଏ ସିନେମା ଷ୍ଟାର । ମୁଁ ଗର୍ବରେ ଫାଟି ପଡୁଥାଏ । ନୂଆ ଗହଣାସବୁ ମୋ ଦେହରେ ଝଟକୁଥାଏ । ଶାଢ଼ି ଭିତରେ ମୋ ଅଙ୍ଗ, ଯୌବନ ଫୁଟି ଦିଶୁଥାଏ । ସମସ୍ତେ ମୋତେ ଖାଇଗଲା ଭଳି ଚାହୁଁଥାଆନ୍ତି । ତୋ ବାପା ମୋତେ ସ୍ତ୍ରୀ ହିସାବରେ ପାଇଥାନ୍ତି ସତ କିନ୍ତୁ ମୋ ମନର କ୍ଷୁଧାକୁ ସେ ବୁଝିପାରୁ ନ ଥାନ୍ତି । ଏକରେ ଶିକ୍ଷାର ଅଭାବ, ଦ୍ୱିତୀୟରେ ସରଳ ମଣିଷଟିଏ । ପ୍ରେମ, ଆଲିଙ୍ଗନ, ପ୍ରୀତି ଏସବୁଠାରୁ ସେ ଥାଆନ୍ତି ଦୂରରେ । ମୋ ଲାଜର ଗଣ୍ଠି ମୁଁ ନିଜେ ନିଜେ ଯେତେ ଖୋଲିଲେ ମଧ୍ୟ ତାହା ପୁଣି ଗଣ୍ଠିରେ ପରିଣତ ହୋଇଯାଉଥାଏ । ଦେହ ଭିତରେ ମୋର ଶରବିଦ୍ଧ ହୋଇଗଲା ଭଳି ଲାଗୁଥାଏ । ମୁହଁ ଖୋଲି ସବୁ କଥା ତ କହିହୁଏନି । ଭୋକିଲା ଭୋକିଲା ରହିଲା ଭଳି ଲାଗୁଥାଏ । ଦେହ ଓ ମନ ପାଇଁ କିଛି ଖୋରାକ ତ ଦରକାର । ଦୈହିକ ସମ୍ପର୍କ ଛଡ଼ା ମନର ସମ୍ପର୍କ ତ ଦରକାର ।

ତୋ ଦାଦା ସେତେବେଳେ ମନିପାଲରେ ଡାକ୍ତରୀ ପଢୁଥାଆନ୍ତି । ବାହାଘରକୁ ସେ ଆସିଥିଲେ । ଅଳ୍ପଦିନ ରହି ଚାଲି ଯାଇଥିଲେ । ସେତେବେଳେ ସେ ଥିଲେ ମୋର ଅପରିଚିତ । ପାଞ୍ଚମାସ ପରେ ପୁଣି ଆସିଲେ ଘରକୁ । ତାଙ୍କ ଦେହରେ ମଧ୍ୟ ଯୌବନର ଜୁଆର । ମୋତେ ଦେଖି ମୁରୁକି ମୁରୁକି ହସି ଦେଉଥିଲେ । ତାଙ୍କ ହସରେ ଥିଲା ଅନେକ ଇଙ୍ଗିତ । ମୁଁ ସବୁ ବୁଝି ପାରୁଥିଲି । କାରଣ ତାଙ୍କଠାରୁ ମୁଁ ଥିଲି ମାତ୍ର ତିନି ବର୍ଷ ସାନ ।

ସେ ଘରକୁ ଆସିବାର ଦୁଇଦିନ ପରେ ସନ୍ଧ୍ୟାବେଳେ ମୋତେ ଛାତ ଉପରକୁ ଡାକିଲେ । ଏଇଠି ଟିକିଏ ବସିବା । ମାସ ଥାଏ ଫଗୁଣ । ବସନ୍ତ ଚାଲି ଯାଇଥିଲେ ମଧ୍ୟ ତା'ର ଛିଟା ରହି ଯାଇଥାଏ । ଛାତ ଉପରେ ଦୁଇଟି ଚେୟାରେ ଦୁଇଜଣ ବସିଲୁ । ମୃଦୁ ମୃଦୁ ମଳୟ ମୋ ଦେହରେ ରୋମାଞ୍ଚ ସୃଷ୍ଟି କରୁଥାଏ । ମୁଁ ଖାଲି ଆକାଶକୁ ଚାହିଁ ରହିଥାଏ । ଜାଣି ପାରୁଥାଏ ସେ କିଛି କହିବା ପାଇଁ ଏକ ମନୋରମ ପରିବେଶକୁ ମୋତେ ଡାକିଛନ୍ତି । କିଛି ସମୟ ଚୁପ୍‌ଚାପ୍‌ରେ ବିତିଗଲା । ତା'ପରେ ସେ ମୋତେ କହିଲେ, ''ନୂଆବୋଉ, ତୁମେ ଖୁବ୍ ସୁନ୍ଦର ଦିଶୁଛ'' । ମୁଁ ଟିକିଏ ଲାଜେଇ ଗଲି । ପୁଅ ହେଉ ବା ଝିଅ ହେଉ ନିଜ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ଆନନ୍ଦ ପାଇଥାନ୍ତି । ପାଞ୍ଚମାସ ବିତିଗଲାଣି । କାହିଁ ଦିନେ ତ ମୋ ସ୍ୱାମୀ ମୋ ସୌନ୍ଦର୍ଯ୍ୟ ବିଷୟରେ କିଛି କମେଣ୍ଟ ଦେଇ ନାହାନ୍ତି ।

ମୁଁ ତଳକୁ ମୁହଁ କରି ବସି ରହିଲି । ଆକାଶରେ ଜହ୍ନ ଆମକୁ ଦେଖି ଖିଲିଖିଲି  ହସୁଥାଏ । ଆମର ଏ ପରିବେଶକୁ ଆହୁରି ମଧୁମୟ କରୁଥାଏ । ବାହାନାରେ ସେ କଲେଜ ଗପ ଗପି ଚାଲିଛନ୍ତି ଏକଥା ମୁଁ ଜାଣି ପାରୁଥାଏ । ମନ ତାଙ୍କର ଦୁର୍ବଳ ହୋଇ ଆସୁଥାଏ । ପରେ ସେ ମୋ ମୁହଁକୁ ନିଜ ହାତରେ ଟେକି ଧରିଲେ ଓ ସାର୍ଟର ଉପର ପକେଟରୁ ମଲ୍ଲୀ ଫୁଲଟିଏ କାଢ଼ି ମୋ ଖୋସାରେ ଗେଞ୍ଜିଦେଲେ । କି ଆମୋଦଦାୟକ ଥିଲା ସେ ମୁହୂର୍ତ୍ତ ।

ଆଜି ମୁଁ କ'ଣ ପାଉଛି ?

ଏମିତି ମୋ ଜୀବନଟା ଗତି କରିଥିଲେ ମୁଁ ବୋଧହୁଏ ସ୍ୱର୍ଗସୁଖ ପାଇଥାନ୍ତି । ତା'ପରେ ତାଙ୍କ କାନ୍ଧ ଉପରକୁ ମୋ ମୁହଁକୁ ଆଉଜେଇ ଆଣିଲେ । ଏ ଦୃଶ୍ୟ ଦେଖିବାକୁ ଜହ୍ନ ବି ଲାଜେଇ ଯାଇଥିଲା ସେଦିନ । ବାଦଲ ଭିତରେ ମୁହଁ ଘୋଡ଼େଇ ଦେଇଥିଲା । ଦେହ ମୋର ଥରିଉଠିଲା । ମୁଁ ଯେମିତି ଉଡ଼ିଉଡ଼ି କେଉଁ ଏକ ଅଜଣା ରାଇଜକୁ ଚାଲିଯାଉଛି ସେମିତି ଅନୁଭବ କଲି । ତାଙ୍କ କାନ୍ଧ ଉପରୁ ମୁହଁ କାଢ଼ିବାକୁ ଇଚ୍ଛା ହେଉ ନ ଥାଏ । ଦୁଇ ତିନିଟି ଚୁମାରେ ସେ ମୋ ଓଠକୁ ଓଦା କରିଦେଲେ ।

ତା'ପରେ ମୋତେ ଆଲିଙ୍ଗନ କଲେ। ପାଣିରେ ଚିନି ମିଶିବା ଭଳି ତାଙ୍କ ଦେହରେ ମୁଁ ମିଶିଗଲି। ଭୋକିଲା ପେଟ ମୋର ପୂରିଗଲା।

ବଡ଼ଯାଆ ଡାକ ପକାଇଲେ। ଆରେ, ଦିଅର ଭାଉଜଙ୍କର ଗପ ଆଜି ସରିବନି କି ? ରାତି ହେଲାଣି। ଖରାଇବାକୁ ଆସ।

ଦୁଇ ଘଣ୍ଟା ଏହା ଭିତରେ ଚାଲି ଯାଇଥିଲା। ତରତର ହୋଇ ତଳକୁ ଚାଲି ଆସିଲୁ, କିନ୍ତୁ ସେ ମୁହୂର୍ତ୍ତଗୁଡ଼ିକ ମୋ ଦେହ ଓ ମନରେ ଛନ୍ଦି ଯାଇଥିଲେ। ଖାଇବସିଲେ ତୋ ଦାଦା। କିଛି ଭୁଲ କଲା ଭଳି ତାଙ୍କ ମୁହଁର ଭାବଭଙ୍ଗୀରୁ ଲାଗୁଥାଏ। ବଡ଼ ଭାଉଜ ମା' ସହିତ ସମାନ। ସେ କିଛି ଭୁଲ କରିଦେଲେ କି ? ନିଜ ଭାଇଙ୍କ ପ୍ରତି ଅନ୍ୟାୟ କଲେ କି ? ଏମିତି କେତେ କ'ଣ ଭାବି ହେଉଥିବେ ନିଶ୍ଚୟ।

ମୋ ମନରେ ଏପ୍ରକାର ଭାବ ନ ଥାଏ। ମୁଁ ଯେମିତି ଫୁଲର ଶେଯରେ ଶୋଇଛି ସେମିତି ଅନୁଭବ କରୁଥାଏ। ଅଳ୍ପ ଖାଇ ଦେଇ ସେ ଥାଳି ପାଖରୁ ଉଠିଗଲେ। ମୋ ମନରେ କିନ୍ତୁ ପ୍ରେମର ଜୁଆର।

ତୋତେ ଆଜି କିଛି ଲୁଚେଇବିନି ମୀନା। ଖୋଲା ମେଲା କରି ଅନ୍ତରକୁ ମୋର ଦେଖେଇ ଦେବାକୁ ମନ ମୋର କହୁଛି।

ଅସୁସ୍ଥ ଦେହରେ ବୋଉ ଯେମିତି ସତେଜ ହୋଇ ଯାଉଥାଏ।

ବୋଉର କଥା ସବୁ ଶୁଣିବା ବେଳେ ମୋ ପାଟିରୁ ଶବ୍ଦଟିଏ ମଧ୍ୟ ସ୍ଫୁରୁ ନ ଥାଏ। ମୋ ନିରବତା ଦେଖି ବୋଉ ପୁଣି କହିଚାଲିଲା, ''ତୁ ମୋତେ ଖରାପ ଭାବୁଛୁ କି ମୀନା। ଏଥିରେ ମୋର ଦୋଷ ନ ଥିଲା। ଏହା ହୋଇପାରେ ମୋ ବୟସର ଦୋଷ।

ମୋ ମନ ତ ସେଦିନ ଧରାଛୁଆଁ ଦେଉ ନ ଥାଏ। ମୁଁ ଯେମିତି ପବନରେ ଉଡୁଛି ସେମିତି ଅନୁଭବ କରୁଥାଏ। ମୋ ମନ ବନ୍ଧା ପଡ଼ିଯାଇଥାଏ ତୋ ଦାଦା

ପାଖରେ । ତରତର ହୋଇ ଯାହା ଖାଇଲି ସେଥିରେ ମୋ ପେଟ ସିନା ପୂରିଗଲା । ଦେହରେ ରହିଯାଇଥିଲା ପ୍ରବଳ କ୍ଷୁଧା । ସମସ୍ତେ ଖାଇସାରିଲା ପରେ ତୋ ବାପା ଶୋଇବା ପାଇଁ ଗଲେ । ତେଲ ଗିନା ଧରି ମୁଁ ପଶିଲି ତୋ ଦାଦାଙ୍କ ରୁମ୍‌କୁ । ଗୋଡ଼ ଘସିଦେବା ଥିଲା ବାହାନା । କିଏ ବା କାହିଁକି ସନ୍ଦେହ କରିବ ।

ବିଛଣାରେ ଶୋଇ ସେ ଛଟପଟ ହେଉଥିଲେ । ମୁଁ ରୁମ୍ ଭିତରେ ପଶିବା ଦେଖି ସେ ବିଛଣାରୁ ଉଠି ବସିପଡ଼ିଲେ । ଡରରେ ବୋଧହୁଏ ସେ ସଡ଼ବଡ଼ ହୋଇ ଯାଇଥିଲେ । ମୁଁ ତାଙ୍କ ପାଖରେ ବସି ପଡ଼ିଲି । ମୋ ଲାଜର ଗଣ୍ଠି ଫିଟି ଯାଇଥିଲା ସନ୍ଧ୍ୟାରୁ । ନିଜ ଛାତିରେ ଜାକି ଧରି ଶହ ଶହ ଚୁମ୍ବନ ଆଙ୍କିଦେଲି ତାଙ୍କ ଗାଲରେ । ଏସବୁ କରିବାର ସୁଯୋଗ ତୋ ବାପାଙ୍କ ପାଖରେ ପାଇ ନ ଥିଲି । ପ୍ରଥମେ ପ୍ରଥମେ ସେ ଟିକିଏ ଛାଡ଼ ଛାଡ଼ ହେଲେ । କିଛି ସମୟ ପରେ ଡର ଭୟ ତାଙ୍କର କେଉଁଆଡ଼େ ଚାଲିଗଲା । ପୁରୁଷତ୍ୱ ତାଙ୍କର ଜାଗି ଉଠିଲା । ଅନ୍ଧାର ଭିତରେ ଜଣେ ଜଣଙ୍କ ଦେହରେ ହଜିଗଲୁ ।

ତା'ପରଦିନ ସେ ଚାଲିଗଲେ ମନିପାଲ । ତାଙ୍କ ରକ୍ତର ସନ୍ତକ ଛାଡ଼ିଗଲେ ମୋ ଗର୍ଭରେ । ତାଙ୍କଠାରୁ ଚିଠି ଖଣ୍ଡିଏ ପାଇବା ପାଇଁ ବ୍ୟାକୁଳ ମୁଁ ହେଉଥାଏ । ସେ କିନ୍ତୁ ଥିଲେ ନିରବ । ତାଙ୍କ ଭୁଲ ପାଇଁ ହୁଏତ ସେ ଅନୁତାପ କରୁଥିବେ । ତା'ପରେ ଯେତେଥର ସେ ଘରକୁ ଆସୁଥିଲେ ମୋ ସହିତ ବେଶୀ କଥାବାର୍ତ୍ତା କରୁ ନ ଥିଲେ । ଜୁଆରରେ ଭଟ୍ଟା ପଡ଼ି ଯାଇଥିଲା । ସବୁ ହୋଇ ଯାଇଥିଲା ସ୍ଥିର । ଅଳ୍ପଦିନ ପରେ ତାଙ୍କର ବାହାଘର ହୋଇଗଲା । ସ୍ତ୍ରୀ କାଳେ ଏସବୁ କଥା ଜାଣିପାରିବ ଭାବି ସେ ମୋ ପାଖରୁ ଛାଡ଼ ଛାଡ଼ ହେଉଥିଲେ । ତାଙ୍କ ସୁଖର ସଂସାର ନଷ୍ଟ କରିବା ପାଇଁ ମୁଁ ମଧ୍ୟ ଚାହୁଁ ନ ଥିଲି । ମୁଁ ମୋ ପାପରେ ଗାଧୋଇ ପଡୁଥିଲି । ଏକଥା କାହାକୁ ବା କହିଥାନ୍ତି ?

ସବୁକଥା ବୋଉଠାରୁ ଶୁଣିଲା ପରେ ମୋ ବାପାର ପରିଚୟ ମୁଁ ପାଇଗଲି । ଶେଷରେ ବୋଉ ତା'ର ଶେଷ ଇଚ୍ଛା ପ୍ରକାଶ କରିଥିଲା, ''ମୁଁ ଯେଉଁଠି ଥିଲେ ମଧ୍ୟ

ଦେଖିବାକୁ ଚାହେଁ ବେଦିରେ ସେ ତୋ ବାପା ହୋଇ ଜ୍ୱାଇଁଙ୍କୁ ତୋତେ ସମର୍ପଣ କରନ୍ତୁ ଏତକ ମୋର ଇଚ୍ଛା।'' ତା'ପରେ ବୋଉ ଶୋଇ ଯାଇଥିଲା ନିଘୋଡ଼ ନିଦରେ । ପାହାଡ଼ର ବୋଝ ଆଜି ତା' ମୁଣ୍ଡକୁ ଓହ୍ଲାଇ ଦେଇଛି । ସେ ଆଜି ବେଶ୍ ହାଲୁକା ଅନୁଭବ କରୁଛି ।

ପ୍ରତିମା ବୋଉ ସିନା ହାଲୁକା ହୋଇଗଲା, ମୋ ମୁଣ୍ଡରେ ପାହାଡ଼ଟା ଲଦି ଦେଲା । କାଲି ରାତିସାରା ଶୋଇ ପାରିଲିନି । ବିଛଣାରରେ ପଡ଼ି ଛଟପଟ ହେଲି ।

ଏକାଦମରେ ସେଦିନ ପ୍ରତିମା ମିନତିର କଥା ଶୁଣି ଯାଇଥିଲା । ସାଙ୍ଗକୁ ସବୁ କହିଦେଇ ଆଜି ମିନତି ହୋଇଯାଇଛି ସିମୂଳି ତୁଳା ଭଳି ହାଲୁକା । କିଛି ଦିନ ପରେ ମିନତିର ବୋଉ ଚାଲିଗଲେ ଆରପାରିକୁ ।

ଆଜି ଦାଣ୍ଡରେ ରହି ରହି ମହୁରି ବାଜୁଛି । ପ୍ରତିମା କାନରେ ସେ ବାଦ୍ୟ ସୃଷ୍ଟି କରୁଛି କାରୁଣ୍ୟ । ସାଙ୍ଗର ଦୁଃଖରେ ମ୍ରିୟମାଣ ହୋଇପଡ଼ିଛି ସେ । ମିନତି ନିଶ୍ଚୟ ଭାବୁଛି ସେ କେମିତି ଏତେବଡ଼ କଥା ଲୋକଲୋଚନକୁ ଆଣିବ । ବୋଉର ଶେଷ ଇଚ୍ଛା ସେ କେମିତି ପୂରଣ କରିବ ? ମିନତି, ଜୀବନରେ ଥରେ ବାହାଘର ଆସେ । ତୁ ବାହାଘରର ସ୍ୱାଦକୁ ଭୁଲି ଯାଆନା । ସବୁ ଈଶ୍ୱରଙ୍କର ଇଚ୍ଛା । ସେ ଚାହିଁଲେ ସବୁ ଠିକ୍ ଠାକ୍ ହୋଇଯିବ ।

ବର ପହଞ୍ଚିଲା ପଟୁଆରରେ । ବାଜା ବାଣରେ ଦାଣ୍ଡ ଉଚ୍ଛୁଳିଲା । ବରଯାତ୍ରୀଙ୍କ ଚର୍ଚ୍ଚାରେ ଲାଗିପଡ଼ିଲେ ମିନତିର ବାପା । ଲୋକ ଗହଳି ଭିତରେ ସେ ମିଳିଲେନି । ମଠା ଧୋତି ପିନ୍ଧି ମିନତିର ଦାଦା ବାଟବରଣ କରୁଥିବାର ପ୍ରତିମା ଦେଖିଲା ।

◆◆◆

# ଭୁଲ କେଉଁଠି !!!

ତୁମେ କ'ଣ ଆଜି ଉଠିବନି କି ? ଦିନପରା ୧୦ଟା ହେଲାଣି । ଆଜି ବୋଧହୁଏ ତୁମର ବାହାରକୁ ଯିବାର ନାହିଁ । ଘର ଚଳିବ କେମିତି ? ଗତମାସର ଘରଭଡ଼ା ଦିଆଯାଇନି । ଘରମାଲିକ ସହୃଦୟ ବ୍ୟକ୍ତିଟିଏ ବୋଲି କିଛି କହୁ ନାହାନ୍ତି । ଆଉ କିଏ ହୋଇଥିଲେ ଘର ଛାଡ଼ିବା ପାଇଁ ନୋଟିସ୍ ଦେଇ ସାରନ୍ତାଣି । ଘରଭଡ଼ା ଦେବାରେ ଏମିତି ହଚ୍‌ପଚ୍ କଲେ କିଏ କେତେଦିନ ରହିବା ପାଇଁ ଘର ଦେବ ? ପ୍ରୀତିର ଏସବୁ କଥା ସ୍ୱାଧୀନ ଆଖି ମିଞ୍ଜି ମିଞ୍ଜି କରି ଶୁଣି ଯାଉଥାଏ । ବିଛଣା ଛାଡ଼ିବାର ନାଆଁ ଗନ୍ଧ ଧରୁ ନଥାଏ ।

ସ୍ୱାଧୀନର ଏମିତି ନିର୍ବିକାର ଭାବ ଦେଖି ବିବ୍ରତ ହୋଇ ପଡ଼ିଲା ପ୍ରୀତି । ପୁଣି ଗରଗର ହୋଇ କହିଚାଲିଲା, ''ଦୋକାନଟିଏ କଲ ଯେ, ଠିକ୍ ଭାବରେ ଦେଖାଶୁଣା କରୁନ । ବିକାବିକି କରୁଥିବା ପିଲାଟି ପଇସା ମାରି ଖାଇ ଯାଉଥିବ ।'' ପ୍ରୀତିର ଏତେସବୁ କଥା ଶୁଣି ସ୍ୱାଧୀନ ଉଁ ଚୁଁ ନ କହି କର ଲେଉଟାଇ କମଳ ଭିତରେ ଉଷୁମ ଟାଣିଲା । ପ୍ରୀତିର ମୁହଁରେ ବିରକ୍ତିର ଭାବ ଫୁଟି ଉଠିଲା । ଭାଗ୍ୟକୁ ନିନ୍ଦିବା ଛଡ଼ା ସେ ବା କ'ଣ କରିଥାନ୍ତା ।

ସ୍ୱାଧୀନକୁ ପ୍ରୀତି ଭଲ ପାଇ ବିବାହ କରିଥିଲା । ଦୁଇଜଣ କଲେଜରେ ଗୋଟିଏ ଶ୍ରେଣୀରେ ପଢୁଥିଲେ । ଦିନେ ସନ୍ଧ୍ୟାରେ କଲେଜ ଡ୍ରାମା ଦେଖିବା ବେଳେ ଦୁଇଜଣ ପାଖାପାଖି ବସିଥିଲେ । ଆଗରୁ ପ୍ରୀତିକୁ ଏତେ ପାଖରେ ସ୍ୱାଧୀନ ପାଇ ନ ଥିଲା । ବାରୁଦ ପାଖରେ ନିଆଁ ରଖିଦେଲେ ପରିଣତି ଯାହା ହୁଏ ସ୍ୱାଧୀନର ପରିଣତି ସେଦିନ ସନ୍ଧ୍ୟାରେ ଠିକ୍ ତାହା ହିଁ ହୋଇଥିଲା । ପ୍ରୀତି ଦେଖିବାକୁ ଯେମିତି

ସୁନ୍ଦର ଥିଲା ସ୍ୱଭାବ ମଧ ତା'ର ଥିଲା ସେମିତି ଖୁବ୍ ଉଚ୍ଚକୋଟୀର । କଲେଜରେ ସମସ୍ତଙ୍କ ସହିତ ବେଶ୍ ଭଲ ଭାବରେ ମିଶୁଥିଲା ସେ । ଅନେକ କାର୍ଯ୍ୟକ୍ରମରେ ଭାଗ ନେଉଥିଲା । କିନ୍ତୁ ତା' ବଳିଷ୍ଠ ବ୍ୟକ୍ତିତ୍ୱ ଦେଖି କେହି ତା' ପ୍ରତି ଅସଦାଚରଣ କରୁ ନ ଥିଲେ । ବରଂ ଶିକ୍ଷକଙ୍କଠାରୁ ଆରମ୍ଭ କରି ସାଙ୍ଗ ସାଥୀଙ୍କର ସେ ଥିଲା ଆଦରଣୀୟା ।

କିଛି ସମୟ ଡ୍ରାମା ଦେଖିବା ପରେ ସ୍ୱାଧୀନ ମନରେ ପ୍ରେମ କ୍ଷୁଧା ଉଙ୍କି ମାରିଲା । ଡ୍ରାମା ଦେଖିବାରେ ମନ ତା'ର ରହିଲାନି । ପ୍ରୀତିକୁ କେମିତି ଦୁଇପଦ କଥା କହିବ ତାହା ବାରମ୍ବାର ଭାବି ହେଉଥାଏ । ଡ୍ରାମା କ୍ରମଶଃ ସରି ସରି ଆସିଲା । ନିଜକୁ ସ୍ୱାଧୀନ ସଞ୍ଜମ କରିପାରିଲାନି । ଏତେ ପାଖରେ ସେ ପ୍ରୀତିକୁ ପାଇଛି । ଅନେକ ସାହସ ବାନ୍ଧି ଦୁଇ ପଦ କଥା ସିନା ହୋଇପାରିଲାନି, ହେଲେ ଆସ୍ତେ ଆସ୍ତେ ପ୍ରୀତି ପାଖକୁ ଘୁଞ୍ଚି ଆସିଲା ଏବଂ ତା' ହାତରେ ମୃଦୁ ସ୍ପର୍ଶ ଦେଲା । ପ୍ରୀତିର ବଳିଷ୍ଠ ବ୍ୟକ୍ତିତ୍ୱ ଏଠାରେ ହାର ମାନି ଯାଇଥିଲା । ପୁରୁଷ ଓ ସ୍ତ୍ରୀର ସ୍ପର୍ଶ ତ ସବୁବେଳେ ସ୍ୱାଗତ ହୋଇଥାଏ । ସ୍ୱାଧୀନର ସ୍ପର୍ଶ ସେଦିନ ପ୍ରୀତିକୁ ଖୁବ୍ ଭଲ ଲାଗିଥିଲା । ଏହା ହୋଇପାରେ ବୟସର କ୍ଷୁଧା ।

ପ୍ରୀତି ଆସ୍ତେ ଆସ୍ତେ ସ୍ୱାଧୀନର ଖୁବ୍ ନିକଟ ହୋଇ ଯାଇଥିଲା । ଏହାପରେ ଡ୍ରାମା ଉପରେ ସେମାନଙ୍କର ନଜର ନଥିଲା । ଜଣେ ଜଣଙ୍କ ଭିତରେ ହଜି ଯାଇଥିଲେ । କାହାରି ମୁହଁରେ ନ ଥିଲା ଶବ୍ଦ । ସେଦିନର ସନ୍ଧ୍ୟା ଦୁଇଜଣଙ୍କର ଥିଲା ଅପାସୋରା ।

କିଛି ଦିନ ଭିତରେ ସେମାନଙ୍କ ସମ୍ପର୍କ ବେଶ୍ ବଢ଼ି ଯାଇଥିଲା । ଭଲ ପାଇବାରେ ଥାଏ ପ୍ରେମ ଓ ସ୍ନେହର ଏକ ଫେଣ୍ଟାଫେଣ୍ଟି ନିଶା । ଦୁହେଁ ଦୁଇଜଣଙ୍କୁ ନ ଦେଖିଲେ ଅସ୍ଥିର ହୋଇ ଯାଉଥିଲେ । ବି.ଏ. ପାସ୍ କଲା ପରେ ଦୁଇଜଣ ବିବାହ କରିବାକୁ ମନସ୍ଥ କଲେ । ସ୍ୱାଧୀନ ମନଖୋଲି ମା'ଙ୍କୁ ସବୁକଥା କହିଥିଲା । ଏକମାତ୍ର ସନ୍ତାନ ସ୍ୱାଧୀନ । ତା' ଇଚ୍ଛା ବିରୋଧରେ ଯିବା ପାଇଁ ବାପା ମା ଚାହିଁଲେନି । ପ୍ରୀତି ବାପାଙ୍କୁ ସେମାନେ ବିବାହ ପ୍ରସ୍ତାବ ଦେଇଥିଲେ ।

ବି.ଏ. ପାସ୍ କଲାପରେ ଦୁଇଜଣଙ୍କର ବାହାଘର ହୋଇ ଯାଇଥିଲା। ବିବାହର କିଛି ଦିନ ପରେ ବାପା ମାଙ୍କ ପାଖରେ ରହି ସେମାନଙ୍କ ପଇସାରେ ଚଳିବାକୁ ଦୁଇଜଣ ପସନ୍ଦ କଲେ ନାହିଁ। ବି.ଏ. ପଢ଼ା ପିଲାକୁ କେଉଁ ଚାକିରି ବା ମିଳିବ ? ତେଣୁ ସେମାନେ ସହରକୁ ଚାଲିଆସିଲେ ଏବଂ ସେଠାରେ ଦୋକାନଟିଏ କଲା ସ୍ୱାଧୀନ।

ଦୁଇଜଣ ପରସ୍ପରକୁ ଏତେ ଭଲ ପାଉଥିଲେ ଯେ ଦୈନନ୍ଦିନ ଅଭାବ ପ୍ରୀତିକୁ କିଛି ଖରାପ ଲାଗିଲାନି। ଦୁଇଜଣ ଯେନତେନ ପ୍ରକାରେ ଚଳିଗଲେ।

ପାଖରେ ଅର୍ଥ ନ ଥାଇ ମଧ୍ୟ ସ୍ୱାଧୀନ ସବୁବେଳେ ଥାଏ ଉଚ୍ଚାଭିଳାଷୀ। ତେଣୁ ଦୋକାନ କରି ଚଳିବାଟା ସେ ଆନ୍ତରିକ ଭାବରେ ଗ୍ରହଣ କରିପାରୁ ନ ଥିଲା। ଦୋକାନ ଉପରେ ବେଶୀ ନଜର ଦେଇ ପାରୁ ନ ଥିଲା ସେ। ପ୍ରତ୍ୟେକ ଦିନ ଥାଏ ତା'ର ନୂଆ ନୂଆ ଯୋଜନା। କିନ୍ତୁ କୌଣସି ଯୋଜନାକୁ ସେ କାର୍ଯ୍ୟକାରୀ କରିପାରେନି। ଏବେ ପ୍ରୀତି ଖୁବ୍ ବିବ୍ରତ। କେମିତି ସେ ଘର ଚଳାଇବ ? ଘର ମାଲିକଙ୍କୁ କେମିତି ଭଡ଼ା ଦେବ ? ଟିକିଏ ଜଣାଶୁଣା ଲୋକ ବୋଲି ସେ ମାସ ପୂରିଗଲେ ଭଡ଼ା ମାଗୁନାହାନ୍ତି। ୨/୩ ମାସ ବିତି ଯାଇଥିଲେ ମଧ୍ୟ ଭଡ଼ା ଦିଆଯାଇ ପାରୁନି। ତଥାପି ସ୍ୱାଧୀନର ଖାମ୍ ଖିଆଲି ଗୁଣ ଛାଡୁନି।

ଘରର ପରିସ୍ଥିତି ଦିନକୁ ଦିନ ଖରାପ ଆଡ଼କୁ ଯାଉଛି। କେତେ ବା ପ୍ରୀତି ସ୍ୱାଧୀନକୁ ସବୁ କଥା ବୁଝେଇବ ? ମନଟା ତା'ର ଧୀରେ ଧୀରେ ଝାଉଁଳି ପଡୁଛି। ଅଭାବ ଆଗକୁ ଆଗକୁ ପାଦ ପକାଉଛି ସିନା ପଛକୁ ପାଦ ପକାଇବାର କୌଣସି ସୂଚନା ପ୍ରୀତି ପାଉନି।

ଅନେକ ଭାବିଚିନ୍ତି ପ୍ରୀତି ଛୋଟ ଛୋଟ ପିଲାଙ୍କୁ ଟ୍ୟୁସନ କରିବା ଆରମ୍ଭ କରିଛି। ପ୍ରୀତିର ସ୍ୱଭାବ ଖୁବ୍ ଭଲ। ପିଲାମାନଙ୍କୁ ମନ ଦେଇ ପଢ଼ାଏ ସେ। ସ୍ନେହ ଆଦର ମଧ୍ୟ କରେ। ବାପା ମା'ମାନେ ପିଲାମାନଙ୍କୁ ନେବାକୁ ଆସିଲେ ପ୍ରୀତିର ପିଲାମାନଙ୍କ ପ୍ରତି ବ୍ୟବହାରରେ ସନ୍ତୁଷ୍ଟ ହୁଅନ୍ତି। ତା'ର ପାଠ ପଢ଼ାଇବାର

ଶୈଳୀ ମଧ୍ୟ ଖୁବ୍ ଉନ୍ନତ ଧରଣର । ଆଜିକାଲି ଭଲ ଟ୍ୟୁସନ୍ ମାଷ୍ଟରଟିଏ ମିଳିବା କଷ୍ଟକର । ନିଜ ବ୍ୟବହାରରେ ମଣିଷ କିଣିପାରେ ଅନ୍ୟର ହୃଦୟ । ପ୍ରୀତି ଭଳି ଶିକ୍ଷକ ପାଇ ସେମାନେ ଖୁବ୍ ଖୁସୀ । ଆସ୍ତେ ଆସ୍ତେ ଆଖପାଖ ପିଲାମାନେ ପ୍ରୀତି ବିଷୟରେ ଶୁଣି ତା' ପାଖକୁ ପଢ଼ିବାକୁ ଆସିଲେ । ଏବେ ପିଲାସଂଖ୍ୟା ୧୮ରେ ପହଞ୍ଚିଲାଣି । କିଏ ଠିକ୍ ସମୟରେ ଟ୍ୟୁସନ୍ ଦରମା ଦେଉ କି ନ ଦେଉ ପ୍ରୀତିର ଏଥିପ୍ରତି ନଜର ନ ଥାଏ । ପାଠ ପଢ଼ାଇବାର ନିଶାରେ ସେ ସବୁ ଦୁଃଖ ଭୁଲିଯାଏ । ଛୋଟ ଛୋଟ ପିଲାମାନଙ୍କଠାରୁ ସେ ପାଏ ଅଜସ୍ର ଆନନ୍ଦ । ଟ୍ୟୁସନ ସହିତ ଘରର ଯାବତୀୟ କାର୍ଯ୍ୟ ତାକୁ ବାଧେ ନାହିଁ ।

ଆମ ସମାଜ ସ୍ତ୍ରୀର ଭଲ ମନ୍ଦ ପ୍ରତି ଧ୍ୟାନ ଦିଏନି । ସ୍ତ୍ରୀ ହେଉଛି ସର୍ବଂସହା । ତେଣୁ ସବୁ ଦୁଃଖକଷ୍ଟକୁ ସେ ମୁଣ୍ଡପାତି ସହିନିଏ । ପରିବାରକୁ ସେ ନିଜର ବୋଲି ଭାବେ । ପରିବାରର ଭଲ ମନ୍ଦରେ ତା' ଆଖିରୁ ନିଦ ହଜିଯାଏ । ସେ ପାଲଟିଯାଏ ପୋଖରୀ ତୁଠର ପଥର । ସହିବାର ସୀମା ଟପିଗଲେ ସେ ହାହୁତାଶ ଭିତରେ ବଞ୍ଚେ । ବଞ୍ଚିବା ଭିତରେ ସେ ପ୍ରତି ମୁହୂର୍ତ୍ତରେ ମରୁଥାଏ । ପ୍ରୀତିର ଅବସ୍ଥା ଆଜି ସେମିତି । ଦିନରେ ପିଲାମାନଙ୍କ ସହିତ ସମୟ କଟାଇ ଦିଏ । ତା' ମନକୁ କୌଣସି ଦୁଃଶ୍ଚିନ୍ତା ସ୍ପର୍ଶ କରିପାରେନି । ପିଲାମାନେ ଚାଲିଗଲା ପରେ ସେ ହାଣ୍ଡି ଲୁଣ ସଂସାରକୁ ଫେରିଆସେ । ତା' ଉପରେ ସଂସାରଟା ଲଦି ହୋଇଯାଏ । ଟ୍ୟୁସନ୍‌ରୁ କେତେ ବା ଟଙ୍କା ସେ ରୋଜଗାର କରୁଛି । ଘର ଚଳାଇବାକୁ ତାକୁ କଷ୍ଟକର ହୋଇ ପଡୁଛି ।

ପ୍ରତ୍ୟେକ ପୁରୁଷ ବେକାର ହୋଇଗଲା ପରେ କେମିତି ଏକ ଖାପଛଡ଼ା ଭାବ ଦେଖାଇ ଥାଆନ୍ତି । ଅର୍ଥ ହିଁ ପୁରୁଷର ଦମ୍ଭ । ସ୍ୱାଧୀନ ଦୋକାନଟିକୁ ଭଲରେ ଚଳାଇ ପାରୁନି ବୋଲି ଦୁଇ ପଇସା ପାଖକୁ ତା'ର ଆସି ପାରୁନି । ତେଣୁ ସେ ବେକାର ହୋଇଗଲା ଭଳି ଅନୁଭବ କରୁଛି । ନିଜେ ରୋଜଗାର ନ କରି ସ୍ତ୍ରୀ ଅର୍ଥରେ ଚଳୁଛି ବୋଲି ନିଜକୁ ଛୋଟ ମନେ କରୁଛି । ଏଥିରୁ ଜନ୍ମ ହେଉଛି ଚିଡ଼ିଚିଡ଼ା ଭାବ, ଅଯଥାରେ ଯୁକ୍ତିତର୍କ । ଦିନେ ଯେ ସେ ପ୍ରୀତିକୁ ନିଜର କରିବା

ପାଇଁ ପାଗଳ ଭଳି ହେଉଥିଲା ତାହା ସେ ଅଭାବ ଭିତରେ ଭୁଲିଗଲାଣି । ଅଭାବରୁ ସ୍ୱଭାବ ତା'ର ନଷ୍ଟ ହୋଇଯାଇଛି । ପ୍ରୀତିର ପ୍ରତ୍ୟେକ କଥାକୁ ସେ ସହିପାରୁନି । ସ୍ନେହ ଶ୍ରଦ୍ଧା ତ ଦୂର କଥା ଅଯଥା କଥାରେ ସେ ପ୍ରୀତିକୁ କଷ୍ଟ ଦେଉଛି ।

ଦୋକାନରେ ବସି କିଛି ଅର୍ଥ ଉପାର୍ଜନ କରିବା କଥା ସ୍ୱାଧୀନ ଭୁଲିଗଲାଣି । ଥରେ ଗୋଟିଏ କାମରୁ ଦୂରେଇ ଗଲେ ଆଉ ତା' ଭିତରେ ପଶିବାକୁ ଇଚ୍ଛା ହୁଏନି । ପିଲାଟିଏ ଦୋକାନରେ ବସେଇଦେଇ ଘରେ ରହିଥାଏ ସ୍ୱାଧୀନ । ମନରେ ତା'ର ଅଳନ୍ଦୁ ବସା ବାନ୍ଧିଥାଏ । ତେଣୁ ଦିନସାରା ପ୍ରୀତିର ପ୍ରତ୍ୟେକ କଥା ଓ କାର୍ଯ୍ୟକୁ ସମାଲୋଚନା କରୁଥାଏ ।

ପ୍ରତ୍ୟେକ ସ୍ତ୍ରୀ ଚାହେଁ ସ୍ୱାମୀ ତା'ଠାରୁ ଉଚ୍ଚରେ ରହନ୍ତୁ । ଭଲ ମନ୍ଦ ପାଇଁ ସେ ନିଶ୍ଚିନ୍ତ ରହୁ । ସ୍ୱାମୀଠାରୁ ସବୁବେଳେ ଚାହେଁ ଟିକିଏ ସୁଖ । ସ୍ୱାଧୀନ ସୁଖ ଦେବା ତ ଦୂରର କଥା ବରଂ ତା' ଉପରେ ବୋଝଟିଏ ହୋଇ ରହିଥାଏ ।

ବେଳେବେଳେ ସ୍ୱାଧୀନର ବ୍ୟବହାରରେ ଭାଙ୍ଗିପଡ଼େ ପ୍ରୀତି । କେତେ ସେ ସହିବ ? ଶିକ୍ଷକତା କରୁଛି ବୋଲି ସମାଜରେ ତା'ର ସମ୍ମାନ ଅଛି । ଘରେ ବେଇଜତ୍ ହେବାଟା ତାକୁ ବାଧେ । ଏଇ ଲମ୍ବା ରାସ୍ତାରେ ଚାଲୁ ଚାଲୁ ପାଦ ତା'ର ଶିଥିଳ ହୋଇଯାଆନ୍ତା କି, ସେଇଠି ଜୀବନଟା ଅଟକି ଯାଆନ୍ତା କି — ଏମିତି ଉଦ୍ଭଟ ଭାବନା ତା' ମନକୁ ବାରମ୍ବାର ଆସେ । ନିଜ ଦୁଃଖକୁ କାହାକୁ କହିପାରେନି ବୋଲି ମନେ ମନେ ବହୁତ କଷ୍ଟ ପାଏ । ଲୁଚି ଲୁଚି ଆଖିରୁ ତତଲା ଲୁହ ବୁହାଇ ଦିଏ । ଯେତେ ଚାପି ରଖିଲେ ମଧ୍ୟ ଅନ୍ତରର ଦୁଃଖ ମୁହଁରେ ଫୁଟି ଉଠେ । ଟ୍ୟୁସନ୍ ହେବାକୁ ଆସୁଥିବା ପିଲାମାନଙ୍କର ବାପା ମା ଟୁପୁର ଟାପର ହୁଅନ୍ତି । ବୋଧହୁଏ ମାଡ଼ାମଙ୍କର କିଛି ଅସୁବିଧା ଅଛି ବୋଲି ଭାବନ୍ତି । କିନ୍ତୁ ପ୍ରୀତିର ବଳିଷ୍ଠ ବ୍ୟକ୍ତିତ୍ୱ ସାମନାରେ କିଛି ପଚାରିବାକୁ ସାହସ କରନ୍ତିନି । ବୁଲେଇ ବଙ୍କେଇ ଯାହାକିଛି ପ୍ରଶ୍ନ କଲେ ମଧ୍ୟ ଆଶାନୁରୂପ ଉତ୍ତର ପାଆନ୍ତି ନାହିଁ ପ୍ରୀତିଠାରୁ ।

ପ୍ରୀତିର ଟ୍ୟୁସନ୍ ପରେପରେ ଦିନେ ହଠାତ୍ ମେଘ ଅସରାଏ ହୋଇଗଲା। ଯିଏ ଯେମିତି ଓଦା ହୋଇ ପିଲାମାନଙ୍କୁ ନେଇ ଚାଲିଗଲେ। ସୁକାନ୍ତର ବାପା ବିପିନବାବୁ ଯାଇ ପାରିଲେନି ବର୍ଷା ଯୋଗୁଁ। ସୌଜନ୍ୟ ଦୃଷ୍ଟିରୁ ପ୍ରୀତି ତାଙ୍କୁ ଡ୍ରଇଂରୁମ୍‌ରେ ବସିବାକୁ କହିଥିଲା। କ୍ରମଶଃ ବର୍ଷା ବଢ଼ିବାକୁ ଲାଗିଲା। ଢୋଢୋ ଘଡ଼ଘଡ଼ି ସହିତ ଚକ୍‌ଚକ୍ ବିଜୁଳି। ବିପିନବାବୁ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେ। କେମିତି ଏ ବର୍ଷାରେ ଅନ୍ଧକାର ରାସ୍ତାରେ ପୁଅକୁ ନେଇଯିବେ ?

ବିପିନ ବାବୁଙ୍କର ଏଇ ପୁଅଟି ଏକମାତ୍ର ସନ୍ତାନ। ଏକଇର ବଳା ବିଶିକେସନ। ପାଞ୍ଚ ବର୍ଷ ତଳେ ସ୍ତ୍ରୀ କର୍କଟ ରୋଗରେ ଆରପାରିକୁ ଚାଲି ଯାଇଛନ୍ତି। ଛାଡ଼ି ଯାଇଛନ୍ତି ତାଙ୍କ ସନ୍ତକ ବିପିନବାବୁଙ୍କ ପାଖରେ। ବିପିନବାବୁ ସୁକାନ୍ତର ବାପା ଓ ମାଙ୍କ କାର୍ଯ୍ୟ କରନ୍ତି। ତା'ରି ମୁହଁରେ ସେ ଦେଖନ୍ତି ସ୍ତ୍ରୀ ସଲୀଳାକୁ। ସଲୀଳାକୁ ବଞ୍ଚେଇବା ପାଇଁ ସେ ଅନେକ ଚେଷ୍ଟା କରିଥିଲେ। ବମ୍ବେରେ ବଡ଼ ବଡ଼ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରିଥିଲେ। କର୍କଟ ଯେ ଏକ ମାରାତ୍ମକ ବ୍ୟାଧି ଏବଂ ଏହି ରୋଗରୁ ଭଲ ହେବା କଷ୍ଟକର ଜାଣି ମଧ ପ୍ରାଣ ମୂର୍ଚ୍ଛା ଚେଷ୍ଟା କରିଥିଲେ। ମୃତ୍ୟୁ ତ ନିଶ୍ଚିତ ଭାବରେ ସମସ୍ତଙ୍କ ଦୁଆର ସ୍ପର୍ଶ କରେ। ତଥାପି ମଣିଷ ଯୁଦ୍ଧ କରି ଚାଲେ ତା' ସହିତ। ମୃତ୍ୟୁକୁ ଦୂରେଇ ଦେବାକୁ ଚେଷ୍ଟା କରେ। ମୃତ୍ୟୁ କିନ୍ତୁ ତା' ସମୟକୁ ଜଗିଥାଏ। ଠିକ୍ ସେହି ସମୟ ଆସିଲେ ନିରୀହ ମଣିଷକୁ ଆପଣେଇ ନିଏ। ସେମିତି ଘଟିଥିଲା ସଲୀଳାଙ୍କ ଜୀବନରେ। ଏ ଜଗତରୁ ବିଦାୟ ନେବାଦିନ ବିପିନ୍‌ବାବୁଙ୍କ ହାତ ଧରି କ'ଣ କହିବା ପାଇଁ ଚେଷ୍ଟା କରିଥିଲେ, କିନ୍ତୁ କହି ପାରି ନ ଥିଲେ। ସ୍ୱାମୀ ଓ ପୁଅ ରହିଗଲେ କେତେ ପଛରେ। ସଲୀଳା ଆଗେଇଗଲେ ଆଗକୁ ଆଗକୁ।

ସେହି ଦିନରୁ ବିପିନ୍‌ବାବୁ ପୁଅକୁ ନେଇ ଏକ ନିଃସଙ୍ଗ ଜୀବନ ବିତେଇ ଆସୁଛନ୍ତି। ଅତି ଭଦ୍ର ଲୋକଟିଏ ସେ।

''ମାଡ଼ାମ୍! ମୁଁ ଏ ବର୍ଷାରେ ଆପଣଙ୍କ ଘରୁ ଯାଇ ପାରୁନି, ଅପେକ୍ଷା କରିବାକୁ ପଡ଼ିବ। ଆପଣଙ୍କର କିଛି ଅସୁବିଧା ନାହିଁ ତ ?'' ପ୍ରୀତି ଭଦ୍ରତା ସହ

''ନାଁ'' କହି ଚୁପ୍ ରହିଲା।  ବିପିନ ବାବୁଙ୍କର ଏହି ପଦଟିଏ କଥା ଏତେ ନରମ ଥିଲା ଯେ ତାହା ପ୍ରୀତିକୁ ଖୁବ୍ ଭଲ ଲାଗିଲା। ସତେ ଯେମିତି କଥା ପଦକ ତା' ଶିରା ପ୍ରଶିରାରେ ଖେଳିଗଲା। ଭଦ୍ରତା ଦୃଷ୍ଟିରୁ ସେ ମଧ୍ୟ ସେହି ଡ୍ରଇଂରୁମ୍‌ରେ କିଛି ସମୟ ବିପିନବାବୁଙ୍କ ସହିତ ବସି ରହିଲା। ତା' ମନ ଭିତରେ ଅନେକ କଥା ଗୁଡ଼େଇ ତୁଡ଼େଇ ହେଉଥାଏ। ଏମିତି ନରମ କଥା ସେ ଆଜିକାଲି ସ୍ୱାଧୀନଠାରୁ ଶୁଣୁ ନାହିଁ। ଟିକିଏ କଅଁଳିଆ କଥା ସ୍ୱାମୀଠାରୁ ଆଶା କରିବା କ'ଣ ଭୁଲ ? ଠୋଠା କଥାଶୁଣି ଶୁଣି ସେ ମଧ୍ୟ ନିଜକୁ ପଥର କରି ଦେଲାଣି।

କିଛି ସମୟ ପାଇଁ ଡ୍ରଇଂରୁମ୍‌ଟି ଚୁପ୍‌ଚାପ୍ ରହିବା ପରେ ପ୍ରୀତି ବିପିନବାବୁଙ୍କୁ ତାଙ୍କ ପୁଅ ସୁକାନ୍ତ ବିଷୟରେ ପଚାରିଲା। ''ସୁକାନ୍ତର ଫେରିବା ଡେରି ଦେଖି ମା ନିଶ୍ଚୟ ବ୍ୟସ୍ତ ହୋଇଯିବେଣି। ସୁକାନ୍ତର ଘର ପଢ଼ା ମା' ଦେଖନ୍ତି ନାନା ଆପଣ ଦେଖନ୍ତି, ଇତ୍ୟାଦି ଇତ୍ୟାଦି।'' ବିପିନବାବୁ ପ୍ରୀତିର ସବୁ ପ୍ରଶ୍ନ ଶୁଣିଗଲେ। ସୁକାନ୍ତ ମଧ୍ୟ ଚୁପ୍‌ଚାପ୍ ବସିଥାଏ। ଖୁବ୍ ଚାପା ସ୍ୱରରେ ବିପିନବାବୁ କହିଥିଲେ, ''ସୁକାନ୍ତର ମା' ପାଞ୍ଚବର୍ଷ ହେଲା ମୋ ଉପରେ ତା' ଦାୟିତ୍ୱ ଦେଇ ଆରପାରିକୁ ଚାଲି ଯାଇଛନ୍ତି। ପ୍ରୀତି ଏମିତି ଏକ ଉତ୍ତର ପାଇବ ବୋଲି ଭାବି ନ ଥିଲା। ସତେ ଯେମିତି ଆକାଶଟା ତା' ଉପରେ ଛିଡ଼ି ପଡ଼ିଲା। ବାହାରର ଘଡ଼ଘଡ଼ି ଶବ୍ଦ ଓ ବିଜୁଳି ଆଲୁଅ ତା' କୋଠରିକୁ ଯେମିତି ପଶି ଆସିଲେ।

ବିପିନବାବୁ ସୁକାନ୍ତର ମା ଓ ବାପା ଉଭୟ ଦାୟିତ୍ୱ ତୁଲାଉଛନ୍ତି। ଏତେ ବଡ଼ ଦାୟିତ୍ୱ ଦେଇ ସ୍ତ୍ରୀ ଚାଲି ଯାଇଛନ୍ତି। ତଥାପି  ସେ ଧୈର୍ଯ୍ୟହରା ହୋଇ ନାହାନ୍ତି। ସବୁକାମ ସେ ସୁରୁଖୁରରେ କରିପାରୁଛନ୍ତି। ତାଙ୍କ ସ୍ୱରର କୋମଳତାକୁ ସେ ହରେଇ ନାହାନ୍ତି। ପ୍ରତ୍ୟେକ ମଣିଷ ଅନ୍ୟଠାରୁ କିଛି ଶିଖିବାର ଅଛି। ଅନେକଥର ପ୍ରୀତି ଏହି ଉକ୍ତିଟି ସ୍ୱାଧୀନକୁ କହିଛି। ଅନ୍ୟର ଉଦାହରଣରେ ସ୍ୱାଧୀନ ଚିହିଁକି ଉଠେ। ହୁଏତ ଏହା ତାହାର ହୀନମନ୍ୟତା ହୋଇପାରେ।

ପ୍ରୀତି ସ୍ୱାଧୀନକୁ ଦଶ ବର୍ଷ ହେଲା ବିବାହ କଲେ ମଧ୍ୟ ସନ୍ତାନ ମୁହଁ ଦେଖିନାହିଁ। ପିଲାଟିଏ ପାଇଁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି। ସେ କିନ୍ତୁ ଦୁର୍ବଳା

ନୁହଁ । ନିଜର ନ ହେଲେ ବି ଦୁନିଆରେ ତ ଅନେକ ପିଲା ଅଛନ୍ତି । ସେମାନଙ୍କୁ ନିଜର କରିପାରିଲେ ସେଥିରୁ ସେ ଆନନ୍ଦ ପାଇପାରିବ ବୋଲି ଭାବେ । ନିଜ ଓ ପର ଭିତରେ ପ୍ରଭେଦ ସେ ଦେଖେନି । ସମସ୍ତେ ତ ଈଶ୍ୱରଙ୍କର ବରଦାନ ।

ବିପିନବାବୁଙ୍କ କଥା ଶୁଣି ସେ କାହିଁକି କେଜାଣି, ଦରଦୀ ହୋଇ ଉଠିଲା । ଏତେବଡ଼ ଦୁନିଆରେ ସୁକାନ୍ତ ମାତୃହରା ହୋଇ ରହିବ କାହିଁକି ? ସୁକାନ୍ତକୁ ମଣିଷ କରିବ ବୋଲି ମନେ ମନେ ଠିକ୍ କରିନେଲା । ବର୍ଷା କ୍ରମଶଃ କମିଆସିଲା । ପ୍ରୀତି ଆଜି ଏକ ସିଦ୍ଧାନ୍ତରେ ପହଞ୍ଚି ଥିବାରୁ ଟିକିଏ ଆଶ୍ୱସ୍ତ ହୋଇଗଲା । ବିପିନବାବୁଙ୍କ ସହ ଆଉ ଦୁଇ ଚାରି ପଦ କଥା ହେବାକୁ ଚାହୁଁଥିଲେ ମଧ୍ୟ ପରିସ୍ଥିତି ଦୃଷ୍ଟିରୁ ତାଙ୍କୁ ନମସ୍କାର ଜଣାଇ ବିଦାୟ ଦେଲା ।

ସେଦିନ ରାତିସାରା ପ୍ରୀତି କେମିତି ଏକ ଅସ୍ୱସ୍ତି ଅନୁଭବ କଲା । ଆଖିରୁ ତା'ର ନିଜ ହଜିଗଲା । ବର୍ଷା ଛାଡ଼ି ଯାଇଥିଲେ ମଧ୍ୟ ମଝିରେ ମଝିରେ ବିଜୁଳି ଓ ଘଡ଼ଘଡ଼ି ମାରୁଥାଏ । ସେହି ବିଜୁଳି ଆଲୁଅରେ ସେ ବିପିନ ବାବୁଙ୍କର ଶୁଖିଲା ମୁହଁଟି ଦେଖି ପାରୁଥାଏ ।

କେଡ଼େ ଦୁଃଖୀ ସତେ ବିପିନବାବୁ । ଏମିତି ଭଦ୍ର ବ୍ୟକ୍ତିଙ୍କୁ କାହିଁକି ଏମିତି ନିଃସଙ୍ଗତା ଭିତରକୁ ଠେଲିଦେଲେ ପ୍ରଭୁ । କେତେ ଗୁରୁଦାୟିତ୍ୱ ଆଜି ତାଙ୍କ ମୁଣ୍ଡରେ । କିନ୍ତୁ ଟିକିଏ ଦାୟିତ୍ୱ ନେବାକୁ ତା' ସ୍ୱାମୀ ଚାହୁଁନାହାନ୍ତି । ଏଇତ ମଣିଷ ମଣିଷ ଭିତରେ ପାର୍ଥକ୍ୟ । ପ୍ରଭୁ, ତୁମେ ତ ସାରା ଦୁନିଆକୁ ସନ୍ତୁଳିତ କରି ରଖିଛ । କିନ୍ତୁ ଏ ପାର୍ଥକ୍ୟ ପୁଣି କାହିଁକି ? ବିପିନବାବୁଙ୍କ ଭଳି ସୁନ୍ଦର ସରଳ ମନର ଲୋକଟିକୁ କଠୋର ଦଣ୍ଡ ଦେଇ କ'ଣ ତୁମେ ପାଇଲ ପ୍ରଭୁ । ସ୍ତ୍ରୀ ହେଉଛି ସ୍ୱାମୀର ଏକ ଅଙ୍ଗ । ତା'ର ଦମ୍ଭ ଓ ସାହସ । ସ୍ତ୍ରୀ ବିନା ସ୍ୱାମୀ ପାଇଁ ସଂସାରଟା ହୋଇଯାଏ ଶୁଷ୍କ । ଈଶ୍ୱରଙ୍କ ଉପରେ ଅନେକ ଅଭିମାନ ହେଲା ପ୍ରୀତିର । ବିଛଣାରେ ଏପଟ ସେପଟ କଡ଼ ଲେଉଟାଇ ରାତିଟି କଟାଇଲା ସେଦିନ । ସ୍ୱାଧୀନ କିନ୍ତୁ ବେଶ୍ ସୁଖ ନିଦ୍ରାରେ ରାତିଟି କଟାଇଥିଲା ।

ତା' ପରଦିନ ବିପିନବାବୁ ପୁଅକୁ ଛାଡ଼ିବାକୁ ଆସିଥିଲେ। ପ୍ରୀତିକୁ ନମସ୍କାର କରି ଚାଲି ଗଲେ। ପ୍ରୀତି ପ୍ରତିନମସ୍କାର ଜଣାଇ ଥିଲା। ତାଙ୍କ ସହିତ ଦୁଇପଦ କଥା ହେବାକୁ ଚାହୁଁଥିଲେ ମଧ୍ୟ ପଦଟିଏ କହି ପାରି ନ ଥିଲା। ପିଲାମାନଙ୍କୁ ପଢ଼ାଇବାରେ ଦୁଇଘଣ୍ଟା ବିତେଇବା ଭିତରେ ପ୍ରତି ମୁହୂର୍ତ୍ତରେ ସୁକାନ୍ତ ଉପରେ ତା'ର ନଜର ପଡୁଥିଲା।

କୋମଳ ମତିର ସୁକାନ୍ତ। ଈଶ୍ୱର ତାକୁ ମାତୃହରା କାହିଁକି କଲେ? ବିପିନବାବୁ ସୁକାନ୍ତ ଭିତରେ ନିଶ୍ଚୟ ନିଜ ସ୍ତ୍ରୀକୁ ଦେଖୁଥିବେ। ଝଡ଼ରେ ନଇଁଗଲା ଗଛଭଳି ମନଟା ତାଙ୍କର ନଇଁ ଯାଇଥିବ, ଇତ୍ୟାଦି କେତେକଥା ଛୁଇଁଥିଲା ପ୍ରୀତି ମନକୁ।

ସବୁଦିନ ଭଳି ବିପିନବାବୁ କାଲି ସୁକାନ୍ତକୁ ନେବା ପାଇଁ ଆସିଥିଲେ। ସବୁ ବାପା ମା'ଙ୍କ ସହିତ ନିଜ ପୁଅକୁ ନେଇ ଚାଲି ଯାଇଥିଲେ। ବାରଣ୍ଡାରେ ଛିଡ଼ା ହୋଇ ବିପିନବାବୁ ଓ ସୁକାନ୍ତର ଯିବା ପଥକୁ ଚାହିଁ ରହିଥିଲା ପ୍ରୀତି।

କାଲି ସନ୍ଧ୍ୟାରେ ବିପିନ ବାବୁଙ୍କର ଦୁଃଖର ଦିନଗୁଡ଼ିକ ସ୍ୱାଧୀନ ପାଖରେ ବର୍ଣ୍ଣନା କରିଥିଲା ପ୍ରୀତି। ସ୍ୱାଧୀନ ସବୁ ଶୁଣି ନଶୁଣିଲା ପରି ହୋଇଥିଲା। ପ୍ରୀତି ମୁହଁରେ ଅନ୍ୟ ପୁରୁଷ ପ୍ରତି ଦରଦ ସହିପାରେନି ସ୍ୱାଧୀନ। ସ୍ୱାମୀ ଯାହା ହେଉନା କାହିଁକି ସେ ସବୁବେଳେ ଅଧିକାର ଜାହିର କରେ ସ୍ତ୍ରୀ ଉପରେ। ବିଚାରି ସ୍ତ୍ରୀର କିଛି କହିବାର, କାହା ପ୍ରତି ସମବେଦନା ପ୍ରକାଶ କରିବାର କ'ଣ ହକ୍ ନାହିଁ? ସ୍ତ୍ରୀ କ'ଣ କାଠ ପିତୁଳାଟିଏ କିମ୍ବା ଚାବିଦିଆ କଣ୍ଢେଇଟିଏ। ତା'ର କ'ଣ ନିଜସ୍ୱ ମତ ଓ ଅନ୍ୟକୁ ଚିହ୍ନିବାର ଶକ୍ତି ନାହିଁ? ଓଠରେ ଷ୍ଟିକର ମାରି ଦିନ ରାତି ସେ କାମ କରି ଚାଲିଥିବ। କିଛି ମତାମତ ଦେବାର ତା'ର ଜୁ ନାହିଁ। କାହାକୁ ତ ନିଜର ମନ୍ତବ୍ୟ ଦେବ। ପ୍ରୀତି ମୁହଁରୁ ବିପିନବାବୁଙ୍କ କଥା ଶୁଣି ସ୍ୱାଧୀନର ମୁହଁ ଫିକା ପଡ଼ିଗଲା କାହିଁକି? ଗରଗର ହୋଇ କେତେ କ'ଣ ସେ ପ୍ରୀତିକୁ କାଲି ଶୁଣେଇଥିଲା। ପ୍ରୀତି ସ୍ୱାଧୀନର କଥାକୁ କାନରେ ନ ପୂରାଇ ତା' କାମରେ ଲାଗି ଯାଇଥିଲା।

ରାତିରେ ବିପିନବାବୁଙ୍କ କଥା ସ୍ୱାଧୀନ ହଜମ କରିପାରିନି । ମନେ ମନେ ନିଜକୁ ଛୋଟ ଭାବିଥିଲେ ମଧ୍ୟ ମୁହଁ ଖୋଲି କହିପାରିନି ସ୍ୱୀ । ତା ପୁରୁଷପଣିଆ କାଳେ କମିଯିବ ଭାବି ସେ ସବୁକୁ ବୁଝି ପାରୁଥିଲେ ମଧ୍ୟ ନିରବ ରହିଛି । ଏଇଟା ତ ଅଧିକାଂଶ ପୁରୁଷଙ୍କର ପ୍ରକୃତି । ଗଳଗଳ ହୋଇ ସ୍ତ୍ରୀ ସବୁ କହିପକାଏ, ଦୋଷ କରିଥିଲେ ମାନିଯାଏ, କିନ୍ତୁ ପୁରୁଷ ତା' ଇଗୋକୁ ନେଇ ବଞ୍ଚେ । ପ୍ରୀତି ମନେ ମନେ ଏହା ଭାବୁଥିଲା । ସେ ପାଠଶାଠ ପଢ଼ିଛି । ରୋଜଗାର କରି ଘର ଚଳାଉଛି, ଭଲମନ୍ଦ ଉପରେ ମନ୍ତବ୍ୟ ଦେବାର ଅଧିକାର ତା'ର ଅଛି । ଏସବୁ କ'ଣ ସ୍ୱାଧୀନ ଭାବିବା ଉଚିତ ନୁହେଁ । ସ୍ତ୍ରୀଟିଏ ଠିକ୍ ମନ୍ତବ୍ୟ ଦେଲେ ମଧ୍ୟ ତାହା ଅନେକ ସମୟରେ ପରିବାରରେ ଅଗ୍ରାହ୍ୟ ହୋଇଥାଏ । ଆମେ ସ୍ୱାଧୀନ ହେବାର ୬୫ ବର୍ଷ ବିତି ଯାଇଥିଲେ ମଧ୍ୟ ସ୍ତ୍ରୀକୁ ଉଚିତ ସ୍ଥାନ ଦେଇନାହୁଁ । ପ୍ରୀତି ସିନା ଏମିତି ରାତିସାରା ଭାବୁଥିଲା, ସ୍ୱାଧୀନ କିନ୍ତୁ ନିଜକୁ ଛୋଟ ମନେ କରି ବିଛଣାରେ ପଡ଼ି ଛଟପଟ ହେଉଥିଲା । ସେଥିପାଇଁ ଆଜି ଡେରି ପର୍ଯ୍ୟନ୍ତ ଶୋଇଛି ।

ଏଥିରେ ପ୍ରୀତିର ଭୁଲ ରହିଲା କେଉଁଠି ? ମଣିଷ ତା'ର ମନର କଥାକୁ କାହା ଆଗରେ କହିବା କ'ଣ ଭୁଲ । ବିପିନ୍‌ବାବୁଙ୍କ ଦୁଃଖ ସ୍ୱାମୀ ଆଗରେ କହି ସେ ଟିକିଏ ହାଲୁକା ଅନୁଭବ କରିବ ବୋଲି ଭାବିଥିଲା । ସ୍ୱାଧୀନ ମଧ୍ୟ ତା' କଥାରେ ଭାଗ ନେବ, ତା' ସିଦ୍ଧାନ୍ତକୁ ସମର୍ଥନ କରିବ ଏବଂ ବିପିନବାବୁଙ୍କ ଦୁଃଖରେ ଦୁଃଖ ପ୍ରକାଶ କରିବ, ଏହା ଥିଲା ପ୍ରୀତିର ଚିନ୍ତାଧାରା । କିନ୍ତୁ ଫଳ ହେଲା ଓଲଟା ।

ପ୍ରୀତି ସ୍ୱାମୀଙ୍କର ଏଭଳି ହାବଭାବରେ ବିବ୍ରତ ହେଲା ନାହିଁ । କାରଣ ଦୁଃଖରେ ଥିବା ମଣିଷ ପ୍ରତି ସମ୍ବେଦନଶୀଳ ହେବା ବା ତା'ର ଦୁଃଖକୁ ନିଜେ ଅନୁଭବ କରିବାରେ ତା'ର ଭୁଲ ନାହିଁ ବୋଲି ସେ ଭାବି ନେଲା । ପୁଣି ଆଜି ବିପିନ ବାବୁ ଓ ସୁକାନ୍ତର ଆସିବା ସମୟକୁ ଅପେକ୍ଷା କରି ରହିଲା ।

◆◆◆

# ସମୟର ଚକ

ସମୟର ଚକ ଘୂରି ବୁଲୁଛି ସୃଷ୍ଟିର ପ୍ରଥମ ମୁହୂର୍ତ୍ତରୁ ।

କେତେ ପରିସ୍ଥିତିକୁ ଅତିକ୍ରମ କରୁଛି ସେ । ଟିକିଏ ବି ଅଟକି ଯାଉନି । ଯେତେ ଚାହିଁଲେ ସୁଖର ସମୟ ରହି ଯାଉନି । ଦୁଃଖର ସମୟକୁ ଯେତେ ଠେଲିଲେ ମଧ୍ୟ ତା'ର ଗତି ହେଉନି ଦ୍ରୁତ । ସେ ଏକ ନିର୍ଦ୍ଦିଷ୍ଟ ଗତିରେ ନିର୍ଦ୍ଧାରିତ ପଥରେ ଘୂରୁଛି । ଘୂରି ଘୂରି ବାଟରେ ଛାଡ଼ି ଯାଇଥିବା ମଣିଷକୁ ଥରେ ଥରେ ପୁଣି ଭେଟୁଛି । ଏଇଟା ତ ତା' ପ୍ରକୃତି । ସେମିତି ସମୟ ଚକ ଭେଟିଛି ପ୍ରତୀଚୀକୁ ।

ପ୍ରତୀଚୀ ଥିଲା ଜଗଦିଶନ୍ ବାବୁଙ୍କର ଏକମାତ୍ର ଅଲିଅଳି କନ୍ୟା । ସାମାଜିକ ପ୍ରତିଷ୍ଠା ଥିଲା ଜଗଦିଶନ୍ ବାବୁଙ୍କର । ମଣିଷ ପଣିଆରେ ସେ ଥିଲେ ଖୁବ୍ ଓଜନିଆ । ବିରାଟ ବଙ୍ଗଳା, ଗାଡ଼ି, ଧନରତ୍ନ ସବୁ କିଛି ପାଇଥିଲେ ସେ । ଦେବତୁଲ୍ୟ ମଣିଷଟିଏ ଥିଲେ ଜଗଦିଶନ୍ ବାବୁ । ଦୟା ଧର୍ମର ପ୍ରତୀକ ହୋଇ ସର୍ବଜନର ଶ୍ରଦ୍ଧାଭାଜନ ଥିଲେ ସେ । ରାଜନୀତି କ୍ଷେତରେ ସେ ଥିଲେ ଜଣେ ପୁରୁଖା ବ୍ୟକ୍ତିତ୍ୱ । ଧନପ୍ରତି ତାଙ୍କର ନ ଥିଲା ଆସକ୍ତି । ସ୍ତ୍ରୀ ମାୟାବତୀ ଥିଲେ ମାୟାଠାରୁ ଖୁବ୍ ଦୂରରେ । ସ୍ୱାମୀ ସୋହାଗରେ ସେ ଥିଲେ ସୋହାଗିନୀ ।

ଜଗଦିଶନ୍ ବାବୁ ଓ ମାୟାବତୀଙ୍କ ସଂସାର ଏକମାତ୍ର ସନ୍ତାନ ପ୍ରତୀଚୀକୁ ନେଇ ସବୁବେଳେ ହସୁଥିଲା । ଗୋଟିଏ ମୁହୂର୍ତ୍ତ ସେମାନେ ପ୍ରତୀଚୀକୁ ଅନ୍ତର କରୁ ନ ଥିଲେ । ଝିଅ ଥିଲା ସେମାନଙ୍କର ନୟନ ପିତୁଳା । ପ୍ରତୀଚୀ ସଦ୍ୟ ଗୋଲାପ ସାଜିଥିଲା ତାଙ୍କ ବଗିଚାରେ । ପ୍ରଜାପତି ଭଳି ଘୂରି ବୁଲୁଥିଲା ବାପା ମାଙ୍କ

ଚାରିପଟରେ । ବାପା ମାଙ୍କ ପାଖରେ ରହି ବିଦ୍ୟାଳୟ ଶିକ୍ଷା ଶେଷ କରିଥିଲା । ଝିଅକୁ ଦୂରକୁ ପଠାଇ ପାଠ ପଢ଼ାଇବା ପାଇଁ ମନ ସେମାନଙ୍କର ଚାହୁଁ ନ ଥିଲା । ମଣିଷ ଯାହା ଚାହେଁ ସବୁବେଳେ ତାକୁ ତାହା ମିଳେନି । ବେଳେବେଳେ ବ୍ୟତିକ୍ରମକୁ ସାମନା କରିବାକୁ ପଡ଼େ ।

ବିଦ୍ୟାଳୟ ଶିକ୍ଷା ପରେ ପ୍ରତୀଚୀ ଜିଦ୍ ଧରିଥିଲା ବାହାରକୁ ଯାଇ ଭଲ କଲେଜରେ ପଢ଼ିବା ପାଇଁ । ଝିଅ ବାପା ମା'ଙ୍କର ଆଖିର ଅନ୍ତରାଳକୁ ଚାଲିଯିବ ବୋଲି ସେମାନେ ଦୁଃଖରେ ଭାଙ୍ଗି ପଡ଼ିଲେ । କିନ୍ତୁ ପ୍ରତୀଚୀର ଇଚ୍ଛା ବୁରୁନ୍ଦରେ ଛିଡ଼ା ହୋଇ ପାରିଲେନି । କେତେଦିନ ସେମାନେ ଝିଅକୁ ପାଖରେ ରଖିପାରିବେ ? ଅନ୍ୟ ଏକ ପଥରେ ପଥିକ ହୋଇ ଦିନେ ତ ଝିଅ ଚାଲି ଯିବ । ଏବେଠାରୁ ମନକୁ ବୁଝେଇ ଦେବା ଶ୍ରେୟ ବୋଲି ଭାବିଲେ । ମାୟା ବହୁତ କାନ୍ଦିଥିଲେ । ମା ଝିଅର ସମ୍ପର୍କ ଯୁଗେ ଯୁଗେ ଖୁବ୍ ଦୃଢ଼ । ପ୍ରତୀଚୀର ଗୋଟିଏ ମୁହୂର୍ତ୍ତର ବିଚ୍ଛେଦ ତାଙ୍କୁ ଯୁଗ ଯୁଗ ଭଳି ଲାଗେ । ତା'ର ଅନୁପସ୍ଥିତି ହୋଇପଡ଼େ ଦୁର୍ବିସହ । ଆଜି ସେ ନିରୁପାୟ ।

ହାଇଦ୍ରାବାଦ ଅନେକ ଦୂର । ଏତେ ଦୂରରେ ରହି ଝିଅ ପାଠ ପଢ଼ିବ, ଏହା ଥିଲା ତାଙ୍କ କଳ୍ପନାର ବାହାରେ । ଝିଅର ଜିଦ୍ ଓ ସ୍ୱାମୀଙ୍କର ବୁଝାମଣା ପରେ ମାୟାବତୀ ହାଇଦ୍ରାବାଦକୁ ପ୍ରତୀଚୀକୁ ପଠାଇବା ପାଇଁ ରାଜି ହୋଇଥିଲେ । ପ୍ରତୀଚୀ ଯିବା ଦିନ ମା'ଙ୍କୁ ଧରି ବହୁତ କାନ୍ଦିଥିଲା । ମା'ଙ୍କ କାନିରେ ସେ ବନ୍ଧା, କୁଟାକୁ ଦି ଖଣ୍ଡ କରି ନ ଥିଲା । ଏକା ଏକା ରହି ନିଜର ସବୁକାମ ସେ କରିବ, ବାପା ମା'ଙ୍କୁ ଦେଖିବାକୁ ପାଇବନି ଇତ୍ୟାଦି ଭାବି ସେ ଧୈର୍ଯ୍ୟହରା ହୋଇ ପଡୁଥିଲା । କିଛି ଲୁହ ବୋହିଗଲା ପରେ ମଣିଷର ମନ ହୋଇଯାଏ ଦମ୍ଭ । ଭାବପ୍ରବଣତା ଦୂରେଇ ଯାଏ । ସବୁ କାର୍ଯ୍ୟ ଓ ସବୁ ନିଷ୍ପତ୍ତିକୁ ଆପଣେଇ ନିଏ ସେ । ପ୍ରତୀଚୀ ମନକୁ ବୁଝେଇ ଦେଇଛି । ସେ ହାଇଦ୍ରାବାଦ ଯିବ, ସେଠାରେ ମନଦେଇ ପଢ଼ିବ ଓ ବାପା ମା'ଙ୍କ ମନରେ ଖୁସି ଭରିଦେବ ।

ହାଇଦ୍ରାବାଦ ଯିବା ଦିନ ପ୍ରତୀଚୀ ପାଇଥିଲା ବାପା ମା'ଙ୍କଠାରୁ ଆଶୀର୍ବାଦ । ବାପା ମା' ଦେବତା ତୁଲ୍ୟ । ସେମାନଙ୍କ ଆଶୀର୍ବାଦରେ ସନ୍ତାନ ହୁଏ ସୁଖୀ । ଏ

ସବୁ ଅନୁଭବ କରିଥିଲା ପ୍ରତୀଚୀ। ତା ଆଖିରୁ ଲୁହ ଶୁଖି ଯାଇଥିଲା। ଟ୍ରେନ୍‌ରେ ବସି ଯାଇଥିଲା ସେ ହାଇଦ୍ରାବାଦ। ମୁହଁଟି ସେଦିନ ଝାଉଁଳି ପଡ଼ିଥିଲେ ମଧ୍ୟ ବଡ଼ କଲେଜର ପଢ଼ିବାର ସୌଭାଗ୍ୟ ଅର୍ଜନ କରିବ -ଏହା ଥିଲା ତା ପାଇଁ ପ୍ରେରଣା। କଲେଜରେ ପାଇ ଯାଇଥିଲା ସେ ଅନେକ ସାଙ୍ଗ। କ୍ରମଶଃ ଘର ଛାଡ଼ିଥିବା ଦୁଃଖକୁ ଭୁଲି ପଢ଼ାରେ ମନ ତା'ର ଲାଖି ଗଲା।

ପ୍ରତୀଚୀ ପ୍ରତ୍ୟେକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରୁଥାଏ। ଦେଖିବାକୁ ମଧ୍ୟ ସେ ଥିଲା ଖୁବ୍ ସୁନ୍ଦର। ତୋଫା ଗୋରା ନ ହେଲେ ମଧ୍ୟ ଅଙ୍ଗପ୍ରତ୍ୟଙ୍ଗରେ ଛୁଟୁଥିବା ଯୌବନର ଜୁଆରରେ ସେ ଥିଲା ଦିପ୍ତୀମୟୀ। ତା'ର ବଳିଲା ବଳିଲା ଚେହେରା, ଢଳ ଢଳ ଚକ୍ଷୁ, ତୀକ୍ଷ୍ଣ ନାସିକା, ଘନକୃଷ୍ଣ କେଶ ସମସ୍ତଙ୍କୁ ଆକୃଷ୍ଟ କରୁଥାଏ। କ୍ରମଶଃ ପ୍ରତୀଚୀ ଲାଖିଗଲା ସମସ୍ତଙ୍କ ଆଖିରେ। ତା ସହିତ ବନ୍ଧୁତା କରିବାକୁ ଅନେକ ଛାତ୍ର ଆଗେଇ ଆସିଲେ, ସେ କିନ୍ତୁ ଏକମୁହାଁ ଥିଲା ପାଠ ଆଡ଼େ। ପ୍ରତୀଚୀ ସହିତ ପ୍ରତିଯୋଗିତା କରୁଥାଏ ତା' ସହିତ ପଢୁଥିବା ପ୍ରଣବ। ଯେତେ ଚେଷ୍ଟା କଲେ ବି ପ୍ରତୀଚୀର ସ୍ଥାନ ଅଧିକାର କରିବାରେ ସେ ବିଫଳ ହେଉଥାଏ। ପ୍ରତୀଚୀ ପ୍ରତି ଥାଏ ଈର୍ଷାଭାବ। ପ୍ରେମର ଅନ୍ୟ ଏକ ରୂପ ଈର୍ଷା। ଏହି ଈର୍ଷାରୁ ପ୍ରତୀଚୀ ପ୍ରତି ତା'ର ପ୍ରେମଭାବ ଜନ୍ମିବ ଏ କଥା ସେ ଭାବି ନ ଥିଲା।

ଦିନେ କଲେଜରୁ ଫେରିଲାବେଳେ ଭୀଷଣ ବର୍ଷା। ବାଟରେ ବର୍ଷା ଜଳରେ ପ୍ରତୀଚୀର ସର୍ବାଙ୍ଗ ଜୁଡୁବୁଡୁ। ସେହି ବର୍ଷାଭିଜା ପୋଷାକରେ ସେ ଦିଶୁଥାଏ ଖୁବ୍ ସୁନ୍ଦର। ସର୍ବାଙ୍ଗ ଶରୀର ପରିସ୍ଫୁଟ ହେଉଥାଏ ସେହି ଓଦାଳିଆ ପୋଷାକରେ। ସେ ଏକାକୀ ଛିଡ଼ା ହୋଇଥାଏ ଗୋଟିଏ କଦମ୍ବ ଗଛ ମୂଳରେ। କଦମ୍ବର ବାସ୍ନା ନେଇ ବର୍ଷାଜଳ ତାକୁ ଗାଧୋଇ ଦେଉଥାଏ। ସତେ ଯେମିତି ବର୍ଷା ତାକୁ ବାଟ ଛାଡୁ ନ ଥିଲା। ସୂର୍ଯ୍ୟ ସେତେବେଳେ ପଶ୍ଚିମାଭିମୁଖୀ। କେମିତି ସେ ଯିବ ବୋଲି ବ୍ୟସ୍ତ। ସେହି ବାଟଦେଇ ପ୍ରଣବ ଯାଉଥିଲା। ତା'ର ନଜର ପଡ଼ିଲା ପ୍ରତୀଚୀ ଉପରେ। ପାଠପଢ଼ାରେ ପ୍ରତୀଚୀର ପ୍ରତିଦ୍ୱନ୍ଦ୍ୱୀ ହେଲେ ବି କେତେଦିନ ତଳୁ ପ୍ରତୀଚୀ ପ୍ରତି

ତା'ର ଈର୍ଷା ପ୍ରେମରେ ପରିଣତ ହୋଇଥିଲା । ପ୍ରତୀଚୀର ଏପରି ଅବସ୍ଥା ଦେଖି ତାକୁ ଲିଫ୍ଟ ଦେବା ପାଇଁ ପ୍ରଣବ ଡାକିଲା । ପ୍ରତୀଚୀ ମନରେ ବିଭିନ୍ନ ଆଶଙ୍କା ଥିଲା । ତା' ସହିତ ଯିବ କି ନାଁ ସେ ଭାବିଲା । ଶେଷରେ ବର୍ଷାର ଅବସ୍ଥା ଦେଖି ସେ ପ୍ରଣବ ସ୍କୁଟରର ପଛରେ ବସି ହଷ୍ଟେଲ ପର୍ଯ୍ୟନ୍ତ ଗଲା । ବାଟରେ ଦୁଇଜଣ ଥିଲେ ନୀରବ, କିନ୍ତୁ ପରସ୍ପର ପରସ୍ପରର କଥା ବୁଝି ପାରୁଥିଲେ । ବର୍ଷା ଘୋଡ଼େଇ ଦେଇଥିଲା ଦୁଇଜଣଙ୍କୁ । ସେମାନେ ଥିଲେ ଖୁବ୍ ନିକଟରେ । ଜଣଙ୍କ ଦେହର ଉତ୍ତାପ ଆଉଜଣଙ୍କ ଦେହକୁ ଉଷୁମ କରି ଦେଉଥାଏ ।

ହଷ୍ଟେଲ ଗେଟ ପାଖରେ ପ୍ରଣବ ଛାଡ଼ିଥିଲା ପ୍ରତୀଚୀକୁ । ପ୍ରତୀଚୀର ପାଦ ଆଗଉ ନ ଥିଲା ହଷ୍ଟେଲ ଆଡ଼କୁ । ଅଳ୍ପ ସମୟ ଭିତରେ ଅନେକ କିଛି ପାଇଲା ଭଳି ଅନୁଭବ କରିଥିଲା ସେ । ପ୍ରଣବ ଦେହର ସ୍ପର୍ଶ ଯେମିତି ଲତାଭଳି ତା' ଦେହସାରା ଗୁଡ଼େଇ ଯାଇଥିଲା । ଭଲ ପାଇବା ପାଇଁ ଗୋଟିଏ ଲମ୍ବା ସମୟ ଦରକାର ପଡ଼େନି । ସେ କେମିତି ଓ କିପରି ଭାବରେ ମଣିଷକୁ କାବୁ କରିନିଏ ତାହା ଜାଣିବା ବେଳେବେଳେ ମୁସ୍କିଲ ହୋଇଯାଏ । ପ୍ରକାଶ ନ କରି ଟେନସନ୍ ହେବାର ଅର୍ଥ ପ୍ରେମ । ଏମିତି ଏଣୁ ତେଣୁ ଭାବି ଯାଉଥିଲା ପ୍ରତୀଚୀ । ସ୍କୁଟର ଆଡୁ ତା' ଆଖି ଫେରୁ ନଥାଏ ।

ତା' ପରଦିନ ପରସ୍ପର ଭେଟିଥିଲେ କଲେଜ ବାରଣ୍ଡାରେ । କେହି କାହାକୁ କିଛି ନ କହିଲେ ମଧ୍ୟ ଆଖିରେ ଆଖିରେ ଅନେକ କଥା ହେଉଥିଲେ । ସାଙ୍ଗମାନେ ଏହାର ସୁରାକ ପାଇ ନ ଥିଲେ । ପ୍ରତୀଚୀ ମନରେ ପ୍ରଣବ ବସା ବାନ୍ଧି ସାରିଥିଲା । ପରସ୍ପର ପରସ୍ପର ସହିତ କଥା ହେବାକୁ ଚାହିଁଲେ ମଧ୍ୟ କେହି ପ୍ରକାଶ କରିପାରୁ ନ ଥିଲେ । ଦିନେ ସାହସ ବାନ୍ଧି ପ୍ରଣବ ଡାକିଥିଲା ପ୍ରତୀଚୀକୁ । ବିନା ଦ୍ୱିଧାରେ ପ୍ରତୀଚୀ ପ୍ରଣବ ସହିତ ସମୁଦ୍ର କୂଳକୁ ବୁଲିବାକୁ ଗଲା ।

ସନ୍ଧ୍ୟା ହୋଇ ଆସୁଥାଏ । ସ୍ୱର୍ଣ୍ଣାଭ ଦିଗ୍‌ବଳୟ ଯେମିତି ସମୁଦ୍ରର ଲହଡ଼ିକୁ ଆଲିଙ୍ଗନ କରୁଥାଏ । ଅବିରବୋଳା ସୂର୍ଯ୍ୟ ବୁଡ଼ିଯିବା ପାଇଁ ଢଳ ଢଳ ହେଉଥାନ୍ତି ।

ଘର ବାହୁଡ଼ା ପକ୍ଷୀ ଦମ୍ପତିଙ୍କ ଚିଁ ଚାଁ ଶବ୍ଦରେ ସମୁଦ୍ରକୂଳ ହେଉଥାଏ ମୁଖରିତ। ନିରବତା ଭିତରେ ଦୁଇଜଣ ଅନେକ କଥାକୁ ଅନୁଶୀଳନ କରୁଥାଆନ୍ତି। କିଛି ସମୟ ପରେ ସାହସ କରି ପ୍ରଣବ ପ୍ରତୀଚୀକୁ ନିଜର କରିବାକୁ ପ୍ରସ୍ତାବ ଦେଇଥିଲା। ଏତେ ବଡ଼ ପ୍ରସ୍ତାବ ପ୍ରଣବ ଦେବ ବୋଲି ପ୍ରତୀଚୀ ଭାବି ପାରି ନ ଥିଲା। ମନେ ମନେ ଅନେକ ଦିନରୁ ସେ ପ୍ରଣବକୁ ନିଜର କରି ସାରିଥିଲା। ପ୍ରଣବର ଏ ପ୍ରସ୍ତାବ ତା' ଦେହରେ ଶୀତଳ ଚନ୍ଦନର ପ୍ରଲେପ ଭଳି ତାକୁ ଲାଗିଲା। ତେଣୁ ବିନା ଦ୍ୱିଧାରେ ମୁଣ୍ଡକୁ ତଳକୁ କରି ସମ୍ମତି ଜଣାଇଲା। ସୂର୍ଯ୍ୟ ସମୁଦ୍ର ଭିତରେ ଲୀନ ହୋଇଯାଇଥିଲେ। ପ୍ରତୀଚୀ ମଧ୍ୟ ପ୍ରଣବ ହୃଦୟରେ ଲୀନ ହୋଇ ଯାଇଥିଲା।

ଦଶହରା ଛୁଟି ଆସିଲା। ପ୍ରତୀଚୀର ବାପା ମା ତାକୁ ଦେଖିବା ପାଇଁ ଛଟପଟ ହେଉଥାନ୍ତି। କିନ୍ତୁ ପ୍ରତୀଚୀ ଗୋଟିଏ ମୁହୂର୍ତ୍ତ ପ୍ରଣବଠାରୁ ଦୂରେଇ ଯିବାକୁ ଚାହୁଁ ନ ଥାଏ। ବାଧ୍ୟ ହୋଇ ଛୁଟିରେ ବାପା ମା'ଙ୍କ ପାଖକୁ ଚାଲିଆସିଲା ସିନା ତା' ମନଟା ଛାଡ଼ି ଆସିଲା ପ୍ରଣବ ପାଖରେ। ଛୁଟିସାରା ଦୁଇଜଣ ଭିନ୍ନ ଭିନ୍ନ ସ୍ଥାନରେ ରହି ପରସ୍ପରକୁ ଝୁରି ହେଲେ। ପ୍ରତୀଚୀର ବାପା ମା ତା'ର ଅନ୍ୟମନସ୍କତା ଲକ୍ଷ୍ୟ କଲେ। ଝିଅମାନେ ଭାବପ୍ରବଣ ହେଲେ ଶୀଘ୍ର ଧରା ପଡ଼ିଯାଆନ୍ତି। କିନ୍ତୁ ପ୍ରତୀଚୀର ଭାବପ୍ରବଣତା କାରଣର ଖିଅଟିଏ ମଧ୍ୟ ବାପା ମା ଧରି ପାରି ନ ଥିଲେ।

ଛୁଟି ସରିଲା ପରେ ଦୁଇଜଣଙ୍କର ଭେଟ ହେଲା କଲେଜରେ। ପୁଣି ସମୁଦ୍ରକୂଳ ବାଲିରେ ଗାର ଟାଣି ଟାଣି ପ୍ରତୀଚୀ ତା'ର ଛୁଟିର ଅନୁଭୂତିକୁ କହିଥିଲା ପ୍ରଣବକୁ। ପ୍ରଣବ ମଧ୍ୟ ତା' ଭାବପ୍ରବଣତାକୁ ବର୍ଣ୍ଣନା କରିଥିଲା। ଅଳ୍ପଦିନ ଭିତରେ ଦୁଇଜଣ ଦୁଇଜଣଙ୍କୁ ପାଇବା ପାଇଁ ବ୍ୟାକୁଳ ହୋଇ ପଡୁଥିଲେ। ଏ ତ ପ୍ରଥମ ପ୍ରେମର ଲକ୍ଷଣ। ଟିକିଏ ପୁରୁଣା ହୋଇଗଲେ ପ୍ରେମଟା ହୋଇଯାଏ ବନ୍ଧୁର।

ଏମ୍.ଏ. ପରୀକ୍ଷା ସରିଲା। ପୁଣି କଲେଜରୁ ଦୁଇଜଣ ବିଦାୟ ନେଲେ। ବିଦାୟଟା ସବୁବେଳେ ଦୁଃଖଦାୟକ। ଏଥର ଦୁଇଜଣ ନିଜ ନିଜର ବାପା ମାଙ୍କୁ କହିବାକୁ ସଂକଳ୍ପ କଲେ। ପ୍ରତୀଚୀ କିଛି ଦିନ ଘରେ ରହିବା ପରେ ବାପା ମାଙ୍କୁ ପ୍ରଣବର ପ୍ରସ୍ତାବ କହିଥିଲା।

ପ୍ରଣବ ଥିଲା ମଧ୍ୟବିତ୍ତ ପରିବାରର ସନ୍ତାନ । ଦୁଇଟି ପୁତ୍ରର ବାପା ମା ତା'ର ହାଇଦ୍ରାବାଦରୁ କିଛି ଦୂରରେ ଗୋଟିଏ ଗାଁରେ ରହୁଥିଲେ । ପ୍ରଣବ ଏକ ମଧ୍ୟବିତ୍ତ ପରିବାରର ପିଲା ହୋଇଥିବାରୁ ଏବଂ ସହରରେ ଏକ ଧନୀ ପରିବାରରେ ବଢ଼ି ଗାଁରେ ଚଳିବାକୁ ପ୍ରତୀଚୀକୁ କଷ୍ଟ ହେବ ଭାବି ପ୍ରଥମେ ଜଗଦିଶନ୍ ବାବୁ ପ୍ରଣବ ସହିତ ଝିଅର ଭବିଷ୍ୟତକୁ ଛନ୍ଦି ଦେବାକୁ ଚାହିଁ ନ ଥିଲେ । ଝିଅ ମନକୁ ମା' ବୁଝେ ଅଧିକ । ସେ ଜଗଦିଶନ୍ ବାବୁଙ୍କୁ ବୁଝାଇ ସୁଝାଇ ରାଜି କରାଇଥିଲେ । ପ୍ରଣବ ଘରେ ଏ ପ୍ରସ୍ତାବ ସହଜରେ ଗୃହୀତ ହୋଇଥିଲା । ଶିକ୍ଷିତା ତଥା ଧନୀ ଘରର ଝିଅ ବୋହୂ ହେବ ଏଥିରେ ପ୍ରଣବର ବାପା ମା' ଅରାଜି ହେବେ ବା କାହିଁକି ?

ଏହା ଭିତରେ ପ୍ରଣବ ଅଧ୍ୟାପକ ଭାବରେ ଗୋଟିଏ କଲେଜରେ ଯୋଗ ଦେଇ ସାରିଥାଏ । ଦୁଇ ପରିବାରର ସମ୍ମତି ପରେ ବେଶ୍ ଧୁମ୍‌ଧାମ୍‌ରେ ବାହାଘର ହେଲା । ବିବାହର ପରଦିନଗୁଡ଼ିକ ପ୍ରତୀଚୀ ପାଇଁ ହୋଇଥିଲା ମଧୁର ଓ ସ୍ମୃତିବହୁଳ । କେତେଦିନର ସାଇତା ଅଭିପ୍ସା ପୂରଣ ହୋଇଛି, ପ୍ରଣବକୁ ଏକାନ୍ତରେ ନିଜର କରିପାରିଛି, ଏଥିରେ ସେ ଥିଲା ଖୁବ୍ ଉତ୍‌ଫୁଲ୍ଲିତ । ପ୍ରଣବ ମଧ୍ୟ ସ୍ନେହ ସୋହାଗ ଢାଳି ଦେଉଥିଲା ପ୍ରତୀଚୀ ଉପରେ । ସ୍ୱାମୀଠାରୁ ଟିକିଏ ଆଦର, ଯତ୍ନ ପାଇଲେ ସ୍ତ୍ରୀ ଗର୍ବରେ ଫାଟିପଡ଼େ । ଗୋଡ଼ ତା'ର ଭୂଇଁରେ ଲାଗେନି । ଏହା ତ ସ୍ୱାଭାବିକ କଥା ।

ଶାଶୂ ଶ୍ୱଶୁର ପ୍ରତୀଚୀ ପାଖରେ ରହୁଥିଲେ । ସେମାନଙ୍କର ଖୁବ୍ ଯତ୍ନ ନେଉଥିଲା ସେ । ସଂସାରୀ ଘରର ଝିଅ ସେ । ତେଣୁ ଶାଶୂ, ଶ୍ୱଶୁର ଓ ବନ୍ଧୁବାନ୍ଧବଙ୍କର ଖୁବ୍ ଆଦରର ବୋହୂ ସେ ହୋଇପାରିଲା ।

ପିଲାଦିନରୁ ପ୍ରତୀଚୀ ରଜନୀଗନ୍ଧା ଫୁଲକୁ ଖୁବ୍ ଭଲ ପାଏ । ପ୍ରତୀଚୀ ବୋହୂ ହେବା ଦିନରୁ ପ୍ରଣବ ତା' ପାଇଁ ରଜନୀଗନ୍ଧା ଫୁଲ ଆଣୁଥିଲା । ବେଳେବେଳେ ରଜନୀଗନ୍ଧା ସ୍ଥାନ ପାଉଥିଲା ପ୍ରତୀଚୀ ଗଭାରେ । ପ୍ରତୀଚୀ ଆହୁରି ସୁନ୍ଦର ଦିଶୁଥିଲା । ରଜନୀଗନ୍ଧାର ବାସ୍ନାରେ ସାରାଘର ମହକି ଉଠୁଥିଲା । ପ୍ରତୀଚୀର ଗୁଣ ସହିତ ରଜନୀଗନ୍ଧାର ବାସ୍ନାରେ ଥାଏ ଏକ ପ୍ରତିହିଂସାତ୍ମକ ପ୍ରତିଯୋଗିତା ।

କିଛିଦିନ ପରେ ପ୍ରଣବ ପୁତ୍ର ସନ୍ତାନର ପିତା ହେବାର ସୌଭାଗ୍ୟ ଅର୍ଜନ କଲା। ବାପା ମା ତା'ର ଖୁସିରେ ଫାଟି ପଡ଼ିଲେ। ପ୍ରତୀଚୀ ପ୍ରତି ସମସ୍ତଙ୍କର ସ୍ନେହ ଶ୍ରଦ୍ଧା ବଢ଼ିଥିଲା। ପୁଅର ଦରୋଟି ଭାଷା ପ୍ରଣବ ଓ ପ୍ରତୀଚୀକୁ ଦେଉଥାଏ ପ୍ରଚୁର ଆନନ୍ଦ। ପ୍ରତୀଚୀ ମା ହୋଇଛି ବୋଲି ମନ ଭିତରେ ଏକ ପୂର୍ଣ୍ଣତାକୁ ଅନୁଭବ କରୁଥାଏ।

ଏମିତି ଚାଲିଗଲା କିଛି ଦିନ। ହଠାତ୍ ପ୍ରଣବ ଜୀବନ ଏକ ନୂଆ ମୋଡ଼ ନେଲା। କଲେଜରେ ଅଧ୍ୟାପନା କରୁଥିବା ସମୟରେ ସେ ଗୋଟିଏ ଗରିବ ଝିଅ ସ୍ମୃତି ସଂସ୍ପର୍ଶରେ ଆସିଲା। ସେ ଝିଅର ବାପା ଥିଲେ ମଦ୍ୟପ। ମଦ ନିଶାରେ ମା ପ୍ରତି ବାପାଙ୍କର ଅମାନୁଷିକ ଅତ୍ୟାଚାର ଦିନେ କହି ପକାଇଲା ପ୍ରଣବ ଆଗରେ। ବେଳେବେଳେ ଏକ ଅହେତୁକ କାରଣରେ ମନଟା ଚହଲି ଯାଏ। ପ୍ରଣବ ସେ ଦିନ ସ୍ମୃତିର ଦୁଃଖ ସହି ପାରିଲାନି। ଅନେକଥର ସେ ସ୍ମୃତିକୁ ସାନ୍ତ୍ୱନା ଦେଉଥାଏ। ଆସ୍ତେ ଆସ୍ତେ ସ୍ମୃତି ଘରର ନିତିଦିନିଆ କଥାଠାରୁ ଆରମ୍ଭ କରି ସୁଖ ଦୁଃଖ ପ୍ରଣବ ପାଖରେ କହିବାକୁ ଲାଗିଲା। ଏହା ଭିତରେ ସ୍ମୃତି ବି.ଏ. ପାଶ୍ କରିଗଲା। ମଦ୍ୟପ ବାପା ତା'ର ଗୋଟିଏ ଅର୍ଦ୍ଧଶିକ୍ଷିତ ଧନୀ ପିଲା ସହିତ ବାହା କରାଇଦେବାକୁ ସ୍ଥିର କଲେ। ଏହା ଜାଣିଲା ପରେ ସ୍ମୃତି ମ୍ରିୟମାଣ ହୋଇ ପଡ଼ିଲା। ବାପାର ଏ ଭୁଲ ନିଷ୍ପତ୍ତିକୁ ପ୍ରଣବ ଆଗରେ କହି ଅନେକ କାନ୍ଦିଥିଲା। ପ୍ରଣବ ତା' ଦୁଃଖରେ ସମଦୁଃଖୀ ହୋଇପଡ଼ିଲା। ପ୍ରତୀଚୀକୁ ଏସବୁ କଥା କହିବାକୁ ତା'ର ସାହସ ହେଲାନି। ଯେଉଁଦିନରୁ ପ୍ରଣବ ସ୍ମୃତି ସଂସ୍ପର୍ଶରେ ଆସିଥିଲା ସେହି ଦିନରୁ ପ୍ରତୀଚୀ ତା'ର ଖାପଛଡ଼ା ଭାବ ଅନୁଭବ କରୁଥିଲା।

ଦିନେ ପ୍ରଣବ ସମସ୍ତଙ୍କ ଅଜାଣତରେ ମନ୍ଦିରରେ ସ୍ମୃତିକୁ ବିବାହ କରିଦେଲା। ପର ମୁହୂର୍ତ୍ତରେ ସେ ଖୁବ୍ ବିବ୍ରତ ହୋଇ ପଡ଼ିଲା। ଦୁଃଖିନୀ ସ୍ମୃତିକୁ ସିନା ଦୁଃଖରୁ ଉଦ୍ଧାର କଲା, ହେଲେ ପ୍ରତୀଚୀ ପାଖରେ ଖୁବ୍ ଛୋଟ ହୋଇଗଲା। ହଠାତ୍ ଘର ଦୁଆର ମୁହଁରେ ବଧୂ ବେଶରେ ଅଚିହ୍ନା ଝିଅଟିକୁ ଦେଖି ପ୍ରତୀଚୀ ଅନେକ ପ୍ରଶ୍ନ କରିଥିଲା ପ୍ରଣବକୁ। ପ୍ରଣବ ପାଟିରୁ କିଛି ବାହାରିଲାନି। ଅପରାଧୀଟିଏ ହୋଇ

ଛିଡ଼ା ହୋଇଥିଲା ପ୍ରତୀଚୀ ସାମନାରେ । ତା'ପରେ ସବୁକଥା କହି ବୁଝାଇଥିଲା ପ୍ରତୀଚୀକୁ । ସ୍ତ୍ରୀ ସବୁକଥା ସହିପାରେ, କିନ୍ତୁ ସ୍ୱାମୀର ଏ ପ୍ରକାର କୁକର୍ମକୁ ସହିବା ତା ପକ୍ଷେ କଷ୍ଟସାଧ୍ୟ ହୋଇପଡ଼େ । ସେ ଦିନ ପ୍ରତୀଚୀ ଅନେକ କାନ୍ଦିଲା । ଭାଗ୍ୟକୁ ନିନ୍ଦିଲା । ତା' ଭଲ ପାଇବାକୁ ଧିକ୍‌କାର କଲା । କିନ୍ତୁ ପ୍ରଣବ ଥିଲା ନିରବ ।

ଅଭିମାନ ଓ ଦୁଃଖରେ ପ୍ରତୀଚୀ ସେ ଦିନ ଭାଙ୍ଗି ପଡ଼ିଥିଲା । ବାରମ୍ବାର ପ୍ରଣବ ମୁହଁକୁ ଚାହିଁ ଯାହାସବୁ କହିବ କହିବ ହେଉଥିଲା ପ୍ରଣବ ସେ ସବୁକୁ ବୁଝିପାରୁଥାଏ । ରାତ୍ରି କ୍ରମଶଃ ବଢ଼ିଲା । ଆଉ ଗୋଟିଏ ମୁହୂର୍ତ୍ତ ସେ ଘରେ ରହିବାକୁ ଚାହିଁଲାନି ପ୍ରତୀଚୀ । ସ୍ମୃତିର ବା ଦୋଷ କ'ଣ ? ତା' ଜୀବନରେ କାହିଁକି ସେ ପ୍ରତିବନ୍ଧକ ହୋଇ ଛିଡ଼ା ହେବ ? ତା' ସୁଖର ସଂସାରକୁ କାହିଁକି ସେ ଉଜାଡ଼ି ଦେବ ? ପୁଅକୁ ଧରି ଘରୁ ବାହାରି ଆସିଲା ପ୍ରତୀଚୀ । ପ୍ରଣବର ଅନୁରୋଧ କୌଣସି ଫଳ ଦେଇ ନ ଥିଲା । ସେଦିନ ଅନ୍ଧାର ଭିତରେ ପ୍ରତୀଚୀ କେଉଁଠି ଲୁଚିଗଲା କେହି ଜାଣି ପାରିଲେନି ।

୨୦ ବର୍ଷ ପରେ ଆଜି ତା ପୁଅ ସମ୍ବିତ କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାକୁ ସମ୍ବର୍ଦ୍ଧନା ଦେବା ପାଇଁ ଗୋଟିଏ ବଡ଼ ଧରଣର ସଭାର ଆୟୋଜନ ହୋଇଛି । ଛାତ୍ରଛାତ୍ରୀମାନଙ୍କର ଭିଡ଼ ଜମିଛି ହଲରେ । ସମ୍ବିତ୍ ପାଖରେ ବସିଛି ପ୍ରତୀଚୀ । ପୁଅ ପାଇଁ ଆଜି ସେ ଗର୍ବିତ । ଆଖି ଆଗରେ ତା'ର କଲେଜ ଜୀବନ ଭାସି ଯାଉଥାଏ । ସେ ଛାତ୍ରୀ ଥିବାବେଳେ ପ୍ରଥମ ସ୍ଥାନ ଅଧିକାର କରୁଥିବାରୁ ଅନେକଥର ସମ୍ବର୍ଦ୍ଧିତ ହୋଇଛି । ସେ ସମୟରେ ଦର୍ଶକ ଗ୍ୟାଲେରୀରେ ବସି ପ୍ରଣବ ଗର୍ବରେ ଫାଟି ପଡୁଥିଲା, ଇତ୍ୟାଦି ଇତ୍ୟାଦି । ପରଦା ଉଠିଲା ବେଳେ ପ୍ରତୀଚୀ ଦେଖିଲା ଅଧ୍ୟକ୍ଷଙ୍କ ସାମନାରେ ଥିବା ଫୁଲଦାନୀରେ ଗୁଞ୍ଜା ହୋଇଛି ଗୋଛାଏ ରଜନୀଗନ୍ଧା । ଦୂରରେ ବସି ଅଧ୍ୟକ୍ଷଙ୍କୁ ଦେଖିପାରୁ ନ ଥିଲା ପ୍ରତୀଚୀ । କିନ୍ତୁ ତା'ର ଅତିପ୍ରିୟ ରଜନୀଗନ୍ଧାକୁ ଦେଖି ପାରୁଥିଲା । ତାହା ଥିଲା ପ୍ରଣବର

ସବୁଦିନର ଉପହାର । ତାକୁ ସେ ଭୁଲିବ କିପରି ? ରଜନୀଗନ୍ଧାର ପ୍ରତ୍ୟେକ ଷ୍ଟିକ ତା' ଦେହରେ ସୃଷ୍ଟି କଲା ଅସଂଖ୍ୟ କ୍ଷତ ।

ପ୍ରତୀଚୀ ବିଗତ ଦିନକୁ ଦୋହରାଇ ହେଲା । ପୁଅର ସମ୍ବର୍ଦ୍ଧନା ଭୁଲିଯାଇଥିଲା କିଛି ସମୟ ପାଇଁ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହେଲା । ସମ୍ବିତ ନାଆଁ ଡକା ହେଲା । ମଞ୍ଚ ଉପରକୁ ଉଠିଗଲା ସମ୍ବିତ୍ । କଲେଜର ଅଧ୍ୟକ୍ଷ ଓ ଉତ୍ସବର ମୁଖ୍ୟ ଅତିଥି ତା' ହାତରେ ସାର୍ଟିଫିକେଟ୍ ଓ ଗୋଛାଏ ରଜନୀଗନ୍ଧା ଦେଇ ତାକୁ ସମ୍ବର୍ଦ୍ଧିତ କଲେ । ପ୍ରତୀଚୀ ଦୂରରୁ ଏଥର ସ୍ପଷ୍ଟ ଭାବରେ ଚିହ୍ନିପାରିଲା ଅଧ୍ୟକ୍ଷଙ୍କୁ । ସେ ହେଉଛନ୍ତି ତା' ପୁଅ ସମ୍ବିତ୍‌ର ବାପା ତଥା ତା' ସ୍ୱାମୀ ପ୍ରଣବ । ତା' ପ୍ରେମର ନିଦର୍ଶନ ଓ ତା'ର ଅତି ପ୍ରିୟ ରଜନୀଗନ୍ଧାକୁ ପ୍ରଣବ ମନେ ରଖିଛି । ସମୟର ଚକ ଘୂରି ଘୂରି ପୁଣି ତାକୁ ଛାଡ଼ିଥିବା ସ୍ଥାନରେ ପହଞ୍ଚାଇଛି ଭାବି ପ୍ରତୀଚୀ ଆଖିରୁ ଦୁଇଧାର ଲୁହ ବୋହିଗଲା ।

◆◆◆

# ପ୍ରେମ ବିବାହ

ହିଂମାଶୁ ବାବୁଙ୍କର ଆଜି ବିବାହ ବାର୍ଷିକୀ ଉତ୍ସବ। ଝିଅମାନେ ବାପା ମାଙ୍କର ଏହି ଉତ୍ସବରେ ସାମିଲ ହେବାକୁ ବମ୍ବେ ଓ ହାଇଦ୍ରାବାଦରୁ ଆସି କଟକରେ ପହଞ୍ଚିଛନ୍ତି। ବିବାହ ବାର୍ଷିକୀ ପାଳନ କରିବା ଆଜିକାଲି ଫେସନ ହେଲାଣି। ଆଜି କାହାର ପଚାଶ ବର୍ଷ ପୂର୍ତ୍ତିରେ ସୁବର୍ଣ୍ଣ ଜୟନ୍ତୀ ତ କାଲି କାହାର ପଚିଶି ବର୍ଷ ପୂର୍ତ୍ତିରେ ରୌପ୍ୟ ଜୟନ୍ତୀ ପାଳନ ହେଉଛି ସହର ସାରା। ଓଷାବାର, ପୁନେଇ ପର୍ବକୁ ଲୋକମାନେ ଭୁଲିଗଲେଣି, କିନ୍ତୁ ଭୁଲି ଯାଉନାହାନ୍ତି ବିବାହ ବାର୍ଷିକୀ।

ବଛାବଛା ଗେଷ୍ଟଙ୍କୁ ନିମନ୍ତ୍ରଣ କରିବା, କେକ୍ କାଟିବା, ଗୀତ ନାଚର ବ୍ୟବସ୍ଥା କରିବାରେ ବାପା ଓ ପିଲାମାନେ ଲାଗି ପଡୁଛନ୍ତି ମାସକ ପୂର୍ବରୁ। କେଉଁ ହୋଟେଲରେ ପାର୍ଟି ହେବ ତାହା ଆଲୋଚନା ହେଉଛି ବାରମ୍ବାର। ସ୍ତ୍ରୀମାନେ ବେଶ୍ ଖୁସି ହେଉଛନ୍ତି ଏମିତି ଏକ ପର୍ବ ପାଳନରେ।

ଆଜି ହିମାଂଶୁ ବାବୁଙ୍କ ଘର ଆଲୋକମାଳାରେ ସଜା ହୋଇଛି। ନିଜ ଘର ସମାନରେ ଥିବା ଖୋଲା ପଡ଼ିଆକୁ ରଙ୍ଗିନ କନାରେ ସଜେଇ ଉତ୍ସବଟି ପାଳନ କରିବାର ବ୍ୟବସ୍ଥା କରିଛନ୍ତି। ବହୁତ ଦିନରୁ ନିମନ୍ତ୍ରଣ ପତ୍ରଟିଏ ପଠେଇ ଦେଇ ସେ ନିଶ୍ଚିନ୍ତ ହୋଇନାହାନ୍ତି। ସକାଳରୁ ଫୋନ୍ ଘୂରେଇବାରେ ବ୍ୟସ୍ତ। କାଳେ କିଏ ଭୁଲି ଯାଇଥିବ। ପୁଣି ଥରେ ମନେ ପକାଇ ଦେବାକୁ ହେବ।

ମୋତେ ଆଜି ସକାଳେ ଫୋନ୍ କରିଥିଲେ। ବାରମ୍ବାର କହିଛନ୍ତି, ''ଭୁଲିଯିବେନି ଆଜ୍ଞା, ନିଶ୍ଚୟ ଆସିବେ।'' ତାଙ୍କ ଫୋନ୍ ପାଇସାରିବାଠାରୁ ମୋ

ମନରେ ଗୋଟିଏ ପ୍ରଶ୍ନ । ବାହାଘର ତିଥିଟି ତାଙ୍କର ମନେ ଥିଲା କି ନା ଜାଣେନି, ହୁଏତ ବିରାଟ ଭୋଜିଭାତ କରି ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଡାକି ନାଆଁ କରିବାପାଇଁ ପିଲାମାନେ ତାଙ୍କୁ ମନେ ପକେଇ ଦେଇଥିବେ । ତେଣୁ ସେ ଲାଗି ପଡ଼ିଛନ୍ତି ବନ୍ଧୁ ନିମନ୍ତ୍ରଣରେ । ଥରେ ସେ ମନେ ପକାଉଛନ୍ତି କି ପଚାଶବର୍ଷ ଧରି ସ୍ତ୍ରୀ କେମିତି ସମ୍ଭାଳିଛି ତାଙ୍କ ସଂସାର । ନିଜ ଘର ଭାଙ୍ଗି ଯାଉ ପଛେ କିନ୍ତୁ ବାହାରକୁ ଦେଖେଇ ହେବାରେ ଆଜି ଆମେ ଧୁରନ୍ଧର ।

ସନ୍ଧ୍ୟାରେ ବାହାରି ପଡ଼ିଲି ହିମାଂଶୁ ବାବୁଙ୍କ ଘରକୁ । ଘର ପାଇବାରେ ଅସୁବିଧା ହେଲା ନାହିଁ । ଆଲୋକମାଳାରେ ସଜା ହୋଇଥିବା ତାଙ୍କ କୋଠାଟି ଦୂରରୁ ଦୃଶ୍ୟମାନ ହେଉଛି । ତାଙ୍କ ଘରେ ପହଞ୍ଚିଲା ପରେ ବିରିୟାନି ବାସ୍ନା ଛୁଟି ଆସିଲା । ଖାଇବାଟା ଆଜି ବେଶ୍ ଜମିବ । ସାଇଡ୍‌ରେ ଷ୍ଟେଜର ଆୟୋଜନ ହୋଇଛି । ତା' ଉପରେ ଅର୍ଦ୍ଧ ଉଲଗ୍ନ ସୁନ୍ଦରୀ ଝିଅଟିଏ ମାଇକ୍ ଧରି ହିନ୍ଦୀ ସିନେମା ଗୀତରେ ସେ ଅଞ୍ଚଳକୁ ମୁଖରିତ କରୁଛି । ଏତେ ଜୋର୍‌ରେ ଅରକେଷ୍ଟ୍ରା ବାଜୁଛି ଯେ କାନ ଝାଇଁ ଝାଇଁ ହୋଇ ଯାଉଛି । ହିମାଂଶୁ ବାବୁଙ୍କର ଝିଅମାନେ ଆଜି ପରୀ ଭଳି ଦିଶୁଛନ୍ତି । ତାଙ୍କ ଝିଲ୍‌ମିଲ୍ ଡ୍ରେସ୍‌କୁ ମୁଁ ଚାହିଁ ପାରୁ ନ ଥାଏ । ଭେନୁର କେନ୍ଦ୍ରରେ କେକ୍ ସଜଡ଼ା ଚାଲିଛି । ହିମାଂଶୁ ବାବୁ ଅତିଥିମାନଙ୍କୁ ପାଛୋଟି ନେଉଥାନ୍ତି ଭେନୁକୁ । ଆଜି ତାଙ୍କର ପୋଷାକ ଅଛି ଭିନ୍ନ । ଗରମ ସତ୍ତ୍ୱେ ସେ କୋଟ୍, ପ୍ୟାଣ୍ଟ, ସାର୍ଟ ସହିତ ଟାଇ ମଧ୍ୟ ପିନ୍ଧିଛନ୍ତି । ସ୍ତ୍ରୀ ଗୀତା ପାଟ ଶାଢ଼ିଟିଏ ପିନ୍ଧି ବଲ୍‌ବଲ୍ ଚାହୁଁଛନ୍ତି ଭେନୁକୁ ।

ଗୀତାଙ୍କୁ ନମସ୍କାର ପକାଇଲାବେଳେ ସେ ମୋତେ ଶୁଖିଲା ପ୍ରତି ନମସ୍କାରଟିଏ ହେଲେ । ତାଙ୍କ ମନରେ ସତେଜତା ନ ଥିଲା । ବାଧ୍ୟ ହୋଇ ଏହି ଉତ୍ସବରେ ସାମିଲ ହୋଇଥିଲା ଭଳି ମନେହେଲା । ଥଟ୍ଟା କରି କହିଲି, ''ହିମାଂଶୁ ବାବୁ ଏହି ଶାଢ଼ିଟି ଦେଇଛନ୍ତି କି ?'' 'ହଁ'ଟିଏ ଝରି ପଡ଼ିଲା, ତାଙ୍କ ଓଠରୁ, ଠିକ୍ ଶୁଖିଲା ଫୁଲଟିଏ ଭଳି ।

କ'ଣ ପାଇଁ ଅଜି ଗୀତା ବିମର୍ଷ ? ସ୍ୱାମୀଙ୍କର ଏତେ ସବୁ ଆୟୋଜନକୁ ସେ ଉପଭୋଗ କରିପାରୁ ନାହାନ୍ତି କାହିଁକି ? ଆଜି ତାଙ୍କ ମନଆକାଶ ହୋଇ

ଯାଇଛି ଅନ୍ଧକାର, ଜହ୍ନ ବି ତାଙ୍କ ଦୁଃଖରେ ଦୁଃଖୀ । ଭେନୁକୁ ନ ଯାଇ ମୁଁ ତାଙ୍କ ତ୍ରିତଳ ପ୍ରାସାଦର ଗେଟ୍ ଭିତରେ ପଶିଲି । ଗୀତା ମଧ୍ୟ ମୋ ସହିତ ଗଲେ । ତାଙ୍କ ଡ୍ରଇରୁମ୍‌ରେ ମୋତେ ବସାଇଲେ । ଚାକରକୁ କହି ଥଣ୍ଡା ପାନୀୟ ଦେଇ ମୋତେ ଆପ୍ୟାୟନ କଲେ । ମୁଁ କିନ୍ତୁ ତାଙ୍କ ମୁହଁକୁ ବାରମ୍ବାର ଚାହୁଁଥାଏ ।

ଝିଅମାନଙ୍କୁ ତ ଦେଖିଲି, କିନ୍ତୁ ଆପଣଙ୍କ ପୁଅ ଆକାଶକୁ ତ ଦେଖୁନି । ଗୀତା ଦୀର୍ଘ ନିଃଶ୍ୱାସଟିଏ ମାରିଲେ ।

''ସେ ଆସିନି ।''

''ଆପଣ ଏତେ ବଡ଼ ଉତ୍ସବର ଆୟୋଜନ କରିଛନ୍ତି । ଗୋଟିଏ ବୋଲି ପୁଅ । ସେ କ'ଣ ଦିନଟିଏ ପାଇଁ ଆସି ପାରିଲାନି ?''

''ମାଡ଼ାମ୍, ତା' ମନ ଭଲ ନାହିଁ । ଶୁଖିଲା ମୁହଁରେ ସେ ହସ ଫୁଟାଇ ପାରିବନି ବୋଲି କାମର ବାହାନା କରି ବାଙ୍ଗାଲୋରରୁ ଆସି ପାରିନି ।'' ମୋ ମନରେ କୌତୂହଳ ସୃଷ୍ଟି ହେଲା । ମୁଁ ଅଧ୍ୟାପିକା ଥିବା ସମୟରେ ସେ ଯୁକ୍ତ ଦୁଇ ପଢୁଥିଲା । ଆକାଶ ସେତେବେଳେ ଥିଲା ନମ୍ର, ଭଦ୍ର ଓ ବୁଦ୍ଧିମାନ । ଦେଖିବାକୁ ଚେହେରା ଥିଲା ରାଜପୁତ୍ର ଭଳି । ଏକାଥରରେ ସେ କ୍ଲାସରେ ସବୁ ବୁଝି ଯାଉଥିଲା । ଆଇ.ଆଇ.ଟି. ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତ ହେଉଥିଲା । ମଝିରେ ମଝିରେ ମୁଁ ତାକୁ ପ୍ରେରଣା ଦେଉଥିଲି । ଏକମାତ୍ର ପୁତ୍ର ସନ୍ତାନ ହେଲେ ମଧ୍ୟ ସେ ପ୍ରାଚୁର୍ଯ୍ୟ ଭିତରେ ରହିବାକୁ ଭଲ ପାଉ ନ ଥିଲା । ପାଠ ହିଁ ଥିଲା ତା'ର ସର୍ବସ୍ୱ ।

ଥରକରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ସେ ଆଇ.ଆଇ.ଟି. ଖଡ଼୍‌ଗପୁରରେ ସିଟ୍ ପାଇଲା । ହିମାଂଶୁବାବୁ ମିଠା ପ୍ୟାକେଟ୍ ଧରି ମୋ ଘରକୁ ଆସିଥିଲେ । ପୁଅ ଝିଅଙ୍କ କୃତିତ୍ୱରେ ବାପା ମା ଯେଉଁ ଆନନ୍ଦ ଅନୁଭବ କରନ୍ତି ଅନ୍ୟ କୌଣସିରୁ ସେମିତି ଆନନ୍ଦ ପାଆନ୍ତିନି । ହିମାଂଶୁ ବାବୁଙ୍କ ଛାତି ଗର୍ବରେ ଫୁଲି ଉଠିଥିଲା । ନିଜ ପଡ଼ିଶାଙ୍କ ଘରଠାରୁ ଆରମ୍ଭ କରି ଅଫିସ୍ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ଆକାଶର ପ୍ରଶଂସା ।

ଆକାଶର ଯୁକ୍ତ ଦୁଇ ପରୀକ୍ଷାର ରେଜଲ୍ଟ ବାହାରିଲା । ସେ ପ୍ରଥମ ଦଶଜଣରେ ପଞ୍ଚମ ସ୍ଥାନ ଅଧିକାର କରିଥିଲା । କଲେଜର ସାଙ୍ଗମାନଙ୍କଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ପର୍ଯ୍ୟନ୍ତ ଏ ଖବର ପାଇଗଲେ । ଆକାଶ ଖୁସି ହେଉଥିଲା । ଆହୁରି ଆଗକୁ ଭଲ କରିବା ପାଇଁ ତା' ମନ ଭିତରେ ପ୍ରେରଣା ମୁଣ୍ଡ ଟେକୁଥିଲା । ତା' ପରଠାରୁ ତା' ସହିତ ମୋର ସମ୍ପର୍କ ନାହିଁ ।

ମୋର ପ୍ରିୟ ଛାତ୍ର ବିଷୟରେ ଜାଣିବା ପାଇଁ ମୋର ଆଗ୍ରହ ହେଲା । ତା'ପରେ କ'ଣ ହେଲା କି ମାଡ଼ାମ୍ ? ବୋଲି ପଚାରିଲି । ଗୀତା କହିଚାଲିଲେ । ଅଳ୍ପଦିନ ଭିତରେ ସେ ଖଡ଼ଗପୁରରେ ନାମ ଲେଖାଇ ଥିଲା । ସେଠାରେ ତା'ର ପରିସର ବଢ଼ିଗଲା । ଦିନରାତି ତା'ର ପଢ଼ିବାର ନିଶା ଦେଖି ଅଧ୍ୟାପକମାନେ ତାକୁ ଖୁବ୍ ଭଲ ପାଉଥିଲେ । ରାତି ୧୧ଟାରେ ମଧ୍ୟ ଆକାଶ ବସିଥାଏ ଲାଇବ୍ରେରୀରେ । କମ୍ କଥା ସେ କହେ । ସମସ୍ତଙ୍କ ସହିତ ମିଶି ପାରୁଥିବାରୁ ସବୁ ଭାଷାଭାଷୀ ପିଲାମାନେ ତାକୁ ଖୁବ୍ ଆଦର କରୁଥିଲେ । ଚାରିଟି ବର୍ଷ କେମିତି ଚାଲିଗଲା ଆକାଶକୁ କିଛି ଜଣା ପଡୁ ନ ଥିଲା । ସବୁବେଳେ ମୁଁ ତାକୁ ଫୋନ୍ କରି ତା' ଭଲମନ୍ଦ ବୁଝୁଥିଲି । ମା'ର ମନ ଥାଏ ସନ୍ତାନ ପାଖରେ । ଆକାଶର ଟିକିଏ ଅସୁବିଧା ହେଲେ ମୁଁ କଟକରେ ଥାଇ ମଧ୍ୟ ଅନୁଭବ କରିପାରୁଥିଲି । ରକ୍ତ ରକ୍ତକୁ ଟାଣେ । ହିଂମାଶୁ ବାବୁ ସବୁବେଳେ ଅଫିସ ଫାଇଲ୍ ଭିତରେ ହଜି ଯାଇଥାଆନ୍ତି ।

ଇଞ୍ଜିନିୟରିଂର ଫାଇନାଲ ଇଅରରେ ରେଜଲ୍ଟ ବାହାରିଲା । ଆକାଶ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଡିଗ୍ରୀ ହାସଲ କଲା । ମୁଁ ହିମାଂଶୁ ବାବୁ ଖଡ଼ଗପୁର ଯାଇଥିଲୁ ତା କନଭୋକେସନ ଦିନ । ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ଆକାଶକୁ କୁଣ୍ଢେଇ ପକେଇ ଥିଲେ । ପେଣ୍ଡଲରୁ ଡିଗ୍ରୀ ଧରି ତଳକୁ ଓହ୍ଲାଇ ଆସିଲା ପରେ ପ୍ରଥମେ ଆମ ପାଦଛୁଇଁ ପ୍ରଣାମ କରିଥିଲା । ସେଦିନ ମୋର ଛାତି କୁଣ୍ଢେ ମୋଟ ।

ପ୍ରଥମ ଚାନ୍ସରେ ଆକାଶ କ୍ୟାମ୍ପସ ସିଲେକସନ୍‌ରେ ଚାକିରି ପାଇଲା ସତ୍ୟମ୍ କମ୍ପାନୀରେ । କଟକ ଆସି ଜିନିଷପତ୍ର ଧରି ହାଇଦ୍ରାବାଦ ଯାଇଥିଲା ଜଏନ୍

କରିବା ପାଇଁ। ଚାକିରି କରି ଟଙ୍କା ରୋଜଗାର କରିବା ନିଶା ନ ଥାଏ ତା'ର। ଯାହା ଯେତେବେଳେ ଈଶ୍ୱର ଦେଲେ ତାକୁ ସେ ସାଦରେ ଗ୍ରହଣ କରେ। କିଛି ଦିନ ଚାକିରି କଲାପରେ ଛୁଟି ନେଇ ଏମ୍.ବି.ଏ. କଲା ଅହମଦାବାଦରେ। ତା' ବ୍ୟାଚରେ ମଧ୍ୟ ଏମ୍.ବି.ଏ.ରେ ସେ ପ୍ରଥମ ହୋଇଥିଲା। ମଣିଷର ଅଧ୍ୟବସାୟ କେବେ ବିଫଳ ହୁଏନି, ତାହା ଆକାଶ ଦେଖାଇ ଦେଇଥିଲା।

ଆକାଶକୁ ୨୫ ବର୍ଷ ପୂରିଲା କ୍ଷଣି ଅନେକ ବାହାଘର ପ୍ରସ୍ତାବ ଆସିଥିଲା। ବାପା ମାଙ୍କର ଏକମାତ୍ର ପୁତ୍ର ହୋଇଥିବାରୁ ଅନେକ କନ୍ୟାପିତା ତାକୁ ଜ୍ୱାଇଁ କରିବା ପାଇଁ ଆଗେଇ ଆସିଲେ। ସେ କିନ୍ତୁ ବାହାଘର ଆଡ଼କୁ ନଜର ଦେଉ ନ ଥାଏ। ବାହାଘର ପରେ ପରେ ତାଙ୍କ କେତେଜଣ ସାଙ୍ଗଙ୍କର ଜୀବନ ନର୍କ ପାଲଟି ଯାଇଛି ବୋଲି ଜାଣିଲା ପରେ ତାକୁ ଭୀଷଣ ଡର ଲାଗୁଥାଏ। କୌଣସି ପରିସ୍ଥିତିରେ ସେ ବାପା ମାଙ୍କୁ ଦୁଃଖୀ କରିପାରିବନି। କଥା କଥାରେ ଛାଡ଼ପତ୍ର, ଯୌତୁକ ନିର୍ଯ୍ୟାତନା ଦୋଷ ଦେଇ ସ୍ୱାମୀ ଓ ଶାଶୂ ଶ୍ୱଶୁରଙ୍କୁ ଜେଲ୍‌ରେ ପୂରେଇବା ଇତ୍ୟାଦି ହୋଇଗଲାଣି ନିତିଦିନିଆ କଥା।

ଏଇ ତ କେତେଟା ଦିନ ଆଗରୁ ସାଙ୍ଗ ପ୍ରୀତମ୍ ବାହା ହୋଇଥିଲା। ସ୍ତ୍ରୀ ତା'ର ପଢୁଥିଲା ଏମ୍.ଏସ୍‌ସି.। ପ୍ରଥମେ ପ୍ରଥମେ ତା' ସ୍ୱଭାବ ସମସ୍ତଙ୍କୁ ମୁଗ୍ଧ କରି ଦେଉଥିଲା। ତା' ହସ ଥିଲା ମୋନାଲିସାର ହସ। ପ୍ରୀତମ୍ ନିଜକୁ ଭାଗ୍ୟବାନ ମନେ କରୁଥିଲା। ବାହାଘରର ୫ଟି ମାସ ଯାଇଛି। ଦୁଇଜଣଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଯାଇଛି। ଫୋନ୍‌ରେ ଦୁଇଜଣ ପରସ୍ପରକୁ ଦୋଷ ଦେଇ ଚାଲିଛନ୍ତି। ଏସବୁର ପ୍ରଭାବ ପଡୁଥାଏ ଆକାଶ ଉପରେ।

ସମୟ ହେଉଛି ବଳବାନ୍। କେତେବେଳେ କେମିତି ସେ ଛପି ଛପି ଆସେ, ଛାର ମଣିଷକୁ ଛିନ୍‌ଭିନ୍ କରିଦିଏ, କିଏ ବା ଏକଥା ଜାଣିବ? ଆକାଶ ବୁଝି ବିଚାରି କାମ କରୁଥିଲେ ମଧ୍ୟ ସେମିତି ଦୁର୍ଦ୍ଦିନର ଶିକାର ହୋଇଛି।

ତା' ଡିପାର୍ଟମେଣ୍ଟରେ କାମ କରୁଥାଏ ପ୍ରେରଣା। ସମ୍ଭ୍ରାନ୍ତ ପରିବାରର ଝିଅ ସେ। ବାପା ଚିଫ୍ ଇଞ୍ଜିନିୟର। ପ୍ରେରଣା ଥିଲା ଗୋଟିଏ ଚାଉଳରେ ଗଢ଼ା। ରଙ୍ଗ

ଯେମିତି , ସ୍ୱାସ୍ଥ୍ୟ ମଧ୍ୟ ସେମିତି । କର୍ମନିପୁଣା ଝିଅଟିଏ । ଅନେକ ଇଞ୍ଜିନିୟର ତା' ପଛରେ ଲାଇନ୍ ବାନ୍ଧିଥାନ୍ତି । ପ୍ରେରଣାର କିନ୍ତୁ ନଜର ଥାଏ ଆକାଶ ଉପରେ । ଦିନେ ସନ୍ଧ୍ୟାରେ ପ୍ରେରଣା ଆକାଶକୁ ତା' ଆପାର୍ଟମେଣ୍ଟକୁ ଡାକିଥିଲା । ବନ୍ଧୁତ୍ୱର ହାତ ବଢ଼େଇଥିଲା ପ୍ରେରଣା । ଦୁଇଜଣ ଗପସପରେ ସେଦିନ ସନ୍ଧ୍ୟାଟି କଟେଇଥିଲେ ।

ଆକାଶ ପ୍ରେରଣାକୁ ଦୂରରୁ ଦେଖୁଥିଲା । ସେଦିନ ସନ୍ଧ୍ୟାରେ ତାକୁ ନିକଟରେ ପାଇ ତା ' ରୂପ ଯୌବନ, ବ୍ୟବହାର ଆଚାରରେ ତା' ଆଡ଼କୁ ଟିକିଏ ଢଳିଥିଲା । ବାରଣ୍ଡାରେ ଦେଖାହେଲେ ପ୍ରେରଣାକୁ 'ହାଲୋ', 'ହାଏ' କହି ଚାଲି ଯାଉଥିଲା । ତଥାପି ମନ ଭିତରେ ତା' ପ୍ରତି ଦୁର୍ବଳତାର ଗଜା ସୃଷ୍ଟି ହୋଇଯାଇଥିଲା । ମୁହଁ ଖୋଲି ପ୍ରେରଣାକୁ କହି ନ ପାରି ସାଙ୍ଗ ଅନିମେଷ ଜରିଆରେ ତା' ଭଲ ପାଇବା ଜଣେଇ ଦେଇଥିଲା । ପ୍ରେରଣା ସେହି ସୁଯୋଗ ଉଣ୍ଡୁଥିଲା । ଦୁଇଜଣ ଦୁଇଜଣଙ୍କ ପାଖରେ ପହଞ୍ଚି ଯାଇଥିଲେ । ତେଣୁ ଘରୁ ଯେତେ ପ୍ରସ୍ତାବ ମୁଁ ଦେଲେ ମଧ୍ୟ ଆକାଶ ସବୁକୁ ନାହିଁ କରି ଦେଉଥିଲା ।

ଦିନେ ଦୁଇଜଣ ହାଇଦ୍ରାବାଦର ସମୁଦ୍ରକୂଳକୁ ବୁଲିବାକୁ ଯାଇଥିଲେ । ସମୁଦ୍ର କୂଳରେ ଆକାଶ ତା' ମନ କଥା ସିଧାସିଧି ଭାବରେ ଜଣେଇଦେଲା ପ୍ରେରଣାକୁ । ପ୍ରେରଣା ସେଦିନ ସାରା ବିଶ୍ୱକୁ ନିଜ ହାତମୁଠାରେ ପାଇଲା ଭଳି ମନେ କରୁଥାଏ । ଟାଲେଣ୍ଟେଡ୍ ଆକାଶକୁ କିଏ ବା ହାତଛଡ଼ା କରିବ ?

ତୁମକୁ ମୁଁ ଚାହେଁ ପ୍ରେରଣା । ତୁମର ମତାମତ କ'ଣ ?

ତଳକୁ ମୁହଁ କରି ପ୍ରେରଣା 'ହଁ'ଟିଏ ମାରି ଖିଲିଖିଲି ହସି ହସି ସମୁଦ୍ର ବାଲିରେ ଦୌଡ଼ି ଦୌଡ଼ି ଚାଲି ଯାଇଥିଲା କିଛି ଦୂର । ତା'ର ଯିବା ବାଟକୁ ଆକାଶ ମୁଗ୍ଧ ହୋଇ ଚାହିଁଥିଲା ସେଦିନ । ଖୁସିର ଡଙ୍ଗାରେ ବସି ସେମାନେ ସମୁଦ୍ରରେ ସାରା ବୁଲିଥିଲେ ସେଦିନ ସନ୍ଧ୍ୟାରେ ।

ଆଜି ତା' ଜୀବନର ଆଉ ଏକ ନୂଆ ପାହାଚ ସେ ଠିକ୍ କରିଦେଲା । ଏବେ ଚଢ଼ି ଚଢ଼ି ସେ ପାହାଚରେ ଉଠିବ । କେଉଁଠି ଥକିପଡ଼ିଲେ ପ୍ରେରଣା ତା'

ହାତ ଧରି ଆଗକୁ ଆଗକୁ ନେଇଯିବ । ଆଜିଠୁ ତା' ମନ ପ୍ରଜାପତି ଘୂରି ବୁଲିବ ପ୍ରେରଣା ଚାରିପାଖରେ । ଗୁଣୀ, ଜ୍ଞାନୀ, ମେଧାବୀ, କର୍ମଠ ଆକାଶ ଜୀବନରେ ପ୍ରେରଣା ସ୍ଥାନ ପାଇ ଯାଇଥିବାରୁ ତା' ଜୀବନ ସାର୍ଥକ ହେଲା ବୋଲି ସେ ମଧ୍ୟ ଭାବୁଥାଏ । ଦୁଇଜଣ ସେଦିନ ବେଶୀ କିଛି ଗପି ନ ଥିଲେ ଖାଲି ଯାହା ବହୁଦିନର ସାଇତା ଆକାଙ୍କ୍ଷାକୁ ପ୍ରକାଶ କରି ବେଶ୍ ହାଲୁକା ଅନୁଭବ କରୁଥିଲେ ।

ଦୋଳଛୁଟିରେ ଆକାଶ ଆସିଥିଲା କଟକ । ସାଙ୍ଗରେ ଆଣିଥିଲା ପ୍ରେରଣାର ଫଟୋ । ଆକାଶ ଘରେ ପହଞ୍ଚିବାଠାରୁ ମହୁମାଛି ଭଳି ମୁଁ ଚାରିପଟେ ବୁଲି ବୁଲି ବିଭିନ୍ନ ପ୍ରସ୍ତାବ ବିଷୟରେ କହୁଥାଏ । ଆକାଶର ଥିଲା ମାତ୍ର ଗୋଟିଏ ପ୍ରସ୍ତାବ । ମୋତେ ପ୍ରେରଣା ବିଷୟରେ ସବୁ କହିଥିଲା । ଫଟୋଟି ଦେଖାଇଲା । ଯେ କୌଣସି ଲୋକ ଫଟୋଟି ଦେଖିଲେ ପ୍ରେରଣା ପ୍ରତି ଆକୃଷ୍ଟ ହୋଇଯିବ । ମୋର ମନା କରିବାର ନ ଥିଲା । ହିମାଂଶୁ ବାବୁ ମଧ୍ୟ ପୁଅ ପ୍ରସ୍ତାବରେ ଅମତ ହେଲେ ନାହିଁ । କାରଣ ଆଜିକାଲି ଶତକଡ଼ା ୯୦ ଭାଗ ପୁଅ ଝିଅ ନିଜ ଇଚ୍ଛାରେ ଜୀବନସାଥୀ ବାଛୁଛନ୍ତି । ପ୍ରେରଣା ବ୍ରାହ୍ମଣ ଘରର ଓଡ଼ିଆ ଝିଅଟିଏ । ଦେଖିବାକୁ ବେଶ୍ ସୁନ୍ଦର । ଚାକିରି କରୁଛି ପୁଅ କମ୍ପାନୀରେ । କେଉଁ କଥାରେ ଅମତ ହେବାର ନାହିଁ । ପ୍ରେରଣା ମଧ୍ୟ ତା' ବାପା ମାଙ୍କୁ ଆକାଶ ବିଷୟରେ ପ୍ରସ୍ତାବ ଦେଇଥିଲା । ଏତେ ଭଲ ପ୍ରସ୍ତାବକୁ ସେମାନେ ହାତଛଡ଼ା ବା କାହିଁକି କରିବେ । ଆଜିକାଲି ଭଲ ବରପାତ୍ରଟିଏ ପାଇବା ମଧ୍ୟ କଷ୍ଟକର । ସେମାନେ ପ୍ରେରଣାଠାରୁ ସବୁ ଶୁଣିଲା ପରେ ପ୍ରସ୍ତାବରେ ରାଜି ହୋଇ ଯାଇଥିଲେ । ଦିନ ବାର ଧରି ବାହାଘର କରାଯାଇଥିଲା ।

ଏହା ଭିତରେ ଆକାଶକୁ ତା' କମ୍ପାନୀ ଦୁଇବର୍ଷ ପାଇଁ ଲଣ୍ଡନ ପଠାଇଲା । ପ୍ରେରଣା ମଧ୍ୟ ତା' ସହିତ ଯାଇଥିଲା ଲଣ୍ଡନ । ସେଠାରେ ଅଳ୍ପଦିନ ଭିତରେ ପ୍ରେରଣା ଗୋଟିଏ ଚାକିରି ପାଇଥିଲା । କମ୍ପାନୀ ଚାକିରି ପୁଣି ଦୁଇଜଣ ଚାକିରିଆ । ଅର୍ଥ ମିଳିଗଲା ପ୍ରଚୁର । କିନ୍ତୁ ପରସ୍ପର ଭିତରେ ଭାବର ଆଦାନ ପ୍ରଦାନ ପାଇଁ

ସମୟ ମିଳୁଥିଲା ଖୁବ୍ କମ୍ । କେହି କାହାକୁ ଠିକ୍ ଭାବରେ ଚିହ୍ନିବା ପାଇଁ ସମୟ କାହିଁ ? ଆଜିକାଲି ଚାକିରିର ଗତିବିଧି ତ ଏମିତି ।

ବାହାଘରର ପାଞ୍ଚମାସ ପରେ ପ୍ରେରଣା ହେଲା ଅନ୍ତସତ୍ତ୍ୱା । ତେଣୁ ଶାରୀରିକ ଅସୁସ୍ଥତା ଅନୁଭବ କଲା, ତା' ସହିତ ପୁଣି ଚାକିରି । ଇଣ୍ଡିଆରୁ ତା' ମାଙ୍କୁ ଡକାଇଥିଲା । ମା ପହଞ୍ଚିଲା ପରେ ସେ ଘର କାମରେ ସାହାଯ୍ୟ କଲେ । ବିଦେଶରେ ଚାକର ରଖିବା ମୁସ୍କିଲ୍ । ଚାକରମାନଙ୍କୁ ପ୍ରଚୁର ଅର୍ଥ ଦେବାକୁ ପଡ଼େ । ସମସ୍ତେ ନିଜ କାମ ନିଜେ କରନ୍ତି । ତେଣୁ ଅନେକ ବାପା ମା ଇଣ୍ଡିଆରୁ ଟଣା ହୋଇ ଯାଆନ୍ତି ନାତି, ନାତୁଣୀଙ୍କର ଯତ୍ନ ନେବା ପାଇଁ ।

ପ୍ରେରଣାର ମା ଲଣ୍ଡନରେ ରହିବାର କିଛି ଦିନ ଭିତରେ ପ୍ରେରଣାର କଥାବାର୍ତ୍ତା ଆକାଶକୁ ଟିକିଏ ଅଡୁଆ ଲାଗିଲା । ହାଇଦ୍ରାବାଦର ସମୁଦ୍ରକୂଳରେ ଦେଖିଥିବା ପ୍ରେରଣାକୁ ସେ ଦେଖିଲା ଅନ୍ୟ ରୂପରେ । ଆକାଶ ସ୍ୱଚ୍ଛ ନିର୍ମଳ ପିଲାଟିଏ । ସବୁକୁ ସେ ଗ୍ରହଣ କରି ନେଉଥିଲା । ଏହା ଭିତରେ ଆକାଶ ଓ ପ୍ରେରଣା ହେଲେ ଗୋଟିଏ ପୁତ୍ର ସନ୍ତାନର ପିତା ମାତା । ଆକାଶ ପିତୃତ୍ୱ ପାଇଗଲା ପରେ ଖୁବ୍ ଖୁସି ହୋଇଗଲା । ଲଣ୍ଡନରେ ଛୋଟ ପିଲାକୁ ନେଇ ଚଳିବାରେ ଅସୁବିଧା ହେବ ବୋଲି ଭାବି ସେ ବାଙ୍ଗାଲୋରରେ ଗୋଟିଏ ଫ୍ଲାଟ୍ କିଣି ପ୍ରେରଣା ଓ ତା ଶାଶୂଙ୍କୁ ପଠାଇଦେଲା । ଲଣ୍ଡନରେ ରହିଲା ଆକାଶ । ପ୍ରତି ସପ୍ତାହ ଆକାଶ ପ୍ରେରଣା ଓ ପୁଅ କଥା ବୁଝାବୁଝି କରୁଥାଏ । ବାଙ୍ଗାଲୋରରେ ବ୍ୟାଙ୍କ ଆକାଉଣ୍ଟ ଖୋଲି କିଛି ଟଙ୍କା ଜମା କରିଦେଲା । ସ୍ତ୍ରୀ ଓ ପୁଅ ପାଇଁ ସେ ଥିଲା ସଚେତନ । ବାଙ୍ଗାଲୋରରେ ରହିଲା ପରେ ପ୍ରେରଣା ଚାକିରିଟିଏ କଲା । ଘରେ ତା' ମା ନାତିର ଯତ୍ନ ନେଉଥିବାରୁ ତା'ର କିଛି ଅସୁବିଧା ହେଲାନି । ମଝିରେ ମଝିରେ ଆମେ ମଧ୍ୟ ବାଙ୍ଗାଲୋର ଯାଇ ବୋହୂ ଓ ନାତିକୁ ଦେଖି ଆସୁଥିଲୁ । ନାତିକୁ ଦେଖି ଆମ ପେଟ ପୂରି ଯାଉଥିଲା । ପୁଅଠାରୁ ଅଧିକ ସ୍ନେହ ନାତି ଉପରେ ଅଜାଡ଼ି ହୋଇଯାଏ । ନାତି ପରା ସୁଧ ଧନ ।

ବେଳେବେଳେ ସମୟ କ୍ରୁର ରୂପ ଧାରଣ କରେ । ତାକୁ ମୁକାବିଲା କରିବାକୁ ଛାର ମଣିଷ ହୋଇଯାଏ ଅକ୍ଷମ । ସରଳ ପ୍ରକୃତିର ଆକାଶକୁ ଏମିତି ସମୟକୁ

ସାମନା କରିବାକୁ ପଡ଼ିଥିଲା । ଅନେକ ସମୟରେ ମା'ମାନେ ଝିଅ ଘରେ ହସ୍ତକ୍ଷେପ କରି ସେମାନଙ୍କ ସୁନାର ସଂସାରକୁ ଭାଙ୍ଗି ଚୁରମାର କରିଦିଅନ୍ତି । ଝିଅର ଭବିଷ୍ୟତ ସେମାନେ ଭୁଲିଯାଆନ୍ତି । ମନଇଚ୍ଛା ଝିଅକୁ କୁଶିକ୍ଷା ଦେଇ ସେମାନେ ପାଆନ୍ତି ଆନନ୍ଦ । ଏଥିରେ ସେମାନଙ୍କର ସ୍ୱାର୍ଥ ଜଡ଼ିତ ଥାଏ ।

ପ୍ରତି ମାସ ଆକାଶ ପଠାଉଥିବା ଟଙ୍କା କ୍ରମଶଃ ଟ୍ରାନ୍ସ୍‌ଫର ହୋଇଗଲା ତା' ମା'ଙ୍କ ଆକାଉଣ୍ଟକୁ । ପ୍ରେରଣାର ଗହଣା ସବୁ ରହିଗଲା ତା' ମା'ଙ୍କ ଲକରରେ । ଏସବୁ କଥା ଜାଣିବାକୁ ଆକାଶର ସୁବିଧା ନ ଥିଲା । ଏବେ ଫୋନ୍‌ରେ ପ୍ରେରଣାର କର୍କଶ କଥା ଶୁଣୁଥିଲା ଆକାଶ । ପ୍ରେରଣା କାହିଁକି ତା' କଥାବାର୍ତ୍ତା ଢଙ୍ଗ ବଦଳେଇ ଦେଇଛି ଆକାଶ ତାହା ଜାଣିପାରୁ ନ ଥିଲା । ଦିନେ ଦିନେ ଟେମ୍ସ ନଦୀ କୂଳରେ ବସି ବିଗତ ଦିନଗୁଡ଼ିକୁ ଭାବି ହୁଏ । ପ୍ରେରଣା ଓ ତା' ଭିତରେ ଥିବା ନିବିଡ଼ ପ୍ରେମକୁ ଝୁରି ହୁଏ । ଜଣକ ମନ ଭିତରେ ସତେ ଯେମିତି ଆଉ ଜଣକ ମନ ଦ୍ରବୀଭୂତ ହୋଇଯାଉ ଥିଲା ସେ କଥା ଭାବେ । ପ୍ରେରଣା ଓ ତା' ପୁଅ ଗୁଲୁ କଥା ତା'ର ବହୁତ ମନେପଡ଼େ । ଲଣ୍ଡନରେ ଆଉ ତା'ର ମନ ଲାଗିଲାନି । ଶେଷରେ ସେ ଲଣ୍ଡନ ଛାଡ଼ି ଚାଲି ଆସିଲା ବାଙ୍ଗାଲୋରକୁ । ଯେଉଁଦିନ ସେ ବାଙ୍ଗାଲୋର ଏୟାରପୋର୍ଟରେ ପହଞ୍ଚିଲା ତାକୁ ସ୍ୱାଗତ କରିବାକୁ ପ୍ରେରଣା ଯାଇ ନ ଥିଲା । ଆକାଶ ମନରେ ଅନେକ ପ୍ରଶ୍ନ ଉଠି ଥିଲା ସେଦିନ । ଗୁଲୁକୁ ଦେଖିବା ପାଇଁ ତା' ମନ ଉଚ୍ଛନ୍ନ ହେଉଥାଏ । ଟ୍ୟାକ୍ସିରେ ଆସି ଏକାଏକା ଘରେ ପହଞ୍ଚିଲା । ସେଦିନ ପ୍ରେରଣା ଆକାଶକୁ ଦେଖି ଖୁସି ହୋଇ ନ ଥିଲା । କିନ୍ତୁ ଗୁଲୁ ଆଣ୍ଠେଇ ଆଣ୍ଠେଇ ଆସି ବାପାର ଗୋଡ଼ ଧରି ତା' ମୁହଁକୁ ବଲବଲ ଚାହିଁଥିଲା । ଶ୍ରଦ୍ଧାରେ ଆକାଶ ତାକୁ ଟେକି କୋଳେଇ ନେଇ ମୁହଁ, ନାକ, ହାତ, ଗୋଡ଼ରେ ଶହ ଶହ ଚୁମା ଦେଇଥିଲା । ଗୁଲୁ ଖିଲିଖିଲି ହସି ହସି ଛାଟିପିଟି ହେଉଥାଏ । ବାପା ଓ ପୁଅର ଏମିତି ଏକ ଦୃଶ୍ୟରେ ମା ଆତ୍ମସନ୍ତୋଷ ଲାଭ କରିବା କଥା, କିନ୍ତୁ ସେଦିନ ପ୍ରେରଣାର ମୁହଁ ଗମ୍ଭୀର ଲାଗୁଥାଏ । ସେ ଖୁସି ହୋଇ ପାରୁ ନ ଥାଏ ।

ଫୋନ୍‌ରେ କଥା ହେବା ବେଳେ ଆକାଶ ଅନୁମାନ କରି ପାରୁଥିଲା ଯେ ପ୍ରେରଣାର ତା' ସହିତ ମଧୁର ସମ୍ପର୍କ ନାହିଁ । କାରଣଟା କ'ଣ ହୋଇପାରେ

ବୋଲି ସେ ଲଣ୍ଡନରେ ଅନେକ ଭାବିଛି । ସେ ବାଙ୍ଗାଲୋରରେ ପ୍ରକୃତ ପରିସ୍ଥିତି ଦେଖି ଭାଙ୍ଗିପଡ଼ିଲା । ଲଣ୍ଡନରୁ ଆସି ବାଙ୍ଗାଲୋରରେ ଚାକିରିରେ ଜଏନ୍ କଲା । ପୁଣି ଚାକିରି ପାଇଁ ସେହି ନିତିଦିନିଆ ଦଉଡ଼ ଲାଗି ରହିଲା ।

ଆକାଶ ଏ ସବୁକଥା ଆମକୁ କହି ନ ଥିଲା । କାରଣ ଆମେ ବୟସର ମଧ୍ୟାହ୍ନକୁ ଅତିକ୍ରମ କରି ସାରିଲୁଣି । ଏବେ ବୟସର ଭାର ସହିବାକୁ ଅକ୍ଷମ । ବୋଝ ଉପରେ ନଳିଳା ବିଡ଼ା ଥୋଇଲା ଭଳି ଆକାଶ ତା' ଦୁଃଖ କହି ଆମକୁ ଭାରାକ୍ରାନ୍ତ କରିବାକୁ ଚାହିଁଲାନି ।

ବାଙ୍ଗାଲୋରରେ ଟିକିଏ ଟିକିଏ କଥାରେ ଝଗଡ଼ା ଲାଗିଲା ଆକାଶ ଓ ପ୍ରେରଣା ଭିତରେ । ପ୍ରେରଣାର ମା କଳିରେ ଇନ୍ଧନ ଢାଳୁଥିଲେ । ଏମିତି ମା' ମଧ୍ୟ ସମାଜରେ ଅନେକ ଅଛନ୍ତି । ଝିଅ ଘର ଭାଙ୍ଗିଗଲେ ସେମାନଙ୍କର ଯାଏ ଆସେ ନ ଥାଏ । ଝିଅର ଟଙ୍କାକୁ ହଜମ କରିବାରେ ଥାଏ ନିଶା । ଠିକ୍ ତାହା ହିଁ ଘଟିଥିଲା ଆକାଶ ପରିବାରରେ । ଆକାଶ ଲଣ୍ଡନରୁ ଆସିବା ପୂର୍ବରୁ ସବୁ ଟଙ୍କା ଓ ସୁନା ଗହଣା ହସ୍ତଗତ କରିସାରିଲା ପରେ ଝିଅର ଉପାର୍ଜନ ଉପରେ ଆଖି ପକେଇ ଥିଲେ ତା' ମା । କେମିତି ଝିଅ ଜ୍ୱାଇଁଠାରୁ ଅଲଗା ହୋଇଯାଉ ତାହା ସେ ଚାହୁଁଥାନ୍ତି । ତେଣୁ ଝିଅକୁ କୁମନ୍ତ୍ରଣା ଦେବାରେ ଲାଗିଲେ । ଛୋଟ ମୋଟ କାରଣ ଦର୍ଶାଇ କିଛି ଦିନ ପରେ ପ୍ରେରଣା ଆକାଶକୁ ଛାଡ଼ପତ୍ର ଦେବା ପାଇଁ କୋର୍ଟର ଦ୍ୱାରସ୍ଥ ହେଲା । ତିନି ବର୍ଷ ପରେ ଛାଡ଼ପତ୍ର ମଞ୍ଜୁର ହୋଇଗଲା । ବାଙ୍ଗାଲୋରରେ ଆକାଶର ଉପାର୍ଜନରେ କିଣା ଯାଇଥିବା ଫ୍ଲାଟରେ ଥିଲା ପ୍ରେରଣା । କୋର୍ଟର ନିୟମ ଅନୁସାରେ ଫ୍ଲାଟଟି ମିଳିଗଲା ଆକାଶକୁ କିନ୍ତୁ କୋମଳମତି ଶିଶୁ ଗୁଲୁ ରହିଲା ପ୍ରେରଣା ପାଖରେ । ଆକାଶ ଆମ ପାଖକୁ ଆସିଲେ ଗୁଲୁକୁ ନେଇ ପ୍ରେରଣା କଟକ ଆସେ । ନାତିକୁ ଦେଖି ଆମ ଆଖିରୁ ଆନନ୍ଦାଶ୍ରୁ ବୋହିଯାଏ । ପ୍ରେରଣା ସାଧାରଣ ଭାବରେ ବୋହୂର ଭୂମିକାରେ ଅଭିନୟ କରି ଫେରିଯାଏ ବାଙ୍ଗାଲୋର । ଆକାଶର ଏକା ଜିଦ୍ ସେ ପୁଣି ବାହା ହୋଇ ସ୍ୱାମୀର ଅଭିନୟ କରି ପାରିବନି ।

ଗୀତାଠାରୁ ସବୁ କଥା ଶୁଣିଲା ପରେ ମୋ ମନ ବିଦ୍ରୋହ କରି ଉଠିଲା । ଯେଉଁ ସମାଜ ସ୍ତ୍ରୀଲୋକମାନଙ୍କୁ ଶ୍ରେଷ୍ଠ ଆସନ ଦେବା ପାଇଁ ଦାବି କରେ, ତଣ୍ଟି

ଫଟେଇ ସ୍ଲୋଗାନ ଦିଏ, ସେହି ସମାଜରେ ଏମିତି ସ୍ତ୍ରୀଲୋକ ତ ଅଛନ୍ତି। ତେବେ ସମାଜ ବଦଳିଲା କେଉଁଠି ? ନାରୀ ସୁରକ୍ଷା, ନାରୀ ପ୍ରତି ଅବିଚାର, ନାରୀ ନିର୍ଯ୍ୟାତନା, ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି। କିନ୍ତୁ ନାରୀର ଏଭଳି ନୃଶଂସତା କେଉଁ ପୃଷ୍ଠାରେ ଦେଖିବାକୁ ମିଳୁଛି ? ଶାଶୂ ଶ୍ୱଶୁର ବେଳେବେଳେ ହାତକଡ଼ି ପିନ୍ଧି ଟି.ଭି. ପରଦାରେ ଠିଆ ହେବା ଦୃଶ୍ୟମାନ ହେଉଛି। ସବୁବେଳେ କ'ଣ ଶାଶୂ, ଶ୍ୱଶୁର ଦାୟୀ ? ସ୍ୱାମୀ ଦାୟୀ ? ଅନେକ ସମୟରେ ସ୍ତ୍ରୀ ମଧ୍ୟ ଦାୟୀ ହୋଇଥାଏ ଅନେକ ଘଟଣା ପାଇଁ। ସେ ସ୍ତ୍ରୀ ହେଉ ବା ଶାଶୂ ହେଉ, ସେ ତ ନାରୀଟିଏ। ତେବେ କାହାଠାରୁ କଳହ ସୃଷ୍ଟି ହୁଏ ???

ଆଜିର ନାରୀ ପ୍ରେମରେ ରାଧା କି ବାତ୍ସଲ୍ୟରେ ଯଶୋଦା ହୋଇପାରୁନି। ପୁରାଣ ଯୁଗରେ ନାରୀ ଥିଲା ଚିରନ୍ତନ ସୌନ୍ଦର୍ଯ୍ୟମୟୀ, କୋମଳମତି, ପବିତ୍ର, ଆଧ୍ୟାତ୍ମିକତା ଏବଂ ଶାନ୍ତିର ଜୀବନ୍ତ ପ୍ରତିରୂପ। ନାରୀ ହେଉଛି ପରିବାରର ଦ୍ରଷ୍ଟା ଏବଂ ସ୍ରଷ୍ଟା। ଆଜିର ନାରୀ ହେଉଛି ଭିନ୍ନ। ସେ ଟିକିଏ ଟିକିଏ କଥାରେ ଆଇନ୍ କାନୁନ ବଳୟ ଭିତରକୁ ଟାଣି ହୋଇ ଯାଉଛି। ନିଜ ସ୍ୱାର୍ଥ ପାଇଁ ପ୍ରେରଣା ଆଇନକୁ ନିମନ୍ତ୍ରଣ କରିଛି। କେଉଁଠି ହଜିଗଲା ତା'ର ପ୍ରେମ ବିବାହ। ଆକାଶର ସୁଖର ଚାବିକାଠିକୁ ରଖିଦେଲା ତା' ପାଖରେ। ବାପା ମା ଦେଖିଚାହିଁ ବାହାଘର କରିବାଟା କ'ଣ ନିରର୍ଥକ ?

ଗୀତାଙ୍କଠାରୁ ସବୁ ଶୁଣିଲା ପରେ ମନଟା ମୋର ବିଷାକ୍ତ ହୋଇ ଯାଇଥିଲା। ଦୁଃଖକୁ ଭୁଲିବା ପାଇଁ ହିମାଂଶୁ ବାବୁଙ୍କର ଏ ଆୟୋଜନ ଦେଖି ମନେ ମନେ ମୁଁ ତାଙ୍କୁ ତାରିଫ୍ କଲି। କେଉଁଥିରେ ତ ମଣିଷ ଟିକିଏ ଦୁଃଖ ଭୁଲିବ। ଏଇଟା ବୁଦ୍ଧିମାନର କାମ। କିନ୍ତୁ ଗୀତା ? ମା ସେ। ପୁଅର ଏମିତି ଦୁର୍ଦ୍ଦିନରେ ଘରେ ନିଜର ବିବାହ ବାର୍ଷିକୀ ପାଳନକୁ ସେ ଠିକ୍ ଭାବରେ ଉପଭୋଗ କରିପାରୁନାହାନ୍ତି।

◆◆◆

# ଅସରନ୍ତି ପଥର ପଥିକ

ପ୍ରତ୍ୟେକ ଦିନ ଭୋର ସମୟରେ ଦେଖାହୁଏ ସ୍ତ୍ରୀଲୋକଟି ସହିତ । କଟକ ରେଲୱେ ଷ୍ଟେସନ୍‌ରୁ ବାହାରି ପାଦ ତା'ର ଆଗେଇଥାଏ ସହର ଆଡ଼େ । କାନ୍ଧରେ ଥାଏ ବଡ଼ ବ୍ୟାଗ୍‌ଟିଏ । ଚାଲିବାର ଶକ୍ତି ନ ଥିଲା ଭଳି ମନେ ହୁଏ । ବାଟରେ ସୁଲଭ ଶୌଚାଳୟରେ ନିତ୍ୟକର୍ମ ସାରି ପୁଣି ଚାଲେ ଆଗକୁ ଆଗକୁ । ପ୍ରଭାତ ଭ୍ରମଣ ସମୟରେ ଅନେକ ଥର ଭାବେ କିଏ ସେ ଦୁଃସ୍ଥ ମଣିଷ । ସବୁକଥାକୁ ଯେମିତି ସେ ଚାପିଦେଇଛି ତା' ଥର ଥର ପଞ୍ଜରା ଭିତରେ । ପାଖ ଦେଇ ତା'ର କେତେ ଗାଡ଼ି, ମଟର, ଅଟୋରିକ୍ସା ଧାଇଁଥାନ୍ତି । ଏସବୁକୁ ନ ଥାଏ ତା'ର ନଜର । ଅନେକ ଛକ ଅତିକ୍ରମ କରେ । କେଉଁଆଡ଼େ ଯାଉଛି ସେ ? କାନ୍ଧରେ ଥିବା ବ୍ୟାଗ ଭିତରେ ବୋଧହୁଏ ତା'ର ସମସ୍ତ ସମ୍ବଳ ଶ୍ୱାସରୋଧ ହେଉଥାଆନ୍ତି । ଓଜନିଆ ବ୍ୟାଗ ଧରି ଯାଉଥିବାବେଳେ ତାକୁ କଷ୍ଟ ଲାଗିଲାଭଳି ମନେ ହେଉଥାଏ । କାହାରି ସହିତ ପଦେ କଥା ମଧ୍ୟ ହୁଏନି ସେ । ଗୋଟିଏ ମର୍ମାନ୍ତିକ ଅସହାୟତା ତାକୁ ଯେମିତି ଜାବୁଡ଼ି ଥାଏ ।

ସବୁଦିନେ ମନ ଭିତରକୁ ଆସେ ଏକ ଛୋଟିଆ ପ୍ରଶ୍ନ । କିଏ ଏହି ଅସରନ୍ତି ପଥର ପଥିକ ? ଦିନେ ତା ପାଖେପାଖେ କିଛି ବାଟ ଗଲାପରେ ତା'ର ପରିଚୟ ପଚାରିଲି । ବ୍ୟାଗ୍‌ଟିକୁ ରାସ୍ତାକଡ଼ରେ ଥୋଇଦେଇ ଦୀର୍ଘ ନିଃଶ୍ୱାସଟିଏ ଛାଡ଼ିଲା ସେ ।

''ମୁଁ କିଏ ? କେଉଁଠି ରହୁଛି ? କେଉଁଠି ଖାଉଛି ? କେହି ଦିନେ ପଚାରି ନ ଥିଲେ ।

ସବୁଦିନ ଷ୍ଟେସନ ସାମନାରେ ସୂର୍ଯ୍ୟଙ୍କୁ ଦେଖୁଥିଲି। ପୁଣି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଦେଖୁଥିଲି ପ୍ଲାଟଫର୍ମ ସେପଟରେ। ଶହ ଶହ ଲୋକ ଆସନ୍ତି ଷ୍ଟେସନକୁ ଏବଂ ଚାଲିଯାଆନ୍ତି ଷ୍ଟେସନରୁ। ସବୁ ମୁଁ ଦେଖେ। ଦୁଇଟି ଆଖି ମୋର ବୁଲିଆସେ ସବୁ ଯାତ୍ରୀଙ୍କ ଉପରେ। ବ୍ୟାଗ୍‌ରୁ ଅଖାଟିଏ ବାହାର କରି ଏକ ଅନ୍ଧାରିଆ କୋଣରେ ଶୋଇ ରାତି କଟାଏ। ମୋ ଦୁଃଖଦ ଅତୀତକୁ ଦୋହରାଇ ହୁଏ। ଆଖିର ଲୁହ ଭଳି ଗଡ଼ି ଯାଇଥିବା ଦିନ ସବୁର ସ୍ମୃତି ମୋତେ ବ୍ୟସ୍ତ କରିପକାଏ। ଏହି ପ୍ଲାଟଫର୍ମ ମୋର ଆଶ୍ରୟସ୍ଥଳ। ସକାଳ ହୁଏ। ଷ୍ଟେସନରୁ ବାହାରି ସହର ଆଡ଼କୁ ମୁହାଁଏ ମୁଁ। ଓ୍ୱେଟିଂ ରୁମ୍‌ରେ ନିତ୍ୟକର୍ମ ସାରିପାରେନି – କାରଣ ପାଖରେ ନ ଥାଏ ଟିକେଟ। ରାସ୍ତାକଡ଼ର ସୁଳଭ ଶୌଚାଳୟ ମୋ ପାଇଁ ଯଥେଷ୍ଟ।''

ଦୁନିଆରେ ଏମିତି ମଧ୍ୟ ଲୋକ ଅଛନ୍ତି ଯାହାଙ୍କର ଘର ନାହିଁ, ପେଟକୁ ଦାନା ମୁଠେ ଠିକ୍ ଭାବରେ ମିଳେନି। ବଞ୍ଚିବା ପାଇଁ ନ ଥାଏ ଆଗ୍ରହ। ଖାଲି ନିଃଶ୍ୱାସକୁ ଗଣିବା ହୁଏ ସେମାନଙ୍କ ପାଇଁ ସାର। ମୃତ୍ୟୁର ଅପେକ୍ଷାଗାରରେ ସେମାନେ ଥାଆନ୍ତି ବନ୍ଦି। ତା'ର ଅନେକ କଥା ଜାଣିବାକୁ ଇଚ୍ଛା ହେଲା। ଆଜି ତା'ର ଅବସ୍ଥା କାହିଁକି ଏମିତି ହୋଇଛି ବୋଲି ପଚାରିଲି। ଭୋକିଲା ପେଟରେ ଥାଇ ସେ ବା କଥା କହିବା ଶକ୍ତି ପାଇବ କେଉଁଠୁ ? ଥଙ୍ଗେଇ ଥଙ୍ଗେଇ ଅସ୍ପଷ୍ଟ ସ୍ୱରରେ କିଛି କହିବାକୁ ଚେଷ୍ଟାକଲା। ମୁହଁଟି ମଳିନ ପଡ଼ି ଯାଇଥିଲେ ମଧ୍ୟ ସେ ଯେ ଜଣେ ସମ୍ଭ୍ରାନ୍ତ ଘରର ମଣିଷ ସେ କଥା ଜାଣିବାରେ ଅସୁବିଧା ହେଉ ନ ଥାଏ। ମୋ ପ୍ରଶ୍ନର ଉତ୍ତର ନିସଂକୋଚରେ ଦେଇ ଚାଲିଲା ସେ।

ଗାଁ ସ୍କୁଲରେ ପାଠପଢ଼ା ସାରି ଗାଁ ପାଖ ହାଇସ୍କୁଲରେ ପଢୁଥିବା ସମୟରେ ବାହାଘର ପ୍ରସ୍ତାବ ତା'ର ଆସିଥିଲା। ଚେହେରାଟି ଥିଲା ଖୁବ୍ ସୁନ୍ଦର, ଦେହରେ ଥିଲା ସତେଜ କୈଶୋରର ଝଲକ। ରାସ୍ତାରେ ଯିଏ ଦେଖୁଥିଲା ସେ ଛିଡ଼ା ହୋଇ ଯାଉଥିଲା ତାକୁ ଦେଖିବା ପାଇଁ। ବାପା ମା ତା'ର ବାହାଘର ପ୍ରସ୍ତାବରେ ରାଜି ହେଇଗଲେ। ପାଖ ଗାଁର ଗୋଟିଏ ଥିଲାବାଲା ଘରେ ବାହା କରାଇ ଦେଲେ ଅଳ୍ପ ବୟସରେ। ଜ୍ୱାଇଁ ଆଇ.ଏ. ପାସ୍ କରି କଣ୍ଟ୍ରାକ୍ଟି କରୁଥାଏ। ବୋହୂଟି ଘରେ ପାଦ ଦେଲାକ୍ଷଣି ଘର ପୂରି ଉଠିଲା। ଶାଶୂ ଘରେ କିଛି ଅଭାବ ଅନୁଭବ କଲାନି ସେ।

ସ୍ୱାମୀଙ୍କୁ ନେଇ କିଛି ଦିନ ଖୁବ୍ ଭଲରେ କଟିଗଲା । ଶାଶୂ ଶ୍ୱଶୁର ମଧ୍ୟ ତାକୁ ଖୁବ୍ ଭଲ ପାଉଥିଲେ ।

କିଛି ଦିନ ପରେ କଳାବାଦଲ ଘୋଡ଼େଇ ଦେଲା ତା' ସୁଖ ସଂସାରକୁ । ସେ ଗୋଟିଏ କନ୍ୟା ସନ୍ତାନର ମା' ହେବାର ସୌଭାଗ୍ୟ ଅର୍ଜନ କଲା । ପରିବାରର ସମସ୍ତଙ୍କର ଇଚ୍ଛା ଥିଲା ପୁତ୍ର ସନ୍ତାନଟିଏ ବୋହୂ ଜନ୍ମ କରୁ । ସବୁ ତ ବିଧିର ଅଦୃଷ୍ଟ ବିଧାନ । ବିଧାତାର ଇଙ୍ଗିତକୁ ସେ ବା ବୁଝିଥାନ୍ତା କିପରି ? ମନଦେଇ ଝିଅର ଲାଳନ ପାଳନ କଲା, କିନ୍ତୁ ଶାଶୂ, ଶ୍ୱଶୁର ଓ ସ୍ୱାମୀ ଝିଅଟିକୁ ଆଡ଼ ଆଖିରେ ଚାହିଁଲେନି । ଏଥିରେ ଦୋଷ ବା ତା'ର କ'ଣ ଥିଲା । କ୍ରମେ କ୍ରମେ ସେ ମଧ୍ୟ ସ୍ନେହ ଆଦର ପାଇଲାନି କାହାରିଠାରୁ । ନିଜେ ଅନ୍ତର ଭିତରେ ଜଳି ଅନ୍ୟକୁ ସୁଖ ଦେବାରେ ସେ ଆନନ୍ଦ ପାଉ ଥିଲା । ତା' ରକ୍ତରେ ତ୍ୟାଗବୋଧର ଆଦର୍ଶ ରହିଥିଲା ।

ଦିନକର ଘଟଣା । ତାକୁ ହୋଇଥାଏ ପ୍ରବଳ ଜ୍ୱର । ବିଛଣାରୁ ଉଠିବାର ଶକ୍ତି ତା'ର ନ ଥାଏ । ପିଲାଟି ତା' ପାଖରେ ଶୋଇ ବିକଳରେ କାନ୍ଦୁଥାଏ । ଛୋଟ ପିଲାକୁ ସହଜରେ କନ୍ଦେଇ ହୁଏ, କିନ୍ତୁ ଚୁପ କରି ହୁଏନି । ମା'କୁ ସେ ଖୋଜି ହୁଏ । ମା' ହିଁ ତା'ର ସର୍ବସ୍ୱ । ବିଛଣାରୁ ଉଠି ତାକୁ ଖୋଇବାକୁ ନ ଥାଏ ମା'ର ଶକ୍ତି । ପରିବାରର କୌଣସି ଲୋକ ପିଲାଟିର ଯତ୍ନ ନେଲେ ନାହିଁ । ଗୋଟିଏ ନାରୀ ଆଉ ଗୋଟିଏ ନାରୀର କଥା ବୁଝିପାରେ । ପଡ଼ୋଶୀ ଘରର ସ୍ତ୍ରୀ ଲୋକଟିଏ ପିଲାର କାନ୍ଦଣା ଶୁଣି ତାଙ୍କ ଘରକୁ ଆସିଥିଲା ଏବଂ ପିଲାଟିର ଖାଇବା ପିଇବା ବୁଝି ଚାଲି ଯାଇଥିଲା ।

ଝିଅଟିଏ ଜନ୍ମ କରି ସେ ବା କି ଦୋଷ କରିଥିଲା ? ଝିଅ ପୁଅ ଭିତରେ କ'ଣ ତଫାତ୍ । ସମସ୍ତଙ୍କୁ ମଣିଷ କରିବା ବାପା ମା'ଙ୍କର କର୍ତ୍ତବ୍ୟ । ଝିଅଟିଏ ପରଘରକୁ ଚାଲିଗଲେ ମଧ୍ୟ ବାପା ମାଙ୍କ ପାଖରେ ତା ମନଟା ରହିଥାଏ । କିନ୍ତୁ ଏ ସମାଜ ଝିଅକୁ ଘୃଣା କରେ କାହିଁକି ? ସରକାରଙ୍କର କଡ଼ା ନିୟମ ସତ୍ତ୍ୱେ ଶହ ଶହ କନ୍ୟା ଭ୍ରୂଣ ହତ୍ୟା ହୁଏ କାହିଁକି ? ପ୍ରଶ୍ନ ପରେ ପ୍ରଶ୍ନ ତା' ପାଟିରୁ ଗଳଗଳ ହୋଇ ବାହାରି ଆସୁଥାଏ ।

କିଛିଦିନ ଅଶାନ୍ତି ଭିତରେ ତା'ର କଟିଥିଲା ଶାଶୂଘରେ। ସ୍ୱାମୀଙ୍କଠାରୁ ଅବହେଳା ଓ ଶାଶୂ ଶ୍ୱଶୁରଙ୍କ ଅଣଦେଖା ତାକୁ ଖୁବ୍ ବାଧୁଥାଏ। କ୍ରମଶଃ ସ୍ୱାମୀ ତା'ଠାରୁ ଦୂରେଇ ଗଲା ଭଳି ସେ ଅନୁଭବ କଲା। ଧୈର୍ଯ୍ୟର ସୀମା ତା'ର ଦୁର୍ବଳ ହୋଇ ପଡ଼ିଲା। ସ୍ୱାମୀଙ୍କର କଣ୍ଟ୍ରାକ୍ଟ ଖୁବ୍ ଭଲରେ ଚାଲିଥାଏ। ଟଙ୍କାର ଅଭାବ ନ ଥାଏ ଘରେ। କିଛି ଦିନ ପରେ ସେ ଅନୁଭବ କଲା ସ୍ୱାମୀ ତା'ର ମଦ୍ୟପାନ କରୁଛନ୍ତି। କାରଣଟା ଜାଣିବା ପାଇଁ ସେ ବହୁତ ଚେଷ୍ଟା କଲା। ହୁଏତ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସୃଷ୍ଟି ହୋଇଥିବା ଫାଙ୍କ ଏହାର କାରଣ ହୋଇପାରେ। ସେ ଅନେକ ଚେଷ୍ଟା କରିଥିଲା ସ୍ୱାମୀଙ୍କ ନିକଟ ହେବା ପାଇଁ। ନିକଟ ତ ହୋଇ ପାରିଲାନି, ବରଂ ଦିନକୁ ଦିନ ସ୍ୱାମୀଙ୍କର ମଦପିଆ ବଢ଼ିଲା। ପ୍ରଥମେ ସ୍ୱାମୀ ଘରେ ପହଞ୍ଚି ଖାଇ ଦେଇ ରାତିରେ ଶୋଇ ପଡୁଥିଲେ। କିନ୍ତୁ କ୍ରମଶଃ ତାକୁ ଗାଳି ଗୁଲଜ କରିବା ଆରମ୍ଭ କଲେ। ଏଥିରେ ଶାଶୂ ଶ୍ୱଶୁର ପ୍ରତିବାଦ କଲେ ନାହିଁ। ସବୁକୁ ସହି ଝିଅଟିର ମୁହଁକୁ ଚାହିଁ ସେ ଘରେ ହୀନିମାନୀ ହୋଇ ଦିନ କାଟିଲା।

ଦିନେ ରାତି ହେବ ଦୁଇ ଘଡ଼ି। ସ୍ୱାମୀ ଫେରିଆସିଲେ ଘରକୁ। ପାଟିରୁ ବାହାରୁଥାଏ ଭକ୍‌ଭକ୍ ମଦ ଗନ୍ଧ। ଚାଲିବାର ଶକ୍ତି ନ ଥାଏ। ପାଦ ପଡୁଥାଏ ଏଣେତେଣେ। କିଛି କାରଣ ନ ଥାଇ ସ୍ତ୍ରୀ ଉପରେ ପ୍ରଚଣ୍ଡ ପାଟି କଲେ। ଝିଅଟି କିଛି ବୁଝିପାରୁ ନ ଥାଏ। କୋମଳମତି ଶିଶୁ ସେ। ଖାଲି ମଟ ମଟ ଚାହିଁ ରହିଲା ବାପ ମା ଆଡ଼େ। ସେ ସ୍ୱାମୀଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କଲା। ସେ ବୁଝିବା ଅବସ୍ଥାରେ ନ ଥିଲେ। ମଦ ପିଇ ସେ ବୁଦ୍ଧି ବିବେକ ସବୁ କିଛି ହରେଇ ଥିଲେ। ଯୁକ୍ତିତର୍କ ଭିତରେ କଟିଗଲା କିଛି ସମୟ। ଶାଶୂ ଶ୍ୱଶୁର ସବୁ ଶୁଣି ମଧ୍ୟ ନ ଶୁଣିଲା ଭଳି ରହୁଥାଆନ୍ତି।

କ୍ରମଶଃ ରାତି ଘନେଇ ଆସିଲା। ସ୍ୱାମୀଙ୍କର ନିଶା ଖୁବ୍ ବଢ଼ିଗଲା। ଗୋଟିଏ କାଠ ଫାଳିଆରେ ତା ଗୋଡ଼ରୁ ମୁଣ୍ଡଯାଏ ପିଟିଗଲେ। ସେ ବେହୋସ ପ୍ରାୟ ହୋଇଗଲା। ତଥାପି ସ୍ୱାମୀଙ୍କର ରାଗ କମିଲାନି। ପ୍ରତି କଥାରେ ତାଙ୍କର ଅଭିଯୋଗ ଥାଏ ସେ କାହିଁକି ଝିଅ ଜନ୍ମ କଲା। ତାକୁ ଘୋଷାରିଘୋଷାରି ଦାଣ୍ଡ ଦୁଆର ସେ ପଟେ ପକେଇଦେଲେ। ସେଠାରେ ସେ ସମ୍ପୂର୍ଣ୍ଣ ଚେତା ହରାଇଲା। କେତେବେଳେ

ରାତି ପାହିଛି ସେ ଜାଣେନି। ତା' ପରଦିନ ପ୍ରାୟ ୧୦ଟାରେ ତା'ର ଚେତା ଫେରିଲା। ପଡ଼ୋଶୀ ଘରେ ଶୋଇଥିବାର ସେ ନିଜକୁ ଦେଖିଲା।

କପାଳକୁ ନିନ୍ଦିଲା ମନେ ମନେ। ଲୁଣିଆ ଜଳରେ ମୁହଁ ତାର ଭିଜିଗଲା। ଚିନି ଜଳରେ ମିଶିବା ଭଳି ଏକ ସେକେଣ୍ଡରେ ତା'ର ଭବିଷ୍ୟତ ଆଶା କେଉଁ ଦୂର ଆକାଶରେ ମିଶିଗଲା। ଭାଗ୍ୟ କ'ଣ ତା'ର ଏତେ ହୀନ। ବାଟରେ ଯାଉଥିବା ଲୋକେ ତାକୁ ଚାହିଁ ରହୁଥିଲେ। ସୌନ୍ଦର୍ଯ୍ୟ ତା'ର ଯେମିତି ଥିଲା ବୁଦ୍ଧି ସେମିତି ଥିଲା। ବେଶୀ ପାଠ ନ ପଢ଼ିଲେ ମଧ୍ୟ ସବୁ କଥା ବୁଝିପାରୁଥିଲା ସେ। ସମସ୍ତଙ୍କର ଯତ୍ନ ନେବା ସେ ଶିଖିଥିଲା ତା' ବାପା ମା'ଙ୍କଠାରୁ। ଭାବିଥିଲା ତା' ଶାଶୂ ଶ୍ୱଶୁର ଆସି ତାକୁ ପୁଣି ଘରକୁ ନେଇଯିବେ। କେହି ତାକୁ ଖୋଜି ନ ଥିଲେ ସେଦିନ। କେତେଦିନ ରହିଥାନ୍ତା ପଡ଼ୋଶୀ ଘରେ। ଦୁଇଦିନ ପରେ ସେ ଗାଁ ଛାଡ଼ି ଚାଲି ଆସିଲା ଏଇ ସହରକୁ। ରହିବାକୁ ଘର ନାହିଁ। ପେଟ ପାଇଁ ଦାନା ନାହିଁ। ବଞ୍ଚିବା ପାଇଁ ରାହା ଖୋଜିଲା। ଶେଷରେ ଭିକ୍ଷା କରିବାକୁ ମନସ୍ଥ କଲା। ଦୀର୍ଘ ପଚିଶି ବର୍ଷ ହେଲା ଶାଶୂଘର ଛାଡ଼ିଲାଣି। ଯେଉଁ ଝିଅ ଜନ୍ମ କରି ସେ ଏ ଶାସ୍ତି ପାଇଲା ସେ ଝିଅ ପାଇଁ ମନ ତା'ର ଝୁରିହୁଏ। କିନ୍ତୁ ତା' ଖବର ଏ ଯାଏ ସେ ରଖିପାରିନି।

ରାତିଟା କଟିଯାଏ ରେଲୱେ ପ୍ଲାଟଫର୍ମରେ। ସକାଳ ହେଲେ ପ୍ଲାଟ୍‌ଫର୍ମ ଛାଡ଼ି ଚାଲିଆସେ ସହରକୁ। ମାଗିଯାଚି ଯାହା ପାଏ ରାସ୍ତାକଡ଼ରେ ବସି ଖାଇଦିଏ। ପାଣି ମୁନ୍ଦାଏ ପିଇଦିଏ ରାସ୍ତାକଡ଼ରେ ଥିବା ନଳକୂପରୁ। ଦେହରେ ତା'ର ବଳ ନାହିଁ କାମଧନ୍ଦା କରି ଚଳିବା ପାଇଁ। କିଛି ନ ମିଳିଲେ ସେମିତି ଟ୍ରେନ୍‌କୁ ଚାହିଁ ଚାହିଁ ଶୋଇଯାଏ ପ୍ଲାଟଫର୍ମର କେଉଁ ଏକ ଅନ୍ଧାରିଆ ଜାଗାରେ। କେତେ ଲୋକ ଆସନ୍ତି - ପୁଣି, କେତେ ଲୋକ ଚାଲିଯାଆନ୍ତି। କେହି ବି ଦିନେ ତା'ର ପରିଚୟ ଜାଣିବାକୁ ଚାହିଁ ନାହାନ୍ତି। ପଛୁଆ ଦିନଗୁଡ଼ିକ ତା'ର ଅତୀତ ହୋଇଯାଇଛି, ହେଲେ ସେଗୁଡ଼ିକ ଅନ୍ତର ଭିତରେ ଛାପି ହୋଇଯାଇଛି। ଆଜି ବି ସେଦିନର ସେଇ ଘଟଣା ମନେପଡ଼ିଲେ ତା'ର ମନ ଭିତରେ ଖାଲି କ୍ରୋଧ ଓ ଘୃଣାଭାବ ଜାତ ହେଉଛି। ସବୁ କହି ଦେବାପରେ ସେ ଟିକିଏ ହାଲୁକା ଅନୁଭବ କଲା।

ସବୁ ମୁଁ ଶୁଣିଗଲି ତା'ଠାରୁ । ସତରେ ସ୍ତ୍ରୀ ଜନ୍ମ କ'ଣ ଏତେ ହୀନ । ଆମ ସମାଜରେ ପୁରୁଷଙ୍କ ପ୍ରାଧାନ୍ୟ ଅଧିକ ଥାଇପାରେ, ହେଲେ ଗୋଟିଏ ପରିବାର ପାଇଁ ସ୍ତ୍ରୀର ଆବଶ୍ୟକତା ଯଥେଷ୍ଟ ରହିଛି ବୋଲି ହୃଦ୍‌ବୋଧ ହେବା କଥା । ଆଜି ଏହି ସ୍ତ୍ରୀ ଲୋକଟି ନିଜର ପରିବାର, ନିଜର କନ୍ୟା ହରେଇ ରାସ୍ତାର ଭିକାରୁଣୀ ହୋଇଛି । ମୁହଁରେ ତା'ର ଜାଜ୍ୱଲ୍ୟତା ନାହିଁ ସତ, ହେଲେ ଦିନେ ଯେ ସେ ସୁନ୍ଦରୀ ଥିଲା ତାହା ଜଣାପଡ଼ିଯାଉଛି । ତା' ଜୀବନର ସାରାଂଶକୁ ଏଇ ମିଛି ଦଗାବାଜ ସମାଜରେ ମାଟି ଗୋଡ଼ି ଭଳି ଫୋପାଡ଼ି ଦେଇଛି । ମୁଁ ତା'ର ଦୁଃଖ ସହି ପାରିଲିନି । ସୁନାର ସଂସାର ଗଢ଼ିବାର ସ୍ୱପ୍ନ ଦେଖିଥିବା ମଣିଷଟି ଆଜି ରାସ୍ତା କଡ଼ରେ ଶ୍ରୀହୀନ ହୋଇ ଦଣ୍ଡାୟମାନ । ଏଇ ତ ଜୀବନ । ଏ ଜୀବନଟା ଏକ କାଚଖଣ୍ଡ ପରି ଗଡ଼ିଗଲେ ଭାଙ୍ଗି ରୁଜି ଚୁନା ହୋଇଯାଏ, କିନ୍ତୁ ଯୋଡ଼ି ହୋଇପାରେନି । ଆଖି ମୋର ଲୁହରେ ଜକେଇ ଆସିଲା ।

ମନରେ ଅନେକ ପ୍ରଶ୍ନ । ରାସ୍ତାକଡ଼ରୁ ଗୋଟେଇ ଆଣିଥିବା ମଣିଷ ପାଇଁ ଜାଗାଟିଏ ତ ଦରକାର । ଆଜି ଅଧିକାଂଶ ସହରରେ ଜରାଶ୍ରମ ମୁଣ୍ଡ ଟେକିଛି । ନିଜର ସନ୍ତାନ, ସଂସାର ଓ ଅଧିକାରକୁ ଛାଡ଼ି ଦେଇ ଅସହାୟ ମଣିଷ ପରିଣତ ବୟସରେ ମୁଣ୍ଡ ଗୁଞ୍ଜୁଛି ଏହି ଜରାଶ୍ରମରେ । ଅନ୍ତତଃ ଅକୃତଜ୍ଞ ମଣିଷ କେତେଟାଙ୍କଠାରୁ ସେ ଟିକିଏ ଦୂରେଇଯାଇ ଅନ୍ତେବାସୀଙ୍କ ସହ ଜୀବନର ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଗପସପ କରି ଦିନ କଟେଇ ପାରିବ । ସେଠାରେ ନ ଥିବ ସ୍ୱାମୀର ଯନ୍ତ୍ରଣା, ଶାଶୂ ଶ୍ୱାଶୁରଙ୍କ କଟୂକ୍ତି । ବେଳେବେଳେ ଭାଗ୍ୟକୁ ନିନ୍ଦି ଯେନକେନ ପ୍ରକାରେ ଅତିବାହିତ କରିବ ମନ୍ଥର ଗତିରେ କାଟୁଥିବା ଦିନଗୁଡ଼ିକ ।

ଏତେସବୁ ଭାବି ସାଙ୍ଗରେ ନେଇ ଆସିଲି ତାକୁ । ସହରର ଉପକଣ୍ଠରେ ଥିବା ଜରାଶ୍ରମରେ ଅନ୍ତେବାସିନୀ କରିଦେବାକୁ ଠିକ୍ କଲି । ଅନ୍ତତଃ ବଦାନ୍ୟ ବ୍ୟକ୍ତିଙ୍କ ଦାନରେ ସେ ପେଟକୁ ଗଣ୍ଡିଏ ଖାଇବାକୁ ପାଇବ ଏବଂ ପିନ୍ଧିବାକୁ ଖଣ୍ଡେ ବସ୍ତ୍ର ପାଇବ । ସେତକ ହୋଇଗଲେ ତା' ଦିନ କଟିଯିବ । ବଞ୍ଚିବାକୁ ରାହା ପାଇଯିବ ସତ, କିନ୍ତୁ ତା' ଅତୀତକୁ ପାସୋରି ପାରିବ ତ ?

◆◆◆

# ସ୍ୱପ୍ନ ଶେଷ ରାତିର

ଷ୍ଟ୍ରିଟ୍‌ରେ ଆଜି ଆଲୁଅ ନାହିଁ । ଅନ୍ଧାର ଭିତରେ କାର୍, ଅଟୋ ଛୁଟୁଛନ୍ତି ଷ୍ଟେସନ୍ ଆଡ଼େ । କେହି କାହାକୁ ମାନିବାକୁ ପ୍ରସ୍ତୁତ ନୁହଁ । ଆଜିକାଲି ରାସ୍ତାର ବାମ ଡାହାଣକୁ କେଉଁ ଗାଡ଼ି ବା ମାନୁଛି । ନଈ ସୁଅ ଭଳି ଗାଡ଼ିମାନଙ୍କର ଗତି ଆଗକୁ ଆଗକୁ । ତା'ରି ଭିତରେ ଘର୍ ଘର୍ ଶବ୍ଦ ଶୁଣି ଅଟକିଗଲେ ସୁଚେତା । ଏ ପୁଣି କାହାର ଶବ୍ଦ । ଗାଡ଼ି ବା ସାଇକେଲର ଶବ୍ଦ ତ ଏ ନୁହଁ । ରାସ୍ତା ଅନ୍ଧକାର ଥିଲେ ମଧ୍ୟ ବେଳେବେଳେ ଗାଡ଼ି ଆଲୁଅରେ ରାସ୍ତା ଟିକିଏ ଆଲୋକିତ ହୋଇଯାଉଛି । ସୁଚେତା ଚାଲିଛନ୍ତି ଫୁଟ୍‌ପାଥରେ । ରାସ୍ତା ମଝିରେ ଘରଘର ଶବ୍ଦ ଶୁଣି ସେ ଏପଟ ସେପଟକୁ ଚାହିଁଲେ । ଗାଡ଼ିର ଝାପ୍‌ସା ଆଲୁଅରେ ସୁଚେତା ଦେଖିପାରିଲେ ଭୂଇଁ ଉପରେ ଚକ ଥିବା ଗୋଟିଏ କାଠ ପଟାରେ ବସିଥିବା ଏକ ଯୁବକକୁ ।

କିଏ ଏହି ଯୁବକ ?

ଦେଖିବାକୁ ତ ବେଶ୍ ହୃଷ୍ଟପୁଷ୍ଟ ।

ଏମିତି ପଟା ଖଣ୍ଡେ ଉପରେ ବସି ଆଗକୁ ଆଗକୁ ଯିବାର କାରଣ କ'ଣ ?

ଭୂଇଁ ଉପରେ ଦୁଇ ହାତ ପାପୁଲିରେ ଭରା ଦେଇ ସେ ତା' ପଟା ଗାଡ଼ିଟିକୁ ଆଗକୁ ଗଡ଼େଇ ଗଡ଼େଇ ଚାଲୁଛି ।

କିଛି ସମୟ ରାସ୍ତା କଡ଼ରେ ଛିଡ଼ା ହୋଇ ସୁଚେତା ଯୁବକ ଜଣକର ଗତିବିଧିକୁ ନିରୀକ୍ଷଣ କଲେ । କିଛି ବାଟ ଗଲା ପରେ ଯୁବକର ପଟା ନିର୍ମିତ ଗାଡ଼ିଟି ରହିଯାଉଥାଏ ।

ହାତ ଦେଖେଇ ବାବୁ ପଇସା, ମା ପଇସା ଦିଅ ବୋଲି ବିକଳରେ ଯୁବକଟି କହୁଥାଏ। ଅନ୍ଧାର ଭିତରେ କାହାରି ନଜର ପଡୁ ନ ଥାଏ ଯୁବକଟି ଉପରେ। ସମସ୍ତେ ଚାଲିଥାନ୍ତି ନିଜ ନିଜ କାମରେ।

ପୁଣି ତା' ଗାଡ଼ି ଚାଲୁଥାଏ ଆଗକୁ ଆଗକୁ। ଯୁବକଟିର ଏପରି ଅବସ୍ଥା ଦେଖି ସୁଚେତା ତା' ପାଖରେ ଯାଇ ଛିଡ଼ା ହେଲେ। ସୁଚେତାଙ୍କୁ ଦେଖିବା କ୍ଷଣି ବିକଳ ହୋଇ ଯୁବକଟି ଗାଡ଼ି ଅଟକାଇ ପଇସା ମାଗିଲା।

''ସକାଳରୁ ଏହି ଷ୍ଟେସନ ବଜାର ଏପଟ ସେପଟ ହେଉଛି। ଏମିତି ପଟା ଉପରେ ବସି କେତେବାଟ ବା ଯାଇପାରିବି। ଷ୍ଟେସନକୁ ତ ଅନେକ ଗାଡ଼ି ଛୁଟୁଛି ମା। ମୋର ଏ ଦଦରା ପଟା ଗାଡ଼ି ପାଖରେ କିଏ କାହିଁକି ଅଟକିବ ? ପାଦ ଚଲା ଲୋକମାନଙ୍କଠାରୁ ଯାହା କିଛି ପାଏ। ମୋ ପେଟ ପୂରିବା ପାଇଁ ନିଅଣ୍ଟ ହେଲେ ମଧ୍ୟ ଠାକୁରଙ୍କୁ ଡାକି ଡାକି ଏଇ ଗଳି ଭିତରେ ଗାମୁଛା ପାରି ଶୋଇ ପଡ଼େ।''

କିଛି ସମୟ ସୁଚେତା ତା' କଡ଼ରେ ଛିଡ଼ା ହୋଇ ଯୁବକକୁ ଚାହିଁ ରହିଲେ। ହାତରେ ପଟା ଦୁଇଖଣ୍ଡ ଯୋଡ଼ି କେଡ଼େବଡ଼ ସାହାରା ସେ ସୃଷ୍ଟି କରିପାରିଛି। ଅନ୍ତତଃ ବାହାର ଦୁନିଆକୁ ଦେଖି ପାରୁଛି।

ତା'ର କ'ଣ କେହି ନାହାନ୍ତି ?

ସେ ଚାଲିପାରୁନି କାହିଁକି ?

ହାତରେ ଭରା ଦେଇ ତା' ପଟାଗାଡ଼ିକୁ ଚଳେଇ ପାରୁଛି ତ ? ବେଶୀ ସମୟ ହାତରେ ଭରା ଦେଇ ପାରୁନି ବୋଲି ବୋଧହୁଏ ବାଟରେ ଅଟକି ଯାଉଛି। ଗାଡ଼ି ଘୋଡ଼ାକୁ ତା'ର ଖାତିର ନାହିଁ। ଜୀବନକୁ ବାଜି ଲଗେଇ ଦେଇଛି ଏଇ ସଂଘର୍ଷମୟ ଦୁନିଆରେ। ନିଃଶ୍ୱାସ ଚାଲିଥିବା ଯାଏ ପେଟ ପାଇଁ ଦାନା ମୁଠେ ତ ତା'ର ଦରକାର।

ଏମିତି ଅନେକ ଭାବିଗଲା ପରେ ସୁଚେତା ମନିବ୍ୟାଗରୁ ଟଙ୍କାକିଆ କଏନ୍‌ଟିଏ କାଢି ତା ଭିକମଗା ଗିନାରେ ପକାଇଦେଲେ। ସୁଚେତାଙ୍କର ବିମର୍ଷ

ମୁହଁ ଉପରେ ନଜର ପଡ଼ିଲା ଯୁବକଙ୍କର । ସେ ତାଙ୍କ ମନର ଭାଷା ପଢ଼ି ପାରୁଥିଲା । ତା'ର ଏପରି ଅବସ୍ଥା ଦେଖି ସୁଚେତାଙ୍କ ମନରେ ଅନେକ ପ୍ରଶ୍ନବାଚୀ - ଏହା ସେ ସ୍ପଷ୍ଟ ଜାଣି ପାରୁଥିଲା ।

ସୁଚେତା କିଛି ସମୟ ନୀରବ ରହିଲା ପରେ ଯୁବକକୁ ପଚାରିବାକୁ ଆରମ୍ଭ କଲେ ।

ତୁମ ନାଆଁ କଣ ବାବା ?

— ବୁଦ୍ଧିଆ ।

ନାଆଁଟି ଯେମିତି ତା'ର କାରିଗରୀ କୌଶଳ ମଧ୍ୟ ସେମିତି । ବୁଦ୍ଧି ବାହାର କରି ସେ ତା'ର ଯାନଟି ତିଆରି କରିଛି । ଏହି ଯାନଟି ତା'ର ସର୍ବସ୍ୱ ।

ପୁଣି ସୁଚେତା ବୁଦ୍ଧିଆକୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଲେ । ସୁଚେତାର କଥାରେ ଭରି ରହିଥିଲା ଦରଦ । ବୁଦ୍ଧିଆ ତା' ଗାଡ଼ିକୁ ରାସ୍ତା କରକୁ ମୁହାଁଇଲା ।

ମା - ତୁମେ ଭାବୁଥିବ ମୁଁ ତ ଭେଣ୍ଡିଆ ଟୋକାଟା । ଏଭଳି ଭାବରେ ଭିକମାଗି ଜୀବନ କାଟୁଛି କାହିଁକି ?

ବୁଦ୍ଧିଆ ସତରେ ବୁଦ୍ଧିମାନ । ସୁଚେତା ପଚାରିବ ପଚାରିବ ହେଉଥିବା ପ୍ରଶ୍ନଟି ଆଜି ବୁଦ୍ଧିଆ ମୁହଁରେ ।

ହଁ - ବୁଦ୍ଧିଆ, ତୁ କ'ଣ ଛିଡ଼ା ହୋଇ ପାରିବୁନି ?

ବୁଦ୍ଧିଆ ଟିକିଏ ଗୁମ୍ ମାରି କହିଲା, ''ମା ମୁଁ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ମୋ ଗୋଡ଼ରେ କି ବେମାରି ହେଲା କେଜାଣି ମୁଁ ଚାଲି ପାରିଲିନି । ବହି ବସ୍ତାନିରେ ଡୋର ବନ୍ଧା ହେଲା । ବାପାର ଥିଲା ପାଞ୍ଚ ପା ଚାଷ ଜମି କଟକ ନିକଟରେ ଥିବା ବୟାଳିଶ ମଉଜାରେ । ସେଥିରୁ ଯାହା ମିଳେ ବର୍ଷଯାକ ଆମର ଚଳଣି । ପର ଘରେ ବାପା ମୂଲଲାଗି ଆମକୁ ଚଳାନ୍ତି । ବାପା ମା ମୋ ରୋଗ ପାଇଁ ବିଚଳିତ ହୋଇପଡ଼ିଲେ । ଜମି ବନ୍ଧା ଦେଇ ମହାଜନଠାରୁ କିଛି ଟଙ୍କା

କରଜ ଆଣିଲେ । ସେଇ ଟଙ୍କାରେ ମୋର ଚିକିତ୍ସା କଟକର ବଡ଼ ମେଡ଼ିକାଲରେ କଲେ । ଡାକ୍ତରଖାନାକୁ ଦଉଡ଼ି ଦଉଡ଼ି ବାପା ଓ ମୁଁ ନୟାନ୍ତ ହେଲୁ । ରୋଗର ଉପଶମ ହେଲା ନାହିଁ ।

ଭାଗ୍ୟ ଆମର ଛୋଟ ମା । ବୁଦ୍ଧିଆର ଶ୍ୱାସ ରୁଦ୍ଧ ହୋଇ ଆସିଲା । ଆଖିରୁ ବୋହି ପଡ଼ିଲା ଦୁଇଧାର ତତଲା ଲୁହ ।

କହ ବୁଦ୍ଧିଆ, ତା'ପରେ କ'ଣ ହେଲା ।

ମୁଁ ମୋ ବାପା ମାଙ୍କର ଏକମାତ୍ର ସନ୍ତାନ । ମୋର ଏ ଅବସ୍ଥା ଏବଂ ଅର୍ଥାଭାବ ଦେଖି ମା ବିଛଣା ଧରିଲା । ଦେହରେ ଖଇ ଫୁଟିଲା ଭଳି ତାତି ଦିନରାତି । ମା ବିକଳରେ ଠାକୁରଙ୍କୁ ଡାକୁଥାଏ ମୋତେ ବରଂ ନେଇଯାଅ ପ୍ରଭୁ ମୋ ବୁଦ୍ଧିଆକୁ ଭଲ କରିଦିଅ । ସନ୍ତାନ ପାଇଁ ବାପା ମା ନିଜକୁ ଭୁଲିଯାଆନ୍ତି । ମାତା ପିତା ଓ ସନ୍ତାନର ସମ୍ପର୍କ ଯୁଗେ ଯୁଗେ ଖୁବ୍ ବଳିଷ୍ଠ । ପିଲା ଦେହରେ କଣ୍ଟାଟିଏ ଫୋଡ଼ିଗଲେ ମା ଦେହରେ ଶରବିଦ୍ଧ ହୋଇଯାଏ । ଦୁଇ ଜଣଙ୍କର ଚିକିତ୍ସାରେ ମୋ ବାପା ଭାଙ୍ଗିପଡ଼ିଲେ । ଖାଇବାକୁ ଦାନାର ଅଭାବ, ପୁଣି ଔଷଧ ଖର୍ଚ୍ଚ । ମା କିଛି ନ କହିଲେ ବି ବାପାର ଦୁଃଖ ବୁଝି ପାରୁଥାଏ ।

ଦିନେ ରାତି ପ୍ରାୟ ୮ଟା ହେବ । ଲଣ୍ଠନଟିଏ ଜାଳି ମା ପାଖରେ ବାପା ବସିଥାଏ । ମାର ସ୍ୱର ଅସ୍ପଷ୍ଟ ହୋଇ ଆସିଲା । ''କିଛି କୁହ ବୁଦ୍ଧିଆ ମା'' ବୋଲି ବାପା କହି ଚାଲିଥାନ୍ତି । ସେମିତି ଅସ୍ପଷ୍ଟ ଓ ଥମିଲା ସ୍ୱରରେ ମା କହିଥିବା ଶେଷ କଥା ଆଜି ବି ମୋର ସ୍ପଷ୍ଟ ମନେ ଅଛି । ''ମୁଁ ଯାଉଛି - ମୋ ବୁଦ୍ଧିଆ ତୁମକୁ ଲାଗିଲା ।'' ତା'ପରେ ସବୁ ଶେଷ । ଲଣ୍ଠନରୁ ତେଲ ସରିଆସିଲା । ମିଞ୍ଜି ମିଞ୍ଜି ଜଳୁଥିବା ଲଣ୍ଠନ ଆଲୁଅରେ ଦେଖିଥିବା ମୋ ମା'ର ମୁହଁ ଆଜି ମୁଁ ଦେଖିପାରୁଛି ।

ସେଦିନ ମୁଁ ଭାଗ୍ୟକୁ ନିନ୍ଦିଥିଲି ମା । ପ୍ରଭୁ ତୁମେ ଏମିତି କାହିଁକି କଲ । ମୋର ଚାଲିବାର ଶକ୍ତି ତ ନାହିଁ । ମା ଚାଲିଗଲା । ସଂସାରର ବୋଝକୁ ବାପା

କେମିତି ମୁଣ୍ଡେଇବ । ମୁଁ ପୁଣି ବୋଝ ଉପରେ ନଳିତା ବିଡ଼ା । ଗୋଟିଏ ଜାଗାରୁ ଘୁଞ୍ଚିବାର ମୋର ଶକ୍ତି ନାହିଁ ।

ଜମି ତ ମହାଜନ ଘରେ ବନ୍ଧା ପଡ଼ିଥିଲା । ବାପା ମୂଲଲାଗି ଯାହା ଆଣେ ସେଥିରେ ଅଧାଖିଆ ପେଟ ହୋଇ ବାପା ଓ ମୁଁ କିଛି ଦିନ କଟେଇଲୁ । ଗୋଡ଼ ସିନା ଭୂଇଁରୁ ଉଠିଲାନି, ଦେହରେ ମୋର ଶକ୍ତି ଆସିଗଲା । ବୟସର ଦାନ କିଛି କମ୍ ନୁହଁ ମା । ସେ ତା' କାମ କରି ଚାଲିଥାଏ । ମୋ ଦେହରେ ଯୌବନର ଜୁଆର ସୃଷ୍ଟି ହେଲା । ଏମିତି ବଳିଷ୍ଠ ଶରୀରରେ ମୁଁ କେତେ କ'ଣ କରିପାରିଥାନ୍ତି ମା । ଏହା ଭାବି ଭାବି ଈଶ୍ୱରଙ୍କ ପାଖରେ ଅଭିଯୋଗ ବାଢ଼ିବସେ । କିଛି ତାଙ୍କ କାନକୁ ଯାଏ କି ନ ଯାଏ ମୁଁ ଜାଣେନି ।

ସକାଳ ହେଲେ ବାପା ମୋତେ ଭଲ ସାର୍ଟଟିଏ ପିନ୍ଧେଇ ଦିଏ । ମୁଣ୍ଡ କୁଣ୍ଡେଇ ଦିଏ । ସନ୍ତାନ ଯେତେ ବିକଳାଙ୍ଗ ହେଲେ ବି ମା ବାପାଙ୍କ ଆଖିରେ ସେ ସୁନ୍ଦର । ନିଜ ରକ୍ତରେ ଗଢ଼ା ତା'ର ପିଲା । ତା'ରି ଭିତରେ ସେ ଦେଖେ ନିଜକୁ ।

ଏମିତି କିଛି ଦିନ ଚାଲିଗଲା । ଆମ ସଂସାରରେ ମୁଁ ଓ ମୋ ବାପା । ସାହି ପଡ଼ିଶାର କେହି ମଧ୍ୟ ଆମ ଦୁଃଖରେ ଦୁଃଖୀ ହୁଅନ୍ତିନି । ବରଂ ମୋ ପାଖ ଦେଇ ଚାଲିଯିବା ଲୋକେ ଛୋଟାଟା ବସିଛି କହି ବିଦ୍ରୂପ ହସଟିଏ ହସିଦେଇ ଚାଲିଯାଆନ୍ତି ।

ମୁଁ ବଡ଼ ହୋଇ ଗଲି । କିନ୍ତୁ ମୋ ବାପା ଜୀବନର ମଧ୍ୟାହ୍ନ ଅତିକ୍ରମ କରି ସାରିଥିଲା । ଦେହସାରା ହାଡ଼ ମାଳମାଳ । ମୁଁ ଗୋଟିଏ ଜାଗାରେ ବସି ରହିବା ଯୋଗୁଁ ମୋ ଦେହରେ ମାଂସର ବୃଦ୍ଧି ଘଟିଲା । ବାପା ମୋତେ ଉଠାଇ ପାରିଲାନି । ଦିନେ ମା  ଚେଷ୍ଟା କଲି ଟିକିଏ ଛିଡ଼ା ହେବା ପାଇଁ । ଜଗତ୍‌ଜନନୀ, ଶକ୍ତି ପ୍ରଦାୟିନୀ ମା ଦୁର୍ଗାଙ୍କୁ ସ୍ମରଣ କଲି । ଅନ୍ତତଃ ଛିଡ଼ା ହେବା ପାଇଁ ଶକ୍ତି ଦେ ମା । ମା କେବେ ସନ୍ତାନ ପ୍ରତି ନିଷ୍କରୁଣ ନୁହଁନ୍ତି । କାନ୍ଥକୁ ଧରି ଛିଡ଼ା ହୋଇ ପାରିଲି । କେଉଁଠୁ ସେ ଶକ୍ତି ଆସିଲା ମୁଁ ଜାଣେନି । କାନ୍ଥକୁ ଧରି ଧରି ଚାଲିବାର ଶକ୍ତି କିନ୍ତୁ ପାଇଲିନି ।

ସମୟ ତ କାହାକୁ ଅପେକ୍ଷା କରେନି । ବସନ୍ତକୁ ଆଲିଙ୍ଗନ କଲା ପରେ ଗ୍ରୀଷ୍ମକୁ ହାତଠାରି ଡାକିବାର ତ ତା' ପ୍ରକୃତି । ବାପା ଖାଦ୍ୟ ଅଭାବରୁ ବାର୍ଦ୍ଧକ୍ୟ ଆଡ଼କୁ ହଠାତ୍ ଆଗେଇଲା । ଶାରୀରିକ ଅସୁସ୍ଥତା ଓ ମାନସିକ ଦୁଶ୍ଚିନ୍ତା ତାକୁ କାବୁ କରିନେଲା । ଅଳ୍ପଦିନ ବିଛଣାରେ ପଡ଼ି ରହିବା ପରେ ସେ ମଧ୍ୟ ସ୍ୱର୍ଗବାସୀ ହେଲା ।

ଆଉ ରହିଲି ମୁଁ । ଯିଏ ବିକଳାଙ୍ଗ, ନିଷ୍କର୍ମା ସେ ହିଁ ପାଣି ପବନକୁ ଭରସା କରି ପଡ଼ି ରହିଲା । କେମିତି ବାହାରକୁ ଯିବି ବୋଲି ଅନେକ ଭାବିଲି ମା । ମଣିଷ କିଛି ଭାବିଲେ କିଛି କରିବାର ଯୋଜନା ପାଇଯାଏ । ଏହି କାଠ ପଟା ଦୁଇଖଣ୍ଡ ହେଲେ ମୋର ଭରସା । ଚକ ଚାରିଟି ଲଗାଇ ତା'ରି ଉପରେ ବସି ବାହାରକୁ ଚାଲି ଆସିଲି ।

ସୁନ୍ଦର ପୃଥିବୀ ଦେଖି ମୋ ପେଟ ପୂରିଗଲା । ବର୍ଷ ବର୍ଷ ଧରି ଗୋଟିଏ ଜାଗାରେ ବସି ରହୁଥିଲି । ପ୍ରକୃତି ମା କୁ ଦେଖିବା ମୋ ପାଇଁ ଥିଲା ସ୍ୱପ୍ନ । ଏବେ ଭୀକ୍ଷା ମୋର ପେସା । ଭୂଇଁ ଉପରେ ମୋ ଗାଡ଼ିଟିକୁ ଗଡ଼େଇ ଗଡ଼େଇ ଷ୍ଟେସନ ପର୍ଯ୍ୟନ୍ତ ଆସେ । ଯିଏ ଯାହା ଦିଏ ଗ୍ରହଣ କରେ ମା । ଏଇ ଯାତ୍ରୀମାନେ ତ ମୋର ସାହା ଭରସା । ଅଭିମାନକୁ ମୁଁ ସମୁଦ୍ରରେ ଫୋପାଡ଼ି ଦେଇଛି । ଜୀବନଟାକୁ ନେଇ ବଞ୍ଚିଛି ।

ଏହା ଭିତରେ ଷ୍ଟ୍ରିଟ୍ ଲାଇଟ୍ ଜଳି ଉଠିଥିଲା । ସୁଚେତା ସମ୍ପୂର୍ଣ୍ଣ ରୂପେ ବୁଢ଼ିଆ ଓ ତା' ଗାଡ଼ିକୁ ଦେଖି ପାରୁଥିଲେ । ବୁଢ଼ିଆଠାରୁ ତା' କରୁଣ ଅତୀତ ଶୁଣିଲା ପରେ ତାକୁ ଟିକିଏ ହାତ ବଢ଼େଇବାକୁ ସେ ଚାହିଁଲେ ।

ସୁଚେତା ଆନ୍ତର୍ଜାତିକ ରୋଟାରୀ ସଂସ୍ଥାର ସଭ୍ୟା ।ଏହି ସଂସ୍ଥାରେ ଅନେକ ବଦାନ୍ୟ ବ୍ୟକ୍ତିଙ୍କର ସାହାଯ୍ୟ ସମାଜର ଦଳିତ, ନିଷ୍ପେଷିତଙ୍କ ପାଇଁ ସବୁବେଳେ ମୁକ୍ତଥାଏ । ସୁଚେତା ଠିକ୍ କଲେ ତାକୁ ଗୋଟିଏ ତିନି ଚକିଆ ସାଇକେଲ୍ ରୋଟାରୀ ତରଫରୁ ଦେବେ । ସେଇ ସାଇକେଲରେ ବସି ସେ ଯିବା ଆସିବା କରିପାରିବ । ଭୂଇଁରେ ଘୋଷାରିଘୋଷାରି ଯିବାର କଷ୍ଟକୁ ସେ ଭୁଲିଯିବ ।

ତା' ପରଦିନ ଠିକ୍ ଷ୍ଟେସନ୍ ପାଖରେ ବୁଦ୍ଧିଆକୁ ଦେଖିଥିଲେ ସୁଚେତା । ତାକୁ ଏହି ପ୍ରସ୍ତାବଟି ଦେବାକ୍ଷଣି ବୁଦ୍ଧିଆର ଛାତି କୁଣ୍ଢେମୋଟ ହୋଇ ଯାଇଥିଲା । ସୁଚେତାଙ୍କ ସ୍ନେହବୋଳା କଥା ଓ ଆତ୍ମୀୟତାରେ ସେ ବତୁରି ଗଲା । ବୁଦ୍ଧିଆ ଅନୁଭବ କଲା ବିବର୍ଣ୍ଣ ବସନ୍ତରେ ଯେମିତି ଭଳି ଭଳି ରଙ୍ଗ ବୋଳି ଯାଉଛି । ନୀଳ ଆକାଶ ଓ ନୀଳ ସମୁଦ୍ରର ପରିସୀମା ତା' ପାଇଁ କୌଣସି ବିସ୍ମୟ ସୃଷ୍ଟି କରୁନି । ତା' ମନ ଆଜି ଆକାଶରେ ଉଡୁଛି । ସେ ତିନିଚକିଆ ସାଇକେଲରେ ବସି ବହୁତ ବାଟ ଯାଇପାରିବ । ଅନେକ ଭିକ୍ଷା ସେ ପାଇପାରିବ । ଅଧାଖିଆ ପେଟ ତା'ର ପୂରିଯିବ ।

ବୁଦ୍ଧିଆକୁ ସାଇକେଲ ଦେବା ପାଇଁ ରୋଟାରୀରେ ହୋଇଥାଏ ଗୋଟିଏ ବିରାଟ ସଭା । କେତେ ଗୁଣୀ, ଜ୍ଞାନୀ, ବଦାନ୍ୟ ବ୍ୟକ୍ତିଙ୍କ ଗହଣରେ ବୁଦ୍ଧିଆ ଆଜି ସାଇକେଲଟି ଗ୍ରହଣ କରିବ । ସନ୍ଧ୍ୟାକୁ ଅପେକ୍ଷା କରିଥାଏ ବୁଦ୍ଧିଆ । ସଫା ସାର୍ଟଟିଏ ପିନ୍ଧିଥାଏ । ମୁଣ୍ଡରେ ଭଲ କରି ତେଲ ଲଗାଇ ଭାଙ୍ଗ ପକାଇ ଚୁଟି ସଜାଡ଼ି ଥାଏ । ବୁଦ୍ଧିଆ ମୁହଁ ଆଜି ଆନନ୍ଦରେ ଝଲକୁଛି । ସେ ଆଜି ସୁଚେତାଙ୍କ କାର୍‌ରେ ସୁଚେତାଙ୍କ ସହିତ ଯିବ ରୋଟାରୀ ସଭାକୁ । ଏମିତି ଦିନ ତା'ର ଆସିବ ବୋଲି ସେ ସ୍ୱପ୍ନରେ ବି ଭାବି ନ ଥିଲା । ଷ୍ଟେସନ୍ ବଜାରରେ ତା ପଟା ଗାଡ଼ିରେ ବସି ଅପେକ୍ଷା କରିଥିଲା ବୁଦ୍ଧିଆ । ସୁଚେତା ତା' ପାଖରେ ଗାଡ଼ି ରଖି ତାକୁ ଉଠାଇ ଆଣି ଗାଡ଼ିରେ ବସାଇ ଦେଲେ । ବୁଦ୍ଧିଆ ମନେ ମନେ କୁରୁଳି ଉଠୁଥାଏ ।

ଯୋବ୍ରା ପାଖରୁ ରିଙ୍ଗ ରୋଡ଼ରେ ମହାନଦୀ କୂଳେ କୂଳେ ଗାଡ଼ି ଚାଲିଲା । ବୁଦ୍ଧିଆ ଅନର୍ଗଳ କହି ଚାଲିଲା ତା' ଯୋଜନା । ତା' ଭବିଷ୍ୟତ ପାଇଁ ସେ ଅନେକ ସ୍ୱପ୍ନ ଦେଖିଛି । ଗାଡ଼ିଟି ପାଇଗଲା ପରେ ଭିକମଗା ପଇସା କିଛି ସଞ୍ଚୟ କରିବ । ଏଥର ବେଶୀ ବାଟ ସେ ବୁଲିପାରିବ । ପଇସା ପାଇବ ଅନେକ । ହାତରେ କିଛି ପଇସା ହୋଇଗଲେ ଚେନାଚୁର, ଚକୋଲେଟ, କୁର୍‌କୁରେ ଇତ୍ୟାଦି ଜିନିଷ କିଣି ଛୋଟ ଛୋଟ ପୁଡ଼ିଆ ତା' ଗାଡ଼ିରେ ଝୁଲାଇବ । ତା'ର ଭରସା ଥାଏ

ନିଶ୍ଚୟ ଲୋକମାନେ ତାକୁ ଦୟା ଦେଖାଇ ତା' ପାଖରୁ କିଣିବେ। ଅକ୍ଷମ ବୁଦ୍ଧିଆ ଆଜି ସକ୍ଷମ ହୋଇଯାଇଛି ବୋଲି ଲୋକମାନେ ଦେଖିବେ। ବୁଦ୍ଧିଆର ଖୁସି ଆଜି ବନ୍ଧ ବାଡ଼ ମାନୁନି।

ବୁଦ୍ଧିଆର ଖୁସି ଓ ଭବିଷ୍ୟତ ଯୋଜନା ଶୁଣି ସୁଚେତା ଖୁସିରେ ବିଭୋର ହୋଇ ଯାଉଥିଲେ। ଶୁଖିଲା ମୁହଁରେ ହସ ଫୁଟେଇ ପାରିଥିବାରୁ ସେ ଗର୍ବ ଅନୁଭବ କରୁଥାଆନ୍ତି। ଅଳ୍ପ ସମୟ ଭିତରେ କାର୍ ପହଞ୍ଚିଗଲା ସଭାସ୍ଥଳରେ। ବୁଦ୍ଧିଆର ନାଆଁ ଡକାଗଲା। ଆଜି ମହାମାନ୍ୟ ହାଇକୋର୍ଟର ବିଚାରପତି ଅଛନ୍ତି ମୁଖ୍ୟ ଅତିଥି। ତାଙ୍କ ହାତରୁ ବୁଦ୍ଧିଆ ନେବ ତା ଭବିଷ୍ୟତର ସମ୍ବଳ ତିନିଚକିଆ ସାଇକେଲ। ଷ୍ଟେଜ୍ ପାଖରେ ପହଞ୍ଚିଲା ବୁଦ୍ଧିଆ। ସଭାପତି, ସମ୍ପାଦକ, ମୁଖ୍ୟ ଅତିଥି ଘେରି ଥାଆନ୍ତି ବୁଦ୍ଧିଆକୁ। ସେମାନଙ୍କ ହାତରୁ ବୁଦ୍ଧିଆ ଗାଡ଼ିଟି ଗ୍ରହଣ କଲା।

ବୁଦ୍ଧିଆ ଦେହରେ ଆଜି ଶତସିଂହର ବଳ। ସେ ହାତରେ ପେଡ଼େଲ୍ ମାରି ମାରି ସହରର ଗୋଟିଏ ମୁଣ୍ଡରୁ ଆର ମୁଣ୍ଡ ଯାଏ ଯାଇପାରିବ। ଏ ମନୋବଳ ତା'ର ଆଜି ଭୀମବଳକୁ ଲଘିଂ ଯାଇଛି। ସାଇକେଲଟି ପାଇଲା ପରେ ସହରର ପ୍ରଧାନ ରାସ୍ତା ଦେଇ ବୁଦ୍ଧିଆ ପହଞ୍ଚିଗଲା ତା'ର ସେହି ରହିବା ଜଗାରେ। ରାତିରେ ସେ ତା' ଗାଡ଼ିରେ ବସି ମଧ ଶୋଇପାରିବ କେଡ଼େ ଭରସା ଆଜି ସେ ପାଇଯାଇଛି।

ରାତି ସାରା କେତେ ଯେ ସ୍ୱପ୍ନ ଦେଖିବ ତା'ର ଇୟତ୍ତା ନାହିଁ। ରାତି ପାହିଲେ ସେ ଦେଖିବ ରଙ୍ଗବୋଳା ସୂର୍ଯ୍ୟଙ୍କୁ। ରାତିରେ ଦେଖିବ ସେ ଶୁଭ୍ରଜ୍ୟୋସ୍ନା। ସେଦିନର ଲଣ୍ଠନର ମିଞ୍ଜିମିଞ୍ଜି ଆଲୁଅ ତାକୁ ନିଷ୍ପ୍ରଭ କରି ପାରିବନି। ତା' ମନପକ୍ଷୀ ଆଜି ଉଡ଼ି ଉଡ଼ି ସାତ ସମୁଦ୍ର ପାର ହୋଇ ଯାଉଛି। ଭବିଷ୍ୟତର ଆଶା ଓ ଭରସାରେ ସେ ଗାଧୋଇ ପଡୁଛି। ସେ ଆଜି ସୁଖରେ ଶୋଇଛି। ଲମ୍ବାଳିଆ ନିଃଶ୍ୱାସ ଖେଳିଯାଉଛି ତା' ଗାଡ଼ି ଚାରିପଟରେ। ସେ ଆଜି ରାତିସାରା ସ୍ୱପ୍ନରେ ବିଭୋର।

ଗାଡ଼ିକୁ ଛାଡ଼ିବିନି ବୋଲି ବୁଦ୍ଧିଆ ଗାଡ଼ି ଉପରେ ଶୋଇଛି । ସକାଳ ସୂର୍ଯ୍ୟଙ୍କର ରଙ୍ଗବୋଳା କିରଣ ପଡୁଛି ବୁଦ୍ଧିଆ ଉପରେ । ମୁହଁ ତା'ର ଦିଶୁଛି ଉଦୟଗାମୀ ସୂର୍ଯ୍ୟ ଭଳି । ସ୍ୱପ୍ନମାନେ ତା' ମୁହଁ ଉପରେ ଭଉଁରି ସୃଷ୍ଟି କରୁଛନ୍ତି । ତିନିଟଙ୍କା ପଚାଶ ପଇସା ଥିବା ତା' ପଇସା ମୁଣି ଝୁଲୁଛି ତା' ସାଇକେଲରେ । କିନ୍ତୁ ବୁଦ୍ଧିଆ ଚାଲିଯାଇଛି କାହିଁ କେତେ ଦୂରକୁ, ଯେଉଁଠାକୁ ଯିବାର ବାଟ ଅଛି କିନ୍ତୁ ସେଠାରୁ ଫେରିବାର ବାଟ ନାହିଁ । ଭୋର ସକାଳକୁ ସେ ଦେଖିପାରିନି ।

ଲୋକଙ୍କର ଟୁପୁର ଟାପର – ବେଶୀ ଖୁସିରେ ବୁଦ୍ଧିଆର ହୃଦ୍‌ଯନ୍ତ୍ର ନିଶ୍ଚଳ ହୋଇଯାଇଛି । ସୁଚେତା ଏକ ନିଶ୍ଚଳ ମୂର୍ତ୍ତିଟିଏ ଭଳି ଚାହିଁ ରହିଛନ୍ତି ବୁଦ୍ଧିଆର ସେହି ସୌମ୍ୟକାନ୍ତ ମୁହଁକୁ । ଅସ୍ପଷ୍ଟ ସ୍ୱରରେ କହି ଚାଲିଛନ୍ତି, ''ବିଧାତା, ତୁ କ'ଣ କଲୁ ?''

◆◆◆

# ଅନବଦ୍ୟ ସୃଷ୍ଟି

ଆଜି ସକାଳରୁ ସୌଭାଗ୍ୟବାବୁ ରାଗରେ ତମତମ ହେଉଛନ୍ତି । ବେଶୀ ରାଗିଗଲେ ତାଙ୍କର ବ୍ଲଡ଼ ପ୍ରେସର ବଢ଼ିଯାଏ । ସେଥିପାଇଁ ତାଙ୍କ ସ୍ତ୍ରୀ ସୁକାନ୍ତି ଖୁବ୍ ଚିନ୍ତିତ । ସ୍ୱାମୀଙ୍କର ରାଗକୁ ଶାନ୍ତ କରିବା ପାଇଁ ଅନେକ ପ୍ରକାର କଥା କହି ତାଙ୍କୁ ବୁଝାଉଛନ୍ତି ।

ଦେଖ, ଆଜିକୁ ଚାରିବର୍ଷ ହେଲା ମୋ ଆଖି ଶୁଖୁନି । କେତେ ଦିଅଁ ଦେବତାଙ୍କୁ ଡାକି ଡାକି ଯାହାକୁ ପାଇଥିଲି ସେ ତ ଆମ କୋଳ ଶୂନ୍ୟ କରି ତା' ବାଟରେ ଚାଲିଗଲା । ଏ ବଂଶର ଦାୟାଦ ଆଉ କେହି ନାହିଁ । ତା' ଛଡ଼ା ମୋ ମାତୃତ୍ୱ ଚିତ୍କାର କରୁଛି । ମୁଁ ଆଉ ଥରେ ମା ହୋଇ ପାରିବିନି ଜାଣିଲା ପରେ ଏକୋଇର ବଳା କୁନ୍‌ମୁନ୍ ଉପରେ ମୋର ସବୁ ସ୍ନେହ ମମତାକୁ ଢାଳି ଦେଇଥିଲି । ସେ ଦେଇଥିଲା ମୋତେ ଆଉ ଏକ ନୂଆ ଜୀବନ । ଆଉ ଏକ ନୂଆ ଦୁନିଆ । କୁନ୍‌ମୁନ୍ ହିଁ ଥିଲା ମୋ ବଂଚିବାର କାରଣ । ଦୀର୍ଘ ୧୨ ବର୍ଷ ଧରି କେତେ ଦିଅଁ ଦେବତାଙ୍କ ଶରଣାପନ୍ନ ହୋଇଛି । ପୂଜା ପାଠ ମୋର ବିଫଳ ହୋଇ ନ ଥିଲା । ଡାକ୍ତରମାନଙ୍କର ଚିକିତ୍ସା ମୋ ଜୀବନରେ ଅବିସ୍ମରଣୀୟ । ଶେଷରେ ମୁଁ ପାଇଥିଲି ଦେବତାଙ୍କ ଆଶୀର୍ବାଦ । ମୋ କୋଳକୁ ମଣ୍ଡନ କରିଥିଲା କୁନ୍‌ମୁନ୍ । ମୋ ଆକାଶରେ ସେ ପୂର୍ଣ୍ଣମୀର ଜହ୍ନ ହୋଇଥିଲା । କେତେବେଳେ ଆକଟ କରିବା ପାଇଁ ଯଦି ତୁମେ ଟିକିଏ କଡ଼ା କରି କଥା ତାକୁ କହି ଦେଉଥିଲ, ମୁଁ ଘାଇଲା ବାଘୁଣୀ ଭଳି ହିଂସ୍ର ହୋଇ ଯାଉଥିଲି । ମା'କୁ ସନ୍ତାନର ଦୋଷ ତ୍ରୁଟି ଦୃଶ୍ୟମାନ ହୁଏନି । ସନ୍ତାନ ପାଇଁ ସେ ଅନ୍ଧ ହୋଇଥାଏ । ଆଦରର ଘୋଡ଼ଣୀରେ ସେ ଘୋଡ଼େଇ ଥାଏ ତା' ସନ୍ତାନକୁ । ଏତେ କଥା ସୁକାନ୍ତି ଏକ ସ୍ୱରରେ କହିଦେଲେ ।

ସୌଭାଗ୍ୟ ବାବୁଙ୍କ ଉପରେ ଏ ସବୁ କଥା କିଛି ପ୍ରଭାବ ପକାଇ ପାରିଲାନି। ସେ ସୁକାନ୍ତିର ଅନ୍ତର ତଳେ ହୁତୁହୁତୁ ଜଳୁଥିବା ଦୁଃଖକୁ ବୁଝୁଥିଲେ, କିନ୍ତୁ ଆଜିର ପରିସ୍ଥିତିକୁ ସେ ଗ୍ରହଣ କରି ପାରୁ ନାହାନ୍ତି। ମନ ଭିତରେ ଦୋଳିଟି ଉପର ତଳ ହେଉଥିଲେ ମଧ୍ୟ ଥରେ ମଧ୍ୟ ଭୂଇଁକୁ ଛୁଇଁ ପାରୁନି। ଓହ୍ଲାଇ ପାରୁନାହାନ୍ତି ତାଙ୍କ ରାଗର ପେଡ଼ିକୁ। ମନକୁ ସେ ବୁଝାଇ ପାରୁ ନାହାନ୍ତି।

ଦୁନିଆରେ ତ ଅନେକ ମାତାପିତା ସନ୍ତାନହୀନ। ତଥାପି ସେମାନେ ଦୁନିଆ ଆଗରେ ହାରିଯାଇନାହାନ୍ତି। ଜୀବନ ସଂଗ୍ରାମରେ ହାରିଯିବା କଥା ସୁକାନ୍ତିଠାରୁ ବାରମ୍ବାର ଶୁଣି ଶୁଣି ସେ ବିବ୍ରତ। ଅନେକ ବୁଝାଇ ମଧ୍ୟ ସୁକାନ୍ତି ଅବୁଝା। କୁନ୍‌ମୁନ୍‌କୁ ଝୁରିହେବା ତା’ ଅସ୍ଥିମଜ୍ଜାଗତ ହୋଇଗଲାଣି।

ବିବାହର ୧୨ ବର୍ଷ ପରେ କୁନ୍‌ମୁନ୍ ଜନ୍ମ ହୋଇଥିଲା। ସୁକାନ୍ତିଙ୍କର ଜରାୟୁଜନିତ ଅସୁବିଧା ଯୋଗୁଁ ପିଲାଜନ୍ମରେ ଡେରି ହୋଇଥିଲା। ସୌଭାଗ୍ୟବାବୁ ବଡ଼ ବଡ଼ ଡାକ୍ତର ଦେଖାଇ ଚିକିତ୍ସା କରିଥିଲେ। ଶେଷରେ କୁନ୍‌ମୁନ୍ ଆସିଥିଲା ଏ ଦୁନିଆକୁ। ତା’ର ପ୍ରଥମ କୁଆଁ କୁଆଁ ଶବ୍ଦ ଘର ସାରା ଖୁସୀ ଖେଳେଇ ଦେଇଥିଲା। ବାପା ମାଙ୍କ ହାତରେ ଧରେଇ ଦେଇଥିଲା ଉପହାର। ଖୁବ୍ ଧୁମ୍‌ଧାମ୍‌ରେ ସୌଭାଗ୍ୟବାବୁ ତା’ ଏକୋଇଶିଆ କରି ପିତା ହେବାର ଶୁଭ ଖବର ଜଣେଇ ଦେଇଥିଲେ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀମାନଙ୍କୁ। ନିଦାଘ ଗ୍ରୀଷ୍ମରେ ଶୁଖି ଶୁଖି ଯାଉଥିବା ଗଛ ଉପରେ ଆଷାଢ଼ ମାସର ନୂଆ ବର୍ଷା ଜଳଧାର ହୋଇ ଯାଇଥିଲା କୁନ୍‌ମୁନ୍। କୁନ୍‌ମୁନ୍ ସୌଭାଗ୍ୟବାବୁ ଓ ସୁକାନ୍ତିଙ୍କ ବାହୁଛାୟା ତଳେ ଛନଛନିଆ ପିଲାଟିଏ ହୋଇ ବଢ଼ିବାକୁ ଲାଗିଲା।

ଦିନେ ହଠାତ୍ କୁନ୍‌ମୁନ୍ ଅଚେତ ହୋଇପଡ଼ିଥିବାର ସୁକାନ୍ତି ଦେଖିଲେ। ନିଜ ପ୍ରାଣବାୟୁ ଉଡ଼ିଗଲା ଭଳି ସେ ଅନୁଭବ କଲେ। ସୌଭାଗ୍ୟବାବୁଙ୍କୁ ଫୋନ୍ କରି ଅଫିସରୁ ଡକାଇ ଆଣିଥିଲେ। ସୌଭାଗ୍ୟବାବୁ କୁନ୍‌ମୁନ୍ ଆଡ଼କୁ ନଜର ନ ଦେଇ ସୁକାନ୍ତି ଅବସ୍ଥା ଦେଖି ଭୟଭୀତ ହୋଇଗଲେ। ସୁକାନ୍ତି ମୁଣ୍ଡ କଚାଡ଼ି କଚାଡ଼ି କାନ୍ଦୁଥାଏ। ମୋ ପୁଅର କ’ଣ ହୋଇଗଲା କହି କାନ୍ଦି କାନ୍ଦି ଗଡ଼ି ଯାଉଥାଏ।

ସୁକାନ୍ତି, ଧୈର୍ଯ୍ୟ ଧର, ଡାକ୍ତରଖାନାକୁ କୁନ୍‌ମୁନ୍‌କୁ ନେଇଯିବା। ଏମିତି ବ୍ୟସ୍ତ ହେଲେ ତ ପୁଅ ଭଲ ହୋଇଯିବନି। ସଙ୍ଗେ ସଙ୍ଗେ କଟକର ଅଶ୍ୱିନୀ ହସ୍‌ପିଟାଲକୁ ନେଇ ଯାଇଥିଲେ କୁନ୍‌ମୁନ୍‌କୁ। ଅନେକ ପରୀକ୍ଷା ଚାଲିଲା। ଓଡ଼ିଶାର ନାମଜାଦା ଡାକ୍ତରମାନେ ଲାଗିପଡ଼ିଲେ। ପ୍ରାୟ ୧୫ ଘଣ୍ଟା ପରେ କୁନ୍‌ମୁନ୍‌ର ଚେତା ଫେରିଆସିଲା। ଅଳ୍ପଦିନ ହସ୍‌ପିଟାଲରେ ରହି ଘରକୁ ଆସିଲା ସେ। ଡାକ୍ତରଙ୍କ ରିପୋର୍ଟରୁ ଜଣାଗଲା ଯେ ତାକୁ ବ୍ଲଡ୍ କ୍ୟାନସର। ରୋଗର ନାଆଁ ଜାଣିଲା ପରେ ସୌଭାଗ୍ୟବାବୁ ଓ ସୁକାନ୍ତି ଭାଙ୍ଗି ପଡ଼ିଥିଲେ।

କେତେ କଷ୍ଟ କରି ବସାଟିଏ ତିଆରି କରିଥିଲେ। ମହାବାତ୍ୟାରେ ସେ ବସା ଆଜି ଛିନ୍ନ ଭିନ୍ନ ହୋଇଯାଇଛି। ପୁଣି କ'ଣ ଏ ବସାର ମରାମତି ହୋଇପାରିବ ?

ବିଭିନ୍ନ ପ୍ରକାର ଦୁଃଶ୍ଚିନ୍ତାରେ କୂଳ କିନାରା ଯାଉ ନ ଥାନ୍ତି ସୁକାନ୍ତି।। ମା ସେ। ମନ ତାଙ୍କର ସବୁବେଳେ ପାପକୁ ଛୁଉଁଥାଏ।

ବ୍ଲଡ୍ ଟ୍ରାନ୍ସମିସନ ଚାଲିଲା ପ୍ରତି ଦୁଇମାସରେ। ଏହି ସମୟରେ କୁନ୍‌ମୁନ୍ ରହୁଥାଏ ହସପିଟାଲରେ। ଦୁଇହାତ ଟେକି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କେତେ ଗୁହାରି କଲେ ସୁକାନ୍ତି। ୧୨ ବର୍ଷ ଧରି କାନ୍ଦି କାନ୍ଦି ତୁମକୁ କେତେ ଆକୁଳ ନିବେଦନ କରିଛି ପ୍ରଭୁ। ଶେଷରେ ମୋ ଡାକ ଶୁଣିଲ। ଅନ୍ଧାର ଘରକୁ ମୋର ଆଲୋକାୟିତ କଲ। ଚୈତ୍ରମାସରେ ଖୁଣ୍ଟା ଭଳି ଦିଶୁଥିବା ଗଛରେ ପୁଣି କଅଁଳିଆ ପତ୍ର ସୃଷ୍ଟି କଲ। ପୁଣି ସେହି କଅଁଳିଆ ପତ୍ରକୁ ଶୁଖେଇ ଦେଉଛ କାହିଁକି ପ୍ରଭୁ। ହସପିଟାଲ ବେଡ୍ ପାଖରେ ବସି କୁନ୍‌ମୁନ୍ ମୁହଁକୁ ଚାହିଁ କେତେ କ'ଣ ଭାବି ଯାଉଥିଲେ ସୁକାନ୍ତି।

କ୍ରମଶଃ କୁନ୍‌ମୁନ୍ ଶରୀର କ୍ଷୀଣ ହୋଇ ଆସିଲା। ଶେଷରେ ସେ ଚାଲିଗଲା କେଉଁ ଏକ ଅଜଣା ରାଇଜକୁ, ଯେଉଁ ରାଇଜରୁ ଲୋକ ଆଉ ଫେରେନି। ସେଦିନ ସୁକାନ୍ତି ଅନେକ କାନ୍ଦିଥିଲେ। ଭାଗ୍ୟକୁ ନିନ୍ଦିଥିଲେ। ଈଶ୍ୱରଙ୍କ ଉପରେ ଅଭିମାନର ବର୍ଷା କରି ଶୂନ୍ୟ ହସ୍ତରେ ଫେରି ଆସିଥିଲେ ଘରକୁ।

କୁନ୍‌ମୁନ୍ ଚାଲିଗଲା ପରେ ସାରା ଦୁନିଆ ତାଙ୍କୁ ଅନ୍ଧାର ଦିଶଲା । କୁନ୍‌ମୁନ୍ ଜନ୍ମବେଳେ ଡାକ୍ତର କହି ଦେଇଥିଲେ ତାଙ୍କ ଜରାୟୁରେ ଅସୁବିଧା ଥିବାରୁ ସେ ଆଉ ଗର୍ଭଧାରଣ କରି ପାରିବେନି । କୁନ୍‌ମୁନ୍ ଚାଲିଗଲା ପରେ ସୁକାନ୍ତି ପୁଣି ଥରେ ସନ୍ତାନ ଲାଭ କରିବା କଥା ଭୁଲି ଯାଇଛନ୍ତି ।

କୁନ୍‌ମୁନ୍ ଥିଲା ତାଙ୍କ ଆଖିର ଉଜ୍ଜ୍ୱଳ ଜ୍ୟୋତିଷ୍କ । ସୁକାନ୍ତିକୁ ସେ ଦେଖାଉଥିଲା ଚାଲିବାର ପଥ । ଆଜି ସେ ପଥ ଅନ୍ଧକାର ଗହ୍ୱର ଭିତରେ । ସୁକାନ୍ତି ଏକପ୍ରକାର ମୂକ ହୋଇ ଯାଇଛନ୍ତି । ସୌଭାଗ୍ୟବାବୁ ତାଙ୍କର ମାନସିକ ସ୍ଥିତିର ଉନ୍ନତି ପାଇଁ ଭାରତର ବିଭିନ୍ନ ସ୍ଥାନ, ଶୈଳନିବାସ ବୁଲାଇ ଦେଖାଉଥାଆନ୍ତି । ସୁକାନ୍ତି ପ୍ରକୃତିର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ପାରୁନାହାନ୍ତି । ସନ୍ତାନହୀନ ହୋଇ ସେ ବଞ୍ଚିବେ କେମିତି । ସୌଭାଗ୍ୟବାବୁ ସ୍ତ୍ରୀ ପାଇଁ ବିବ୍ରତ ।

ନିଜ ଭାଇଙ୍କର ପୁଅକୁ ଆଣି ରଖିବାକୁ ବେଳେବେଳେ ଚାହୁଁଛନ୍ତି ସୌଭାଗ୍ୟବାବୁ । କୁନ୍‌ମୁନ୍‌ର ସ୍ଥାନ ପୁତୁରା ପୂରଣ କରିପାରିବ ବୋଲି ତାଙ୍କର ଭରସା ପାଉନି । ତଥାପି ନିଜ ବଂଶର ପିଲାକୁ ରଖିବାରେ ତାଙ୍କର ଆପତ୍ତି ନାହିଁ । ସେ ସାହସ କରି ସୁକାନ୍ତିକୁ କହି ପାରିଲେନି ଏକଥା ।

ଅନେକ ବନ୍ଧୁଙ୍କର ଉପଦେଶ ଅନାଥାଶ୍ରମରୁ ଭଲ ପିଲାଟିଏ ଆଣି ରଖ । ସୌଭାଗ୍ୟବାବୁ ଏହି ପ୍ରସ୍ତାବର ସପକ୍ଷରେ ନୁହଁ । ତାଙ୍କ ମତରେ ବଂଶର ପ୍ରଭାବ ପିଲା ଉପରେ ପଡ଼େ । ଅନାଥାଶ୍ରମର ପିଲା କେଉଁ ବଂଶର ହୋଇଥିବ କିଏ ଜାଣେ ? ପ୍ରତିଦିନ ଶହ ଶହ ଅବୈଧ ସନ୍ତାନ ରାସ୍ତାରେ ଫିଙ୍ଗା ହେଉଛନ୍ତି । ସେମାନଙ୍କ ଭିତରୁ କେତେ ପିଲାଙ୍କୁ ଅନାଥାଶ୍ରମରେ ରଖାଯାଉଛି । ସେମାନଙ୍କର କୁଳ ଗୋତ୍ର ଜଣାନାହିଁ । ଏମିତି ପିଲାକୁ ଘରେ ସେ ରଖି ପାରିବେନି । ଯାହାକୁ ମନ ଗ୍ରହଣ କରିପାରିବନି ତାକୁ ଘରେ ସ୍ଥାନ ଦେବାକୁ ସେ ଚାହାନ୍ତିନି । ସୁକାନ୍ତିର ମାନସିକ ଅବସ୍ଥାକୁ ଦେଖି ସେ କିଛି ଆଲୋଚନା ମଧ୍ୟ କରିନାହାନ୍ତି ।

ଆଜି ସୁକାନ୍ତିଙ୍କର ନିଦ ଭାଙ୍ଗିଯାଇଛି ଭୋରଭୋର । ବିଛଣାରେ ପଡ଼ି ସେ ଛଟପଟ ହେଲେ । ଆଖି ଆଗରେ ତାଙ୍କର କୁନ୍‌ମୁନ୍ । ହସି ହସି ତାଙ୍କ ଆଗରେ ଦୌଡ଼ିବାର ଛବିକୁ ସେ ଦେଖି ପାରୁଛନ୍ତି । ତା' ପଛେ ପଛେ ଦୌଡ଼ି ଦୌଡ଼ି ସେ ହାଲିଆ । ପୁଣି ସେ ପ୍ରକୃତିସ୍ଥ ହୋଇ ଯାଉଛନ୍ତି । କେବଳ ଛାତରେ ଘୂରୁଥିବା ଫ୍ୟାନ୍ ଆସିଯାଉଛି ଆଖି ସାମନାକୁ । କାହିଁ ତାଙ୍କ କୁନ୍‌ମୁନ୍ । ଏହାସବୁ ପ୍ରହେଳିକା ।

ବିଛଣାରେ ପଡ଼ି ଛଟପଟ ହେବାକୁ ତାଙ୍କୁ ଭଲ ଲାଗିଲାନି । ରୁମ୍‌ରୁ ବାହାରି ଆସିଲେ । କଅଁଳିଆ ସକାଳ ଭିତରେ ମୁହଁ ଗୁଞ୍ଜା ଧରଣୀ ମା'ଙ୍କ ଉପରେ ଆଖି ପଡ଼ିଲା । ମନରେ ଅପୂର୍ବ ଭାବର ସୃଷ୍ଟି । ଦାଣ୍ଡ ଦୁଆର ଖୋଲି ବାହାରକୁ ଦେଖିବାକୁ ତାଙ୍କ ମନ ଧାଇଁଲା । କବାଟ ଖୋଲି ଦେଇ ସେ ହତବାକ୍ ହୋଇଗଲେ । ଏ କ'ଣ ? ?

ଶୀତଦିନ । ବାରଣ୍ଡା ଉପରେ ଛିଣ୍ଡାକନାରେ ଗୁଡ଼ା ହୋଇଥିବା ସଦ୍ୟ ପ୍ରସବିତ ଶିଶୁ ପୁତ୍ରଟିଏ । ସେ ଚମକି ପଡ଼ିଲେ । ଏ କାହାର ପିଲା । ତାଙ୍କ ବାରଣ୍ଡାକୁ କିପରି ଆସିଲା । କେଉଁ ରାକ୍ଷସୀ ମାଆ ଏଠାରେ ତା'ର ସନ୍ତକଟି ପକେଇ ଦେଇ ଯାଇଛି । ତାଙ୍କ ମାତୃତ୍ୱ କାନ୍ଦି ଉଠିଲା । କିଛି ସମୟ ଛିଡ଼ା ହୋଇ କଅଁଳିଆ ଶିଶୁଟିକୁ ଚାହିଁ ରହିଲେ । ଏହି ଦେବ ସନ୍ତାନଟି କି ଦୋଷ କରିଛି ? ଜନ୍ମ ପରେ ମାଠାରୁ ଦୂରେଇ ଯାଇଛି ।

କିଏ ତା'ର ବାପା, ପୁଣି କିଏ ତା'ର ମା । କେଉଁ ବଂଶ, କେଉଁ ଜାତିର ଏ ପିଲା ?

ସବୁ ମଣିଷ ତ ସମାନ । ଯେମିତି ଭାବରେ ତାକୁ ଗଢ଼ାଯାଏ ସେ ସେମିତି ହୋଇଯାଏ । ତା' ଭବିଷ୍ୟତ, ତା' ଭଲ ମନ୍ଦ ପାଇଁ ବାପା ମା ଦାୟୀ । କିଏ ତା' ଭବିଷ୍ୟତ ଗଢ଼ିବ ? ଶୀତ ସକାଳରେ ତା'ର ସମ୍ବଳ ଛିଣ୍ଡା କନାଟିଏ । ତା' ଭାଗ୍ୟ କେବଳ ତା' ସହିତ ଯୋଡ଼ି ଯାଇଛି ।

ପିଲାଟିକୁ ବାରଣ୍ଡାରୁ ଉଠାଇ ଆଣିଲେ ସୁକାନ୍ତି । ଭଲ ଲୁଗାଟିଏ ଘୋଡ଼ାଇ ଦେଇ ଶୁଆଇ ଦେଲେ ଡ୍ରଇଂରୁମ୍ ସୋଫା ଉପରେ । ପିଲାର ମା' ପ୍ରତି ଶତ ଶତ ଧନ୍ୟବାଦ ଝରି ପଡ଼ିଲା ତାଙ୍କ ଓଠରୁ । ପ୍ରତିଦିନ ଶହ ଶହ ଭ୍ରୁଣହତ୍ୟା ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି । ବାହାର ଦୁନିଆ ଦେଖିବା ଆଗରୁ ରାକ୍ଷସୀ ମା'ଠାରୁ ବିଦାୟ ନେଉଛନ୍ତି ସେମାନେ ।  ଏ ଶିଶୁର ମା ତାହା ତ କରିନି । ୯ ମାସ ଗର୍ଭରେ ଧାରଣ କରିଛି । ସନ୍ତାନର ସବୁ ବିଧା ଗୋଇଠାକୁ ସେ ସହିଛି । ପ୍ରସବ ବେଦନାରେ ଛଟପଟ ହୋଇଛି । ସନ୍ତାନକୁ ଦୁନିଆ ଦେଖେଇଛି । ଭ୍ରୁଣ ହତ୍ୟାକାରୀ ମା'ମାନଙ୍କଠାରୁ ଏହି ପିଲାର ମା ନିଶ୍ଚିତ ଭାବରେ ଶହେଗୁଣ ପ୍ରଶଂସିତ ।

ତେବେ କାହିଁକି ଆଜି ତାକୁ ମାତୃହରା ସେ କଲା । ମୋ ବାରଣ୍ଡାରେ ଏମିତି କଅଁଳିଆ ଛୁଆକୁ ଶୁଆଇଲା ବେଳେ ତା' ହାତ କ'ଣ ଥରି ଉଠିଲାନି । ନିଶ୍ଚୟ ତା' ଅନ୍ତରାତ୍ମା କାନ୍ଦି ଉଠିଥିବ । ନିରୁପାୟ ହୋଇ ସେ ଏଠାରେ ଶୁଆଇ ଦେଇ ଚାଲି ଯାଇଥିବ ।

ମା'ର ଏଭଳି ଜଘନ୍ୟତା ଦେଖି ସନ୍ତାନର କାନ୍ଦ ମରିଯାଇଛି । ସେ ମା'କୁ ଅଭିଶାପ ଦେବ କି ମା'ର ଏଭଳି କାର୍ଯ୍ୟ ପାଇଁ ତାରିଫ କରିବ ଏମିତି ଏକ ମୁହୂର୍ତ୍ତରେ ନିର୍ବାକ ହୋଇଯାଇଛି । ଛୋଟ ପିଲାକୁ ସହଜରେ କନ୍ଦେଇ ହୁଏ, କିନ୍ତୁ ଚୁପ୍ କରି ହୁଏନି । ତା'ର ଦରକାର ମା । ତଥାପି ସେ ଆଜି ଚୁପ୍‌ଚାପ୍ ।

ଅନେକ ଭାବିଗଲେ ସୁକାନ୍ତି । ତରତର ହୋଇ ଶୋଇବା ଘରେ ପଶିଗଲେ । ସୌଭାଗ୍ୟବାବୁଙ୍କୁ ହଲେଇ ହଲେଇ ନିଦରୁ ଉଠେଇ ପକେଇଲେ । ଅନେକ ଦିନ ପରେ ସୌଭାଗ୍ୟବାବୁ ସୁକାନ୍ତିକୁ ଚଳଚଞ୍ଚଳ ହୋଇ ଉଠିବାର ଦେଖି ଆଶ୍ଚର୍ଯ୍ୟ ହେଲେ । ବିଛଣାରେ ବସି ବଲବଲ କରି ତା' ମୁହଁକୁ ଚାହିଁଲେ ।

ସୁକାନ୍ତି ଚୁପ୍ ରହିପାରିଲାନି ।

ଆସ, ଗୋଟିଏ ନୂଆ ଜିନିଷ ଦେଖିବ ।

ଏତେ ସକାଳୁ ସୁକାନ୍ତି କି ନୂଆ ଜିନିଷ ଦେଖାଇବ ? ତାକୁ ଚାହିଁରହିଲେ ସେ ।

କ'ଣ କୁହ ସୁକାନ୍ତି । ଆଜି ତୁମ ମୁହଁ ଉଦୟମୁଖୀ ସୂର୍ଯ୍ୟ ପାଲଟିଛି । କାରଣ କ'ଣ ?

ସୁକାନ୍ତି ନିଜକୁ ଚେକ୍ କରିପାରିଲେନି । ସକାଳେ ସକାଳେ ପାଇଥିବା ଭଗବାନଙ୍କର ବରଦାନ ବିଷୟରେ କହି ଚାଲିଲେ । ଦେଖିବା ପାଇଁ ତାଙ୍କ ହାତ ଧରି ଟାଣି ଟାଣି ଡ୍ରଇଂରୁମ୍‌କୁ ନେଇଗଲେ ।

ସୌଭାଗ୍ୟ ବାବୁ ପିଲାଟିକୁ ଦେଖି ଆଗ ସୁକାନ୍ତି ଉପରେ ଖଡ୍ଗହସ୍ତ ହୋଇଗଲେ । ଅଜ୍ଞାତକୁଳଶୀଳ ପିଲାକୁ ଆଣି ଘରେ ପୂରେଇଛ ବୋଲି ବିରକ୍ତ ହେଲେ । ସେ କିଏ ? କ'ଣ ପାଇଁ ତା' ମା ଏଠାରେ ଶୁଆଇ ଦେଇଛି ଇତ୍ୟାଦି କିଛି ତୁମେ ଜାଣିନ ସୁକାନ୍ତି । ତାକୁ ଆମ ଘରେ ସ୍ଥାନ ଦେବା ଉଚିତ ନୁହେଁ । ସୁକାନ୍ତି ଭାବୁଥିଲା ସକାଳର ଏହି ତାଜା ଖବର ସୌଭାଗ୍ୟବାବୁଙ୍କ ମନରେ ଖୁସିର ବନ୍ୟା ସୃଷ୍ଟି କରିଦେବ । କିନ୍ତୁ ସେ ଦେଖୁଛି ଓଲଟା । ଦୁଇଜଣଙ୍କ ମନ ଗୋଟିଏ ବିନ୍ଦୁରେ ପହଞ୍ଚି ପାରୁନି ।

ସୁକାନ୍ତି ମନେ ମନେ ଠିକ୍ କରିନେଲେ ସେ ଯାହାର ପିଲା ହେଉ, ଯେଉଁ ପରିସ୍ଥିତିରେ ଏଠାରେ ତା ମା ତାକୁ ଶୁଆଇ ଦେଇ ଯାଉ ସେସବୁ ତାଙ୍କୁ ଆନ୍ଦୋଳିତ କରିବନି । କାରଣ ସେ ଗୋଟିଏ ମଣିଷ ପିଲା । ସେ ଜାଣେ ଏ ଶିଶୁଟି ଅମୃତର ସନ୍ତାନ । ଈଶ୍ୱରଙ୍କର ଅନବଦ୍ୟ ସୃଷ୍ଟି ।

◆◆◆

# ପୂର୍ଣ୍ଣାହୁତି

ସେଦିନ ସକାଳରୁ ଯୋଡ଼ି ମହୁରି ବାଜୁଥିଲା ସୌମ୍ୟକାନ୍ତ ବାବୁଙ୍କ ତ୍ରିତଳ ପ୍ରାସାଦ ସାମନାରେ। ସାରା ପ୍ରାସାଦ ହୋଇ ଉଠୁଥିଲା ଚଳଚଞ୍ଚଳ। ତାଙ୍କର ଏକମାତ୍ର କନ୍ୟା ରୁପାର ଥିଲା ବାହାଘର। ଚାରିଆଡ଼େ ଦୌଡ଼ ଧାଁପଡ଼ ଲାଗି ରହିଥିଲା। ସୌମ୍ୟକାନ୍ତ ବାବୁ ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରିବାରେ ବ୍ୟସ୍ତ। ଲାବଣ୍ୟ ଦେବୀ ମଙ୍ଗନହାଣ୍ଡି ବସାଇବା ପାଇଁ ଆୟୋଜନରେ ଲାଗି ପଡ଼ିଥାନ୍ତି। ସୌମ୍ୟକାନ୍ତ ବାବୁ ସହରରେ ଜଣେ ନାମଜାଦା କଣ୍ଟ୍ରାକ୍ଟର। ଧନର ଅଭାବ ନାହିଁ। ଉଚ୍ଚମନା ବ୍ୟକ୍ତିଟିଏ। ଗୋଟିଏ ବୋଲି ଝିଅର ବାହାଘର ଧୁମ୍‌ଧାମ୍‌ରେ କରିବେ। ସାରା ସହର ଜାଣିବ ଆଜି ସୌମ୍ୟକାନ୍ତ ବାବୁଙ୍କ ଝିଅର ବାହାଘର। ଚାକର ପୂଝାରୀ ନିଜ ନିଜ କାମରେ ବ୍ୟସ୍ତ।

ଆରେ ରାମୁ, ସବୁକାମ ଠିକ୍ ଠାକ୍ କରୁଛୁ ତ? ଏତକ ସୌମ୍ୟକାନ୍ତ ବାବୁଙ୍କ ମୁହଁରୁ ବାହାରିଲା କ୍ଷଣି ରାମୁ ଗଳଗଳ କହି ଚାଲିଥିଲା।

ବାବୁ, ମିଠା ପାଇଁ ଛେନା ଆଣି ଥୋଇ ଦେଇଛି। ଫୁଲବାଲା ଫୁଲ ଦେଇଗଲାଣି। ଟେଣ୍ଟ ହାଉସବାଲା ବେଦି ସଜଉଛନ୍ତି।

ଆରେ, ବାଣର ବ୍ୟବସ୍ଥା କରିଛୁ ତ?

ଆଜ୍ଞା, ସେ କଥା ମୁଁ କ'ଣ ଭୁଲିଛି। ମୁଁ ଯେଉଁ ବାଣ ଠିକ୍ କରିଛି ତାହା ଫୁଟିଲେ ସାରା ସହର ଚମକି ପଡ଼ିବ। ସେଇ ବାଣ ପରା କାରଗିଲ୍ ଯୁଦ୍ଧ ସମୟରେ ବ୍ୟବହୃତ ହେଉଥିଲା।

ରାମୁ ମୁହଁରୁ ବାଣ କଥା ଶୁଣି ସୌମ୍ୟବାବୁ ଠୋ ଠୋ ହସି ପକାଇଥିଲେ।

ଆରେ ବୋକା, ଏହି ବାଣ କ'ଣ ଯୁଦ୍ଧରେ ବ୍ୟବହାର କରାଯାଏ। ଲାବଣ୍ୟଦେବୀ ସେଠାରେ ପହଞ୍ଚିଯାଇ ସେମାନଙ୍କ କଥାକୁ ଉପଭୋଗ କରୁଥାଆନ୍ତି।

ରୁପାର ଭାଉଜ ସୁରମା ରୁପାକୁ ନେଇ ବିଉଟି ପାର୍‌ଲରକୁ ଯିବ। ରୁପା ଯେତେ ସୁନ୍ଦର ହେଲେ ବି ତା' ମୁହଁ ଟିକିଏ ଉଜ୍ଜ୍ୱଳ ଦେଖା ହେବା କଥା, ଆଇବ୍ରୋ ସେଟ୍ ହେବା ଦରକାର। ଫେସିଆଲ କରିବା ତ ଆଜିକାଲି କି ପୁଅ କି ଝିଅ ସମସ୍ତଙ୍କର ଫେସନ। ବିୟୁଟି ପାର୍‌ଲରବାଲା ରୁପାକୁ ଭଲ କରି ଶାଢ଼ି ପିନ୍ଧାଇ ଦେବେ। ଏ ସବୁ କଥା ଆଗରୁ ଠିକ୍ ହୋଇଥିଲା।

ରୁପା ପାଇଁ ବିଭିନ୍ନ ପ୍ରକାର ଗହଣା ତିଆରି କରିଥିଲେ ଲାବଣ୍ୟ ଦେବୀ। ଲମ୍ବା ମଙ୍ଗଳସୂତ୍ର ଆଜିକାଲିର ଷ୍ଟାଇଲ୍। ତେଣୁ ଲକେଟଲଗା ଲମ୍ବା ମଙ୍ଗଳସୂତ୍ର ଆସିଛି। ଏହା ବ୍ୟତୀତ ହାତ ପାଇଁ ଭଳି ଭଳି ଚୁଡ଼ି, ବାହୁଟି, ବେକ ପାଇଁ ଛୋଟ ବଡ଼ ସାଇଜର ବିଭିନ୍ନ ହାର, ପ୍ରତ୍ୟେକ ଆଙ୍ଗୁଳି ପାଇଁ ପଥର, ଡାଇମଣ୍ଡ ବସା ମୁଦି।

ସୌମ୍ୟକାନ୍ତ ବାବୁ ଓ ଲାବଣ୍ୟବତୀ ଚାହାନ୍ତି ଦେବା ନେବାରେ ଝିଅକୁ କେହି କିଛି ନ କୁହନ୍ତୁ। ମାସ ମାସ ଧରି ସେ ବିଭିନ୍ନ ସାମଗ୍ରୀ କିଣି ଘରେ ଥୋଇଛନ୍ତି। ବାହାଘର ଠିକ୍ ହେବା ଦିନ ରୁପାର ବାପା ତା' ଶ୍ୱଶୁର ନବଘନ ବାବୁଙ୍କୁ ଦେବା ନେବା ବିଷୟରେ ପଚାରିଥିଲେ। ନବଘନ ବାବୁ ଇଲେକ୍ଟ୍ରିକ୍ ଡିପାର୍ଟମେଣ୍ଟରେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର। ଆଜିକାଲି ଯୌତୁକ ଉପରେ ସରକାର ଅନେକ କଟକଣା ଜାରି କରିଛନ୍ତି। କାରଣ ଯୌତୁକ ଜୁଇରେ ଅନେକ ନାରୀଙ୍କର ସ୍ୱପ୍ନ ହଜିଯାଉଛି। ସେ ଚାକିରିରେ ଥିବାରୁ ମୁହଁ ଖୋଲି କିଛି ମାଗି ନ ଥିଲେ। ଯାହା ଦେବେ ତାକୁ ଆପଣଙ୍କ ଝିଅ ଭୋଗ କରିବ କହି ଚୁପ୍ ରହିଥିଲେ। ତାଙ୍କ ସ୍ତ୍ରୀ ମମତା ଟିକିଏ ଚୁପ୍‌ଚାପ୍‌ର ଲୋକଟିଏ। ବେଶୀ କଥା ସେ କହି ନ ଥିଲେ। ତେଣୁ ସୌମ୍ୟକାନ୍ତବାବୁ ନିଜ ମନ ମୁତାବକ ଜିନିଷର ଆୟୋଜନ କରିଛନ୍ତି।

ସୌମ୍ୟକାନ୍ତ ବାବୁଙ୍କର ଅନେକ ସାଙ୍ଗ ଓ ବନ୍ଧୁ ସକାଳରୁ ଆସି ପହଞ୍ଚି ଗଲେଣି। ବାହାଘର କାମରେ ସାହାଯ୍ୟ କରିବାକୁ ସେମାନେ ଟିକିଏ ଆଗରୁ ଆସି ବୁଝାସୁଝା କରୁଛନ୍ତି।

ଚାକରାଣୀ ସାବିର ଆଜି ଗୋଡ଼ ତଳେ ଲାଗୁନି । ସେ ସକାଳରୁ ଚା' କରିବାରେ ବ୍ୟସ୍ତ । ଥରକୁ ଥର ଲୋକମାନେ ପହଞ୍ଚି ଯାଉଛନ୍ତି । ସମସ୍ତଙ୍କୁ ଚା' ଜଳଖିଆ ଦେବା କାମ ତା'ର । ମଝିରେ ମଝିରେ ରାମୁ ସାବିକୁ ଥଟ୍ଟା କରି କ'ଣ ଦୁଇପଦ କହିଦେଇ ଚାଲିଯାଉଛି ।

ଗେଟ୍, ଦୁଆର, ବେଦି ଓ ଖାଇବା ଭେନୁ ଇତ୍ୟାଦରେ ଭଳି ଭଳି ଫୁଲ ସଜା ହେଉଛି । ଭୋରରୁ ସଜେଇବା ବାଲା ଆସି ଫୁଲ ସଜାଇବାରେ ବ୍ୟସ୍ତ । ଘରେ ରାନ୍ଧି ନିମନ୍ତ୍ରିତ ବନ୍ଧୁ ଓ ବରଯାତ୍ରୀଙ୍କୁ ଖାଇବାକୁ ଦେବାରେ ଅସୁବିଧା ହେବ ଭାବି ସୌମ୍ୟକାନ୍ତବାବୁ ସହରର ବଡ଼ କାଟରର୍‌କୁ ଖାଇବା ଦାୟିତ୍ୱ ଦେଇ ନିଶ୍ଚିନ୍ତ ।

ରୁପା ଭାଉଜ ସହିତ ବିୟୁଟି ପାର୍‌ଲରରୁ ଫେରିଲା ପରେ ଦେବୀଟିଏ ଭଳି ଦିଶୁଥାଏ । ଗହଣା ପିନ୍ଧି ସାରିଲା ପରେ ସେ ଯେମିତି ଦାଉ ଦାଉ ଝଟକୁଛି । ତା'ର ଅନେକ କଲେଜ ସାଙ୍ଗ ଆସି ସନ୍ଧ୍ୟାରେ ପହଞ୍ଚି ଯାଇଛନ୍ତି । ଥଟ୍ଟା ପରିହାସ ଭିତରେ ଘରଟା କମ୍ପି ଉଠୁଛି । ସାଙ୍ଗମାନଙ୍କ ସହିତ ରୁପା ଗଲା ରିସେପ୍‌ସନ ଭେନୁକୁ । ସାଙ୍ଗମାନେ ଘେରି ବସିଥିଲେ ରୁପାକୁ । ରୁପା ଅପେକ୍ଷା କରିଥାଏ କେତେବେଳେ ବରଯାତ୍ରୀଙ୍କ ବାଜା ଓ ବାଣର ଶବ୍ଦ ସେ ଶୁଣିବ । ଏହାକୁ ତ ପ୍ରତୀକ୍ଷା କରିଥାନ୍ତି ସବୁ ଝିଅ ।

ସମୀରକୁ ମାତ୍ର ଥରେ ରୂପା ଦେଖିଛି । କଥାବାର୍ତ୍ତା ମଧ୍ୟ ବେଶୀ ହୋଇନି । ଆଉ ଥରେ ଦେଖିବାକୁ ତା'ର ଇଚ୍ଛା ଥିଲା । ସମୀର ବୁଲିବା ପାଇଁ ସିଙ୍ଗାପୁର ୧୫ ଦିନ ପାଇଁ ଚାଲି ଯାଇଥିଲେ । ତେଣୁ ବିବାହ ପୂର୍ବରୁ ସେ ଭଲ କରି କଥାବାର୍ତ୍ତା କରି ପାରି ନ ଥିଲା । ସମୀର ଭଲ ପିଲା ବୋଲି ଲୋକଙ୍କ ମୁହଁରୁ ଶୁଣିଥିଲା । ତେଣୁ ତା' ମନରେ କୌଣସି ଦ୍ୱନ୍ଦ୍ୱ ନ ଥିଲା ।

ମଝିରେ ମଝିରେ ସୌମ୍ୟକାନ୍ତବାବୁ ରୁପା ପାଖକୁ ଆସି ତାକୁ ଟିକିଏ ଦେଖିଦେଇ ଚାଲିଯାଉଥାନ୍ତି । ପୁଣି ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ଚର୍ଚ୍ଚାରେ ଲାଗି ଯାଉଥାନ୍ତି ।

ରାତି ୧୦ଟା ବେଳକୁ ଖାଇବା ଭେନୁରୁ ଲୋକବାକ କମିଗଲେ । ବାଜା ବାଣ ଶବ୍ଦ ଶୁଭିଲା । ରୁପା ଏ ଯାଏ ଆପେକ୍ଷା କରିଥିଲା ଏହି ମୁହୂର୍ତ୍ତକୁ । ଛାତିରେ ତା'ର ସ୍ପନ୍ଦନ ବଢ଼ିଗଲା । ମନେ ମନେ କେତେ ଛବି ସେ ଆଙ୍କିଗଲା – ବରଯାତ୍ରୀ ଶୋଭାଯାତ୍ରା, ତା' ଭାବୀ ସ୍ୱାମୀ, ଆକାଶକୁ ଚମକାଉ ଥିବା ବାଣ ଇତ୍ୟାଦି । ବର

ଆସିଗଲା ବୋଲି ଲୋକମାନଙ୍କର ବାଟବରଣ ପାଇଁ ଧାଁ ଧପଡ଼ ଚାଲିଲା। ସୌମ୍ୟକାନ୍ତ ବାବୁ ଛାତି ଗର୍ବରେ ଫୁଲି ଉଠୁଥାଏ। ବରଣ ଡାଲା ଧରି ସେ ଅପେକ୍ଷା କରିଥାନ୍ତି ଗେଟ୍ ପାଖରେ। ଲାବଣ୍ୟ ଦେବୀ ଆଖିରୁ ଦୁଃଖ ଓ ସୁଖର ଫେଣ୍ଟାଫେଣ୍ଟି ଲୁହ ଲୁହଧାର ଗଡ଼ି ପଡିଲା। କେତେ ଶ୍ରଦ୍ଧା ସ୍ନେହ ଭିତରେ ବଢ଼େଇ ଥିଲେ ସେ ରୁପାକୁ। ତା' ଗୋଡ଼ରେ କଣ୍ଟାଟିଏ ଫୁଟିବାକୁ ଦେଉ ନ ଥିଲେ। ଆଜି କେତୋଟି ଘଣ୍ଟା ପରେ ତା' ହାତକୁ ଛନ୍ଦିଦେବେ ଏକ ନୂଆ ମଣିଷକୁ। ତା'ର ଉପରଟାକୁ ସେ ଦେଖିଛନ୍ତି। ଜାଣିନାହାନ୍ତି ତା' ଭିତରକୁ। ଭିତରଟା ତା'ର ଫୁଲର ପାଖୁଡ଼ାରେ ଭର୍ତ୍ତି କି କଣ୍ଟାରେ ଭର୍ତ୍ତି। ରୁପାର ଦିନଗୁଡ଼ିକ କେମିତି କଟିବ। ତା' ଭବିଷ୍ୟତ ଆଲୋକିତ ହେବ କି ଅନ୍ଧାର ଭିତରେ ହଜିଯିବ ଇତ୍ୟାଦି ଇତ୍ୟାଦି। ଏହି ସବୁ ଭଲ ମନ୍ଦ ଲୁଚକାଳି ଖେଳୁଥିଲା ଲାବଣ୍ୟ ଦେବୀଙ୍କ ଅନ୍ତର ଭିତରେ। ପ୍ରତ୍ୟେକ ମା ଚାହେଁ ତା' ସନ୍ତାନର ସୁଖ। ସୁଖର କାମନା ଭିତରେ ସବୁ ଅମଙ୍ଗଳ କଥା ଚାଲିଆସେ ତା' ମାନସପଟକୁ।

ବର ଆସି ପହଞ୍ଚି ଗଲା ଗେଟ୍ ପାଖରେ। ସୌମ୍ୟକାନ୍ତ ବାବୁ ବରଣର ସବୁ ବିଧିବିଧାନ ସାରି ବରକୁ ପାଛୋଟି ନେଲେ ଫୁଲରେ ସଜା ହୋଇଥିବା ବସିବା ସ୍ଥାନକୁ।

ବରଯାତ୍ରୀଙ୍କ ଖାଇବା ପିଇବା ସରିବା ପରେ ବାହାଘର କର୍ମ ଆରମ୍ଭ ହେଲା। କିଛି ବନ୍ଧୁବାନ୍ଧବ ବସି ରହିଥିଲେ ବେଦି ପାଖରେ। ତାହା ଭିତରୁ କିଛି ଢୋଳାଉଥାନ୍ତି। କାରଣ ସବୁ ଦେଖିବା, ପାଇବା ପ୍ରାୟ ସରି ଯାଇଥାଏ। ମନରେ ସେମାନଙ୍କର ଆଉ ନ ଥାଏ ଉଦ୍‌ବେଗ। ଲାବଣ୍ୟଦେବୀ ବେଦୀ ପାଖରେ ବସିଥାଆନ୍ତି। ତାଙ୍କ ଆଖିପତାରେ ନିଦ ହଜିଯାଇଥାଏ। ଜଳ ବିନ୍ଦୁଟିଏ ପରି ରୁପା ନିଜର ଛୋଟ ଅସ୍ତିତ୍ୱଟିକୁ ନେଇ ବଢ଼ିଥିଲା ତାଙ୍କ ସଂସାରରେ। ସେ ନିଜେ ଆଜି ସଂସାର ଗଢ଼ିବ। ସଂସାରରେ ସେ ମିଶିଯିବ ସମୁଦ୍ରରେ ମିଶିଲା ଭଳି। ସେ ଏ ବିରାଟ ଦୁନିଆରେ ହୋଇଯିବ ସଂସାରୀ। ବଡ଼ ଅଖ୍ୟାଟିଏ ସେ ପାଇବ। ସମୁଦ୍ରର ଗର୍ଜନ, ଢ଼େଉର ଉତ୍‌ଥାନ ପତନକୁ ସହିଯାଏ ବୋଲି ଜଳବିନ୍ଦୁର ନାଆଁ ତ ହୋଇଯାଏ ସମୁଦ୍ର। ତାଙ୍କ ରୁପା ସଂସାର ମଧ୍ୟରେ ମିଶିଗଲା ପରେ ସଫଳ ସଂସାରୀଟିଏ ହୋଇପାରିବ ତ ? ଏ ବିରାଟ ଆଖ୍ୟାକୁ ସେ ସାର୍ଥକ କରି ପାରିବତ ?

ବ୍ରାହ୍ମଣ, ଜ୍ୟୋତିଷଙ୍କର ମନ୍ତ୍ର ଉଚ୍ଚାରଣରେ ବେଦି ପରିସର କମ୍ପି ଉଠିଲା। ସୌମ୍ୟକାନ୍ତ ବାବୁ ଝିଅକୁ ସମର୍ପଣ କଲା ପରେ ସମୁଦି ମିଳନ କଲେ।

ଦୁଇ ସମୁଦ୍ରିଙ୍କର କୋଳାଗ୍ରତ ଦୃଶ୍ୟ ଥିଲା ଖୁବ୍ ଚମତ୍କାର। ଦୁଇଟି ସଂସାରର ଏ ଥିଲା ମିଳନ ଉତ୍ସବ।

ଭୋର ଭୋର ରୁପା ବିଦାୟ ନେଲା। ବାପା ମାଙ୍କ ଛାତିରେ ମୁହଁଗୁଞ୍ଜି ଝରେଇ ଦେଇଥିଲା ଲୁହଧାର। ନୂଆ ରାସ୍ତାର ସେ ହେଲା ପଥିକ। ଦୁଃଖ ଓ ସୁଖ ମିଶିଯାଇ ସେ ରାସ୍ତାରେ ଚାଲିଲେ ଆଗେ ଆଗେ। ସମୀର ପାଖରେ ବସି କାର୍‌ରେ ରୁପା ଯାଇଥିଲା ଶାଶୂ ଘରକୁ।

ଶାଶୂ ଘରେ ପହଞ୍ଚି ରୁପା ଯଥେଷ୍ଟ ଆଦର ପାଇଲା। ସୌମ୍ୟକାନ୍ତ ବାବୁ ତାକୁ ଅନେକ ଜିନିଷ ଦେଇଥିଲେ। ଶାଶୂଘର ଲୋକେ ଓ ବନ୍ଧୁବାନ୍ଧବ ଦେଖି ଖୁବ୍ ଖୁସି ହେଉଥାଆନ୍ତି। ଝିଅ ଚଳିବାରେ କିଛି ଯେମିତି ଅସୁବିଧା ନ ହୁଏ ସେଥିପ୍ରତି ଲାବଣ୍ୟଦେବୀ ଖୁବ୍ ଯତ୍ନବାନ୍ ଥିଲେ। ତେଣୁ ଟିକିନିଖି କରି ସବୁ ଜିନିଷ ସେ ରୁପା ବାକ୍ସରେ ସଜାଡ଼ି ଦେଇଛନ୍ତି।

କିଛି ଦିନ ପରେ ବନ୍ଧୁବାନ୍ଧବ ଚାଲିଗଲେ ଯେଝା ଯେଝା ଘରକୁ। ରୁପା ଘରେ ଟିକିଏ ଏକୁଟିଆ ଏକୁଟିଆ ଅନୁଭବ କଲା। ତଥାପି ନୂଆ ମଣିଷଟିଏ ଅନ୍ତରଙ୍ଗ ଭାବରେ ସେ ପାଇଛି। ସ୍ୱାମୀ ପ୍ରତି ତା'ର ଅଗାଢ଼ ଶ୍ରଦ୍ଧା ଓ ଭକ୍ତି ଥାଏ। ଶାଶୂ ଶ୍ୱଶୁରଙ୍କର ଯତ୍ନ ସେ ନେଉଥାଏ। ନୀତି ଓ ସଂସ୍କାରର କଥା ସେ ଶିଖିଥିଲା ବାପା ମାଙ୍କଠାରୁ। ପାଠ ମଧ୍ୟ ପଢ଼ିଥିଲା। ବିଦ୍ୟା ହିଁ ଅନ୍ତଃକରଣକୁ ଶୁଦ୍ଧ କରିଥାଏ।

ଅଳ୍ପଦିନ ଚାଲିଗଲା ପରେ ରୁପା ଟିକିଏ ଅସ୍ୱସ୍ତି ଅନୁଭବ କଲା। ସ୍ୱାମୀଙ୍କର ଆବହାବ ତାକୁ ଭଲ ଲାଗିଲାନି। ସମୀର ଯନ୍ତ୍ରଚାଳିତ ମଣିଷଟିଏ ଭଳି ରୁପାକୁ ବ୍ୟବହାର ଦେଖାଉଥାଆନ୍ତି। ତାଙ୍କ ଭଲ ପାଇବାରେ ନ ଥାଏ ଆନ୍ତରିକତା। ରୁପା ତ ଏମିତି ଚାହିଁ ନ ଥିଲା। ସେ ଜାଣିଲା ସମୀର ଅନ୍ୟ ଏକ ଝିଅ ସ୍ନେହାକୁ ଭଲ ପାଉଛନ୍ତି ଏବଂ ତା' ସହିତ ଦୈହିକ ସମ୍ପର୍କ ରଖିଛନ୍ତି। ସ୍ତ୍ରୀ ପାଇଁ ବୋଧହୁଏ ଏହି ଯନ୍ତ୍ରଣା ସବୁଠାରୁ କଷ୍ଟଦାୟକ। ସମୀର କେବଳ ତା'ର। ଆଉ କାହାର ହେଲେ ସେ ସହିବ କେମିତି ? ଏମିତି ଏକ ଅସହ୍ୟ ବେଦନାରେ ସେ ଛଟପଟ ହେଲା। ପ୍ରଥମେ ପ୍ରଥମେ ରୁପା କିଛି କହିପାରୁ ନ ଥିଲା। ମନ ତା'ର ଚିତ୍କାର କରୁଥିଲା। ସେ ଚିତ୍କାରକୁ ସେ ଲୁଚେଇ ଦେଉଥିଲା। କିନ୍ତୁ ସବୁବେଳେ ତା' ମୁହଁକୁ କଳା ବାଦଲ ଢାଙ୍କି ରଖିଥାଏ। ରୁପା ଭଳି ଝଟକୁଥିବା ମୁହଁରେ ଅଳ୍ପଦିନ ଭିତରେ

କାଳିମା ଲେସିଗଲା । ଶାଶୂ ଶ୍ୱଶୁର ପୁଅର ଏ ଦୁର୍ଗୁଣ ଜାଣିଥିଲେ ମଧ୍ୟ ମୁହଁ ଖୋଲି କିଛି କହୁ ନ ଥିଲେ । ପୁଅ ବୋହୂଙ୍କ ସହିତ ଥିବା ସମୟରେ ସେମାନଙ୍କ ସମସ୍ୟାର ଭାଗୀଦାର ହେବା କଥା ବୋଲି ସେମାନେ ଭୁଲି ଯାଉଥିଲେ । ଏଇଟା ରୁପାକୁ ଅଧିକ କଷ୍ଟ ଦେଉଥାଏ ।

ରୂପାର ଶ୍ୱଶୁର ଥିଲେ ଲୋଭୀ ମଣିଷଟିଏ । ବୋହୂର ଦୁଃଖକୁ ଲିଭେଇବାତ ଦୂର କଥା ସେ ଭୁଲି ଯାଉଥିଲେ ଯେ ବୋହୂଟି ଝିଅ ସଦୃଶ । ଜନ୍ମଠାରୁ ବିବାହ ପର୍ଯ୍ୟନ୍ତ ଝିଅଟି ଗୋଟିଏ ପରିବେଶରେ ବଢ଼ିଥାଏ । ଅନ୍ୟ ଏକ ନୂଆ ପରିବେଶରେ ଖାପ୍ ଖୁଆଇବା ପାଇଁ ତାକୁ କିଛି ଦିନ ଲାଗେ । ସମସ୍ତଙ୍କ ସ୍ନେହ ଆଦରରେ ସେ ଶାଶୂଘରକୁ ଆପଣେଇ ନିଏ । ଏସବୁ ଆଶା କରୁଥିଲା ରୁପା । ପ୍ରଥମରୁ ସେ ଖାପଛଡ଼ା ଭାବ ଅନୁଭବ କଲା । କାହାରି ସ୍ନେହ ଶ୍ରଦ୍ଧାର ଆତ୍ମୀୟତାରେ ସେ ବତୁରି ଗଲାନି । ଅନେକ ସ୍ୱପ୍ନ ଦେଖିଥିଲା ସେ । ଶାଶୂ ତା'ର ସ୍ନେହ ଶ୍ରଦ୍ଧାର ଅମୂଲ୍ୟ ଦୀପଟିଏ ହୋଇଥିବେ । ଫଳ ସବୁ ହେଲା ଓଲଟା ।

ମଣିଷ ଲୋଭର ବଶବର୍ତ୍ତୀ ହେଲେ ଅନେକ କିଛି ପାଇବା ପାଇଁ ଆଶା ରଖେ । ରୁପାର ଶ୍ୱଶୁର ନବଘନ ବାବୁ ଆଜି ସେହି ରାସ୍ତାର ପଥିକ । ସମୁଦି ସହରର ବଡ଼ କଣ୍ଟ୍ରାକ୍ଟର । ବାହାଘରର ଧୁମ୍‌ଧାମ୍‌ରୁ ଅନୁମାନ କରିପାରୁଥିଲେ ସୌମ୍ୟକାନ୍ତ ବାବୁ ବେଶ୍ ଧନୀ ଲୋକ । ରୁପା ତ ଏକମାତ୍ର କନ୍ୟା । ଭଦ୍ରତା ଦୃଷ୍ଟିରୁ ବାହାଘରବେଳେ ଯୌତୁକ ମାଗି ନ ଥିଲେ । ସରକାରୀ ଚାକିରି ସେ କରୁଛନ୍ତି । ଚାକିରିରେ ଆଞ୍ଚ ଆସିପାରେ । ଏ ସବୁ ଡର ତାଙ୍କର ଥିଲା । ଏବେ ରୁପା ତାଙ୍କର ବୋହୂ । ତା' ଜରିଆରେ ସେ ଅନେକ ଯୌତୁକ ସୌମ୍ୟକାନ୍ତ ବାବୁଙ୍କଠାରୁ ଆଦାୟ କରିପାରିବେ ।

ଦିନେ ସକାଳେ ରୁପାର ଶାଶୂ ଓ ଶ୍ୱଶୁର ତାକୁ ଡାକି ପାଖରେ ବସାଇଲେ । ଆଜି କେଉଁଆଡ଼େ ସୂର୍ଯ୍ୟ ଉଇଁଛନ୍ତି ବୋଲି ରୁପା ମନେ ମନେ ଭାବୁଥାଏ । ଏଇ କେତେଟା ଦିନ ଭିତରେ ସେ ଜାଣିଗଲାଣି ଶାଶୂ ଓ ଶ୍ୱଶୁରଙ୍କର ପ୍ରକୃତି । ନାରୀ ବେଳେବେଳେ ଧ୍ୱଂସର ମସାଲଟିଏ ପାଲଟିଯାଏ । ତା' ଶାଶୂ ଥିଲେ ସେହି ଶ୍ରେଣୀର ନାରୀ । ନିଜ ସୌଖୀନ୍‌କୁ ନେଇ ସେ ଥାଆନ୍ତି । ଇଞ୍ଜିନିୟରଙ୍କ ସ୍ତ୍ରୀ ବୋଲି ତାଙ୍କ ଅହମିକାକୁ ନେଇ ସେ କଥାବର୍ତ୍ତା କରନ୍ତି । ରୁପା ସଂସ୍କାରୀ ଘରର ଝିଅ । ପ୍ରାଚୁର୍ଯ୍ୟ ଭିତରେ ବଢ଼ିଥିଲେ ମଧ୍ୟ ସେ ସଂସ୍କାର ପାଇଥିଲା ତା' ବାପା ମା'ଙ୍କଠାରୁ ।

ଯଥାମାନ୍ୟରେ ସେ କଥାବାର୍ତ୍ତା କରେ। ଶାଶୂ ଶ୍ୱଶୁରଙ୍କୁ ଭକ୍ତି କରେ। ସ୍ୱାମୀଙ୍କ ପ୍ରତି କର୍ତ୍ତବ୍ୟରେ ସେ ହେଳା କରେନି।

ଆଜି କ'ଣ ପାଇଁ ଶାଶୂ ଶ୍ୱଶୁର ତାକୁ ଡାକୁଛନ୍ତି ବୋଲି ପ୍ରଥମେ ଥମ୍ ହୋଇଗଲା। ହୁଏତ କିଛି ଭୁଲ ସେ କରିଥିବ। ଶାଶୂ ଶ୍ୱଶୁର ତ ବାପା ମା ଭଳି। ଡରିବି କାହିଁକି। ତେଣୁ ସାହସ ବାନ୍ଧି ସେମାନଙ୍କ ପାଖକୁ ଯାଇ ଛିଡ଼ା ହେଲା।

ସୌମ୍ୟକାନ୍ତ ବାବୁ ବେଶ୍ ଚାଲାଖ ଲୋକ। ସେ କଅଁଳେଇ ରୁପାକୁ କହିବାକୁ ଆରମ୍ଭ କଲେ। ''ଦେଖ ମା, ଆମର ତ ବୟସ ହେଲାଣି। ଚାକିରି କରି ଯାହା ଦରମା ଆଣୁଛି ତାହା ଚଳିବାରେ ଖର୍ଚ୍ଚ ହୋଇ ଯାଉଛି। ସମୀର ତ ଏ ଯାଏ ମନ ମୁତାବକ ଚାକିରିଟିଏ ପାଇନି। ମୁଁ ଅବସର ନେବାକୁ ଆଉ ଅଳ୍ପଦିନ ରହିଲା। ଅବସର ନେବା ପରେ ସରକାରୀ କ୍ୱାଟରସ ଛାଡ଼ିବାକୁ ପଡ଼ିବ। ତେଣୁ ତା' ପୂର୍ବରୁ ଘରଟିଏ କରିଦେବା। ତୋ ବାପାଙ୍କର କିଛି ଅଭାବ ନାହିଁ। ତୋ ବାପାଙ୍କୁ କହି କିଛି ଟଙ୍କା ଆଣ। ମୁଁ ଚାକିରିରେ ଥାଉ ଥାଉ ଘରଟିଏ ଭୁବନେଶ୍ୱରରେ କରିଦେବି। ତୁମମାନଙ୍କର ରହିବା ପାଇଁ ସୁବିଧା ହୋଇଯିବ। ତାହାଛଡ଼ା ଏବେ ଦରକାର ପଡ଼ିଲେ ଅଫିସ୍ ଜିପ୍ କାମରେ ଲଗାଯାଉଛି। ଅବସର ନେଲା ପରେ ସେ ସୁବିଧା ମଧ୍ୟ ମିଳିବନି। ଗାଡ଼ିଟିଏ ସମୁଦି ଦେଲେ ଭଲ ହୁଅନ୍ତା।'' ଏ ସବୁ କଥା ଶୁଣି ରୁପାର ପାଦତଳୁ ମାଟି ଖସିଗଲା ଭଳି ଲାଗିଲା। ବାପାଙ୍କୁ ଏ ସବୁ ମାଗିବା ସପକ୍ଷରେ ସେ ନ ଥିଲା। ମନେ ମନେ ଭାବିଲା — ସମାଜର ଏ ଅନ୍ଧାରି ଗଳିରେ ଶାଶୂ ଶ୍ୱଶୁରଙ୍କ ମନ କାବୁ ହୋଇଯାଇଛି। ତା' ଉପରେ ଭାଗ୍ୟର କ୍ରୁର ଦୃଷ୍ଟି ପଡ଼ିଗଲା। ସମାଜରେ ଏମିତି ଘଟଣା ଘଟୁଛି। କେତେ ଝିଅ ଝଡ଼ି ପଡୁଛନ୍ତି ଅଦିନରେ। ସବୁ ଶୁଣି ସାରିଲା ପରେ ତା' ଶୋଇବା ରୁମ୍‌କୁ ଚାଲିଆସିଲା। ସମୀର ଶୋଇଛନ୍ତି। ଭାବିଲା ତାଙ୍କୁ ଏସବୁ କଥା କହି ପ୍ରତିବାଦ କରିବାର ଦମ୍ଭ ପାଇଯିବ। ଏମିତି ଡାକିଦେଲେ ବିରକ୍ତ ହୋଇପାରନ୍ତି ଭାବି ରୋଷେଇ ଘରୁ ଚା' କପେ କରି ପୁଣି ଚାଲିଆସିଲା ତା' ରୁମ୍‌କୁ। ଭାବିଲା ସମୀର ତା' ହାତ ଡିଆରି ଚା'କୁ ଚୁମି ନେଇ ତାକୁ ଆଶ୍ୱାସନା ଦେବେ। ରୂପା, ତୁମେ ବ୍ୟସ୍ତ ହୁଅନା, ମୁଁ ବାପା ବୋଉଙ୍କୁ ସବୁ ବୁଝାଇଦେବି। ତାହା ତ କହିଲେନି, ବରଂ ରୁପାଠାରୁ ସବୁ ଶୁଣିଲା ପରେ ଟିକିଏ ଗମ୍ଭୀର ହୋଇଗଲେ ଏବଂ ତା'ପରେ ପରେ ପାଟିରୁ ବାହାରି

ଆସିଲା — ବାପା ମା କ'ଣ ବେଶୀ କିଛି ମାଗିଛନ୍ତି। ଗାଡ଼ି ଓ ଘର ତ ଆଜିକାଲି ସାଧାରଣ ଯୌତୁକ।

ରୁପାର ବିବେକ ଏକଥା ଶୁଣି ଚିତ୍କାର କରି ଉଠିଲା। ଏତେ ବଡ଼ ହେବା ଯାଏ ବାପା ମା ତା'ର ସବୁ ଅଳି ଅର୍ଦ୍ଦଳି ଶୁଣିଲେ, ପାଠ ପଢ଼ାଇ ଶିକ୍ଷିତା କଲେ। ମା'ର ପଣତ କାନି ତଳେ ସର୍ବସୁଖ ସେ ଅନୁଭବ କଲା। ପୁଅ ଚାକିରି କରୁଛି ବୋଲି କହି ଶ୍ୱଶୁର ରୁପାକୁ ବୋହୂ କରି ଆଣିଥିଲେ। ତଥାପି ସେ ମୁହଁ ଖୋଲି ପଦଟିଏ କହି ନ ଥିଲା। କାରଣ ସେ ଜାଣିଥିଲା ଝିଅ ଦୁଇ କୁଳକୁ ହିତା। ପୁଣି ଏ କି କ୍ରୁର ପ୍ରହାର, ସହିବାର ଶକ୍ତି ତା'ର ନ ଥିଲା।

ଦୁଇଦିନ ଚୁପ୍ ରହି ସବୁ କଥାକୁ ତର୍ଜମା କଲା। ବାପା ମାଙ୍କୁ ବାହାଘର ପରେ ଯୌତୁକ ମାଗି ପାରିବନି ବୋଲି ସେ ସିଦ୍ଧାନ୍ତ ନେଲା। ଦୁଇଦିନ ଛାଡ଼ି ଶ୍ୱଶୁର ପୁଣି ରୁପାକୁ ଡାକି ସମୁଦିଙ୍କୁ କହିଲା କି ନାଁ ବୋଲି ପଚାରିଲେ। ଏଥର ସ୍ୱର ତାଙ୍କର ବଦଳି ଯାଇଥିଲା। ରୁପା ମଧ ମନକୁ ଶକ୍ତ କରି ନେଇଥାଏ।

ମୁଁ ମୋ ବାପାଙ୍କୁ ଯୌତୁକ ମାଗିପାରିବିନି କହି ଚୁପ୍ ରହି ଯାଇଥିଲା। ସ୍ୱାମୀଙ୍କଠାରୁ କୌଣସି ବଳ ସେ ପାଇ ନ ଥିଲା। ତଥାପି ସେ ନିଜେ ଏହାକୁ ପ୍ରତିରୋଧ କରିବାକୁ ମନ ଭିତରେ ବଳ ସଞ୍ଚୟ କରି ନେଇଥିଲା। ରୁପା ତା' ମାନ ସମ୍ମାନ ଓ ମାନବିକତାକୁ ରାସ୍ତାରେ ପକାଇ ପାରିବନି। ଜ୍ଞାନ ସହିତ ଅଜ୍ଞାନର ଏବଂ ଶାନ୍ତି ସହିତ ଅଶାନ୍ତିର ଅହରହ ଯୁଦ୍ଧ ଲାଗିଛି। ସେ ଶିକ୍ଷିତା ଏବଂ ଶାନ୍ତ ସରଳ ଝିଅଟିଏ। ତେଣୁ ଏ ଯୁଦ୍ଧରେ ସେ ପଛଘୁଞ୍ଚା ଦେବନି ବୋଲି ଠିକ୍ କଲା।

ପରିସ୍ଥିତିରେ ପଡ଼ିଲେ ମଣିଷର ମନ ଟାଣ ହୋଇଯାଏ। ଅଜ୍ଞାନମାନଙ୍କ ମଧରେ ଜ୍ଞାନୀ ଥିଲେ ତା'ର କିଛି କ୍ଷତି ହୁଏନି। ଏହା ଯୁଗେ ଯୁଗେ ସତ୍ୟ।

ରୁପାର ସବୁ ଆଶା ମରିଯାଇଛି। ସ୍ୱପ୍ନ ତା'ର ଭାଙ୍ଗିଯାଇଛି। ଆଦର, ସ୍ନେହ, ଶ୍ରଦ୍ଧା କ'ଣ ଖାଲି କହିବା ପାଇଁ, ଅନ୍ୟକୁ ଉପଦେଶ ଦେବା ପାଇଁ। ଏଇସବୁ ଗୁଣ ମଣିଷକୁ ଦେବତା କରିଦିଏ। ତା' ଶାଶୂ ଶ୍ୱଶୁରଙ୍କ ଅନ୍ତରକୁ ଏକ ରାକ୍ଷସ ଗ୍ରାସ କରିଛି ଏକଥା ରୁପା ବାହାଘର ଆଗରୁ ଜାଣି ନ ଥିଲା। ଏସବୁ କଥା ବାପା ମାଙ୍କୁ ରୁପା ଜଣେଇ ସେମାନଙ୍କ ମନରେ ଦୁଃଖ ଦେବାକୁ ଚାହିଁଲାନି। ସନ୍ତାନର ସୁଖରେ ପିତାମାତା ହୁଅନ୍ତି ସୁଖୀ। ପରିଣତ ବୟସରେ ମଣିଷ ତ ଏତକ

ଚାହେଁ । ରୁପାର ସାଂସାରିକ ଯନ୍ତ୍ରଣା ତା' ପାଖରେ ଆରମ୍ଭ ହୋଇ ତା'ରି ପାଖରେ ସରିଯାଉ ଏହା ହିଁ ଥିଲା ତା'ର କାମ୍ୟ ।

ପର ଝିଅ ପ୍ରତି ସ୍ୱାମୀଙ୍କର ଆସକ୍ତି, ପୁଣି ଶାଶୂ ଶ୍ୱଶୁରଙ୍କର ଯୌତୁକ ଆଣିବା ପାଇଁ ବାରମ୍ବାର ଧମକ । ଏହାକୁ ସହିବାର ଶକ୍ତି କ୍ରମଶଃ ରୁପା ହରେଇ ବସିଲା । ନିଜର ଦୁଃଖ ଏବଂ ଅଭାବିତ ପରିସ୍ଥିତିକୁ ନିଜ ଲୋକଙ୍କ ଆଗରେ କହିଦେଲେ ମନଟା ହାଲୁକା ହୋଇଯାଏ । କିନ୍ତୁ ଯେଉଁ ହୃଦୟ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଇଛି ତାହା ବିଷୟରେ କାହାଣୀ ଲେଖିବାକୁ ସେ ଚାହିଁଲାନି । ରୁପା କାହାକୁ କହିବ ? ପ୍ରତ୍ୟେକ ଦିନ ଦୁଇଆଡୁ ସେ ମାନସିକ ଯନ୍ତ୍ରଣା ପାଇ ଛଟପଟ ହେଉଛି । ବେଳେବେଳେ ମନଟା ଦୁର୍ବଳ ହୋଇଗଲେ ଭାଗ୍ୟକୁ ନିନ୍ଦୁଛି । ବାପା ମା କେତେ ଧୁମ୍‌ଧାମ୍‌ରେ ତାକୁ ବାହା କରେଇଥିଲେ । ସାରା ସହର ସେଦିନ ତା' ବାହାଘର କଥାରେ ସରଗରମ ହୋଇଯାଇଥିଲା । ଆଜି ତା' ଯନ୍ତ୍ରଣା ପ୍ରକାଶ କଲେ ସାରା ସହରରେ ତା' କଥା ଚର୍ଚ୍ଚା ହେବ ।

କେତେଦିନ ସେ ସହିପାରିବ ଏ ମାନସିକ ଯନ୍ତ୍ରଣା । ଯୌତୁକ ମାଗିବା ପାଇଁ ଶାଶୂ ଶ୍ୱଶୁରଙ୍କର ବାରମ୍ବାର ଆଦେଶ । ସ୍ୱାମୀ ପର ନାରୀ ପ୍ରତି ଆସକ୍ତ । ତା' ଦୁଃଖ ଦିଗ୍‌ବଳୟ ଟପି ଯାଇ ଚାଲି ଯାଇଥିଲା ଦୂରକୁ । ତା' ମଙ୍ଗଳସୂତ୍ର ସୂତ୍ର ହୋଇ ରହିଲାନି, ଘାତକ ପିନ୍ଧେଇଥିବା ଫାଶୀ କାଠର ଦଉଡ଼ି ପାଲଟିଗଲା । ରୁପା କ'ଣ ପାଉଛି ସେ ଘରୁ । ଏଥର ସେ ପାଟି ଖୋଲିଲା । ବାପାଙ୍କୁ ସେ ଗାଡ଼ି ଓ ଘର ତିଆରି ପାଇଁ ଟଙ୍କା ମାଗିପାରିବନି ବୋଲି ରୋକ୍‌ଠୋକ୍ କହିଦେଲା । କେତେଦିନ ଧରି ମନ ଭିତରେ ଗୁମୁରୁଥିବା କଥା ଆଜି ସେ ଶାଶୂ ଶ୍ୱଶୁରଙ୍କ ଆଗରେ ପ୍ରକାଶ କରିଦେଇ ଟିକିଏ ଦମ୍ ନେଲା ।

ଶାଶୂ ଏକଥା ଶୁଣି ନିଆଁବାଣ ହୋଇଗଲେ । ପାଇବା ଆଶାରେ ଭଙ୍ଗା ପଡ଼ିଗଲା । ସେ ନିଜ ରାଗକୁ ସମ୍ବରଣ କରିପାରିଲେ ନାହିଁ । ରୁପା ଉପରେ କିରାସିନି ଢାଳି ଦେଇ ନିଆଁ ଲଗେଇ ଦେଲେ । ଏ କାର୍ଯ୍ୟରେ ସାମିଲ ହୋଇଥିଲେ ତା' ଶ୍ୱଶୁର ।

ହୁତୁହୁତୁ ନିଆଁ ଭିତରେ ଜଳିଗଲା ରୁପା । ହୃଦୟର ଯନ୍ତ୍ରଣା ଓ ତା'ର ସବୁ ସ୍ୱପ୍ନ ସେଇ ନିଆଁରେ ପୂର୍ଣ୍ଣାହୁତି ହୋଇ ମିଶିଗଲେ ।

◆◆◆